
# ଅପ୍ରେଲ୍ ୨୦୨୦



**ISSN NO – 2582-208X**

**[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]**

**...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...**

**(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)**

# ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**



ମମତା ଦାଶ

## ହନୁମାମୁଁ ରିପୋର୍ଟିଙ୍ଗ.......

ପ୍ରିୟ ପାଠକବନ୍ଧୁ, ବନ୍ଦେ ଉତ୍କଳ ଜନନୀ। ଉତ୍କଳର ଗୌରବ, ଉତ୍କଳର କୀର୍ତ୍ତି, ଉତ୍କଳର ଭାଷା, ସଂସ୍କୃତି, ପରମ୍ପରାକୁ ମହିମାମଣ୍ଡିତ କରି ଉତ୍କଳର ଗାଥା ଗାଏ ଆମର ଓଡିଶା। ଜନ୍ମ ନେଲା ପରେ ମାନବ ଯେଉଁ ପ୍ରଥମ ଭାଷା ଶିଖେ ତାହା ହେଉଛି ମାତୃଭାଷା। ସ୍ୱାଧୀନତାର ମହତ୍ୱ ସମସ୍ତଙ୍କୁ ଜଣା। ସେଥିପାଇଁ ଆଜିର ଦିନ ଏମିତି ଏକ ଦିନ ଯାହା ଭାରତ ଇତିହାସରେ ଲେଖାଯାଇଥିବା ଏମିତି ଏକ ଦିବସ ଯାହାକୁ ସଦା ସର୍ବଦା ଉଲ୍ଲାସ ଏବଂ ଉତ୍କଣ୍ଠାର ସହିତ ପାଳନ କରାଯାଇଥାଏ। ବହୁତ ବର୍ଷର କଠିନ ପରିଶ୍ରମ, ଆତ୍ମବଳ, ଏବଂ ଅଦମ୍ୟ ସାହସର ପ୍ରତିବଳରେ ଆଜିର ଦିନ ଅପ୍ରେଲ ୧, ଆମକୁ ସମର୍ପଣ କରି ଓଡିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବରେ ଘୋଷଣା କରାଯାଇଥିଲା। ସାରା ଭାରତରେ ଓଡିଶା ସର୍ବ ପ୍ରଥମ ଭାଷା ଭିତ୍ତିକ ରାଜ୍ୟ ହୋଇଥିଲା।

ମାତୃଭାଷାର ମହତ୍ୱ ଯୁଗେଯୁଗେ ସ୍ୱୀକୃତ ହୋଇ ଆସିଛି। ବୁଦ୍ଧ, ଅଶୋକ, ମହାବୀର ପ୍ରଭୃତି ମହାପୁରୁଷ ମାନେ ଲୋକଭାଷାକୁ ସ୍ୱୀକାର କରି ତହିଁରେ ଧର୍ମ ପ୍ରଚାର କରିଥିଲେ। ଲୋକମାନଙ୍କ ପ୍ରାଣଙ୍କୁ ଛୁଇଁବା ଭଳି ଲୋକଭାଷା ହେଉଛି ଏକ ଅମୋଘ ଅସ୍ତ୍ର, ମହନୀୟ, ସହଜ ଏବଂ ଶକ୍ତିଶାଳୀ। ରାମାୟଣ ଏବଂ ମହାଭାରତ ଯୁଗରୁ ଓଡିଆମାନେ ନିଜ ବୀରତ୍ୱ ପାଇଁ ପ୍ରସିଦ୍ଧ ଥିଲେ। ପରବର୍ତ୍ତୀ କାଳରେ ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ମେଗାସ୍ଥିନଙ୍କ ବିବରଣୀ ଅନୁସାରେ କଳିଙ୍ଗ ଗୋଟିଏ ମହାନ ଯୋଦ୍ଧା ଜାତି ଥିଲା।

ବିଶେଷତଃ, ବିରାଟ ମଗଧ ବାହିନୀ ଆଗରେ କଳିଙ୍ଗବାହିନୀର ସାହସିକତା ଇତିହାସର ମହାନ ଉଦାହରଣ ରୂପେ ବିଦ୍ୟମାନ । ନିଜ ମାତୃଭୂମିର ଗୌରବ ରକ୍ଷା ପାଇଁ ଲକ୍ଷ ଲକ୍ଷ ଓଡିଆଙ୍କ ବୀରତ୍ୱ ସେମାନଙ୍କ ସାହସିକତାକୁ ଚିର ଅମର କରିପାରିଛି । ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ମହାନ ବୀର ଐରକୂଳ ତିଳକ ମହାମେଘ ବାହାନ ଖାରବେଳ ଯେଉଁ ବିଜୟ ଅଭିଯାନ ଚଳାଇଥିଲେ, ତାହା କମ ଗୌରବମୟ ନୁହେଁ । ପରବର୍ତ୍ତୀ ରାଜବଂଶର ଦାୟଦ ମାନେ ଓଡିଶାର ଗୌରବ ଅକ୍ଷୁର୍ଣ୍ଣ ରଖିବାକୁ ଯାଇ ବହୁ ବିଜୟ ହାସଲ କରିଥିଲେ । କେବଳ ସ୍ଥଳଭାଗରେ ନୁହେଁ, କଳିଙ୍ଗ ବୀରମାନେ ଜଳଭାଗରେ ମଧ୍ୟ ବିରାଟ ଅଭିଜାନ ଚଳାଇ ସୁଦୁର ଜାଭା, ବାଲି, ସୁମାତ୍ରା, ମାଳୟ, ସିଂହଳ, ବ୍ରହ୍ମଦେଶ ପ୍ରଭୃତିରେ ଉପନିବେଶମାନ ପ୍ରତିଷ୍ଠା କରିଥିଲେ ।

ପରବର୍ତ୍ତୀ ରାଜବଂଶ ଶୈଳଃଦ ଭବ, ଭୌମକର, ସୋମ ଏବଂ ଗଙ୍ଗମାନେ କଳିଙ୍ଗ ବିରତ୍ୱର ବହୁ ଦୃଷ୍ଟାନ୍ତ ଆମ ଆଗରେ ରଖିଯାଇଛନ୍ତି । ଗଙ୍ଗମାନଙ୍କ ସମୟରେ କଳିଙ୍ଗର ସୀମା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃ ତ ଥିଲା । ପରବର୍ତ୍ତୀ ସମୟରେ ଗଜପତି ବଂଶର ମଉଡମଣୀ କପିଳେନ୍ଦ୍ରଦେବ ବହୁ ଦୁର୍ଦ୍ଧଷ ଯୁଦ୍ଧରେ ଓଡିଶାରେ ବୀରତ୍ୱ ପ୍ରମାଣିତ କରିଛନ୍ତି । କଳିଙ୍ଗ ରାଜାମାନଙ୍କର ଦାନପାତ୍ର ଗୁଡିକରୁ ଯେଉଁ ବିରତ୍ୱବ୍ୟଞ୍ଜକ ବିଶେଷଣମାନ ମିଳେ, ତାକୁ ଅବହେଳା କରାଯାଇନପାରେ ।  ମୋଗଲ, ମରାଠା, ଇଂରେଜମାନଙ୍କ ଅମଳରେ ଓଡିଆମାନଙ୍କ ବୀରତ୍ୱ, ଏକତା, ଅକ୍ଷୁର୍ଣ୍ଣତା ପାଇଁ ପ୍ରଶଂସନୀୟ ଅଟେ ।

ପ୍ରାଚୀନ ଉତ୍କଳ ଏବଂ ବର୍ତ୍ତମାନ ଉତ୍କଳ ମଧ୍ୟରେ ଆକାଶ-ପାତାଳ ପ୍ରଭେଦ । ଉତ୍କଳ କହିଲେ ଲୋକେ କେବଳ ପୁରୀ, କଟକ, ବାଲେଶ୍ୱର ବୋଲି ବୁଝୁଥିଲେ । କିଛିବର୍ଷ ପୂର୍ବେ ସମ୍ବଲପୁର ମଧ୍ୟପ୍ରଦେଶରୁ ଆସି ରାଜନୈତିକ ଉତ୍କଳ ସଙ୍ଗେ ମିଶିଛି । ବର୍ତ୍ତମାନ ରାଜନୈତିକ ଉତ୍କଳ ପୁରୀ, କଟକ, ବାଲେଶ୍ୱର, ସମ୍ବଲପୁର ଓ କେତେକ ଗଡଜାତର ସମଷ୍ଟି ମାତ୍ର । ପ୍ରାଚୀନ ଉତ୍କଳ ବିଷୟରେ ଆଲୋଚନା କରିବାକୁ ଗଲେ କେତେଗୁଡିଏ ପ୍ରଶ୍ନ

ମନକୁ ଆସିଥାଏ । ଯେମିତି ପ୍ରାଚୀନ ଉତ୍କଳ କେଉଁଠାରୁ କେଉଁ ପର୍ଯ୍ୟନ୍ତ ବିସ୍ତୃତ ଥିଲା? ପ୍ରାଚୀନ ଉତ୍କଳର ବିଚ୍ଛେଦ କଣପାଇଁ ହେଲା? ଏହାଦ୍ୱାରା ଉତ୍କଳବାସୀଙ୍କୁ କି କି କ୍ଷତି ସହିବାକୁ ପଡିଛି ଆଦି । କିନ୍ତୁ ସ୍ଥୁଳତଃ ପ୍ରାଚୀନ ଉତ୍କଳ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ବିଭିନ୍ନ ସମୟରେ ବିଭିନ୍ନ ରାଜନୈତିକ କାରଣ ଯୋଗୁଁ ଉତ୍କଳର କେତେକ ଅଂଶ ବଙ୍ଗ, ମାଦ୍ରାସ, ମଧ୍ୟପ୍ରଦେଶ ସଙ୍ଗେ ମିଶିଯାଇଛି । ବିଭିନ୍ନ ଭାଷାଭାଷି ଲୋକମାନଙ୍କର ସଂସର୍ଗ ଓ ବିଭିନ୍ନ ଶାସନପ୍ରଣାଳୀ ଉତ୍କଳୀୟମାନଙ୍କର ଜାତୀୟ ଉନ୍ନତିର ପ୍ରଧାନ ଅନ୍ତରାୟ ଅଟେ । ସମଗ୍ର ଉତ୍କଳଭାଷୀ ଲୋକମାନେ ଏକ ଶାସନାଧିନ ନରହିବା ପର୍ଯ୍ୟନ୍ତ ଓଡିଆମାନେ କୌଣସି ଦିଗରେ ଉନ୍ନତି କରିବା ଅସମ୍ଭବ । ପ୍ରାଚୀନ କାଳରେ ସମଗ୍ର ଉତ୍କଳଭାଷା ଅଞ୍ଚଳମାନ ଏକ ଶାସନାଧିନରେ ଥିଲା । ସୁତରାଂ, ଓଡିଆମାନେ ଶିଳ୍ପ, ବାଣିଜ୍ୟ, ସାହିତ୍ୟ ପ୍ରଭୃତିରେ ସର୍ବାଙ୍ଗୀନ ଉନ୍ନତି ଲାଭ କରିଥିଲେ । ପ୍ରାଚୀନ ଉତ୍କଳ ଖଣ୍ଡବିଖଣ୍ଡ ହେବା ସଙ୍ଗେସଙ୍ଗେ ପ୍ରାଚୀନ ଗୌରବ ରବି କ୍ରମେ ଅସ୍ତମୀତ ହେଲେ ଏବଂ କିଏ କେଉଁ କୋଣରେ ପଡିରହିଲେ, ସେକଥା ମଧ୍ୟ ଭାବିବାକୁ ସମୟ ନାହିଁ । ଆଧୁନିକ ଉତ୍କଳ ନୀରବ, ନିସ୍ପନ୍ଦ, ନିସ୍ତବ୍ଧ ଭାବରେ ପଡିରହିଛି ।

ବହୁ କାଳ ପରେ ଉତ୍କଳର ବରପୁତ୍ର ମଧୁସୂଦନ ଦାସ ଉତ୍କଳ ସମ୍ମିଳନୀ ଆରମ୍ଭ କରି ସମଗ୍ର ଉତ୍କଳଭାଷୀ ପ୍ରଦେଶକୁ ଏକଶାସନାଧୀନ କରିବାର ପ୍ରୟାସ ପ୍ରଶଂସନୀୟ ଅଟେ । ଉତ୍କଳ ସମ୍ମିଳନୀ ପରେ ଓଡିଆମାନଙ୍କ ମଧ୍ୟରେ କିଞ୍ଚିତ୍ ମାତ୍ରାରେ ଜାତୀୟ ଜାଗରଣ ହୋଇଥିଲା । ସମ୍ମିଳନୀ ପୂର୍ବ ଅବସ୍ଥା ମନେକଲେ ଘୋର ଦୁଃଖ ଲାଗେ । ସେତେବେଳେ ଉତ୍କଳରେ ବଙ୍ଗଭାଷା ପ୍ରଚଳନର ପ୍ରସ୍ତାବ ହୋଇଥିଲା । ଓଡିଆ ଭାଷାରେ ଉପଯୁକ୍ତ ପାଠ୍ୟ ପୁସ୍ତକ ନଥିବାରୁ ବଙ୍ଗଳା ପୁସ୍ତକ ସ୍କୁଲ ମାନଙ୍କରେ ପଢାଯାଉଥିଲା । ସ୍ୱର୍ଗୀୟ ବି ପଟ୍ଟନାୟକ ଓ ଗୌରୀଶଙ୍କର ଉତ୍କଳକୁ ଏହି ଅବସାଦରୁ ରକ୍ଷା କରିଥିଲେ । ସେମାନେ ବଙ୍ଗ ଭାଷା ର ପ୍ରଚଳନ ଓ ପ୍ରସାର ବିରୁଦ୍ଧରେ ଦଣ୍ଡାୟମାନ ହୋଇ ଓଡିଆ ଭାଷାର ଏକତା ଏଇ ପ୍ରୟାସ କରିଥିଲେ । ପୂର୍ବେ ଉତ୍କଳ ଯୁବକ ମାନେ ବଙ୍ଗୀୟ ବୋଲି କହି ନିଜର

ପରିଚୟ ଦେବାକୁ ଗୌରବ ମନେ କରୁଥିଲେ । ମେଦିନାପୁର ଅଞ୍ଚଳର ଉତ୍କଳୀୟମାନେ ବଙ୍ଗ ପ୍ରଦେଶ ଅନ୍ତର୍ଗତ ହୋଇ ଏକପ୍ରକାର ସନ୍ତୁଷ୍ଟି ଲାଭ କରୁଥିଲେ । ଏହିସବୁ ଅଞ୍ଚଳ ପ୍ରାଚୀନ ଉତ୍କଳୀୟ ଅନ୍ତର୍ଗତ ଥିଲା ଏବଂ ସେଠି ଓଡିଆମାନେ ବାସ କରୁଥିଲେ ।

ସଭ୍ୟତାର ଅର୍ଥ କଣ? କେବଳେ ପୋଷାକ-ପରିଚ୍ଛଦ, ଆଚାର-ବ୍ୟବହାର, ସଭ୍ୟତାର ପରିଚୟକ ବା ପରିମାପକ ନୁହେଁ । ପୋଷାକ-ପରିଚ୍ଛଦ, ଖାଦ୍ୟ, ଆଚାର-ବ୍ୟବହାର, ଜଳବାୟୁ ଉପଯୋଗୀ ବା ଅନୁପଯୋଗୀ ଅନୁସାରେ ବିଭିନ୍ନ ଦେଶରେ ବିଭିନ୍ନ ପ୍ରକାରର ହେବା ସ୍ୱାଭାବିକ । ସୁତରାଂ, ଏ ଦେଶର ଲୋକଙ୍କର ପୋଷାକ-ପରିଚ୍ଛଦ ପ୍ରଭୃତିକୁ ଆଦର୍ଶ ମନେକରି ଅନ୍ୟ ଦେଶବାସୀଙ୍କ ପୋଷାକ-ପରିଚ୍ଛଦ ପ୍ରଭୃତିକୁ ଅସଭ୍ୟତାର ପରିଚାୟକ ବୋଲି କୁହାଯାଇ ନପାରେ । ପ୍ରାଚୀନ କଥାରେ ଅଛି – "ଯେ ଦେଶ ଯାଇ, ସେ ଫଳ ଖାଇ" । ଯେଉଁ ଦେଶରେ ଖାଦ୍ୟ, ପୋଷାକ ସେ ଦେଶର ଉପଯୋଗୀ ଅନ୍ୟ ଦେଶ ଲାଗି ଉପଯୋଗୀ ହୋଇନପାରେ । ସଭ୍ୟତାର ପ୍ରକୃତ ପରିମାପକ ହେଉଛି ଜ୍ଞାନ । ଯେଉଁ ଦେଶବାସୀ ଜ୍ଞାନ ସୋପାନରେ ଯେତେ ଉଚ୍ଚକୁ ଉଠିପାରିଲେ ବା ପାରିବେ, ସେମାନେ ସେତେ ସଭ୍ୟ, ସେତେ ଉନ୍ନତ । ବର୍ହିରଙ୍ଗ ଆବରଣ ସଭ୍ୟତାର ପ୍ରକୃତ ପରିମାପକ ନୁହେଁ ।

ହଣ୍ଟର ସାହେବ ଭାରତକୁ ଆସିବାର ବହୁ ଶତସହସ୍ର ବର୍ଷ ପୂର୍ବେ ପୁରାଣମାନ ସବୁ ରଚିତ ହୋଇସାରିଥିଲା । ଯଦି ହଣ୍ଟର ସାହବଙ୍କୁ ଏସବୁ ପ୍ରାଚୀନ ପ୍ରମାଣ ମିଳଥାନ୍ତା, ତେବେ ସେ ବୋଧହୁଏ ଉତ୍କଳ ବିଷୟରେ ଏମିତି ଲେଖି ନଥାନ୍ତେ । ଭାରତର ପ୍ରାଚୀନ ସଭ୍ୟତାରେ ଅନନ୍ୟ ଜାତି ସଭ୍ୟ ବୋଲି ପରିଚୟ ଦେବାର ବହୁ ସହସ୍ର ବର୍ଷ ପୂର୍ବେ ହିନ୍ଦୁମାନେ ଉନ୍ନତର ଉଚ୍ଚତମ ସୋପାନରେ ଅଧିଷ୍ଠିତ ଥିଲେ । ଚିନ ପରିବ୍ରାଜକ ହୁଏନ ସାଂ ହଣ୍ଟରସାହେବ ଭାରତକୁ ଆସିବାର ବହୁକାଳ ପୂର୍ବେ ଉତ୍କଳକୁ ଆସିଥିଲେ । ସେ ଲେଖିଛନ୍ତି ଉଡ୍ର ଦେଶର ଉର୍ବର ଭୂମିରେ ସକଳ ପ୍ରକାର ଶସ୍ୟ ହେଉଥିଲା । ଦେଶର ଅଧିକାଂଶ

ଅଧିବାସୀ ଅସଭ୍ୟ । ମାତ୍ର ବିଦ୍ୟାନୁରାଗୀ ଥିଲେ । ଯେଉଁମାନେ ବିଦ୍ୟାନୁରାଗୀ ଥିଲେ ସେମାନେ ଅସଭ୍ୟ ହେଲେ କାହିଁକି? ବିଦ୍ୟାଚର୍ଚ୍ଚା ସଭ୍ୟତାର ମାପକାଠି । ଏ ମହାଶୟ ଆପଣା ପୋଷାକ-ପରିଚ୍ଛଦ ଅନୁସାରେ ଉତ୍କଳୀୟମାନଙ୍କୁ ଅସଭ୍ୟ ବୋଲି କହିଛନ୍ତି । ଅନ୍ୟଥା ଅନ୍ୟକଛି ଯୁକ୍ତି ନାହିଁ । ୧୫୮୦ ଖ୍ରୀଷ୍ଟାବ୍ଦରେ ଆକବରଙ୍କ ପ୍ରଧାନମନ୍ତ୍ରୀ ଶବାଇ ଜୟସିଂହ ବହୁତ ସନ୍ୟସାମନ୍ତ ଧରି ଓଡିଶା ଆକ୍ରମଣ କରିଥିଲେ । ପୁଣ୍ୟତୋୟା ମହାନଦୀ, ଅସଂଖ୍ୟ ବ୍ରାହ୍ମଣ ଓ ଦେବାଳୟ ଦେଖି ବିମୁଗ୍ଧ ହୋଇ ଫେରିଯାଇ କହିଥିଲେ – ଉତ୍କଳ ହେଉଛି ଦେବଭୂମି, କେବଳ ତୀର୍ଥଭୂମି, ମନୁଷ୍ୟ ଆକ୍ରମଣର ଯୋଗ୍ୟ ନୁହେଁ । ଦେଶୀୟ ରାଜାଙ୍କ ହସ୍ତେ କ୍ଷମତା ଅର୍ପଣକରି ସେ ଫେରିଯାଇଥିଲେ । ଉତ୍କଳର ପୂଣ୍ୟ କ୍ଷେତ୍ରମାନ ଯେପରି ଶ୍ରେଣୀବଦ୍ଧ ହୋଇ ରହିଛି, ସେଥିରୁ ପୁରାଣକଳ୍ପିତ ସ୍ୱର୍ଗର ନିଦର୍ଶନ ମିଳେ ।

ପୁରାଣ ପ୍ରସିଦ୍ଧ ପୁଣ୍ୟତୋୟା ପ୍ରାଚୀ ନଦୀ ଉତ୍କଳରେ ପ୍ରବାହିତ । ସ୍ୱଚ୍ଛ ନୀର, କ୍ଷୀଣ କଳେବର ପ୍ରାଚୀ ଫୁଲନଖରାଠାରୁ ବାହାରି ବଙ୍ଗୋପସାଗରରେ ପଡିଛି । ପ୍ରାଚୀ କୂଳ ହେଉଛି ତୀର୍ଥଭୂମି । କିମ୍ବଦନ୍ତୀ ଅଛି, ରାମଚନ୍ଦ୍ରଙ୍କ ବନବାସ ବେଳେ ସେ ପ୍ରାଚୀ କୂଳରେ ସେ କିଛି ସମୟ ବ୍ୟତୀତ କରିଥିଲେ । ସେଠି ସେ ରାମେଶ୍ୱର ମହାଦେବଙ୍କୁ ପ୍ରତିଷ୍ଠିତ କରିଥିଲେ । ରାଜା ଯୁଧିଷ୍ଠିର ମଧ୍ୟ ବନବାସ ବେଳେ କିଛି ସମୟ ପ୍ରାଚୀ କୂଳରେ ରହି ମାଧବାନନ୍ଦଙ୍କୁ ପ୍ରତିଷ୍ଠିତ କରିଥିଲେ । ସେଠି ମାଧବ ଗ୍ରାମ ବସାଇଥିଲେ । ମାଧବ ଗ୍ରାମ ନିଆଳି ନିକଟରେ ପ୍ରାଚୀ କୂଳରେ ଏବଂ ସେଠି ଅନ୍ତର୍ବେଦୀ ବିଶ୍ୱାମିତ୍ର, ଦଧିଚ ଆଶ୍ରମ ମଧ୍ୟ ରହିଛି । ଏହିସବୁ ପ୍ରାଚୀ ମହାତ୍ମ୍ୟରୁ ଜଣାପଡେ ।

ଏ ସମସ୍ତ ଆଲୋଚନା କଲେ ଉତ୍କଳର ପ୍ରାଚୀନତା, ପବିତ୍ରତା ସଭ୍ୟତା ପ୍ରଭୃତି ପୁରାଣ ସମ୍ବନ୍ଧରେ ଭୂୟିୟସୀ ପ୍ରାଚୀନ ପ୍ରମାଣ ମିଳେ ।

ବିଭିନ୍ନ ପୁରାଣ ଏବଂ ମାଦଳା ପାଞ୍ଜିରୁ ଜଣାଯାଏ ଯେ ଉତ୍କଳ ବା ଓଡିଶା ଏକ ସ୍ୱତନ୍ତ୍ର ରାଜ୍ୟ ଥିଲା । ଏକ ସ୍ୱତନ୍ତ୍ର ରାଜାଙ୍କ ଶାସନାଧିନରେ ଥିଲା । ପ୍ରାଚୀନ ଉତ୍କଳ ବିଭିନ୍ନ ରାଜାଙ୍କ ବାହୁବଳରେ ଉତ୍କଳ ଏବଂ ଦକ୍ଷୀଣ ଦିଗକୁ ବିସ୍ତୃତ ଥିଲା । ମହାରାଜା ଅନଙ୍ଗଭୀମ ଦେବଙ୍କର ଉପାଧି ଥିଲା "ବୀର ଶ୍ରୀ ଗଜପତି ଗୌଡେଶ୍ୱର ନବକୋଟୀ କର୍ଣ୍ଣାଟକଳବର୍ଗେସ୍ୱର" ଇତ୍ୟାଦି । ଏଠି ନବକୋଟି ଶବ୍ଦର ଦୁଇଟି ଅର୍ଥ ହୋଇପାରେ । ଯଥା-ନୂତନ ସୀମା ବା ନବସଂଖ୍ୟକ ଦୁର୍ଗ । ଅନଙ୍ଗଭୀମଙ୍କ ରାଜତ୍ୱ ସମୟରେ ଉତ୍କଳାଧିପ କର୍ଣ୍ଣାଟକଳବର୍ଗ ଜୟ କରିଥିଲେ କମ୍ବା ନବସଂଖ୍ୟକ ଦୂର୍ଗ ବିଶିଷ୍ଟ କର୍ଣ୍ଣାଟାକଳବର୍ଗେସ୍ୱର ଅଧିଶ୍ୱର ଥିଲେ ।

ସେତେବେଳେ ଉତ୍କଳୀୟ ଶାସନମାନ ସଂସ୍କୃତ ଶିକ୍ଷାର କେନ୍ଦ୍ର ଥିଲା । ବିଦ୍ୟା କହିଲେ ସଂସ୍କୃତବିଦ୍ୟା, ପୋଥି କହିଲେ, ସଂସ୍କୃତପୋଥି । ପ୍ରାକୃତ ଭାଷା ପ୍ରତି ସେତେ ଆଦର ନଥିଲା । ସଂସ୍କୃତଭାଷାରେ ଯାହାର ଅଭିଜ୍ଞତା ନଥିଲା, ସେ ପଣ୍ଡିତ ମଣ୍ଡଳୀରେ ସ୍ଥାନ ପାଉନଥିଲା । ତେଣୁ କରଣ, କ୍ଷତ୍ରୀୟ ପ୍ରଭୃତି ଉଚ୍ଚଜାତୀୟ ଲୋକମାନେ ସଂସ୍କୃତ ପଢୁଥିଲେ । ନଚେତ, ବ୍ରାହ୍ମଣ ସଂସ୍କୃଜ୍ଞ ପଣ୍ଡିତମାନେ ସେମାନଙ୍କୁ ସମ୍ମାନ ପ୍ରଦର୍ଶନ କରୁନଥିଲେ । ରାଜସଭାରେ ସଂସ୍କୃତଚର୍ଚ୍ଚା ହେଉଥିଲା । ଏବଂ ପଣ୍ଡିତ ମାନେ ନିଜ ନିଜ ଜ୍ଞାନ ଅନୁସାରେ ପୁରସ୍କୃତହେଉଥିଲେ । ରାଜଦ୍ୱାର ପ୍ରବେଶ ଲାଗି ପାଣ୍ଡିତ୍ୱ ଏକ ପନ୍ଥା ଥିଲା । ସୁତରାଂ, ବ୍ରାହ୍ମଣେତର ପଣ୍ଡିତ ମାନେ ସଂସ୍କୃତପଢି ବିଶେଷ ବ୍ୟୁତ୍ପତି ଲାଭ କରୁଥିଲେ ଏବଂ ସଂସ୍କୃତଭାଷାରେ ପୁସ୍ତକ ପ୍ରଣୟନ କରୁଥିଲେ ।  ବ୍ରାହ୍ମଣ ପଣ୍ଡିତମାନଙ୍କ ସହିତ ଟକ୍କର ଦେବାକୁ ହେଲେ ସଂସ୍କୃତଭାଷାର ଜ୍ଞାନ ଥିବା ନହାତି ଦରକାର ଥିଲା । ଅନେକ ଲୋକେ ଗଞ୍ଜାମ ଖଲ୍ଲୀକୋଟ ନିବାସୀ କବି ଚକ୍ରପାଣି ପଟ୍ଟନାୟକଙ୍କର ନାମ ନିଶ୍ଚୟ ଶୁଣିଥିବେ । ସେ ସଂସ୍କୃତଭାଷାରେ ବିଶେଷ ପାରଦର୍ଶିତା ଲାଭ କରିପାରିଥିଲେ । ସମୟ ସମୟରେ ମୁକ୍ତିମଣ୍ଡପ ସଭାରେ ପଣ୍ଡିତମାନଙ୍କ ସଙ୍ଗେ ସଂସ୍କୃତଭାଷାରେ ଯୁକ୍ତିତର୍କ କରିପାରୁଥିଲେ ଏବଂ ପଣ୍ଡିତ ମାନେ ତାଙ୍କର ସଂସ୍କୃତଜ୍ଞାନ ଦେଖି ମୁଗ୍ଧ ହୋଇଯାଉଥିଲେ ।

ପଟ୍ଟନାୟକେ ଖଲ୍ଲୀକୋଟ ନିବାସି ଥିଲେ। ତାଙ୍କର ଓଡିଆ ସାହିତ୍ୟରେ ମଧ୍ୟ ପ୍ରଗାଢ଼ ଜ୍ଞାନ ଥିଲା। ସେ ସଙ୍ଗୀତରେ ବିଶେଷ ପାରଦର୍ଶିତା ଲାଭ କରିପାରିଥିଲେ। ଉପେନ୍ଦ୍ରଭଞ୍ଜ, ଅଭିମନ୍ୟୁ ପ୍ରଭୃତି କବି ଶିରୋମଣୀମାନେ ସଂସ୍କୃତ ଭାଷାରେ ଅଗାଧ ପାଣ୍ଡିତ୍ୟ ଲାଭ କରିଥିଲେ। ଏମାନଙ୍କ ଓଡିଆ ଲେଖାରେ ସଂସ୍କୃତଭାଷାର ଛାୟା ପୂର୍ଣ୍ଣଭାବରେ ପ୍ରତିଫଳିତ ଦେଖାଯାଏ।

ଏସବୁ ଦେଖିଲେ ମନେହୁଏ ଉତ୍କଳରେ ଧାରାବାହିକ ରୂପେ ସଂସ୍କୃତ ଚର୍ଚ୍ଚା ଚାଲିଆସିଛି। ନରସିଂହ ତାମ୍ର ଶାସନରେ ଯେଉଁ ସଂସ୍କୃତ ଭାଷା ବ୍ୟବହୃତ ହୋଇଛି, ତାହା ଉନ୍ନତ ଧରଣର ସଂସ୍କୃତଅଟେ। ସେଥିରୁ ଅନୁମାନ ଯେ ସେ ସମୟରୁ ବହୁକାଳ ପୂର୍ବରୁ ସଂସ୍କୃତ ଭାଷା ଚର୍ଚ୍ଚା ବହୁଳ ଭାବେ ଥିଲା। ଏହି ସବୁଥିରୁ ଉତ୍କଳର ଧାରାବାହିକ ସଂସ୍କୃତ ଚର୍ଚ୍ଚା ଜଣାପଡେ। ଏ ପ୍ରସଙ୍ଗରେ କବି ଜୟଦେବଙ୍କ ରଚନା ଆଲୋଚନା କରିବା ଆବଶ୍ୟକ। ଜୟଦେବ ବଙ୍ଗାଳୀ କି ଓଡିଆ? ଅନେକ ଦିନ ଆଗରୁ ବଙ୍ଗୀୟ ଲେଖକ ମାନେ ଜୟଦେବଙ୍କୁ ବଙ୍ଗାଳୀ କହି ଆସିଛନ୍ତି। ଏହି ବିଷୟରେ ଅନେକ ପୁସ୍ତକ ମଧ୍ୟ ରହିଛି। ହଣ୍ଟର ସାହେବ ୧୮୭୫ ମସିହାରେ ତାଙ୍କ ଇତିହାସରେ ଲେଖିଛନ୍ତି ଯେ ଜୟଦେବଙ୍କର ଘର ବିରଭୂମି ଜିଲ୍ଲା କେନ୍ଦୁଳି ଗ୍ରାମରେ। ଏହି ଗ୍ରାମ ଅଜୟ ନଦୀ କୂଳରେ ଅବସ୍ଥିତ। ଏଠାରେ ବୈଷ୍ଣବ ମେଳା ହୁଏ। ଠାକୁର ମନ୍ଦିର ମଧ୍ୟ ଅଛି। କିନ୍ତୁ "ଗୀତଗୋବିନ୍ଦ"ର ଜନ୍ମସ୍ଥାନ କବିଙ୍କ ବିଷୟରେ କିଛି ଲେଖା ହୋଇନି। ଗୀତଗୋବିନ୍ଦ ପାଠ ଜଗନ୍ନାଥ ନୀତି ମଧ୍ୟରୁ ଗୋଟିଏ ପ୍ରଧାନ ନୀତି ଅଟେ। ବଡ ସିଂହ ଉତ୍ତାରୁ ପ୍ରତ୍ୟହ ଗୀତଗୋବିନ୍ଦ ପାଠ ହୁଏ। ମାଦଳା ପାଞ୍ଜିରେ ଦେଖାଯାଏ ରାଜକବି ନରସିଂହ ଦେବ ଗୀତଗୋବିନ୍ଦ ଶୁଭ କରାଇଥିଲେ। କବି ନରସିଂହ ଦେବ ୨୫ ବର୍ଷ ରାଜତ୍ୱ କରିଥିଲେ। ତାଙ୍କର ପୂର୍ବ ରାଜା ଲାଙ୍ଗୁଡା ନରସିଂହ ଦେବ ଏବଂ ପର ରାଜା ପ୍ରତାପ ନରସିଂହ, କବି ନରସିଂହ ୧୨୮୪ – ୧୩୦୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ। ସୁତରାଂ, ୧୨୮୨ ଖ୍ରୀଷ୍ଟାବ୍ଦ ପୂର୍ବେ ଗୀତଗୋବିନ୍ଦ ରଚନା କରାଯାଇଥିଲା। ରାଜା ଏକବର୍ତ୍ତୀ କାମଦେବ ଗୀତଗୋବିନ୍ଦ ନଶୁଣିଲେ

ଜଳ ଗ୍ରହଣ କରୁନଥିଲେ । ଏହି କଥା "ରାମାନନ୍ଦ" ଗ୍ରନ୍ଥ ଲେଖକ ସ୍ୱୀକାର କରିଛନ୍ତି । କାମଦେବ ରାଜା ଗଙ୍ଗେଶ୍ୱର ଦେବଙ୍କ ପୁତ୍ର ଥିଲେ । ସୁତରାଂ, ୧୧୬୭ ଖ୍ରୀଷ୍ଟାବ୍ଦ ପୂର୍ବରୁ ଗୀତଗୋବିନ୍ଦ ରଚିତ ହୋଇଥିଲା । ଗୀତଗୋବିନ୍ଦ ଅନୁକରଣରେ ଅଭିନବ ଗୀତଗୋବିନ୍ଦ ରଚିତ ହୋଇଥିଲା । କବି ପୁରୁଷୋତ୍ତମ ଦେବ ତାଳପତ୍ର ଲେଖା ପୋଥିରେ ଲେଖାଅଛି । ଭାଷା, ସଂସ୍କୃତ ଏବଂ ଲିପି ଓଡିଆ ଥିଲା । ଶ୍ରୀଯୁକ୍ତ ରାଜର୍ଷି ଗୋପାଳଚନ୍ଦ୍ର ଆଚାର୍ଯ୍ୟ ନୀଳାଚଳେ ଶ୍ରୀଜଗନ୍ନାଥ ଓ ଶ୍ରୀଗୌରଙ୍ଗ ନାମକ ଖଣ୍ଡିଏ ପୁସ୍ତକ ଲେଖିଛନ୍ତି । ସେ ଲେଖିଛନ୍ତି, ଚନ୍ଦ୍ରଦତ୍ତ କୃତ ପ୍ରାଚୀନ ସଂସ୍କୃତ ଭକ୍ତମାଳା ଗ୍ରନ୍ଥରେ ଜୟଦେବଙ୍କ ଜନ୍ମଭୂମି ପୁରୀ ଜିଲ୍ଲା ବୋଲି ଲେଖାଅଛି । ଚନ୍ଦ୍ରଦତ୍ତ ଜଣେ ମୈଥିଳୀ ପଣ୍ଡିତ ଥିଲେ । ସୁତରାଂ, ବଡ ଦେଉଳର ଜଗମୋହନ ବାମପାର୍ଶ୍ୱରେ ଗୋଟିଏ ଖୋଦିତ ଲିପି ଅଛି । ସେ ଲିପିର ସମୟସୀମା ଦୃଷ୍ଟିରୁ ଜଣାପଡେ, ଉତ୍କଳର ସୁପରିଚିତ ଓ ସୁପ୍ରତିଷ୍ଠିତ ଥିବା ମାଦଳା ପାଞ୍ଜି ଓ ଖୋଦିତ ଲିପିରେ ଉଲ୍ଲେଖ ଅଛି । ଏହି ସବୁ ବିଷୟରୁ ସ୍ପଷ୍ଟ ପ୍ରତୀତମାନ ହୁଏ ଯେ ଜୟଦେବ ଗୀତଗୋବିନ୍ଦ ବହୁ ପ୍ରାଚୀନ କାଳର ଏବଂ ଜୟଦେବ ପୁରୀ ବାସୀ ଥିବା ବିଷୟ ପୂର୍ଣ୍ଣଭାବେ ପ୍ରମାଣିତ ହୋଇଛି ।

ବିଦ୍ୟାଚର୍ଚ୍ଚା ଉତ୍କଳରେ ବହୁକାଳରୁ ହୋଇଆସୁଛି ଏବଂ ଓଡିଆ ଭାଷା ବହୁକାଳରୁ କଥିତ ଭାଷାରେ ବ୍ୟବହୃତ ହୋଇଆସୁଛି । ହୁଏନ ସାଂ ମଧ୍ୟ ଏହିକଥା କହିଛନ୍ତି । ତାଙ୍କର ଭ୍ରମଣ ବୃତାନ୍ତରେ ଉତ୍କଳବାସୀ ବିଦ୍ୟାନୁରାଗୀ ଥିବାର ସେ ଲେଖିଥିଲେ । ସେ ଆହୁରି ମଧ୍ୟ ଲେଖିଛନ୍ତି ଯେ ଓଡିଆବାସୀ ସ୍ପଷ୍ଟ ଭାବରେ ଓଡିଆ କହୁଥିଲେ । ଏଥିରୁ ଓଡିଆମାନଙ୍କ ଶିକ୍ଷା ଓ ଭାଷା କେତେ ପ୍ରାଚୀନତମ ତାହା ସହଜରେ ଅନୁମାନ କରାଯାଇପାରେ ।

ବହୁତ ଲୋକେ କହିବେ- ଆରେ, ଗଲା କଥାତ ଗଲାଣି, ପୁରୁଣା କଥା ଗାଇଲେ ଲାଭ କଣ ହେବ**?** ଭବିଷ୍ୟତ ଉନ୍ନତି ପାଇଁ ଯାହା ଆବଶ୍ୟକ ତାହା ଅବଶ୍ୟ କରାଯାଉ । ଭବିଷ୍ୟତ ପାଇଁ କାର୍ଯ୍ୟ ତ ନିଶ୍ଚୟ କରାଯିବ, ଏଥିରେ ସନ୍ଦେହ ନାହିଁ । କିନ୍ତୁ ପ୍ରାଚୀନ ଗୌରବ ମନେ

ପକାଇଲେ, ବେଳେବେଳେ ମନରେ ନବ ଶକ୍ତି ସଂଗ୍ଚର ହୁଏ । ଜନ୍ମଭୂମିର ପ୍ରାଚୀନ କୀର୍ତ୍ତି-ଗୌରବ ଶୁଣିଲେ ମନରେ ନବବଳ ସଂଗ୍ଚରିତ ହୁଏ । ପ୍ରାଚୀନ ଜାତୀୟ ଆଦର୍ଶ ଜାତି ଆଗରେ ଥିଲେ ଜାତି କେବେ ନରୁତ୍ସାହ ହୁଏନ । ବରଂ ସେହି ଆଦର୍ଶ ଅନୁକରଣରେ ଭବିଷ୍ୟତ କଥା ସୁଗମ କରିବାକୁ ଅଧିକ ସାହସୀ ହୁଏ । ମୋର ପୂର୍ବପୁରୁଷ ଉନ୍ନତ ଥିଲେ । ତାଙ୍କ କୀର୍ତ୍ତି ଦ୍ୱାର୍ ଉତ୍କଳ ଜଗତରେ ଗୌରବାନ୍ୱିତ ହୋଇଥିଲ୍ । ସୁତର୍ଂ, ପ୍ରାଚୀନ ଇତିହାସ ପ୍ରାଚୀନ ଉନ୍ନତିର ପଥ ପ୍ରଦର୍ଶକ । ପ୍ରତ୍ୟେକ ଜାତିର ପ୍ରାଚୀନ ଇତିବୃତି ଜାତିର ଗୋଟିଏ ପ୍ରଧାନ ଅମୂଲ୍ୟ ଧନ ଏବଂ ଭବିଷ୍ୟତର ଉନ୍ନତିରେ ପ୍ରଧାନ ମୂଳଭିତ୍ତି ସ୍ଥାପନ କରେ ।

ଉତ୍କଳ ଶବ୍ଦକୁ ଅର୍ଥ କରିବାକୁ ଯାଇ ଅନେକ ଲେଖକ ପଥଭ୍ରଷ୍ଟ ହୋଇଛନ୍ତି । ଉତ୍କଳ ଶବ୍ଦର ଅନେକ ଯୁକ୍ତିଯୁକ୍ତ ଅର୍ଥ ଥିବାବେଳେ କଳଙ୍ଗର ନାମ କାହାକୁ ଅଛପା ନାହିଁ । ଅଙ୍ଗ, ବଙ୍ଗ, କଳଙ୍ଗ ଅତି ପ୍ରାଚୀନ କଥା । ଉତ୍କଳ ଦେଶ କେତେବେଳେ କଳଙ୍ଗରେ ଅନ୍ତର୍ଗତ ଥିଲ୍ ଏବଂ କେତେବେଳେ ଏହା ପୃଥକ ହେଲ୍? କାଳଦାସଙ୍କ ଅମଳରେ କଳଙ୍ଗ ଉତ୍କଳଠାରୁ ସ୍ୱତନ୍ତ୍ର ଥିଲ୍ । ରଘୁ ମହାର୍ଜାଙ୍କ ଦିଗବିଜୟର ବର୍ଣ୍ଣନା ଅବସରରେ କାଳଦାସ ଲେଖିଛନ୍ତି – "ଉତ୍କଳାଦର୍ଶିତ ପଥ୍ୟ କଳଙ୍ଗାଭିମୁଖଂ ଯଯୌ" । ବଙ୍ଗଦେଶର ସମୁଦ୍ର ତୀରବର୍ତ୍ତି ର୍ଜ୍ୟଠାରୁ ତେଲେଙ୍ଗା ପର୍ଯ୍ୟନ୍ତ ଦେଶର ନାମ କଳଙ୍ଗ । "ର୍ମାୟଣ-କିଷ୍କିନ୍ଦା କାଣ୍ଡ-୪୧ ସର୍ଗ", ମହାଭ୍ରତ ବନପର୍ବ, ହରିବଂଶ, ପ୍ରଭୃତିରେ କଳଙ୍ଗ ନାମ ଉଲ୍ଲେଖ ଅଛି । କଳଙ୍ଗ ଦେଶରେ ବୈତରଣୀ ନଦୀ ପ୍ରବାହିତ ବୋଲି ଉଲ୍ଲେଖ ଅଛି । ସୁତର୍ଂ, ଓଡିଶା ସେତେବେଳେ କଳଙ୍ଗରେ ଅନ୍ତର୍ଗତ ଥିଲ୍ ବୋଲି ଜଣାଯାଏ । ହରିବଂଶରେ ଲେଖାଅଛି – କଳଙ୍ଗ ନୃପତି କୁରୁକ୍ଷେତ୍ର ଯୁଦ୍ଧରେ ଦୁର୍ଯ୍ୟୋଧନଙ୍କ ପକ୍ଷରେ ଯୁଦ୍ଧ କରିବାର (ମହାଭ୍ରତ-ଭୀଷ୍ମ ପର୍ବରେ) ଉଲ୍ଲେଖ ଅଛି ।

ହୁଏନ ସାଂ ଙ୍କ ମତରେ କଳଙ୍ଗ ଗଞ୍ଜାମ ଠାରୁ ୨୦୦ ରୁ ୩୦୦ ମାଇଲ ଦୂରରେ ଅବସ୍ଥିତ । କଳଙ୍ଗର ରାଜଧାନୀ "ଚକାକୋଲ" ଥିଲା । ଉତ୍କଳ କେତେବେଳେ କଳଙ୍ଗରେ ଅନ୍ତର୍ଗତ ଥିଲା ବା ପୃଥକ ହେଲା, ମାତ୍ର ଉତ୍କଳ କଳଙ୍ଗର ଉତ୍ତରରେ ଅବସ୍ଥିତ । "ଉତ୍ତର କଳଙ୍ଗ" ବା "ଉତ୍କଳଙ୍ଗ" ଏହା କାଳକ୍ରମେ ଉତ୍କଳ ନାମରେ ପରିଣତ ହୋଇଥିବାର ସ୍ପଷ୍ଟ ଅନୁମାନ କରାଯାଏ । ପବିତ୍ର ଉତ୍କଳ ଭୂମି ନିଜର ମହତ୍ୱ, ବିଶେଷତ୍ୱ, ପ୍ରାଚୀନ ଗୌରବ, ଉତ୍କୃଷ୍ଟ କଳା କୌଶଳ, ପ୍ରଭୃତି ଅମୂଲ୍ୟ ଧନଦ୍ୱାରା ଯେ ଅନେକ ଲେଖକଙ୍କ ଲେଖନୀକୁ ଆକର୍ଷଣ କରିଥିବାକୁ ସମର୍ଥ ହେଉଛି । ଏହା ହେଉଛି ଉତ୍କଳର ବିଶେଷତ୍ୱ । ଯେଉଁ ଦେଶର କଳା କୌଶଳତା ଉତ୍କୃଷ୍ଟ ସେ ଦେଶର ନାମ ଉତ୍କଳ ହେବା ସମୀଚନ ଅଟେ ।

ଜୟ ଉତ୍କଳ, ଜୟ ଓଡିଶାବାସୀ ।

ମମତା ଦାଶ



# ଭିତର ପୃଷ୍ଠାରେ....


| | | |
|---|---|---|
| ଏପ୍ରିଲ ୧୭ ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ | ବରଦା ପ୍ରସନ୍ନ ଦାସ | ୧୭ |
| ଆଜି ଯେ ଗଜେନ୍ଦ୍ରାସନେ | ଗୁରୁକଲ୍ୟାଣ ମହାପାତ୍ର | ୨୦ |
| ବେଳାଭୂମି-ଏକ ଅକୁହା କାହାଣୀ | ଅନୁସୂୟା ମିଶ୍ର | ୨୧ |
| ହେ ଈଶ୍ୱର ତୁମର ଏଇ ପୃଥିବୀରେ | ବିଜୟ କୁମାର ପଣ୍ଡା | ୨୩ |
| କ୍ଷୁଦ୍ରଗଳ୍ପ- ମୋକ୍ଷ | ବିନୟ ମହାପାତ୍ର | ୨୬ |
| ସଂଘର୍ଷମୟ ଜୀବନ | ଭାସ୍କର ଚନ୍ଦ୍ର ଖଣ୍ଡା | ୩୬ |
| ଦରଦି ଦରଦ କବି ମନ | ଆଶୁତୋଷ ମେହେର | ୩୯ |
| ପଶୁବଳ | ରାଜକିଶୋର ସାଇଁ | ୪୦ |
| ଫିକା ଫିକା ଏଇ ଜହ୍ନ ରାତି | ଶାନ୍ତିଲତା ମିଶ୍ର | ୪୨ |
| ଓମାହା' ର ଦ୍ୱିତୀୟ ବିଲିୟନାୟାର | ଶଶଧର ମହାପାତ୍ର | ୪୩ |
| ଈଶ୍ୱର | ଡ. ଜ୍ଞାନେଶ୍ୱର ମିଶ୍ର | ୫୪ |
| କୋରନା | ସାଗରିକା ମହାନ୍ତି | ୫୫ |
| ହୋଲିକା | ଦୀପ୍ତିମୟୀ ବିଶ୍ୱାଳ | ୫୬ |
| ବାଇଶ ନମ୍ବର ବେଡ୍ | ପ୍ରାଧାପିକା ଜ୍ୟୋତ୍ସ୍ନା ରାୟ | ୫୯ |
| ଶିଶୁ କବିତାରେ ଶୀତଋତୁ | କୁଞ୍ଜ ବିହାରୀ ସାହୁ | ୬୧ |
| ଶୂନ୍ ଶାନ୍ ରାତି | ନୂତନ କୁମାର ବେହେରା | ୭୧ |
| ଖୋଲିଦିଅ ପ୍ରଭୁ ତୃତୀୟ ନୟନ | ବୈଦ୍ୟନାଥ ପଣ୍ଡା | ୭୩ |
| ସିଏକ ରଖିବ ମନେ | ସଂଯୁକ୍ତା ମହାପାତ୍ର | ୭୫ |
| ନୂତନ ବରଷ | ସନାତନ ମହାକୁଡ | ୭୬ |

| | | |
|---|---|---|
| ପ୍ରୀତି ଫୁଲ | ଅନାମ ଚରଣ ସାହୁ | ୭୭ |
| ଅବ୍ୟକ୍ତ ପ୍ରତିବାଦ | ଡକ୍ଟର ବିଜ୍ଞାନୀ ଦାସ | ୭୮ |
| କବିର ଜୀବନ | ରୋହିତ ସେଠୀ | ୮୭ |
| ଆଜି ସମାଜରେ ନାରୀ | ନବେଦିତା ମହାପାତ୍ର | ୮୯ |
| ଏବେ ତୁ ଖୁସି ତ | କାର୍ତ୍ତିକ ପାଣିଗ୍ରାହୀ | ୯୧ |
| ଜାଗର | ଖଗେଶ୍ୱର ବାଗ | ୯୪ |
| ସୁନ୍ଦରବନରେ ଯାତ୍ରା | ଅଶୋକ ବିଶ୍ୱାଳ | ୯୬ |
| ବସନ୍ତ ଆଗମନେ | ନନ୍ଦିନୀ ରାଉତ | ୧୦୬ |
| କୋରନା ଭୂତାଣୁ | ପୂର୍ଣ୍ଣଚନ୍ଦ୍ର ରଣା | ୧୦୮ |
| ମୃତ୍ୟୁ | ଅଜୟ କୁମାର ମହାନ୍ତି | ୧୧୦ |
| ଲୁହ | ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ | ୧୧୧ |
| ସୁଖମୟ ବାର୍ଦ୍ଧକ୍ୟ- ସ୍ୱେଚ୍ଛାକୃତ ସେବା | ଅନ୍ନପୂର୍ଣ୍ଣା ଦେବୀ ପାଣ୍ଡେ | ୧୧୨ |
| ସ୍ୱୟଂ ସମ୍ପୂର୍ଣ୍ଣ | ନବ କୁମାର ଦାସ | ୧୧୯ |
| ଶୁଣ ମୋ ବାଣୀ | ନରେନ୍ଦ୍ର ପ୍ରସାଦ ବେହେରା | ୧୨୦ |
| ଶ୍ରୀପଞ୍ଚମୀ | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୨୩ |
| ଝିଅଟେ ଅଲୋଡ଼ା ନୁହେଁ | ହରେରାମ ପଣ୍ଡା | ୧୨୪ |
| ଶତ୍ରୁ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୨୬ |
| ମୋ ମାଆ | ପ୍ରଭାସିନୀ ସେନାପତି | ୧୨୮ |
| ଛିଙ୍କ କଲ୍ କଲବଲ | ଆରତୀ ସାହୁ (ଆଶା) | ୧୩୦ |
| ନାରୀ | ବାସନ୍ତୀ ଲତା ଜେନା | ୧୩୩ |
| ସତ୍ୟର ସନ୍ଧାନ | ବରଦା ପ୍ରସନ୍ନ ଦାସ | ୧୩୫ |
| ତୁମେ ତ ଅବର୍ଣ୍ଣନୀୟ | ପ୍ରଶାନ୍ତ କୁମାର ପଧାନ | ୧୪୬ |
| ଏଇ ଜୀବନ ଏକ ଦୁଃଖର ସାଗର | ଡମ୍ବରୁଧର ବାଗ | ୧୪୭ |
| ସ୍ମୃତି | ରାଜେଶ କୁମାର ବାରିକ | ୧୪୮ |

| | | |
|---|---|---|
| ଅସ୍ୱୃ  ଶ ର ଇଶ୍ୱର | ନବକିଶୋର ଦୀପ | ୧୪୯ |
| ଜିମ୍ କରବେଟ୍ ଙ୍କ ଘରେ, ଏକଦା ଥରେ | ପ୍ରିୟବ୍ରତ ପାତ୍ର | ୧୫୧ |
| କଣ ମୁଁ ତୁମ ପାଇଁ | ସଙ୍ଗୀତା ମହାନ୍ତି | ୧୫୭ |
| ବର୍ଷା....ଖରା....ଶୀତ | ନିରଞ୍ଜନ ସାହୁ | ୧୫୮ |
| ଗରିବ | ସରୋଜ ସାହୁ | ୧୫୯ |
| ଅଭିମାନନୀର ଅଦେଖା ଲୁହ | ସୁଷମା ପରିଡା | ୧୬୦ |
| ମୁଁ ଭକ୍ତି ତୁମେ ମୋ' ପୂଜ୍ୟ | କୁମୁଦିନୀ ବେହେରା | ୧୬୯ |
| ବିସ୍ଥାପିତ | ଅଶ୍ୱିନୀ କୁମାର | ୧୭୧ |
| ସବୁ କଥାରେ ତମେ | ସୁଦାମ ଲେଙ୍କା | ୧୭୪ |
| ଗାଁ କଥା | ପ୍ରକାଶ ସାହୁ | ୧୭୫ |
| ପାରିବିନି ଭୁଲି | ପ୍ରଶାନ୍ତ କୁମାର ନାଥ | ୧୭୯ |
| ତୁମରି ସ୍ମୃ  ତି ୧ | ସିଦ୍ଧେଶ୍ୱର ତ୍ରିପାଠୀ | ୧୮୧ |
| ଶୃଙ୍ଖଳା | ନବୀନ କୁମାର ପଧାନ | ୧୮୩ |
| ପ୍ରତିଶୋଧ | ମହେଶ୍ୱର ସାହୁ | ୧୮୪ |
| ମାଁନୁ ମାଟିକେ | ଫିରୋଜ କୁମାର ପଟେଲ | ୧୮୯ |
| ଅଧୁରା ପ୍ରୀତି | ଅନଙ୍ଗ ମଞ୍ଜରୀ | ୧୯୨ |
| ସାର୍ଥକ ଜୀବନ | ଅମ୍ବିକା ସ୍ୱାଇଁ | ୧୯୪ |
| ଆମେ ଓଡିଆ, ଆମ ଭାଷା ବଢିଆ | କେଶରୀ ପ୍ରସାଦ ମହାନ୍ତି | ୧୯୬ |
| ପ୍ରେମର ପଟୁମାଟି | ବିଶ୍ୱରଂଜନ ପଣ୍ଡା | ୨୦୦ |
| ମୁନର ଚଠି | ଅଶୋକ କୁମାର ପଧାନ | ୨୦୧ |
| ବୋଉ | ଅଶୋକ କୁମାର ପଧାନ | ୨୦୩ |
| ରୋଜ୍ ଡେ | ସସ୍ମିତା ମହାନ୍ତି | ୨୦୫ |
| କରୋନା | ରମଣ ଦୁରିଆ | ୨୦୯ |
| ଦିଗହରା ପଥିକା | ଶ୍ରୀମାନ ପ୍ରିୟଦର୍ଶିନୀ ଦାସ | ୨୧୧ |

| | | |
|---|---|---|
| ମିଛ କଥା ପଦେ କହିଲେ | ତପନ କୁମାର ସ୍ୱାଇଁ | ୨୧୪ |
| ଓଁ ଶ୍ରୀ କପିଳେଶ୍ୱର ମହାଦେବ | ରତନ ରଞ୍ଜନ ବେହେରା | ୨୧୬ |
| ଜ୍ଞାନ ଓ ଧନ | ସେବାକାନ୍ତ ନନ୍ଦ | ୨୧୯ |
| ଗିତ ପଦେ ଗାରେ ଚେରେ | କ୍ଷୀରେନ୍ଦ୍ର କୁମାର ସାହୁ | ୨୨୧ |
| ନବଧା ଭକ୍ତି | ରାଜେଶ କୁମାର ବାରିକ | ୨୨୩ |
| କରୋନା :<br>ଏକ ଅଦୃଶ୍ୟ ଶତ୍ରୁ | ଦୀପକ ଷଡଙ୍ଗୀ | ୨୨୪ |
| ସ୍ୱାର୍ଥ ପାଇଁ ସମ୍ପର୍କ | ଉଦୟ କୁମାର ପଣ୍ଡା | ୨୨୭ |
| ବିଦାୟ ନେଲକ | ତାରାପ୍ରସାଦ ଜେନା | ୨୨୯ |
| ପୁରାଣ ପୁରୁଷ | ଶରତ ଚନ୍ଦ୍ର ଜାଲି | ୨୩୦ |
| ତମେ ଗଲାପରେ | ପୁସ୍ତମ୍ ଯୁଆଡି | ୨୩୧ |
| ଛୋଟ ମୋର ନାଆଟି | ପ୍ରଫେସର ଅନନ୍ତା ପଣ୍ଡା | ୨୩୨ |
| ଗଣ ଦୁଷ୍କର୍ମ | ନୀଲାମ୍ବର ମହାନନ୍ଦ | ୨୪୦ |
| ଈର୍ଷା | ହେମନ୍ତ ନାଏକ | ୨୪୧ |
| ଜଳ ହିଁ ଜୀବନ | କୃଷ୍ଣ ଚନ୍ଦ୍ର ଡାକୁଆ | ୨୪୨ |
| ପିତୃଭକ୍ତି | ଶିବରାମ ଦଳେଇ | ୨୪୪ |
| ଗିତ ପଦେ ଗାରେ ଚେରେ | କ୍ଷୀରେନ୍ଦ୍ର କୁମାର ସାହୁ | ୨୪୬ |
| କାହା ପାଇଁ ଲେଖିବି<br>ମୁଁ ପ୍ରେମର କବିତା | ଆଶ୍ରିତ ମହାପାତ୍ର | ୨୪୭ |
| ବେପାର | ବିଶ୍ୱଜିତ୍@ବାବୁସୁନା | ୨୪୯ |
| ବିକଳ ଏ ମନ | ଜଗନ୍ନାଥ ମେହେର | ୨୫୨ |
| ଚନ୍ଦ୍ରମଲ୍ଲୀକା | କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀ | ୨୫୩ |
| ଧାର୍ମିକ ଶ୍ରଦ୍ଧା ବନାମ<br>ଲୌକିକ ବିଶ୍ୱାସ | ବାଲ୍ମୀକ ନାୟକ | ୨୫୪ |
| ଦେଖମି ଥରେ | ଆଶୁତୋଷ ଠାକୁର | ୨୫୭ |
| ଗାଲ୍ କେବେ ବୁଲିଯିବା | ଶିବାନନ୍ଦ ବନଛୋର | ୨୫୯ |

| | | |
|---|---|---|
| ଶ୍ରୀମଦ୍ ଭଗବତ୍ ଗୀତାର ଅଷ୍ଟମ ଅଧ୍ୟାୟର ସାରକଥା | ନରେନ୍ଦ୍ର ପ୍ରସାଦ ବେହେରା | ୨୬୦ |
| ସୁନନ୍ଦରି ଗୁରି | ଯୁବରାଜ କୁଦେଇ | ୨୬୨ |
| ବିଶ୍ୱାସ ଘାତକ | ଅଲେଖ ମେହେର | ୨୬୩ |
| ଧଏନ୍ ସେ ମାଁ | ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ | ୨୬୫ |
| ଆର.ଏନ.ଆର୍ – ୧୫୦୪୮ କସମ ଧାନ ଗୃଷ | ଡ଼ି ଶୁଭମ୍ | ୨୬୬ |

# ଶିଶୁ ବିଭାଗ

| | | |
|---|---|---|
| ମଶା | ନନ୍ଦିନୀ ରାଉତ | ୨୭୫ |
| ବାପା | ମୀନାକ୍ଷି ପାଢ଼ୀ | ୨୭୭ |
| କମଳା କମଳା | ଡ଼ଃ ରଞ୍ଜିତ କୁମାର ସାହୁ | ୨୭୯ |
| ସାବସ ବିଲୁଆ | ଅଙ୍କିତା ପାଢ଼ୀ | ୨୮୩ |
| ପ୍ରାଚୀନ ଉତ୍କଳର ବାରବାଟି ଦୁର୍ଗ | ଭଜରାମ ସେଠୀ | ୨୮୯ |
| ଚତୁର ରାହୁଲ | ଶିବରାମ ଦଳେଇ | ୨୯୩ |
| ଅପ୍ରେଲ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୨୯୫ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୨୯୬ |

# ଏପ୍ରିଲ ୧୭ ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ -

## (ନଜର ବନ୍ଦୀରୁ ରାଜନେତା)



ବରଦା ପ୍ରସନ୍ନ ଦାସ

ଛାତ୍ର ଜୀବନରେ ଗାନ୍ଧୀ, ଗୋପବନ୍ଧୁଙ୍କ ସାନିଧ ଲାଭପରେ ପାଇଲଟ ଜୀବନରେ ପଣ୍ଡିତ ଜବାହର ଲାଲ ନେହେରୁ ଓ ବିପ୍ଳବୀ ସମାଜସେବୀ ନେତା ଜୟପ୍ରକାଶ ନାରାୟଣଙ୍କ ସହ ବିଜୁବାବୁଙ୍କ ଘନିଷ୍ଠ ସଂମ୍ପର୍କ ଗଢି ଉଠିଥିଲା । ଯାହା ଫଳରେ ଓଡିଶାରେ ବହୁ ଆଖି ଦୃଶିଆ କାର୍ଯ୍ୟ ତାଙ୍କ ଦ୍ୱାରା ସମ୍ଭବପର ହୋଇପାରିଥିଲା । ବିଜୁବାବୁଙ୍କ ପରିବାରରୁ ଧର୍ମ ନରପେକ୍ଷପତାର ପରିଚୟ ମିଳେ । ସେମାନେ ୩ ଭାଇ ଥିଲେ ଓ ଭିନ୍ନ ଭିନ୍ନ ତିନି ଜାତିର କନ୍ୟାକୁ ବିବାହ କରିଥିଲେ । ତାଙ୍କ ପରି ସାହାସ ପାଇଲଟ ଭାରତ କାହିଁକି ସାରା ପୃଥିବୀରେ କମ ଅଛନ୍ତି । ୧୯୪୫ ମସିହାରେ ବିଜୁବାବୁ ଜେଲରୁ ଖଲାସ ହେଲେ । କିନ୍ତୁ ସେ ଜେଲରୁ ଛାଡ ପାଇଲା ପରେ ମଧ୍ୟ ତାଙ୍କ ଉପରେ କଟକଣା ଜାରି ହୋଇଥିଲା । ସେ ନିଜ ବାସସ୍ଥାନ ଠାରୁ ୩୦ ମାଇଲରୁ ଅଧିକ ଦୂର ଅନ୍ୟ କେଉଁଠିକୁ ଯାଇପାରିବେ ନାହିଁ ବୋଲି ବାରଣ କରିଥିଲେ । ସେଥିପାଇଁ ସେ ମନେ ମନେ କଟକ ଓ ଚୌଦ୍ୱାରକୁ ନିଜର କର୍ମସ୍ଥଳ ଭାବେ ବାଛି ନେଇଥିଲେ । ସେତେବେଳେ ଚୌଦ୍ୱାର ଥିଲା ଗୋଟିଏ ରୁକ୍ଷ ଟାଙ୍ଗରା ଭୂଇଁ । ରାସ୍ତାଘାଟ କିଛି ନାହିଁ । ଚୌଦ୍ୱାରକୁ ଲୁଗାକଳ ଥିଲା ଓଡିଆବାସୀଙ୍କୁ ବିଜୁବାବୁଙ୍କ ପ୍ରଥମ ଭେଟି । ତାପରେ କଳଙ୍ଗ ଟ୍ୟୁବସ, କଳଙ୍ଗ ରେଫ୍ରିଜରେଟସ, କଳଙ୍ଗ ଇଣ୍ଡଷ୍ଟ୍ରିଜ ଆଦି ଚୌଦ୍ୱାରରେ ଗଢି ଉଠିଥିଲା । ଶହ ଶହ ଓଡିଆ ଯୁବକ ଚାକରୀ ପାଇଲେ। ଦେଶ ସ୍ୱାଧୀନତା ଆଗରୁ ୧୯୪୬ ମସିହାରେ ବିଜୁବାବୁ ଚୌଦ୍ୱାରରୁ ବିଧାୟକ ହୋଇ ନର୍ବାଚିତ ହେଲେ । ସେହି ବର୍ଷଠାରୁ ୧୯୯୭ ମସିହା ଏପ୍ରିଲ ୧୭ ତାରିଖ ପର୍ଯ୍ୟନ୍ତ ବହୁ ଉତଥାନ, ପତନ ସଙ୍ଘର୍ଷ ଜୀବନ ମଧ୍ୟରେ ବିଜୁ ପଟ୍ଟନାୟକଙ୍କ ଜୀବନ ଗତି କରିଛି । ବିଜୁ ବାବୁ ମୁଖ୍ୟମନ୍ତ୍ରୀ ହେଲା ବେଳକୁ ତାଙ୍କ ବୟସ ଥିଲା ମାତ୍ର ୪୫ ବର୍ଷ । ଏତେ କମ ବୟସରେ ଓଡିଶାର କୌଣସି ନେତା ମୁଖ୍ୟମନ୍ତ୍ରୀ ହୋଇନଥିଲେ । ସେତେବେଳେ ଭାରତର ପ୍ରଧାନମନ୍ତ୍ରୀ ଥିଲେ ଜବାହାରଲାଲ ନେହେରୁ । ତାଙ୍କ ସହ ବିଜୁବାବୁଙ୍କର ଖୁବ

ଭଲ ସଂପର୍କ ଥିଲା । ଏହାର ସୁଯୋଗ ନେଇ ବିଜୁବାବୁ ଓଡିଶାର ବହୁତ ଲୋକହିତକର କାର୍ଯ୍ୟ କରିଥିଲେ । ବିଜୁ ବାବୁ ଗ୍ରାମପଞ୍ଚାୟତ ଆଇନକୁ ସଂଶୋଧନ କରି ପଞ୍ଚାୟତ ରାଜ ଶାସନରେ ମହିଳାମାନଙ୍କ ପାଇଁ ଶତକଡା ୩୦ ଭାଗ ଆସନ ସଂରକ୍ଷଣ କରାଇଲେ । ମାର୍ଚ୍ଚ ୫ ତାରିଖ ଦିନକୁ ବିଜୁ ଜୟନ୍ତୀ ଭାବେ ପାଳନ ନକରି ପଞ୍ଚାୟତ ରାଜ ଦିବସ ଭାବରେ କରିବା ପାଇଁ ସେ ସରକାରୀ ନିର୍ଦ୍ଦେଶ ଦେଇଥିଲେ । ୧୯୯୭ ମସିହାରେ ଲୋକସଭା ନିର୍ବାଚନ ହୋଇଥିଲା । ବିଜୁ ବାବୁ ଆସିକା ଓ କଟକ ଲୋକସଭା ଆସନରୁ ୨ଟି ଜିଣିଲେ। ଚାଲିଗଲେ ଜାତୀୟ ରାଜନୀତିକୁ । ପ୍ରଧାନମନ୍ତ୍ରୀ ନିର୍ବାଚନରେ ତାଙ୍କର ଭୂମିକା ଥିଲା ସବୁଠାରୁ ବେଶୀ । କେନ୍ଦ୍ରରେ ଏକ ଅଣ କଂଗ୍ରେସ ଓ ଧର୍ମ ନିରପେକ୍ଷ ସରକାର ପ୍ରତିଷ୍ଠାରେ ବିଜୁବାବୁଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । ସରକାରରେ କୌଣସି ସଙ୍କଟ ହେଲେ ତାଙ୍କୁ ଡାକ ପଡୁଥିଲା । ସେ କେବଳ ଜନତା ଦଳର ନେତା ନଥିଲେ ସେ ଥିଲେ ଭାରତୀୟ ରାଜନୀତିର କେନ୍ଦ୍ରବିନ୍ଦୁ । ଜାତୀୟ ନେତା କଙ୍ଗ ମେକର ବିଜୁ ପଟ୍ଟନାୟକ । ତାଙ୍କ ଦ୍ୱା ଆନ୍ତର୍ଜାତିକ ବିଜ୍ଞାନ କ୍ଷେତ୍ରରେ ବିଶେଷ ଅବଦାନ ଥିବା ବ୍ୟକ୍ତିଙ୍କୁ କଳଙ୍ଗ ପୁରସ୍କାର ପ୍ରଦାନ ପ୍ରଚଳନ ହୋଇଅଛି । ଏହିପରି ଭାବେ ନଜର ବନ୍ଦୀରୁ ସଫଳ ରାଜନେତା ହୋଇ ପାରିଥିଲେ ବିଜୁ ପଟ୍ଟନାୟକ ୧୯୧୬ ମସିହା ମାର୍ଚ୍ଚ ୫ରେ ହଜାର ବର୍ଷ ପୂର୍ଣ୍ଣ କରିଥିବା ଐତିହାସିକ କଟକ ସହରରେ ସେ ଜନ୍ମ ଗ୍ରହଣ କରିଥିଲେ । ୧୯୯୭ ମସିହା ଏପ୍ରିଲ ମାସ ୧୭ ତାରିଖ ଦିନ ଦିଲ୍ଲୀର ପଲ୍ଲୀ ପର୍ଯ୍ୟନ୍ତ ବିଜୁଳି ବେଗରେ ପ୍ରଚାରିତ ହେଲା କିମ୍ବଦନ୍ତୀ ନାୟକଙ୍କ ତଥା ପ୍ରବାଦ ପୁରୁଷ ବିଜୁବାବୁ ଚାଲିଗଲେ। ଶେଷରେ ପୁରୀ ମହୋଦଧି ତଟରେ ଅନ୍ତିମ ବିଶ୍ରାମ ନେଲେ ।

ବିଜୁ ବାବୁଙ୍କ ଚିର ନିଦ୍ରା ପରେ ଆରମ୍ଭ ହେଲା କବି ଓ ଲେଖକଙ୍କ ମଧ୍ୟରେ ପ୍ରତିଯୋଗୀତା| ନିଜ ଲେଖନ ମୁନରେ ବହୁ ସ୍ରଷ୍ଟା ସଜେଇ ଦେଲେ ବିଜୁ ବାବୁଙ୍କର ଅତୀତ ଓ ଅଭୁଲା ସ୍ମୃତି । ଜ୍ଞାନପୀଠ ବିଜେତା ଡକ୍ଟର ସଚ୍ଚି ରାଉତରାୟ ତାଙ୍କର 'ମହାପ୍ରସ୍ଥାନର ପଥ' କବିତାରେ ବିଜୁବାବୁଙ୍କ ପାର୍ଥୀବ ଶରୀର କଟକ ନ ଆସିବା କଥାକୁ ବର୍ଣ୍ଣନା କରି ଲେଖିଥିଲେ –

'କାହିଁ କଟକ ଆସିଲ ନାହିଁତ ?
ତୁମ ମହା ପ୍ରସ୍ଥାନ ପଥ
ଲମ୍ବି ଆସେ ଦିଲ୍ଲୀର ଆକାଶୁ

ଦେଖିବାକୁ ମହାସ୍ଥବିରର ଅନ୍ତିମ ପ୍ରୟାଣ
ତୁମେ ତେଣେ ଗ୍ଲିଗଲ ମହୋଦଧି ତଟେ
ନେବା ପାଇଁ ଅନ୍ତିମ ବିଶ୍ରାମ'

ପଣ୍ଡିତ ପ୍ରବୋଧ କୁମାର ମିଶ୍ର ତାଙ୍କର ସଂସ୍କୃତକବିତା କମ୍ବଦନ୍ତୀ ନାୟକ, ଶୀର୍ଷକରେ ବିଜୁ ବାବୁଙ୍କ ସାହାସ ଓ ବୀରତ୍ୱର ଗାଥା ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି –

"ମୁକ୍ତି -ଜାତି-ଦୃପ୍ତ-ବୀର । ଉତ୍କଳୀୟ ସିଂହକ ।
ତ୍ୱଂ ଚ ମାତୃ- ତୃପ୍ତ- ମନ୍ତ୍ର-ତନ୍ତ୍ର-ଧାରକଃ ।
ପୂର୍ବଭୂଲେ ମୁକ୍ତି ସୂର୍ଯ୍ୟଃ
ପଶ୍ଚିମେତୁ ରକ୍ତବୀର୍ଯ୍ୟଃ
କମ୍ବଦନ୍ତୀ ନାୟକ । ତ୍ୱସିଷ୍ଟ-ପୁଷ୍ଟ-ସାଧକଃ ।"

କଳଙ୍ଗର ହୃଦୟ ସମ୍ରାଟ' କବିତାରେ ବିଜୁ ବାବୁଙ୍କ ଗରିମା ବର୍ଣ୍ଣନନା କରି ଡଃ: ହୁସେନ ରବି ଗାନ୍ଧୀ ଲେଖିଛନ୍ତି-

"ଏକବିଂଶ କରାଘାତ କରେ ଯେବେ
ଜାତି ଦ୍ୱାର ଦେଶେ,
ଶ୍ରେଷ୍ଠତମ ହେ ଓଡିଆ,
ହେ ଅନନ୍ୟ ପ୍ରବାଦ ପୁରୁଷ
ବିଂଶର ଏ ଶେଷ"

ବିଜୁ ବାବୁଙ୍କର ଏକମାତ୍ର କନ୍ୟା ତଥା ବିଖ୍ୟାତ ଲେଖିକା ଗୀତା ମେହେଟ୍ଟା ତାଙ୍କର ଇଂରାଜୀ ପୁସ୍ତକ "ସ୍ନେକ ଲଡର୍ସ" ରେ ବିଜୁ ବାବୁଙ୍କ ସମ୍ପର୍କରେ ଆଲୋଚନା କରିଛନ୍ତି । ଆଜି ମଧ ମନେ ପଡନ୍ତି ପ୍ରବାଦ ପୁରୁଷ ଓ ତାଙ୍କ କୃତି ଅଭୁଲା ସ୍ମୃତି।

ଯୁଗ୍ମ ନିର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ
ଦୂରଭାଷ –9861145687

# ଆଜି ଯେ ଗଜେନ୍ଦ୍ରାସନେ



ଗୁରୁକଲ୍ୟାଣ ମହାପାତ୍ର

ଆଜି ଯେ ଗଜେନ୍ଦ୍ରାସନେ
ହୁଏତ ସେ କାଲି ସେ ଫକୀର
ହୋଇ ନପାରେ ଆଜି କାଲି ।
ମାତ୍ର ଏ ଯୁଗରେ ଫକୀରମୋହନଙ୍କ
ପରି ହେବା କ ତାଙ୍କ ପରି
ନାମ କମାଇବା ବି କଷ୍ଟ ॥

ଆଜି ଯେ ଗଜେନ୍ଦ୍ରାସନେ
ଭାବି ନଅନ୍ତି ସବୁକଛି ରହିଯିବ
ସେମାନଙ୍କ ହାତ ମୁଠାରେ,
ମାତ୍ର ସେମାନଙ୍କ ଗର୍ବର ପାହାଡ
ଭାଙ୍ଗିପଡେ, ବର୍ଷ କେଇଟା ପରେ ।
ସେତେବେଳେ ନେଡିଗୁଡ କହୁଣୀକୁ
ବୋହି ସାରିଥାଏ ॥

ଆଜି ଯେ ଗଜେନ୍ଦ୍ରାସନେ
ଦେଖିପାରେନ ସେ ସ୍ୱପ୍ନ
ଆସନ୍ତା କାଲିର କେବେ,
ଗଡି ସରିଯାଇ ସକାଳ
ଆସିଯିବା ପରେ ବି ।
ଗଜେନ୍ଦ୍ରାସନ ବି ଟଳମଳ-
ହୋଇ ଭୁଷୁଡି ପଡିଥାଏ ॥

ଭୁବନେଶ୍ୱର

# ବେଳାଭୂମି-ଏକ ଅକୁହା କାହାଣୀ



ଅନୁସୂୟା ମିଶ୍ର

ବୁକୁପରେ ତାର
ପାଦଚିହ୍ନର ହିସାବ ନଥାଏ
କେତେ ଆସନ୍ତି
କେତେ କେତେ ଲେଉଟି ଯାଆନ୍ତି
ତାର ବା କଣ ଯାଏ...!
ଅଳକ ଅନ୍ତରଙ୍ଗତାରେ
ନିତି ନିତି ଖୁବ୍ ଭିଜେ ସିଏ
ଏକାକାର ହୋଇଯାଏ,
ପୁଣି ଧୋଇଦିଏ ପାଦଚିହ୍ନ ସବୁ
ଫିଙ୍ଗିଦିଏ ସ୍ମୃତି ରଶାମୁକା ଯେତେ ଥାଏ
ନିଜ ମଧ୍ୟେ ସମ୍ପୂର୍ଣ୍ଣ ନିଖୋଜ ହୋଇଯାଏ
ନା ତା'ର ବୋଲି କାହାକୁ ସେ ଲୋଡ଼େ
ନା କେବେ କାହାର ସେ ହୁଏ।

ଅମାନିଆ ଉର୍ମିଟିଏ ଥାଏ
ଧାଇଁ ଆସି ଦିନେ ଯିଏ
ଲୋଟିପଡ଼େ ବେଳା ବୁକୁପରେ
ଢାଳିଦିଏ ସର୍ବସ୍ୱ ବୋଲି ତାର ଯାହା କିଛି ଥାଏ
ଅସୁମାରୀ ଖାଲିପଣକୁ ଭେଦି
ବେଳାଭୂମିର ଅନ୍ତରକୁ ଛୁଏଁ,
ପ୍ରତିଶୃତି ଦିଏ, ସମ୍ପର୍କର ସ୍ୱୀକୃତି ମାଗେ

ହୃଦୟରେ ବସା ବାନ୍ଧି ରହେ।
ଅଜଣା ଏକ କମ୍ପନ ଖେଳେ
ବେଳାଭୂମିର ବନ୍ଧୁର ବୁକୁତଳେ
ସବୁଜିମାର ସ୍ୱପ୍ନ ଦେଖେ ସିଏ
ବନ୍ଧନରେ ବିଭୋର ହୋଇଯିବାକୁ ଚାହେଁ।

କିନ୍ତୁ...
ଚାହୁଁ ଚାହୁଁ ପାହିଯାଏ ରାତି
ସକାଳ ହେବାକୁ ଅନେକ ବାକିଥାଏ,
ପାଦ ଫେରାଏ ଉର୍ମି
ବେଳାର ବାହୁପାଶରୁ ମୁକ୍ତ କରେ ନିଜକୁ
ସିକ୍ତ ସନ୍ତକ କିଛି ବୁକୁତଳେ ନେଇ
ଅନନ୍ତ ଏକ ନିସ୍ତରଙ୍ଗତାରେ ଅଦୃଶ୍ୟ ହୋଇଯାଏ ।
ଅତୃପ୍ତ ମନ, ରିକ୍ତ ହୃଦୟ
ସେଇଠି ସେମିତି ଜଗିବସେ ବେଳା
ଯୁଗ ଯୁଗ ଯାଏଁ,
କେବେ ଚାହେଁ ଧାଇଁଯିବ
ସାଗରର ଶେଷମୁଣ୍ଡ ଯାଏଁ
କେବେ ପବନକୁ ପ୍ରଶ୍ନ କରେ
ଆକାଶଠୁ ଆଶ୍ୱାସନା ଲୋଡ଼େ
କେବେ ପୁଣି ସମୟକୁ ଦୋଷ ଦିଏ
ହେଲେ, ମାନି ବି ମାନିପାରେନି
'ସିଏ' ଯେ ଆଉ ଫେରିବାର ନୁହେଁ।

ଶତାବ୍ଦୀ ନଗର, ୟୁନିଟ୍-୮, ଭୁବନେଶ୍ୱର

# ହେ ଈଶ୍ୱର ତୁମର ଏଇ ପୃଥିବୀରେ



ବିଜୟ କୁମାର ପଣ୍ଡା

ହେ ଈଶ୍ୱର,
ତୁମର ଏଇ ପୃଥିବୀରେ
କୋଟି କୋଟି ମଣିଷ ତ ସୃଷ୍ଟି କରିଲ
ମାନବିକତା ଟିକେ ଭରିଦେବାକୁ ଭୁଲିଗଲ କ ପ୍ରଭୁ !

ହେ ଈଶ୍ୱର,
ତୁମର ଏଇ ପୃଥିବିରେ ମଣିଷ ଗଢ଼ିଲ୍‌ବେଳେ
ମୁଖାଟିଏ ଦେବାକୁ ମନସ୍ଥ କରିଥିଲ କ !!
ଜନ୍ମ ନେଲ୍‌ବେଳେ ତ କାହିଁ ନଥିଲ୍‌
ବଡ଼ ହେଲ୍‌ ପରେ ବହୁରୂପୀ ହେଇ
ଭିନ୍ନ ଭିନ୍ନ ମୁଖାରେ ଆବୃତ୍ତ କଲ କାହିଁକ !

ହେ ଈଶ୍ୱର,
ତୁମର ଏଇ ପୃଥିବୀରେ
ଝିଅ ପୁଅର ପ୍ରଭେଦ ତ କିଛି ରଖିନଥିଲ
ମାତୃଗର୍ଭରେ ମାଂସ ପିଣ୍ଡୁଳା ଟିଏ ଗଢ଼ିଥିଲ

ଭୂଇଁ ଛୁଇଁଲ୍ ପରେ କାହିଁକ କନ୍ୟା ସନ୍ତାନର
ଭାଗରେ ଅଲୋଡ଼ା ଅଯାଚତ ଭାବ !!

ହେ ଈଶ୍ୱର,
ତୁମର ଏଇ ପୃଥିବୀରେ ମାନବକୁ
କର୍ମ ତୁମେ ହିଁ ଦେଲ, ବୁଦ୍ଧି ବି ତୁମେ ହିଁ ଦେଲ
ହେଲେ ମଣିଷ ମନରେ ଯୌନ ଶୋଷଣ ନର ହତ୍ୟା ଭଳ
ଜଘନ୍ୟ ଅପରାଧର ରୋଗ କାହିଁକ ଭରିଲ !

ହେ ଈଶ୍ୱର,
ତୁମର ଏଇ ପୃଥିବୀରେ
ତୁମ ବିନା ଅନୁମତିରେ ତ ଗଛରୁ ପତ୍ରଟିଏ ବି ତଳକୁ ଖସେନ
ପବନ ବି ଗତି ବଦଳାଇପାରେନ
ସୂର୍ଯ୍ୟ ବି ନିର୍ଦ୍ଦିଷ୍ଟ ଦିଗରୁ ତୁମ ନିର୍ଦ୍ଧାରିତ ସମୟରେ ହିଁ
ଉଇଁ ଥାନ୍ତି, ଅସ୍ତଗାମୀ ବି ହୁଅନ୍ତି
ଚନ୍ଦ୍ରମା ବି ଆସେ ତୁମ ଇଚ୍ଛାରେ
ସାଗର ଗର୍ଜ୍ଜନ ବି ତୁମ ଇଚ୍ଛାରେ
ବୈଶାଖ ବର୍ଷା ବସନ୍ତ ସବୁ ତୁମ ଇସାରାରେ
ତୁମ ବିନା ଅନୁମତିରେ ନା ଚକ ଗଡ଼େ ନା ରଥ ଚାଲେ
ଜନ୍ମ ମୃତ୍ୟୁ ଯନ୍ତ୍ରଣା ବେଦନା ତାଡ଼ନାଯଦି ତୁମର ଲିଖିତ
ମରୁଡ଼ି ଦୁର୍ଭିକ୍ଷ ବନ୍ୟା ମହାବାତ୍ୟା ଯଦି ତୁମ ପ୍ରାୟୋଜିତ
କର୍ମ ବି ଯଦି ତୁମର ଦାନ

କର୍ମ ଫଳ ଯଦି ତୁମର ବିଗ୍ରହ
ତାହେଲେ ଏ କୁକର୍ମ ବ୍ୟଭିଗ୍ରହ ରୁଗ୍ଣ ମାନସିକତା କ ତୁମ ପ୍ରଦତ୍ତ **!!**

ହେ ଈଶ୍ୱର,
ତୁମେ ତ ହର୍ତା କର୍ତ୍ତା ଦୈବ ବିଧାତା
ଏ ସବୁ ତୁମର ଏ ଅଧମ ସନ୍ତାନର ଜ୍ଞାନର ପରିଧି ବାହାରେ
ଏ ସଂସାରରେ ଘଟୁଥିବା ସବୁ ଅଘଟଣ କଣ
ତୁମ ସମ୍ମତିରେ ଘଟେ **!**
ପ୍ରଭୁ ଏସବୁ ପ୍ରଶ୍ନର ଉତ୍ତର ବି କାଳେ
ତୁମେ କେବେଳ ପାଖେ ହିଁ ସୀମିତ
କହିଦିଅନ୍ତନ ଥରେ
ନୟନେ ନହେଲେ ବି ସପନରେ.. **!!**

ସମ୍ପାଦକ, "କନକପ୍ରଭା", ବାଙ୍ଗାଲୋର,

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# କ୍ଷୁଦ୍ରଗଳ୍ପ- ମୋକ୍ଷ



ବିନୟ ମହାପାତ୍ର

ସକାଳ ସାଢେ ପାଞ୍ଚଟା ବେଳକୁ ସବୁଦିନ ସୁମିତ୍ରାଙ୍କର ନିଦ ଭାଙ୍ଗିଯାଏ । ଖୁବ୍ ବେଶି ଧର୍ମପରାୟଣା ନାରୀ ନହେଲେ ମଧ୍ୟ ସକାଳେ ଉଠିଲେ ପ୍ରଥମେ ଦୁଇହାତ ଯୋଡି ଭଗବାନଙ୍କୁ ନମସ୍କାର କରନ୍ତି, ଦୁଇହାତ ପାପୁଲିକୁ ଘଷି ତାର ଉଷ୍ମତାରେ ଆଖିକୁ ଟିକିଏ ସେକ ଦିଅନ୍ତି, ତାପରେ ଦୁଇହାତକୁ ଆଖି ସାମ୍ନାରେ ରଖି 'କରାଗ୍ରେ ବସତି ଲକ୍ଷ୍ମୀ, କର ମଧ୍ୟେ ସରସ୍ଵତୀ, କର ମୂଳେ ତୁ ଗୋବିନ୍ଦ, ପ୍ରଭାତେ କର ଦର୍ଶନଂ' ମନ୍ତ୍ରଟି ବୋଲିଦିଅନ୍ତି । ଏଇ ଅଭ୍ୟାସଟି ତାଙ୍କର ପିଲାଟିଦିନରୁ ରହି ଆସିଛି, ପିଲାବେଳେ ଜେଜେ ଶିଖାଇ ଦେଇଥିଲେ, ସେବେଠାରୁ ଆଜି ପର୍ଯ୍ୟନ୍ତ ସେମିତି କରିଆସୁଛନ୍ତି । ନିଜେ ଶେଜ ଛାଡିବା ପୂର୍ବରୁ ଜୀବନବାବୁଙ୍କୁ ମଧ୍ୟ ଉଠାଇଦେଇ ଯାଆନ୍ତି । ସବୁଦିନ ସକାଳେ ଉଭୟେ ଏଇ ସମୟରେ ଉଠିଯାଆନ୍ତି । ମୁହଁ ହାତ ଧୋଇ ଅଧଘଣ୍ଟାଏ/ପଇଁଚାଳିଶ ମିନଟ ଯୋଗ, ପ୍ରାଣାୟମ କରନ୍ତି । ବୟସ ପଚାଶ ପାଖାପାଖି ହୋଇଗଲାଣି ତେଣୁ ଯୋଗକରିବା ପ୍ରାୟ ଦୁଇବର୍ଷ ହେଲା ଆରମ୍ଭ କରିଛନ୍ତି । ଯୋଗ ପ୍ରାଣାୟାମ ପରେ ସୁମିତ୍ରା ଚାହା ତିଆରି କରିବା ପାଇଁ ରୋଷେଇଘରକୁ ଚାଲିଯାଆନ୍ତି ଏବଂ ଜୀବନବାବୁ ବାହାର କବାଟ ଖୋଲି ଖୋଲା ପବନ ଖାଇବା ସହିତ ଖବରକାଗଜ ପଢିବା ପାଇଁ ବାରଣ୍ଡାକୁ ଚାଲି ଆସନ୍ତି ।

ଉଭୟେ ଗୋଟିଏ କଲେଜରେ ଅଧ୍ୟାପନା କରନ୍ତି । ସହର ତଳି ଅଞ୍ଚଳରେ ଏଇଠି ଜାଗା କିଣି ନିଜର ଘର ଖଣ୍ଡିଏ କରି ଦେଇଛନ୍ତି । ଦୁଇଝିଅ ଏବଂ ପୁଅଟିଏକୁ ମିଶାଇ ପାଞ୍ଚ ଜଣର ଛୋଟିଆ ପରିବାରଟିଏ । ଜୀବନରେ ବହୁତ ଗୁଡାଏ ସ୍ଵପ୍ନ ନଥିଲା ଜୀବନବାବୁଙ୍କର। ସ୍ଵାମୀ ସ୍ତ୍ରୀ ଉଭୟେ ମାନବପ୍ରେମୀ, ମଣିଷ ଭିତରେ ଭଗବାନଙ୍କୁ ଦେଖନ୍ତି । ଚଢା ଚଇତନ କରିବା ଏବଂ ଧାର୍ମିକତା ଦେଖେଇ ହେବାରେ ବିଶ୍ବାସ କରନ୍ତିନି।

ସାଧାସିଧା ଜୀବନ ଏବଂ ଜୀବନରେ ଖୁସି ଭରପୁର । ଦୁନିଆର ଯେତେ ସୁଖ ସବୁକିଛି ପଇସାଦେଇ କିଣିହୁଏ । ସମସ୍ତେ ସେଇଥିପାଇଁ ଟଙ୍କା ପଛରେ ଗୋଡେଇ ଚାଲିଛନ୍ତି, ଟିକିଏ ସୁଖ କିଣିବା ପାଇଁ, କିନ୍ତୁ ଖୁସି ? ଖୁସି ଯେ ବହୁତ ସହଜରେ ମାଗଣାରେ ମିଳିଯାଏ, ଏକଥା କିନ୍ତୁ କେହି ବୁଝି ପାରନ୍ତିନି, ଏଇ ସରଳ କଥାଟି ସମସ୍ତଙ୍କୁ ବହୁତ ଜଟିଳ ଲାଗେ । ସୁଖ ଏବଂ ଖୁସି ଭିତରେ ଥିବା ସାମାନ୍ୟ ପ୍ରଭେଦଟିକୁ ଠିକ୍ ଭାବେ ବୁଝି ପାରନ୍ତିନି ସମସ୍ତେ। ସମସ୍ତେ କେବଳ ଭାବନ୍ତି ସୁଖ ମିଳିଗଲେ ଖୁସି ମଧ୍ୟ ମିଳିଯିବ, କିନ୍ତୁ ଏତିକି ବୁଝି ପାରନ୍ତି ନାହିଁ ଯେ ସୁଖ ସହିତ ଖୁସିର କିଛିବି ସମ୍ପର୍କ ନାହିଁ । ସୁଖ ବାହାରୁ ମିଳେ, ଖୁସି କିନ୍ତୁ ମଣିଷ ନିଜଭିତରୁ ନିଜ ହୃଦୟରୁ ପାଏ, ସେଇଠି ଅନୁଭବ କରେ ସେଇ ଅଦଭୂତ, ଅପୂର୍ବ ଅନୁଭୂତିକୁ ।

ବାରଣ୍ଡାକୁ ଆସିଲା ପରେ ଜୀବନବାବୁଙ୍କ ନଜର ଖବରକାଗଜ ବଣ୍ଡିଲଟା ଉପରେ ପଡିଲା । ଖବର କାଗଜବାଲା ତା ସାଇକେଲରେ ବସି ରାସ୍ତାଉପରୁ ପ୍ରତିଦିନ ଏମିତି ବଣ୍ଡିଲକରି ଫୋପାଡି ଦେଇ ଚାଲିଯାଏ । ଯୁଦ୍ଧ ବିରାମ ସତ୍ତ୍ୱେ ପାକସ୍ତାନ ଯେପରି ମୋର୍ଟାରରୁ ଗୁଳି ଗୋଳା ଛାଡେ, ଛାଡିବାଟା ତା କାମ, ସେଇଟା କେଉଁଠି ପଡିବ କିଏ ମରିବ ସେଥିରେ ତାର କିଛି ଯାଏ ଆସେ ନାହିଁ, ସେପରି ଏଇ ଖବରକାଗଜ ବାଲାଏ । ତୁମ ସୀମା ଭିତରକୁ ଖବରକାଗଜ ଫୋପାଡିବା ତାଙ୍କ କାମ କିନ୍ତୁ କାଗଜ କୋଉଠି ପଡିବ ତାର କିଛି ଗ୍ୟାରେଣ୍ଟି ନାହିଁ । କାଗଜ କୋଉଦିନ ବାରଣ୍ଡାରେ ମିଳେ ତ କେଉଁଦିନ ଲନ୍ ରେ ଥିବା ପିଜୁଳିଗଛରେ ଲଟକିଥାଏ । କେବେ କେବେ ଲନ୍ ରେ କେଉଁ ଫୁଲଗଛ ତଳେ ମିଳିଯାଏ । ଖବରକାଗଜଟା କେଉଁଦିନ କେଉଁଠି ମିଳିବ ତାର କିଛି ଠିକଣା ନଥାଏ । ଆଜି ବୋଧେ ଲକ-ଡେ, କାଗଜଟା ବାରଣ୍ଡାରେ ଠିକ୍ ଜାଗାରେ ମିଳିଗଲା ।

ଖବରକାଗଜ ବଣ୍ଡିଲଟା ହାତରେ ଉଠାଇ ସୁମିତ୍ରାଙ୍କୁ କହିଲେ ଆରେ ଚା ନେଇ ବାରଣ୍ଡାକୁ ଚାଲିଆସ, ଏଇଠି ଭଲ ସୁଲୁସୁଲିଆ ଥଣ୍ଡାପବନ ବୋହୁଛି । ଚା' ସାଙ୍ଗରେ କିଛି ଫ୍ରେସ ପବନ ବି ପିଇବାକୁ ମିଳିବ ଆଜି, କହି ନିଜେ ଆରାମ ଚୌକିଟାରେ ବସିପଡିଲେ । ଖବରକାଗଜଟା ଖୋଲି ପ୍ରଥମେ 'ଆଜିର ଅନୁଚିନ୍ତା' ପଢିବାକୁ ଆରମ୍ଭ କଲେ । ଏଇଟା ତାଙ୍କର ନିତିଦିନିଆ ଅଭ୍ୟାସ, ପ୍ରଥମେ ନୀତିବାକ୍ୟଟା ହିଁ ପଢନ୍ତି । ତାଙ୍କୁ ଭଲ ଲାଗେ,

ପ୍ରତିଦିନ କିଛି ନୂଆ ଜ୍ଞାନ ମିଳଯାଏ ସଂସାର ବିଷୟରେ । "କାମନାର ବିନାଶରେ ଦୁଃଖର ବିନାଶ" । ସେଇଠି ଅଟକି ଗଲେ ଜୀବନବାବୁ । ଏଇ ବାକ୍ୟଟି କିଛି ନୂଆ ନୁହେଁ ତାଙ୍କ ପାଇଁ । ପିଲାଟି ଦିନରୁ ପଢି ଶୁଣି ଆସୁଛନ୍ତି ଗୌତମବୁଦ୍ଧଙ୍କର ଏଇ ପବିତ୍ର ବାଣୀଟି । ଆଜି କିନ୍ତୁ ନୂଆ ନୂଆ ଲାଗୁଛି । ଖବରକାଗଜଟା ଖୋଲାହୋଇ ପଡିଛି କୋଳ ଉପରେ ଆଉ ଜୀବନବାବୁଙ୍କ ଆଖିଦୁଇଟି ଶୂନ୍ୟରେ କେଉଁ ଅନ୍ତରୀକ୍ଷରେ ଅଟକିଯାଇଛି ଯେପରି । ହଠାତ୍ ଗୋଟିଏ ବାକ୍ୟ, ଆଜି ତାଙ୍କୁ ଦାର୍ଶନୀକ କରିଦେଇଛି ସତେ । କଥାଟାକୁ ବାରମ୍ବାର ମନଭିତରେ ଦୋହରାଇ ଚାଲିଛନ୍ତି । ସେଇ ଗୋଟିଏ ପ୍ରଶ୍ନ ମନକୁ ବାରମ୍ବାର ଆସୁଛି । କାମନାର ବିନାଶ କିପରି ହୁଏ ? ସତରେ କଣ କାମନାର ବିନାଶ ହୁଏ ? କାମନାର ବିନାଶ ହୋଇଗଲେ କଣ ସତରେ ସବୁ ଦୁଃଖ ଚାଲିଯାଏ ଏବଂ ମୋକ୍ଷ ପ୍ରାପ୍ତି ହୋଇଯାଏ ?

ପାଞ୍ଚ ବର୍ଷ ପୂର୍ବର କଥା, କଲେଜ ଗଲାବେଳେ ଟ୍ରାଫିକ ଛକରେ ଗ୍ରୀନ ଲାଇଟକୁ ଅପେକ୍ଷା କରିଥିବା ସମୟରେ ରାସ୍ତାରେ ଛିଣ୍ଡା ଫ୍ରକ ଖଣ୍ଡିଏ ପିନ୍ଧି, ଶୀତରେ ଥୁରୁ ଥୁରୁ ହୋଇ ଛୋଟ ଝିଅଟିଏ ଭୋକରେ କିଛି ଖାଇବାକୁ ମାଗୁଥିଲା । ବିଚାରୀ, ଆଖିରୁ ତାର ଲୁହ ଗଡି ପଡିଲା, ଯେତେବେଳେ ସେ କହିଲା 'ବାବୁ କାଲିଠୁ କିଛି ଖାଇନି, ଭୋକଲାଗୁଛି, କିଛି ପଇସା ଦିଅ ଖାଇବାକୁ' । ଜୀବନବାବୁ ବି ତରଳି ଯାଇଥିଲେ ତାକୁ ଦେଖି, ତାଙ୍କର ଆଖିବି ଜକେଇ ଆସିଥିଲା । ସେଇ ଛୋଟ ଝିଅଟିର ମୁହଁରେ ତାଙ୍କୁ ନିଜ କୁନି ଝିଅର ମୁହଁ ଦିଶିଯାଇଗଲା । ସଙ୍ଗେ ସଙ୍ଗେ ତାକୁ ସାଥିରେ ନେଇ ପାଖ ହୋଟେଲରେ ବସେଇ ପେଟଭରି ଖାଇବାକୁ କହିଥିଲେ । ଝିଅଟିର ସାମ୍ନାରେ ବସି ତାକୁ ଏକ ଲୟରେ ଦେଖୁଥାନ୍ତି । ଝିଅଟି ଭୋକ ବିକଳରେ କିପରି ଜଲଦି ଜଲଦି ଖାଇ ଯାଉଥାଏ, ତାର ସମସ୍ତ ଧ୍ୟାନ କେବଳ ସେଇ ଭାତଥାଳି ଉପରେ ହିଁ ସ୍ଥିର ରହିଥିଲା, ଯେପରି କେଉଁ ଅନାଦି କାଳରୁ ତାର ଏ କ୍ଷୁଧାର୍ତ୍ତ ଜଠର ଭୋକରେ ଜଳୁଛି । ନିର୍ବିକାର ଭାବରେ ତାର ହାତ ଭାତଥାଳିରୁ ପାଟି ଆଉ ପାଟିରୁ ଭାତଥାଳି ପର୍ଯ୍ୟନ୍ତ ଯାଉଛି ଆସୁଛି ଠିକ୍ ଗୋଟିଏ ଯନ୍ତ୍ର ପରି ! ପାଖରେ କିଏ ଅଛି, କିଏ ତାକୁ ଦେଖୁଛି, ଚାରିପାଖରେ କଣ ହେଉଛି, କୌଣସି ଦିଗକୁ ତାର ଧ୍ୟାନ ନାହିଁ, ସମ୍ପୂର୍ଣ୍ଣ ନିର୍ଲିପ୍ତ ନିର୍ବିକାର । ଖାଇ ସାରିଲା ପରେ ତା ଆଖିରେ ଯେଉଁ ତୃପ୍ତି ଓ ଆନନ୍ଦ ଦେଖାଦେଇଥିଲା, ସେ ଦୃଶ୍ୟ କିଛି ଦିଅଁ ଦର୍ଶନ ଠାରୁ କମ୍ ନଥିଲା ତାଙ୍କପାଇଁ । ତା ଆଖିର

ଚମକ୍ ତା ଓଠର ସେଇ ଟିକଏ ତୃପ୍ତିଭରା ହସ ସତେ ଯେମିତି ଜୀବନବାବୁଙ୍କ ଜୀବନର ସମସ୍ତ ଉପଲବ୍ଧିର ଅନୁଭବ ଦେଇ ଦେଇଥିଲା । ଛପନଭୋଗ ଖାଇ ସାରିଲା ପରେ ପ୍ରଭୁ ଜଗନ୍ନାଥଙ୍କ ମୁହଁରେ ହୁଏତ ଏ ତୃପ୍ତିର ଭାବ ଦେଖିବାକୁ ମିଳବ କି ନାହିଁ ଜଣାନାହିଁ ।

ତାପରେ ଜୀବନବାବୁ ଝିଅଟିକୁ ନେଇ ଗୋଟିଏ ଶିଶୁ ଆଶ୍ରମରେ ଛାଡିଦେଇ ଆସିଥିଲେ । ମଝିରେ ମଝିରେ ନିଜେ ଯାଆନ୍ତି ସେଇ ଆଶ୍ରମକୁ, ଝିଅଟିକୁ ଥରେ ଦେଖିଆସିବାକୁ । ଯେପରି ଗୋଟାଏ ମାୟାର ବନ୍ଧନ ଯୋଡି ହୋଇଯାଇଥିଲା ସେଇ ଝିଅଟି ସାଥିରେ । ଥରେ ସୁମିତ୍ରାଙ୍କୁ ସାଥିରେ ନେଇ ଯାଇଥିଲେ ଆଶ୍ରମକୁ । ଝିଅଟିକୁ ଦେଖି ସୁମିତ୍ରାଙ୍କର ମାତୃତ୍ୱ ଜାଗି ଉଠିଥିଲା । ହାତବଢାଇ କୋଳେଇ ନେଇଥିଲେ ତାକୁ, ଜାବୁଡି ଧରିଥିଲେ ଛାତିରେ। ଆଖିରୁ ଲୁହ ଗଡି ଆସିଥିଲା ତାଙ୍କର । ବଡ କରୁଣଭାବେ ପଚାରିଥିଲେ, କି ପାପ କରିଥିଲା ବିଚାରୀ ଏ ନିଷ୍ପାପ ଶିଶୁଟି ? ଏଇଟା କଣ ତାର ଅପରାଧ, ସେ ଝିଅଟିଏ ହୋଇ ଜନ୍ମ ହେଇଗଲା ବୋଲି ! ସୁମିତ୍ରା ତା ମୁହଁକୁ ସେମିତି ଅପଲକ ନୟନରେ ଅନେଇ ରହିଗଲେ, କହିଲେ ଏଇ ଝିଅଟିର ନାଆଁ ଆଜିଠାରୁ ମୁଁ ଯାଜ୍ଞସେନୀ ଦେଲି । ସେ କହନ୍ତି, ଏଇ ଝିଅଟି ଦ୍ରୌପଦୀ ପରି ଦ୍ରୁପଦ ରାଜାଙ୍କ ହୋମାଗ୍ନିରୁ ନୁହେଁ ସିନା କିନ୍ତୁ କ୍ରୁର ସଂସାରର ଘୃଣାର ଅଗ୍ନିରୁ ଜନ୍ମିଛି, ଦ୍ରୌପଦୀ ପରି ସେ କୌରବ କୂଳର ନାଶ କରି ପାରିବ କି ନାହିଁ ଜଣାନାହିଁ, କିନ୍ତୁ ତା ମୁହଁର ଜ୍ୟୋତିକୁ ଦେଖ, ସତେ ଯେପରି ଐଶ୍ୱରୀୟ ଆଭା ଝଟକୁଛି ତା ମୁହଁରୁ । ସେ ଯାଜ୍ଞସେନୀ ସେ କୃଷ୍ଣା, ସୁମିତ୍ରା ଦେବି ଝିଅଟି ଆଡୁ ମୁହଁ ଫେରାଇ ଥରେ ଜୀବନବାବୁଙ୍କ ଆଡକୁ ଅନାଇ କହିଲେ ତୁମେ ତାର ସଖା ହୋଇପାରିବ ? ତା ପାଇଁ କୃଷ୍ଣ ହୋଇ ତାକୁ ଆଗକୁ ବଢିବାରେ ସହାୟତା କରିପାରିବ ? ମୁଁ ଅଛି ତୁମ ସାଥିରେ, ସେ ପଢିବ, ବଢିବ, ବହୁତ ବଡ ମଣିଷଟିଏ ହେବ । ଆମର ଦୁଇଟି ନୁହେଁ ଆଜିଠାରୁ ତିନୋଟି ସନ୍ତାନ । ଶିଶୁ ଆଶ୍ରମର ମ୍ୟାନେଜରଙ୍କୁ ବଡ ବିନତି କରି ସେଇଦିନ ତାକୁ ସାଥିରେ ନେଇ ଆସିଥିଲେ ।

ସପ୍ତାହକ ପରେ ସରକାରୀ କାଗଜପତ୍ର ଫରମାଲିଟି ପୁରା ହୋଇଗଲା ପରେ ଆଇନତଃ ସେ ତାଙ୍କର ତୃତୀୟ ସନ୍ତାନ ହୋଇ ଯାଇଥିଲା । ଗୋଟିଏ ପୁଅ, ଗୋଟିଏ ଝିଅ ପରେ କୃଷ୍ଣା ସେମାନଙ୍କର ଆଉ ଗୋଟିଏ ଝିଅ । ସେତେବେଳକୁ ଜାଜ୍ଞସେନୀ ଚାରିବର୍ଷର ଥିଲା, ଆଜି

ସିଏ ନଅବର୍ଷର ହୋଇଗଲାଣି । ସ୍କୁଲ ଯାଉଛି, କ୍ଲାସରେ ସବୁବେଳେ ଫାଷ୍ଟ ହେଉଛି, ଖେଳକୁଦ ହେଉ କି ନାଚଗୀତ ସବୁଥିରେ ସେ ପାରଙ୍ଗମ । ତା ପାଇଁ ଜୀବନବାବୁ ସୁମିତ୍ରା ଉଭୟଙ୍କ ମନରେ ଗର୍ବ ଆସେ, ଭଗବାନଙ୍କୁ ଧନ୍ୟବାଦ କହିବାକୁ ମଥା ନଇଁ ଆସେ । ପ୍ରଭୁଙ୍କର କି ବିଚିତ୍ର ଲୀଳା, କାହା ପାଇଁ କାହାକୁ ଗଢିଛନ୍ତି । କୃଷ୍ଣଙ୍କ ପରି ଏଇ କୃଷ୍ଣା କେଉଁଠି କାହା କୋଳରେ ଜନ୍ମ ହେଲା ଆଉ ଝିଅଟିଏ ବୋଲି ତାକୁ ଏମିତ ଅନାଥକରି ଛାଡି ଦିଆଗଲା । କେତେ ହତଭାଗା ସେ ମାଆ ବାପା । ହୀରାକୁ ସାମାନ୍ୟ କାଚର ଟୁକୁଡାଟିଏ ଭାବି ଫୋପାଡିଦେଲେ !

ଜୀବନ ବାବୁ ଭାବୁଥିଲେ ପାଞ୍ଚବର୍ଷ ତଳର ସେଇ ଅନାଥ ଭୋକଲା ଜାଞ୍ଚସେନୀର କଥା । ସେତେବେଳେ ତାର ଭୋକ, ମୁଠାଏ ଅନ୍ନପାଇଁ ତାର ବ୍ୟାକୁଳ କ୍ରନ୍ଦନ କଣ ତାର କାମନା ଥିଲା ? ତାର ଭୋକ ଯଦି ତାର କାମନା ଥିଲା, ତେବେ ସେଇ କାମନାର ବିନାଶ କପରି କରି ପାରିଥାଆନ୍ତା ସେ ?? ସେଇ ଭୋକ, ତାର ଖାଇବାର ଇଚ୍ଛା, ତାର କାମନା, ସେଇ କାମନାର ବିନାଶ ହୋଇଥିଲେ ତାର ଜୀବନ ବି ବିନାଶ ହୋଇଯାଇ ଥାଆନ୍ତା । ତେବେ ତାର ସେଇ ଖାଇବା କାମନାର ବିନାଶ ନାଆଁ କଣ ନିର୍ବାଣ (ମୋକ୍ଷପ୍ରାପ୍ତି) ହୋଇ ଥାଆନ୍ତା??? ବୁଦ୍ଧ କେବେଠାରୁ ନିର୍ବାଣ ପ୍ରାପ୍ତି କରି ଚାଲିଗଲେଣି । ଆଜି ଜୀବନ ବାବୁଙ୍କୁ ଏ ପ୍ରଶ୍ନର ଉତ୍ତର କିଏ ଦେବ ? ହଁ ସୁମିତ୍ରା, ହୁଏତ ସେ କିଛି କହିପାରିବେ ଏ ବିଷୟରେ। ଜୀବନବାବୁ ସିନା କେମିଷ୍ଟ୍ରି ଅଧ୍ୟାପକ ହେଲେ ସୁମିତ୍ରା ତ ଫିଲୋସଫି ପଢାନ୍ତି, ସେ ନିଶ୍ଚୟ ଜାଣିଥିବେ ।

ସୁମିତ୍ରାଦେବୀ ଚା ଦୁଇକପ୍ ନେଇ ଆସିଲେ, ସାମ୍ନା ଟି'ପୟ ଉପରେ ଗୋଟିଏ କପ୍ ରଖି କହିଲେ, ହେଇଟି ଚା' ନେଇଆସିଛି ପିଇନିଅ । ଥଣ୍ଡା ହୋଇଗଲେ ଆଉ ଥରେ ଗରମ କରିବାକୁ କହିବନି, ଆଗୁଆ କହିଦେଉଛି । ହଠାତ୍ ଜୀବନ ବାବୁ ପ୍ରକୃତିସ୍ଥ ହେଲେ ଯେପରି । କହିଲେ ହଁ ହଁ ପିଉଛି କହି ଚା' କପଟିକୁ ଉଠାଇନେଇ ଢୋକେ ପିଇ ଗୋଟିଏ ଦୀର୍ଘନିଶ୍ୱାସ ଛାଡି କହିଲେ, ଜାଣିଛ ସୁମିତ୍ରା, ଗୌତମବୁଦ୍ଧ ଠିକ୍ କହିଥିଲେ, 'କାମନାର ବିନାଶରେ ଦୁଃଖର ବିନାଶ' ଆମ ମଣିଷ ଜୀବନରେ ସବୁ ଦୁଃଖ ଏଇ କାମନାରୁ ତ ଆସେ। କାମନା ନାହିଁ ତ ଦୁଃଖବି ନାହିଁ, କାମନା ନଥିଲେ, ସବୁ ସୁଖ ମିଳିଯିବ, ନିର୍ବାଣ

ବି । ହେଲେ ଏ କାମନାର ବିନାଶ କପରି ହୁଏ ? ସୁମିତ୍ରା ଦେବୀ ହୁଁ ଟିଏ କହି ରହିଗଲେ। ଗ୍ଲ' କପରେ ମୁହଁ ଲଗାଇ ଗ୍ଲ' ଢୋକାଏ ପିଇ କହିଲେ, ଆଉ ଥରେ କୁହ, କଣ କହୁଥିଲ । ଜୀବନବାବୁ କହିବା ଆରମ୍ଭ କଲେ, କାମନାର.... ସୁମତି ଦେବୀ ତାଙ୍କୁ ଅଟକେଇ ଦେଇ କହିଲେ, ନାଇ ନାଇ, ଲାଷ୍ଟ ଲାଇନଟା ଆଉଥରେ କୁହ, ଜୀବନରେ କାମନା ନଥିଲେ.... ଜୀବନବାବୁ କହିଲେ ହଁ, ହଁ ଜୀବନରେ କାମନା ନାହିଁତ ଦୁଃଖବି ନାହିଁ, ସବୁ ସୁଖ ମିଳଯିବ, ନିର୍ବାଣ ବି । ସୁମତି ଦେବୀ କହିଲେ ଏଇ ବାକ୍ୟଟା ଆଉଥରେ କୁହ, ଜୀବନବାବୁ ପୁଣିଥରେ କହିଲେ, ଏମିତି ଆଉ ଥରେ, ଆଉ ଥରେ କହି କହି ସୁମିତ୍ରା ଦେବି ଜୀବନବାବୁଙ୍କ ମୁହଁରୁ ସେଇ ବାକ୍ୟଟିକୁ ଦଶଥର ରିପିଟ କରେଇଦେଲେ । ଶେଷରେ ଜୀବନବାବୁ ବିରକ୍ତ ହୋଇ କହିଲେ, ଆରେ, ତୁମେ କହିବାକୁ କଣ ଗ୍ଲହୁଁଚ ? ବାକ୍ୟଟାକୁ ବାରମ୍ବାର କହିଲେ କଥାଟା କଣ ବଦଳଯିବ? ସୁମିତ୍ରା ଦେବି ବଡ ଶାନ୍ତ ସ୍ୱରରେ କହିଲେ ନାହିଁ, କଥାଟା ବଦଳବ ନାହିଁ, କନ୍ତୁ ଅର୍ଥ ବଦଳ ଯିବ । ଜୀବନବାବୁ ଜିଜ୍ଞାସୁ ଆଖିରେ ସୁମିତ୍ରାଙ୍କ ମୁହଁକୁ ଗ୍ଲହିଁ ରହିଲେ ।

ସୁମିତ୍ରା ଦେବି କହିଲେ, ଦେଖ, କଥାଟା ବହୁତ ସିମ୍ପଲ, ତୁମେ କହିଲ ଜୀବନରେ କାମନା ନଥିଲେ ସବୁ ସୁଖ ମିଳଯିବ, ମୋକ୍ଷ ବି । ଏଇଆ ନା'? ଏତିକ କହି ଜୀବନବାବୁଙ୍କ ମୁହଁକୁ ଗ୍ଲହିଁଲେ । ଜୀବନବାବୁ ଟିକଏ ଭାବି, କହିଲେ ହଁ ସେଇକଥା । ତାପରେ ସୁମିତ୍ରା ଦେବି ବାକ୍ୟଟିର ପୋଷ୍ଟମର୍ଟମ କରିବା ଆରମ୍ଭ କରିଦେଲେ । କହିଲେ ବାକ୍ୟଟିକୁ ଓଲଟେଇ ଦେଖ, 'ଜୀବନର ସବୁ ସୁଖ ଏବଂ ମୋକ୍ଷପ୍ରାପ୍ତି ପାଇଁ କାମନାର ବିନାଶ କର' ଏମିତି ହେବନା ବାକ୍ୟଟି । ଜୀବନ ବାବୁ ଯେପରି କଛି ହିସାବ କରିବାକୁ ଲାଗିଲେ, ମନେମନେ ବାକ୍ୟଟିକୁ ଦୋହରାଇ ପରଖି ନେଲେ ପୁଣି ଭାବି କହିଲେ ଏକଜାକଟଲି ସେଇକଥା । ସୁମିତ୍ରା ଦେବି କହିଲେ, ବାକ୍ୟଟିକୁ ଟିକେ ସରଳ କରିଦେବା । ଜୀବନର ଅସଲ ସୁଖ ଏବଂ ନିର୍ବାଣ ପାଇଁ କାମନାର ବିନାଶ କରିବା । ମାନେ ସୁଖ ଏବଂ ମୋକ୍ଷପ୍ରାପ୍ତି ପାଇଁ, କାମନାର ବିନାଶ କରିବା । ତେବେ 'କାମନାର ବିନାଶ କରିବା' କାର୍ଯ୍ୟଟି କଣ ଏକ କାମନା ନୁହେଁ ? କଛି ପାଇବା ପାଇଁ ଆଶା କରିବା ଏବଂ ସେଥିପାଇଁ କଛି କରିବା ତ କାମନା, ନା' କଣ କହୁଛ ?? ଜୀବନବାବୁ ବାଧ୍ୟ ଶିଷ୍ୟଟିଏ ପରି ମୁଣ୍ଡ

ହଲ୍ଇ ହଁ କହିଲେ । ସୁମିତ୍ରା ଦେବି ପଗୃରିଲେ, ପୁଣି ଏଇ ନୂତନ କାମନାର ବିନାଶ ପାଇଁ ଆଉ କଣ କରିବ ? ଯେମିତି ଯାହା କଲେବି, ଶେଷରେ ଏମିତି ଏକ ନୂଆ କାମନା ପୁଣି ମୁଣ୍ଡ ଟେକବ । ଠିକ୍ ପିଆଜର ପାଖୁଡା ଛଡେଇଲ୍ ଭଳ । କାମନାଠାରୁ ମଣିଷର ମୁକ୍ତି କେବେବି ସମ୍ଭବ ନୁହେଁ, ମଣିଷ କାମନା ଠାରୁ ଯେତେ ଦୂରକୁ ଯିବାପାଇଁ ଚେଷ୍ଟା କରିବ କାମନା ସେତେ ତୀବ୍ର ଗତିରେ ତାର ପିଛା କରିବ, ଠିକ୍ ଯେପରି ନୀରିହ ମୃଗ ଶାବକ ପଛରେ କ୍ଷୁଧାର୍ତ୍ତ ସାର୍ଦ୍ଦୁଳ ତାର ପିଛାକରେ, କାମନା ଯେପର୍ଯ୍ୟନ୍ତ ସେ ମଣିଷକୁ ନଜର ବଶିଭୂତ କରି ନନେଇଛି ସେ ପର୍ଯ୍ୟନ୍ତ ତୁମର ପିଛା ଛାଡିବନ । ଆହୁରି ଅଧିକ ପାଇବାର ଇଚ୍ଛା ମଣିଷର ସହଜାତ ପ୍ରବୃତ୍ତି ଏବଂ ଏହି ପ୍ରବୃତ୍ତି ସମସ୍ତ କାମନାର ଜନନୀ । ମଣିଷ ଯଦି କାମନାର ବଶବର୍ତ୍ତୀ ନହୋଇ କାମନାକୁ ନଜର ବଶିଭୂତ କରିପାରିବ ତେବେ ମୋକ୍ଷ ପ୍ରାପ୍ତି ହେବକ ନାହିଁ ଜାଣେନ କନ୍ତୁ ଜୀବନରେ ଶାନ୍ତି ଏବଂ ଖୁସି ନଶ୍ଚିନ୍ତଭାବେ ପ୍ରାପ୍ତ କରିପାରିବ ।

ନର୍ବାଣର କାମନା କରି ବୁଦ୍ଧ ସମସ୍ତ କାମନାର ବିନାଶ କରିପାରିଥିଲେ କ ନାହିଁ ଜଣାନାହିଁ। ନର୍ବାଣର କାମନାକରି ସେ ନର୍ବାଣ ପାଇଥିଲେ କ ନାହିଁ କଏ ଜାଣେ ? କନ୍ତୁ ମୁଁ ଯାହା ଭାବେ, ସେଇଟା ହେଉଛି, "କାମନାର ବିନାଶରେ ଦୁଃଖର ନୁହେଁ, ଜୀବନର ବିନାଶ ହୋଇଥାଏ" କମ୍ବା କଥାଟାକୁ ତୁମେ ଏମିତି ବି କହିପାର, 'ଜୀବନର ବିନାଶ ପରେ କାମନାର ବିନାଶ' । ମଣିଷ ମଲ୍ପରେ କାମନା ବି ମରିଯାଏ । ମଲ୍ ମଣିଷର ଆଉ କଣ କଛି କାମନା ଥାଏ ? ଅସଲ କଥା ହେଲ୍, ଏଇ କାମନା ହିଁ ମଣିଷକୁ ଜୀବିତ ରଖିଛି । ଜୀଇବାର ଇଚ୍ଛା ଏକ କାମନା । ଭୋକ ଲ୍ଗିଲେ ଖାଇବାର ଇଚ୍ଛା ତ କାମନା, ଶୀତ ଲ୍ଗିଲେ ଘୋଡେଇ ହେବାର ଇଚ୍ଛା ବିତ କାମନା ! ଭଗବାନଙ୍କର ଆଶିର୍ବାଦ, କରୁଣା ପ୍ରାପ୍ତ କରିବାର ଇଚ୍ଛା ବି କାମନା । ଜୀବନରେ ସୁଖ ଭୋଗିବା, କଷ୍ଟ ନପାଇବା ବି କାମନା । ପରିବାରକୁ ସୁଖି ରଖିବା, ସନ୍ତାନଙ୍କୁ ଯୋଗ୍ୟ କରିବା ଏସବୁତ କାମନା ? କେଉଁ କାମନାର ବିନାଶ କରିବ ମଣିଷ ? ଆଉ ରହିଲ୍ କାମନାର ବିନାଶରେ ନର୍ବାଣ ବା ମୋକ୍ଷ ପ୍ରାପ୍ତି ହେବା କଥା । ତୁମକୁ ଗୃର୍ବାକଙ୍କର ଥିଓରୀ ବିଷୟରେ କହିଦେଉଛି, ଗୃର୍ବାକ କହନ୍ତି ; "ନ ସ୍ୱର୍ଗେ ନାପବର୍ଗେ ବା ନୈବାତ୍ମା ପରଲୌକକଃ । ନୈବ ବର୍ଣ୍ଣାଶ୍ରମାଦୀନାଂ କ୍ରୀୟାଶ୍ଚ

ଫଳଦାୟିକାଃ ।।" ଅର୍ଥାତ୍ ସ୍ୱର୍ଗ ଅବା ନର୍କ ଏପରି କଛି ସ୍ଥାନ ନାହିଁ, ନା ମୋକ୍ଷ ବୋଲି କଛି ଥାଏ, ନା ପରଲୋକ ଯିବା ପାଇଁ କଛି ଆତ୍ମା ଥାଏ । ନା ବ୍ରାହ୍ମଣ ଆଦି ଗ୍ଭରିବର୍ଗ ମାନସିକତା ଏବଂ ବ୍ରହ୍ମଚର୍ଯ୍ୟ, ଗର୍ହସ୍ଥ୍ୟ ଆଦି ଗ୍ଭରି ଆଶ୍ରମରେ ପାଳନ କର୍‌ଯାଇଥିବା କର୍ମର କୌଣସି ଫଳ ପରଲୋକରେ ମିଳଥାଏ । ଏ ସବୁ କେବଳ ଶୁଣାକଥା ଏହାର କେହି ପ୍ରତକ୍ଷଦର୍ଶୀ ନାହିଁ । ଗ୍ଭର୍ବାକ ଠିକ ତ କହିଛନ୍ତି । ଏ ସବୁ ତଥ୍ୟର କେହି ପ୍ରତ୍ୟକ୍ଷଦର୍ଶୀ ଅଛି ?

ଅସଲ କଥା କଣ ଜାଣିଛ ? ମଣିଷର ଅନେକ କାମନା, ଏବଂ ସେଇ ସବୁ କାମନାକୁ ପୂର୍ଣ୍ଣ କରିବାପାଇଁ ମଣିଷ କର୍ମ ବି କରେ, ଏବଂ କର୍ମଫଳ କାମନା ବି କରେ । ଇପ୍ସିତ ଫଳ ନମିଳଲେ ଭ୍ଭଙ୍ଗିପଡେ, ଦୁଃଖି ହୋଇଯାଏ, ଗୀତାରେ ଭଗବାନ କୃଷ୍ଣଙ୍କ ବାଣୀକୁ ଦୋହର୍‌ଏ। 'କର୍ମଣ୍ୟେବାଧିକାସ୍ତେ ମା ଫଳେଷୁ କଦାଚନ' । ଆମେ ଗୀତାର ଏଇ ବାଣୀଟିର ସବୁବେଳେ ମିସ-ଇଣ୍ଟରପ୍ରେଟେସନ କରିଆସିଛୁ । 'କାମ କରିଯାଅ ଫଳର ଆଶା କରନା' । କହିଲ ଦେଖି, ଫଳର ଆଶା ନଥିଲେ କଏ କାହିଁକ କର୍ମକରିବ ? ଦରମା ମିଳବାର ଆଶା ନଥିଲେ କଏ କାହିଁକ କାମ କରିବାକୁ ଯିବ ? ପାଶ୍ କରିବାକୁ କ ପରୀକ୍ଷାରେ ପୋଜିସନ ରଖିବାର ଆଶା ବା କାମନା ନଥିଲେ କଏ କାହିଁକ ପାଠପଢାରେ ଅଧିକ ପରିଶ୍ରମ କରିବ ? ଆମେ ଯେଉଁଟାକୁ କାମ କହୁ, ଅସଲରେ ସେଇଟା କାମନା ଦ୍ୱାର୍ ହିଁ ପ୍ରେରିତ ହୋଇଥାଏ । କର୍ମ ସର୍ବଦା ସକାମ । ବାକ ରହିଲ୍ କର୍ମଫଳର ଆଶା କରିବା । ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି 'କର୍ମଣ୍ୟେବାଧିକାରସ୍ତେ' ଅର୍ଥାତ୍ ତୁମର ଅଧିକାର କେବଳ ତୁମର କର୍ମ କରିବା ପର୍ଯ୍ୟନ୍ତ ସୀମିତ । କର୍ମ ମଣିଷର ଅଧୀନ, ସେପରି ଫଳ ପ୍ରଦାନ କରିବା ଅନ୍ୟ ବ୍ୟକ୍ତିର ଅଧୀନରେ ଥାଏ । ଯେପରି ତୁମେ ପରୀକ୍ଷା ଦେଲ । ସେଇଠି ତୁମର ଅଧିକାର ସୀମା ସମାପ୍ତ । ତାପରେ ଫଳଦେବା ଅଧିକାର ପରୀକ୍ଷକ ହାତରେ । କର୍ମ ଯଦି ଠିକ୍ ଭ୍ଭବେ କର୍‌ଯାଇଛି ଫଳ ମଧ ଉତ୍ତମ ମିଳବ, ଏଥିରେ ଆଶା ନର୍‌ଶାର ପ୍ରଶ୍ନହିଁ ନାହିଁ । କନ୍ତୁ ଆମେ ସବୁ ଓଲଟାକରୁ, ଆମେ କର୍ମକରୁ ଏବଂ ସଙ୍ଗେ ସଙ୍ଗେ ଫଳବି ଆମ ଅଧିକାରରେ ଥିଲ୍‌ଭଳ ମନେକରୁ । ସେଇଠି ଆମେ ଦୁଃଖକୁ ଆମନ୍ତ୍ରଣ ଦେଇଦେଉ । ଆମ୍ ସମୀକ୍ଷା କରୁନା, ହୁଏତ ଆମର କର୍ମରେ କୌଣସି

ତୃଟି ରହିଯାଇଛି, ତାହା ଖୋଜିବାକୁ ଚେଷ୍ଟା କରୁନା । ପୁନଃପ୍ରଚେଷ୍ଟା କରୁନା । ନିରାଶ ହୋଇଯାଉ ଭାଗ୍ୟ ଆଉ ଭଗବାନଙ୍କୁ ଦୋଷ ଦେଇଦେଉ ।

କୌଣସି କାର୍ଯ୍ୟ, ବିନା କାମନାରେ ଆରମ୍ଭ ହୁଏନା । କିଛି ପାଇବାର ଇଚ୍ଛା ରଖିତ ମଣିଷ କର୍ମ କରେ । ସବୁ କର୍ମ ପଛରେ ଏକ ଉଦ୍ଦେଶ୍ୟ ଥାଏ, ତେଣୁ ନିଷ୍କାମ କିଛିବି ନଥାଏ । ଭିକାରୀକୁ ଭିକ୍ଷା ଦେବା ପଛରେ ଆମ ମନରେ ଧର୍ମ ଅର୍ଜନର କାମନା ଥାଏ । ମନ୍ଦିରକୁ ଦିଅଁ ଦର୍ଶନ କରିବାକୁ ଗଲେ, ଆମ ମନରେ ଭଗବାନଙ୍କ ପାଇଁ ଭକ୍ତି ଅପେକ୍ଷା କିଛି ପ୍ରାପ୍ତିର କାମନା ଅଧିକ ଥାଏ । ସନ୍ତାନକୁ ଭଲ ସ୍କୁଲରେ ପଢାଇବାରେ ବି ଆମର ସ୍ୱାର୍ଥ ଏବଂ କାମନା ଜଡିତ ଥାଏ । ବନ୍ଧୁମାନଙ୍କ ଆଗରେ ବାହାଦୂରୀ ଦେଖେଇ ହେବା ମୋ ପିଲା ଅମୁକ ସ୍କୁଲରେ ପଢେ ଏଥିରେ ନିଜକୁ ଦେଖେଇ ହେବାର କାମନାଥାଏ । ମଣିଷ ଯେ ପର୍ଯ୍ୟନ୍ତ ଜୀବିତ ଅଛି ତାର କାମନା ତା ସହିତ ରହିବଇ ରହିବ । କାମନାର ବିନାଶ ସିନା ହୋଇପାରିବନି କିନ୍ତୁ ସେଥିରେ ଅଂକୁଶ ନିଶ୍ଚୟ ଲଗାଇ ହେବ ।

ବୁଝିଲ, ଆଜି ମଣିଷ ନିଜର ମୌଳିକ ଆବଶ୍ୟକତାକୁ ଭୁଲିଯାଇଛି । ମଣିଷର କିଛିବି ଅସୁବିଧା ନାହିଁ, ଖାଲି ତା ପାଇଁ ଆବଶ୍ୟକତାର ପରିଭାଷା ବଦଳି ଯାଇଛି । ମଣିଷର ଆବଶ୍ୟକତା କେବଳ ତାର ମୌଳିକ ଆବଶ୍ୟକତା ମଧ୍ୟରେ ସୀମିତ ରହିଯାଇନି । ମନେକର ଯେମିତି ମଣିଷକୁ ଭୋକଲାଗେ, ଖାଇବା ଅର୍ଥ କେବଳ କ୍ଷୁଧା ଶାନ୍ତ କରିବା । କିଛିବି ସ୍ୱାସ୍ଥ୍ୟକର ଖାଦ୍ୟଖାଇ ପେଟ ଭରାଯାଇ ପାରିବ । ମୁଠାଏ ଭାତ, କି ଦୁଇ ପଟ ରୁଟିରେ ମଣିଷର ପେଟ ଭରିଯାଏ, ଭୋକ ବି ଶାନ୍ତ ହୋଇଯାଏ । କିନ୍ତୁ କେବଳ ଭୋକ ମାରିବା କିଏ ଚାହୁଁଛି ? ଜିଭକୁ ସୁଆଦ ବି ଦରକାର, ମନକୁ ବିରିଆନିର ବାସ୍ନା ପାଗଳ କରିଦିଏ, ମଣିଷକୁ ପେଟ ପାଇଁ ଆହାର ନୁହେଁ ପାଟିପାଇଁ ସ୍ୱାଦିଷ୍ଟ ବ୍ୟଞ୍ଜନ ଦରକାର । ଆମେ କେବଳ କ୍ଷୁଧାକଥା ଭାବୁନା, ଆମେ ଭାବୁ ସ୍ୱାଦିଷ୍ଟ, ରୁଚିକର ଆଉ ମହାର୍ଘ୍ୟ ଭୋଜନ। ସ୍ୱାସ୍ଥ୍ୟର କଥା, ସ୍ୱାସ୍ଥ୍ୟ ବର୍ଦ୍ଧକ ପୁଷ୍ଟିକର ଖାଦ୍ୟ କଥା, ମନରେ ଆସେନା । ସେମିତି ଆମର ବ୍ୟସନ, ଆମକୁ ଶରୀର ଘୋଡେଇ ହେବାକୁ କେବଳ ଲୁଗା ନୁହେଁ ବରଂ ଫେସନ କରିବାକୁ ମହଙ୍ଗା ରଙ୍ଗ ବେରଙ୍ଗର ପୋଷାକ ଦରକାର । ଶରୀର ଆବୃତ ହେଉ ବା ନହେଉ, କିଛି ଯାଏ ଆସେନା । ଶରୀର ଢାଙ୍କିବାକୁ ଯାଇ ଆମେ ନଗ୍ନତା ଆଡକୁ

ଗତିକରୁ। କେତେ ଅଧିକ ଢାଙ୍କିବୁ ନଭାବି କେତେ ଅନାବୃତ ରଖିପାରିବୁ ସେକଥା ଫେସନ ଡିଜାଇନ୍ କଲାବେଳେ ଧ୍ୟାନରେ ରଖୁ । ମଣିଷ ନଜର ମୁଣ୍ଡ ଗୁଞ୍ଜିବାକୁ ଛାତଟିଏ ଲୋଡେ, ସେଇଟା ଛାଳ ଛପର କ ଲୁହା ସିମେଣ୍ଟର କଛି ଫରକ ନଥାଏ, କନ୍ତୁ ମଣିଷ ଗ୍ୱହେଁ ଗ୍ୱଜାଉଆସ ପରି ମହଲ । ଆଜି ମଣିଷ ମୌଳକ ଆବଶ୍ୟକତାର ଅଭାବରୁ କମ୍ ଦୁଃଖି ଏବଂ ବିଳାଶ ପୂର୍ଣ୍ଣ ଜୀବନର ଲାଳସା କାରଣରୁ ବେଶି ଦୁଃଖି । ନେସେସିଟି ଏବଂ ଲକଜୁରୀ ଭିତରେ ଥିବା ଫରକ ଆମକୁ ଜାଣିବାକୁ ହେବ । ଯାହା ଅଛି ସେଥିରେ ଖୁସିରହିବା ଏବଂ ସୁଖିହେବା ଶିଖିବାକୁ ହେବ । ଯାହା ନାହିଁ ତାପାଇଁ ଚେଷ୍ଟା ଅବଶ୍ୟ କରବା, କନ୍ତୁ ତା ପାଇଁ ଦୁଃଖି ନହେବା ହିଁ ସୁଖର ମାର୍ଗକୁ ସୁଗମ କରିଦିଏ । ସବୁଠାରୁ ବଡକଥା ଜୀବନରେ ସନ୍ତୁଷ୍ଟ ରହି ଜାଣିଲେ ଦୁଃଖ କେବେ ବି ପାଖ ମାଡିବନ ।

ଜୀବନବାବୁ ମନ୍ତ୍ରମୁଗ୍ଧ ହୋଇ କେଉଁ ସାଧୁଙ୍କର ପ୍ରବଚନ ଶୁଣିଲା ପରି ଚୁପ୍ ହୋଇ ସବୁ ଶୁଣୁ ଥାଆନ୍ତି । ଶେଷରେ କହିଲେ, ସୁମିତ୍ରା ତୁମେ ଏଇ ଅଧ୍ୟାପିକା ଗ୍ୱକରୀ ଛାଡିଦିଅ । ସୁମିତ୍ରା ଦେବି ଆଶ୍ଚର୍ଯ୍ୟହୋଇ ଜୀବନବାବୁଙ୍କ ମୁହଁକୁ ଏକ ପ୍ରଶ୍ନିଳ ଆଖିରେ ଗ୍ୱହିଁ ରହିଲେ, ପଗ୍ୱରିଲେ କାହିଁ ? ଜୀବନବାବୁ ଟିକଏ ହସିଦେଇ କହିଲେ, ତୁମେ ଏତେ ସୁନ୍ଦର ଭାବେ କଥାଟିକୁ ବୁଝେଇଦେଲ, ହୁଏତ ଆଉ କେହି ଏପରି ବୁଝେଇ ପାରି ନଥାନ୍ତା । ଆଜିକାଲି କେତେ ଭଣ୍ଡବାବା ଓଲଟା ସିଧା ପ୍ରବଚନ ଦେଇ ଲୋକଙ୍କୁ ଭୂଆ ବୁଲାଉଛନ୍ତି । ତୁମେ ପ୍ରବଚନ ଦେଲେ ଲୋକେ କଛି ଭଲକଥା ତ ଶିଖିପାରିବେ, ତାପରେ ସୁମିତ୍ରା ମାତାଙ୍କର ଜୟବାନା ବି ଉଡିବ । କେତେ ଭକ୍ତ ଜମା ହେବେ, ଜୟ ଜୟକାର ହେବ । ସୁମିତ୍ରା ମାତାଙ୍କର ଆଶ୍ରମ, ମନ୍ଦିର, ୟୁନଭରସିଟି, ମେଡିସିନ, ଧୂପକାଠୀ ଠାରୁ ଦନ୍ତମଞ୍ଜନ ପର୍ଯ୍ୟନ୍ତ ସବୁ ବନଯିବ । ତୁମେ ଷ୍ଟାର ସେଲେବ୍ରିଟି ହୋଇଯିବ । ସୁମିତ୍ରା ଦେବି ଟିକେ ହସିଦେଇ କହିଲେ, ଥାଉ ବାବା, ମୋର କଛି ବାବା, ମାତା ହେବା ଦରକାର ନାହିଁ । ଏମିତିରେ ମୁଁ ଠିକ୍ ଅଛି । ବହୁତ ଖୁସି ଅଛି ।

କଟ୍ ସ୍କୋୟାର, ପଟିଆ, ଭୁବନେଶ୍ୱର

# ସଂଘର୍ଷମୟ ଜୀବନ



ଭାସ୍କର ଚନ୍ଦ୍ର ଖଣ୍ଡା

ବହୁମୂଲ୍ୟ ସମ୍ପଦ ରୂପେ ପରିଗଣିତ
ଧରି ରଖିବା
ଯାହାକୁ ଅସମ୍ଭବ
ସେଇ ସମୟର ତାଳରେ
ଜୀବନର ଛନ୍ଦେ ଛନ୍ଦେ
ମଣିଷ ସଂଘର୍ଷରତ |୧|

ରହିଛନ୍ତି ଅନାଇ ସଭିଏଁ
କେଉଁ ଏକ ଶୁଭ ମୁହୁର୍ତ୍ତକୁ
ଆସିବା ନ ଆସିବାର
ଅନଷ୍ଚିତତାରେ
ହୋଇଯିବ ସବୁ ଠିକ୍ ବୋଲି
ସବୁ ଦୁଃଖ
ହେବ ସୁଖରେ ପରିବର୍ତ୍ତନ
ଅଡୁଆ ତଡୁଆ ସମସ୍ୟାର
ମିଳଯିବ ସମାଧାନ
ଏଇ ଆଶାତ ଜୀବନ |୨|

ଆସିବକି ସତରେ
ଏଭଳି ଏକ ସମୟ
ଅସମାପ୍ତ କାମରେ
ପଡିଯିବ ପୂର୍ଣ୍ଣଛେଦ
ଘରେ ବାହାରେ
ହୋଇଯିବ ସବୁ ସମସ୍ୟାର ନିରୂପଣ
ସଭିଙ୍କ ସନ୍ତାନ ସନ୍ତତି
ପାଇଯିବେ କର୍ମ ନିଯୁକ୍ତି ।୩।

ନା ...
ଆସେନା କେବେ ସେ ମୁହୂର୍ତ୍ତ
ଲୁଚାଇ ଉଦାସ ବିହୀନ ମୁଖମଣ୍ଡଳ
ଦେଖାଇ ହସ ହସ ଚେହେରା
ସେଇ ହସ ଭିତରେ
ସଭିଏଁ ଏଠି ପ୍ରତୀକ୍ଷାରତ
ମରୀଚିକା ସମ ସେଇ ଶୁଭ ମୁହୂର୍ତ୍ତର ।୪।

ଗଳିଛି ସମୟ ଗଡ଼ି ଗଡି
ବୁଢିଆଣୀ ବାନ୍ଧୁଛି ବସା
ଧରିବାକୁ ତା ଆହାର
କେତେ ଅକ୍ଲାନ୍ତ ପରିଶ୍ରମରେ
ଗଢା ତାର ବସା
ଯାଉଛି ଭାଂଗି ଅନାୟାସରେ
ପୁଣି ନୂଆ ଉଦ୍ଦୀପନା
ଜୀବନଟା ଆରମ୍ଭରୁ ଶେଷ
ସତେ ଅବା ପ୍ରଚେଷ୍ଟାରତ
ସଂଘର୍ଷମୟ କର୍ମର ଏକ ସମାହାର ।୫।

ସଂଘର୍ଷର ଅନ୍ୟ ନାମ ଜୀବନ
ହୁଏ ଯଦି ବଂଚବାକୁ
କରିବାକୁ ପଡ଼େ ତାକୁ
ନୂଆ ନୂଆ ଆବିଷ୍କାର
ଏଡସ କର୍କଟ ସହିତ
କରୋନା ଭାଇରସର ଉପଦ୍ରବ        |୬|

ଢେଉ ମାଡରେ ବାଲିଘର
ଯାଉଛି ଭାଂଗି ପ୍ରତିକ୍ଷଣେ
ପରିବର୍ତ୍ତନଶୀଳ ସମାଜ
ସମୟର ତାଳରେ
ଗ୍ଭଲିଛି ଜୀବନ ତା ବାଟରେ
ସଭିଏଁ ସଂଘର୍ଷରତ
ସର୍ବଦା ଅନ୍ୱେଷଣରତ
ପାଇବେ ବୋଲି ଖୋଜି
ସୂତ୍ର ସବୁ ସମାଧାନର
କରିବାକୁ ତା'ର ଆବିଷ୍କାର
ଏଇତ ପରିଭାଷା
ସଂଘର୍ଷମୟ ଜୀବନର    |୭|

ରୋଡ୍ ନମ୍ବର ୩, ଜଗନ୍ନାଥ ନଗର
ଭୁବନେଶ୍ୱର

# ଦରଦି ଦରଦ କବି ମନ



ଆଶୁତୋଷ ମେହେର

କବି ର ମନଟା ଦରଦରେ ଭର୍
ପର ଦୁଃଖେ ଭିଜା ଭୂଇଁ
ପର ବେଦନାରେ କବିତା ଭଣଇ
ସମବେଦନା ରେ ବାଇ ।
ଆନ ଦୁଃଖ-ଭ୍ୱର ହୃଦୟରେ ଧରି
ଓଠେ ଭରି ଦିଏ ହସ
ପର କଷ୍ଟ ଘୋଳ ଅମୃତ ତିଆରେ
ନିଜେ ଢୋକ ଦେଇ ବିଷ ।
ତାତିଲ୍ ନିଶ୍ୱାସ କୋହ ଦୁଃଖ କାନ୍ଦ
ଚୁମ୍ବକ ପରିବା ଟାଣେ
ଶୀତଳ ଜୋଛନା ବିତରି ଦିଏ ଯେ
ଫଗୁଣ ମଳୟ ବଣେ ।
ଦୁଃଖ ପାଲଟେ ତା' କବିତା ସ୍ୱରଶେ
ମରୁଦ୍ୟାନ ଝର ନୀର
ସଭିଁଏ ତା' ପାଇଁ ସାଥୀ ସହୋଦର
କେହି ନୁହେଁ ଆନ ପର ।
ପରକୁ ଆନନ୍ଦ କରି ବିମୋହିତ
ଜୀବନେ ଢଳଇ ରସ
ମନ ଉପବନେ ବୋଳ ଦିଏ ରଙ୍ଗ
ଆନର ଓଠରେ ହସ ।

ଆର୍ଯ୍ୟପଲ୍ଲୀ, କଟ ଛକ,
ପଟିଆ, ଭୁବନେଶ୍ୱର

# ପଶୁବଳି



ରାଜକିଶୋର ସାଇଁ

କାହିଁ କେଉଁକାଳୁ ପାଆନ୍ତି ପୂଜା
ଏ ସାରା ମୁଲକେ ମା ଦଶଭୂଜା
ନିର୍ମଳ ଶରତେ ଅପୂର୍ବ ଶୋଭା
ବରଷକେ ଥରେ ହୁଅନ୍ତି ଉଭା ।୧।

ସମାଜରୁ ଦୂର ପାଇଁ ଅନ୍ୟାୟ
ଅସତ୍ୟ ଉପରେ ସତ୍ୟର ଜୟ
ଜାତ ପାଇଁ ହୃଦେ ଧର୍ମ ଭାବନା
ଶାନ୍ତି, ପ୍ରୀତି, ପ୍ରେମ ଆଉ କରୁଣା ।୨।

କାମ, କ୍ରୋଧ, ଲୋଭ ଆଉ ଗରବ
ମୋହ, ଇର୍ଷା ଗୁଣ ପଶୁ ସ୍ୱଭାବ
ତେଜିବାକୁ ଏ ଛ ରିପୁ ମାନବ
ବାର୍ତ୍ତା ଦିଏ ଶାରଦୀୟ ପରବ ।୩।

ଏ ଭାବଧାରାକୁ ଭୁଲି ମଣିଷ
ଅନ୍ଧ ବିଶ୍ୱାସର ହୋଇ ସେ ବଶ
ପଶୁବଳି ଦିଏ ଦେବୀଙ୍କ ଆଗେ
ମନୋବାଞ୍ଛା ପୂର୍ଣ୍ଣ ପାଇଁ ସରାଗେ ।୪।

ଦେବୀ ପୀଠ ହୁଏ ରକ୍ତ ରଞ୍ଜିତ
ନିର୍ଦ୍ଦୟତା ମନେ ହୁଅଇ ଜାତ
ଦୁର୍ଗତି ନାଶିନୀ ମା ଦୟାମୟୀ
କାହାରି ରକତ ଗ୍ରହାନ୍ତି ନାହିଁ ।୫ ।

ପଶୁ ପକ୍ଷୀ ବୃକ୍ଷ ଆଉ ମଣିଷ
ପରସ୍ପର ପାଇଁ ପରିପୂରକ
ଏକ ବ୍ୟତିରେକେ ଆନ ଜୀବନ
ବଞ୍ଚିବା ଏ ଭବେ ଅତି କଠିନ ।୬ ।

ଜୀବେ ଦୟା ହେଉ ଆମର ପଣ
ସଭିଏଁ କରିବା ଗୃର୍ରେପଣ
ଆମ ଆଦି ଗ୍ରନ୍ଥ ଆଉ ସଂସ୍କୃତି
ଜଗତ ହିତରେ ଗାଏ ଏ ଗୀତି ।୭ ।

ପଶୁ ବଳି ତେଜି କଲେ ଭକତି
ବଳି ଦେଲେ ଆମେ ପଶୁ ପ୍ରବୃତ୍ତି
ଚନ୍ଦ୍ରମା ସାଜି ସେ କରିବେ ଦୂର
ଜୀବନ ନିଶିର ଅମା ଅନ୍ଧାର ।୮ ।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

# ଫିକା ଫିକା ଏଇ ଜହ୍ନ ରାତି



ଶାନ୍ତିଲତା ମିଶ୍ର

ଲୋ ଶ୍ରାବଣୀ ! ତୋର ତୁଳତଳ୍ପ ଶଯ୍ୟା
ଆଜି କାହିଁ ଲାଗେ ଏତେ ଓଦା !
ଭ୍ରାନ୍ତ ପଥୀକ କେହି ଦ୍ୱାରସ୍ଥେ ତୋର ଅତିଥୀ ହୋଇ
ରଖି ପାରିଲାନ କ ତାର ଦେଇ ଯାଇଥିବା କଥା !!
ପ୍ରତିଶୃତି ତାର ମିଳେଇଗଲା କ ଅମାନଆ
ଅଦିନା ପବନର କ୍ଷିପ୍ର ଗତିରେ ।
ତୋ ରାତି କାହିଁ ଏତେ ଅନ୍ଧାରରେ ଭରା
କାହିଁ ଏତେ ନଶବ୍ଦ ନରବ ସ୍ଥିତିରେ ||
ତୋ ସୁନ୍ଦର ଆକାଶେ ମଳନ ଦିଶେ ଜହ୍ନ ରାତି
କାହିଁ ଲାଗେ ଏତେ ଫିକା ଫିକା ।
ଉଦାସୀନ ପାରିପାର୍ଶ୍ୱ ତୋର, ବାନ୍ଧି ପାରିଲୁନ କ ରଖି
କାହାକୁ ତୋର ଏଇ ଛିଟ ପାଟ ପଣତ କାନରେ ||
ଝରୁଥିବା ଲୁହ ତୋର ନଈ ହୋଇ ବହି ଯାଏ
କାହିଁ କେତେ ଦୂର ଦୂରାନ୍ତକୁ ।
ତୋର ଏ ଦୁର୍ଦଶା ଦେଖି ହୁଏ ନାହିଁ, ସହି ହୁଏ ନାହିଁ
ଛୁଁଏ ମୋର ଦରଦୀ ଆତ୍ମାକୁ ||
ସାନ୍ତ୍ୱନା ଦେବାକୁ ଇଛା ଥିଲେ ବି ମୋର, ତତେ
ଦେଇ ପାରୁ ନାହିଁ କଛି ।
ଭୁକ୍ତଭୋଗୀ ମୁହିଁ, ଭାଷା ଗୁଚ୍ଛ କଛି ସଜାଇ ନପାରି
ଆଜି ନରବେ ଫେରୁଛି ||

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା

# ଓମାହା' ର ଦ୍ୱିତୀୟ ବିଲିୟନାୟାର



ଶଶଧର ମହାପାତ୍ର

"ଅର୍‌କଲ ଅଫ୍ ଓମାହା' ଭାବେ ଜଣାଶୁଣା ଯିଏ ତାଙ୍କ ନାଁ ହେଉଛି "ଓ୍ୱାରେନ୍ ବଫେ'| ତାଙ୍କୁ ଏହି ନାମ କରଣରେ ବିଭୂଷିତ କାର୍‌ଯାଇଥିଲା । ପୃଥିବୀର ଜଣେ ବଡ ଧନୀ ଲୋକଙ୍କ ମଧ୍ୟରେ ସେ' ହେଉଛନ୍ତି ଜଣେ । ତାଙ୍କ ନମ୍ବର ବେଳେବେଳେ ନମ୍ବର ଏକ କ ନମ୍ବର ଦୁଇ କ ନମ୍ବର ତିନ । ସେ' ନମ୍ବର ଯାହାହେଉ ପଛେ ସେ' ଜଣେ ବିଲିୟନାୟାର ଏଥିରେ ସନ୍ଦେହ ନାହିଁ । ବିନା ତର୍କରେ ଏବଂ ନଶ୍ଚିତ ଭାବରେ କହିହେବ ଯେ ସେ' ପୃଥିବୀର ସବୁଠୁଁ ବଡ ନାଁକର୍ ଷ୍ଟକ ମାର୍କେଟ ଇନଭେଷ୍ଟର । ତାଙ୍କ କଂପାନ ନାଁ ହେଉଛି "ବର୍କସାୟାର ହାଥେଓ୍ୱ' ଏବଂ ସିଏ ହେଉଛନ୍ତି ଏ' କଂପାନର ଚେୟାରମ୍ୟାନ ଓ ସି.ଇ.ଓ। ସେ' ଜଣେ ସଫଳ ବ୍ୟକ୍ତି ଏବଂ ୮୦-୯୦ ବିଲିୟନ ଡଲାର ସଂପତ୍ତିର ମାଲିକ ।

ତାଙ୍କ ଘର ହେଉଛି ଆମେରିକାର ମିଡ୍‌ଓ୍ୱେଷ୍ଟରେ "ନେବ୍ରାସ୍କା' ରାଜ୍ୟରେ ଥିବା "ଓମାହା' ସହରରେ । ତାଙ୍କ ବାପା "ହାଓ୍ୱାର୍ଡ ବଫେ' ଜଣେ ରିପବ୍ଲିକାନ କଂଗ୍ରେସ ମ୍ୟାନ ଥିଲେ ଓ ଓ୍ୱାସିଙ୍ଗଟନ ଡି.ସି.ରେ ରହୁଥିଲେ । ସେ' ଓ୍ୱାସିଙ୍ଗଟନ ଡି.ସି.ରେ ଥିବା "ଉଡ୍ରୋ ଉଇଲ୍‌ସନ୍' ହାଇସ୍କୁଲରେ ପାଠ ପଢୁଥିଲେ । ହାଇସ୍କୁଲ ପାଶ୍ କରିସାରିଲାପରେ ସେ' ତାଙ୍କ ବାପାଙ୍କ କଥା ମାନ "ୟୁନଭରସିଟି ଅଫ୍ ପେନ୍‌ସିଲିଭାନଆ'ର "ହ୍ୱାରଟନ୍ ବିଜିନେସ୍ ସ୍କୁଲ୍'ରେ ପଢିବାକୁ ଗଲିହିଁଥିଲେ । ଦୁଇ ବର୍ଷ ପରେ ସେ' ଜାଣିଗଲେ ଯେ ସେ' ତାଙ୍କ ପ୍ରଫେସରମାନଙ୍କ ଠାରୁ ବେଶୀ ଜାଣିଛନ୍ତି । ସେହି ବର୍ଷ ତାଙ୍କ ବାପା କଂଗ୍ରେସନାଲ ଇଲେକ୍ସନରେ ହାରିଗଲେ । ତେଣୁ ସେ' ତାଙ୍କ ଘର ନେବ୍ରାସ୍କାକୁ ଟ୍ରାନ୍‌ସ୍‌ଫର କରିନେଇ "ନେବ୍ରାସ୍କା ୟୁନଭରସିଟି' ର "ବିଜିନେସ୍ ସ୍କୁଲରେ ପାଠ ପଢିଲେ । ସେ' ପ୍ରଥମେ "ନେବ୍ରାସ୍କା

ୟୁନିଭରସିଟି'ରୁ "ବିଜିନେସ୍ ଆଡମିନିଷ୍ଟ୍ରେସନ'ରେ ବ୍ୟାଚେଲର ଡିଗ୍ରୀ ଓ ପରେ "ନ୍ୟୁୟର୍କ'ର "କଲମ୍ବିଆ ୟୁନିଭରସିଟି" ରୁ ମାଷ୍ଟର ଡିଗ୍ରୀ "ଇକନମିକ୍ସ'ରେ କରିଥିଲେ ।

"ଓ୍ୱାରେନ୍' "ଓମାହା' ସହରରେ ରୁହନ୍ତି ଓ କାମ କରନ୍ତି । ତାଙ୍କ ବାପା ମଧ୍ୟ ଜଣେ ଷ୍ଟକ ବ୍ରୋକର ଥିଲେ ଯାହାଙ୍କଠାରୁ ସେ' ଷ୍ଟକ ଟ୍ରେଡିଂ ବିଷୟରେ କିଛି ଜ୍ଞାନ ଅର୍ଜ୍ଜନ କରିଥିଲେ । ପିଲାଦିନୁ ବ୍ୟବସାୟ ଓ ପଇସା ପ୍ରତି ତାଙ୍କର ବେଶୀ ଆଗ୍ରହ ଥିଲା । ତାଙ୍କୁ ଯେତେବେଳେ ୧୧ ବର୍ଷ ହେଉଥିଲା, ସେ' ତାଙ୍କର ପ୍ରଥମ ଷ୍ଟକ ଟ୍ରେଡିଂ ଆରମ୍ଭ କରିଥିଲେ । ଭଲଭଲ ନାଁ କରା କଂପାନି ଯଥା "କୋକାକୋଲା', "ଜିଲେଟ୍', "ଡାଏରୀ କୁଇନ୍', "ଜେନେରାଲ୍ ଇଲେକ୍ଟ୍ରିକ୍' ଇତ୍ୟାଦି କଂପାନି ଷ୍ଟକରେ ଇନଭେଷ୍ଟ କରି ଆଜି ସେ' ଏଠି ପହଞ୍ଚିଛନ୍ତି । ତାଙ୍କ ଷ୍ଟ୍ରାଟେଜି ଥିଲା ଲଙ୍ଗ୍-ଟର୍ମ ଇନ୍‌ଭେଷ୍ଟମେଣ୍ଟ । ସେ' ମଧ୍ୟ ପ୍ରତି ବର୍ଷ ସମାଜର କଲ୍ୟାଣପାଇଁ କିଛି ବିଲିୟନ ଡଲାର "ବିଲ୍ ଗେଟ୍ସ ଓ ମିଲାଣ୍ଡା ଗେଟ୍ସ୍ ଫାଉଣ୍ଡେସନ'କୁ ଦାନ ଦିଅନ୍ତି । ସେ' ତାଙ୍କର ସମସ୍ତ ସଂପତ୍ତିର ୯୯ ଭାଗ ଦାନ କରିଦେବେ ବୋଲି ଶପଥ ନେଇଛନ୍ତି । "ବିଲ୍ ଗେଟ୍ସ' ମଧ୍ୟ ପୃଥିବୀର ଆଉ ଜଣେ ବିରାଟ ଧନୀ । ସେ' ହେଉଛନ୍ତି "ମାଇକ୍ରୋସଫ୍ଟ' କଂପାନିର ପ୍ରତିଷ୍ଠାତା । ତାଙ୍କ ସ୍ଥାନ ମଧ୍ୟ ପୃଥିବୀର ଧନୀ ଲୋକଙ୍କ ଭିତରେ ପ୍ରଥମ କି ଦ୍ୱିତୀୟ ସ୍ଥାନରେ । ସେ' ଓ ତାଙ୍କ ପତ୍ନୀ "ମିଲାଣ୍ଡା' ମଧ୍ୟ ବିଲିୟନ ବିଲିୟନ ଡଲାର ଦାନ ଦେଇଆସିଛନ୍ତି । "ବିଲ୍ ଗେଟ୍ସ' ତାଙ୍କ କଲେଜ ପଢା ସାରି ନଥିଲେ । ଅର୍ଥ ଉପାର୍ଜ୍ଜନ କ୍ଷମତା କାହାର ଶିକ୍ଷାଗତ ଯୋଗ୍ୟତା ଉପରେ ନିର୍ଭର କରେନି।

ଆଉ ଜଣେ ଉଦଯୋଗୀ ଇନଭେଷ୍ଟର ଯାହାଙ୍କ ନାଁ ହେଉଛି "ଗ୍ରାର୍ଲସ୍ ସ୍ମିଥ୍' । ସେ' ମଧ୍ୟ "ଓମାହା' ର ଜଣେ ଲୋକ ଯାହାଙ୍କୁ ଅଧିକାଂଶ ଲୋକେ ଚହ୍ନି ନାହାଁନ୍ତି କି ଜାଣି ନାହାଁନ୍ତି । "ଗ୍ରାର୍ଲସ୍'ଙ୍କ ନାଁ ପୃଥିବୀର ଧନୀ ତାଲିକାରେ ଗଣା ନହେଲେ ବି "ଫୋର୍ବସ୍' ମାଗାଜିନ୍‌ର ପ୍ରଥିବୀର ବିଶିଷ୍ଟ ୨୦ ଧନୀ ଲୋକଙ୍କ ତାଲିକାରେ ନଥúଲେ ବି ସେ' ଜଣେ ଧନୀ ଲୋକ ବୋଲି ମାନିବାକୁ ପଡିବ । "ଓ୍ୱାରେନ୍' ଓ "ଗ୍ରାର୍ଲସ୍' ଦିହିଁଙ୍କର ଜନ୍ମ ଏକା ରାଜ୍ୟରେ ଓ ଏକା ସହରରେ । ଏକା କଲେଜରୁ ପାଠ ପଢିଛନ୍ତି, ଦିହିଁଙ୍କର ଏକା ଡିଗ୍ରୀ । ଜଣେ ଆକାଶକୁ ଛୁଇଁଥିଲା ବେଳେ ଆର ଜଣକ ମାଟିକୁ ଛୁଇଁଛି । ତଥାପି "ଗ୍ରାର୍ଲସ୍'ଙ୍କର ସଂପତ୍ତିର ମୂଲ୍ୟ ପ୍ରାୟ ୯୦୦ ମିଲିୟନ ଡଲାର ।

"ଗ୍ବର୍ଲସ୍' ପିଲାଥିଲାବେଳେ ଏତେ ଗରିବ ଥିଲେ ଯେ ତାଙ୍କ ବାପା-ମା' ତାଙ୍କୁ ଏକ କାମରେ ଲଗେଇଥିଲେ । ସେ' ସକାଳେ ସ୍କୁଲକୁ ଯିବା ପୂର୍ବରୁ ଖବର କାଗଜ ପଡୋଶୀମାନଙ୍କ ଘରେ ବାଣ୍ଟି କଛି ଅର୍ଥ ଉପାର୍ଜ୍ଜନ କରୁଥିଲେ । ଯେହେତୁ ସେ' ଜୀବନରେ ବହୁତ କଷ୍ଟ କରିଥିଲେ ତେଣୁ, ସେ' ପଇସାର ମୁଲ୍ୟବୋଧ ବେଶ୍ ବୁଝି ପାରିଥିଲେ । କଛି ବଦଖର୍ଚ୍ଚ କରୁ ନଥିଲେ । ତାଙ୍କୁ ଯେତେବେଳେ ୨୮ ବର୍ଷ ହେଇଥିଲା ସେତେବେଳେ ତାଙ୍କର ହାଇସ୍କୁଲ ସୁଇଟ୍‌ହାର୍ଟକୁ ବିବାହ କରିଥିଲେ । ଦିହେଁ ଏକା କ୍ଲାସରେ "ମିଲ୍‌ଫର୍ଡ କ୍ରେଷ୍ଟ ହାଇସ୍କୁଲ୍' ରେ ପାଠ ପଢୁଥିଲେ । "ଗ୍ବର୍ଲସ୍' ଜଣେ ମେଧାବୀ ଛାତ୍ର ଥିଲେ । "ସ୍ପେଲିଂ ବି', "ଜିଓଗ୍ରାଫି ବି', "ସାଇନ୍‌ସ ଅଲମ୍ପିଆଡ', "ମ୍ୟାଥ ଅଲମ୍ପିଆଡ' ରେ ଭାଗ ନେବା ସହିତ ସେ' ଭଲ ସୁଇମିଂ ମଧ କରିପାରୁଥିଲେ ଓ ହାଇସ୍କୁଲରେ ବିଭିନ୍ନ ପ୍ରତିଯୋଗୀତାରେ ଜିତୁ ଥିଲେ । ଏ' ସବୁ ଭଲ ଗୁଣ ଯୋଗୁ ତାଙ୍କ କ୍ଲାସମେଟ୍ "ସୋଫିଆ ଜନ୍‌ସନ୍' ତାଙ୍କୁ ଭଲ ପାଉଥିଲେ । "ସୋଫିଆ' ଜଣେ ଧନୀକ ଦୁଲାଳ ଥିଲେ । କନ୍ତୁ, "ଗ୍ବର୍ଲସ୍'ଙ୍କ ବ୍ୟକ୍ତିତ୍ୱ ତାଙ୍କୁ ବହୁତ ଆକର୍ଷଣ କରିଥିଲା । "ସୋଫିଆ' ଜଣେ ଧନୀ ଘରର ଝିଅ ହେଲେବି ତାଙ୍କର ଧନ ପାଇଁ କେବେ ଗର୍ବ ନଥିଲା । ସେ' ଜଣେ ସ୍ନେହୀ, ମେଳାପି ଓ ସରଳ ପ୍ରକୃତିର ଝିଅଟିଏ । ତେଣୁ ତାଙ୍କର ପ୍ରେମ ନବେଦନ "ଗ୍ବର୍ଲସ୍'ଙ୍କ ନକଟରେ ହାର୍ ମାନ ନଥିଲା । "ଗ୍ବର୍ଲସ' ମଧ ସମୟ କ୍ରମେ ତା'ଙ୍କ ପ୍ରେମରେ ପଡିଯାଇଥିଲେ ।

ପିଲାବେଳେ ଗ୍ବର୍ଲସ୍ "ଓ୍ୱାରେନ ବଫେ' ଙ୍କ ନାଁ ଭଲଭାବେ ଜାଣିଥିଲେ । ତାଙ୍କ ନଜ ବାପା-ମା' ମଧ "ଗ୍ବର୍ଲସ୍'ଙ୍କୁ ତାଙ୍କଭଳ ବୁଦ୍ଧିମାନ ଓ ବିତ୍ତଶାଳୀ ହେବାକୁ ସବୁବେଳେ ଉତ୍ସାହିତ କରୁଥିଲେ । ଯେହେତୁ ତାଙ୍କ ବାପା ଜଣେ ସାଧାରଣ "ଇଲେକ୍ଟ୍ରିସିଆନ'ଥିଲେ ଓ ମା' ଜଣେ ପ୍ରାଇମେରୀ ସ୍କୁଲରେ ପାଚୟିକା ଥିଲେ ତେଣୁ ତାଙ୍କ ପିଲାଦିନେ ପରିବାରରେ ବେଶ୍ ଅଭାବ ଥିଲା । ବାପା-ମା' କଷ୍ଟକରି ପରିବାର ଚଳେଇ ନେଉଥିଲେ । ପରିବାରର ରୋଜଗାର କମ୍ ଥିବାରୁ ତାଙ୍କୁ ସ୍କୁଲରେ ଲଞ୍ଚ୍ ଖାଇଲା ବେଳେ ଅନ୍ୟ ପିଲାମାନଙ୍କ ତୂଳନାରେ କମ୍ ଦାମେ୍ର ମିଳୁଥିଲା । ସେ' ସବୁ ତାଙ୍କୁ ସାଙ୍ଗମାନଙ୍କ ଉପସ୍ଥିତିରେ ଭଲ ଲାଗୁ ନଥିଲା । କନ୍ତୁ, ତାଙ୍କ ନକଟରେ ଅନ୍ୟ କଛି ଉପାୟ ନଥିଲା । ମନେମନେ ସେ' ସିଦ୍ଧାନ୍ତ ନେଇଥିଲେ ଯେ ଦିନେ ନଜର ଜ୍ଞାନ, ବୁଦ୍ଧି ଓ ବିବେକ ଖଟେଇ ଏ' ଅର୍ଥାଭାବକୁ ଦୂର କରିଦେବେ ।

ହାଇସ୍କୁଲ ପଢାସାରି "ଗ୍ରଲ୍ସ୍' ଏବଂ "ସୋଫିଆ' ଦିହେଁ ମଧ୍ୟ "ନେବ୍ରାସ୍କା ୟୁନିଭରସିଟିର ବିଜିନେସ୍ ସ୍କୁଲ୍ ରେ ପାଠ ପଢିଲେ । କଲେଜରେ ମଧ୍ୟ ଦିହେଁ ପରସ୍ପରଙ୍କୁ ଡେଟିଂ କରୁଥିଲେ କିନ୍ତୁ, "ଗ୍ରଲ୍ସ' ତାଙ୍କୁ ଡେରିରେ ହେଲେ ସୁଦ୍ଧା ଦିନେ ନା ଦିନେ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ସେ' ପାଠ ପଢା ସାରି ପ୍ରଥମେ କିଛି ରୋଜଗାର କରି ନିଜ ଗୋଡରେ ଛିଡା ହେଲା ପରେ ବିବାହ କରିବେ ବୋଲି ଶୁଣାଇ ଦେଇଥିଲେ । ଯେତେ ଦିନ ପର୍ଯ୍ୟନ୍ତ ସେ' ସେଥିରେ ସଫଳ ହେଇ ନାହାଁନ୍ତି ସେତେଦିନ ଯାଏ "ସୋଫିଆ'ଙ୍କୁ ଅପେକ୍ଷା କରିବାକୁ ପଡିବ । "ଗ୍ରଲ୍ସ୍' କଲେଜରୁ ପାଶ୍ କରି "ଓ୍ୱାଲ ଷ୍ଟ୍ରୀଟ୍' ରେ କିଛି ଦିନ "ଆନାଲିଷ୍ଟ' ଭାବରେ କାମ କଲେ । ସେ' ନିଜ ଦରମାରୁ ପ୍ରତିମାସ କିଛି କିଛି ସଞ୍ଚୟ କରି ତାକୁ ଷ୍ଟକ ଟ୍ରେଡିଂରେ ଲଗାଉଥିଲେ । ତାଙ୍କୁ ଯେତେବେଳେ ୨୧ ବର୍ଷ ବୟସ ସେ' ସେତେବେଳେ ତାଙ୍କ ସଞ୍ଚିତ କିଛି ଅର୍ଥ ଷ୍ଟକ ମାର୍କେଟରେ ବିନିଯୋଗ କରିଥିଲେ । ତାଙ୍କ ଷ୍ଟ୍ରାଟେଜି ଥିଲା "ସର୍ଟ୍-ଟର୍ମ ଇନେ୍ଭଷ୍ଟମେଣ୍ଟ' । ସେ' କିଛି କଂପାନି ଗୁଡିକଙ୍କର ଆୟ, ବ୍ୟୟ, ଷ୍ଟ୍ରାଟେଜି ବିଷୟରେ ପୂର୍ବରୁ ରିସର୍ଚ୍ଚ କରିଥିଲେ, ତେଣୁ ପ୍ରତିଦିନ ସେ' କିଛି ଷ୍ଟକ ଯେଉଁ କଂପାନିମାନଙ୍କର ଷ୍ଟକ ବଢିଯିବବୋଲି ଅାଶାକରି କିଣୁଥିଲେ ଓ ଅଳ୍ପ କେଇଦିନରେ ଅଳ୍ପ କିଛି ଲାଭରେ ବିକ୍ରୀ କରି ଦେଉଥିଲେ । ଯାହାକୁ "ଡେ ଟ୍ରେଡିଂ' ବୋଲି କୁହାଯାଏ । ଏମିତି ତାଙ୍କ ସାମ୍ରାଜ୍ୟକୁ ସେ' ବଢାଇବାରେ ଲାଗିଲେ । ଏଥିରେ "ସୋଫିଆ' ମଧ୍ୟ ତାଙ୍କୁ ସାହାଯ୍ୟ କରୁଥିଲେ । ପଚଶ ବର୍ଷ ବେଳକୁ "ଗ୍ରଲ୍ସ୍' ଏକ ମିଲିୟନାୟାର ହେଇଯାଇଥିଲେ ଓ ସେ' ତାଙ୍କ ବାପା-ମା'ଙ୍କର ଅଧୁରା ସ୍ୱପ୍ନକୁ ପୂରା କରିପାରିଥିଲେ ।

"ଗ୍ରଲ୍ସ୍'କୁ ଯେତେବେଳେ ୨୮ ଛୁଇଁଲା, ସେ' ତାଙ୍କର କଥା ଦେଇଥିବା ପ୍ରେମିକା "ସୋଫିଆ'କୁ ବିବାହ କଲେ । ସୋଫିଆ ବି ସେ' ପର୍ଯ୍ୟନ୍ତ ତାଙ୍କୁ ଅପେକ୍ଷା କରିଥିଲେ । "ଗ୍ରଲ୍ସ୍' ତାଙ୍କ ବାପା-ମା'ଙ୍କର ଏକୁଟିଆ ସନ୍ତାନ କୁ "ସୋଫିଆ' ମଧ୍ୟ ତାଙ୍କ ବାପା-ମା'ଙ୍କର ଏକମାତ୍ର କନ୍ୟା । ବିନା ଆଡମ୍ବରରେ ବା'ଘର ଏକ ଛୋଟ ଚର୍ଚ୍ଚରେ ସଂପୂର୍ଣ୍ଣ ହେଇଗଲା । ତାଙ୍କ ଦି' ପରିବାରରୁ କିଛି ଲୋକ ଓ କିଛି "ଓ୍ୱାଲ ଷ୍ଟ୍ରୀଟ'ରେ କାମ କରୁଥିବା ସାଙ୍ଗ ମାନେ ଅତିଥୀ ଭାବେ ଯୋଗ ଦେଇଥିଲେ । ବିବାହର ଦୁଇ ବର୍ଷପରେ ତାଙ୍କର ପୁଟିଏ ଜନ୍ମ ହେଲା । ପୁଅର ନାଁ ଦେଇଥିଲେ "ଆଲେକ୍ସ' । ତାଙ୍କ ବାପା-ମା' ଯେମିତି ତାଙ୍କୁ ପିଲାବେଳେ ବଢେଇଥିଲେ "ଗ୍ରଲ୍ସ୍' ନିଜେ ସେମିତି ତାଙ୍କ ପୁଅକୁ ବଢେଇବେ ବୋଲି ସ୍ଥିର କଲେ । ସେଥିରେ "ସୋଫିଆ' କିଛି ପ୍ରତିବନ୍ଧକ ସାଜି ନଥିଲେ । "ଗ୍ରଲ୍ସ୍' ଗ୍ରହୁଁଥିଲେ

"ୱାରେନ୍ ବଫେ' ଭଳ ଦିନେ ବିଲିୟନାୟାର ହେବାପାଇଁ । ଭାଗ୍ୟ ତାଙ୍କପାଇଁ ଦାଉ ସାଧିଲା । ସେ' ଜିରୋରୁ ଆରମ୍ଭକରି ମିଲିୟନାୟାର ହେଇପାରିଲେ ସେ'ଥିଲା ତାଙ୍କପାଇଁ ବଡ କଥା କାରଣ ତାଙ୍କ ବାପା-ମା' ଗରିବ ଥିଲେ । ତେଣୁ ସେ' ଗୃହୁଁଥିଲେ ତାଙ୍କ ପୁଅ "ଆଲେକ୍ସ' ଦିନେ ବିଲିୟନାୟାର ହେଲେ ସେ' ବହୁତ ଖୁସି ହେବେ କାରଣ ସେ' ମିଲିୟନରୁ ଆରମ୍ଭ କରିବ ଜିରୋରୁ ନୁହେଁ । ସେଥିପାଇଁ ସେ' ଆଲେକ୍ସ ଉପରେ ବହୁତ ଗ୍ରପ ପକାଉଥିଲେ ଭଲ ପାଠ ପଢିବାକୁ, ବଡବଡ ସ୍ୱପ୍ନ ଦେଖିବାକୁ ଓ ଭବିଷ୍ୟତରେ ଏକ ବିଲିନାୟାର ହେବାକୁ ଉପଦେଶ ଦେଉଥିଲେ, ଯେତେବେଳେକ "ଆଲେକ୍ସ' ଜଣେ ଗରିବ ମ୍ୟୁଜିସିଆନ ହେବାକୁ ସ୍ୱପ୍ନ ଦେଖୁଥିଲେ । ଯାହାର ଯେଉଁଥିରେ ଇଚ୍ଛା ।

"ଆଲେକ୍ସ' କୁ ଯେତେବେଳେ ୧୦ ବର୍ଷ ସେ' ବାପାଙ୍କ ଭଳ ଖବରକାଗଜ ସକାଳେ ନଜ କଲୋନରେ ବାଣ୍ଟୁଥିଲେ । ଯେତେବେଳେ ସେ' ହାଇସ୍କୁଲକୁ ଗଲେ ତା'ର ସାଙ୍ଗମାନେ ତାକୁ ଚଡେଇବାକୁ ଲାଗିଲେ ଯେ ତା' ବାପ-ମା' ଏତେ ଧନୀ ହେଲେ ସୁଦ୍ଧା ଆଲେକ୍ସ ଖବର କାଗଜ ବାଣ୍ଟୁଛି । ସାଧାରଣତଃ ହାଇସ୍କୁଲ କ କଲେଜରେ ପାଠ ପଢିଲା ସମୟରେ ପିଅର ପ୍ରେସର ବହୁତ ଥାଏ । ଆମେରିକାରେ ଏ' ପିଅର ପ୍ରେସର ଅନ୍ୟ ଦେଶଠାରୁ ବେଶୀ । କନ୍ତୁ, କେଉଁ ପିଲା କଏ କେମିତି ତାକୁ ମ୍ୟାନେଜ୍ କରେ । ସେ' ମଧ ଭାବିଲା- ସତେ ତ ! ତା' ଟିନେଜର ମନ ବିଦ୍ରୋହ କରିବାକୁ ଲାଗିଲା । ସେ' ଠିକ୍ କଲା ତା'ର ଏ' ନଷ୍ପତ୍ତିକୁ ତା' ବାପା-ମା' ଙ୍କୁ ଜଣେଇ ଦେବ । ଦିନେ ସେ' ଆଉ ଖବରକାଗଜ ବାଣ୍ଟିବାକୁ ମନା କରିବାରୁ ତା' ବାପା-ମା' ସେଥିରେ ନାରାଜ ହେଲେ । ସେମାନେ ତା' ସାଙ୍ଗମାନଙ୍କୁ ନଶୁଣିବାକୁ କହିଲେ । ଆଲେକ୍ସ ଅନ୍ୟ ଉପାୟ ନପାଇ ଖବରକାଗଜ ବାଣ୍ଟିବା ଜାରି ରଖିଲା । ମନେମନେ ଭାବୁଥାଏ ସେମାନଙ୍କର ଏତେ ସଂପତ୍ତି ଅଛି ଅଥଚ ସେ' ଏକୁଟିଆ ସନ୍ତାନ ହୋଇଥିଲେ ସୁଦ୍ଧା ତା' ବାପା-ମା' ତାକୁ ଖଟାଉଛନ୍ତି । ତାକୁ ବୋଧେ ଭଲ ପାଉ ନାହାଁନ୍ତି । ହାଇସ୍କୁଲରେ ସିନୟର ଥିଲା ବେଳେ ଆଲେକ୍ସ ତା' ବାପା-ମା' କୁ ଗୋଟିଏ କାର୍ ଉପହାର ଦେବାକୁ ଅନୁରୋଧ କଲା କାରଣ ତା' ସାଙ୍ଗରେ ହାଇସ୍କୁଲରେ ପଢୁଥିବା ଅଧିକାଂଶ ପିଲାଙ୍କର ନଜର କାର୍ ଅଛି, ସେମାନେ ନଜେ ଡ୍ରାଇଭିଂ କରି ସ୍କୁଲ ଆସୁଛନ୍ତି । ସେମାନଙ୍କର ବାପା-ମା'ଙ୍କର ଆର୍ଥିକ ସମ୍ବଳ ତା' ନଜର ବାପା-ମା' ଙ୍କ ତୁଳଣାରେ କଛି ନୁହେଁ, ଆକାଶ ଓ ପାତାଳ ଫରକ । ଅଥଚ ତା' ହାଇସ୍କୁଲ ଗ୍ରାଜୁଏସନ ପାଇଁ ଏହି ଛୋଟିଆ ଉପହାରଟିଏ ଦେଇପାରିବେ ନାହିଁ ? ଏଡେ କୃପଣ ସେମାନେ ! ବରଂ ଭଲ

ସେମାନଙ୍କଠାରୁ ଦୁରେଇ ଯିବା । ସେତେବେଳକୁ ତା'ର ନଜର "ଗ୍ରେଜି' ବୋଲି ଜଣେ ଗାର୍ଲ ଫ୍ରେଣ୍ଡ ହେଇ ସାରିଲାଣି । ଅନ୍ୟ ହାଇସ୍କୁଲ ସାଙ୍ଗମାନଙ୍କ ଭଳି ସିଏ ମଧ୍ୟ ଚାହୁଁଥିଲା "ଗ୍ରେଜି'କୁ ନେଇ ତା' କାରରେ ବୁଲେଇବାପାଇଁ । ଏ' ତ ଦେଖା ଶିଖା ଯୁଗ । ତା' ବାପା କହିଲେ ତୁ ନିଜେ ରୋଜଗାର କରି ତୋ' ନିଜ ପଇସା ସଞ୍ଚୟ କର । ତୁ ତା'ପରେ ଯେଉଁ କାର୍ ଭଲପାଉଛୁ ସେହି କାର କିଣ ଓ ସେଥିରେ ତୋ' ଗାର୍ଲ ଫ୍ରେଣ୍ଡ "ଗ୍ରେଜି' କୁ ବୁଲା । ତାଙ୍କର ସେଥିରେ କିଛି ଆପତ୍ତି ନାହିଁ । ସିଏ ପାଠ ନପଢି "ଗ୍ରେଜି' ସାଙ୍ଗରେ ବୁଲି ସମୟ ବରବାଦ କରୁଛି ଏହା ତା' ବାପା-ମା'ଙ୍କର ପସନ୍ଦ ନଥିଲା । ସେ' ଭୀଷଣ ରାଗିଯାଇ ଦିନେ ତା' ବାପା-ମା'ଙ୍କ ସହ ପାଟିତୁଣ୍ଡ କରି ଓ ସେମାନଙ୍କ କଥା ନଶୁଣି ଘରୁ ବାହାରି ଗଲା । ଖବରକାଗଜ ବାଣ୍ଟି ଯେଉଁ ଅର୍ଥ ସଞ୍ଚିଥିଲା ସେଇ ପଇସା ଖର୍ଚ୍ଚକରି ଗୋଟିଏ ଛୋଟିଆ ରୁମ୍ ଭଡାନେଇ ରହିଲା ।

ଛାତ୍ର ହିସାବରେ "ଆଲେକ୍ସ' ସେତେ ଭଲ ଛାତ୍ର ନଥିଲା । ସେଥିପାଇଁ ବାପା-ମା' ଙ୍କଠୁଁ ସେ' ଅଧିକାଂଶ ସମୟରେ ଗାଳି ଖାଏ । ତା' ବାପା-ମା' ସବୁବେଳେ ଚାହୁଁଥିଲେ ସେ' ଭଲ ପାଠ ପଢୁ, କଲେଜ ଯାଇ ଉଚ୍ଚ ଶିକ୍ଷା ହାସଲ କରୁ । ସେମାନଙ୍କର ବିଶ୍ୱାସ ଯେ ଶିକ୍ଷା ବିନା ସିଏ କୌଣସି ମତେ ଉପରକୁ ଉଠି ପାରିବ ନାହିଁ । ତା' ଜୀବନରେ ତା'ର କେହି ଆଦର୍ଶ ନଥିଲେ । ଅନ୍ୟ କେହି ନଥିଲେ ବି ତା' ନିଜ ବାପା-ମା'ଙ୍କୁ ମଧ୍ୟ ସେ' ଆଦର୍ଶ ବୋଲି ମାନୁ ନଥିଲା । କୌଣସି ମତେ ଆଲେକ୍ସ ହାଇସ୍କୁଲଟି ପାଶ୍ କରିଗଲା । ହାଇସ୍କୁଲ ଗ୍ରାଜୁଏସନ ଦିନ ଅନ୍ୟ ସାଙ୍ଗମାନଙ୍କର ବାପା-ମା', ଭାଇ, ଭଉଣୀ ଇତ୍ୟାଦି ଆସି ଯୋଗ ଦେଇଥିଲେ । ତା' ପାଇଁ କେହି ନିଜର ତା' ପରିବାରରୁ ସେଲିବ୍ରେଟ କରିବାକୁ ଆସିନଥିଲେ । ସେ' ମଧ୍ୟ ତା' ବାପା-ମା'ଙ୍କୁ ରାଗରେ ନିମନ୍ତ୍ରଣ କରିନଥିଲା ଆସିବାକୁ । ଯେଉଁ ମୁହଁରେ ତା' ବାପା-ମା'ଙ୍କୁ ଗାଳି କରି ଦିନେ ଘରୁ ବାହାରି ଆସିଥିଲା, କେମିତି ସେହି ମୁହଁ ତାଙ୍କୁ ଦେଖେଇ ଥାଆନ୍ତା ? ତା' ବାପା-ମା' ମଧ୍ୟ କମ୍ ନୁହଁନ୍ତି ! ସେମାନେ ସେମାନଙ୍କ ଜିଦରେ ଅଟଳ ଥିଲେ । ସେମାନେ ଭାବୁଥିଲେ ଗୋଟିଏ ମାତ୍ର ପୁଅ, ରାଗ ବେଳରେ କ'ଣ ସବୁ କହିଦେଇ ଯାଇଛି, ଦିନେ ନା ଦିନେ ନିଜ ଘରକୁ ଫେରି ଆସିବ ଓ ନିଜ ଭୂଲ୍ ସ୍ୱୀକର କରି କ୍ଷମାଭିକ୍ଷା କରିବ । କିନ୍ତୁ, ତାହା ଘଟି ନଥିଲା ।

ହାଇସ୍କୁଲରେ ପଢିଲାବେଳେ ତାକୁ ମ୍ୟୁଜିକ୍ କେବଳ ଭଲ ଲାଗୁଥିଲା । ହାଇସ୍କୁଲରେ ସେ' ଗିଟାର ଶିଖୁଥିଲା । ସେ' ଗିଟାର ବଜାଇବାକୁ ଭଲ ପାଏ । ତେଣୁ ସେ' ଦିନେ ମ୍ୟୁଜିକ୍‌କୁ ନେଇ କରିଅର କରିବ ଓ ଜଣେ ଭଲ ମ୍ୟୁଜିସିଆନ ହେବ ବୋଲି ଭାବୁଥିଲା । ହାଇସ୍କୁଲ ପାଶ୍ କରିସାରିଲା ପରେ ଆଲେକ୍ସ ରାତିରେ ଗୋଟିଏ ବାରରେ ଗୀତ ଗାଇ ଅଳ୍ପ କିଛି ରୋଜଗାର କରେ । ହାଇସ୍କୁଲ ପାଶ୍ କରିବା ପରେ ଉଚ୍ଚ ଶିକ୍ଷାପାଇଁ କଲେଜ ଯିବାକୁ ତା'ର ନା ଥିଲା ମନ ନା ଥିଲା ଅର୍ଥ । ରୋଜି ନିଜେ ଗୋଟିଏ ରିଏଲ ଷ୍ଟେଟ କଂପାନି "ଗୋଲ୍ଡେନ୍ କ୍ରାଉନ୍' ନାଁ ରେ ଆରମ୍ଭ କରିଥିଲା । ଦିହେଁ ବଞ୍ଚିବାପାଇଁ ଷ୍ଟ୍ରଗଲ କରୁଥିଲେ । ଦିହେଁ ବିବାହ କରି ଗୋଟିଏ ଟାଉନ ହାଉସ୍ ଭଡା ନେଇ ରହିଲେ । ଆଲେକ୍ସ ତା'ର ବାପା-ମା' ଙ୍କୁ ମଧ୍ୟ ବିବାହରେ ଯୋଗଦେବାପାଇଁ ନିମନ୍ତ୍ରଣ କରିନଥିଲା କି ସେମାନଙ୍କର ଆର୍ଶିବାଦ ଚାହିଁନଥିଲା ।

କିଛି ମାସ ବିତିଗଲା । ସବୁଦିନ ସମାନ ଯାଏନି । "ସୋଫିଆ' "ଆଲେକ୍ସ'କୁ ବହୁତ ଦିନ ଧରି ନଦେଖି ମନେମନେ ତାକୁ ବହୁତ ଝୁରି ହେଉଥିଲା । ଚିନ୍ତାରେ ତା'ର ଦେହ ଖରାପ ହେବାକୁ ଲାଗିଲା । ଦିନେ "ଗ୍ଲେର୍ଲସ୍' ତାକୁ ହସ୍‌ପିଟାଲ ନେଇ ଗଲା । ସବୁ ପ୍ରକାର ପରୀକ୍ଷା ନୀରିକ୍ଷାରୁ ଜଣାଗଲା ଯେ "ସୋଫିଆ'ର ପାନକ୍ରିଆଟିକ୍ କ୍ୟାନସର୍ ହେଇଛି, ଏହା ଅତି ଆଡଭାନ୍‌ସଡ ଷ୍ଟେଜରେ, ତେଣୁ ସିଏ ଆଉ ବେଶୀ ଦିନ ବଞ୍ଚିବାର ନୁହେଁ । ଡାକ୍ତରଙ୍କ କହିବାନୁଯାୟୀ, ମାତ୍ର ତିନି ଚାରି ମାସ ଭିତରେ ଆୟୁଷ । "ଗ୍ଲେର୍ଲସ୍' ଭାଙ୍ଗି ପଡିଲା । ବହୁତ ଭାବିଚିନ୍ତି "ଆଲେକ୍ସ'କୁ ଫୋନ୍ କଲା "ସୋଫିଆ'ର କ୍ୟାନସର ହେବା କଥା ଜଣାଇବାପାଇଁ। ରାଗିକରି ଘରକୁ ନଆସିଲା ନାହିଁ ପଛେ "ସୋଫିଆ'ର ଜୀବନର ଶେଷ ମୁହୂର୍ତ୍ତରେ ଥରେ ହସ୍‌ପିଟାଲକୁ ଆସି ଦେଖାକରି ଯିବାକୁ କିନ୍ତୁ, ସେ' ମଧ୍ୟ ଫୋନ୍ ଉଠାଇଲା ନାହିଁ । ଗ୍ଲେର୍ଲସ୍ ଯାହା ଭାବୁଥିଲା ଯେ ଏତେଦିନ ପରେ ତା' ରାଗ ବୋଧେ ଥଣ୍ଡା ପଡିଯାଇଥିବ, ସେ' ଧାରଣା ତା'ର ଭୁଲ୍ ଥିଲା । ବାସ୍ତବରେ ତା' ରାଗ ଏଯାଏ ଶୀତଳ ହେଇ ନାହିଁ । ପ୍ରେମରେ ପାଗଳ ହେଲେ ମଣିଷ ଅନ୍ଧ ହେଇଯାଏ । ନିଜର ବାପା-ମା' ବନ୍ଧୁ, ବାନ୍ଧବ ସମସ୍ତେ ଶତ୍ରୁ ହେଇଯାନ୍ତି । "ଗ୍ଲେର୍ଲସ୍' ନିଜେ ସବୁଦିନେ ହସ୍‌ପିଟାଲ ଯାଇ "ସୋଫିଆ'କୁ ଦେଖିଆସେ, ତା'ର ଯତ୍ନ ନିଏ । ଯେଉଁ ଝିଅକୁ ପ୍ରେମକରି ବା' ହେଇଥିଲେ ତା' ପ୍ରାଣ କେବେ ଚାଲିଯିବ ଜଣାନାହିଁ । ବିଧିର ବିଧାନ ବିଚିତ୍ର । ସୋଫିଆକୁ ହସ୍‌ପିଟାଲ ବେଡରେ ଦେଖିବା

ତାଙ୍କପାଇଁ ଏକ ହୃଦୟ ବିଦାରକ ଦୃଶ୍ୟ । ପୁଅ ଘରକୁ ଫେରିବନାହିଁ ବୋଲି ପ୍ରତିଜ୍ଞା କରି ଯାଇଛି ଯେ ଯାଇଛି । ତିନି ସପ୍ତାହ ପରେ ସୋଫିଆ ଏ' ମର ସଂସାର ଛାଡି ଗ୍ଳିଗଲ୍ ।

ଗ୍ଳର୍ଲସ୍ ସୋଫିଆର ଶବ ହସ୍ପିଟାଲରୁ ଆଣି "କ୍ରେମର ଫ୍ୟୁନେରାଲ୍ ହୋମ' ରେ କ୍ରିମେସନ କରିଲ୍ । ଶେଷ ବିଦାୟଦେଇ "ସୋଫିଆ'ର କପାଳରେ ଛୋଟ ଚୁମାଟିଏ ଦେଇ ସେ' ଘରକୁ ଫେରିଆସିଥିଲ୍ । ପୁଅକୁ ଡାକ ପୁଣି ଥରେ ଖବର ଦେବାକୁ ଗ୍ଳହିଁଲ୍ । ଫୋନ୍ କରି ମେସେଜଟିଏ ଆନ୍ସାରିଂ ମେସିନରେ ଛାଡି ଦେଲ୍ । କନ୍ତୁ, "ଆଲେକ୍ସ' ଓ "ଗ୍ରେଜି' ପାଖରୁ କୌଣସି ଖବର ଆସି ନଥିଲ୍ । "ସୋଫିଆ' ଗ୍ଳଲିଯିବା ପରେ "ଗ୍ଳର୍ଲସ୍" ଏକୁଟିଆ ଅନୁଭବ କଲ୍ । "ସୋଫିଆ' କେବଳ ତା'ର ହାଇସ୍କୁଲ ସୁଇଟ୍ହାର୍ଟ ନଥିଲ୍, ସେ' ଥିଲ୍ ତା'ର ପତ୍ନୀ ଓ ସେ' ଏଯାଏ ସବୁ କାମରେ ଗ୍ଳର୍ଲସ୍କୁ ସାଥୀ ଦେଇ ଆସୁଥିଲ୍ । ତା'ର ସୌଭାଗ୍ୟରୁ ଓ ଇଶ୍ୱରଙ୍କ କୃପାରୁ ତାକୁ ଭଲ ଜୀବନ ସାଥୀଟିଏ ମିଳଥିଲ୍ । କେବେ ଦିହିଙ୍କ ଭିତରେ ମତଭେଦ ନଥିଲ୍ । କେବେ ସେ' କୌଣସି କାରଣରୁ ଅନୁତାପ କରି ନଥିଲ୍ "ସୋଫିଆ'ଙ୍କୁ ପତ୍ନୀ ରୂପେ ପାଇ । କନ୍ତୁ, ଏ' କ'ଣ ହେଲ୍ ? ଇଶ୍ୱର "ସୋଫିଆ'କୁ ଏତେ ଶୀଘ୍ର ନେଇଗଲେ ତାଙ୍କ ନକଟକୁ । ଠାକୁରେ ପୁଅଟିଏ ବି ଦେଇଥିଲେ । ସେ' ବି ତାଙ୍କ ସୁଖରେ ଦୁଃଖରେ ସାଥୀ ହେବ କ'ଣ ନପଗ୍ଳରି ଏବେ ତା' ସ୍ତ୍ରୀ ସହ ଅଲଗା ରହୁଛି । ସେ' ନଜେ ଗ୍ଳହିଁଥିଲେ ଆଉ ଜଣେ ସ୍ତ୍ରୀ ଲୋକକୁ ବିବାହ କରିପାରିଥାନ୍ତା ! ଏହାତ ଏଠିକା ସମାଜରେ ଚଳଣୀ । ଦ୍ୱିତୀୟ କ ତୃତୀୟ ଥରପାଇଁ ବିବାହ କରିବାରେ ତା' ପାଇଁ କଛି ଅସୁବିଧା ନଥିଲ୍ ଯେହେତୁ ତା' ନକଟରେ ଧନ, ଦୌଲତର ଅଭାବ ନଥିଲ୍ । ଖୁସିରେ ଅନେକ ସ୍ତ୍ରୀଲୋକ ତା' ପଛରେ ପଡିଯାଇଥାନ୍ତେ । କନ୍ତୁ, "ସୋଫିଆ' ହେଉଛି ତା'ର ପ୍ରଥମ ପ୍ରେମ, ପ୍ରଥମ ସ୍ତ୍ରୀ । ତା'କୁ ସେ' ଏତେ ଭଲ ପାଇଥିଲ୍ ଯେ ଅନ୍ୟ କେହି ସ୍ତ୍ରୀଲୋକ ଘରକୁ ଆସିଲେ ତା'ର ପ୍ରଥମ ସ୍ତ୍ରୀ "ସୋଫିଆ' ପ୍ରତି ଘୋର ଅବମାନନା ହେବ ବୋଲି ସେ' ଆଉ କେବେ ଦ୍ୱିତୀୟ ବିବାହ କରିବ ନାହିଁ ବୋଲି ଠିକ୍ କରିଥିଲ୍ । ଦିନରାତି କେବଳ "ସୋଫିଆ' ହିଁ ତା' ମନ ପରଦାରେ ଆସି ଯାଉଥିଲ୍ । ଦିନେ ସ୍ୱପ୍ନରେ ବାଉଳା ହେଇ ଦେଖିଲ୍ "ସୋଫିଆ' ହାତ ହଲେଇ ତା' ନକଟକୁ ଫେରିଯିବାକୁ ଡାକୁଛି ଓ ସେ' ଆସୁଛି ଆସୁଛି କହି ତା' ପଛରେ ଦୌଡୁଛି । ନଦ ଭାଙ୍ଗିଗଲ୍ରୁ ଦେଖେ ଗ୍ଳରି ଆଡେ ଅନ୍ଧାର, ଅଣ୍ଡାଳ ଅଣ୍ଡାଳ ଦେଖେ ପାଖରେ "ସୋଫିଆ' ନାହିଁ, କେହି ନାହିଁ । ଏତେ ବଡ ଘରେ ସେ' ଏକାକୀ ।

ସବୁବେଳେ "ସୋଫିଆ" କଥା ଭାବିଭାବି ସପ୍ତାହ ପରେ ଗ୍ରେଲ୍ସ୍‌ର ୨୦୧୮ ମସିହା, ଫେବୃଆରୀ ୧୪ ତାରୀଖ, ବୁଧବାର "ଭାଲେଣ୍ଟାଇନ୍‌ସ୍ ଡେ" ଦିନ ହଠାତ୍ ହାର୍ଟ ଆଟାକରେ ପ୍ରାଣ ଗ୍ଲିଗଲା । କେହି ଜାଣି ନଥିଲେ । ତା' ଗାଡିଟି ଅନେକ ଦିନ ହେଲା "ଡ୍ରାଇଭ୍-ୱେ" ରେ ସେମିତି ଗୋଟିଏ ଜାଗାରେ ପାର୍କ ହେଇଥିଲା । ଇଞ୍ଚେ ହେଲେ ଆଗକୁ କ ପଛକୁ ଘୁଞ୍ଚି ନଥିଲା । ପଡୋଶୀ ଘରର ସ୍ତ୍ରୀଲୋକଟି ତାକୁ କଛି ଦିନ ନଦେଖିବାରୁ ସନ୍ଦେହ କରି ଘରକୁ ଆସି କବାଟ ବାଡେଇଲେ । କଛି ଉତ୍ତର ନମିଳବାରୁ ପୋଲିସ୍‌କୁ ଖବର ଦେଲେ । ପୋଲିସ୍ ଆସି ଘର ଭାଙ୍ଗି ପଶି ଦେଖିଲେ ଯେ ସେ' ନିଶ୍ଚଳ ଭାବରେ ଖଟ ଉପରେ ଆଖି ବୁଜି ଶୋଇରହିଛି । ଆଖିରୁ ଦି' ଧର ଲୁହ ବହି ଆସି ଗାଲରେ ଶୁଖି ଯାଇଛି । ପୋଲିସ୍ ତା' ଶରୀରକୁ ହସ୍‌ପିଟାଲ ନେବାର ବ୍ୟବସ୍ଥା କଲେ । ପୋଷ୍ଟମର୍ଟମରୁ ହାର୍ଟ ଆଟାକ ହେବାର ଖବର ଜଣାପଡିଲା । ପୋଲିସ "ଆଲେକ୍ସ"ର ଠିକଣା ଓ ଫୋନ୍ ନମ୍ବର ଖୋଜି ବାହାର କଲେ ଓ ତାକୁ ଫୋନ କଲେ । "ଆଲେକ୍ସ" କୁ ତା' ବାପାଙ୍କର ମୃତ୍ୟୁ ହାର୍ଟ ଆଟାକରେ ହେବା ଖବର ଜଣାଇଦେଲେ । ହସ୍‌ପିଟାଲ ଆସି ତାଙ୍କର ମର ଶରୀରକୁ କ୍ରିମେସନପାଇଁ ଘରକୁ ନେଇଯିବାକୁ ଆଦେଶ ଦେଲେ । "ଗ୍ରେଲ୍ସ୍"ର ମୃତ ଶରୀରକୁ "ଓମାହା"ର ସେହି "କ୍ରେମର ଫ୍ୟୁନେରାଲ୍ ହୋମ" ରେ କ୍ରିମେସନ "ଆଲେକ୍ସ" ଓ "ରୋଜି" ଦ୍ୱାରା କରାଗଲା ଯେଉଁଠି ତା'ର ପତ୍ନୀ "ସୋଫିଆ"ର ଶବଦାହ କରାଯାଇଥିଲା ।

ଦିନେ କଛି ଗୁରୁତ୍ୱପୂର୍ଣ୍ଣ ଡକୁମେଣ୍ଟ୍‌ସ ଦେଖୁଦେଖୁ ଆଲେକ୍ସ ଦେଖିଲା ଯେ ଗୋଟିଏ ସୁସଜ୍ଜିତ ବକ୍ସଟିରେ ଗୋଟିଏ ନୂଆ ମର୍ସିଡିସ୍ ଗାଡିର ଗ୍ବିଟିଏ ଓ ତା' ସାଙ୍ଗକୁ ଛୋଟ ହାତଲେଖା ନୋଟ୍‌ଟିଏ ।

ସେଥିରେ ପ୍ରଥମ ଧାଡିରେ ଲେଖା ଥିଲା - "ଟୁ ମାଇଁ ଡିଅର ଆଲେକ୍ସ ଆଣ୍ଡ ରୋଜି: "

ଦ୍ୱିତୀୟ ଧାଡିରେ ଲେଖାଥିଲା - "ଦିସ୍ କାର୍ ଇଜ୍ ଫୁଲି ପେଡ୍. ଏନ୍‌ଜୟ"

ତୃତୀୟ ଧାଡିରେ ଲେଖାଥú - "ଲଭ୍ ୟୁ ବୋଥ୍ "

ଚତୁର୍ଥ ଧାଡିରେ ଦୁଇ ଜଣଙ୍କର ନାଁ ଦସ୍ତଖତ କର୍‌ଯାଇଥର଼ú - "ଗ୍ରେସ୍ ସ୍ମିଥ୍ ଓ ସୋଫିଆ ସ୍ମିଥ୍ "

ସେ' ବକ୍ସରେ ମଧ୍ୟ ଗୋଟିଏ ଦଲିଲ୍ ଥିଲା । ଯେଉଁଥିରେ ତା' ନାଁରେ ହେଇଥିବା ସମସ୍ତ ସ୍ଥାବର ଓ ଅସ୍ଥାବର ସଂପତ୍ତିର ମାଲିକାନା ଥିଲା । କିଛି ଷ୍ଟକ ଇନଭେଷ୍ଟମେଣ୍ଟ ଡକୁମେଣ୍ଟସ୍ ତା' ଭିତରେ ଥିଲା । ନୂଆ ମର୍ସେଡିସ୍ ଗାଡିଟି ଆଲେକ୍ସର ହାଇସ୍କୁଲ ଗ୍ରାଜୁଏସନ ଦିନ କିଣାହେଇ ତାଙ୍କର ଘର "ଗର୍‌ଜ"ରେ ସେମିତି ପାର୍କ ହେଇଥିଲା । ଗର୍‌ଜକୁ ଯାଇ କେହି ଥରଟିଏପାଇଁ ହେଲେ ସେ' ଗାଡିକୁ ଷ୍ଟାର୍ଟ କରି ନଥିଲେ । ଯେଉଁ "ଆଲେକ୍ସ' ଦିନେ ତା' ବାପା-ମା'ଙ୍କୁ ତା' ହାଇସ୍କୁଲ ଗ୍ରାଜୁଏସନପାଇଁ କାର୍‌ଟିଏ ଉପହାର ଦେବାପାଇଁ ମାଗିଥିଲା ଓ ସେମାନଙ୍କୁ କୃପଣ ବୋଲି ଭାବୁଥିଲା, ଆଜି ତା'ପାଇଁ ଏକ ନୂଆ ଦାମି କାର୍ କିଣାହେଇ ଗର୍‌ଜରେ ଶୋଭା ପାଉଛି ଅଥଚ ସେହି ଲୋକମାନେ ଆଜି ତା' ନିକଟରେ ନାହାଁନ୍ତି । ସେ' ଯାହା ଭାବୁଥିଲା ଯେ ତା' ବାପା-ମା' କେହି ବୋଧେ ତାକୁ ଭଲ ପାଉନଥିଲେ ସେ' ଭଲ ପାଠ ପଢୁ ନଥିଲା ବୋଲି ତାହା ବାସ୍ତବରେ ଠିକ୍ ନଥିଲା । ସେ' ନିଜର ଭୁଲ୍ ବୁଝିପାରିଥିଲା। କିନ୍ତୁ, ସେତେବେଳକୁ ବହୁତ ଡେରି ହେଇଯାଥିଲା । ତା' ଆଖିରୁ ଧାରଧାର ହେଇ ଲୁହ ବହି ଆସୁଥିଲା । ଆଜି ସେ' ଏତେ ସଂପତ୍ତିର ମାଲିକ, ଗୋଟିଏ ମିଲିୟନାୟାର ହେଇପାରିଛି କେବଳ ତା' ବାପା-ମା'ଙ୍କପାଇଁ । ସେଥିରେ ତା'ର ଫଟା କଉଡିର ଅବଦାନ ନାହିଁ । ତଳେ ଆଣ୍ଠେଇପଡି ଈଶ୍ୱରଙ୍କୁ ସେମାନଙ୍କର ଆତ୍ମାର ସଦ୍‌ଗତିପଇଁ ପ୍ରାର୍ଥନା କରିବା ସଙ୍ଗେସଙ୍ଗେ ନିଜକୁ କ୍ଷମା ଦେବାକୁ ମଧ୍ୟ ପ୍ରାର୍ଥନା କରୁଥିଲା । "ରେଜି' ତାକୁ ତଳୁ ଉଠେଇ ବୁଝେଇବାକୁ ଚେଷ୍ଟା କରୁଥିଲା ଓ କୋଳେଇ ନେଉଥିଲା ବେଳେ ତା' ଆଖିରୁ ଝରୁଥିବା ଲୁହ ଗୁଡିକ "ରେଜି'ର ପିଠିକୁ ଓଦା କରିଦେଉଥିଲା ।

"ରେଜି' ସେ' ଦିନ ପ୍ରଥମଥର ପାଇଁ ଜାଣିବାକୁ ପାଇଥିଲା ଯେ "ଆଲେକ୍ସ'ର ବାପା-ମା' ଚାହିଁଥିଲେ "ଆଲେକ୍ସ' ଦିନେ ନା ଦିନେ "ଓ୍ୱାରେନ୍ ବଫେ' ଭଳି ଆଉ ଜଣେ "ଓମାହା'ରେ ବିଲିୟନାୟାରଟିଏ ହେଉ । ଓମାହାରେ ସମସ୍ତେ ତାକୁ ଜାଣନ୍ତୁ ଓ ତା'ର ବାପା-ମା' କିଏ ଜାଣନ୍ତୁ । ସେ' ତାଙ୍କ ଇଚ୍ଛା ପୂରଣ କରିବାପାଇଁ ଆଲେକ୍ସକୁ ଏକ ପ୍ରସ୍ତାବ ଦେଲା । ଯେହେତୁ ସେ' ନିଜେ ଏକ "ରିଏଲ ଷ୍ଟେଟ ଡେଭଲପର' ଓ ତା' କଂପାନିରେ ଇନଭେଷ୍ଟ କଲେ ବହୁତ ଲାଭାଂଶ ମିଳିଯିବ, ତେଣୁ ଆଲେକ୍ସକୁ ଏହି ବୁଦ୍ଧି ଦେଖାଇଲା । ସେ' ନିଜେ

ଏଯାଏ ବେଶୀ ଇନଭେଷ୍ଟମେଣ୍ଟ କରିପାରୁନଥିଲା କାରଣ ତା' ପାଖରେ ଏତେ ଅର୍ଥ ସମ୍ବଳ ନଥିଲା । "ଆଲେକ୍ସ' ସେଥିରେ ରାଜି ହେଇଥିଲା ଓ "ରେଜି' କଥାକୁ ବିଶ୍ୱାସ କରି ତା' କଂପାନିରେ ନିବେଶ କଲା । "ରେଜି' କଂପାନି ଗୋଟିଏ ନୂଆ "ରେସିଡେନ୍‌ସିଆଲ କଲୋନି' କନଷ୍ଟ୍ରକସନପାଇଁ "ଆଲେକ୍ସ' ର ପଇସା ବିନିଯୋଗ କଲା । କନଷ୍ଟ୍ରକସନ କାମ ସରିଯିବା ପରେ ସେ' ଘର ଗୁଡିକୁ ବିକ୍ରୀ କରିବାରୁ ସେଥିରୁ ପ୍ରଚୁର ଲାଭାଂଶ ମିଳିଲା । ଖୁବ୍ ଶୀଘ୍ର ଆଲେକ୍ସ ଜଣେ ବିଲିୟନାୟାର ହେଇଗଲା ଯାହାକି ତା' ବାପା-ମା'ଙ୍କର ଦିନେ ସ୍ୱପ୍ନ ଥିଲା । ଯେଉଁ ଦିନ "ଆଲେକ୍ସ ସ୍ମିଥ୍' ନାଁ ବିଲିୟନାୟାର ତାଲିକାରେ "ଫୋର୍ବସ୍' ମାଗାଜିନରେ ଆସିଗଲା, ସେ' ଦିନ ସେମାନଙ୍କର ଫଟୋ ସହିତ "ଓମାହା ଷ୍ଟାର' ବୋଲି ଏକ ୬୦ ବର୍ଷର ପୁରୁଣା ଖବର କାଗଜରେ ଗୋଟିଏ ବୃହତ୍ତ ଲେଖା ପ୍ରକାଶ ପାଇଥିଲା ଏବଂ ସେ' ଦିନ ସଂଧ୍ୟା ଲୋକାଲ ନିଉଜରେ "କେ.ଇ.ଟି.ଭି.' ଟେଲିଭିଜନ ଚ୍ୟାନେଲରେ ମଧ୍ୟ ଏ' ଖବର ପ୍ରସାର ହେଇଥିଲା । ସାରା ବିଶ୍ୱ ସେ'ଦିନ ଜାଣିଯାଇଥିଲା "ଓମାହା' ର ଦ୍ୱିତୀୟ ବିଲିୟନାୟାରଟି କିଏ ।

ହିଡେନ୍ ଭ୍ୟାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଈଶ୍ୱର



ଡ. ଜ୍ଞାନେଶ୍ୱର ମିଶ୍ର

ହେ ଈଶ୍ୱର
ତୁମେ କାହାର
ତୁମେ ବେକାର
ତୁମେ ଅସ୍ଥିର
କଥା ଶୁଣନା, ବୁଝନା
ଖାଲି ଖଣ୍ଡେ ମାର୍ବଲ ପଥର

ତୁମର ଗାଡି ଅଛି ନା ଘର
ଠିକଣା ଗୀର୍ଜା, ମସଜିଦ୍, ମନ୍ଦିର
ଯାଆନ୍ତି ଦୁର୍ବଳମନା ଭକ୍ତି ଓ ଭୟରେ
କେବେ ବି କାହାକୁ ଦେଖା ମିଳେନା ସେଠାରେ

ଲୋଗ୍କୋଗ୍ସ ଦୁଃଖ ସବୁ
ଖୁନ୍ଦାଖୁନ୍ଦି ହୃଦୟରେ
ମନ ଅସ୍ଥିର ହୁଏ
ପ୍ରାଣକାନ୍ଦେ ବିକଳରେ

ବୋଧହୁଏ ଏ ଜୀବନ ଅସାର, ବେକାର
ଏ ସବୁର ତ ଈଶ୍ୱର ନଜେ କାରିଗର
ଏ ଜୀବନ ଗଢିଛନ୍ତି ନଜେ ତ ଈଶ୍ୱର
ତେଣୁ ଆମେ କେହି ନୋହୁଁ
ନଜେ ଈଶ୍ୱର ବେକାର

କାର୍ଲମାର୍କ୍ସ ସରଣୀ, କୋଲକାତା

# କୋରନା



ସାଗରିକା ମହାନ୍ତି

ସତେ ଯେମିତି କଳଙ୍କି ଲାଗିଗଲା, ମେସିନ ପରି ଦିନରାତି  ଦୌଡୁଥିବା ମଣିଷ ମାନଙ୍କୁ ।
ଅଛୁଆଁ ବି ହେଇଗଲେ ମୃତ୍ତିକା ଘର ପରି, ଏକାଥରେ ସମସ୍ତେ।
କୁଢ କୁଢ ଶବ, ଅଦିନଆ ଲୁହ ଭିତରେ ବି ଶୁଭି ଯାଉଛି ଯେମିତି  ମାଟି ମାଆର ସ୍ୱର ।
ଧନରେ, କାହା ପାଇଁ ଆଉ ଏ ଅହମିକା,
କାହା ପାଇଁ ଏତେ ମିଥ୍ୟା ଆସ୍ଫାଳନ ।
କାଗଜ ଡଙ୍ଗାରେ ବୋହି ଯାଉଛି ଜୀବନ, କଏ ଜାଣେ ସାତ ସିନ୍ଧୁ ପାରି ହେବ କ ନାହିଁ ।
ଆହୁଲାର ଡାକ ଥରେ ଶୁଣିଯା । ଏଥର ଟିକେ ରହିଯା ।

ସୂର୍ଯ୍ୟ, ଚନ୍ଦ୍ର, ଆକାଶ, ପୃଥିବୀ ସବୁ ଯିଏ ଯାହା ବାଟରେ ।
ତମେ ସବୁ ବାଟବଣା ହେଇ ଆଜି ଅଣସର ଘରେ ।
ତଥାପି ମନଟାକୁ ଏପଟ ସେପଟ କରି କଣ ଦେଖୁଛୁ କହିଲୁ !
ମୁହୂର୍ତ୍ତକରେ ସବୁ ଓଲଟିଗଲା କେମିତି, ତୋ ହାତର ସେ ଚକ ଚକ କରୁଥିବା ସିକ୍କାଟା
ପରି ! ଏଇୟା ନା ?
ଏବେ ବି ସମୟ ଅଛି, ଶିଖିଯା।
ଏଥର ଟିକେ ରହିଯା ।

ବିଦେଶିନୀ, ମାୟାବିନୀ, ଅଦୃଶ୍ୟ ଶତ୍ରୁ ।
କଏ ଜାଣେ କାହା ରୂପେ ଆଉ କେମିତି ଆସିବ,

ବିନା ଅସ୍ତ୍ରରେ ଆଜି ।
ଲକ୍ଷ୍ମଣ ଗାଁର ଡେଇଁବା ଆଗରୁ, ଥରେ ଖାଲି ଭାବ,
ଏ ଘୋର କଳ ଯୁଗରେ ରକ୍ଷାକର୍ତ୍ତା ମାନେ ଖାଲି କାହାଣୀର ଗୋଟେ ଗୋଟେ ପାତ୍ର ।
ତୁମ ପାଇଁ ଲଢ଼ିବାକୁ, କେହି ନାହିଁ ଆଉ।

ତମେ ଯଦି ଚାହଁ, ସାଜି ପାରିବ ନିଜେ ନିଜ ପାଇଁ ରାମ ଆଉ ଲକ୍ଷ୍ମଣ ।
ସାଜସରଞ୍ଜାମ ନେଇ ପଛେଇ ଆସ ଥରେ , ବାଘ ପରି ନିଜ ପଂଝାକୁ ସଜାଡି ନିଅ !
ଗଡ଼ ପଛରୁ ଆକ୍ରମଣ କର ।
ଏ ଯୁଦ୍ଧରେ ଆମେ ସମସ୍ତେ ସିପାହୀ, ଆମେ ସମସ୍ତେ ବିଦ୍ରୋହୀ,
ଆମେ ସମସ୍ତେ ବିଜୟୀ ।
ବିଜୟୀ ଭବ ।

ନବୀ ମୁମ୍ବାଇ, ମହାରାଷ୍ଟ୍ର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ହୋଲିକା



ଦୀପ୍ତିମୟୀ ବିଶ୍ୱାଳ

କଏ ବର ଯାଚଦେଲା....
ତୁମକୁ ଛୁଇଁବନ  ଅଣଗ୍ଧଶ କ ଅନଳ !
କଏ ବର ଯାଚଦେଲା ...
ତୁମେ ଈଶ୍ୱରୀ, ତୁମ ପାଦତଳେ ଅତଳ, ବିତଳ, ମହୀତଳ !

ଓଃ ....
ତମେ ବି ମାନଗଲ ତମେ ଈଶ୍ୱରୀ !
ତମେ ମାନଗଲ ତମ ହାତରେ ସୃଷ୍ଟି,
ତମ ହାତରେ ତରବାରୀ !

କୁହ ତ
ଯେଉଁ ଜଠରରେ ସାଇତିଛ ଜଗତ
ସେ ଶତ୍ରୁ କେମିତି ହୁଏ !
ଯେଉଁ ଚକ୍ଷୁରେ ସୂର୍ଯ୍ୟ ଚନ୍ଦ୍ର
ସେଠି ଅନ୍ଧାର କେମିତି ହୁଏ !

ଦେଖ କେମିତି ଆଁ କରିଛି ମାଟି,
ଫୁଟପାଥରେ ବି ଖଣ୍ଡ ହାଡ ଧରି

ଶୁଖିଲା ଥନ ଶୋଷୁଚ ଶାବକ,
ଦେଖ କେମିତି ଅବେଳରେ ଝଡିପଡୁଛି ପତ୍ର,
ମରୁତୃଷ୍ଣାରେ ଅଠା ଅଠା ତଣ୍ଟି ପାଟି ।

ପାରୁଛ ତ....
କଅଁଳେଇଦିଅ ଶାଗୁଆ ଶାଳବଣଟିଏ
ହିରଣ୍ୟର ଊଷର ଛାତିରେ ।
ଫିଟେଇଦିଅ ଛଳଛଳ ନର୍ମଳ ଝରଟିଏ
ପଥର ପାଲଟିଯାଇଥିବା ଅଭିଶପ୍ତ ହୃଦୟରେ ।

ଛାଡ...
ମାନନେଲି ... ତମେ ଈଶ୍ୱରୀ,
ମାନନେଲି ତମକୁ ଅନଳ ଛୁଏଁନା ।
ଅଥଚ ତମ ଭିତରର ଅହଂ !
ଦେଖ ... ଭଲକ ଦେଖ
ତମେ ହିଁ ଜଳୁଛ ହୁତ୍ ହୁତ୍
ଅସୂୟାର ପ୍ରଖର ଉତ୍ତାପରେ ।
ପ୍ରହଲ୍ଲାଦ ତ ଆଜନ୍ମ ଶାନ୍ତ, ସ୍ଥିର
ତାକୁ କିଏ ଜାଳପାରେ !

ବାଜିରାଉତ ଛାତ୍ରାବାସ, ଅନୁଗୋଳ

# ବାଇଶ ନମ୍ବର ବେଡ୍



ପ୍ରାଧାପିକା ଜ୍ୟୋସ୍ନା ରାୟ

ଜୀବନର ଦୋ ଛକରେ
ବୟସର ଗୋଧୂଳି ଲଗ୍ନରେ
ମୁଁ ଦେଖୁଛି ଆଜି
ଗୁରିଆଡେ ଶୂନଶାନ ନୀରବ ନିଥର
ଜଣେହେଲେ କେହି ନାହିଁ ଦୁନିଆରେ
କହିବାକୁ ଆହା ପଦେ
କ୍ୟାନସର ରୋଗୀଟିଏ ମୁଁ
ଯନ୍ତ୍ରଣାରେ ଛଟପଟ
ଦେହ ମନ ଉଦାସ ଅନ୍ଧାର
ଏକାକିନୀ ନିଶବ୍ଦରେ
ଗତାୟୁର ରୋମନ୍ଥନ କରେ
ମୁଁ ମାପୁଛି ସେଦିନରୁ ଆଜିର ଦୂରତା ।
ସେଦିନର ସ୍ନେହ ପ୍ରେମ ନିବିଡ ମମତା
ଆଜିର ଏ ଘୃଣା ନିଃସଙ୍ଗତା
ମିଛ ହେଲା ପ୍ରୀତି ଆଉ
ସମ୍ପର୍କର ସ୍ଥିତି ଆଜି
ସଭିଏଁ ତ କରିଦେଲେ ପର

ସମ୍ପର୍କର ଦ୍ୱାହି ଦେଇ
ଆପଣେଇ ଥିଲି ଯାରେ
ସାତ ଜନମକୁ, ହେଲେ ସାତ ପର
ମିଛ ହେଲା ମୋ ଶଙ୍ଖା ସିନ୍ଦୂର ।
କ୍ୟାନସର ଜୀବାଣୁ ସବୁ
ହାଇମାରେ ମୋ ରକ୍ତରେ
ବାଇଶ ନମ୍ବର ବେଡର ଅଭାଗିନୀ
ଅଭିମାନୀ ରୋଗୀଟିଏ ମୁଁ
ଅସହାୟ ମୁହୂର୍ତ୍ତରେ
ଜୀବନର ଅସ୍ତଲଗନରେ
ଶେଷ ଇଚ୍ଛା ମୋର
ଅମଳନ ହସଟିଏ
ମମତା ପରଶଟିଏ
ସମବେଦନାର ଲୁହ ଟୋପାଏ
ବାସ୍, ଏତିକି..... ଅଥଚ
କାହାଠାରୁ କାହାଠାରୁ ମିଳବ ଯେ?
ଘୃଣ୍ୟ ମୁଁ ଯେ ସଭିଙ୍କ ଆଖିରେ ॥

ଆଜିମାବାଦ, ବାଲେଶ୍ୱର, ଓଡିଶା

# ଶିଶୁ କବିତାରେ ଶୀତଋତୁ



କୁଞ୍ଜ ବିହାରୀ ସାହୁ

ହେମନ୍ତ ଋତୁ ବିଦାୟ ନିଏ ଋତୁ ଚକ୍ରର ଚତୁର୍ଥ ଋତୁ ଭାବେ । ଧରାପୃଷ୍ଠରେ ଅବତରଣକରେ ଶୀତ କୁହୁଡିର ଚାଦର ପିନ୍ଧି, ଉତରା ପବନରେ ପହଁରିପହଁରି । ପଲ୍ଲୀ ଜୀବନକୁ ପର୍ଯ୍ୟାପ୍ତ ପରିମାଣରେ ସାଉଁଟିସାଉଁଟି । ସକାଳ ସଞ୍ଜରେ ଖେଳଯାଏ ଶୀତର ଉଦାସ ଭାବ ପ୍ରତ୍ୟେକ ଜନମାନସରେ ।

ପଲ୍ଲୀର ପ୍ରଭାତ ଶାନ୍ତ, ନୀରବ, ଶିଶିରଭିଜା ହୋଇଯାଏ । ଅଣଓସାରିଆ ଧୂଳିଆ ବାଟରେ ସୂର୍ଯ୍ୟଙ୍କର ମନଲୋଭା କଅଁଳ କିରଣ ବିଛାଡ଼ି ହୋଇପଡ଼େ ।

ମଧ୍ୟାହ୍ନରେ ସୂର୍ଯ୍ୟକିରଣର ପ୍ରଖରତା ବିଭୋରପଣରେ ଦେହ-ମନକୁ ଛୁଇଁଯାଏ । ଖୋଲାପିଠିକୁ ଦେଖାଇ ବୟସ୍କ ଲୋକମାନେ ଖରାର ମାଦକତା ପାଆନ୍ତି । ଗାଁର ଦାଣ୍ଡଦୁଆରରେ ବୁଢ଼ାବୁଢ଼ୀମାନେ ଭୋଜନ ଅନ୍ତେ କଅଁଳ ଖରାକୁ ଉପଭୋଗ କରନ୍ତି ।

ଶିଶୁସାହିତ୍ୟକୁ ଶୀତ ସହ ସମ୍ପର୍କ ବାନ୍ଧିଲାବେଳକୁ କବିମାନଙ୍କ କବିତାଗୁଡ଼ିକୁ ସାଉଁଟିବାକୁ ପଡ଼େ । ଶିଶୁସାହିତ୍ୟ ଶିଶୁମାନଙ୍କ ସମ୍ବନ୍ଧରେ ସାହିତ୍ୟ, ଶିଶୁମାନଙ୍କ ପାଇଁ ସାହିତ୍ୟ । ସରଳ ଶବ୍ଦବିନ୍ୟାସ ତଥା ବୋଧଗମ୍ୟ ଭାବଧାରାରେ ଏହା ସୁସଜ୍ଜିତ । କବି ଓ ଗାଳ୍ପିକମାନେ ବି ନିଜର ଶାଣିତ ଲେଖନୀରେ ସାରସ୍ୱତ ଭଣ୍ଡାରକୁ ସମୁଜ୍ଜ୍ୱଳ କରିପାରିଛନ୍ତି। ଶୀତକୁ ପରଖିନେଇ ଅନେକ କବିତା ଭେଟିଦେଇଛନ୍ତି ସମାଜକୁ ।

ନିକୁଞ୍ଜ କିଶୋର କାନୁନ୍‌ଗୋ ଓଡ଼ିଶାର ବିଶିଷ୍ଟ ଶିଶୁ ସାହିତ୍ୟିକ । ଘରେ ଘରେ ପରିଚିତ । ଓଡ଼ିଆ ସାହିତ୍ୟ ଏକାଡେମୀ ତରଫରୁ ପୁରସ୍କାର ପାଇ ଶିଶୁସାହିତ୍ୟକୁ ସମୃ କରିଛନ୍ତି । ସେ ବି ଅନୁଭବ କରିପାରିଛନ୍ତି ଶୀତକୁ । ପ୍ରକୃତିକୁ ଭଲପାଇବା ସହ ଶୀତକୁ ବଖାଣିଛନ୍ତି

ନଜର କବିତା କାକର ରେ । ଏହି କବିତାଟି ତାଙ୍କ ରଚତ ଆମ ଖେଳଣା ପୁସ୍ତକ ରୁ ଆନୀତ । ସେ ଆଜି ଆମ ଗହଣରେ ନାହାଁନ୍ତି ସତ, ମାତ୍ର ତାଙ୍କର ସରଳ, ତରଳ, ଭାବମୟ ଶିଶୁ କବିତାଗୁଡ଼ିକ ଏବେ ବି ପାଠକର ମନଛୁଆଁ ହୋଇପାରିଛି ।

କାକର ପାଣି କାକର ପାଣି
କୁଆଡୁ କଏ ତତେ ଲୋ ଆଣି ।
ଅଜାଡିଦେଲୁ ଶାଗୁଆ ଘାସେ
ସକାଳେ ତହିଁ ମୁକୁତା ହସେ ।

ଶିଶୁ ସାହିତ୍ୟର ପ୍ରଥିତଯଶା ସାହିତ୍ୟିକ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଛୋଟ ଛୋଟ ଚରିତ୍ରମାନଙ୍କୁ ନେଇ ଯେଉଁଭଳି ଶିଶୁ ସୁଲଭ ଠାଣିରେ କବିତା ଲେଖି ଦେଇଛନ୍ତି, ତାହା ସର୍ବଜନାଦୃତ । ଶୀତ ଋତୁରେ 'ଘାସ କୁ ନେଇ ଲେଖିଥିବା କବିତାର ପଦୁଟିଏ ଏଠି ମନେପଡ଼ିଯାଏ -

ଆସିଲା ଶୀତ ମାସ
ସକାଳୁ ନିତି ଶିଶିର ମୋତି
କରିବେ କେତେ ଗ୍ରାସ ।

ତପନ କୁମାର ସ୍ୱାଇଁ ଏକ ଶ୍ରଦ୍ଧାଶୀଳ ଓ ଚର୍ଚ୍ଚିତ ନାମ ଶିଶୁସାହିତ୍ୟରେ । ଚମତ୍କାର ଓ ଶିଶୁସୁଲଭ ଠାଣିରେ କବିତା ଲେଖନ୍ତି । ତାଙ୍କର ପ୍ରତ୍ୟେକ କବିତାରେ ଥାଏ ଉନ୍ନତ ଧରଣର ଭାବ । ଶିଶୁମାନଙ୍କୁ କବିତା ଶୁଣାଇବାରେ ସେ ସିଦ୍ଧହସ୍ତ । ଅନେକ ଗୁଡ଼ିଏ ଶିଶୁ ପୁସ୍ତିକା ରଚନା କରି ବାଣୀଭଣ୍ଡାରକୁ ଆଲୋକିତ କରିଛନ୍ତି । ବିଭିନ୍ନ ଋତୁକୁ ସେ ସାଉଁଟି ସେଥିରୁ ନିର୍ଯ୍ୟାସ ବାହାର କରନ୍ତି । ସେହିଭଳି ଶୀତର ପରଶକୁ ଅଣ୍ଜାଳ ଅଣ୍ଜାଳ ପାଇଛନ୍ତି ଏକ ନୂଆ ଅନୁଭବ । ଗଛ-ଲତା, ଫୁଲ-ଫଳ, ଘାସ-ଲଟାରେ ବି ସେ ଶୀତକୁ ସାଉଁଟିଛନ୍ତି ନିବିଡ଼ ଆତ୍ମୀୟତାରେ । ତାଙ୍କର କବିତା ଶୀତ ସକାଳରେ ନଜର କାବ୍ୟିକ ଛଟାକୁ ନିଭେଇ ଲେଖିଛନ୍ତି -

ଶୀତ ଥୁରୁଥୁରୁ ପହିଲି ସକାଳେ
କାକର ଆଙ୍କୁଚ ଝୋଟି
ସକାଳର ଖର୍ ଦେଦେ ବୋଳ ହୋଇ
ଘାସରେ ଯାଉଛି ଲୋଟି ।
ବସିଛନ୍ତି ଦେଖ ଗଛମାନେ ସବୁ
ତୁନହୋଇ ନରବରେ
କଙ୍କି, ପ୍ରଜାପତି, ଭଅଁରଟିଏ ବି
ଉଡୁନାହିଁ ଫୁଲପରେ ।
ଶୀତ ଏମିତିକା ଋତୁଟିଏ ସେ ତ
ସଭିଙ୍କ ଦେହକୁ ଛୁଏଁ
ତା' ପରିକା ଏତେ ଆପଣାର ଆଉ
ବନ୍ଧୁ ଅଛି କୁହ କଏ ?

ଶୀତ ଯେ ଗୋଟାପଣେ ସଭିଙ୍କ ଆପଣାର, ଏକଥା ସ୍ୱୀକାର୍ଯ୍ୟ । ଶୀତୁଆ ସକାଳର ନଆର୍ ଆବେଗ ମନ- ପ୍ରାଣକୁ ଛୁଇଁଯାଏ ଅୟସରେ । ଦେହ ଶିରିଶିରି ଲାଗୁଥିବା ଶୀତୁଆ ସକାଳରେ ମା' ର ମମତାମୟୀ ଡାକ ବହୁତ ଭଲ ଲାଗେ । ପିଲାମାନେ ଅଝଟ ହୁଅନ୍ତି ଜାଣିଶୁଣି, କାରଣ ଶୀତୁଆ ସକାଳରେ ଘୋଡ଼େଇ ହୋଇ ଶୋଇବାରେ ଯେତିକ ମଜା, ଛୋଟଛୋଟ ପିଲାମାନେ ହିଁ ବୁଝିପାରିବେ । ଶୀତ ଯେ କେତେ ମଜାଦାର, ତା' ପାଇଁ ପିଲାମାନେ ଗୀତ ଗାଇ ମନ ଖୁସି କରନ୍ତି । ଶୀତୁଆ ପବନରେ ଦେହ ଥରିଲେ ବି ଭଲଲାଗେ ଶୀତୁଆ ଗୀତଟିଏ ଗାଇଦେଲେ । ବୋଧହୁଏ କବି କୁଞ୍ଜ ବିହାରୀ ସାହୁ କବିତାଟିଏ ଲେଖିଛନ୍ତି (ମୋ ନଜସ୍ୱ କବିତା) - ଗାଅରେ ଶୀତୁଆ ଗୀତ । ଆଜିକାଲି ଶିଶୁସାହିତ୍ୟରେ ନଜର ଅମ୍ଳାନ ପଦଚହ୍ନ ଦେଇଗଲିଛନ୍ତି କବି ଶ୍ରୀଯୁକ୍ତ ସାହୁ । ପିଲାଙ୍କ ପାଖରେ କବିତାଗୁଡ଼ିକ ପହଂଗ୍ଭଇ ସେ ପାଠକୀୟ ଶ୍ରଦ୍ଧା ଲାଭକରିଛନ୍ତି । ସେ ଶୀତକୁ ପରଖିପରଖି କବିତାଟିଏ ବାନ୍ଧିଛନ୍ତି ଏହିପରି –

ଓଦା ହୋଇଲାଣି ଗଛର ପତର
ଛୋଟଛୋଟ ଘାସ, ମାଟି
ଶୀତୁଆ କୁହୁଡି ମାଡି ଆସିଲାଣି

କୋଲ ମାରିଲାଣି ପାଟି ।
କଦ ଭାଙ୍ଗୁନାହିଁ ଉଠିବାକୁ ପରା
ବୋଉ ଡାକଲାଣି ଆସି -
ଉଠି ଯା’ ଗେହ୍ଲା ପୁଅ ଝିଅ ମୋର
ଶେଯ ହୋଇଲାଣି ବାସି ।
ଶୀତକୁ ଡରିକ ସକାଳେ ଶୋଇଲେ
ଅଳସୁଆ ବୋଲି କହି
ସାଙ୍ଗସାଥୀମାନେ ପଢିବାକୁ ଯିବେ
ହାତେ ଧରି ଖାତା ବହି ।
ଶୀତକୁ କେବେ ବି  ଡରିବ ନାହିଁରେ
ଶୀତ ପରା ଆମ ମିତ
ତାଳ ମାରିମାରି ମଜା କରିକରି
ଗାଅରେ ଶୀତୁଆ ଗୀତ ।

ଶୀତୁଆ ଅପରାହ୍ନରେ ଗାଁ ଚହିତ ହୁଏ । ପାଚଲା ଧାନର ଢଳଢଳ ଗୁହାଁଣିରେ ଦୃଶ୍ୟରେ ଆତ୍ମହରା ହୁଏ ପ୍ରକୃତି । ଏକନଷ୍ଠ ସାଧକପରି କୃଷକ ନଜ ପରିଶ୍ରମର ମୂଲ୍ୟ ଗଣେ ତା’ ଗୃଷଜମିରେ । ଗୃଷୀମାନଙ୍କୁ ଦେଖି ଭକ୍ତକବି ମଧୁସୂଦନ ରାଓ ଲେଖିଛନ୍ତି -

ଖଳାକରି ଗ୍ରାମ ସୀମାରେ ଧାନ ଅମଳ କରି
ଗୃହକୁ ନଅନ୍ତି ଆନନ୍ଦେ ବିଭୁ ନାମ ସୁମରି ।

କବି ଗୀତ ଗାଏ ମଧୁର ତାନରେ । ସୁର ଲୟର ତାଳ ଥାଉ ବା ନଥାଉ, ନଘା ରଖେନ । ସୁଖ ଦୁଃଖର ସଂସାରକୁ ସାଉଁଟି ଧାନ କାଟିଲାବେଳେ ଗୀତଟିଏ ବୋଲେ । ଏହି ପରିପେକ୍ଷୀରେ ଡଃ ବସନ୍ତ କଶୋର ସାହୁଙ୍କର କବିତା ଧାନକଟା କୁ ଆଉଟା ହୋଇପାରେ। ଶ୍ରୀଯୁକ୍ତ ସାହୁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶିଶୁସାହିତ୍ୟିକ ଭାବେ ପୁରସ୍କୃ ତ ହୋଇଛନ୍ତି । କେବଳ ଯେ ଶିଶୁ ସାହିତ୍ୟିକ, ତା ନୁହେଁ, ସେ ଜଣେ ପ୍ରାକ୍ତନ ଅଧ୍ୟାପକ, ଗବେଷକ, ସୁସଙ୍ଗଠକ, ଛାତ୍ରବତ୍ସଳ । ରାଶିରାଶି କବିତା ଲେଖି ସମସ୍ତ ପାଠକ

ପାଠିକାମାନଙ୍କର ହୃଦୟ ଜିଣିପାରିଛନ୍ତି । ସେହି ବରେଣ୍ୟ କବି ଡଃ ବସନ୍ତ କିଶୋର ସାହୁଙ୍କ ଧାନକଟା କବିତାରେ -

ଗହୀର ବିଲରୁ ଧାନକଟା ଗୀତ
କାନରେ ଯାଇଛି ବାଜି
ସୁଖ ଦୁଃଖ ଭରା ସେହି ଗୀତ ଶୁଣି
ଆଖି ଲୁହେ ଯାଏ ଭିଜି ।
ସକାଳରୁ ସଞ୍ଜ ଧାନକଟା ଦୃଶ୍ୟ
ସାଥିରେ କଳେଇ ବୁହା
ଅତି ଆପଣାର ଛବିଟିଏ ଭଳି
ଆଖି ଆଗେ ନାଚେ ଆହା !

ବୟସରେ ଜ୍ୟେଷ୍ଠ । ଶିଶୁସାହିତ୍ୟରେ ବି ଜ୍ୟେଷ୍ଠ । ଏକ ଅନାବିଳ ହୃଦୟରେ ବନ୍ଧା ଆଗଧାଡ଼ିର ଶିଶୁସାହିତ୍ୟିକ ଶ୍ରୀଯୁକ୍ତ ତ୍ରିଲୋଚନ ମଥାନ । ଲେଖାଗୁଡ଼ିକ ସତେ ଯେମିତି ମାର୍ଜିତ, ଶାଣିତ, ଚତ୍ରିତ । ଶିଶୁର ମାନସିକତାକୁ ଉପଲବ୍ଧି କରି ଅନେକ ଶିଶୁକବିତା ଭେଟି ଦେଇଛନ୍ତି ଶିଶୁଭଣ୍ଡାରକୁ । ସେ ବି ଅନୁଭବ କରିଛନ୍ତି ଯେ ଶୀତ ଦୁଷ୍ଟ ନା ଶିଷ୍ଟ । ଶୀତକୁ ଡରିଲେ ଶୀତ ଡରାଏ । ଶୀତକୁ ନ ଡରିଲେ ଶୀତ ଆପଣାଛାଏଁ ଧରାଦିଏ । କୁହାଯାଏ ଶୀତରେ ଥୁରୁଥୁରୁ ହେବା ଅପେକ୍ଷା ପରିଶ୍ରମ କରି ଆଗକୁ ଚାଲିବା ଉଚତ । ଏକ ନୀତିଶିକ୍ଷା ଛଳରେ ଶୀତଋତୁକୁ ବର୍ଣ୍ଣନା କରି ଲେଖିଛନ୍ତି କବିତାଟିଏ - ଶୀତୁଆ ସକାଳେ ଯାଉଛି ଥରି ।

ପାଦରେ ଚପଲ ଦେହକୁ ଢାଙ୍କି
କମର ଗଲାଣି କେବେଠୁ ବାଙ୍କି
ମନରେ ସାହସ ଭରି
ଖାତିରି ନାହିଁ ତା' କୁହୁଡି କାକର
ଅଶୀ କରିଲାଣି ପାରି ।
ବୁଢୀ ମା' ହସିକି କହେରେ ପିଲେ
ଶୀତ ବର୍ଷା ସହି ଖଟିଛି ବିଲେ

କରିଥିଲି ଦେହ ଟାଣ
ସମୟକୁ ଜଗି ଖଟିଥିଲି ବୋଲି
ଆଜି ବି ଚାଲୁଛି ଜାଣ ।

ଶିଶୁସାହିତ୍ୟରେ ସବୁବେଳେ ନଜରକୁ ଆସୁଥିବା କବି ହେଲେ - ଦେବେନ୍ଦ୍ର ଚୌଧୁରୀ । ରାଉରକେଲାରେ ଆସ୍ଥାନ ଜମାଇ ଶିଶୁସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି ନିଜର ମନଛୁଆଁ କବିତାରେ । କବିତାର ଶବ୍ଦ ଯେତିକି ସରଳ, ସେତିକି ଭାବପୂର୍ଣ୍ଣ । ଖୁବ୍ ନିଖୁଣ ଭାବରେ ଶୀତକୁ ଆଦରି କବିତାଟିଏ ଲେଖିଛନ୍ତି ତାଙ୍କର କବିତା ଆସିଲାରେ ଶୀତ ଆସିଲା ରେ । ସାମାଜିକ ପ୍ରତିଫଳନକୁ ସୁମଧୁର ଠାଣିରେ ସେ ବର୍ଣ୍ଣନା କରିଛନ୍ତି ।

ବାଡିବଗିଚାକୁ ହସେଇ
ଗେଣ୍ଡୁଫୁଲେ ହାଟ ବସେଇ
ଆସିଲାରେ ଶୀତ ଆସିଲା
ପିଲାଙ୍କର ଗୁଡି ନଚେଇକୁ ଭିଡି
ଜହ୍ନଦେଶେ ଛୁଇଁ ଭାସିଲା ।

ଗରିବର ନିଦ ହଜେଇ
ଦାନ୍ତ ଠକଠକ ବଜେଇ
ଆସିଲାରେ ଶୀତ ଆସିଲା
ଆଖୁଶାଳଟିରେ ଆଖୁ ପେଡ଼ା ହେଲା
ରନ୍ଧାଗୁଡ଼ ଭରି ବାସିଲା ।

ନାରୀ କବିମାନେ ବି ବାଦ୍ ପଡ଼ିନାହାନ୍ତି ଶିଶୁକବିତା ଲେଖିବାରେ । କବୀ ସୁଜାତା ଶତପଥୀ କବିତା ଲେଖିବାରେ ମାହିର । ଶବ୍ଦବିନ୍ୟାସରେ ନିଜର ଚାତୁରି ଦେଖାଇ କବିତାର ଭାବକୁ ନିଖୁଣ ଭାବେ ପରିବେଷଣ କରିପାରନ୍ତି । ଋତୁକାଳୀନ କବିତା ଶୀତର ପରିଚୟକୁ 'ଶୀତ ' କବିତାରେ ନୂତନ ଭାବଭଙ୍ଗୀରେ ଉପସ୍ଥାପନା କରିଛନ୍ତି ।

ପଗ୍ଭରିଲି କାଶତଣ୍ଡି ତୋ ମୁହଁ କାହିଁ ଶୁଖିଛି ?
ମୁହଁ ପୋତି କହିଦେଲା ଶୀତ ପରା ଆସୁଛି ।
ଫୁଲେଇ ଶୀତଟା ପରା ଫୁଲ ଧରି ଆସୁଛି
ଫୁଲ ଫଳ ଦୁନିଆର ମନ ପରା ମୋହୁଚ ।
କୋମଳ ଛୁଆଁରେ ତା'ର ଧରଣୀକୁ ଛୁଇଁବ
ନାନାବିଧ ଫୁଲଫଳେ ଗନ୍ଧ ତା'ର ମଣ୍ଡିବ ।

ରାଉରକେଲାର ବାସିନ୍ଦା ଶ୍ରୀମତୀ ପ୍ରଭାତ ନଳନୀ ସାହୁ ଉଚ୍ଚକୋଟୀର ଶିଶୁକବିତା ଲେଖିବାରେ ଧୂରୀଣା । ନିଜର ଧୀଶକ୍ତି, ଲେଖିବାର ପିପାସା ସବୁବେଳେ ମନକୁ ଆନ୍ଦୋଳିତ କରିଛି । ଅନେକ ପତ୍ରପତ୍ରିକାରେ ନିଜର ସାହିତ୍ୟିକ ମୂଲ୍ୟବୋଧକୁ ଉପସ୍ଥାପନା କରି ପାଠକମାନଙ୍କର ଆଦରଣୀୟା ହୋଇପାରିଛନ୍ତି । ବିଭିନ୍ନ ଅନୁଷ୍ଠାନ ସହ ଜଡ଼ିତ ରହି ସାହିତ୍ୟକୁ ଊର୍ଦ୍ଧ୍ୱମୁଖୀ କରିପାରିଛନ୍ତି । ଶୀତଋତୁକୁ ପାଖରୁ ଦେଖିଛନ୍ତି । ଶୀତଋତୁରେ ମିଳୁଥିବା ବିଭିନ୍ନ ପନିପରିବା, ଶାଗ ରେ ଉପକାରିତାକୁ ଭେଟିଦେଇଛନ୍ତି । ପରିବାକୁ ନେଇ ତାଙ୍କର ଭିନ୍ନ ସ୍ୱାଦର କବିତା ଶୀତ ଋତୁର ପରିବାରେ ଆମେ ସାମ୍ନାସାମ୍ନି ହେବା କବୀଙ୍କର ସୃଜନଶୀଳତାକୁ ।

ଆସିଗଲା ଭାଇ ଶୀତ
ହାଟବଜାରରେ ସବୁଠି ଚାଲିଲା
ପରିବାମାନଙ୍କ ଯାତ ।
ଫୁଲେଇ ତ ଫୁଲକୋବି
ଛାତିକୁ ଫୁଲେଇ ଆଖିକୁ ନଚେଇ
କଥା କହେ ଭାବିଭାବି ।
ମୁଁ ପରା ପରିବା ରାଣୀ
ପକୁଡି, ତର୍କାରୀ ଯେମିତି ରାନ୍ଧିଲେ
ଦେଖାଏ ଦିଏ ମୋ ଠାଣି ।
ବିନସ୍, ସଜନା ଛୁଇଁ

କହନ୍ତି ଦେହରେ ଭରି ଭିଟାମିନ୍
ରୋଗ ନ ପାରିବ ଛୁଇଁ ।
ପାଳଙ୍ଗ, କୋଶଳା, ମେଥି
ଯେତେ ସବୁ ଶାଗ ଦେହ ପାଇଁ ବାଗ
କହନ୍ତି ସେ ଆଖି ଟେକ ।
ଶୀତର ପରିବାହାଟ
ଯେତେ ବଖାଣିରେ ଗୁଣ ନ ସରେନାହିଁ
କରୁଥାନ୍ତି କେତେ ନାଟ ।

ଆକାଶବାଣୀର ଗୀତିକାର ଭାବେ ସୁନାମ ବହନ କରିବା ସହ ଶିଶୁ ସାହିତ୍ୟରେ ମନୋନିବେଶ କରି ଚର୍ଚ୍ଚିତ ହୋଇଛନ୍ତି କବି ପ୍ରତାପ କୁମାର ଦ୍ୱିବେଦୀ । କେବଳ ଶିଶୁ ନୁହେଁ ବୟସ୍କ ଲୋକଙ୍କ ମନକୁ ଟାଣିନେଲା ପରି କବିତା ଲେଖନ୍ତି । ଶିଶୁସାହିତ୍ୟର ବିଭିନ୍ନ ଭାଗରେ ସେ ଲେଖନୀ ଚାଳନା କରି ପାଠକୀୟ ଆଦର ଲଭିଛନ୍ତି । ଶୀତଋତୁକୁ ଅନୁଭବିଛନ୍ତି ପାଖରୁ । ଏ ବର୍ଷ ଶୀତ ବାହୁଡ଼ିଗଲେ ବି ଆସନ୍ତା ବର୍ଷ ପୁଣିଥରେ ଆସିବ ଶୀତ । ସମସ୍ତଙ୍କୁ ମତାଣିଆ କରିବ । ଯେମିତି ଆସିବୁ ଆର ବରଷ କବିତାରେ ଲେଖିଛନ୍ତି –

କୁହୁଡି ଘେରା କାକର ଭରା ରଥରେ ଶୀତ ମାଉସୀ
ମରତ ପରେ ସବୁରି ଘରେ ଦେଲାଣି ସିଏ ଆଉଁସି ।
ଗୋବରା ପକ୍ଷୀ ଓଳାଏ ଦାଣ୍ଡ ପରକୁ ଝାଡି ତାହାର
ଚାଳ ମଥାରୁ ଲାଉ ଫୁଲଟି ହସଇ ହୋଇ ବାହାର ।
ସଞ୍ଜ ନଇଁଲେ ମାଡି ଆସଇ କଜଳ କଳା ରାତିଟି
ଶୀତ ମାଉସୀ ଥରାଇ ଦିଏ ସଭିଙ୍କୁ ଶୀତେ ମାତିଟି ।
କହିଲେ ପିଲେ ମଉସା ସାଥେ ଆସିବୁ ଆର ବରଷ
ମଜା କରିବା ଆମରି ଘରେ ସଭିଏଁ ହୋଇ ହରଷ ।

ପଲ୍ଲୀ ପ୍ରକୃତି ପାଣ୍ଡୁର ବର୍ଣ୍ଣ ଧାରଣ କରେ ଶୀତଋତୁରେ । ନବୁଜ ଅରଣ୍ୟ, ନଦୀ, ନାଳ, ପାହାଡ଼, ପର୍ବତ ସବୁଠି ଘୂରେ ଶୀତର ଏକଗୁଚିଆ ରାଜୁତି । ସେ ଚନ୍ଦ୍ରେନା ଜଣା କ ଅଜଣା । ଏମିତି ବି ହୁଏ ଅବେଳରେ ବଙ୍ଗୋପସାଗରରେ ଅବପାତ ହୁଏ । ଘୂର୍ଣ୍ଣିଝଡ଼ରେ ବିପୁଳ ପରିମାଣରେ ବର୍ଷା ହୁଏ । ମଣିଷ ସମାଜ ହନ୍ତସନ୍ତ ହୁଏ । ପକ୍ୱଧାନ କ୍ଷେତକୁ ସମୂଳେ ନଷ୍ଟ କରିଦେଇ କୃଷକର ମେରୁଦଣ୍ଡକୁ ଭାଙ୍ଗିଦିଏ । ଯଦ୍ୱାରା ମାନସିକ, ଶାରୀରିକ, ଆର୍ଥିକରେ ଦିନ କଟେ ।

କୁହାଯାଏ ମାଘ ମାସରେ ଶୀତର ପ୍ରଭାବ ଅଧିକା ଅନୁଭୂତ ହୁଏ, ସେଥିପାଇଁ ମାଘ ମାସରେ ବାଘ ପରିକା ଶୀତ । ସେ ଯାହା ହେଉନା କାହିଁକ ଶୀତ ଏକ ଋତୁ । ଏହା ସବୁ ଦୃଷ୍ଟିରୁ ଗ୍ରହଣୀୟ । ପ୍ରତ୍ୟେକ ଋତୁର ନଜସ୍ୱ ଗୁହିଦା ରହିଛି । ସାମାଜକ ଅଥବା ପରିବେଶ ସମ୍ବନ୍ଧୀୟ ହେଉ, ଋତୁମାନଙ୍କ ସହ ମିନ୍ନ ବସିବା ଉଚତ । ଯେମିତି ମିନ୍ନ ହିଁ ସବୁ ସମସ୍ୟାର ସମାଧାନ କରିପାରେ ।

ଆମେ ତ ସହର କଥା ଭାବୁଛେ । ହେଲେ ପାହାଡ ପର୍ବତ ଘେର୍ ଗାଁ ଓ ତା' ଭିତରେ ଅର୍ଦ୍ଧ ଫୁଙ୍ଗୁଳା ଦେହରେ ହସି ଖେଳ ଜୀବନ ବିତାଉଥିବା ବଣୁଆ ମଣିଷଙ୍କ କଥା ଭାବିଛନ୍ତି କ । ଢଙ୍ଗରରେ ତା'ର ବିଚରଣ । ଅଳସୀଫୁଲ, ସୋରିଷ ଫୁଲର ବିସ୍ତୀର୍ଣ୍ଣ କ୍ଷେତରେ ସେ ନର୍ବିକାରରେ ବୁଲେ । ପାହାଡ଼ି ଝରଣାର ଶୀତଳ ଜଳରେ ସ୍ନାନ କରେ । ସେ ସବୁ ଋତୁକୁ ଅନୁଭବିଛି ଆପଣାଛାଏଁ । ବୁଝିପାରେନା ଶୀତଋତୁର ଅମୀୟ ଆକର୍ଷଣ । ସେ ତା'ର ଚଗ୍ଚରିତ ଢଙ୍ଗରେ ନଜ ଜୀବନକୁ ବାଜି ଲଗାଏ । ପାହାଡ଼, ଜଙ୍ଗଲ, ନଦୀ, ନାଳ, ଝରଣା, ପଶୁ-ପକ୍ଷୀ ହିଁ ତା'ର ସକାଳ-ସଞ୍ଜର ସାଥୀ-ସହଚର । ନବିଡ଼ ଆତ୍ମୀୟତା ବାନ୍ଧେ ସେମାନଙ୍କ ସହିତ । ମୁଁ ଅନେକଥର ବୁଲିଛି ଏମିତିକା ଆଦିବାସୀ ପଲ୍ଲୀ ଗାଁ ରେ । ସେମାନଙ୍କ ନରୀହ ଆଖି, ଚପଳପାଦ, ଅମାୟିକ ବ୍ୟବହାର ମୋତେ ମୁଗ୍ଧ କରିଛି । ହାଡ଼ଥରା ଶୀତରେ ମୁଁ ଗରମ ପୋଷାକ ପିନ୍ଧି ଥରିଲାବେଳକୁ ଛୋଟଛୋଟ ପିଲାମାନେ ସଂକ୍ଷିପ୍ତ ପୋଷାକ ଏପରିକ ଫୁଙ୍ଗୁଳା ଦେହରେ ବୁଲୁଥିବାର ଦେଖିଛି । ଭାବୁଥାଏ ଏ ମଣିଷକୁ ପଥର କଲା କଏ ? କନ୍ତୁ ନଜ ଜନ୍ମମାଟିର ମମତା ଓ ଜାଙ୍ଗଲିକ ପରିବେଶକୁ ସେମାନେ ଖୁସିମନରେ ଆଦରି ନେଇଛନ୍ତି ।

ଶୀତ ଆସେ ପଲ୍ଲୀରେ, ସହରରେ, ଗଳିକନ୍ଦିରେ, ସାହି ବସ୍ତିରେ । ରାଜରାସ୍ତା, ଫୁଟପାଥରେ ଏକାନ୍ତରେ ବୁଲୁଥିବା ଶୀତକୁ ଥରେ ପରଖିନେବା ଉଚିତ । କି ଦୁଃଖ କଷ୍ଟରେ ଆଶ୍ରାହୀନ ମଣିଷଟେ ନିଜ ଜୀବନକୁ ସାଉଁଟି ଆଣୁଛି । ଆଖି ତଳର ଲୁହ ଓ ଛାତି ତଳର କୋହ ସମ୍ବରଣ କରିପାରୁନି ସହଜରେ । ତଥାପି ଚୁପ୍‌ଚାପ୍ ନିରବିଯାଉଛି ଆପଣାଛାଏଁ । କାକୁସ୍ଥ ହୋଇ ହାତ ପତେଇଲେ ମିଳୁଛି ଅସମାହିତ ଯନ୍ତ୍ରଣା ଓ ଅଶାଳୀନ ବ୍ୟବହାର । ତା' ମନରେ କ୍ଷୋଭ- ସତରେ ଏ ଶୀତ ଋତୁ କେତେ ଦାରୁଣ !

ପଲ୍ଲୀର ଶୀତଋତୁର ଚିତ୍ର ସର୍ବାଦୌ ଆକର୍ଷଣୀୟ । ସେ ମହୀଆନ, ଗରୀଆନ ଏବଂ ଭଲପାଇବାର ନିଆରା ଅନୁଭବଟିଏ ।

ପ୍ରବନ୍ଧଟିଏ ପରିବେଷଣ କଲାବେଳକୁ ଅନେକ ଶିଶୁସାହିତ୍ୟିକ ନିଜର ବଳିଷ୍ଠ ସର୍ଜ୍ଜନାକୁ ମୋ ପାଖରେ ଭେଟି ଦେଇଛନ୍ତି । ସେମାନେ ସର୍ବଦା ମାନନୀୟ । ଯେଉଁମାନଙ୍କର କବିତା ମୋ ପାଖରେ ଏବେ ବି ହାତମୁହାଁ ହୋଇପାରିନି, ସେମାନେ ବି ମୋର ପୂଜନୀୟ । ସେମାନଙ୍କର ସର୍ଜନାକୁ ମୁଁ ସ୍ୱାଗତ କରୁଛି ଏମିତି ଏକ ଶୀତୁଆ ପର୍ବରେ ।

ଶୀତ ଋତୁ କେବେ ଦୁଷ୍ଟ ନୁହେଁ, ସେ ଖୁବ୍ ଆପଣାର ମଣିଷଟେ ପରି ଆମ ଗୁରିପାଖେ ଆତଯାତ ହୁଏ ତା ସମୟ ଆସିଲେ । କେବଳ ପରିବେଶ, ପରିସ୍ଥିତିକୁ ସାମ୍ନା କରି ଏହି ଋତୁକୁ ନିଜର କରିପାରିଲେ, ଜୀବନ ଅତି ସହଜ ଓ ସରଳ ମନେ ହେବ ।

ନୟାପଲ୍ଲୀ, ବ୍ରୀଟ୍ କଲୋନି, ଭୁବନେଶ୍ୱର

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ଶୂନ୍ ଶାନ୍ ରାତି



ନୂତନ କୁମାର ବେହେରା

ଶୂନ୍ ଶାନ୍ ରାତିଟା
ହୁଏନା ଆଉ ସକାଳ,
ପାରେନା ସେ ଜାଣି
ଏ ରାତି ପାହିବ କି ନାହିଁ
ନୀରବତାର ଝଡ ଭିତରେ
ସକେଇ ସକେଇ କାନ୍ଦୁଥାଏ
ହୋଇ କେତେ ବିକଳ।
ଆଖି ଖୋଲି ରଖି ବି
ଅନ୍ଧାରରେ ଦେଖି ଦେଖି
ତା' ବୁକୁର ବେଦନା ବୁଝେନା କେହି,
ଏତେ ବହଳର କାଳ ଅନ୍ଧାର
ଗୋଟା ପଣେ ତାକୁ ପକାଇଛି ଗିଳ
ନେପଥ୍ୟରୁ କରେ ଆର୍ତ୍ତଚିତ୍କାର
ସବୁ ଯନ୍ତ୍ରଣା ସହି ସହି।
ଆଲୁଅ ତ ତା' ପାଇଁ ସାତ ସପନ
ଯେତେ କାକୁତି ମିନତି ହୋଇ
ଖୋଜିଲେ ବି ପାଇବ କାହୁଁ ?
ଅନ୍ଧାରରେ ଜନ୍ମ ଯାହାର
ଅନ୍ଧାରରେ ବି ହୁଏ ମୃତ୍ୟୁ
ତାକୁ ଦେଖାଇଥିବା
ସମବେଦନା ଓ ଅନୁକମ୍ପା
ସବୁ ଏକ ଭଦ୍ରୋଚିତ ପ୍ରବଞ୍ଚନା,

ହୃଦୟ ଭିତରେ ଅଶାନ୍ତିର ଆଗ୍ନେୟଗିରି
ହେଉଛି ଯେତେ ଉଦ୍ଗିରଣ
ତାର ଲାଭାରେ ଆଜି ହୁଏ ନଷ୍ଟଭ୍ରଷ୍ଟ
ଏ ତା' ଜୀବନ ଜଞ୍ଜାଳର ବିଡମ୍ବନା ।
ସୂର୍ଯ୍ୟ ଚନ୍ଦ୍ର ତାରାର ଏତେ ଆଲୁଅ ଥାଇ ବି
ତା ପ୍ରତି ସଭିଏଁ ନିଷ୍ଠୁର,
ସେ ଏକ ଅଭିଶପ୍ତ କାଳ ରାତି
ଅବାଞ୍ଛିତ ମୂହୁର୍ତ୍ତ ସବୁକୁ ସାଥିରେ ନେଇ
ବଞ୍ଚିଛି କେବଳ ଜୀଅନ୍ତା ଶବଟିଏ ହୋଇ
ସାରା ପୃଥିବୀଟା ତା ପାଇଁ ନିଥର ।
ସେ ସ୍ୱପ୍ନ ଦେଖିଥିବା ରଙ୍ଗିନ ଦୁନିଆଁ
ତା ପାଇଁ ପାଲଟି ଗଲା ଗୋଟାଏ ରାତି,
ଲମ୍ପଟ ନିଶାଚରର ଦୌରାତ୍ମ୍ୟରେ
ଆକସ୍ମିକ ବଜ୍ରପାତ ହେଲା ପରି
ତାର ସବୁ ଆଶା ଆକାଂକ୍ଷାର
ସମ୍ଭାବନା ଯେତେ ହୋଇଗଲା ଇତି ।
ସେ ଏବେ ଗୋଟାଏ ଶୂନ୍ ଶାନ୍
ଗୁମୁରି ଗୁମୁରି କାନ୍ଦୁଥିବା ରାତି,
ପ୍ରତିବାଦର ପ୍ରତିସ୍ୱର ଏବେ
ସବୁ ହେଲାଣି ନିସ୍ତବ୍ଧ
କେହି ବୁଝେନା ସେ ବଞ୍ଚିଛି କେମିତି ?
ନାରୀଟିଏ ହୋଇ ଜନ୍ମ ହେବାର
ଏ କି ଦୁସ୍ଥ ପରିଣତି,
ସମାଜର ଆଢୁଆଳରେ ହେଉଥିବା
ପଶୁମାନଙ୍କ ଏ କୁକର୍ମରୁ
ନାରୀଜାତି ପାଇବ ନାହିଁ କି ମୁକ୍ତି ?

କୋହି, ଗଡ଼ିଆ, ମୟୂରଭଞ୍ଜ

# ଖୋଲିଦିଅ ପ୍ରଭୁ ତୃତୀୟ ନୟନ



ବୈଦ୍ୟନାଥ ପଣ୍ଡା.

ଖୋଲିଦିଅ ପ୍ରଭୁ    ତୃତୀୟ ନୟନ
ସଂସାରରୁ ହଟିଯାଉ ଏ କଷଣ
ସରବେ ଲଭନ୍ତୁ ନିରାମୟ ଜୀବନ
କୈଳାଶ ପର୍ବତ    ଛାଡି ଉମାକାନ୍ତ
ଆସି ବିଜେ ହୁଅ ଏ ମହୀରେ
ଏମିତି ଏ ରୋଗ    କେମିତି ଆସିଲା
ବ୍ୟାପିଗଲା ପୁଣ୍ୟ ଭାରତରେ
ବିଜ୍ଞାନରେ ନାହିଁ    ନିଦାନ ହେ ପ୍ରଭୁ
ବଢ଼ି ବଢି ଯାଏତ କଷଣ
ରକ୍ଷାକର ଆହେ    ଅଗତିର ଗତି
ରୋଗ ଶୋକ କର ନିବାରଣ
ବୈଦ୍ୟଙ୍କର ନାଥ    ବାବା ବୈଦ୍ୟନାଥ
ପ୍ରଭୁ ଅନାଥ ଜନଙ୍କ ନାଥ
ତୁମେ ନରଖିଲେ    ଆଉ କେ ରଖିବ
ଏ ସଂସାର ହୋଇବ ନିପାତ
ରକ୍ଷାକର ଆହେ    ମହା ଯୋଗୀରାଜ
ତୁମ କୃପା ନେତ୍ର ଦେଇ ଥରେ
ତୁମେ ନରହିଁଲେ    ଆଉକେ ସମର୍ଥ
ଏଇ ମହାବ୍ୟାଧି ରୋକିବାରେ

ସ୍ୱଇଚ୍ଛାରେ ତୁମେ ବିଷପାନ କଲ
ଏଇ ସୃଷ୍ଟିକୁ ରଖିବା ପାଇଁ
ଆଜି ସେଇ ସୃଷ୍ଟି ବିନାଶ ହେଉଛି
ରଖ ରଖ ପ୍ରଭୁ ଉମାସାଇଁ
ଧୂର୍ଜଟି ନାମକୁ କରହେ ସାର୍ଥକ
ପ୍ରଭୁ ନାମ ରହୁ ଧରା ପୃଷ୍ଠେ
ହଟିଯାଉ ଏଇ ମହାବ୍ୟାଧି ସବୁ
ତୁମ ଭକ୍ତ ରୁହନ୍ତୁ ସନ୍ତୁଷ୍ଟେ
ହଟିଯାଉ ପ୍ରଭୁ ବିଷାଦର ଛାୟା
ପୁଣି ଘୋଟି ଆସୁ ସୁଖଶାନ୍ତି
ବାଜିଉଠୁ ପୁଣି ପୁଣ୍ୟ ପ୍ରଭାତରେ
ତୁମ ମନ୍ଦିରେ ଘଣ୍ଟ ଆଳତୀ
ଦୁରିତ ନାଶନ ସଙ୍କଟ ହାରଣ
ତୁମ ପାଦ ତଳେ ଏଇ ଅଳି
ତ୍ରିଶୂଳ ମୁନରେ ଛେଦ ଏ ସଙ୍କଟ
ଦୁଷ୍ଟ କରୋନା ଯାଉ ହେ ଚଳି
ବୁଝ ବୋଲି ତୁମେ ଲୋକଙ୍କର ଦୁଃଖ
ପ୍ରଭୁ ନାମ ତୁମ ଲୋକନାଥ
ଲୋକଙ୍କ ବିପତ୍ତି ଫେଡ଼ ପଶୁପତି
ତୁମେ ଥାଉଁକି ହେବେ ଅନାଥ ॥

ଅବଦଲ ପୁର, ଯାଜପୁର

# ସିଏକ ରଖିବ ମନେ



ସଂଯୁକ୍ତା ମହାପାତ୍ର

ମନର ଝରକା ଖୋଲି
ଦିନେ ମୁଁ ଦେଖିଲି
କାହିଁ କେତେ ଦୂରେ,
ନୟନର ସେପାରେ
ହୃଦୟ ଯେ ମୋର ଯାଇଛି ହଜି ।
ନରବରେ କଏ ନେଇ ଗଲା ଅବା,
ଅଜାଣତେ କାରେ ଦେଇଦେଲି ମୁଁ,
ଖୋଜି ଖୋଜି କେତେ
ହୃଦୟକୁ ମୋର ପାଉନ ଆଜି ।

ଯାହାକୁ ଦେଲି ମୁଁ,
ଅବା ନେଇଗଲା ଯିଏ
ହୃଦୟକୁ ମୋର ପ୍ରେମ ଶରଧାରେ
ସିଏକ ସାଇତି ରଖିବ,
ଅବା ହତାଦରେ ଫୋପାଡି ସେ ଦେବ,
ପୁରୁଣା ଦିନକୁ ସତେ ଭୂଲିଯିବ
ହୃଦୟ ପିରତି ପାଶୋରି ଦେବ ।
ଯଦି କରେ କେବେ ସେଇମିତି ସିଏ
କେମିତି ବଞ୍ଚିବି କହ,
ବିନା ହୃଦୟରେ ପ୍ରେମ ଶୂନ୍ୟ ହୋଇ
ଏ ସାରା ଜୀବନ କେମିତି ବଞ୍ଚିବ ଦେହ ?

ପଟିଆ, ଭୁବନେଶ୍ୱର

# ନୂତନ ବରଷ

ମୂଳ ରଚନା (ବଙ୍ଗଳା): ସୁକୁମାର୍ ରାୟ
ଓଡିଆ ଭାଷାନ୍ତର: ସନାତନ ମହାକୁଡ


ସନାତନ ମହାକୁଡ

କାନ୍ଦଣା ହସ ପୁଟୁଳ ବାନ୍ଧି

ବରଷଭର୍ ପୁଂଜି,

ବୃଦ୍ଧ ବର୍ଷର ଉଦ୍ଧାର ହେଲା

ଭୂତର ମୂଲକ ଖୋଜି ।

ନୂତନ ବରଷ ଆଗେଇ ଆସି

ହାତ ପତାଏ ଏଇ ଦ୍ୱାରେ

କହ ଦେଖି ମନ, ମନର ଭଳ

କଣ ଦେବୁ ତୁ ତାରେ?

ଆଉ କଣ ଦେବ? – ମୁହଁରେ ହସ

ଭରସା ଭର୍ ପ୍ରାଣ,

ସୁଖର ମଧ୍ୟେ ଦୁଃଖର ମଧ୍ୟେ

ଆନନ୍ଦମୟ ଗାନ ।

ବେରୁଆଁବାରୀ, ନୟାଗଡ, ଓଡିଶା

# ପ୍ରୀତି ଫୁଲ



ଅନାମ ଚରଣ ସାହୁ

ମୋ ମନ ସହିତ ତୁମ ମନ ମିଳି
ଆଠ ରଙ୍ଗ ଯେବେ ହେଲା
ପ୍ରଥମ ପ୍ରେମର ସାହାନାଇ ବାଜି
କୁହୁକ ପରଶ ଦେଲା ।
ହସ୍ତ ଧରି ମୋର ହୃଦ ଅଗଣାରେ
ଯେବେ ତୁ ରଖିଲୁ ପାଦ
ନୂଆ ଦୁନିଆରେ ମନ ମୋ ଉଡିଲା
ଶୁଣି ଓମ୍ ପ୍ରେମ ନାଦ ।
ଖଣ୍ଡିଉଡା ଦେଇ ପ୍ରେମ ପାରାବାର
ପାରି ହେଲି ତୁମ ସାଥେ
କେତେ ଝଡ଼ ଝଞ୍ଜା ସାହସେ ସହିଲି
ମଣିଷ ଚହ୍ନିଲି କେତେ ।
କଣ୍ଟକତ ପଥ ସୁମନେ ସଜ୍ଜିତ
ସାଥେ ମୁଁ ତୁମକୁ ପାଇ
ଜୀବନରେ ଯେତେ ଦୁଃଖ ସୁଖ ସବୁ
ମିଳମିଶି ଯିବା ସହି ।
ଏହି ଭବ ରଙ୍ଗ ପରଜାପତିଟା
ଆନନ୍ଦ ଖେଳାଇ ମନେ
ପ୍ରେମର ଫଗୁଣ ଜୀବନେ ଭରିଲା
ତୁମ ପ୍ରୀତି ଫୁଲ ଦାନେ ।

ବିଭୁତିପୁର, କାକଟପୁର, ପୁରୀ

# ଅବ୍ୟକ୍ତ ପ୍ରତିବାଦ



ଡକ୍ଟର ବିଜ୍ଞାନୀ ଦାସ

କାହିଁକି କେଜାଣି ଶ୍ରୀଚରଣ ବାବୁଙ୍କୁ ଜମା ସହିହୁଏନ । ତାଙ୍କ ଉପସ୍ଥିତିରେ ଶିଖାର ଉଭୟ ଶରୀର ଓ ମନ ଜର୍ଜରିତ ହୋଇଯାଏ । ତାଙ୍କ ପ୍ରକୃତି ବି ଏମିତି ଯେ ଲୋକଙ୍କୁ ଜଳେଇଲା ଭଳି, ଦେଖେଇଲା ଭଳି କଥା ସିଏ ଶୁଣେଇ ଶୁଣେଇ କହିବେ । ଆଉ ସେଭଳି ଲୋକଙ୍କୁ ଖାଲି ଡାକହାକ ଘରେ ପୁରେଉଥିବେ ସୁଦାମ, ଶିଖାର ସ୍ୱାମୀ । ସିଏ ପର୍ ତାଙ୍କର କୋଉ କେତେ ହିସାବରେ ବନ୍ଧୁବାନ୍ଧବ ହେବେ । ଶ୍ରୀଚରଣ ବାବୁଙ୍କ ଠାରୁ ତାଙ୍କ ପତ୍ନୀ ସ୍ୱପ୍ନା ଆହୁରି ମୁଖର୍ । ସବୁବେଳେ ହଜାର ପ୍ରଶ୍ନ ପଗ୍ଭରୁଥିବ । ସେମାନେ ଘରକୁ ଆସିବାର ଅଛି ମାନେ ସେଦିନ ଶିଖାର ରକ୍ତଗ୍ରୁପ ବଢିବ ହିଁ ବଢିବ । ପ୍ରଥମେ ତ ସେମାନଙ୍କୁ କେମିତି ସହିବ, ସେ ଚନ୍ତାରେ ବଢିବ । ତାପରେ ସେମାନଙ୍କ ଉପସ୍ଥିତିରେ ବଢିବ ଓ ସେମାନେ ଯିବା ପରେ ମଧ୍ୟ ସେକଥା ମନେ ପକେଇ ବଢିବ ।

ଆଜି ବି ସେମିତି ସେଇ ଏକାକଥା ଘଟିଲା । ସୁଦାମ ଅତି ପ୍ରେମରେ ଶ୍ରୀଚରଣ ବାବୁ ଓ ତାଙ୍କ ପତ୍ନୀଙ୍କୁ ଘରକୁ ଡାକଲେ । ସେମାନେ ଆସିବେ ବୋଲି ରନ୍ଧାବଢା କରି, ଘର ସଫାସଫି କରି ଶିଖାର ଦିନଟା ସାର୍ ଗଲା । ଆଉ ଘରେ ପହଞ୍ଚି ଶିଖାର ମୁଣ୍ଡ ଖରାପ କରି ଦେଇ ଗଲେ ସେ ଦୁଇଜଣ ।

ଶ୍ରୀଚରଣ ବାବୁ କହିଲେ, "ଆଛା ସୁଦାମ, ତମେ ରିଟାୟାର୍ଡ କରିଯାଉନ କାହିଁକି ? ତମେ ତ ସରକାରୀ କାମରୁ ରିଟାୟାର୍ଡ କରିସାରିଲଣି । ଆଉ ଏ ଘରେ ଏ ରୋଗୀଦେଖା କାମ କାହିଁକି ଜାରି ରଖିଛ ? ବଳ ଥାଉଥାଉ ଟିକେ ଜୀବନକୁ ଉପଭୋଗ କର । ପୁଅ ପାଖକୁ

ଯାଇ କିଛିଦିନ ଆମେରିକା ବୁଲିଆସ । ଝିଅ ପାଖକୁ ଯାଇ କିଛିଦିନ ଜୟପୁରରେ ବୁଲିଆସ। କାହିଁକି ଏତେ ଖଟୁଚ । କାହା ପାଇଁ ? ତୁମ ପିଲାମାନେ ତ ସବୁ ପ୍ରତିଷ୍ଠିତ ହୋଇଗଲେଣି । ସେମାନେ କଣ ଆଉ ତୁମ ଉପରେ ନିର୍ଭର କରୁଛନ୍ତି ?"

ତାପରେ ତ ଗପିବାରେ ଲାଗିଲେ ସ୍ୱପ୍ନା । ତାଙ୍କର ୟୁରୋପ କ୍ରୁଜ୍ ବିଷୟରେ ଏମିତି ଗପିଲେ ଯେ, ଶିଖାକୁ ଲାଗିଲା, ସତରେ ଯେମିତି ଜୀବନରେ ସିଏ ଖାଲି ଖଟୁଛି ହିଁ ଖଟୁଛି, ଉପଭୋଗ କିଛି କରିନି ।

ସେମାନେ ଦୁଇଜଣ ସେମିତି । ସୁଖ, ପ୍ରାଚୁର୍ଯ୍ୟରେ ବଢିଛନ୍ତି । ନିଜେ ବି ଯୋଗ୍ୟ ହୋଇଛନ୍ତି । ଭୁବନେଶ୍ୱରରେ ଦୁଇଦୁଇଟି କୋଠା । ଅତି ସୁନ୍ଦର ଡିଜାଇନ୍‌ର । ଗୋଟିଏ କୋଠାରେ ସେମାନେ ରୁହନ୍ତି । ଅନ୍ୟଟି କରିଛନ୍ତି ନିଜ ପୁଅ, ଝିଅଙ୍କ ପାଇଁ । ସେମାନେ ଯେବେ ଓଡିଶା ଆସିବେ, ସ୍ୱତନ୍ତ୍ର ଭାବେ ରହିବେ । ପଚାରିଲେ କୁହନ୍ତି, "ଆଜିକାଲିଆ ପିଲା, ବୋହୂଟାକୁ କଣ ଆଉ ଆମ ସାଙ୍ଗରେ ରହି ଚଳିବାକୁ ଭଲ ଲାଗିବ ? ପାଖରେ ରୁହନ୍ତୁ, ଟିକେ ସ୍ୱାଧୀନ ଭାବେ ବି ଚଳନ୍ତୁ । ସେମିତି ବି ଜୁଆଁଇଙ୍କ କଥା । ସେଇଥିପାଇଁ ପାଖରେ ପାଖରେ ଦୁଇଟି ଘର କରିଦେଲୁ ।"

ସୁଦାମଙ୍କୁ ପଚାରନ୍ତି, "ଆପଣ ଭୁନେଶ୍ୱରରେ ଗୋଟିଏ ନୂଆ ଘର କରୁନାହାନ୍ତି କାହିଁକି ? ଏ ଭଳି ଗଳିରେ ଏ ପୁରୁଣା ଘରଟାରେ ରହୁଛନ୍ତି । ବାପୁ ଓ ବୋହୂ ଆସିଲେ ଏମିତି ଜାଗାରେ ରହିବାକୁ କଣ ପସନ୍ଦ କରିବେ ?"

କଥାରେ କଥାରେ ସ୍ୱପ୍ନା ପଚାରିଦେଲେ, "ଆଉ ବାପୁର କଣ ପିଲାପିଲି ହେଲେଣି ?"

ସେଇ ପ୍ରଶ୍ନରେ ହିଁ ଶିଖାର ମନ ଖରାପ ହୋଇଯାଏ । ବାପୁର ବାହାଘର ପାଞ୍ଚ ବର୍ଷ ପୁରିବ। ଏପର୍ଯ୍ୟନ୍ତ ପିଲାପିଲି କିଛି ହୋଇନି । ଆଶଙ୍କାରେ ମନ ଭୟ ପାଏ । କାଳେ ବୋହୂଟିର କିଛି ଦୋଷ ଥିବ ?

ତାପରେ ସିଏ ନିଜ ନାତିର ଫଟୋ ଦେଖେଇଲେ । ତାଙ୍କ ପୁଅ ରହେ ସୁଇଜର୍‌ଲାଣ୍ଡରେ । ଦୁଇବର୍ଷ ତଳେ ନାତି ହୋଇଥିଲା । ସେମାନେ ପ୍ରତି ଛ ମାସରେ ପୁଅ ପାଖକୁ ଯାଆନ୍ତି, କେବଳ ନାତିଟିକୁ ଦେଖିବା ପାଇଁ । ସେଇ ନାତି ସହିତ କେତେ ଫଟୋ ସେମାନଙ୍କର । ଅତି ଆଗ୍ରହରେ ନିଜ ଆଇ-ଫୋନରେ ଦେଖାଉଥିଲେ ସ୍ୱପ୍ନା । ଶିଖା ଦେଖୁଥିଲେ ଓ ଖୁସି ଦେଖାଉଥିଲେ । ହେଲେ ମନ ଜଳିଯାଉଥିଲା । ବାପୁଟା ବୁଝୁନି କାହିଁକି ?

କଥାରେ କଥାରେ ହିଁ ଗୁରିଘଣ୍ଟା ଗ୍ଲିଗଲା ।

ସେମାନେ ଯିବାପରେ ସ୍ୱାମୀ, ସ୍ତ୍ରୀଙ୍କ ଭିତରେ ପୁଣି ଲାଗିଲା ଯୁଦ୍ଧ । ସୁଦାମ ପଗ୍ସରିଲେ, "କଣ କହୁଚ, କ୍ଲିନିକ୍ କାମ ବନ୍ଦ କରିଦେବି ? କିଛିଦିନ ଯାଇ ବାପୁ ପାଖରେ ବୁଲିଆସିବା?"

ଶିଖା ମନେମନେ ଅତ୍ୟନ୍ତ କ୍ଷୁର୍ଣ୍ଣ ଥିଲେ । ସ୍ୱାମୀଙ୍କର ଏମିତି ପ୍ରଶ୍ନରେ ପୁଣି ଜଳିଉଠିଲେ । "ସେଇକଥା ତ ମୁଁ ତମକୁ ଏତେଦିନ ଧରି କହିଆସୁଛି । ମୋ କଥାକୁ ତ ତମେ କେବେ ଖାତିର କରନି । ଆଉ ଆଜି ଶ୍ରୀଚରଣ ବାବୁ କହିଦେଲେ ବୋଲି ଏତେ ଭାବୁଛ ? ତମର ଯାହା ଇଚ୍ଛା ତାହା କରିବ । ମତେ କାହିଁକି ପଗ୍ସରୁଛ ?"

ଶିଖା ତିନିବର୍ଷ ତଳେ ରିଟାୟାର୍ଡ କରିଥିଲେ । ଇଚ୍ଛା ଥିଲା, ସ୍ୱାମୀଙ୍କ ସହିତ ଗୋଡହାତ ଚଳୁ ଥାଉଥାଉ କିଛି ବୁଲାବୁଲି କରନ୍ତେ, ଦେଶ ଦୁନିଆ ଦେଖନ୍ତେ । ଆଜିକାଲି ଟ୍ରାଭ୍‌ଲ୍ ଏଜେନ୍‌ସୀ ସବୁ ଅନ୍ୟଦେଶକୁ ବୁଲାଇନେବାର ସମସ୍ତ ବନ୍ଦୋବସ୍ତ ବି କରିଦେଉଛନ୍ତି । ସେମାନେ ବାପୁ ପାଖକୁ ନଗଲେ ନାହିଁ, ଥାଇଲାଣ୍ଡ, ମାଲେସିଆ, ସିଙ୍ଗାପୁର୍ ଇତ୍ୟାଦି ଦେଶ ତ ଟ୍ରାଭ୍‌ଲ୍ ଏଜେନ୍‌ସୀ ମାଧ୍ୟମରେ ବୁକ୍ କରି ବୁଲିପାରନ୍ତେ । ହେଲେ ସୁଦାମଙ୍କର ସେଇ ଏକା ଜିଦ୍ । କ୍ଲିନିକରେ ବସିଲେ, ରୋଗୀ ଦେଖିଲେ ସିଏ ଯେଉଁ ସୁଖ, ଶାନ୍ତି ପାଉଛନ୍ତି, ସେ ସୁଖ କଣ ଆଉ କେଉଁଠି ମିଳିବ ?

ଶିଖା ରିଟାୟାର୍ଡ କରି କ ସୁଖ ପାଇଲେ ? କଛି ବି ନୁହେଁ । ଏବେ ଯିଏ ଯେଉଁଠି ବନ୍ଧୁବାନ୍ଧବ ଥିଲେ ସମସ୍ତଙ୍କରେ ଘରକୁ ଅବାଧ ଯିବାଆସିବା ଲାଗିଲା । ସୁଦାମ କହିବେ, "ହଁ, ଆପଣ ଆସନ୍ତୁ । କଛି ବି ଅସୁବିଧା ନାହିଁ । ଶିଖା ତ ଘରେ ରହୁଛନ୍ତି । ଆପଣ ଯେତେବେଳେ ପହଞ୍ଚିଲେ ବି ସିଏ ଘରେ ଥିବେ ।"

ଏବେ ଘରକୁ ଛୁଟିଲା ବନ୍ଧୁବାନ୍ଧବଙ୍କର ଯିବାଆସିବା । ଅଫିସରେ କାମ କରି ଯେତିକ କ୍ଳାନ୍ତି ଅନୁଭବ କରିନଥିଲେ ଶିଖା, ଏବେ କୁଣିଆ ଚର୍ଚ୍ଚା କରି ଅନେକ ଭୋଗିଲେଣି ସିଏ । ଇଚ୍ଛା ତ ହେଉଛି, ପୁଣି କୋଉଠି ହେଲେ ଚାକରି ଗୋଟିଏ ଆରମ୍ଭ କରନ୍ତେ ଓ ଏ ବନ୍ଧୁବାନ୍ଧବ, ଲୋକଗହଳରୁ ମୁକ୍ତି ପାଆନ୍ତେ । ହେଲେ ସିଏ ଆଉ ପୂରଣ ହେବାର ନାହିଁ । ସୁଦାମଙ୍କ ଭଳ ସ୍ୱାମୀ ଯାହାର, ତା' ଭାଗ୍ୟ ତ ସତରେ "ପଥର ତଳେ" ।

ବାପୁ ପାଖକୁ ଦୁଇବର୍ଷ ତଳେ ଯାଇଥିଲେ ସେମାନେ । ହେଲେ ସେଠି ଗୋଟିଏ ସପ୍ତାହ ନ ହେଉଣୁ ଅତିଷ୍ଠ ହୋଇପଡିଲେ ସୁଦାମ । ବାପୁ କଛିଦିନ ଛୁଟି ନେଇ ସେମାନଙ୍କୁ କଛି ସ୍ଥାନ ବୁଲେଇ ଆଣିଲା । ହେଲେ ସେ ବୁଲାବୁଲିରେ ବି ସନ୍ତୁଷ୍ଟ ରହିଲେନ ସୁଦାମ । ଯେଉଁଠି ବୁଲାବୁଲି କରିବାକୁ ଯିବ, ସେଠି ତ ଚାଲିବାକୁ ପଡିବ । ସେତେବେଳେ ବାପୁ ନାଶ୍‌ଭିଲରେ ରହୁଥିଲା । ଫ୍ଲୋରିଡାର ଡିଜ୍‌ନୀ ଓ୍ୱାର୍ଲ୍ଡରେ ବୁଲେଇବା ପାଇଁ ତିନିଦିନର ଟିକେଟ୍ କରିଥିଲା। ହେଲେ ପ୍ରଥମ ଦିନ ବୁଲିସାରି ସୁଦାମ ଏତେ କ୍ଳାନ୍ତ ହୋଇପଡିଲେ ଯେ, ଦ୍ୱିତୀୟ ଦିନ ବିଛଣାରୁ ଉଠୁଉଠୁ ଏଗାରଟା ବାଜିଲା । ତାପରେ ନିତ୍ୟକର୍ମ ସାରି ଭାରତୀୟ ଭୋଜନାଳୟ ଯାଇ ଖିଆପିଆ ସାରୁସାରୁ ଦିନ ଦୁଇଟା । "ଏମିତି ସୁସ୍ଥିଆ ହୋଇ କଏ କଣ ବୁଲାବୁଲିର ମଜା ନେଇପାରେ ?" - ଏକଥା ଯେତେବେଳେ କହିଦେଲା ବାପୁ, ସୁଦାମଙ୍କୁ ବାଧିଲା । ସିଏ କହିଲେ, "ତତେ କଏ କହୁଥିଲା ଏମିତି ଲାଗେଲାଗେ ପ୍ରତିଦିନ ବୁଲିବା ପାଇଁ ଟିକେଟ୍ କରିବୁ ବୋଲି । ଆରେ, ତୁ କଣ ବୁଝୁନୁ ଯେ ଆମର ବୟସ ହେଲାଣି । ଏତେ ଚଲାବୁଲା କରିବା ପାଇଁ ଶକ୍ତି ନାହିଁ । ଗୋଟିଏ ଦିନ ବୁଲିଲେ ତା' ପରଦିନ ଟିକେ ବିଶ୍ରାମ ନେବା ଉଚିତ ।"

ବାହାର ଯାଗାକୁ ଆସି ଏମିତି ଗୋଟିଏ ଗୋଟିଏ ଦିନ ମଝିରେ ବିଶ୍ରାମ ନେଇ କିଏ କଣ ବୁଲାବୁଲି କରେ ? ବାପୁର ଅଯଥାରେ ଗୁଡିଏ ଅର୍ଥ ଖର୍ଚ୍ଚ ହେଲା । ତିନିଦିନର ଟିକେଟ୍ କଣା ହୋଇଥିଲା । କିନ୍ତୁ ସେମାନେ ଦେଢଦିନର ଟିକେଟ୍ ଖର୍ଚ୍ଚ ବ୍ୟବହାର କଲେ । ସେମାନେ ଯେତିକି ଦେଖିଲେ ଦେଖିଲେ । ଘରେ ପହଞ୍ଚିଛନ୍ତି କି ନାହିଁ, ହ୍ୱାଟ୍ସ୍ଆପରେ କେତେକେତେ ମେସେଜ୍ । ସେଥିରୁ ଅଧା ପେସେଣ୍ଟ ମାନଙ୍କର । ଡାକ୍ତରବାବୁ କେବେ ଫେରୁଛନ୍ତି ? କାହାର ରକ୍ତଗ୍ରୁପ ବଢିଗଲାଣି । କା' ନାତିର ଏକ୍‌ଜିମା ହୋଇଛି, ଭଲ ହେଉନାହିଁ । କାହାର ରକ୍ତ ଶର୍କରା ନିୟନ୍ତ୍ରଣରେ ରହୁନାହିଁ । ଫୋନରେ ଲାଗିରହିଲେ ସୁଦାମ । ତାପରେ କହିଲେ, "ବାପୁ, ଆଉ ସପ୍ତାହରେ ଆମର ଫେରିବା ପାଇଁ ଟିକେଟ୍ କର ।"

ବାପୁ ଶିଖାଙ୍କୁ ପଚାରିଲା, "ମା' ବାପା ଫେରିଯାଆନ୍ତୁ । ତମେ ଆଉ ଦୁଇମାସ ରୁହ । ତମେ ତ ରିଟାୟାର୍ଡ କଲଣି । ସେଠି ଯାଇ କଣ କରିବ ?"

ଶିଖା ବି ସେମିତି ଭାବୁଥିଲେ । ଏତେ ପଇସା ଖର୍ଚ୍ଚ କରି ଏତେ କଷ୍ଟ କରି ଗୋଟିଏ ଦେଶ ଆସିଛନ୍ତି, ଆଉ ଦୁଇଟା ମାସ ନ ରହିବେ କାହିଁକି ? ହେଲେ ମନେପଡିଲା ସୁଦାମଙ୍କର ଛ ମାସ ତଳର ଅବସ୍ଥା । କଣ ଗୋଟିଏ ମେଡିକାଲ୍ କନ୍‌ଫରେନସରେ ଯୋଗ ଦେବାକୁ ସିଏ ବାଙ୍ଗାଲୋର୍ ଯାଇଥିଲେ । ଗୋଟିଏ ହୋଟେଲରେ କଣ ଖାଇଦେଇଥିଲେ ଯେ ଫୁଡ୍ ପଏଜନିଙ୍ଗ୍ ହୋଇଯାଇଥିଲା । ଅବସ୍ଥା ଏମିତି ହୋଇଯାଇଥିଲା ଯେ, ଶିଖା ଭୟଭୀତ ହୋଇଯାଇଥିଲେ । ଭଗବାନଙ୍କ ଦୟାରୁ ଭଲ ହୋଇଗଲେ । ଚାରିଦିନ କାଳ ନର୍ସିଂହୋମରେ ରହିଲେ । କେତେ କଷ୍ଟ ପାଇଲେ । ସେଇଦିନରୁ, ସିଏ କେବଳ ଘର ଖାଦ୍ୟ ଖାଆନ୍ତି । ଏବେ ଶିଖା ଘରକୁ ନ ଫେରିଲେ, ତାଙ୍କ ଖାଇବା ପିଇବା କଥା ବୁଝିବ କିଏ ?

"ବାପା କଣ ନିଜ ପାଇଁ କିଛି ତିଆରି କରିପାରିବେନି ଯେ ତମେ ଏତେ ବ୍ୟସ୍ତ ହେଉଛ ?" - ବାପୁ ପ୍ରଶ୍ନ କଲା ।

କଣ ବା ଉତ୍ତର ଦେବେ ଶିଖା । ହଁ, ବାପୁ ଏଠି ଅଧା ସ୍ରେଷେଇ କରିଦିଏ । ଦରକାର ପଡିଲେ ବାସନ ଧୁଆଧୁଇ ବି କରେ । ଘର ଓଳେଇ ଦିଏ । ଲୁଗାପଟା ଲଣ୍ଡ୍ରିରେ ଦେଇ ସଫା କରିଦିଏ । ହେଲେ, ସିଏ ସିନା ଏ ଯୁଗର ପିଲା । ତା' ବାପା ଯେ ଆଉ ଗୋଟିଏ ଯୁଗରେ ବଢି ଆସିଛନ୍ତି । ଏପର୍ଯ୍ୟନ୍ତ ତାଙ୍କ ମୁଣ୍ଡର ସଂସ୍କୃତି ର ମିଥ୍ୟାଭୂତ ତଥାପି ଜମାଟ ବାନ୍ଧି ରହିଛି । ଘରେ ପୁରୁଷ ପୁଅ ସ୍ରେଷେଇ କରିବାଟା ସିଏ ଏତେ ସହଜରେ ଗ୍ରହଣ କରିପାରନ୍ତିନି ।

ବହୁତ ଯୁକ୍ତିତର୍କ ପରେ ଆଉ ଦୁଇଟି ସପ୍ତାହ ସେମାନେ ରହିଥିଲେ । କାରଣ ତା ପରବର୍ତ୍ତୀ ସପ୍ତାହରେ ନାଏଗ୍ରାରେ ବୁଲିବା ପାଇଁ ଟିକେଟ୍ ଓ ହୋଟେଲ୍ ସବୁର ବ୍ୟବସ୍ଥା କରିଦେଇଥିଲା ବାପୁ ।

ବାପୁ ଓ ତା ସ୍ତ୍ରୀ ଅନୁର ଜୀବନଚର୍ଯ୍ୟା ଦେଖିଲେ ବେଳେବେଳେ ଅଖିରେ ଲୁହ ଆସିଯାଏ ଶିଖାଙ୍କର । ଏପର୍ଯ୍ୟନ୍ତ ସ୍ୱାମୀଙ୍କର ପ୍ରେମ ଜିନଷଟା ସିଏ ଅନୁଭବ କରିନାହାନ୍ତି କେବେ । ସେ ଯେଉଁ ପ୍ରେମ ସିଏ ଦେଖନ୍ତି ନଜ ପୁଅ, ବୋହୂଙ୍କ ଭିତରେ, ନଜ ଝିଅ, ଜୁଆଁଇଙ୍କ ଭିତରେ, ସେଭଳ ପ୍ରେମ ସିଏ ବି କାମନା କରିଥିଲେ ତାଙ୍କ ତରୁଣୀ ବୟସରେ । ହେଲେ ସେମିତି ଏକ ପ୍ରେମିକ ନଥିଲେ ସୁଦାମ । ସବୁବେଳେ କଥାବାର୍ତ୍ତାରେ ହୁକୁମ୍ ଦେବାଭଳ କଣ୍ଠସ୍ୱର, ଯେମିତି ଶିଖା ତାଙ୍କର ଜଣେ ଗ୍ଭକର୍ାଣୀ । ସିଏ ଯାହା କହିବେ, ଶିଖା ମାନବାକୁ ବାଧ୍ୟ, କରିବାକୁ ବାଧ୍ୟ । ଶିଖା ନଜ ଘରେ ଅତ୍ୟନ୍ତ ସ୍ୱାଧୀନ ଭ୍ଭବେ ବଢି ଆସିଥିଲେ । ଭଲ ଗ୍ଭକରି ବି କରିଥିଲେ । ଆଉ ବାହାଘର ପରେ ସତେକ ମୂଷାଟିଏ ହୋଇଗଲେ । କଣ କରିବେ, କଣ ନ କରିବେ, ସ୍ୱାମୀଙ୍କୁ କଣ କହିବେ, କଣ ନ କହିବେ, କଛି ବି ଭ୍ଭବି ପାରୁନଥିଲେ । ଏମିତି ହୋଇ ପୁଅ, ଝିଅ ଦୁଇଟି ଜନ୍ମ ହେଲେ, ବଢିଲେ ଓ ନଜ ଗୋଡରେ ନଜେ ଠିଆ ହେଲେ । କେବଳ ସେଇଟିକକ ଖୁସି ହିଁ ତାଙ୍କର ଯେ ପିଲା ଦୁଇଟିଙ୍କୁ ସିଏ ମଣିଷ କରିପାରିଛନ୍ତି । ନହେଲେ ଆଜିକାଲିର ପିଲା ଯାହା ହେଉଛନ୍ତି, ଖରାପ ସାଙ୍ଗରେ ପଡି ଖରାପ ଦିଗରେ ଯାଉଛନ୍ତି, ସେସବୁ କଛି ଘଟିନ । କନ୍ତୁ ସ୍ୱାମୀ, ସ୍ତ୍ରୀଙ୍କର ସେ ଯେଉଁ ଅନୁରାଗ, ପ୍ରେମର ସଂପର୍କ, ସମ୍ଭାଷଣ, ସେସବୁକୁ ଆଜି ବି ଝୁରିହୁଅନ୍ତି

ଶିଖା । ଯଦିଓ ଜୀବନଚର୍ଯ୍ୟା ସେମିତି ଗ୍ଭଲିଥାଏ, ଦରକାର ବେଳେ ଶିଖାଙ୍କର ଯତ୍ନ ନଅନ୍ତି ସୁଦାମ, ଘରର କେତେକ ଦାୟିତ୍ୱ ସମ୍ଭାଳନ୍ତି, ତଥାପି ସେ ଯେଉଁ ପ୍ରେମ ଜିନଷଟା, ସେଭଳ ରୋମାଣ୍ଟିକ୍ ହୋଇ ପ୍ରେମିକ ଭଳ କଥା କହିପାରନ୍ତିନ ସୁଦାମ ।

ଏ ଭିତରେ ଗ୍ଭରିମାସ ବିତିଗଲାଣି । ସୁଦାମ ଏବେ କ୍ଲିନକ୍ ସଂପୂର୍ଣ୍ଣ ବନ୍ଦ କରିବାକୁ ନ ଭାବି, ନଜ ସହିତ କାମ କରୁଥିବା ଦୁଇଜଣ ନର୍ସଙ୍କୁ କଛକଛି ଡାକ୍ତରୀ କାମ ବି ଶିଖେଇଲେଣି । ସିଏ ଯଦି ଅନୁପସ୍ଥିତ ରୁହନ୍ତି, ତେବେ ମାସେ ଦୁଇମାସ ପାଇଁ କ୍ଲିନକ୍କୁ କେମିତି ଚଳେଇହେବ, ସେସବୁ ପାଇଁ ସିଏ ସେମାନଙ୍କୁ ତାଲିମ୍ ଦେଉଛନ୍ତି । ବାପୁ ଖବର ଦେଇଥିଲା ଯେ, ବୋହୂ ଅନୁର ପିଲାପିଲି ହେବାର ଅଛି । ଡାକ୍ତର ତାରିଖ ଦେଇଛନ୍ତି, ମାର୍ଚ୍ଚ ଆଠ ତାରିଖ ।

ଶିଖା ଓ ସୁଦାମ ବାବୁ ମନେମନେ ସ୍ଥିର କରିଥିଲେ ଯେ ଏବେ ଆମେରିକା ଗଲେ ବାପୁ ପାଖରେ ତିନମାସ ରହିବେ । ଶିଖା ବି ଭାବି ନେଇଥିଲେ, ଯଦି ବି ସୁଦାମ ରାଜି ନହୁଅନ୍ତି, ତେବେ ଶିଖା କନ୍ତୁ ରହିଯିବେ । ପଡୋଶୀରେ ରହୁଥିବା ଝିଅାରୀକୁ ବି କହିଥିଲେ, ଯଦି ସିଏ ପୁଅ ପାଖରେ ରହିଯାଆନ୍ତି, ସୁଦାମଙ୍କ ଖାଇବାପିଇବାର ଦାୟିତ୍ୱ ସିଏ ଟିକେ ବୁଝୁଥିବ। ହେଲେ ପୁଅ କହିଲା, "ମା, ପିଲା ପ୍ରଥମେ ହେଉ, ତାପରେ ତମେ ଆସିବ । ଏଠି ତ ଡାକ୍ତରମାନେ ଅନେକ ଦକ୍ଷ । ତାପରେ ମୁଁ ବି ପନ୍ଦରଦିନ ଛୁଟି ନେବି । ମୁଁ ତ ଅନୁଙ୍କ ସହିତ ପ୍ରତିଥର ପ୍ୟାରେଣ୍ଟିଙ୍ଗ୍ କ୍ଲାସ୍କୁ ଯାଉଛି ଓ ପିଲାର ଯତ୍ନନେବାର ସମସ୍ତ ଶୈଳୀ ବିଷୟରେ ତାଲିମ ପାଉଛି । ତମେ ଚନ୍ତା କରନ ।"

ଶିଖା ସୁଦାମଙ୍କୁ କହିଥିଲେ, "ଶିଖ ଏବେ ବାପୁଠାରୁ, ନଜ ପିଲାର ଦାୟିତ୍ୱ ନେବାପାଇଁ ସିଏ ତାଲିମ୍ ନେଉଛି ।"

ସୁଦାମ ଚହିଁକ ଉଠିଲେ । କହିଲେ, "ତମେ କଣ କହୁଛ, ମୁଁ ମୋ ପିଲାଙ୍କ ପାଇଁ କଛି କରିନ ? କେବଳ ତମେ କରିଛ ?"

"ମୁଁ ସେକଥା କାହିଁକି କହିବି । ହେଲେ ମନେ ପକାଅ, ତମେ ଏକୋଇଶି ଦିନ ପର୍ଯ୍ୟନ୍ତ ପିଲାକୁ ଟିକେ ଧରିନ ମଧ ।" - ଶିଖା ଖୁଣ୍ଟା ଦେଲେ ।

"ସେତେବେଳେ ସେମିତି ଥିଲା । ନିଜ ପିଲାକୁ ଧରିବାଟା ପୁଅପିଲାମାନଙ୍କ ପାଇଁ ଗୋଟିଏ ଲଜ୍ଜାଜନକ କଥା ଥିଲା । ତାପରେ ତମକୁ ସାହାଯ୍ୟ କରିବା ପାଇଁ ତ ମା' ଥିଲେ, ଅପା ଥିଲେ । ଏବେ ବାପୁ ପାଖରେ କେହି ନାହାନ୍ତି ବୋଲି ସିଏ ନିଜେ ଟ୍ରେନିଙ୍ଗ୍ ନେଉଛି ।"

ଶିଖା ଆଉ କିଛି କହିନଥିଲେ । ଅପେକ୍ଷା କରି ରହିଥିଲେ ସେ ସୁଦିନକୁ । କେବେ ନାତି ଜନ୍ମ ହେବ । ଦୀର୍ଘ ଛ ବର୍ଷ ପରେ ସେମାନେ ଜେଜେମା, ଜେଜେବାପା ହେବେ ।

ଜାନୁୟାରୀ ଯାଇ ଫେବୃଆରୀ ହେଲା । ଫେବୃଆରୀ ଯାଇ ମାର୍ଚ୍ଚ । ମାର୍ଚ୍ଚ ସାତ ତାରିଖ ଦିନ ବାପୁ ଖବର ପଠେଇଲା, "ଅନୁର ଲେବର୍ ପେନ୍ ଆରମ୍ଭ ହେଲାଣି । ତାକୁ ହସ୍‌ପିଟାଲ୍ ଧରି ଆସିଛି । ଏବେ ତାକୁ ଡାକ୍ତର ଦେଖୁଛନ୍ତି ।"

ମାର୍ଚ୍ଚ ଆଠ ତାରିଖରେ ବାପୁ ପଠେଇଲା ନାତିର ଫଟୋ । ବଡ ଗୁଲୁଗୁଲୁ ଦେଖା ହେଉଛି । ଧରିବାକୁ ଇଚ୍ଛା ହେଉଛି । ବୁକୁରେ ଜାକି ଚୁମାଟିଏ ଦେବାକୁ ଇଚ୍ଛା ହେଉଛି ।

ଶିଖା କହିଲେ, "ତେବେ ଆମେ ଏ ସପ୍ତାହ ଶେଷକୁ ଆସୁଛୁ । ତୁ ବ୍ୟସ୍ତ ହୋ ନା ।"

ବାପୁ କହିଲା, "ନା ମା, ତମେ ଏବେ ଆସିପାରିବନି । କରୋନା ଭାଇରସ୍ ପାଇଁ ସାରା ପୃଥିବୀ ବର୍ତ୍ତମାନ ହୁଲସ୍ଥୁଲ ହେଉଛି । ଆମେରିକାରେ ବି ଗୁରିଆଡେ କରୋନା ଭାଇରସ୍ ବ୍ୟାପି ଗଲାଣି । ଏବେ ତ ଆମ ରାଜ୍ୟରେ ଅନେକ ଲୋକ ଆକ୍ରାନ୍ତ ହେଲେଣି । ଲୋକମାନଙ୍କୁ ପରସ୍ପର ସହିତ ନ ମିଶିବା ପାଇଁ ଗୁରିଆଡେ ସାଇନ୍ ସବୁ ଲଗାଯାଇଛି - କୋଭିଡ୍-୧୯, ଅଳ୍ପ ହିଁ ଭଲ; ଅଧିକ ଲୋକ ଏକତ୍ରିତ ହେବାରୁ ଦୂରେଇ ରୁହ । ଏପଟେ

ପାଖ ରାଜ୍ୟ ସିଆଟଲରେ ସର୍ବାଧିକ ରୋଗୀଙ୍କର ମୃତ୍ୟୁ ହେଲାଣି । ତମେ ଆସନା । ଯେବେ ଅବସ୍ଥା ସୁଧୁରିଯିବ, ତେବେ ମୁଁ ଜଣେଇବି ଓ ତମମାନଙ୍କ ପାଇଁ ଟିକେଟ୍ ପଠେଇବି ।" ବାପୁ ଏବେ କାଲିଫର୍ଣ୍ଣିଆର "ଲସ୍ ଆଞ୍ଜେଲେସ୍" ସହରରେ ରୁହେ । ଏବେ ସେ ରାଜ୍ୟରେ କରୋନା ଭାଇରସରେ ଆକ୍ରାନ୍ତ ରୋଗୀଙ୍କ ସଂଖ୍ୟା ଅନେକ । ଲୋକଙ୍କର ମିଳାମିଶାଙ୍କୁ ବନ୍ଦ କରିଦିଆଯାଇଛି । ଉତ୍ସବ, ମହୋତ୍ସବ ସବୁରେ କଟକଣା ଜାରି କରାଯାଇଛି । ସ୍କୁଲ୍ କଲେଜ ସମସ୍ତ ବନ୍ଦ କରିଦେବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି ।

ଭିତରେ କୋହ ଆସି ଅଟକିଗଲା । ଶିଖାଙ୍କର ଅବ୍ୟକ୍ତ ପ୍ରତିବାଦ ଏବେ ସେ ଈଶ୍ୱରଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । "ଭଗବାନ, ତମେ ବି ଶେଷକୁ ଥିଲ ମୋ ସୁଖ ଉପରେ ଦାଉ ସାଧିବାକୁ । ଏତେଦିନ ପରେ ଏ ସୁଖ ଦେଲ, ଅର୍ଥାତ୍ ସୁଖକୁ ଭୋଗିବାକୁ, ଛୁଇଁବାକୁ, ଦେଖିବାକୁ ଏମିତି ଘଟଣା ଘଟେଇଲ ।"

ସିଏ ଆଉ ବାପୁକୁ କିଛି କହିପାରିଲେନି ।

ସେପଟୁ ପୁଅ ପଚାରୁଥିଲା, "ମା' ତମେ ଶୁଣିପାରୁଛ ତ ?"

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# କବିର ଜୀବନ



ରୋହିତ ସେଠୀ

କେତେବେଳେ ସେତ ଭାବନା ରାଇଜୁ
ଶବ୍ଦର ପାଖୁଡ଼ା ଆଣେ,
ଆଉ କେତେବେଳେ ମନ ଗାଲିଚାରେ
ବିରହର ମଞ୍ଜି ବୁଣେ
ଏକାନ୍ତରେ ଭାବୁଥାଏ...
ଦୁଃଖ ସୁଖ ଫେଣ୍ଟା
ଫୁଲ ଆଉ କଣ୍ଟା
କବିର ଜୀବନ ଇଏ ।

ପୂର୍ବ ଆଷାଢ଼ର, ମେଘ ଡମ୍ବରୁର
ଅସରନ୍ତି ପଟୁଆର,
ଚାତକୀନ ପରି ଚାହିଁ ରହିଥାଏ
ମେଣ୍ଟାଇବ ତୃଷ୍ଣା ତା'ର
ପ୍ରତୀକ୍ଷାରେ ରହିଥାଏ...
ପହିଲି ବର୍ଷାର ଆର୍ଦ୍ର ଛିଟାରେ
ନିଜକୁ ହଜେଇ ଦିଏ
କବିର ଜୀବନ ଇଏ ।

କେତେବେଳେ ତା'ର ହୃଦୟ ଉହାଡ଼େ
ଖୁସିର ଲହରୀ ଛୁଏଁ,

ଆଉ କେତେବେଳେ ଅଦିନ ଜୁଆର
ଅସହ୍ୟ ଯନ୍ତ୍ରଣା ଦିଏ
ଜୀବନ ମୋଡ଼ରେ
ବସି ନିର୍ବେଳାରେ
ହସୁଥାଏ କାନ୍ଦୁଥାଏ
କବିର ଜୀବନ ଇଏ ।

କେତେବେଳେ ସେତ ମରୁ ଭୂଇଁରେ
ସୃଜେ ଝରଣାର ଧାର୍,
ଆଉ କେତେବେଳେ ଦିବସ ବେଳାରେ
ଫୁଟାଏ ଅସଂଖ୍ୟ ତାର୍
ଲେଖନୀ ସ୍ପର୍ଶରେ
ନିଷ୍ପ୍ରାଣ ଦେହରେ
ଜୀବନ ସଞ୍ଚାରି ଦିଏ
କବିର ଜୀବନ ଇଏ ।

ବିଭୂ କୃପା ଅବା ନିଜ ପ୍ରଚେଷ୍ଟାରୁ
ଲେଖନୀକୁ ଧରି କରେ,
ଆଙ୍କୁଥାଏ ବସି ପ୍ରତିଛବି କେତେ
ତା'ର ମନ ମୁକୁରରେ
ଅପୂର୍ବ ଆନନ୍ଦ ପାଏ...
କବି ଗରଭରୁ କବିତା ଶାବକ
ଯେତେବେଳେ ଜନ୍ମ ନିଏ (ଦିଏ)
କବିର ଜୀବନ ଇଏ ।

ଦୁତୀମେଣ୍ଡି (ମଲିକସାହି)
ଖଜୁରୀପଡା, କନ୍ଧମାଳ

# ଆଜି ସମାଜରେ ନାରୀ



ନବେଦିତା ମହାପାତ୍ର

ସୃଷ୍ଟିକର୍ତ୍ତା ଦେଇଛନ୍ତି ଯାହାକୁ
ସର୍ବଶ୍ରେଷ୍ଠ ସ୍ଥାନ
ଏ ମୂଢ ମାନବ ସଦା କରଇ
ତାକୁ ହୀନମାନ ll
ସଫଳତାର ଶୀର୍ଷେ ପହଞ୍ଚି ବି
ଆଜି ସେ ଅବଳା
ସର୍ବ କାର୍ଯ୍ୟ ସାଧିତ କରିଲେ ବି
ସାଜିଛି ଦୁର୍ବଳା ll
ନାହିଁ କେ ଅରୀ ତା'ର ଏ ଜଗତେ
ତଥାପି ସେ ଦୋଷୀ
ବଳଦାନ ଦେଇ ନତି ମରତେ
ପାଉଛି ସେ ଫାଶି ll
ନଅ ମାସ ଗର୍ଭ ଯନ୍ତ୍ରଣା ସହି
କରେ ନୂଆ ସୃଷ୍ଟି
ତଥାପି ଦୁନଆଁ ଜନତା ତାକୁ
ଦିଏ ହୀନ ଦୃଷ୍ଟି ll
ଭଉଣୀ ସାଜି ହାତେ ବାନ୍ଧି ରାଖି
ମାଗଇ ସୁରକ୍ଷା
ପ୍ରତିଶ୍ରୁତି ଦେଇ ଭୁଲଇ ଭାଇ
କରେ ନାହିଁ ରକ୍ଷା ll
ପର କରି ନଜ ଘର ସଂସାର
ଧରେ ଆନ ହାତ

ନ ବୁଝି ମୂଲ ଯୌତୁକ ଜୁଇରେ
କରେ ତାକୁ ହତ ॥
ସଭିଙ୍କର ଲୋଡା ସିନା ସୁନ୍ଦରୀ
ଗୁଣବତୀ ବୋହୂ
ହେଲେ କେବେ ଗୃହାନ୍ତି ନାହିଁ କେହି
କନ୍ୟା ଗର୍ଭେ ରହୁ ॥
ବାନ୍ଧବୀ ସାଜି କରେ ଉପକାର
ବିପଦ ଆପଦେ
ନ ଶୁଣି ପାରଇ ସେ କାହା ମୁଖୁ
କେବେ ଆହା ପଦେ ॥
ଲଜ୍ଜାକୁ କରି ଦେହର ଗହଣା
ଚଳେ ଘରକୋଣେ
ବିନା ପ୍ରତିବାଦେ କେତେ ଗଞ୍ଜଣା
ସହେ ପ୍ରତିକ୍ଷଣେ ॥
ନାରୀ ରୂପେ ଅଟଇ ଦେବୀ ସିଏ
ମର୍ତ୍ତ୍ୟ ମଣ୍ଡଳରେ
ନତି ନତି ମରୁଛି ଯିଏ ନର
ଦାନବ ପଞ୍ଝାରେ ॥
ବିଶ୍ୱ ବ୍ରହ୍ମାଣ୍ଡରେ ମିଳବ ନାହିଁ
ତା'ର ଅନୁରୂପ
କାମନା ଅଗ୍ନି କୁତ୍ସିତ କରେ ତା'
ସ୍ନେହମୟୀ ରୂପ ॥
ଶରୀର ଅଟଇ କୋମଳ ସିନା
ଦୃଢ଼ ମନୋବଳ
ସର୍ବଂସହା ଧରା ପରି ସଭିଙ୍କୁ
କରିଛି ସେ କୋଳ ॥

ମୁକୁନ୍ଦ ମିଶ୍ର ନଗର,ପୁରୀ

# ଏବେ ତୁ ଖୁସି ତ.....



କାର୍ତ୍ତିକ ପାଣିଗ୍ରାହୀ

ମାଆ ନିର୍ଭୟା
ଏବେ ତୁ ଖୁସି ତ...
ଦୀର୍ଘ ସାତ ବର୍ଷ ଧରି
ଘୁରି ବୁଲୁଥିବା ତୋ ଆତ୍ମା
ଶାନ୍ତି ପାଇବ ତ...
ପ୍ରତି ରାତିରେ ମରି
ସକାଳୁ ଜିଉଁ ଥିବା ତୋ ଜନ୍ମଦାତ୍ରୀ ଏବେ ଶାନ୍ତି ରେ
ଶୋଇ ପାରିବ ତ....
ହାତରେ ଜଳନ୍ତା ମହମବତୀ ଧରି justic for nirbhaya
କହୁଥିବା ଝିଅଟି ଏଥର
ନିର୍ଭୟ ରେ ବୁଲି ପାରିବ ତ....
ଆଜିର ନ୍ୟାୟ କଣ
ଦେଶର ଅଗଣିତ ନିର୍ଭୟାମାନଙ୍କ ପାଇଁ
ଆଲୋକ ବର୍ତ୍ତିକା ସାଜିପାରିବ ତ
ଏ ପି ସିଂହ ମାନଙ୍କ ଆସ୍ପର୍ଦ୍ଧାକୁ
ଭାଙ୍ଗି ପାରିବ ତ

ମାଆ ନିର୍ଭୟା ....
ଏବେ ତୁ ଶାନ୍ତି ତ....
ଆଜି ତ ଗ୍ଵରି ଜଣ ଗଲେ

ତାହା ବି ଦୀର୍ଘ ସାତ ବର୍ଷ ପରେ
ମୁଁ ଜାଣେ
ନ୍ୟାୟପାଳକାର ମନ୍ଥରତା ଦେଖି
ତୁ ନିତି ମରିକି ବି ମରୁଥିବୁ
ନ୍ୟାୟର କଳା ଧଳାର ଚୌସର ଭିତରେ
ପ୍ରତିଦିନ ତୁ ଜଳକି ବି ଜଳୁଥିବୁ ..
ନିଜକୁ ନିଜେ ଧିକ୍କାରୁ ଥିବୁ...
କିନ୍ତୁ ଆଜି ...
ଖୁବ ଖୁସି ଥିବୁ
ନିଜକୁ ନିଜେ ନିଷ୍ଚୟ କହୁଥିବୁ
"ସବୁ ବିଳମ୍ବିତ ନ୍ୟାୟ ବିଡ଼ମ୍ବିତ ନ୍ୟାୟ ନୁହେଁ "
ମୁଁ କିନ୍ତୁ ଖୁସି ନୁହେଁ
କାହିଁକି ଜାଣିଛୁ
ମରିଗଲ୍ ତ ଖେଳ ସରିଗଲ୍
ମୁଁ ତ ମାଆ ର ଖୁସିରେ ଖୁସି ନୁହଁ
ହଁ ଯଦିଓ ସମସ୍ତଙ୍କ ପରି
ମୁଁ ବି ସେମାନଙ୍କ ମୃର୍ତ୍ୟୁ କାମନା କରୁଥିଲି
କିନ୍ତୁ ଏତେ ସହଜ ମୃର୍ତ୍ୟୁ ...!
ନା

ମୁଁ ଚାହିଁ ଥିଲି ସେମାନେ
ଫାଶୀ ଦଣ୍ଡାଦେଶ ଶୁଣି ତ ଥାନ୍ତେ
କିନ୍ତୁ ପାଇନଥାନ୍ତେ
ଆସନ୍ନ ମୃର୍ତ୍ୟୁ କୁ ଚାହିଁ ଚାହିଁ
ତିଳ ତିଳ ମରିଥାନ୍ତେ
ଯେମିତି ତୁ ମରୁଥିଲୁ
ଚଳନ୍ତା ବସ ଭିତରେ....

ମରଣର ଆଶଙ୍କାରେ
ଛଟ ପଟ ହେଉଥାନ୍ତେ,
ଯେମିତି ତ ହେଉଥିଲୁ
ମେଡ଼ିକାଲ ବିଛଣାରେ....
ଶେଷରେ ଚତ୍କାର କରି
ମରଣ ଭିକ୍ଷା କରିଥାନ୍ତେ,
ଯେମିତି ତୁ ମାଗିଥିଲୁ
ମୁଁ ଖୁସି ହୋଇଥାନ୍ତି
ସେତେବେଳେ
ଯେତେବେଳେ
ସେମାନେ କହିଥାନ୍ତେ
"ଆମକୁ ମାରିଦିଅ
ଆମେ ଆଉ ସହିପାରୁନୁ ଜୀବନଯନ୍ତ୍ରଣା
ଯେମିତି ତୁ କହିଥିଲୁ
ମୋତେ ମାରିଦିଅ
ମୁଁ ଆଉ ସହିପାରୁନ ଏ ମରଣଯନ୍ତ୍ରଣା
କିନ୍ତୁ ଅଫଶୋଷ
ସେମିତି କିଛି ବି ହେଲାଣି
ତୁ ହାରିଗଲୁରେ ମାଆ
ତୁ ହାରିଗଲୁ....

ଭୁବନେଶ୍ୱର

# ଜାଗର

ଖଗେଶ୍ୱର ବାଗ

ନୁହେଁ ମୁଁ ଅପର୍ଣ୍ଣା ନୁହେଁ ଉମା ସତୀ
ଜାଳନ ଜାଗର ହେ ପଶୁପତି
ପାଇବାକୁ ତୁମ କରୁଣାର ବିନ୍ଦୁ
କାହିଁ ବା ପ୍ରୟାସ ବାନ୍ଧିବାକୁ ସିନ୍ଧୁ
କାହିଁ ଅଭିଳାଷ ନବ ବଧୂ ବେଶେ
ପ୍ରତ୍ୟାଶା ଯାହାର ଜୀବ ଯିବା ଶେଷେ
ତଥାପି ଜାତ ଯା' ଦୁର୍ଘଟ ପାଇଁ ମୁଁ ଏକ ନାରୀ
ନୁହେଁ କନ୍ତ ମୁଁ ଯେ କନ୍ୟାକୁମାରୀ ।।
ଯଜ୍ଞ  ଅନଳରେ ନତି ଦେଇ ଝାସ
କମ୍ବଦନ୍ତୀ ହେବା ନାହିଁ ମୋ ସାହସ
ସୁଦର୍ଶନ  ଆଜି ସୁପ୍ତ କାହିଁ ପାଇଁ
ବାଉନ ଖଣ୍ଡ କ କରିବ ନାହିଁ
ତୁମେ ତ ମହା ସମାଧିରେ ରତ
କଏ ବା କରିବ ତାଣ୍ଡବ ନୃତ୍ୟ
ଦେବୀ ଦେହ ଦେବ ବକ୍ଷରେ ଧରି ଦେଖ
ହେ ଦେଖ କୋଟି ଦେବାଦେବୀ ଦେବାକୁ ସାକ୍ଷ୍ୟ ।।
କେବେ ନିର୍ଭୟା ସେ କେବେ ଅଞ୍ଜନା
ପ୍ରିୟଙ୍କା ସେ ପୁଣି ପିପିଲି ନବୀନା
ଯଉବନ ସଦା କରେ ଲାଞ୍ଛିତ ନାବାଳକା

ଆଜି କେତେ ଯେ ଲୁଣ୍ଠିତ ବିବସନା
ନତି କାଳର କର୍ବଳେ କେ ବା ଅଛି
ତୁମ ବିନା ମହୀ ତଳେ ଦଣ୍ଡ କର  ଆଜି
ପାଶବିକ ମନ  ଉଠାଇ ଶୂଳ
ଯାମିନୀ ବିନାଶ  ଏ ଭୂ-ମଣ୍ଡଳ ।।
କାୟ ମନ ବାକ୍ୟ ସମର୍ପି ଚରଣେ
ଏକ  ଅଭିଳାଷ ତୁମ ଦରଶନେ
କାଳ ଭଇରବୀ ରୂପ ସିନା ତବ
ଆଜି ଲୋଡାହୁଏ ହେ ରୁଦ୍ର ଭୈରବ
ଜାଳୁଛି ଜାଗର ତପତ ନିଃଶ୍ୱାସେ
ଜୀବନ ପ୍ରଦୀପ ପ୍ରଗାଢ ବିଶ୍ୱାସେ
ଆତ୍ମା ପରମାତ୍ମେ ମିଶି ଯିବା ଯାଏ
ଶକତି ଦିଅ ଗରଳ ବଦଳେ ଅମୃତ ପିଅ ।।

ନୂଆପଡ଼ା

**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ**

# ସୁନ୍ଦରବନରେ
# ଯାତ୍ରା-୭



ଅଶୋକ ବିଶ୍ୱାଳ

ସମସ୍ତେ ଚମକ ପଡିଲେ । ସୁନ୍ଦରବନ ଭିତରେ ବାଘ ଶବ୍ଦଟା ସବୁ ଅଳସୁଆମୀକୁ ପାଣିରେ ବୋହିନଏ, ସବୁ କଥାକୁ ଜୋରରେ ଭଉଁରିଭିତରେ ପାଣିରେ ଦବାଇଦିଏ । କାନଟା ଏକଦମ ସତର୍କ ହୋଇଯାଏ ।

ହାଲଦାରବାବୁଙ୍କ ହାତଟା ପାଣିଆ କାଦୁଅ ଉପରେ ପଡିଥିବା କଛି ଗହିରିଆ ଚହ୍ନ ଆଡକୁ ବୁଲିଯାଇଥିଲା । କାହିଁ କାହିଁ ବୋଲି କହି ସମସ୍ତେ ରେଲିଙ୍ଗ ଉପରେ ଆଉଜି ପଡିଲେ । ବାଘ ଶବ୍ଦଟା ସମସ୍ତଙ୍କ ଉପରେ ଏକ ଯାଦୁକରୀ ସ୍ପେଲ ପକାଇଥିଲା ।

"ଏକଦମ ପାଖରେ ଏଇ ଦେଖନ୍ତୁ ।"– ସେ କଛି ନେସି ହୋଇଯାଇଥିବା ସେହି ଗହୀରିଆ ପାଦଚହ୍ନକୁ ଦେଖାଇ ଦେଉଥିଲେ । ବାଘର ଖୋଜବୋଲି ମୋଟେ ଲାଗୁନଥିଲା । ବାଘର ନଖ ଆଉ ପଞ୍ଝା କଛି ବାରି ହେଉନଥିଲା ।

"କଛି ଜାଣି ହେଉନ ।"- ତପନ କହିଲା । ତପନ ଯେମିତି ରେଲିଙ୍ଗ ଉପରେ ଓହଳ ପଡିଥିଲା ।

"ଭଲକରି ଦେଖନ୍ତୁ । ଆଗକୁ ପାଦଚହ୍ନ ସ୍ପଷ୍ଟ ।"– ହାଲଦାରବାବୁଙ୍କ ସ୍ୱରରେ ଅନ୍ୟମାନଙ୍କ ଭଳ ଉତ୍ତେଜନା ନଥିଲା । ବାଘ ତାଙ୍କପାଇଁ ସବୁଦିନଆ । ଅନ୍ୟମାନେ ଏପର୍ଯ୍ୟନ୍ତ ଜଙ୍ଗଲରେ ବାଘ ଦେଖି ନାହାନ୍ତି ।

ଆଗକୁ ପାଦଚହ୍ନ ବାଘର ପାଦଚହ୍ନ ଭଳ ପ୍ରାୟ ବାରି ହେଉଥିଲା । ପାଦଚହ୍ନ ଅପେକ୍ଷାକୃତ ଚଉଡା । ହରିଣର ପାଦଚହ୍ନ ହୋଇଥିଲେ ଆଗକୁ ସରୁଆ ହୋଇଯାଇଥାନ୍ତା । ପାଓଲି ବେଶ ଧ୍ୟାନର ସହ ସେ ପାଦଚହ୍ନକୁ ଅନାଇ ରହିଥିଲେ ।

“ବାଘ ଏଇ ଆଉ ଟିକେ ଆଗରୁ ଯାଇଛି ।”- ହାଲଦାରବାବୁ କହିଲେ ।

“ମୋ ଭାଗ୍ୟରେ ବାଘ ଦେଖିବା ନାହିଁ । ନହେଲେ ଆଉ ଟିକେ ଆଗରୁ ପହଞ୍ଚି ବାଘ ଦେଖି ପାରିଥାନ୍ତି । ଏତେଥର ଆସିଲି, କନ୍ତୁ ବାଘ ଦେଖି ପାରିଲି ନାହିଁ ।”-ନଳୟ କହୁଥିଲା । ତା’ ମୁହଁଟା ଟିକଏ ବଙ୍କା ହୋଇଯାଇଥିଲା । ହେବାର କଥା । ଲୋକେ ବାଘ ଦେଖିବାପାଇଁ ଏତେ ଦୂର ଆସନ୍ତି ।

ସେପଟେ ପ୍ରାୟ ୫୦ ମିଟର ଦୂରରେ ଆଉ ଏକ ଦ୍ୱୀପ ।

“ସେପଟ ଦ୍ୱୀପର କାଦୁଅରେ ବାଘ ପାଦଚହ୍ନ ଥିଲା ।”-ହାଲଦାର ବାବୁ କହିଲେ ।

“ସେପଟ ଦ୍ୱୀପରୁ ଏପଟ ଦ୍ୱୀପକୁ ବାଘ ପହଁରି ଆସିଛି ।”- ଗାୟନାବାବୁ କହିଲେ । ସବୁବେଳ ଭଳ ତାଙ୍କ କଥାଟା ଗୋଟାଏ ତାଳରେ ଥାଏ । ତାଙ୍କର ମତାମତ ଯେମିତି ଅକାଟ୍ୟ ।

“ଆଉଟିକେ ଆଗରୁ ଆସିଥିଲେ ବାଘକୁ ଦେଖିପାରିଥାନ୍ତି ।”- ନଳୟ ମନକୁ ମନ କହିଲା।

“ତମ ଭାଗ୍ୟରେ ନାହିଁ । ତମେ ଅଛବୋଲି କେହି ବାଘକୁ ଦେଖିପାରିଲେ ନାହିଁ ।”- କୌଶିକ ନଳୟକୁ ଚଡାଉଥିଲା ।

ଏତେ ସୁନ୍ଦରବନ ବୁଲିଲିଣି । ବାଘ ଦେଖିଲିନ ।- ନଳୟ ଏହା କହି ନଜକୁ ନଜେ ହସୁଥିଲା । ବାଘ ତା’ପାଇଁ ଏକ ମରିଚକା । ବାଘ କଥାଟା କାନକୁ ଶୁଣାଯିବ କନ୍ତୁ ବାଘ ଆଖିକୁ କେବେ ଦୃଶ୍ୟ ହେବନ ।

ନଳୟ ପାଦଚହ୍ନକୁ ଭଲଭାବରେ ଅନାଇଲା । ପାଦଚହ୍ନରେ ପାଣି ଭରିଯାଇଥିଲା ।

"ପ୍ରାୟ ଅଧଘଣ୍ଟା ହେଲା ବାଘ ଯିବଣି ।"– ପାଓଲି କହିଲେ । ପାଓଲିଙ୍କ ଏଇ ମତ କେମିତି ଓଜନଆ ମନେ ହେଉଥିଲା କାରଣ ଗାୟନବାବୁ ମଧ ମୁଣ୍ଡ ହଲାଇଲେ । ସେ ପାଓଲିଙ୍କ କଥାକୁ ଠିକ ଭାବୁଛନ୍ତି । ବାଘ ଗ୍ଲିଗଲା ପରେ କାଦୁଅ ଦବିଯାଇଥିବା ଖାଲରେ ଧିରେ ଧିରେ ପାଣି ଝରି ଆସିଥିବ । ଗ୍ରରିଆଡେ ପାଣିଆ କାଦୁଆ ଏତିକ ଛୋଟ ଖାଲ ପୁରିବାକୁ ପ୍ରାୟ ଅଧଘଣ୍ଟା ଲାଗିଥିବା ପାଓଲିଙ୍କ ମତ ପ୍ରାୟ ଠିକ ଥିଲା ।

"ଏଇଟା ବାଘର ଯିବା ଆସିବା ରାସ୍ତା ଭଳ ଲାଗୁଛି ।"- ହାଲଦାରବାବୁ ବଜର ଅଭିଜ୍ଞ ମନ୍ତବ୍ୟ ଦେଉଥିଲେ । ସମସ୍ତେ ସେ ଚହ୍ନକୁ ଏକଧାନରେ ଆନାଇଥିଲେ ।

"ବାଘମାନେ ପ୍ରାୟ ନଦୀ ବା ନାଳର କୂଳେ କୂଳେ ଯିବା ଆସିବା କରନ୍ତି । ଏ ବାଘଟା କୂଳେ କୂଳେ ଯାଇଛି । ବାଘଗୁଡା ନଦୀରେ ଲମ୍ବା ପହଁରି ପାରନ୍ତି ।"– ହାଲଦାରବାବୁ କହିଲେ । ସେ ବାଘ ବିଷୟରେ ମଧ ଅଭିଜ୍ଞ ।

"ଏ ବାଘ କଣ ହରିଣଭଙ୍ଗା ନଦୀ ଅତିକ୍ରମ କରି ବାଙ୍ଗଲାଦେଶର ଜଙ୍ଗଲକୁ ଗ୍ଲିଯାଇପାରିବ**?**"- ନଳୟ ପଗ୍ଭରିଲା । ତା'କୁ କଛି ଅସମ୍ଭବ ଲାଗୁଥିଲା ।

ଆଗରେ ହରିଣଭଙ୍ଗାର ବିସ୍ତୃ ତବକ୍ଷ। ସେପଟେ ବାଙ୍ଗଲାଦେଶର ସବୁଜିମା କାହିଁ ଆଖିର ଅପହଞ୍ଚରେ । ସେ ପର୍ଯ୍ୟନ୍ତ ସତେ କଣ ବାଘ ପହଁରି ପାରିବ**?** ଏ ଛୋଟ ନାଳରେ ପହଁରିବା କଛି କଷ୍ଟ ନୁହେଁ । କନ୍ତୁ ଏତେ ଦୂର ପହଁରିବା ବାଘପକ୍ଷେ ଅସାଧ ଥିବ ବୋଲି ନଳୟ ଭାବୁଥିଲା । ବାଘକୁ ଆଉ କୂଳ ଦେଖାଯିବନ । ଆଗରୁ ସେ ଶୁଣିଥିଲା ଯେ ବାଘମାନେ ବାଙ୍ଗଲାଦେଶରୁ ଭାରତ ଭିତରକୁ ଗ୍ଲିଆସନ୍ତି । ତାହେଲେ ଏମିତିଆ ବଡ ନଦୀସବୁ ଅତିକ୍ରମ କରୁଥିବେ । ତଳଆଡକୁ ବେଶି ଜଙ୍ଗଲ । ଉପର ଆଡକୁ କମ । ଏଣୁ ଏ ପାଖାପାଖି ରାଇମଙ୍ଗଳ ବା ହରିଣଭଙ୍ଗା ନଦୀ ଆଡକୁ ବାଘର ସନ୍ତରଣକରି ନଦୀ ଅତିକ୍ରମର ସମ୍ଭାବନା ଥିବ । କନ୍ତୁ ସତରେ କଣ ବାଘ ଏତେ ଦୂର ପହଁରି ପାରୁଥିବ**?**

ହାଲଦାରବାବୁ ମୁଣ୍ଡ ହଲାଇଲେ ।- "ହଁ, ବାଘ ଏତେ ଦୂର ପହଁରିପାରିବ ।"

ନଳୟର କିନ୍ତୁ ମନ ମାନୁ ନଥିଲା । ତା'କୁ ଲାଗୁଥିଲା ବାଘ ଏତେ ଦୂର ପହଁରିପାରିବନି । ହାଲଦାରବାବୁ ସେମିତି ମୁଣ୍ଡ ହଲାଉଛନ୍ତି । ଏମିତି ମୁଣ୍ଡ ହଲାଇବା ନା ମଧ୍ୟ ହୋଇପାରେ । "ମୋତେ କାହିଁ ବିଶ୍ୱାସ ହେଉନି । କାହିଁ ଦୁଇ ତିନି କିଲୋମିଟର ନଦୀର ଚଉଡା ଲାଗୁଛି । ବାଘ କେମିତି ଏତେଦୂର ପହଁରିବ?" -ନଳୟପଗ୍ଧରୁଥିଲା ।

"ଏତେ ଦୂର ବାଘପାଇଁ କିଛି ନୁହେଁ । ବାଘ ସବୁବେଳେ ଏତେ ଦୂର ପହଁରେନା । କିନ୍ତୁ କଥାଟା ଅସମ୍ଭବ ନୁହେଁ । ଶୁଣିଥିବେ ବାଘ ସହଜରେ ନଦୀ ଅତିକ୍ରମ କରିଯାଇପାରେ । ପୋଖରୀରେ ହୁଏତ କଥାଟା ଏତେ ସହଜ ହୋଇନଥାନ୍ତା ।"- ହାଲଦାରବାବୁ କହିଲେ ।

"କେମିତି?"- ତପନ ପଗ୍ଧରିଲା ।

ପାଓଲିଙ୍କୁ ଲାଗୁଥିଲା ବାଘ ଜୀବନର ଏକ ଅଜଣାଦିଗ ସେ ଦେଖୁଛନ୍ତି । ବାଘର ପହଁରା, ନଦୀ ଅତିକ୍ରମ କରିବା ଇତ୍ୟାଦି ସେ ହାଲୁକା ଭାବରେ ଜାଣିଥିଲେ । କିନ୍ତୁ କିଛି ସଠିକ ଜଣା ନଥିଲା ।

"ବାଘ ଜୁଆର ଆଉ ଭଟ୍ଟାର ଜୋରରୁ ନିଜର ଦୂର ପହଁରିବାର ଉପାୟ କରିନିଏ ।"– ହାଲଦାରବାବୁ କହିଲେ ।

କଥାଟା ବହୁତ ଅଲଗା, କେମିତି ଅସ୍ୱାଭାବିକ । ଜୁଆର ଆଉ ଭଟ୍ଟା ସହ ବାଘର ପହଁରିବାର କଥାଟା କିଛି ଅଛିଣ୍ଡା ଅଙ୍କ ଭଳି ଲାଗୁଥିଲା । ତପନକୁ କିଛି ଖିଅ ମିଳୁନଥିଲା । ପାଓଲି ମଧ୍ୟ କିଛି ଖିଅ ଧରି ପାରୁ ନଥିଲେ । ସେ ନିଜ ଭିତରେ ହିସାବ କରିବାକୁ ଆରମ୍ଭ କରୁଥିଲେ । ବାଘ ଜୁଆରରେ କେମିତି ଏ କୂଳରୁ ସେକୂଳକୁ ପହଁରିବ? ଜୁଆରରେ ଏତେ ବଡ ବଡ ବୋଟ ଭାସିଯାଉଛି । ବାଘର ଓଜନ ବୋଟ ତୁଳନାରେ ବହୁତ କମ ଆଉ ବାଘ ନିଜ ଦମରେ ପହଁରିବ । ବୋଟରେ ଶକ୍ତିଶାଳୀ ଡିଜେଲ ଇଞ୍ଜିନ ଫିଟ ହୋଇଛି । ତେଣୁ ହିସାବଟା ଏତେ ସହଜ ନୁହେଁ ।

"ଜୁଆର ସମୟରେ ତଳର ଏକ ଦ୍ୱୀପରୁ ସେପଟର ଉପର ଆଡକୁ ଥିବା ଦ୍ୱୀପ ଆଡକୁ ବାଘ ମୁହଁକରି ପହଁରେ । ଜୁଆର ବାଘକୁ ଉପରକୁ ଠେଲିନିଏ । ବାଘକୁ ଖାଲି ଭାସିବା ଦରକାର । ସେମିତି ଭଟ୍ଟା ସମୟରେ ତଳଆଡର ଏକ ଦ୍ୱୀପ ଆଡକୁ ମୁହଁକରି ବାଘ ପାଣିକୁ ଓହ୍ଲାଇଯାଏ । ଜୁଆର ସେଆଡକୁ ବାଘକୁ ଟାଣିନିଏ ।"- ହାଲଦାରବାବୁ ବୁଝାଉଥିଲେ ।

କଥାଟା ଏବେ ବଡ ସହଜ ଲାଗୁଥିଲା । ପାଣିର ସୁଅରେ ଠେଲିହୋଇ ଜଣେ ବହୁତ ଦୂର ଚାଲି ଯାଇପାରେ । ଏକଥାଟା ତପନ ବା ନିଳୟ ଜାଣି ନଥିଲେ । ଜାଣନ୍ତେ କେମିତି? ସେମାନେ ପହଁରିବାକୁ ସିଧା ଆଉ ସବୁଠାରୁ କମ ଦୂର ହିସାବରେ ଭାବୁଥିଲେ । ସେମିତିଆ ପହଁରା ପୋଖରୀରେ ବା ହ୍ରଦରେ ହୋଇପାରେ । ନଦୀରେ ଏକଦମ ସିଧା ପହଁରା ହୋଇପାରେନା ।

"ଅଦ୍ଭୁତ, ବଡ ଅଦ୍ଭୁତ"– ତପନ ଏକ ଛୋଟଛୁଆ ଭଳି ଚଲ୍ଲାଉଥିଲା ।

ପାଓଲି ମଧ୍ୟ ପ୍ରାୟ ଅଦ୍ଭୁତ କହି ଉଠିଲେ । କିନ୍ତୁ ତାଙ୍କ ମୁହଁରୁ ଆଉ କିଛି ଶବ୍ଦ ବାହାରି ଆସିଲା ।

"ସୁନ୍ଦରବନର ବାଘ ପ୍ରକୃତିର ଶକ୍ତିରୁ ନିଜ ପାଇଁ ସୁଯୋଗ ଖୋଜି ନେଇଛି । କଠିନ ପରିସ୍ଥିତିରେ କେମିତି ବଞ୍ଚିହେବ ତା' ଜାଣି ନେଇଛି । ବୁଦ୍ଧି ବାଘର ମଧ୍ୟ ଅଛି ।"- ପାଓଲି କହିଲେ ।

"ବାଘ ଏକମୁହାଁ ହୋଇ ପହଁରେ । ନଦୀରେ କେହି ସିଧା ପହଁରନ୍ତି ନାହିଁ । ଏମିତି ପହଁରିବା ଦ୍ୱାରା ସୁଅର ସାହାର୍ଯ୍ୟ ନେଇ ତଳକୁ ବା ଉପରକୁ ଯିବା ସହଜ ହୋଇଥାଏ ।"- ଗାୟନବାବୁ ଆଉଟିକେ ଭଲଭାବେ ବୁଝାଉଥିଲେ ।

"ବାଘଗୁଡା ତାହେଲେ ବେଶ ଚାଲାକ ।"- ତପନ ନିଜର ଏକ୍ସପର୍ଟ ଓପିନିଅନ ଦେଉଥିଲା। ନିଜର ମତାମତ ଦେଇ ତା' ଛାତି ଫୁଲିଯାଇଥିଲା ।

ଯାଗାଟାକୁ ସମସ୍ତେ ବୋଟ ଉପରୁ ଭଲଭାବେ ଅନାଇଥିଲେ । ବୋଟରୁ ଓହ୍ଲାଇ କାଦୁଅରେ ପଶି ସେ ଯାଗାକୁ ଦେଖିବାକୁ କାହାରି ସାହାସ ନଥିଲା । ଦୁଇଖୋଜରେ ଅଗନାଗ୍ନି ବନସ୍ତ । କଛି ଭଲକରି ଦିଶୁନ । ବାଘ ଲୁଚଥାଇପାରେ । ବାଘ ପାଣିରୁ ବାହାରି ଧିରେ ଗ୍ଭଲି ଘଞ୍ଚ ଜଙ୍ଗଲ ଭିତରେ ପଶିଯାଇଛି ।

ଅପରାହ୍ନ ଗଛପଛକୁ ନଇଁ ଆସିଥିଲା । ହାଲୁକା କରଣ ଝରି ପଡୁଥିଲା । ଗଛ ଫାଙ୍କରୁ ସୂର୍ଯ୍ୟକୁ ଦେଖିବାକୁ ଭଲ ଲାଗୁଥିଲା । ଏକଦମ ଗୋଲ କମଳା ରଙ୍ଗର ସୂର୍ଯ୍ୟ । ଏପଟେ ଜଙ୍ଗଲ ଉପରେ ସମସ୍ତଙ୍କ ଆଖି। ବାଘଟା ଏପଟ ଦ୍ୱୀପରେ । ଭାଗ୍ୟଥିଲେ ଦର୍ଶନ ମିଳଯାଇପାରେ । ହଠାତ୍ ଜଙ୍ଗଲଧାରରେ କଛି ହଲୁଥିଲା । ଲୁଣାଜଙ୍ଗଲର ମୋଟା ଠେସାମୂଳ ଉପରେ କଛି ଯାଉଥିଲା । ବାଘର ଲାଙ୍ଗୁଡ ଭଳ ହୋଇପାରେ ।

ତପନ ସେ ହଲଚଲକୁ ପ୍ରଥମେ ଭଲଭାବେ ଠଉରାଇନେଲା । ତା'ର ଆଖି ସବୁବେଳେ ପ୍ରଥମେ କଛି ନୂଆ ଦେଖିବାପାଇଁ ତତ୍ପର ଥିଲା । ତପନ ଭଳ ଯାତ୍ରୀଥିଲେ କଛି କରିବା ଦରକାର ନାହିଁ । ନଜେ ଆଖି ବନ୍ଦକରି ଢୁଳାଅ ବା ବହି ପଢ କମ୍ବା ଗପକର । କଛି ନୂଆ ଘଟିଲେ ତପନ ଏକ ଖାଇବାର ଘଣ୍ଟି ବଜାଇଲାପରି ଜୋରରେ ପାଟିକରି ଉଠିବ । ସମସ୍ତେ ଜାଣିବେ କଛି ନୂଆ ଘଟିଲା । ଆଉ ତପନ ରେଡିଓ ଧାରାବିବରଣୀ ଦେଲାଭଳ ସେ ବିଷୟରେ ଗପିବ ।

"ବିଶାଳ ପାଣି ଗୋଧି ।"- ତପନ ଜୋରରେ ପାଟି କରି ଉଠିଲା ।

"ଯାହାହେଉ ତୁମ ଆଖି ବାଜର ଆଖି । ଏମିତିଆ ଅନ୍ଧାରିଆ ଜଙ୍ଗଲ ଭିତରେ ବାଘ ନହେଉ ପଛେ ଏକ ବଡ ଗୋଧି ଦେଖିନେଲ । କଛି ଜୀବଜନ୍ତୁ ତ ଦେଖାହେଲା ।"- ପାଓଲି କହିଲେ । ସେ ତପନ ଭଳ ଏତେ ଲକ୍ଷ୍ୟ କରିପାରନ୍ତି ନାହିଁ ।

ଆଗର ନଦୀପାଣି ଏକଦମ ଶାନ୍ତ । ଟିକଏ ଲହଡି ନାହିଁ । ସନ୍ଧ୍ୟାବେଳେ ପାଣି କେମିତି ଶାନ୍ତ ହୋଇଯାଏ । ପାଣିରେ ଅସ୍ତସୂର୍ଯ୍ୟର ଲାଲ ଛିଟିକାମାନ କଛି କଛି ଯାଗାରେ

ପଡିଥିଲା । ପାଣିସେଇଠି ଲାଲ ହୋଇଯାଇଥିଲା । ଯେମିତିକି ମନ୍ଦାଏ ପାଣିରେ ରକ୍ତ ମିଶିଯାଇଛି । ଜଙ୍ଗଲ ଏ ଭିତରେ ବେଶ କଳା ପଡିଆସିଲାଣି ।

"କୁମ୍ଭୀର । ଏଇ ଦେଖ କୁମ୍ଭୀର ପାଣିରେ ଭାସୁଛି ।"- ନଳୟ ପାଟିକରି ଉଠିଲା ।

"ପାଣିରେ କଛି ନା କଛି ଦେଖାହେଲାଣି । ଆଉ ଟିକକରେ ଡଲଫିନମାନେ ଦେଖାଯିବେ ।"- କୌଶିକ କହି ଉଠିଲା ।

ସମସ୍ତଙ୍କ ଆଖି ପାଣି ଉପରେ ଲାଗିରହିଥିଲା । ଲାଲ ଛାଇ ପଡିଥିବା ପାଣିରେ ଗୋଟାଏ କଣ କଳା ହୋଇ ଭାସୁଥିବା ଦେଖାଗଲା । କାଠଗର ହୋଇପାରେ । କଛି ଭଲକରି ଜଣାପଡୁନଥିଲା । ଏତେ ସ୍ଥିରହୋଇ ହୁଏତ କୁମ୍ଭୀର ଭାସିପାରେ ।

"କୁମ୍ଭୀରଟା ବୋଟ ଦେଖି ବୁଡିଯିବା କଥା ।"- ତପନ କହିଲା । ସୁନ୍ଦରବନରେ କୁମ୍ଭୀରଗୁଡା ବେଶ ଦୂରରୁ ବୋଟ ଦେଖିନେଲେ ଚଡାରୁ ଖସିଆସି ପାଣି ଭିତରେ ବୁଡିଯାଆନ୍ତି । କନ୍ତୁ ଜିନଷଟା ବୁଡୁ ନଥିଲା । ଭାସିଆସୁଥିଲା । ତା'ର ଚାରିପାଖେ ପତଳା ହଲଚଲ ଲକ୍ଷ୍ୟ ହେଉଥିଲା । କଛି ଗୋଟାଏ ନଶ୍ଚିତ ଭାବେ ହଲଚଲ ହେଉଛି ।

"ତାହେଲେ ବାଘ । ଆମେ ଶେଷରେ ବାଘକୁ ପାଣିରେ ଦେଖିବା ।"- ନଳୟପ୍ରାୟ ଚମକପଡି କହିଲା ଭଳ କହୁଥିଲା ।

"ତମେ ତା' ହେଲେ ଶେଷରେ ବାଘକୁ ଦେଖିବ ।"-ପାଓଲି କହିଲେ । ତାଙ୍କୁ ନଳୟର ଆତ୍ମହରା ହୋଇଯାଉଥିବା କଥା ବେଶ ମଜା ଲାଗୁଥିଲା । ନଳୟ ବାଘ ଦେଖିବ ବୋଲି ପାଗଳପ୍ରାୟ ହେଉଛି । ଏକ ଛୋଟଛୁଆର ପାଗାଳାମୀ ।

"ବାଘ ତ ନଶ୍ଚିତ ଭାବରେ । ଦେଖୁନ ଜୀବଟା ଯେ ପହଁରୁଛି ।"– ତପନ କହିଲା ।

ଜୀବଟା ନିଶ୍ଚିତ ଭାବରେ ପହଁରୁଛି । ବାଘର ଦୁନିଆରେ ଆଉ କିଏ ପହଁରି ନଦୀ ପାରି ହୋଇପାରେ ଏକଥା ବିଶ୍ୱାସଯୋଗ୍ୟ ନଥିଲା । ଜନ୍ତୁଟାର ମୁଣ୍ଡ କଳା । ଟିକିଏ ଟିକିଏ କଳା ପିଠି ଦେଖାଯାଉଥିଲା । ଧିରେ ଧିରେ ଜନ୍ତୁଟା ସ୍ପଷ୍ଟ ଦେଖାଯାଉଥିଲା । ସେପଟର ଦ୍ୱୀପରୁ ଏପଟର ଦ୍ୱୀପକୁ ପାଣିରେ ପହଁରି ଆସୁଛି । ନଦୀର ଚଉଡା ପ୍ରାୟ ୩୦୦ ମିଟର ହେବ । ନଦୀରେ କୁମ୍ଭୀର ଆଦି ଶିକାରୀ ପୁରି ରହିଛନ୍ତି । ମାଟିରେ ବାଘ ସିନା ରାଜା, ପାଣିରେ ସମ୍ରାଟ ହେଉଛି କୁମ୍ଭୀର । ବାଘ ପାଣି ଭିତରେ କୁମ୍ଭୀରର ସମକକ୍ଷ ନୁହେଁ ।

ଜନ୍ତୁଟାର ମୁଣ୍ଡ ଟିକେ ଲମ୍ବା । କୁମ୍ଭୀର ଥୋବଣୀ ଭଳି ବାହାରକୁ ବାହାରି ଆସିଥିଲା ।

"ଆରେ ବାରହା । ଜନ୍ତୁଟା ପାଣି ଭିତରେ ପହଁରୁଛି ।"- ହାଲଦାରବାବୁ କହି ଉଠିଲେ ।

"ଜଙ୍ଗଲି ବାରହାଗୁଡାକ ନଦୀର ଏପଟରୁ ସେପଟ ଅନେକ ସମୟରେ ପହଁରନ୍ତି । ହରିଣ ମଧ୍ୟ ପହଁରନ୍ତି । ପ୍ରଥମଥର ପାଇଁ ବାରହାକୁ ଏତେ ଓସାରିଆ ନାଳ ପାରିହେବା ଦେଖିଲି ।" - ହାଲଦାରବାବୁ କହୁଥିଲେ ।

"ବାଘ ପାଣିରେ ପହଁରେ । ଅନ୍ୟ ଜନ୍ତୁମାନେ ତାହେଲେ ପାଣିରେ ମଧ୍ୟ ପହଁରନ୍ତି । ଏତେ ଜନ୍ତୁଙ୍କର ପାଣି ଭିତରେ ଆତଯାତ ଅଛି ବୋଲି ମୋତେ ଜାଣି ନଥିଲି ।"- ବିଜୟ କହିଲା।

ବାରହା ନିଜର ସବୁ ଶକ୍ତି ଲଗାଇ ଜୋରରେ ପହଁରୁଥିଲା । ବୋଟ ତା'ଠାରୁ ଅଳ୍ପ ଦୂରରେ। ବାରହାର ମୋଟା ବେକଟା ପାଣି ଉପରେ ସ୍ଥିରହୋଇ ଆଗ କୂଳକୁ ଅନାଇଥିଲା । ପଠିରେ, ବେକରେ ବେଶ ମୋଟା ବାଳ । ଥୋବଣୀଟା ସବୁବେଳେ ପାଣି ଉପରକୁ ଥିଲା । ପ୍ରାୟ ୫-୭ ମିନଟ ପହଁରିବାପରେ ବାରହା କୂଳରେ ଲାଗିଲା ।

"ବାଘର ରାତ୍ରୀ ଭୋଜନ ପ୍ରସ୍ତୁତ ।"-ବିଜୟ କହି ହସିଲା ।

ତପନ ହୋ ହୋ ହୋଇ ହସି ଉଠିଲା । ନିଜର ସୁଆଦିଆ ଭେକଟି ମାଛ ଖାଇବା ନହେଲେ ନାହିଁ । ବାଘର ଖାଇବା ପଛେ ହେଉ । ତା' ମନଟା ଖୁସି ଲାଗୁଥିଲା ।

"ବାଘଟା ଆଗରୁ ଯାଇ ନଜ ଖାଇବା ଟେବୁଲ ପ୍ରସ୍ତୁତ କରି ରଖିଛି । ଏବେ ଖାଇବା ଟେବୁଲରେ ତଟାକା ମାଂସ ହାଜର । ବହୁତ ବଢିଆ ଗ୍ରାନ୍ଧି ଭୋଜନ । ଜଙ୍ଗଲରେ ଏହାଠୁ ଭଲ କଣ ମିଳିବ?"- ତପନ ନଳୟର କଥାକୁ କହି କହି ମାଜୁଥିଲା ଆଉ ହସୁଥିଲା ।

ବାରହା ବାଘ ପାଦଚହ୍ନ ଦେଖାଯାଉଥିବା ମାଟିରୁ ମୋଟେ ୨୦ ମିଟର ଦୂରରେ । ପ୍ରାୟ ସେଇ ରାସ୍ତାଦେଇ ବାରହା ଜଙ୍ଗଲ ଭିତରକୁ ଯାଉଥିଲା । ବାଘ ରାସ୍ତାରେ ଲୁଚ ରହିଥିଲେ କେଇ କ୍ଷେପାରେ ବାରହାକୁ ଧରିନେବ । ସମସ୍ତେ ସତର୍କ ହୋଇ ଅନେଇ ରହିଲେ । କଛି ଘଟୁ । ଜଙ୍ଗଲରେ ଯାହାକଛି ଘଟେ ଆଖି ପିଛୁଳାକେ ଘଟେ । ତେଣୁ ଆକ୍ସନର ମୁହୂର୍ତ୍ତକୁ କେହି ହରାଇବାକୁ ଗ୍ରହୁଁନଥିଲେ । ସମସ୍ତେ ପ୍ରାୟ ଆଖି ତରାଟି ଅନାଇଥିଲେ ।

କନ୍ତୁ ସେମିତି କଛି ଘଟିଲା ନାହିଁ । ବାରହା ଦେହକୁ ନଝାଡି, ଧିରେ କାଦୁଅରେ ଚଢି ଜଙ୍ଗଲ ଭିତରେ ଲୁଚଗଲା । ତା'ର ଗ୍ଲିରୁ ଲାଗୁଥିଲା ସେ ବହୁତ ଥକ ଯାଇଛି । କୁମ୍ଭୀରର ଡର ତା'ର ନଶ୍ଚିତ ଭାବରେ ଥିବ । ତେଣୁ ଯେତେ ଚଞ୍ଚଳ ହୋଇପାରେ ସେତେ ଚଞ୍ଚଳ ପହଁରିଛି ।

କଛି ଦୂରରେ ଆଉ ଏକ ପତଳା ନାଳ । ସେଠି ମଧ୍ୟ କୂଳର କାଦୁଅରେ ବାଘର ପାଦଚହ୍ନ ଥିଲା । ବାଘଟା କଣ ଏ ଦ୍ୱୀପର ସବୁ ନାଳ କୂଳରେ ପଇଁତରା ମାରୁଛି? ସମସ୍ତେ ହାଲଦାରବାବୁ ଦେଖାଇ ଦେଉଥିବା ଚହ୍ନମାନଙ୍କୁ ପରଖୁଥିଲେ ।

"ଗ୍ଭେରରେ କଙ୍କଡା ଧରାଳୀମାନେ ଏତେ ଭିତରକୁ ଆସି ଯାଉଛନ୍ତି । ବାଘ ସେମାନଙ୍କୁ ନଶ୍ଚିତ ଭାବେ ଦେଖିଛି । ଜଣକୁ ଧରିବା ପାଇଁ ନାଳ ପାଖରେ ପଇଁତରା ମାରୁଛି ।"– ତପନ କହିଲା ।

"ନହେଲେ ବାଘର ନାଳକୂଳ, ଆଉ କାଦୁଅରେ ଏତେ ପଇଁତରା ମାରିବାର କଛି ଆବଶ୍ୟକ ନାହିଁ । ଜଙ୍ଗଲ ଭିତର ଏତେ କାଦୁଅ ହୋଇନଥିବ । ଏ କୂଳରେ ଗ୍ଲିବା ଯେ ଅସମ୍ଭବ ଲାଗୁଛି । ଯେଉଁଠି ଦେଖ ଜଙ୍ଘେ କାଦୁଅ ଆଉ ସବୁଆଡେ ମୁନଆ ଶ୍ୱାସମୂଳ ।"- ନଳୟ କହିଲା ।

"ଏ କଙ୍କଡା ଧରାଳୀମାନେ ଏମିତିଆ ନିର୍ଜ୍ଜନ କାଦୁଆ ନାଳାରେ ଚୁପଚାପ ଥୋପ ଲଗାନ୍ତି । ବାଘକୁ ସହଜରେ ମୌକା ମିଳଯାଏ ।"- ହାଲଦାରବାବୁ କହୁଥିଲେ ।

"ସେମାନେ ଆମକୁ ଦେଖି ଡଙ୍ଗା ନେଇ ପଳାଇଲେ । ଯାହାହେଉ ବଞ୍ଚିଗଲେ ।"- ତପନ କହିଲା ।

କ୍ରମଶଃ.........

ସେକ୍ଟର-୩, ସଲ୍ଟଲେକ, କଲିକତା



# ବସନ୍ତ ଆଗମନେ



ନନ୍ଦିନୀ ରାଉତ

ଧୀରେ ସମୀରଣ ବହୁଛି
ନବ ପଲ୍ଲବ ଦେଇ
ପୁଷ୍ପ ପାଦପରେ ମଣ୍ଡିତ
ଦେଖ ହୋଇଛି ମହୀ ।

ଆସିଛି ଆସିଛି ବସନ୍ତ
ପିକ ଡାକ ଦେଉଛି
ଆମ୍ର ବକୁଳର ସୁଗନ୍ଧ
ମନ ଭୁଲାଉ ଅଛି ।

ପଞ୍ଚ ସାୟକ କୁ ସାଥିରେ
ଆଣିଅଛି ମଦନ
ପ୍ରିତୀ ପରଶ ରେ ବିନ୍ଧୁଛୁ
କରି କାମେ ମଗନ ।

ହଳଦୀ ବସନ୍ତ ରଚଛି
କେଡେ ସୁନ୍ଦର ନୀଡ
ବିବାହ ବଜାରେ ଦେଖିବ
ଗୁଳ ବହୁତ ଭିଡ ।

ଶୀତ ପାର୍ଦ୍ଦୁର୍ଭାବ ଏବେରେ
ଟିକେ କମି ଯାଉଛି
ବସନ୍ତ ଆଗମେ ପୃଥିବୀ
ରାଣୀ ହସି ଉଠୁଛି ।

ସଭିଙ୍କ ମନରେ ସରସ ଆଜି
ଭରି ଯାଉଛି
ଋତୁରାଜ ଏହି ବସନ୍ତ
ପ୍ରେମ ଗାଥା ଗାଉଛି ।

କରୁଛି ମିନତୀ ତୁମକୁ
ଆହେ ରାଜା ବସନ୍ତ
ଦୁଃଖ ଦୁର୍ବିପାକ ଯାତନା
ସବୁ କରିବ ଅନ୍ତ ।

ବାଲିପଟା, ଅନୁଗୁଳ

ଚଳତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତ୍ତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା। ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ।

# କୋରନା ଭୂତାଣୁ



ପୂର୍ଣ୍ଣଚନ୍ଦ୍ର ରଣା

କୋରନା ସାଜିଛି ମହାମାରୀ ଆଜି
ସର୍ବ ଜନ ଭୟଭୀତ
ସେ ରୋଗ ପାଇଁ ଯେ ନାହିଁ ଉପଚାର
ଶୁଣ ହେ ମିତ ସଙ୍ଗାତ ।୧

କୋରନା ଭୂତାଣୁ ମାରାତ୍ମକ ସାଜି
ନେଉଛି କେତେ ଜୀବନ
ଏହି ରୋଗ ପ୍ରତି ରୁହ ସଚେତନ
ଆହେ ମୋର ସୁଧିଜନ ।୨

ଖାଇବା ପୂର୍ବରୁ ଧୋଇବା ଯେ ହାତ
ସାବୁନରେ ଭଲକରି
ସୁସ୍ଥ ପରିବେଶେ ରହିବା ସଭିଏଁ
କରିବାନ ଜମା ଡେରି ।୩

ମାଛ ଆମିଷରୁ ଦୂରେଇ ରହିବା
ହେବା ଆମେ ସାକାହାରି
କୋରନା ଆମର ପାଖେ ନ ପଶିବ
ମରିବ ସେ ଝୁରିଝୁରି ।୪

ମାଛ, ମାଂସରେ ତ ବିସ୍ତାର ଅଧିକ
ଏ କୋରନା ଭୂତାଣୁର

ବାଦୁଡ଼ି ପଶୁରୁ ଜନମ ଏହାର
କରେ ଏ ଯେ ନାରଖାର ।୫

ଏ ସାର୍ୱ ବିଶ୍ୱରେ ବିସ୍ତାର କରିଛି
ଭୟଙ୍କର ଏ ଭୂତାଣୁ
ବହୁ ବେଗେ ଏ ଯେ କରୁଛି ବିସ୍ତାର
ଏ ତ ଏକ ପରମାଣୁ ।୬

ରୋକିବାକୁ ହେଲେ ଏହି ଭୂତାଣୁକୁ
ନେବା ଆମେ ଉପଗ୍ଧର
ନଜେ ସଚେତନ ହେଲେ ତ ସଭିଏଁ
ଏହା ବଡ଼ ପ୍ରତିକାର ।୭

ମୁହଁରେ ବାନ୍ଧିବା ଟିସ୍ୟୁ ମାକ୍ସକୁ
ନ ହେବା ଯେ ସଂକ୍ରମିତ
ଆଖି, କାନ, ନାକ ସ୍ପର୍ଶ କରିବାନ
ନ ଧୋଇଣ ଆମେ ହାତ ।୮

କାହାକୁ ନ କରି ଜମା ଆଲିଙ୍ଗନ
କରିବା ତ ନମସ୍କାର
ସଂକ୍ରମଣରୁ ବଞ୍ଚିଯିବା ଆମେ
ହେବା ଆମେ ପରିଷ୍କାର ।୯

ପରିବେଶ ଆମ ପରିଚ୍ଛନ୍ନ ହେଲେ
କୋରନା ଯିବ ଦୂରେଇ
ସୁସ୍ଥ ପରିବେଶ ଗଢ଼ିବା ତ ଆମେ
ରହିବା ତ ସୁସ୍ଥ ହୋଇ ।୧୦

ହାଟସିଂହାପୁର, ଯାଜପୁର

# ମୃତ୍ୟୁ

ଅଜୟ କୁମାର ମହାନ୍ତି

ମୁଁ ମଣିଷ
ମୃତ୍ୟୁ ମୋ ନିଶ୍ଚିତ
ସବୁ କଛି ବିଧିର ନିର୍ଘଣ୍ଟ
ଆରମ୍ଭର ହେବ ଦିନେ ଶେଷ
ଆଜି ସବୁ ହେବେ ଇତିହାସ ।

ଯେଉଁଠି ଆରମ୍ଭ
ସେଇଠାରେ ଶେଷ
ତଳେ ମାଟି ଉପରେ ଆକାଶ
ସ୍ନେହ ପ୍ରେମ ବିରହ ବୈରାଗ୍ୟ
ସବୁ ମିଶି ଜୀବନର ଗଳ୍ପ ।

ଛାଇ ଓ ଆଲୁଅ
କାହିଁ ମାୟା କଣ ବାସ୍ତବ
ଜୀବନ ତ ଚିରନ୍ତନ ସତ୍ୟ
ଗଡିଗଲେ ସମୟର ରଥ
ଗ୍ଭଲିଥାଏ ଜୀବନ ସଙ୍ଘର୍ଷ
ଦିନ ଶେଷେ ଅସ୍ତ ଯାଏ ସୂର୍ଯ୍ୟ ।

ରଙ୍ଗମଞ୍ଚରେ ଜବନିକା
ଲିଭିଯାଏ ଦୀପଶିଖା
ସବୁକଛି ବିଧିର ନିର୍ଘଣ୍ଟ
ମୃତ୍ୟୁ ଶେଷ ସୁନିଶ୍ଚିତ
ମଶାଣି ହୁଏ ଶେଷ ତୀର୍ଥ।

# ଲୁହ



ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ

ଲୁହ, ଅଟ ତୁମେ ଭରି ସ୍ୱାର୍ଥପର
ହୋଇଥାନ୍ତି ତୁମ ପାଇଁ ସଭିଏଁ ଯେ ପର
କରିଥାଅ କେବଳ ମୋତେ ଯେ ନଜର
ବହୁଥାଅ ଆଖିରୁ ତୁମେ ବାରମ୍ବାର

ଲୁହ, କାହିଁକି ଭର ମନେ ମୋ କୋହ
ନାହିଁ ତୁମ ପ୍ରତି ଟିକେ ବି ମୋହ
ତଥାପି ଆସ ଧାଇଁ ପାଖକୁ ମୋହର
ବହୁଥାଅ ଆଖିରୁ ତୁମେ ବାରମ୍ବାର

ଲୁହ, ଝରଣା ପରି ଝରିଝରି ଆସୁଥାଅ
କାନକୁ ମୋ ନଇତି ଭିଜାଉଥାଅ
କେତେବେଳେ ପୁଣି ଯାଅ ଯେ ଶୁଖି
ଯାଏ ପଡି ଲାଲ୍ ମୋ ଆଖି

ଲୁହ, ଯାଅ ତୁମେ ଆସନା ପାଖକୁ ମୋହର
କରନା ଆଉ ମୋତେ ଯେ ନଜର
ନୁହେଁ ମୁଁ ତୁମ ପରି ସ୍ୱାର୍ଥପର
କରିଥାଏ ମୁଁ ସଭିଙ୍କୁ ନଜର

ମଠସାହି, ତୁଳସିପୁର

# ସୁଖମୟ ବାର୍ଦ୍ଧକ୍ୟ - ସ୍ୱେଚ୍ଛାକୃତ ସେବା



ଅନ୍ନପୂର୍ଣ୍ଣା ଦେବୀ ପାଣ୍ଡେ

କାଲିଫର୍ଣ୍ଣିଆରେ **Filoi (Fight for a good life, live well ad love life)** ନାମରେ ଗୋଟିଏ ଐତିହାସିକ ପ୍ରାସାଦ ଏବଂ ଅତି ସୁନ୍ଦର ବଗିଚ୍ଚ ଦେଖିବାକୁ ଯାଇଥିଲି । ଏହି ସଂସ୍ଥାଟି ୬୫୪ ଏକର ଜମି ଉପରେ ଅବସ୍ଥିତ । **San Francisco** ଏବଂ **Silcon Valley** ମଝିରେ ଏହା ଏକ ଅତି ସୁନ୍ଦର ଜାଗା । ଏକ ଐତିହାସିକ ଭିଲ୍ଲା ଏବଂ ବଗିଚ୍ଚ ୧୨ ଏକର ଜମି ଉପରେ ଅବସ୍ଥିତ । ଏହି ଭିଲ୍ଲାଟି ୧୯୧୭ ମସିହାରେ ତିଆରି ହୋଇଥିଲା । ଏହାର ମାଲିକ ସୁନ୍ଦର ଭିଲ୍ଲା ଏବଂ ବଗିଚ୍ଚକୁ ଏକ ଐତିହାସିକ ସ୍ଥାନ ହିସାବରେ କାଲିଫର୍ଣ୍ଣିଆକୁ ଦାନ କରିଦେଲେ। ଗତ ୧୯୭୨ ମସିହାରୁ ଏହି ଜାଗାଟି ଆମେରିକାର ଐତିହାସିକ ସୌନ୍ଦର୍ଯ୍ୟ - ଭରା ସ୍ଥାନଭାବରେ ଘୋଷଣା ହୋଇଛି । ହଜାର ହଜାର ଲୋକ ଏହି ଜାଗାଟିକୁ ଉପଭୋଗ କରିବାକୁ ଆସନ୍ତି । ଭିଲ୍ଲା, ବଗିଚ୍ଚ, ଫୁଲ, ଫଳ, ନାନା ପ୍ରକାରର ଚଢ଼େଇମାନେ ଏବଂ ଭିନ୍ନ ଭିନ୍ନ ରକମର ବୃକ୍ଷରୋପଣ ଆଦି ମନରେ ଖୁବ୍ ଆନନ୍ଦ ଆଣିଦିଏ । ଆପଣମାନେ ଏହି ଜାଗା ବିଷୟରେ ଅଧିକା ଜଣିବାକୁ ଚାହିଁଲେ ଇଣ୍ଟର ନେଟ କୁ ଯାଇ **filoi.org/about** ନିଶ୍ଚୟ ଦେଖିବେ ।

ଏହି ସ୍ଥାନର ଗୋଟିଏ ବଡ଼ ବିଶେଷତ୍ୱ ହେଲା ଯେ ଏଠି ଶହ ଶହ ବୃଦ୍ଧ ଏବଂ ବୃଦ୍ଧାମାନେ ୬୦, ୭୦, ୮୦, ଏବଂ ୯୦ ପର୍ଯ୍ୟନ୍ତ ବୟସରେ ମଧ୍ୟ ସ୍ୱେଚ୍ଛାକୃତ ଭାବରେ କାର୍ଯ୍ୟ କରୁଥାନ୍ତି। ଏହି ବୃଦ୍ଧ, ବୃଦ୍ଧାମାନେ ସୂଚନା ଦେବାରେ, ଗଛ ଲଗାଇବାରେ, ବଗିଚ୍ଚ ଏବଂ ଭିଲ୍ଲା ବୁଲାଇ ଦେଖେଇବାରେ, ଏହି ଜାଗାର ଇତିହାସ ବର୍ଣ୍ଣନା କରିବାରେ ଏବଂ **Cafe** ରେ ଖାଦ୍ୟ ପରଷିବା ଇତ୍ୟାଦି କାର୍ଯ୍ୟରେ ସାହାଯ୍ୟ କରନ୍ତି । ମୁଁ ଜଣକୁ ପଚାରିଲି ଆପଣ କଣ ଏଠି ଚାକରୀ କରୁଛନ୍ତି? ବୃଦ୍ଧାଜଣକ ହସିଦେଲେ । କହିଲେ ଏହି ବୟସରେ ପିଲାମାନେ

ପସ୍ଥରୁ ନାହାନ୍ତି ଭାବି ମନଦୁଃଖ କରି ଘରେ ବସିବା ଅପେକ୍ଷା ଏଡ଼େ ସୁନ୍ଦର ଜାଗାରେ ଭିନ୍ନ ଭିନ୍ନ ଲୋକଙ୍କ ସାଙ୍ଗରେ ମିଶିବା କ'ଣ ରୋଜଗାର ନୁହେଁ । ମୋର ତ ଏଠି ମନୋରଞ୍ଜନ ହେଉଛି । ସେମାନଙ୍କୁ ଦେଖିଲେ ଲାଗେ ଯେ ଏହି ବୟସରେ ସେମାନେ କାର୍ଯ୍ୟରତ ହୋଇ ଜୀବନର ଆନନ୍ଦ ଉପଭୋଗ କରୁଛନ୍ତି । ଆଉ ଜଣେ ଭଦ୍ର ମହିଳା କହିଲେ ମନ ଦୁଃଖ କରି ଘରେ ବସିବା ଅପେକ୍ଷା ଏବଂ ଡାକ୍ତରଙ୍କ ପାଖରେ ପଇସା ଗଣିବା ଅପେକ୍ଷା ପ୍ରକୃତିକୁ ଉପଭୋଗ କରିବା ଜୀବନରେ ଗୋଟେ ବଡ଼ ଭାଗ୍ୟ ।

ଆମେରିକାରେ ୩୦ ବର୍ଷ ରହଣୀରେ ମୁଁ ବହୁତ ଭଲକଥା ଦେଖିଛି ଏବଂ ଏହି ସମାଜରୁ କିଛି ଜାଣିବାକୁ ଚେଷ୍ଟାକରିଛି । ଏହିଠାରେ ଆମେରିକାର ବୃଦ୍ଧ ଏବଂ ବୃଦ୍ଧାଙ୍କ ବିଷୟରେ କିଛି ଆଲୋଚନା କରିବି । ଆମେରିକାରେ ଲୋକମାନେ ଖୁବ୍ ସ୍ୱାଧୀନ । ବାଲ୍ୟକାଳୁ ପରିବାରରେ ନିଜର ସ୍ୱାଧୀନତା ପାଇଁ ସବୁ ପ୍ରକାରର ଶିକ୍ଷା ଦିଆଯାଏ । ପ୍ରତ୍ୟେକ ପିଲା ନିଜ ନିଜର କାର୍ଯ୍ୟ କରନ୍ତି । ୧୮ବର୍ଷ ହେଲେ ହାଇସ୍କୁଲ୍ ପାସ୍ କଲା ପରେ ପ୍ରାୟ ପିଲାମାନେ କଲେଜ ପଢ଼ା ପାଇଁ ସହର କିମ୍ବା ରାଜ୍ୟ ବାହାରକୁ ଯାଇ ପାଠ ପଢ଼ନ୍ତି ଏବଂ ବାପା, ମାଙ୍କଠାରୁ ଅଲଗା ରହିବା ଶିଖନ୍ତି । ଯଦି କଲେଜ ଶିକ୍ଷା ପାଇଁ ଅସମର୍ଥ ହୁଅନ୍ତି, ନିଜ ରୋଜଗାର କରି ନିଜ ଗୋଡ଼ରେ ଛିଡ଼ାହେବାକୁ ଚେଷ୍ଟା କରନ୍ତି । ବାପା ମା ମାନେ ପିଲାର ସ୍ୱାଧୀନତାକୁ ଖୁବ୍ ପ୍ରଶ୍ରୟ ଦିଅନ୍ତି । ବୃଦ୍ଧା ଅବସ୍ଥାରେ ଏଠି ଏକୁଟିଆ ରହିବା ଏକ ସ୍ୱାଭାବିକ କଥା । ନିଜେ ଏକୁଟିଆ ନ ରହିପାରିଲେ ବୃଦ୍ଧାଶ୍ରମ ଯିବାକୁ ପ୍ରସ୍ତୁତି ଆରମ୍ଭ କରନ୍ତି ।

ଚାକିରୀରୁ ଅବସର ନେବା ପରେ ବହୁ ଲୋକ ନିଜର ଶିକ୍ଷାକୁ ବଜାୟ ରଖିଥାନ୍ତି । ବହୁ ପ୍ରକାରର ଶିକ୍ଷାର ବ୍ୟବସ୍ଥା ସବୁ ଥାଏ । ଏଠାରେ Osher Service ନାମରେ ଗୋଟିଏ ସଂସ୍ଥା ଅଛି । ଏହି ସଂସ୍ଥାରେ ନାନାପ୍ରକାରର ଅବସରପ୍ରାପ୍ତ ଲୋକ ଆସି ପାଠ ପଢ଼ନ୍ତି । ବିଭିନ୍ନ ଶିକ୍ଷାବିତ୍, ଉଦ୍ୟୋଗି ମାନେ ଆସି ଶିକ୍ଷା ଦିଅନ୍ତି । ଏହି ସଂସ୍ଥାଟି କେବଳ ଅବସରପ୍ରାପ୍ତ ଲୋକମାନଙ୍କ ପାଇଁ । Grey Bear ନାମରେ ଆଉ ଗୋଟିଏ ସଂସ୍ଥା ଆମ ସହର ସାନ୍ତାକ୍ରୁଜ୍ ଠାରେ ଅଛି । ଏଠି ସବୁ ବୁଢ଼ାବୁଢ଼ୀ ସଦସ୍ୟ । ଏହି ସଂସ୍ଥାଟି ବୃଦ୍ଧ ଏବଂ କାର୍ଯ୍ୟକ୍ଷମ ନ ଥିବା ଲୋକମାନଙ୍କ ପାଇଁ ଖାଇବା ଯୋଗାଇବାଠାରୁ ଆରମ୍ଭ କରି ନାନାପ୍ରକାରର ସାହାଯ୍ୟର

ବନ୍ଦୋବସ୍ତ କରିଥାଏ । ତା'ଛଡ଼ା ବୃଦ୍ଧ, ବୃଦ୍ଧାମାନେ ନିଜର ସ୍ୱାଧୀନତାକୁ ଗୋଡ଼େ ଗୋଡ଼େ ଜଗିଥାନ୍ତି ।

ମୁଁ ଗୋଟିଏ ଉଦାହରଣ ଦେଉଛି । ଅଳ୍ପ ଦିନ ତଳେ ମୋର କାର ସର୍ଭିସିଙ୍ଗ୍ ପାଇଁ **Chevrolet** ଡ଼ିଲର ଙ୍କ ପାଖକୁ ନେଇ ଯାଇଥିଲି । ଗାଡ଼ିରେ କାମହେବ ବୋଲି ପ୍ରାୟ ୫ ଘଂଟା ଲାଗିଗଲା । ଇତିମଧ୍ୟରେ ଆମକୁ ଖାଇବାକୁ ଯିବା ପାଇଁ ଡ଼ିଲର ଗୋଟିଏ ଗାଡ଼ିର ବନ୍ଦୋବସ୍ତ କରି ଦେଲେ । ସେହି ଗାଡ଼ିର ଚାଳକ ପ୍ରାୟ ୭୦ ବା ୭୫ ବର୍ଷର ବୃଦ୍ଧ । ସେ କହିଲେ ଏହି ଚାକରୀଟି ତାଙ୍କର କାର୍ଯ୍ୟରୁ ଅବସର ନେବା ପରେ କରୁଛନ୍ତି । ତାଙ୍କ ଜୀବନ ବିଷୟରେ କହିବା ଆରମ୍ଭ କଲେ । ତାଙ୍କ ଜୀବନଟି ବଡ଼ ଦୁଃଖମୟ । ଗୋଟିଏ ବୋଲି ଝିଅ । ସେ ମଦ ଏବଂ ଅନ୍ୟ ନିଶାଦ୍ରବ୍ୟ ଖାଇ ତା' ଜୀବନକୁ ନଷ୍ଟ କରୁଛି, ତାର ୩/୪ଟି ଛୁଆ । ତା ସ୍ୱାମୀ ମଧ୍ୟ ମଦ୍ୟପ । ଏହି ଭଦ୍ରବ୍ୟକ୍ତି ନିଜ ଝିଅକୁ ସାହାଯ୍ୟ କରିବାକୁ ଏ ଚାକରୀ କରୁଛନ୍ତି । ସେ ତାଙ୍କ ଝିଅକୁ ନିଶାରୁ ମୁକ୍ତ କରିବାକୁ ଅନେକ ଟଙ୍କା ଖର୍ଚ୍ଚ କରିଛନ୍ତି । କିନ୍ତୁ କିଛି ଲାଭ ହୋଇନି । ତାଙ୍କ ଝିଅ ପାଇଁ ସେ ବଡ଼ ଦୁଃଖୀ । ଏହି ନୂତନ କାର୍ଯ୍ୟ ଜୀବନରେ ବଂଚିବା ପାଇଁ ତାଙ୍କୁ ସାହାଯ୍ୟ କରୁଛି । ଆମେରିକାରେ ମଧ୍ୟ ମା, ବାପାମାନେ ତାଙ୍କ ପିଲାଙ୍କ ପାଇଁ ବଡ଼ ଚିନ୍ତା କରନ୍ତି, ସେମାନଙ୍କ ପାଇଁ ଖୁବ୍ କଷ୍ଟ ଭୋଗନ୍ତି କିନ୍ତୁ ନିଜର ସ୍ୱାଧୀନତାକୁ ଜଳାଞ୍ଜଳି ଦିଅନ୍ତି ନାହିଁ । ଏହି ୭୫ ବର୍ଷର ଗାଡ଼ି ଚାଳକଙ୍କଠୁ ମୋତେ ବଡ଼ ଶିକ୍ଷା ମିଳିଲା । ଏହି ବୟସରେ ଜୀବନର ଦୁଃଖକୁ ଲାଘବ କରିବାକୁ ସେ ତାଙ୍କର କାର୍ଯ୍ୟରୁ ଆନନ୍ଦ ନେଉଛନ୍ତି । ନାନା ପ୍ରକାରର ଲୋକଙ୍କ ସାଙ୍ଗରେ ମିଶି ନିଜ ଦୁଃଖକୁ ଭୁଲିବାକୁ ଚେଷ୍ଟା କରୁଛନ୍ତି ।

ଆଉ ଗୋଟିଏ ଉଦାହରଣ ଦେବି । ଗତ ୫୦ରୁ ୬୦ ବର୍ଷ ଭିତରେ ଯେଉଁ ଓଡ଼ିଆମାନେ ଆମେରିକାରେ ଆସି ବସବାସ କରୁଛନ୍ତି, ତାଙ୍କ ଭିତରୁ କିଛି ଲୋକ ୭୦, ୮୦ ବର୍ଷରେ ପଦାର୍ପଣ କଲେଣି । ମୋ ଜାଣିବାରେ ପ୍ରାୟ ମା, ବାପାମାନେ ତାଙ୍କର ବିବାହିତ ପୁଅ କିମ୍ବା

ଝିଅମାନଙ୍କ ପାଖକୁ ଯାଇ ନିଜର ଘର କିଣି ରହୁଛନ୍ତି । ଜଣେ ମନସ୍ତତ୍ତ୍ୱ ଡାକ୍ତର ତାଙ୍କର ବୃଦ୍ଧ ବୟସରେ ନିଜେ ଗୋଟିଏ ବୃଦ୍ଧାଶ୍ରମରେ ରହିବାକୁ ଠିକ୍ କଲେ । ସ୍ତ୍ରୀ ଚାଲି ଯାଇଛନ୍ତି। ନିଜେ ଯେତେବେଳେ ନିଜ କାମ କରିବାକୁ ଅସମର୍ଥ ହେଲେ, ବୃଦ୍ଧାଶ୍ରମରେ ଯାଇ ରହିବାକୁ

ବୃଦ୍ଧାଶ୍ରମରେ ସାମିଲ ହୋଇଛନ୍ତି । ଆମେରିକାରେ ପିଲମାନଙ୍କ ପାଖରେ ରହିବା ଭାରତର ଯୁକ୍ତ ପରିବାରଠାରୁ ଭିନ୍ନ ନଷ୍ଟୟ | କନ୍ତୁ ବୃଦ୍ଧ ବୟସରେ ନାତିନାତୁଣୀଙ୍କ ପାଖରେ ରହି ମଧ୍ୟ ନଜର ସ୍ୱାଧୀନତାକୁ ବଜାୟ ରଖୁଛନ୍ତି । ବୃଦ୍ଧ ବୟସରେ ଲୋକେ ଆମେରିକାରେ ଅନୁଷ୍ଠାନମାନଙ୍କର ସାହାଯ୍ୟ ନଅନ୍ତି । ପିଲମାନେ ବଡ଼ ହୋଇ ବାପା, ମାଙ୍କୁ ଠିକ୍ ଅନୁଷ୍ଠାନରେ ରହିବାକୁ ସାହାଯ୍ୟ କରନ୍ତି । ଆର୍ଥିକ ସ୍ୱଚ୍ଛଳତା ନଥିଲେ ମଧ୍ୟ ବୃଦ୍ଧ, ବୃଦ୍ଧା ମାନେ ଏଠିକାର ସରକାରୀ ଏବଂ ବେସରକାରୀ ସଂସ୍ଥାର ସାହାଯ୍ୟ ନେଇ ଚଳନ୍ତି । ବୃଦ୍ଧାଶ୍ରମ ବା ଜରାନିବାସକୁ ଏଠାରେ କଏଦୀଖାନା କମ୍ବା କୌଣସି ପ୍ରକାରର ଦୟନୀୟ ସ୍ଥାନ ହିସାବରେ ଗ୍ରହଣ କରାଯାଏ ନାହିଁ । ବୟସ ବଢ଼ିଲେ ପ୍ରୌଢ଼ ପ୍ରୌଢ଼ା ଦମ୍ପତି ବା ନଜେ ଜରାନିବାସ ଖୋଜିବା ଆରମ୍ଭ କରନ୍ତି, ନଜର ରୁଚ ଏବଂ ଆର୍ଥିକ ଅବସ୍ଥାକୁ ଦେଖି ରହିବା ଜାଗା ଠିକ୍ କରନ୍ତି । ଅନେକ ଜରାଶ୍ରମରେ ବିଭିନ୍ନ ଶ୍ରେଣୀର ସାହାଯ୍ୟ ସବୁ ଥାଏ। ଯେଉଁମାନଙ୍କର ଯେତିକ ସାହାଯ୍ୟ ଦରକାର ଓ ସେହି ଭଳ ସାହାଯ୍ୟର ବନ୍ଦୋବସ୍ତ ଥାଏ । ମୋର ସାଙ୍ଗ ଡେବି ବିଷୟରେ ଏଠି କହି ରଖେ ।

୧୯୮୯ ମସିହା ଡିସେମ୍ବର ୧୧ ତାରିଖରେ ମୁଁ ଦୁଇଟି ଛୋଟ ଛୁଆ ଧରି ପ୍ରଥମ ଥର ପାଇଁ ଆମେରିକାର କାଲିଫର୍ଣ୍ଣିଆ ରାଜ୍ୟର ସାନ୍ତାକ୍ରୁଜ ସହରରେ ଆସି ପହଞ୍ଚିଥିଲୁ । ଏହି ସହରରେ ମୋର ପ୍ରଥମ ବନ୍ଧୁ ହେଲେ ଡେବି ସ୍ମିଥ୍ । ସେତେବେଳେ ତାଙ୍କ ବୟସ ୬୦ ଉପରେ । ସେ ଜଣେ ଡାକ୍ତରୀ ନର୍ସ ହିସାବରେ ଅବସର ନେଇଥାନ୍ତି । ମୋତେ ଡ୍ରାଇଭିଂ ଜଣାନଥାଏ, ଯୋଡ଼ିଏ ଛୋଟ ଛୋଟ ଛୁଆଙ୍କୁ ନେଇ ଏହି ଅଜଣା ସହରରେ ମୋତେ ଖୁବ୍ ଏକୁଟିଆ ଲାଗୁଥାଏ । ମୋ ସ୍ୱାମୀଙ୍କୁ ଛାଡ଼ି ଦେଇ ମୁଁ ଆଉ କାହାକୁ ଚହ୍ନି ନଥିଲି । ଏଠାରୁ ୩୦/୪୦ ମାଇଲ୍ ଦୂରରେ ହିଁ ସବୁ ଓଡ଼ିଆମାନେ ରୁହନ୍ତି । ଡେ଼ବୀଙ୍କ ସ୍ୱାମୀ Brewster ଜଣେ ବିଶିଷ୍ଟ ମନସ୍ତତ୍ତ୍ୱବିତ୍ । ସ୍ୱାମୀ, ସ୍ତ୍ରୀ ଦୁଇଜଣ ଅତ୍ୟନ୍ତ ଭଲ ମଣିଷ । ଡେବୀ ଗାଡ଼ିରେ ମୋତେ ଓ ଛୁଆମାନଙ୍କୁ ନେଇ ପାର୍କ, ବଜାର ଆଦି ଯିବାଠୁ ଆରମ୍ଭ କରି ଅନେକ ସାହାଯ୍ୟ କରୁଥିଲେ । ସେ କେବେ ଉପରେ ପଡ଼ି ଭଲେଇ ହୁଅନ୍ତି ନାହିଁ । କମ୍ବା କାହା ବିଷୟରେ ଗପନ୍ତି ନାହିଁ । କୌଣସି କାମ କରିଦେଲେ ତାର ପ୍ରଶଂସା ପାଇଁ ମଧ୍ୟ କେବେ ଆଗ୍ରହ ଦେଖାନ୍ତି ନାହିଁ । ସେ ମୋତେ ଖୁବ୍ ଭଲ କରି ବୁଝୁଥିଲେ ।

Brewster ଏବଂ ଡେବୀ ୭୫ ବର୍ଷ ଟପିବା ପରେ ସାନ୍ତାକ୍ରୁଜ୍‌ରେ ଗୋଟିଏ ବୃଦ୍ଧାଶ୍ରମକୁ ନିଜ ଇଚ୍ଛାରେ ସ୍ଥାନାନ୍ତରିତ ହେଇଥିଲେ ମୁଁ ଡେବୀଙ୍କୁ ଜାଣିବା ଦିନରୁ ସେ ଅନେକ ସ୍ୱେଚ୍ଛାସେବୀ କାର୍ଯ୍ୟରେ ସକ୍ରିୟ ଥିଲେ । ଦେଶାନ୍ତରେ ଆସିଥିବା ଏଠାକାର ଆପାଠୁଆ ଏବଂ ହାଜତରେ କଏଦୀ ସ୍ତ୍ରୀ ଲୋକମାନଙ୍କୁ ପାଠ ପଢ଼ାଇବା ଓ ଉଲ୍ ରେ ବୁଣିବା କାର୍ଯ୍ୟ ଇତ୍ୟାଦି ଶିଖାଉଥିଲେ । ଜରାଶ୍ରମରେ ଗୋଟିଏ ଶୋଇବା ଘର, ରୋଷେଇ ଘର ଏବଂ ବସିବା ଘର ଭଳି କକ୍ଷଟିଏ ନେଇ ସ୍ୱାମୀ, ସ୍ତ୍ରୀ ଦୁଇଜଣଯାକ ରହିବା ଆରମ୍ଭ କଲେ । ନିଜେ ଚାହିଁଲେ ରାନ୍ଧି କରି ଖାଇ ପାରିବ କମ୍ବା ମେସରେ ଖାଇବା ବନ୍ଦୋବସ୍ତ କରିପାରିବ । ଜାରାଶ୍ରମରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହୋଇଥାଏ । ଚାଲିବା, ଫଟୋ ଉଠାଇବା, ସମୁଦ୍ର କୂଳ ବୁଲିବା, ଗୀତ ଗାଇବା, ବାଦ୍ୟ ଯନ୍ତ୍ର ବଜେଇବା ଏବଂ ବିଭିନ୍ନ ବିଷୟରେ ଭାଷଣ କାର୍ଯ୍ୟକ୍ରମ ଆଦିର ବନ୍ଦୋବସ୍ତ ଥାଏ । ଥରେ ମୁଁ ଗାନ୍ଧୀଙ୍କ ଉପରେ ଗୋଟିଏ ଭାଷଣ ଦେବାକୁ ଯାଇଥିଲି ।

ଜରାଶ୍ରମରେ ୨୪ ଘଣ୍ଟା ନର୍ସ ରହିବାର ବନ୍ଦୋବସ୍ତ ଥାଏ, ଡାକ୍ତର ମଧ୍ୟ ନିୟମିତ ଭାବରେ ଆସନ୍ତି । ବୃଦ୍ଧା, ବୃଦ୍ଧାମାନେ ଯଦି ପୁରାପୁରି ନିର୍ଭରଶୀଳ ହୋଇଯାନ୍ତି, ତେବେ ପୁରା ସହାୟତାରେ ରହିବାର ବନ୍ଦୋବସ୍ତ କରନ୍ତି । ସେଠାରେ ୨୪ ଘଣ୍ଟା ଡାକ୍ତରୀ ଚିକିତ୍ସାର ସୁବିଧା ଥାଏ । ଗତ ୫ବର୍ଷ ତଳେ ଡେବୀଙ୍କର ସ୍ୱାମୀ ବୃଷ୍ଟରଙ୍କର ଦେହାନ୍ତ ହୋଇଗଲା । ତାଙ୍କ ଝିଅ ତାଙ୍କ ନିଜପାଖରେ ଥିବା ଏକ ବୃଦ୍ଧାଶ୍ରମକୁ ପୋଟଲ୍ୟାଣ୍ଡ ସହରକୁ ନେଇଗଲେ। ଡେବୀ ସବୁବେଳେ ସନ୍ତୁଷ୍ଟ । ମୋର ଗତ ୩୦ ବର୍ଷର ବନ୍ଧୁତ୍ୱରେ ମୁଁ ତାଙ୍କୁ କେବେ କ୍ଷୋଭ କରିବାର ଦେଖିନାହିଁ । ବୃଦ୍ଧାଶ୍ରମରେ ମଧ୍ୟ ସେ ସ୍ୱେଚ୍ଛାସେବା ଜାରୀ ରଖିଥିଲେ । ଆମେରିକାରେ ବୃଦ୍ଧ ବୃଦ୍ଧାମାନେ ନିଜକୁ ସକ୍ରିୟ ରଖନ୍ତି, ସକ୍ରିୟତା ପ୍ରାୟ ସ୍ୱେଚ୍ଛସେବାରେ ଖୁବ୍ ପ୍ରୟୋଗ କରନ୍ତି ।

ବୟସ୍କ ଭାଲୁ (Grey Bear) ବୋଲି ଆମ ସହରରେ ଗୋଟିଏ ସଂସ୍ଥା ଅଛି । ସେଠି ବୁଢ଼ାବୁଢ଼ୀ ମାନଙ୍କୁ ପ୍ରତି ସପ୍ତାହରେ କିଛି ପ୍ରୟୋଜନ ଭଳି ଖାଦ୍ୟ ଯୋଗାଇ ଦିଆଯାଏ ନାନା ପ୍ରକାରର କାର୍ଯ୍ୟ କରିବାର ମଧ୍ୟ ବନ୍ଦୋବସ୍ତ ଥାଏ । ମୁଁ ଏଠି ବିଶ୍ୱବିଦ୍ୟାଳୟରେ ପାଠ ପଢ଼ାଏ । ମୁଁ ଜଣେ ବୁଦ୍ଧିଜୀବି । ମୋର ସାଙ୍ଗମାନେ ଯିଏ ଚାକରୀରୁ ଅବସର ନେଉଛନ୍ତି

ସେମାନେ Osher Service ବୋଲି ଗୋଟିଏ ଅନୁଷ୍ଠାନରେ ନଜର ଅଭିଜ୍ଞତାକୁ ନେଇ ପାଠ ପଢ଼େଇବାର ସୁଯୋଗ ଲଭ କରନ୍ତି ।

ଆମେରିକାରେ ସ୍କୁଲ, କଲେଜରେ ବୃଦ୍ଧାଶ୍ରମ ମାନଙ୍କରେ ସ୍ୱେଚ୍ଛାସେବା କାର୍ଯ୍ୟ କରିବାକୁ ପ୍ରୋତ୍ସାହନ ଦିଆଯାଏ । ପିଲ୍ମାନେ ସେମାନଙ୍କୁ ବହି ପଢ଼ିବା, ବୁଲାଇବାକୁ ନେବା, ତାଙ୍କ ପାଇଁ ଚଠି ଲେଖିବା, ତାଙ୍କ ସାଙ୍ଗରେ ଗପ କରିବା, ଖାଦ୍ୟ ଖୁଆଇ ଦେବା ଇତ୍ୟାଦି କାର୍ଯ୍ୟ ସବୁ କରନ୍ତି । ସେମାନଙ୍କୁ ସେଥିପାଇଁ ସ୍କୁଲରେ ପାଠପଢ଼ାର ମର୍ଯ୍ୟାଦା (Credit) ଦିଆଯାଏ। ବହୁତ କମ୍ ବୟସରୁ ପିଲ୍ମାନେ ସ୍ୱେଚ୍ଛାସେବା କରିବାର ସୁଯୋଗ ନଅନ୍ତି ।

ସିମୋନ ମିଶ୍ର ଆମେରିକାର ମେରିଲ୍ୟାଣ୍ଡରେ ହାଇସ୍କୁଲରେ ଛାତ୍ରୀ, ଏହି ବର୍ଷ ଖରାଛୁଟିରେ ତାର ଅଭିଜ୍ଞତା ଉପରେ କଛି ଲେଖୁଛି । ଦେଖିବେ କପରି ଏହି ପିଲ୍ମାନେ ସ୍ୱେଚ୍ଛାସେବା କରି ନଜକୁ ଚହୁଛନ୍ତି । ଗତ ଖ୍ରୀଷ୍ଟ ମାସ (ମାତ୍ର ଦଶଦିନ) ତା' ପାଖରେ ଗୋଟିଏ ଦିନ ବି ଖାଲି ନଥିଲା । ପଗ୍ଚରିଲେ ସେ କହେ "ମାଉସୀ, ମୁଁ ରକ୍ଭିଲ, ମେରିଲ୍ୟାଣ୍ଡରେ ଗୋଟିଏ ବୃଦ୍ଧାଶ୍ରମରେ ପ୍ରତିଦିନ ସମୟ କଟଉଥିଲି । National Institute of Health ରେ ଯେଉଁ ଛୁଆମାନେ ଅଜଣା ରୋଗରେ ପୀଡ଼ିତ ଏବଂ ସେମାନଙ୍କର ଭଲ ହେବାର ବଡ଼ କ୍ଷୀଣ ଆଶା, ସେମାନଙ୍କ ସାଙ୍ଗରେ ମଧ୍ୟ ବହୁ ସମୟ କଟେଇଲି । ସେଠି ସବୁବେଳେ ଲୋକମାନଙ୍କର ଗହଳ । ଛୁଆମାନଙ୍କୁ ଖୁସି କରେଇବା ପାଇଁ ଏବଂ ତାଙ୍କର ସାହାଯ୍ୟ ପାଇଁ ସେଠି ମୁଁ ପୁରା ଶୀତଦିନ ଛୁଟିଟା ସାହାଯ୍ୟ କରି, ଖ୍ରୀଷ୍ଟଦିନ ପାଇଁ ଉପହାର ସବୁ ବାନ୍ଧିଲି, ସେଠାକାର କର୍ମଗ୍ଚରୀ ମାନଙ୍କର କାର୍ଯ୍ୟ ଟିକେ ଲଘବ କରିବାରେ ସାହାଯ୍ୟ କଲି ।" ବୃଦ୍ଧାଶ୍ରମରେ ସିମୋନ ବୃଦ୍ଧ, ବୃଦ୍ଧାମାନଙ୍କୁ ତାଙ୍କ କକ୍ଷରୁ ଆଣି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରିବାରେ ସାହାଯ୍ୟ କରେ । ସେମାନଙ୍କ ସାଙ୍ଗରେ କଥାବାର୍ତ୍ତା ହୁଏ । ତାର ଓଡ଼ିଶୀ ଗୀତ ଏବଂ ନାଚ ବିଷୟରେ ସେମାନଙ୍କୁ ଅବଗତ କରାଏ । ସେଠାକାର ପାର୍କିନ୍ସନ୍ ରୋଗୀମାନଙ୍କୁ ମଧ୍ୟ ନାଚ ଟିକେ ଶିଖାଇ ତାଙ୍କ ମୁହଁରେ ହସ ଖେଳାଏ । ସେମାନେ ଆମେରିକୀୟ ହେଲେ ମଧ୍ୟ ତା'କଥା ଶୁଣିବାକୁ ଏବଂ ତା' ସାଙ୍ଗରେ ସମୟ କଟେଇବାକୁ ଖୁବ୍ ଭଲପାଆନ୍ତି । ସିମୋନ ଭଳ ଗୋଟିଏ ଛୋଟପିଲ୍ ହାତରୁ ସେମାନେ ବ୍ୟାୟାମ ଶିଖନ୍ତି । ସିମୋନ ପାଇଁ ବୃଦ୍ଧ, ବୃଦ୍ଧା ଏବଂ ରୋଗୀଣା ଛୁଆଙ୍କ ଛଡ଼ା ସେ ଅନେକ

ସେବାକାମ କରିବାରେ ସେ ନିଜ ଜୀବନର ଲକ୍ଷ୍ୟ ପାଇଁ ବଡ଼ ପ୍ରେରଣା ପାଇଛି । ବିଭିନ୍ନ ପ୍ରକାରର ଲୋକମାନଙ୍କ ସାଙ୍ଗରେ କାମ କରି ସେ କିପରି ସମସ୍ତଙ୍କ ସାଙ୍ଗେ ମିଶି କାମ କରିହୁଏ ତାର ଦକ୍ଷତା ଲାଭ କରିଛି ।

ଆମେରିକାରେ ୫ମ ଶ୍ରେଣୀରୁ ସ୍କୁଲମାନଙ୍କରେ ପିଲାଙ୍କୁ ସ୍ୱେଚ୍ଛାସେବା କରିବାକୁ ଆହ୍ୱାନ ଦିଆଯାଏ । ହାଇସ୍କୁଲ ପାସ୍ କରିବା ଭିତରେ ଅତିକମ୍‌ରେ ୭୫ ଘଂଟା ସ୍ୱେଚ୍ଛାସେବାର ପ୍ରମାଣପତ୍ର ଦରକାର ହୁଏ । କିନ୍ତୁ ୭୫ ଘଂଟାରୁ ଅଧିକ କଲେ, ଅନେକ ପ୍ରକାରର ପୁରସ୍କାରର ଯୋଜନା ରହିଛି । ଯେତେ ଅଧିକ ସ୍ୱେଚ୍ଛାସେବା କରିବ, ସେତେ ଅଧିକ ପୁରସ୍କାର, ପ୍ରମାଣପତ୍ର, ପାଣ୍ଡିତ୍ୟ, ବୃତ୍ତି ଏବଂ ଭଲ କଲେଜ ରେ ସ୍ଥାନ ମିଳିବାର ମଧ୍ୟ ଯୋଜନା ଏବଂ ପରିକଳ୍ପନା ରହିଛି ।

ପିଲାଦିନୁ ଏହି ଶୃଙ୍ଖଳାବଦ୍ଧ ସ୍ୱେଚ୍ଛାସେବା ପିଲାମାନଙ୍କ ମନରେ ଏକ ସେବା କରିବାର ପ୍ରବୃତ୍ତି ଆଣିଦିଏ । ଏହା ଦ୍ୱାରା ସେମାନେ ପ୍ରକୃତ ଜୀବନରେ କିପରି ଲୋକମାନଙ୍କ ସାଙ୍ଗରେ ଯୋଗାଯୋଗ କରାଯାଏ, ସର୍ବସାଧାରଣଙ୍କ ଆଗରେ ନିଜର ମତାମତ ପ୍ରଦାନ ଆଦି ବହୁ ଦରକାରୀ ଦକ୍ଷତା ମଧ୍ୟ ଶିଖନ୍ତି । ଆମେରିକାରେ ଛୋଟ ପିଲାଠାରୁ ଆରମ୍ଭ କରି ବୁଢ଼ା, ବୁଢ଼ୀ ପର୍ଯ୍ୟନ୍ତ ସ୍ୱେଚ୍ଛାସେବା କରିବା ଏକ ଜୀବନର ଶୈଳୀ । ଏହା ସେମାନଙ୍କ ଜୀବନ ପାଇଁ ଏକ ଆନନ୍ଦର ମାର୍ଗ । ଆମ ରାଜ୍ୟରେ ଆମେ ଯଦି ପିଲାଦିନୁ ସ୍ୱେଚ୍ଛାସେବା କରିବା ପାଇଁ ଆମର ପିଲାମାନଙ୍କୁ ନାନା ପ୍ରକାରର ପାରିତୋଷିକ ବା ପୁରସ୍କାର ଦିଅନ୍ତେ, ସେମାନେ ମଧ୍ୟ ଏହାର ଭଲ ଉପଯୋଗ କରନ୍ତେ । ବୃଦ୍ଧ, ବୃଦ୍ଧାମାନେ ମଧ୍ୟ ନିଜକୁ ବେକାର ବୋଲି ଭାବନ୍ତେ ନାହିଁ । ଏହାଦ୍ୱାରା ଆମ ସମାଜର ଅନେକ ରକମର ସମସ୍ୟା ଦୂର ହୋଇ ପାରନ୍ତା ।

ପ୍ରଫେସର, କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ, ୟୁଏସଏ

# ସ୍ୱୟଂ ସମ୍ପୂର୍ଣ୍ଣ



ନବ କୁମାର ଦାସ

ଦୁଇ ହାତ ଗୋଡେ କେତେ ଖଣ୍ଡ ହାଡେ
ଆଖି ଚର୍ମ ନାକ ପାଇ
ପବନ ପ୍ରହାରେ ପେଟକୁ ଆହାରେ
ମନୁଷ୍ୟ କ ଶ୍ରେଷ୍ଠ ହୋଇ....

ଶ୍ରେଷ୍ଠ ମନୁଷ୍ୟତ କେତେ ଗୁଣେ ଜାତ
ଧର୍‌ ଧାମେ ହୁଏ ଠିଆ
ଚରିତ୍ର ଗୁଣରେ ଅଭ୍ାବ ରହିଲେ
ଶ୍ରୀ ହୀନ ସେ ଯେ  ଖଣ୍ଡିଆ....

ସତ୍ୟ ସାଜିଥିଲେ ପଗଡି ମଥାରେ
ଧର୍ମ ସାଜିଥିଲେ ବାଡ଼ି
ଗ୍ଭଲିବା ବାଟରେ ଘାତ ସିନା ଆସେ
ମନୁଷ୍ୟ ଯାଏନ ପଡି....

ଦୟା ପରି ବସ୍ତ୍ର ପରିଧାନ କରି
କ୍ଷମାରେ ଆଚର ହେଲେ
ମନୁଷ୍ୟ ଠି ଜାଣ ଶରୀରର ପ୍ରାଣ
ସଂଗ୍ଭର ହୁଅଇ ଭଲେ....

ଦୋଷ ଛାଡି ଗୁଣ ଗ୍ଭହିଁଲେ ପର୍‌ଣ
ସାଧୁର ଆସନ ପାଏ
ସାର୍ଥକ ହୁଅଇ ଜନ୍ମ ନୟନ୍ତ୍ରଣ
ସେ ସ୍ୱୟଂ ସମ୍ପୂର୍ଣ ହୁଏ....

ବାଲିଆପାଳ, ବାଲେଶ୍ୱର

# ଶୁଣ ମୋ ବାଣୀ



ନରେନ୍ଦ୍ର ପ୍ରସାଦ ବେହେରା

ପହାଡ ମୂଳରେ ଘର କରିଥିଲେ
ନଥାଏ ଚନ୍ତା ମନରେ
କେତେ ଗଛଲତା ଫଳପୁଷ୍ପ ବାସ୍ନା
ବାଜଇ ନତି ଦେହରେ ।୧।

ଘର ନର୍ମାଣରେ ଚନ୍ତା ଦୂର ହୁଏ
ସହଜେ ମିଳେ ପଥର
ରୋଷେଇ କାର୍ଯ୍ୟରେ ବ୍ୟବହୃତ ପାଇଁ
ମିଳଇ କାଠ ପତର ।୨।

ତଥାପି ବୁଝୁନ ଏ ମୂଢ଼ ମଣିଷ
ପାହାଡ କରୁଛି ଫାଙ୍କା
ଦିନରାତି ଖାଲି କରୁଛି ବ୍ଲାଷ୍ଟିଙ୍ଗ୍
ସରକାର ଗଣେ ଟଙ୍କା ।୩।

କେତେକଷ୍ଟ ପୁଣି ସହୁଛି ପାହାଡ
କହୁନ ପଦିଏ କଥା
ଶୁଣିଲେ କାନରେ ତା ଦୁଃଖ କାହାଣୀ
ଘରୁଯିବ ଆଜି ମଥା ।୪।

ଶାରିଶୁଆ ଆଜି     କହେ ନାହିଁ କଛି
   ନିରବରେ ସହିଯାଏ
ନିଜ ସ୍ୱାର୍ଥ ପାଇଁ     କେତେଜଣ ମିଶି
   ଦୈନିକ ଖୋଳ ପକାଏ  ।୫।

ଜୀବନ୍ତ ହେଉକ     ମୃତ ଗଛଲତା
   ହାଣିବା ପଛାଏ ନାହିଁ
ଶୋଭାରାଶି ତାର     ହେଉଛି ବିକୃତ
   ତଥାପି ରହିଛି ଚୁହିଁ  ।୬।

ପାହାଡ ସୁରକ୍ଷା     ନାରା ଦେଉଛନ୍ତି
   କାଗଜ କଲମେ ଥାଇ
ମିଛ ପ୍ରହସନ     ଚାଲିଛି ଶାସନେ
   କାହାକୁ କହିବ ଯାଇ  ।୭।

ଦୂର ପରବତ     ଦିଶଇ ସୁନ୍ଦର
   ପାଖକୁ ସୁନ୍ଦର କଇଁ
ଏ ମର୍ତ୍ତ୍ୟ ମଣ୍ଡଳେ     ସହ୍ୟକାରୀ ବ୍ୟକ୍ତି
   ପାହାଡ ପରିକେ ନାହିଁ  ।୮।

ସୌନ୍ଦର୍ଯ୍ୟ ତ ଆଜି     ହଜିହଜି ଯାଏ
   ଶାରିଶୁଆ ପାହାଡର
ଜାଗିଉଠ ତୁମେ     ନହୋଇ କାତର
   ଜବାବ ଦିଅ ଏଥର  ।୯।

ସମୁଦ୍ରର ଜଳ ମୋଦେହେ ଲାଗିବ
ସୃଷ୍ଟି ହେବ ଟଳମଳ
ଅଥଳ ଜଳରେ ବୁଡାଇ ମାରିବ
ରଖିବିନି ଥଳକୂଳ ।୧୦।

ବୀର ଦର୍ପେ ଥରେ ଉଭାହୋଇ କୁହ
ମୋନାମ ପାହାଡ ରାଣୀ
ସହି ପାରୁନାହିଁ କଷଣ ତୁମର
କହୁଛି ଶୁଣ ମୋ ବାଣୀ ।୧୧।

ଦେଉଛି ବାରତା ହୋଇବ ଜାଗ୍ରତ
କରିବ ନାହିଁ ପ୍ରହାର
କହିଦେଲି କଥା ମନେରଖି ଥିବ
ପାହାଡ ରାଣୀ ତୁମର ।।୧୨।।

ଆଳଦା, ଖଇରା, ବାଲେଶ୍ୱର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଶ୍ରୀପଞ୍ଚମୀ



ପ୍ରକାଶ ଚନ୍ଦ୍ର ପଣ୍ଡା

ହସ୍ତେ ବୀଣା ତୋର ଶୋଭ୍ ପାଏ ବୋଲି
ମା ମୋ ତୁ ବିଣପାଣୀ,
ବିଦ୍ୟା ଦାୟିନୀ ମା ଜ୍ଞାନ ପ୍ରଦାୟିନୀ
ତୋ ଚରଣେ ମୋ ମାଗୁଣି ।
ବରଷିଦେ ମାଆ ଆଶିଷର ବାରି
ଏ ମର୍ତ୍ୟ ମାନବ ଶିରେ,
ତୋ ଆଶିଷ ପାଇ ଧନ୍ୟ ହେବ ମହି
ଜନମାନ ସୁର ନରେ ।
ଅଜ୍ଞାନକୁ ଦିଅ ଜ୍ଞାନର ଭଣ୍ଡାର
ଜ୍ଞାନ ଦୀପ ଉଠୁ ଜଳ,
ଅବୋଧକୁ ଦିଅ ବୋଧ ଶକ୍ତି ମାଆ
କରୁଛି ତୋ ପାଦେ ଅଳ ।
ଋତୁରାଜଙ୍କର କଅଁଳ ସ୍ପର୍ଶରେ
ସୁନ୍ଦର ରୂପ ସଂଭାର,
ତୁମ ଆଗମନେ ନୂତନ ବସନେ
ଧରା ଦିଶେ ମନୋହର ।
ଭକ୍ତିଭରା ଚତ୍ତେ ଏହି ମଥା ମୋର
ନଇଁଯାଉ ତୋ ଚରଣେ,
କହିବାକୁ ଆହା ତୁମେ ଏକା ସାହା
ଜନମେ କବା ମରଣେ ।
ମନରେ ଭକତି ସାହସ ଶକତି
ଦେ ଲୋ ମାଆ ତୁ ଢାଳ,
ଜ୍ଞାନର ସୁରୁଜ ଉଦୟ ହେଉ ମା
ସଭିଙ୍କ ହୃଦୟେ ପୁଣି ।

କଲ୍ୟାଣପୁର, ଭୁଇଁପୁର,
ଯାଜପୁର, ପାଣିକୋଇଲି

# ଝିଅଟେ ଅଲୋଡ଼ା ନୁହେଁ



ହରେରାମ ପଣ୍ଡା

ପୁଅଟିଏ ପାଇଁ ସମସ୍ତେ ଗୁହାଁନ୍ତି
ଝିଅ ହେଲେ ନାକ ଟେକନ୍ତି,
ଝିଅ ଜନମ ତ ଚୁଲି ମୁଣ୍ଡକୁଲୋ
ତୁଚ୍ଛାରେ ଯା ହାଲ୍ଲା କରନ୍ତି ।

ଝିଅ ମାନଙ୍କର ଯଶ କୀର୍ତ୍ତି ମାନ
ଇତିହାସ ପର୍ କହୁଛି,
ପୁରାଣ କାଳର ସୀତା ସାବିତ୍ରୀଙ୍କୁ
କେବେ କଣ କେହି ଭୁଲିଛି ?

ମଦର ଟେରେସା , ଝାନ୍ସୀର ରାଣୀ,
ଦୁର୍ଗାବତୀ ପୁଣି ଇନ୍ଦିରା,
ରମାଦେବୀ ଆଉ ମାଳତୀ ଦେବୀଙ୍କୁ
ଝୁରନ୍ତି ଆଜି ଦେଶସାରା ।

ଝିଅ ବି ଲଢୁଛି ଶତ୍ରୁ ସହିତ -
ଆକାଶରେ ପୁଣି ଉଡୁଛି,
ଶାସନ ମୁଖିଆ ହୋଇ ବି ଝିଅଟେ
ଦେଶକୁ ଶାସନ କରୁଛି ।

ଅବଳା ନୁହଁଇ ଦୁର୍ବଳା ଆଜି
ଆଜି ସେ ସମର୍ଥ ସବଳ,
ପୁଅ ନୁହେଁ ଖାଲି ଝିଅଟେ ଆଜି ବି
ପିତା ମାତାଙ୍କର ସମ୍ବଳ ।

ପୁଅ ମାନଙ୍କୁ ତ ମଣିଷ କରିକେ
ବଦ୍ଧାଶ୍ରମରେ ରହୁଛି,
ଧନ ସମ୍ପତ୍ତିର ବଣ୍ଟୁଆର୍ ପାଇଁ
କେତେ ଯେ ଯାତନା ସହୁଛି ।

ପୁଅ ଯଦି ଦେଖି ପାରିବ ବାପକୁ
ତାହା ବି ପାରିବ ପୁଅ,
ପୁଅଝିଅ ଆଜି ସମାନ ସବୁଠିଁ
ଝିଅଟେ ଅଲୋଡ଼ା ନୁହଁ ।

ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ,
କୁଆଁସ, ମେର୍ଦ୍ଧା କାଟିଆ ଛକ, ଯାଜପୁର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।
ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।

# ଶତ୍ରୁ

ମୂଳ ମାଲୟାଲମ - ବେନ୍ୟାମିନ



ସୁଧାଂଶୁ ଶେଖର ଦ୍ୱିବେଦୀ

ମୋତେ ଲକ୍ଷ୍ୟ ସ୍ଥାନରେ ପହଞ୍ଚିବାର ଥାଏ । ଯଥାଶୀଘ୍ର ଆଗକୁ ବଢୁଥାଏ । ଯହା ଦୌଡିବା ଓ ଚାଲିବା ମଝିରେ ଏକ ପରିସ୍ଥିତି ସୃଷ୍ଟି ହୋଇଥାଏ । ବସ୍ ପାଇଁ ଅପେକ୍ଷା କରି ଅଯଥା ସମୟ ନଷ୍ଟ କରିଥିବା ବିଷୟରେ ଭାବି ବ୍ୟାକୁଳ ହେଉଥାଏ । ମନେ ମନେ ଭାବୁଥାଏ କୌଣସି ଛୋଟ ଗାଡିଟିଏ ମିଳଗଲେ ଭଲ ହୁଅନ୍ତା! ପରନ୍ତୁ, ସଡକ ସଂପୂର୍ଣ୍ଣ ଶୂନଶାନ ହୋଇ ସାରିଥାଏ । ମୋତେ ରାସ୍ତାରେ ଇଛି ଲୋକଚେତେଇ ଦେଉଥାନ୍ତି ସେମାନେ କୌଣସି ମୁହୂର୍ତ୍ତରେ ପହଞ୍ଚିଯିବେ । ବହୁତ ଜରୁରୀ କାମ ଥାଏ ଯହା ମୁଁ ଆଗକୁ ବଢିବା ବ୍ୟତୀତ ଆଉ ପଛକୁ ଫେରିପାରୁ ନଥାଏ ।

ମୁଁ ଦେଖୁଥାଏ ଦୂରରୁ ଏକ ନଦୀର ଲହଡି ଭଳ ସେମାନେ ମୋହରି ନିକଟକୁ ମାଡି ଆସୁଛନ୍ତି । ସେମାନଙ୍କ ସ୍ଲୋଗାନକୁ ପାରି ହୋଇଯିବା ପରେ ବି କଛି ସମୟଯାଏ ତାର ଶବ୍ଦ ଶୁଣିପାରୁଥାଏ । ସ୍ତବ୍ଧ ହୋଇଗଲି । ପୁଣି ସାହାସ ବାନ୍ଧି ସଡକ ସାଇଡରେ ଚାଲିବାକୁ ଲାଗିଲି । ମନେ ମନେ ଭାବୁଥାଏ ନା ମୁଁ ସେମାନଙ୍କର ଶତ୍ରୁ ନା ମିତ୍ର ! ମୁଁ ତ କେବଳ ଜଣେ ପଥିକ ।

ସେମାନେ କ୍ରମଶଃ ମୋର ଅତି ନିକଟକୁ ଆସୁଥାନ୍ତି । ମୋତେ ଖୁବ୍ ଭୟ ଲାଗୁଥାଏ । ତଥାପି ମୁଁ ଆଗଉଥାଏ । ସେମାନଙ୍କ ସମ୍ମୁଖସ୍ଥ ପଂକ୍ତି ମୋ ପାଖରେ ପହଞ୍ଚିବା ପରେ ମୁଁ ସାଇଡ ହୋଇ ଛିଡା ହେଲି । ଲୁଚଯିବା ପାଇଁ ସ୍ଥାନ ଥିଲେ ଲୁଚ ଯାଇଥାନ୍ତି । ଘରର ଦ୍ୱାର ଓ ଦୋକାନ ସଟର ବନ୍ଦ କରି ଲୋକମାନେ ବହୁ ପୂର୍ବରୁ ଲୁଚ ଯାଇଥାନ୍ତି । ଲୁଚ ଯିବାକୁ

କୌଣସି ପ୍ରକୃଷ୍ଟ ସ୍ଥାନ ମୋତେ ଦେଖାଯାଉ ନଥାଏ । ଯାହାବି ହେଉ, ମୁଁ ଯେମିତି ସେମାନଙ୍କ ନଜରରେ ନପଡେ ନିଜକୁ ଅଲଗା ସୁରକ୍ଷିତ ରଖିବାକୁ ଚାହୁଁଥାଏ ।

ସେମାନଙ୍କ ମଧ୍ୟରୁ କେତେକଙ୍କର ଭୟଙ୍କର ଆଖି ମୋତେ ବାରମ୍ବାର ଦିଶୁଥାଏ । ଯାହାଦ୍ୱାରା ମୁଣ୍ଡରୁ ଗୋଡଯାଏ ମୋର ପୁରା ଶରୀରରେ କମ୍ପନ ହେଉଥାଏ । ସଂଭବତଃ ନିଜକୁ ସଂଭାଳି ସଡକ ସାଇଡରେ ଛିଡା ହେଲି । ସେମାନେ ଜଣ ଜଣ ହୋଇ ମୋତେ ଅତିକ୍ରମ କରିଗଲେ ।

ରକ୍ତ ରଞ୍ଜିତ ଭୁଜାଲୀ, ଖଣ୍ଡା, ବର୍ଚ୍ଛା ହାତରେ ମୋତେ ଦେଖି ଉତ୍ତେଜିତ ଅବସ୍ଥାରେ ନିକଟକୁ ମାଡି ଆସୁଥାନ୍ତି । ନା ମୁଁ ସେମାନଙ୍କର ଶତ୍ରୁ ନା ମିତ୍ର !

ଭୟ.... ଖୁବ୍ ଭୟ, ଅଜଗର ସାପ ଭଳି ଭୟ ମୋତେ ଗିଳି ପକାଉଥାଏ । ମୋ ବିରୁଦ୍ଧରେ ସେମାନଙ୍କର ଉତ୍ତେଜନା ଭାଇରସ୍ ଭଳି ବଢି ଯାଉଥାଏ । କାରଣ ମୁଁ ହିଁ ସେମାନଙ୍କର ଟାରଗେଟ୍, ସେମାନଙ୍କ ଭିତରୁ କେତେକ ଅସ୍ତ୍ର ଦ୍ୱାରା ମୋତେ ପ୍ରହାର କଲେ । ମୋ କୁର୍ତ୍ତା ଫାଟିଗଲା । ମୁଣ୍ଡରୁ ରକ୍ତ ଝରିଲା । କ୍ଷଣିକ ପାଇଁ ମୁଁ ମୋ ପରିବାର ବିଷୟରେ ଚିନ୍ତା କଲି । ପୁଣିଥରେ ଚାରିପଟକୁ ଦେଖିନେଲି । ଯଥା ସଂଭବ ଗୋଟେ ଦଳ ସହିତ ଯୋଡିଯାଇ ସେମାନଙ୍କ ଭଳି ଶ୍ଳୋଗାନ ଦେଲି । କେହି ଜଣେ ମୋ ହାତରେ ମାରଣାସ୍ତ୍ର ଧରେଇ ଦେଲା । ଆଉ ମୁଁ ରାସ୍ତାରେ ନିଃସହାୟ ଠିଆହୋଇ ଅନ୍ୟମାନଙ୍କ ବିରୁଦ୍ଧରେ ତାର ଉପଯୋଗ କରିବାକୁ ପ୍ରୟାସ କଲି ।

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା

# ମୋ ମାଆ



ପ୍ରଭାସିନୀ ସେନାପତି

ଜନ୍ମ ହେବା ପରେ ଦର୍ଶେଟି ଓଠରେ
ପ୍ରଥମେ ଧରିଲି ତୋରି ନାଆଁ
ସେହି ଦିନଠାରୁ ଆଜିଯାଏଁ ପର୍
ସୁଖେ ଦୁଃଖେ ମୋର ହୋଇଛୁ ସାହା

ଟିକଏ ଝୁଣ୍ଟିଲେ କୋଳେଇ ନେଉ ତୁ
ହାତ ଧରି ରାସ୍ତା ଦେଖାଉ ନୂଆ...
ଅଳ ଅଝଟ ମୋ ପୂର୍ଣ୍ଣ କରୁ ସବୁ..
ଦେଇ ତୋର ସ୍ନେହ ଆଦର ଛୁଆଁ।

ତୋର ମିଛ ଗାଳ ବଡ଼ଦାଣ୍ଡ ଧୂଳ
ଜୀବନେ ଦେଖାଏ ନୂତନ ରାହା...
ତୋ ସ୍ନେହ ସର୍ଗ ମୋ ପାଇଁ ଅମୃତ
ସରଗ ଠୁ ବଡ଼ ତୋ ପଣତ ଛାୟା ।

ତୁମୋ କୌଶଲ୍ୟା ତୁ ମୋ ଦେବକୀ..
ତୁ ପର୍ ମୋର ଯଶୋଦା ମାଆ...
ସାର୍ ପୃଥିବୀ ର ସୁଖ ତୁ ମୋ ପାଇଁ..
ତୋ ପାଖରେ ଛୋଟ ସାର୍ ଦୁନଆଁ ।

ରକତୁ ନଗାଡି ମମତା ର ସୁଧା
ଆନନ୍ଦେ ଗଢ଼ିଲୁ ମୋହରି କାୟା...
ଦେଇ ପାରିବିନ ତୋ ତ୍ୟାଗ ର ମୂଲ୍ୟ
ସୁଝି ପାରିବିନ ତୋ ଋଣ ମାଆ ।

ଭିଙ୍ଗାରପୁର, ଖୋର୍ଦ୍ଧା

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାର୍ ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଛିଙ୍କ କଲ୍ କଲବଲ



ଆରତୀ ସାହୁ (ଆଶା)

ବଡ଼ି ସକାଳରୁ ଗାଧେଇ ପାଧେଇ
ଦାଣ୍ଡରେ ମୁଁ ଠିଆ ହେଲି ।
ସ୍ୱାମୀ ମୋର ଗଲେ ଗାଡ଼ି ଡାକବାକୁ
ଦେଉଳକୁ ଯିବା ବୋଲି ।
ରେକସା ସହିତେ ଆସି ମୋର ସ୍ୱାମୀ
ଗେହ୍ଲାରେ ମୋତେ ଡାକଲେ ।
କେଡ଼େ ସର୍‌ଗରେ ଜୁଇ ମାଳଟିଏ
ଖୋସାରେ ଲମ୍ବେଇ ଦେଲେ ।
ମନକଥା ଖୋଲି କହିପାରିଲିନ
ଏଲର୍ଜି ମୋ ଜୁଇଫୁଲ ।
ଜୁଇଫୁଲ ବାସ୍ନା ନାକରେ ବାଜିଲେ
ଛିଙ୍କ କରେ କଲବଲ ।
ମନକଥା ମୋର ମନରେ ରହିଲା
ନବ ବିବାହିତା ବୋଲି ।
ନାକକୁ ଓଢ଼ଣା କାନରେ ଢାଙ୍କିଲି
ଛିଙ୍କକୁ ଜବତ କଲି ।
ଦେଉଳ ଭିତରେ ସାଙ୍ଗ ସାଥି ମେଳେ
ଖୁସି ଆଳାପରେ ମାତି ।

ଜୁଇଫୁଲ କଥା ଭୂଲି ଯାଇଥିଲି
ସ୍ନେହ ଶ୍ରଦ୍ଧା ତାଙ୍କ ଦେଖି ।
ନଣନ୍ଦ ଲେଖାର ମୁଖର୍ ଝିଅଟେ
ଓଢ଼ଣା ମୋ ଟାଣିଦେଲ୍ ।
ଜୁଇମାଳ ଆସି ନାକରେ ବାଜିଲ୍
ସଲସଲ ନାକ ହେଲ୍ ।
କାବୁ ଆଉ ମୋଟେ କରି ପାରିଲିନ
ଛିଙ୍କରେ ବେଦମ ହେଲି ।
ଛିଙ୍କ ପରେ ଛିଙ୍କ ଆସି ଦେଲେ ଡାକ
କାଶଭାଇ ଆସ ବୋଲି ।
କାଶଭାଇ ସହ ଛିଙ୍କ ଭଉଣୀର
ମେଳ ହୁରି ଦେଲ୍ ଛାଡ଼ି ।
ଆତଙ୍କ ଓ ଭୟ ଗ୍ରାସିଲ୍ ସଭିଙ୍କୁ
ଛାଡ଼ିଲେ କରୋନା ରଡ଼ି ।
ଗୃହୁଁ ଗୃହୁଁ ମୋତେ ଛାଡ଼ି ଛୁଡ଼ି ଦେଇ
ସମସ୍ତେ ଦେଲେ ଚମ୍ପଟ ।
କରୋନା କରୋନା ବୋବାଳ ଛାଡ଼ିଲେ
ସ୍ୱାମୀ ହେଲେ କଟକଟ ।
କରୋନା କୋକୁଆ ଭୟରେ ସଭିଏଁ
ଦେଉଳୁ ବାହାରି ଗଲେ ।
ଦେଖୁ ଦେଖୁ ଆସି ପଦା ହୋଇଗଲ୍
ଦେଉଳ ପ୍ରାଙ୍ଗଣ ହେଳେ।
ଏଲର୍ଜିରେ ମୁହିଁ ଆକ୍ରାନ୍ତ ହୋଇଲି
ନାଲି ପଡ଼ି ଗଲ୍ ମୁହଁ ।
ପାଟିରୁ ବଚନ ବାହାରିଲ୍ ନାହିଁ
କାନ ହେଲ୍ ଭଁ ଭଁ ।

ଆକଗ୍ଣ ହୋଇଣ ବସି ପଡ଼ିଲି ମୁଁ
ସାହାଗ୍ୟ ତ କେହି ନାହିଁ ।
ହାତଧରି ଯାର ବିଭା ହୋଇଥିଲି
କାନ୍ଦନ୍ତି ସେ କଇଁ କଇଁ ।
ପାଣି ଟିକେ ପାଇଁ ଠାରରେ କହିଲି
ଜୁଇମାଳ ଫିଙ୍ଗିଦେଲି ।
ପ୍ରକୃତିସ୍ଥା ହୋଇ ସ୍ୱାମୀଙ୍କୁ କହିଲି
ଜୁଇଫୁଲ ତ ଅସଲି ।
ମଲ୍ଲି ମାଳ ଆଣି ଦେବ ନାଗର ହେ
ବେଶ ହେବି ତୁମ ପାଇଁ ।
ଜୁଇମାଳ ମୋର ଛିଙ୍କର କାରଣ
ସେ ବେଶ ହୋଇବି ନାହିଁ ।
ଶୁଣ ସାଧୁଜନେ ଭୟଭୀତ ହୋଇ
କରନା ଏପରି କାଣ୍ଡ ।
ସବୁ କାଶଛିଙ୍କ କରୋନା ଭାବିଲେ
କାମ ହୋଇଯିବ ପଣ୍ଡ ।

ବସନ୍ତ ବିହାର, ନୂଆ ଦିଲ୍ଲୀ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।
ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।

# ନାରୀ



ବାସନ୍ତୀ ଲତା ଜେନା

ପ୍ରକୃତିର ଶୋଭା ଅଟେ ପରା ନାରୀ
ସୃଜନ କାରିଣୀ ସେହି
ଲାଳନ ପାଳନ ଧାରଣ କରେ ସେ
କୁଳ ବଂଶ ରକ୍ଷା ପାଇଁ ।୧।

ସନ୍ତାନଙ୍କ ପାଇଁ ମମତାର ଡୋରି
ଘର ପାଇଁ ବହୂ ସିଏ
ନାରୀ ବିନା ପୁଂଷ ନୁହେତ ସମ୍ପୂର୍ଣ୍ଣ
ଗୀତା ଭାଗବତ କହେ ।୨।

ଆଜିର ନାରୀ ପଛୁଆ ନୁହଇଁ
ସବୁ କାମେ ଆଗଭର
ଘର କାମ ସାଥେ ସମାଜ ଦାୟିତ୍ୱ
କରୁ ଥାଏ ନିରନ୍ତର ।୩।

ପାଣିରେ ବୁଡୁଛି ଆକାଶେ ଉଡୁଛି
ଅଫିସରେ କରେ କାମ
ପିଅନଙ୍କ ଠାରୁ ଅଫିସର ଯାଏ
ସବୁଠି ତାହାର ନାମ ।୪।

ରାଜ୍ୟ ଶାସନରେ ଭାଗ ନେଉଅଛି
ଦେଶ ସେବା କରୁ ଅଛି
ଝାନସୀର ରାଣୀ ଭିକ୍ଟୋରିଆଙ୍କ ପରି
ନିଜ କାମ ତୁଲାଉଛି ।୫।

ଯେ ଦେଶର ନାରୀ ଶିକ୍ଷିତା ଅଟଇ
ସମୃଦ୍ଧି ଶାଳୀ ସେ ଦେଶ
ସେ ନାରୀକୁ ଆମେ ସନମାନ ଦେବା
କେବେ ନ ହେବା ବିରଷ ।୬।

ସଂସ୍କୃତେ ନାରୀ ଲକ୍ଷ୍ମୀ ସରସ୍ୱତୀ ଯେ
ବିଶମେ ଚଣ୍ଡିକା ରୂପ
ବାହ୍ୟ ଶତୃଙ୍କର ମୁକାବିଲ୍ କରେ
ନିଜେ ଜଳ ହୁଏ ଧୂପ ।୭।

ନାରୀର ଶଶକ୍ତି ରାଷ୍ଟ୍ରର ଉନ୍ନତି
ଦେଶ ହୁଏ ବିକଶିତ
ନାରୀକୁ ମର୍ଯ୍ୟାଦା ସନମାନ ଦେଲେ
ନାରୀ ହେବ ସୁରକ୍ଷିତ ।୮।

ଯେଉଁ ଘରେ ନାରୀ ସନମାନ ପାଏ
ସେ ଘରେ ଦେବତା ବାସ
ସେ ଘରର ଲୋକେ ଖୁସିରେ ରହନ୍ତି
ଦୁଃଖ ହୋଇ ଯାଏ ଶେଷ ।୯।

ସହକାରୀ ଶିକ୍ଷୟିତ୍ରୀ
ଗାନ୍ଧିନଗର, ନବରଙ୍ଗପୁର

# ସତ୍ୟର ସନ୍ଧାନ



ବରଦା ପ୍ରସନ୍ନ ଦାସ

(ସତ୍ୟର ସନ୍ଧାନ ହେଉଛି ଲେଖକ ଶ୍ରୀ ବରଦା ପ୍ରସନ୍ନ ଦାସଙ୍କ ଦ୍ୱାରା ଲିଖିତ ଏକ ସଂପୂର୍ଣ୍ଣ ଭିନ୍ନ ଧରଣର ରଚନା । ଆଜିର ମଣିଷ ମନରେ ଆସୁଥିବା ଅନେକ ପ୍ରକାରର ପ୍ରଶ୍ନର ଉତ୍ତର ଅନେକ ବିଜ୍ଞ ଏବଂ ଜ୍ଞାନୀ ବ୍ୟକ୍ତିମାନଙ୍କଠାରୁ ସାକ୍ଷାତକାର ମାଧ୍ୟମରେ ସଂଗୃହୀତ ହୋଇଥିବା ତଥ୍ୟକୁ ଲେଖକ ବ୍ୟକ୍ତ କରିଛନ୍ତି ପୁସ୍ତକ (ସତ୍ୟର ସନ୍ଧାନ) ମାଧ୍ୟମରେ ।)

## ପ୍ରଶ୍ନ - ୨୦ : ସମାଜ ପାଇଁ ଆପଣ କିଛି ସନ୍ଦେଶ ଦିଅନ୍ତୁ ।

## -ଉତ୍ତର-

- ସମାଜକୁ ସୁନ୍ଦର ସରସ କରି ଗଢ଼ିବାକୁ ମନୁଷ୍ୟର ଶିକ୍ଷା, ଆଚରଣ ଏବଂ ଅଭ୍ୟାସ ହିଁ ଦାୟୀ । ତେଣୁ ଏହି ତିନୋଟି ସ୍ତରକୁ ସମ୍ମାର୍ଜିତ କରିବା ପ୍ରତ୍ୟେକ ଚନ୍ତଶୀଳ ମନୁଷ୍ୟର ପୁଣ୍ୟ କର୍ତ୍ତବ୍ୟ ବୋଲି ମୁଁ ଦୃଢ଼ ଭାବରେ ବିଶ୍ୱାସ କରେ ।

[ପଦ୍ମଶ୍ରୀ ଡ. ସତ୍ୟନାରାୟଣ ରାଜଗୁରୁ]

- ଏ ଅଧମ ମହିମା ଧର୍ମାନ୍ୱିତ, ସେ ସମାଜ ପାଇଁ କ ସନ୍ଦେଶ ଦେବ? ଏଥିପାଇଁ ତା'ର ସାମର୍ଥ୍ୟ ଅଛି କ? ପ୍ରତିନିତ୍ୟ ପ୍ରାତଃ ସାୟଂ ବ୍ରାହ୍ମ ମୁହୂର୍ତ୍ତରେ ଶରଣ ଦର୍ଶନ କାଳରେ କେବେ କେବେ ଅନ୍ୟ ସମୟରେ ସମସ୍ତ ବିଶ୍ୱର ଜଗତ୍‌ଜନଙ୍କ ମଙ୍ଗଳ ପାଇଁ ସର୍ବନିୟନ୍ତା ମହିମା ମହାପ୍ରଭୁଙ୍କଠାରେ ଜଣାଣ କରେ । ସମସ୍ତେ ନିତ୍ୟାନନ୍ଦ ଓ ନିତ୍ୟଶାନ୍ତି ଲଭ କରନ୍ତୁ । ଜଗତରେ ବ୍ରହ୍ମଲୋକ ପ୍ରତିଷ୍ଠିତ ହେଉ । ପ୍ରଭୁ

ପରମାତ୍ମା ସମସ୍ତଙ୍କ ହୃଦୟରେ ସାକ୍ଷୀ ସ୍ୱରୂପରେ ଅନ୍ତର୍ଯ୍ୟାମୀ ହୋଇ ବିଜେ କରିଛନ୍ତି । ସେ ସର୍ବବ୍ୟାପୀ ଅବିନାଶୀ, ପୂର୍ଣ୍ଣବ୍ରହ୍ମ । ଆମେ ତାଙ୍କ କରୁଣା ଲଭ କରିବାକୁ ଯୋଗ୍ୟ ହେଉ, ଏହି ପ୍ରାର୍ଥନା କରୁଛି ଓ ତାଙ୍କ ଦୟାରେ ଜୀବନରେ ସଚେତନତା ଥିବାଯାଏ କରୁଥିବି ।

[ପ୍ରଫେସର ଶତ୍ରୁଘ୍ନ ନାଥ]

- ସମାଜରେ ସମସ୍ତେ ନୀତି, ନିୟମ ଓ ଶୃଙ୍ଖଳା ମାନି ଚଳିବା ଉଚିତ । ଅନ୍ଧ କୁସଂସ୍କାର ଦୂର କରାଯିବା ଉଚିତ । ଶାନ୍ତି ଓ ପ୍ରଗତି ପାଇଁ ନିଜ ନିଜ ପରିସରରେ ପଥ ପ୍ରସ୍ତୁତ କରିବା ସମସ୍ତଙ୍କର କର୍ତ୍ତବ୍ୟ ।

[ଡ. ସଚ୍ଚି ରାଉତରାୟ]

- ମଣିଷ ଗୋଟିଏ ସାମାଜିକ ପ୍ରାଣୀ । ଅସାମାଜିକତା ସବୁ ବିଭେଦର ମୂଳ କାରଣ । ସମାଜର କୌଣସି ସ୍ରଷ୍ଟା ବା ହର୍ତ୍ତାକର୍ତ୍ତା ନାହାନ୍ତି । ତେଣୁ ସରକାର ଦଣ୍ଡ ଦେବାକୁ ଆଗେଇ ନ ଆସିଲେ ସାମାଜିକତାର ବିରୁଦ୍ଧାଚରଣ ଦଣ୍ଡନୀୟ ଅପରାଧ ନୁହେଁ । ତେବେ ପ୍ରତ୍ୟେକ ବ୍ୟକ୍ତି ଜଣେ ସାମାଜିକ ପ୍ରାଣୀ ସେ କଥା ଭୁଲିଗଲେ ଚଳିବ ନାହିଁ।

[ଡ. ଶ୍ରୀରାମ ଚନ୍ଦ୍ର ଦାଶ]

- (୧) ମାନବ ସମାଜ ଏକ ଈଶ୍ୱରଙ୍କ ସତ୍ତା, ସର୍ବ ବ୍ୟାପକତା ଏବଂ ସର୍ବଶକ୍ତିମତ୍ତାରେ ବିଶ୍ୱାସ କରୁ ।

  (୨) ଅନ୍ୟର ଧନସମ୍ପଦ ଉପରେ ଅବୈଧ ଲୋଲୁପ ଦୃଷ୍ଟି ନିକ୍ଷେପ ନ କରୁ ।

  (୩) ସାମାଜିକ ଜୀବନରେ ସହନଶୀଳତା ଶାନ୍ତିପ୍ରିୟତା ଏବଂ କ୍ଷମାଶୀଳତା ପ୍ରଦର୍ଶନ କରୁ ।

  (୪) କେବଳ ବୈଷୟିକ, ପାର୍ଥିବ ବା ଜାଗତିକ ସୁଖସମ୍ଭୋଗରେ ଲିପ୍ତ ନ ରହି ଆଧ୍ୟାତ୍ମିକ ସୁଖର ସନ୍ଧାନ ପାଇଁ ବ୍ରତୀ ହେଉ ।

(୫) ପାରିବାରିକ ଜୀବନରେ ମିଥ୍ୟାଗ୍ଭର, କଳହ ପ୍ରବୃତ୍ତି ତଥା ନିଜର ଅହମିକା ଦେଖାଇବାର ପ୍ରବୃତ୍ତିରୁ କ୍ଷାନ୍ତ ହେଉ ।

(୬) ମନୁଷ୍ୟ ପ୍ରତି ମୁହୂର୍ତ୍ତରେ ଚିନ୍ତା କରେ ଯେ ଅନ୍ୟମାନଙ୍କ ଅଲକ୍ଷ୍ୟରେ ସେ ଯେଉଁ ଅପକର୍ମ କରିଯାଉଛି ତାହା କାଳକ୍ରମେ ତା' ନିଜଠାରେ ବା ତା'ର ସନ୍ତାନବର୍ଗଙ୍କଠାରେ ଭୟଙ୍କର ପ୍ରତିକ୍ରିୟା ସୃଷ୍ଟି କରିବ । ତେଣୁ ଅନ୍ୟକୁ ଠକିବାର ନାମାନ୍ତର ହେଉଛି ଆତ୍ମ ପ୍ରବଞ୍ଚନା ଓ ବିପଦବରଣ ।

[ଅଧ୍ୟାପକ ଗୌରୀକୁମାର ବ୍ରହ୍ମା]

- ଧର୍ମ ନିରପେକ୍ଷତାକୁ ସମସ୍ତେ ହୃଦୟଙ୍ଗମ କରିବା ଉଚିତ । ସବୁ ଧର୍ମର ମୂଳନୀତି ସମାନ । ନୀତି ଓ ନିୟମ ଅନୁଯାୟୀ କର୍ତ୍ତବ୍ୟ ସମ୍ପାଦନ କରିବାକୁ ହେବ । ଜନସଂଖ୍ୟା ବୃଦ୍ଧି ରୋକିବାକୁ ହେବ ଏବଂ ତାହା ସଙ୍ଗେ ସଙ୍ଗେ ଲୋକଙ୍କୁ ଶିକ୍ଷା ଦେବାକୁ ହେବ । ସବୁଠାରୁ ବଡ଼ କର୍ତ୍ତବ୍ୟ ହେଉଛି ସଂସ୍କାର; ଯାହାକି ରାଜା ରାମମୋହନ, ଗାନ୍ଧିଜୀ, ଉତ୍କଳମଣି ଗୋପବନ୍ଧୁ ପ୍ରଭୃତି ଆରମ୍ଭ କରିଥିଲେ ତାହାକୁ ସମ୍ପୂର୍ଣ୍ଣ ରୂପେ କୃତକାର୍ଯ୍ୟ କରିବାକୁ । ଜାତିଭେଦ ଦୂର କରି କର୍ମକାଣ୍ଡ ଦ୍ୱାରା ସୃଷ୍ଟ ଅନ୍ଧ-ସଂସ୍କାରକୁ ବଦଳାଇବାକୁ ହେବ । ଏଥିପାଇଁ ସାହସ ଓ ସହଯୋଗ ଆବଶ୍ୟକ ।

[ଜଷ୍ଟିସ୍ ନବକୁମାର ଦାସ]

- ଆମେ ସମସ୍ତେ ସମାଜ ଯୋଗୁଁ ମଣିଷ । ତେଣୁ ସମାଜ ପ୍ରତି ଆମର ବହୁତ କର୍ତ୍ତବ୍ୟ ରହିଛି । ସମାଜ ଆମକୁ ଯାହା ଦେଉଛି ତାକୁ କିଛି ପରିମାଣରେ ଆମର ଶିଖିବା ଦରକାର । ଆମର ସ୍ଥିତି ଅନ୍ୟର ଦୟା ଓ tolerance ଯୋଗୁଁ ସମ୍ଭବ । ତେଣୁ ଅନ୍ୟମାନଙ୍କ ପ୍ରତି ଆମର ଯଥେଷ୍ଟ ଦୟା, ସମ୍ମାନ ଓ tolerance ରହିବା ଦରକାର । ଏହା ହେଉଛି ଗଣତାନ୍ତ୍ରିକ ପ୍ରକ୍ରିୟାର ମୂଳଭିତ୍ତି । ଏହା ସମସ୍ତଙ୍କର ଧ୍ୟେୟ ହେବା ଉଚିତ । ସମସ୍ତଙ୍କର ମଙ୍ଗଳ ହେଲେ ହିଁ ନିଜର ମଙ୍ଗଳ ସମ୍ଭବ ।

[ପ୍ରଫେସର ରାଧାନାଥ ରଥ]

- ନଗଣ୍ୟ ମୁଁ କ ସନ୍ଦେଶ ଦେବି? କଏ ବା ତାକୁ ଗ୍ରହଣ କରିବ? ବିବର୍ତ୍ତନବାଦ ନୀତିରେ ଏଇ ସମାଜ ହିଁ ନିଜେ ନିଜକୁ ରକ୍ଷା କରିବ । ତେବେ ଏକଥା ସତ ଯେ ବ୍ୟକ୍ତି ନିର୍ମଳ ହେଲେ ସମାଜ ନିର୍ମଳ ରହିବ । କିନ୍ତୁ ସମସ୍ତେ ଯେ ନିର୍ମଳ ରହିପାରିବେ ଇଏ ତ ଏକ 'ଇଉଟୋପିଆ' ।

[ନାଟ୍ୟକାର ମନୋରଞ୍ଜନ ଦାସ]

- ବର୍ତ୍ତମାନ ସମାଜ ଲକ୍ଷ୍ୟଭ୍ରଷ୍ଟ । ଆମର ଲକ୍ଷ୍ୟ ଧର୍ମ ରକ୍ଷା - ଯାହାର ଯେଉଁ ଧର୍ମ, ଧର୍ମଛଡ଼ା ହେଲେ ଯାହା ହୁଏ ତାହାହିଁ ଘଟୁଛି । 'ଆଚାର ପ୍ରଭବୋଧର୍ମଃ, ଧର୍ମସ୍ୟ ପ୍ରଭୁରଚ୍ୟୁତ' । ଧର୍ମ ଆଚାର ଶିକ୍ଷା ଦିଏ । ଆଚାରରୁ ଲକ୍ଷ୍ମୀ (ଧନ) ବଢ଼େ, ଅଲକ୍ଷଣା ଦୋଷ କଟିଯାଏ । ଆଚାର ବଳରେ ଲୋକ ବିନୟୀ ହୁଏ, ବିଦ୍ୱାନ ହୁଏ ଓ ପ୍ରତିଷ୍ଠା ଲାଭ କରେ । ବର୍ତ୍ତମାନ ଲୋକ ଅର୍ଥକୁ ପ୍ରଧାନ ମନେକରି ସେଥିରେ ନ୍ୟାୟ ଅନ୍ୟାୟ ବିଚାର ନ କରି ନିଜର କର୍ତ୍ତବ୍ୟ ଭୁଲିଗଲେଣି । 'ଅର୍ଥମନର୍ଥଂ ଭାବୟ ନିତ୍ୟଂ ନାସ୍ତି ତତଃ ସୁଖଂ ଲେଶଃମାତ୍ରମ୍' । ପ୍ରତ୍ୟେକେ ମନୁଷ୍ୟୋଚିତ କର୍ମରେ ବ୍ରତୀ ହେବା ଆବଶ୍ୟକ । ମନୁଷ୍ୟର ଧର୍ମ ହେଉଛି ଏକମାତ୍ର ରକ୍ଷକ । ଧର୍ମର ଅର୍ଥ ନାନାପ୍ରକାର; କିନ୍ତୁ ଯାହାର ଯେଉଁ ଧର୍ମ ଥାଉ ମନୁଷ୍ୟର ସାଧାରଣ ଧର୍ମ "ଅହିଂସାପରମୋଧର୍ମଃ" ଏହା ସମସ୍ତଙ୍କର ପାଳନୀୟ ।

[ପଣ୍ଡିତ ଶ୍ରୀଯୁକ୍ତ ସୋମନାଥ ଦାଶ ଶର୍ମା]

- ଆମେ ପ୍ରତ୍ୟେକେ ସମାଜକୁ ଅଧିକରୁ ଅଧିକ ଦେବା ଏବଂ ସେଥିଲାଗି ଭିତରେ ତଥା ବାହାରେ ଯୋଗ୍ୟ ହେବା ।

[ଅଧ୍ୟାପକ ଚିତ୍ତରଞ୍ଜନ ଦାସ]

- ମୁଁ ସିଦ୍ଧ ନୁହେଁ, ସନ୍ଧାନୀ ମାତ୍ର । ତେଣୁ ସମାଜକୁ ସନ୍ଦେଶ ଦେବାର ଅଧିକାର ମୋର ଅଛି କି? ଯଦି ଥାଏ ବୋଲି ମନେକରୁଛନ୍ତି, ତା'ହେଲେ କେବଳ ଏତିକି କହିବାକୁ ଚାହେଁ- ଯାହା ଗୌତମ ବୁଦ୍ଧ ଏବଂ କୃଷ୍ଣମୂର୍ତ୍ତି ଆଦି ଏକାଧିକ ଦାର୍ଶନିକ କହିଛନ୍ତି ଏବଂ ଆମ ଭାଗବତରେ ମଧ୍ୟ ଅଛି ଯେ 'ମନ ମୋହର ନିଜ ଗୁରୁ' । ତାକୁଇ ଚହ୍ନିବାକୁ ଚେଷ୍ଟା କର ଏବଂ ସହଜିଆ ସାନ୍ତ୍ୱନା ପାଇଁ ତା'ର ଅବମାନନା ନ

କରି ତା'ରି ବଳରେ ବାଛିନଅ ଆପଣା ଶାନ୍ତି ଓ ମୁକ୍ତିର ବାଟ । ଅନ୍ୟ ଉପାୟ ନାହିଁ।

[କିଶୋରୀ ଚରଣ ଦାସ]

- ସମାଜ ପାଇଁ ସନ୍ଦେଶ ଦେବାଲାଗି ସତ୍‌ସାହସ ନାହିଁ । ସନ୍ଦେଶ ଦେବାଲାଗି ଆମପରି ବ୍ୟକ୍ତିଙ୍କର କେଉଁ ପ୍ରକାର ବ୍ୟକ୍ତିତ୍ୱ ବା ରହିଛି? ମହାପୁରୁଷମାନଙ୍କ ସନ୍ଦେଶ ଯେତେବେଳେ ମୂଲ୍ୟହୀନ, ସେତେବେଳେ ସାମାନ୍ୟ ବ୍ୟକ୍ତିର ବାକ୍ୟ ହାସ୍ୟାସ୍ପଦ ହେବା ସମ୍ଭବ ନୁହେଁ କି? ନିଜ ପ୍ରତି ସନ୍ଦେଶ ଦେବାପାଇଁ ଯେତେବେଳେ ଚେତନା ଶକ୍ତି ନାହିଁ, ସେତେବେଳେ ସମାଜ ପ୍ରତି ସନ୍ଦେଶ ଦେବା ହେବ ଗୋଟିଏ ଧୃଷ୍ଟତା ତଥା ଅକ୍ଷମଣୀୟ ଅପରାଧ ।

[ଡ. ମନ୍ମଥ ନାଥ ଦାସ]

- ସୃଷ୍ଟିର ନିୟମ ହେଲା ସମାନତା । ସମସ୍ତେ ସମାନ ଏହି ଧାରଣା ସମସ୍ତଙ୍କ ମନକୁ ଆସିବା ଦରକାର ଓ ଆଚରଣରେ ଅନୁଭୂତ ହେବା ଦରକାର । ନିଜେ ଅନ୍ୟଠାରୁ ଯେପରି ଆଶା କର, ଠିକ୍ ସେହିପରି ଅପର ପ୍ରତି ବ୍ୟବହାର ଦେଖାଇବା ବିଧି ।

[ଜଷ୍ଟିସ୍ ରଙ୍ଗନାଥ ମିଶ୍ର]

- ମୋର ସେଭଳି କିଛି ସନ୍ଦେଶ ଦେବାର ଅଧିକାର ନାହିଁ । କିନ୍ତୁ ଲୋକେ ଯେପରି ଭଲ ନାଗରିକ ଭାବରେ ନିଜର ଓ ପରିବାରର ମଙ୍ଗଳ ପାଇଁ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ସମାଜ, ଦୀନ ଓ ଆର୍ତ୍ତ ଲୋକଙ୍କ ପାଇଁ କିଛି କାର୍ଯ୍ୟ କରିବା ଉଚିତ ।

[ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ]

- ନିଜେ ଶୃଙ୍ଖଳିତ ଏବଂ ସୁଶୀଳ ହେବାପାଇଁ ଚେଷ୍ଟା କରାଯାଉ । ଶକ୍ତି, ସାମର୍ଥ୍ୟ ଓ ସୁଯୋଗ ଅନୁସାରେ ଅନ୍ୟର ଉପକାରରେ ଆସିଲା ଭଳି କିଛି ବ୍ରତ କାର୍ଯ୍ୟକାରୀ ହେଉ । ଅନ୍ୟ ପ୍ରତି ଈର୍ଷାପ୍ରଯୁକ୍ତ ଭାବନା ରଖି ଦୁଃଖକୁ ନିମନ୍ତ୍ରଣ କରା ନ ଯାଉ - ଆପଣଙ୍କର ଦୁଃଖ ଅନେକ ପରିମାଣରେ ଲାଘବ ହୋଇଯିବ ।

[ପ୍ରଫେସର ପଠାଣି ପଟ୍ଟନାୟକ]

- ପିଲାଦିନୁ ହିଁ ଶ୍ରମ ଓ ବିଶ୍ୱ ବନ୍ଧୁତ୍ୱ ଶିକ୍ଷା ଦିଆଯିବା ଉଚତ, ପିଲାଦିନୁ ଏ ବିଷୟରେ ଅଭ୍ୟାସ ନ ଥିଲେ ବଡ଼ହେଲେ 'ତୁ ଯେତେ ମାଠିବୁ ମାଠ, ମୁଁ ସେହି ଦରପୋଡ଼ା କାଠ' ।

[ଡ. ଲଡୁକେଶ୍ୱର ଶତପଥୀ]

- ନୈତିକ ତଥା ଆଧାତ୍ମିକ କର୍ତ୍ତବ୍ୟବୋଧ ।

[ହରିହର ବାହିନୀପତି]

- ସମାଜରେ ବର୍ତ୍ତମାନ ଯାହାକଛି ବିଶୃଙ୍ଖଳା ବା ଅଶାନ୍ତି ଘଟୁଛି ତା'ର ଏକମାତ୍ର କାରଣ ସମାଜର ବ୍ୟକ୍ତିମାନେ ଉପଯୁକ୍ତ ଶିକ୍ଷା ପାଉନାହାନ୍ତି । କେବଳ ଶିକ୍ଷାୟତନରୁ ଭଲ ଉପାଧି ପାଇ ବଡ଼ ଚାକିରି କରି ଟଙ୍କା ରୋଜଗାର କରିପାରିଲେ ଜୀବନ ଧନ୍ୟ ହୋଇଗଲା ବୋଲି ଏ ଯେଉଁ ଧାରଣା ତାହା ପ୍ରାୟ ସବୁ ଲୋକଙ୍କୁ ଗ୍ରାସ କରୁଛି । ସେଥିପାଇଁ ଲୋକେ କେବଳ ଭୋଗ ଆଡ଼କୁ ମାଡ଼ି ଚାଲିଛନ୍ତି । ସତ୍ୟ ପ୍ରତି ଲୋକଙ୍କର ନଜର ନାହିଁ, ଧର୍ମ ପ୍ରତି ନାହିଁ । ନିଜକୁ ଅଜର ଅମର ଭାବି ନ୍ୟାୟ, ଅନ୍ୟାୟ କିଛି ବିଚାର ନ କରି ଅଧର୍ମ ଅନ୍ୟାୟରେ ଟଙ୍କା ସଂଗ୍ରହରେ ଲାଗିଛନ୍ତି । ସେଥିପାଇଁ ସଂଘର୍ଷ, ମାରପିଟ, ହଣାମରା ଚାଲିଛି । ଏସବୁର ଦୂରୀକରଣ ପାଇଁ ନିତ୍ୟ ସତ୍‌ସଙ୍ଗ, ସତ୍‌ଶାସ୍ତ୍ର ଶ୍ରବଣ, ମନନ, ସଦ୍‌ଗୁରୁ ଆଶ୍ରୟ ହେଉଛି ଏକମାତ୍ର ପନ୍ଥା । ଏହାଛଡ଼ା ବିକଳ୍ପ କିଛି ନାହିଁ ।

[ପଣ୍ଡିତ ରଙ୍ଗାଧର ଷଡ଼ଙ୍ଗୀ]

- ମୁଁ ବ୍ୟକ୍ତିବିଶେଷକୁ ସନ୍ଦେଶ ଦିଏ । ତେଣୁ ସାମୂହିକ ସନ୍ଦେଶ ମୋ ପାଖରେ ନାହିଁ। ତଥାପି କହୁଛି ଯହିଁରେ ନିଜର ମଙ୍ଗଳ ହେବ, ଅନ୍ୟର ମଙ୍ଗଳ ହେବ, ପରିବେଶର ମଙ୍ଗଳ ହେବ, ସେହି କାର୍ଯ୍ୟ କଲେ ଜଣେ ଆତ୍ମବାନ୍ ହେବ । ନ କଲେ ଆତ୍ମଘାତୀ ହେବ । ନିଜର ମଙ୍ଗଳ, ଅନ୍ୟର ମଙ୍ଗଳ, ପରିବେଶର ମଙ୍ଗଳ ଏହି ତିନି ମଙ୍ଗଳକୁ ଏକ ଓ ଅଭିନ୍ନ ମଣି କାର୍ଯ୍ୟ କରିବ । ଏଥିରୁ ଗୋଟିଏ ଊଣା ହେଲେ କାର୍ଯ୍ୟ ଦୂଷିତ ହେବାକୁ ଲାଗେ । ଏହି ତ୍ରିମଙ୍ଗଳ ହେଉଛି ତ୍ରିବେଣୀ । ଏଥିରେ ନିରନ୍ତର ସ୍ନାନ କର।

[ପ୍ରଫେସର ହୃଦାନନ୍ଦ ରାୟ]

- ପ୍ରଥମେ ଅନନ୍ତ ସୃଷ୍ଟିକର୍ତ୍ତାଙ୍କ ପ୍ରତି ଆମର କୃତଜ୍ଞ ଭାବ ରହିବା ଉଚିତ । କାରଣ ଭଗବାନ କୋଟି କୋଟି ପ୍ରକାରେ ଜୀବନ ଦେଇ ଅଳ୍ପ କେତେକଙ୍କୁ ମଣିଷ ଜୀବନ ଦେଇଛନ୍ତି ଏବଂ ଆମ୍ଭେମାନେ ସେଇ ଦୁର୍ଲଭ ମଣିଷ ଜନ୍ମ ପାଇଛୁ । ଦ୍ୱିତୀୟରେ ପ୍ରତି ମୁହୂର୍ତ୍ତରେ ଅନ୍ୟକୁ ସାହାଯ୍ୟ କରିବା ମନୋବୃତ୍ତି ଆମର ରହିବା ଉଚିତ । ତୃତୀୟରେ ନିଶାପାନ ବିରୁଦ୍ଧରେ ପୃଥିବୀର ସବୁ ଦେଶରେ ସ୍ୱର ଉତ୍ତୋଳନ କରାଯାଉଛି । ଏଣୁ ଜାଣିଶୁଣି ନିଶାପାନ ଅଭ୍ୟାସ ଦ୍ୱାରା ମୂଲ୍ୟବାନ୍ ମଣିଷକୁ ରୋଗଗ୍ରସ୍ତ କରନ୍ତୁ ନାହିଁ ।

[ଶ୍ୟାମସୁନ୍ଦର ପାଢ଼ୀ, ଆଇ.ପି.ଏସ୍]

- ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ ।

[ଗିରିଜା ଭୂଷଣ ପଟ୍ଟନାୟକ]

- କାମ, କ୍ରୋଧ, ଲୋଭରୁ ମୁକ୍ତ ହୋଇ ସମାଧି ଅବସ୍ଥାରେ ଋଷିମୁନିମାନେ ଯାହା ଉପଲବ୍ଧି କରିଛନ୍ତି, ସେହି ସଦ୍‌ଜ୍ଞାନ ଲାଭ କରିବା 'ସ୍ୱାଧ୍ୟାୟ' ଅଟେ । ପୁନଶ୍ଚ ନିଜର ଦୋଷ ତ୍ରୁଟି ବିଷୟରେ ପ୍ରତ୍ୟହ ବିଚାର କରି ନିଜକୁ ସୁଧାରିବା 'ସ୍ୱାଧ୍ୟାୟ'ର ଅନ୍ୟନାମ । ବର୍ତ୍ତମାନ କାଳରେ ସ୍ୱାଧ୍ୟାୟ ହ୍ରାସ ପାଉଅଛି । ମାନବିକତାର ପୁନରୁଦ୍ଧାର ପାଇଁ ସ୍ୱାଧ୍ୟାୟ ଅତ୍ୟନ୍ତ ପ୍ରୟୋଜନ ।

[ବେଦବିତ୍ ଇଂ. ପ୍ରିୟବ୍ରତ ଦାସ]

- ନିଜ ଜୀବନକୁ ଏକ ପ୍ରାକ୍‌କଥନ ବୋଲି ଜ୍ଞାନ ନ କରି ଜୀବନକୁ ନେଇ ପରୀକ୍ଷାମୂଳକ ଭାବେ କୌଣସି ବିପଜ୍ଜନକ ପରିସ୍ଥିତିର ମୁକାବିଲା କରନ୍ତୁ । ଈଶ୍ୱରୋପଲବ୍ଧି ପାଇଁ ଏହାହିଁ ପ୍ରକୃଷ୍ଟ ମାର୍ଗ । ଅଜ୍ଞାତ ଜଗତ୍ ବରାବର ଆମ ଚାରିପାଖେ ରହିଛି ଓ ରହିଥିବ । ସମସ୍ତ ଜ୍ଞାନ ଏହି ଅଜ୍ଞାତ ଜଗତରୁ ହିଁ ଆମ ହାତପାଆନ୍ତାକୁ ଆସେ । ତାକୁ ଧରିବାକୁ ବରାବର ସେଇ ବିପଜ୍ଜନକ ଅଜ୍ଞାତ ଜଗତ ଆଡ଼କୁ ହାତ ବଢ଼ାନ୍ତୁ ଓ ଦଉଡ଼ନ୍ତୁ । ଜ୍ଞାନ ଅଜ୍ଞାତକୁ ଆୟତ୍ତ କରିବାର ସର୍ବଶ୍ରେଷ୍ଠ ଶକ୍ତି । ଚେତନଶୀଳତା ଜ୍ଞାନଯୋଗର ମାର୍ଗ । ଯାହା ଆବିଷ୍କୃତ ହୋଇଛି ତା'ଠାରୁ ଢେର୍ ବେଶୀ ଆବିଷ୍କାର ଆମପାଇଁ ଅପେକ୍ଷାରତ । ଆମ ସମାଜ

ଅତୀତରେ ବାସ କରିବାକୁ ପସନ୍ଦ କରେ । ଅତୀତ ଆଡୁ ଭବିଷ୍ୟତକୁ ସମାଜର ଦୃଷ୍ଟି ଫେରେଇବାର ନାମ ପ୍ରଗତି । ପ୍ରଗତି ପଥରେ ଗ୍ଭଲିବାକୁ ହେବ ।

[ପ୍ରଫେସର ଶାନ୍ତନୁ କୁମାର ଆଗ୍ଭର୍ଯ୍ୟ]

- ମଣିଷ ଆତ୍ମସର୍ବସ୍ୱ ସ୍ୱାର୍ଥୀ ନ ହେଉ । ଦେଶ, ଜାତି, ସମାଜ ପ୍ରତି ପ୍ରତ୍ୟେକ ମଣିଷର କର୍ତ୍ତବ୍ୟ ରହିଛି । ସମାଜକୁ ବାନ୍ଧି ରଖିବାକୁ ହେଲେ ଈଶ୍ୱର ବିଶ୍ୱାସର ଆବଶ୍ୟକତା ରହିଛି । ଧର୍ମର ଭୂମିକା ଅପରିହାର୍ଯ୍ୟ । ଭାରତ ପରି ବହୁଧର୍ମାବଲମ୍ବୀ ଦେଶରେ ସବୁ ଧର୍ମ ପ୍ରତି ସମ୍ମାନ ରହୁ । କେହି କାହା ବିଶ୍ୱାସରେ ବାଧା ସୃଷ୍ଟି କରିବା ସମୀଚୀନ ନୁହେଁ । କିନ୍ତୁ ଧର୍ମ ନାମରେ ଧର୍ମୋନ୍ମତ୍ତ ହେବା ଆଦୌ ସ୍ୱାସ୍ଥ୍ୟକର ନୁହେଁ । ଈଶ୍ୱରଙ୍କଠାରେ ବିଶ୍ୱାସ ରଖି କର୍ମରେ ବ୍ରତୀ ହୋଇ ଦେଶ ଓ ସମାଜର ମଙ୍ଗଳ ଉଦ୍ଦେଶ୍ୟରେ ନିଜକୁ ନିୟୋଜିତ କରିବା ପ୍ରତ୍ୟେକ ମଣିଷର ପରମ କର୍ତ୍ତବ୍ୟ । ଏଥିରେ ନିଜର ଓ ସମାଜର ଉନ୍ନତି ଅବଶ୍ୟମ୍ଭାବୀ ।

[ଡ. ରେଖା ମହାନ୍ତି]

- ସମାଜ ପାଇଁ ସନ୍ଦେଶ ଦେବାରେ ମୋର ବିଶ୍ୱାସ ନାହିଁ ।

[ଶରତଚନ୍ଦ୍ର ମିଶ୍ର, ଆଇ.ପି.ଏସ୍]

- ପରମେଶ୍ୱରଙ୍କ ଶ୍ରୀପାଦପଦ୍ମରେ ଅଖଣ୍ଡ ଓ ଅନନ୍ତ ଶରଣ... ଏହାହିଁ ସହଜ ଓ ସର୍ବୋତ୍ତମ ପନ୍ଥା ।

[ସୁରେନ୍ଦ୍ର ଚନ୍ଦ୍ର ଦେ, ଆଇ.ପି.ଏସ୍]

- ସମସ୍ତେ ଚରିତ୍ର ଗଠନ, ଧର୍ମପ୍ରାଣତା, ଭଗବତ୍ ବିଶ୍ୱାସ, ଦେଶଭକ୍ତି, ସମାଜ ସେବା, ପିତୃମାତୃ ସେବା, ସ୍ନେହ ଶ୍ରଦ୍ଧା, ପରୋପକାର ଇତ୍ୟାଦିରେ ଜୀବନ ଗଠନ ତଥା ମନୋନିବେଶ କରିବା ଉଚିତ । ବୌଦ୍ଧିକ, ଆତ୍ମିକ ତଥା ଆଧ୍ୟାତ୍ମିକ ଉନ୍ନତିରେ ହିଁ ବ୍ୟକ୍ତିର ଓ ଦେଶର ଉନ୍ନତି, ଏଥିରେ ସନ୍ଦେହ ନାହିଁ । ସମାଜକୁ ଠିକ୍ କରିବାକୁ ଚେଷ୍ଟା ନ କରି ନିଜେ ନିଜକୁ ଠିକ୍ କରିବା ବିଧେୟ । ତେବେ ସମାଜ ଆପେ ଆପେ ଠିକ୍ ହୋଇଯିବ ।

[ଡାକ୍ତର କବିପ୍ରସାଦ ମିଶ୍ର]

- ସମସ୍ତେ ଭଲ ମଣିଷ ହେବାଲାଗି ଚେଷ୍ଟା କରନ୍ତୁ ।

[ବନବିହାରୀ ପଣ୍ଡା, ଆଇ.ପି.ଏସ୍]

- ପ୍ରତ୍ୟେକ ମନୁଷ୍ୟ ସମାଜ ମଧ୍ୟରେ ପରିବର୍ଦ୍ଧିତ, ସୁତରାଂ ସମାଜ ପ୍ରତି ପ୍ରତ୍ୟେକଙ୍କର କିଛି କର୍ତ୍ତବ୍ୟ ରହିଛି । ସମାଜକୁ ଉନ୍ନତ ସ୍ତରକୁ ନେବା ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ । ତେଣୁ ସାମାଜିକ ବିଶୃଙ୍ଖଳାରୁ ଦୂରରେ ରହି ଏକତା ଓ ସଂହତି ରକ୍ଷା କରି ଚଳିବା ଭଲ । ସମସ୍ତେ ଆମେ ଭାଇଭଉଣୀ, ଏହି ସ୍ନେହ ଓ ଆନ୍ତରିକତା ନେଇ ଗତି କରିବାକୁ ପଡ଼ିବ । ଦୁର୍ନୀତିକୁ ଆଶ୍ରୟ ନ କରି ନିଷ୍ଠାପର ଭାବେ କର୍ମ ସମ୍ପାଦନ କରିବା ଏବଂ ପରୋପକାର ମନୋବୃତ୍ତି ରଖି ଦୁଃଖୀ-ରଙ୍କୀଙ୍କୁ ସାହାଯ୍ୟ କରିବା ଆମର ଧର୍ମ ହେବା ବିଧେୟ । ଧର୍ମ ନାମରେ ସାମ୍ପ୍ରଦାୟିକତାକୁ ସ୍ଥାନ ନ ଦେଇ ସମସ୍ତେ ବିଶ୍ୱପିତାଙ୍କର ସନ୍ତାନ ବୋଲି ନିଜ ନିଜକୁ ମନେ କରିବା ଏବଂ ପ୍ରେମ ଓ ଅନୁରାଗରେ ସମସ୍ତଙ୍କୁ ବାନ୍ଧି ରଖିବା ଆମର ଧ୍ୟେୟ ହେବା ବାଞ୍ଛନୀୟ ।

[ଡ. ରତ୍ନାକର ସାହୁ]

- କିଛି ସନ୍ଦେଶ ନାହିଁ, କାରଣ ସନ୍ଦେଶର କୌଣସି ମୂଲ୍ୟ ନାହିଁ । ମୁଁ ଯାହା କହିବି ତାହା ନିତାନ୍ତ ବ୍ୟକ୍ତିଗତ । ସମଷ୍ଟି ଉପରେ ତା'ର ପ୍ରଭାବ ସୀମିତ ।

[ଶ୍ରୀ ଅନାଦି ସାହୁ, ଆଇ.ପି.ଏସ୍]

- ଆଗାମୀ ସମାଜର ବଳିଷ୍ଠ ଭବିଷ୍ୟତ ଲକ୍ଷ୍ୟ କରିପାରୁଛି ।

[ଡାକ୍ତର ନିରଞ୍ଜନ ତ୍ରିପାଠୀ]

- ଆଜି ସମାଜରେ ଯେତେ ଅବ୍ୟବସ୍ଥା ପରିଲକ୍ଷିତ ହେଉଛି ଏ ସମସ୍ତ ମୂଳରେ ଆତ୍ମବିଶ୍ୱାସର ଅଭାବ । ଆତ୍ମବିଶ୍ୱାସ ହିଁ ଭଗବତ୍ ବିଶ୍ୱାସ । ଏଣୁ ନିଜର ଆତ୍ମବିଶ୍ୱାସ କିପରି ବୃଦ୍ଧି ହେବ ସେହି ସାଧନାରେ ମନୁଷ୍ୟ ଯେପର୍ଯ୍ୟନ୍ତ ଦୀକ୍ଷିତ ନ ହୋଇଛି ସେ ପର୍ଯ୍ୟନ୍ତ ଏ ଅଭାବ, ଅନଟନ, ଅଶାନ୍ତିର ଜ୍ୱାଳାରୁ ତା'ର ମୁକ୍ତି ନାହିଁ । ଏଣୁ ଗୀତାର ସେହି ଗୋଟିଏ ବାଣୀ ଯାହା କୃଷ୍ଣ ଅର୍ଜୁନଙ୍କୁ କହିଥିଲେ, "ଯୋଗସ୍ଥଃ କୁରୁ କର୍ମାଣି ସଂଗଂତ୍ୟକ୍ତ୍ୱା ଧନଂଜୟ", ବର୍ତ୍ତମାନ ସମୟର ସମସ୍ତଙ୍କର ଧ୍ୟେୟ ହେବା ଉଚିତ । ଅର୍ଥାତ୍ 'ବହିଃସଂଗ ଓ ଇନ୍ଦ୍ରିୟ ସଂଗ ତ୍ୟାଗ କରି ଅନ୍ତର୍ମୁଖୀ

ହୋଇ ମୋ (ଭଗବାନ) ସହିତ ଯୁକ୍ତ ହୋଇ ଦୈନନ୍ଦିନ କାର୍ଯ୍ୟ କରିବା ପାଇଁ ଅର୍ଜୁନଙ୍କୁ ଦେଇଥିବା ପରାମର୍ଶ ବର୍ତ୍ତମାନ ସମସ୍ତଙ୍କର ଧ୍ୟେୟ ହେବା ଉଚତ ।

[ଜ୍ୟୋତିର୍ବିଦ୍ ଡ. ନମାଇଁ ବାନାର୍ଜୀ]

- ସୁନ୍ଦର ସୁଖୀ ସମାଜ ପାଇଁ ଶାନ୍ତି ମୋର କାମ୍ୟ । ଆଧାତ୍ମିକତାର ମାଧ୍ୟମ ଦେଇ କର୍ତ୍ତବ୍ୟ ସମ୍ପାଦନ କରୁଥିବା ମିଣିଷ ହିଁ ସୁଖୀ । ଈଶ୍ୱର ଉପଲବ୍ଧି କରୁଥିବା ମଣିଷ ପାଖରେ ମଣିଷ ହିଁ ଈଶ୍ୱର । ମାନବିକତାର ସୁରକ୍ଷା ପାଇଁ ଚାଲ ସମସ୍ତେ ସଂଗ୍ରାମ କରିବା ।

[ପ୍ରସନ୍ନ କୁମାର ପାଟଶାଣୀ, ସାଂସଦ]

- ସମାଜ ପାଇଁ ସମାଜପତି ବହୁତ ସନ୍ଦେଶ ଦେଇଗଲେଣି, ଏବେ ମଧ୍ୟ ଦେଉଛନ୍ତି । ହେଲେ ସେସବୁ ସନ୍ଦେଶ କ'ଣ ସମାଜ ଜୀବନରେ ଫୁଟିଉଠୁଛି? ମଣିଷ ସମାଜରେ ମଣିଷଟିଏ ମଣିଷ ହୋଇ ବଞ୍ଚିରହୁ, ଏହାହିଁ ସମାଜ ପାଇଁ ଆମର ସନ୍ଦେଶ ।

[ଠାକୁର ଶ୍ରୀ ଶ୍ରୀ ଶ୍ରୀ କେଶବ ଚନ୍ଦ୍ର]

- ସମାଜ ଏକ ପରିବାର । ଏହି ପରିବାରରେ ନ୍ୟାୟ, ସତ୍ୟ, ଶାନ୍ତି ଏବଂ ଭ୍ରାତୃତ୍ୱ ସମସ୍ତଙ୍କୁ ଏକତ୍ର ବାନ୍ଧିରଖିବା ଆବଶ୍ୟକ । ଦୁଃଖର କଥା ଯେ ଆମେ ସମାଜରେ ପରସ୍ପର ମଧ୍ୟରେ ଅଦୃଶ୍ୟ ପ୍ରାଚୀର ସୃଷ୍ଟି କରି ବୈରାଗ୍ୟ ସୃଷ୍ଟି କରୁଛୁ । ତଦ୍ୱାରା ପରସ୍ପର ମଧ୍ୟରେ ବିଭେଦ, ହିଂସା, ଦ୍ୱେଷ, ଅଶାନ୍ତି, ଶୋଷଣ ମୁଣ୍ଡ ଟେକଉଠିଛି । ମନେରଖିବା ଉଚତ ଯେ ଆମେ ସମସ୍ତେ ଈଶ୍ୱରଙ୍କର ସନ୍ତାନସନ୍ତତି । ଏହା ମଧ୍ୟରେ ଧନୀ, ଦରିଦ୍ର, ଧର୍ମ, ଲିଙ୍ଗଗତ ଭେଦ, ଜାତିଭେଦ ବୋଲି କଛି ନାହିଁ । ତେଣୁ ଆମେ ସମସ୍ତେ ସମାଜର ହିତ ପାଇଁ ଏକଜୁଟ ହୋଇ ସମାଜକୁ କଳଙ୍କିତ କରୁଥିବା ମନୋଭାବକୁ ନିର୍ମୂଳ କରି ଏକ ସୁସ୍ଥ ସମୃଦ୍ଧ ଓ ସୁଖମୟ ସମାଜ ଗଠନ କରିବା ପାଇଁ ଆଗେଇ ଆସିବା ଉଚତ ।

[ଧୀରେନ୍ଦ୍ର କୁମାର ମହାନ୍ତି, ବିଶପ୍]

- ଆମ ଭାରତବର୍ଷ ପୁରାତନ ସଂସ୍କୃତି ପରମ୍ପରା, ଐତିହ୍ୟକୁ ଅଖଣ୍ଡ ଭାବେ ବଜାୟ ରଖିଛି ବୋଲି ପୃଥିବୀରେ ପରିଚତ । ଏହି ସଂସ୍କୃତି ପରମ୍ପରା ଓ ଐତିହ୍ୟ ଏକ

ଧର୍ମଧାରଣା ଉପରେ ଆଧାରିତ । ସୁତରାଂ ଭାରତବର୍ଷ ପୃଥିବୀର ସବୁ ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ । କିନ୍ତୁ ବର୍ତ୍ତମାନ ଯୁଗରେ ଆମର ସମାଜ ଏହି ଉଚ୍ଚ ଆଦର୍ଶରୁ ବିଚ୍ୟୁତ ହୋଇଛି । ସୁତରାଂ ତା'ର ପୂର୍ବଗୌରବ ଫେରାଇ ଆଣିବା ପାଇଁ ଭାରତବର୍ଷ ଧର୍ମ ନିର୍ବିଶେଷରେ ଏକ ମାନବ ସମାଜ ଗଢ଼ି ମାନବ ଜାତିକୁ ଏକ ଉଚ୍ଚ ଆଦର୍ଶ ଦେବା ଦିଗରେ ଯତ୍‌ପରୋନାସ୍ତି ଚେଷ୍ଟା କରିବା ନିତାନ୍ତ ଆବଶ୍ୟକ । କେତେବର୍ଷ ପୂର୍ବେ ମୁଁ ୟୁରୋପର ବିଭିନ୍ନ ଦେଶ ଓ ଯୁକ୍ତରାଷ୍ଟ୍ର ଆମେରିକାର କେତେକ ସହର ଏବଂ ଥାଇଲାଣ୍ଡ ପ୍ରଭୃତି ପ୍ରାଚ୍ୟ ଦେଶ ପରିଦର୍ଶନ କରିବା ସୁଯୋଗ ପାଇଥିଲି। ଏହି ସୁଯୋଗରେ କେତେକଙ୍କୁ ସାକ୍ଷାତ କରିଥିଲି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଭାରତବର୍ଷର ଧର୍ମ ଉପରେ ଆଧାରିତ ସଂସ୍କୃତି ପରମ୍ପରା, ଐତିହ୍ୟର ଉଚ୍ଚ ପ୍ରଶଂସା କରିଥିଲେ ।

[ଡ. ଲୁଇ ସାଭାସୁନ୍ଦର, କାଥଲିକ୍]

- ବିଦ୍ୟା ଅର୍ଜନ ସହିତ ବ୍ୟକ୍ତିଗତ ଚରିତ୍ର ଗଠନ ଅପରିହାର୍ଯ୍ୟ । ନିଜ ଆୟରୁ ସମାଜ ସେବା ପାଇଁ କିୟଦଂଶ ଦାନ କରିବା ମହାନୁଭବତାର ପରିଚୟ ଦେବ ।

[ମଇନୁଦ୍ଦିନ୍ ଅହମଦ, ଆଇ.ଏ.ଏସ୍]

ବିଶିଷ୍ଟ ବ୍ୟକ୍ତିମାନଙ୍କ ସନ୍ଦେଶକୁ ନିଜ ନିଜ ଜୀବନରେ କାର୍ଯ୍ୟକାରୀ କଲେ ସମାଜ ତଥା ଦେଶର ଉନ୍ନତି ସାଧିତ ହୋଇପାରିବ । ଯଦି ଏସବୁର ସତ୍ୟତାକୁ ନେଇ ସରକାରୀ ସିଦ୍ଧାନ୍ତ ହୋଇପାରନ୍ତା ତାହା ସମାଜ ପାଇଁ ହିତପ୍ରଦ ହୁଅନ୍ତା । ସବୁ କଥାରେ ସରକାରଙ୍କ ହସ୍ତକ୍ଷେପ ସମ୍ଭବ ନୁହେଁ । ତଥାପି ଯେତେ ଅଧିକ ହୋଇପାରିବ ସେତେ ସମାଜରେ ଫଳପ୍ରଦ ହେବ । ଏ ଦିଗରେ ଯୁଗାନ୍ତକାରୀ ଯୋଜନାର ଜରୁରୀ ଆବଶ୍ୟକତା ଉପଲବ୍ଧ ହୁଏ । ନାନା ମୁନିଙ୍କ ନାନା ମତର ଦେଶ ଭାରତରେ ସତ୍ୟ, ସଦ୍‌ଜ୍ଞାନ ଓ ଶାନ୍ତି ବିରାଜମାନ ହେଉ ।

(ଲେଖକ)
ଯୁଗ୍ମ ନିର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଶା
ଦୂରଭାଷ –9861145687

# ତୁମେ ତ ଅବର୍ଣ୍ଣନୀୟ



ପ୍ରଶାନ୍ତ କୁମାର ପଧାନ

ଗଙ୍ଗଶିଉଳର ବାସ୍ନା କ ଗୋ ତୁମେ
ନାଲି  କୃଷ୍ଣଚୂଡ଼ା  ହସ
ସନ୍ଧ୍ୟା  ଆକାଶର  ରକ୍ତିମ ଆଭ୍ କ
ପ୍ରେମିକର  ମିଠାଶୋଷ  ।।
ପାହାନ୍ତି  ତାର୍‌ଠୁ  ଚମକ  ଆଣିଛ
ରୂପ ଯେ ପୂର୍ଣ୍ଣମୀ ଇନ୍ଦୁ
ସୁରିଲ୍ ବଂଶୀର  ସାତସୁର ତୁମେ
କଥାରୁ  ଝରଇ  ମଧୁ  ।।
କୋଣାର୍କ ଛାତିରେ ନର୍ତ୍ତକୀଟେ ତୁମେ
ଅବା  କେଉଁ  ପ୍ରତିମୂର୍ତ୍ତି
ରୂପରେ ଗୁଣରେ  ସର୍ବଶ୍ରେଷ୍ଠ ବୋଲି
ଈର୍ଷାକରେ ନାରୀଜାତି  ।।
ର୍‌ଜଜେମା  ତୁମେ  ଅମର୍‌ବତୀର
ଦେହରୁ ଝରେ କସ୍ତୁରୀ
ମାନବୀ ରୂପରେ  ଦେବୀଟିଏ ତୁମେ
କାହାଣୀର  ନୀଳପରୀ  ।।
ଆଖିରୁ  ଝଲସେ  ହୀର୍‌ର  ଚମକ
ସୌନ୍ଦର୍ଯ୍ୟରେ ଅଦ୍ୱିତୀୟ
କବି  ଶବ୍ଦହୀନ  ତୁମରି  ଆଗରେ
ତୁମେ  ତ  ଅବର୍ଣ୍ଣନୀୟ  ।।

ବୁର୍ଗେମୁଣ୍ଡା, ବରଗଡ଼

# ଏଇ ଜୀବନ ଏକ ଦୁଃଖର ସାଗର

ଡମ୍ବରୁଧର ବାଗ

ଆଖିରେ ଆଖିଏ ଲୁହକୁ ନେଇ
ବଞ୍ଚିବାକୁ ହୁଏ ଏଇ ଜୀବନ ।
କେତେ ବେଳେ ଝଡ ଆସିଗ୍ଭଲି ଯାଏ
କେତେବେଳେ ଯେ ଆସେ ତୋଫାନ ।
ଗୁମୁରି ଗୁମୁରି କାନ୍ଦିବାକୁ ହୁଏ
ହୃଦୟରେ ଗ୍ଭପି ଅନେକ ବ୍ୟଥା ।
କାହାକୁ କହିଲେ ଦୁଃଖ ହଟିଯିବ
ବୁଝି ହୁଏନା ଏ ଗହନ କଥା ।
ଅପାଶୋର୍ କେତେ ମୂହୁର୍ତ୍ତ ସବୁ
ବେଳେ ବେଳେ ଆସି ହୁଅନ୍ତି ଉଭ୍ ।
ଆନ୍ଦୋଳତ କରି ସାର୍ ଅବୟବ
ଲୁଟି ନେଇଥାନ୍ତି ସମସ୍ତ ଶୋଭ୍ ।
ଦୁନଆି ଆଗରେ ହସିବାକୁ ହୁଏ
ଜୀବନଟା ସତେ ଖୁସି ଅମାପ ।
ଅନ୍ତରର ବ୍ୟଥା କଏ ବା ଜାଣିଛି
ଅବା କଏ ତା'ର କରିଛି ମାପ ।
ଏଇ ଜୀବନ ଏକ ଦୁଃଖର ସାଗର
ଦୁଃଖରେ ଦୁଃଖରେ ବିତେ ସମୟ ।
ସୁଖ ଶାନ୍ତି ପ୍ରାପ୍ତି ସୁଲଭ ନୁହଁଇ
ସୁଖ ଶାନ୍ତି ଏଠି ସ୍ୱପ୍ନ ପର୍ୟ।

ଚପ୍ରିଆ, କଳାହାଣ୍ଡି

# ସ୍ମୃତି

ରାଜେଶ କୁମାର ବାରିକ

ଆଖିର କଥାକୁ ଓଠତ କହିନ
ଖାଲି ବିତିଛିତ ଦିନ ରାତି
ଆଖିର ପଲକେ ତ ରୂପ ଝଲକେ
ଏ କପ୍ରକାର ସ୍ମୃତି ।
ଭାବନାରେ ହଜେ ନତି ନତି ଖୋଜେ
ଦରଦି ହୃଦୟ କଥା
ତୋ ପଦିଏ କଥାରେ ଆରମ୍ଭ ହୁଏମୋ
ଜୀବନର ଅନୁଚନ୍ତା ।
ତୋର ବାଟ ଗ୍ହେଁ କଛି ବାଟ ଯାଏ
ପଡେ ନାହିଁ ଆଖିପତା
ଅନେକ ଲୋକଙ୍କ ସବୁ କଣ୍ଠ ସ୍ୱର
ଲାଗେ ଖାଲି ତୋକଥା ।
ମୋ ହୃଦୟ ଆକାଶେ ଆଲୋକତ ଛବି
ଶିହରାଏ ମୋ ଛାତି
ପ୍ରତିଟି ମୂହୁର୍ତ୍ତ ଭାବେ ତୋକଥା
ଏ କପ୍ରକାର ସ୍ମୃତି ।

ଦେବେନ୍ଦ୍ର ପୁର, ଆଭଣା, ବାଲେଶ୍ୱର

# ଅସ୍ପୃଶ୍ୟ ର ଇଶ୍ୱର



ନବକଶୋର ଦୀପ

ହେ ଇଶ୍ୱର
ସତେକ ଗଢିଛ
ତୁମେ ମଣିଷମାନଙ୍କୁ
ଭିନ୍ନ ଜାତି ଧର୍ମ କରି?
ଅବା ଜନ୍ମିଛନ୍ତି ଭବେ
ପୂର୍ବେ କଛି ଅପକର୍ମ କରି..
ହେ ଇଶ୍ୱର
ଅନଚ୍ଛା ରେ ଜନ୍ମ ଦେଲ କବା
ଏ ଅସ୍ପୃ ଶ୍ୟମାନଙ୍କୁ
ଅଛୁଆଁ ର ମନ୍ତ୍ର ଭରି
ମଣିଷ ଛୁଇଁଲେ ମାତ୍ ହୁଅଇ ମଣିଷ
ସ୍ନାନ କରେ ଡରିମରି...
ହେ ଇଶ୍ୱର
ଅପବିତ୍ର ହୁଅ ତୁମେ
ଆଉ ତୁମରି ମନ୍ଦିର
ହରିଜନ ଯାଏ ଯେବେ
ଦେଉଳେ ତୁମରି
ଖିର, ଜଳ, ମନ୍ତ୍ରେ ହୁଅ
ସତେ କ ପବିତ୍ର
କହ ଛଳନା ନ କରି..
ହେ ଇଶ୍ୱର
ତୁମେ ତ ରହିଛ

ସେହି ମାଟି,
ଇଟା ଗଢା ଘରେ
ତିଆରି ଅସ୍ପୃଶ୍ୟ ଙ୍କର
ଲହୁ, ଲୁହରେ ହାତରେ..
ହେ ଇଶ୍ୱର
ତୁମେ ତ ବୁଲୁଛ ସାହି ସାହି
ହରିଜନ ଢୋଲର ବାଦ୍ୟରେ
ତୁମେ ତ ନାଚୁଛ ଥେଇ ଥେଇ
ଅଛବ ମୃଦଙ୍ଗ ତାନରେ.....
ହେ ଇଶ୍ୱର
ଆଶ୍ଚର୍ଯ୍ୟ ଲାଗଇ ଶୁଣି
ଏ ଅପବିତ୍ର ତର୍କ
ହରି ମାରାହୁଏ
ଜନ ଛୁଇଁବା ମାତ୍ରକ..
ଅଡୁଆ ଲାଗେ ଅଜବ ନିୟମ ତୁମରି
କେମିତି ଏ ଲୀଳା
କହ ଆଖି ଛୁଇଁ କରି...
ହେ ଇଶ୍ୱର
ସନ୍ଦେହ ଉପୁଜେ ମନେ
ଅସ୍ତିତ୍ୱେ ତୁମରି
ମଣିଷର ଗଢା ତୁମେ
ନା ମଣିଷ ତୁମରି?
ଅସ୍ପୃଶ୍ୟ ଙ୍କ ମାନବ ଜନ୍ମ
ଦିଅ ବନ୍ଦ କରି
କଳୁଷିତ ଅଧ୍ୟାୟ ରେ
ପୂର୍ଣ୍ଣଚ୍ଛେଦ ମାରି...

ବୌଦ୍ଧ

# ଜିମ୍ କରବେଟ୍ ଙ୍କ ଘରେ, ଏକଦା ଥରେ

ପ୍ରିୟବ୍ରତ ପାତ୍ର

ଆବେଗ ଓ ଅନ୍ତରଙ୍ଗତାକୁ ନେଇ ଜଣେ ଭାରତକୁ ଏହି ଭାରତ, ସେହି ଭାରତ ବା ମୋ ଭାରତ ବୋଲି କହିଥାଏ । "ମୋ ଭାରତ" ବୋଲି ଚମତ୍କାର ବହିଟିଏ ଲେଖିଥିବା ଲେଖକ ଥିଲେ ଜଣେ ଇଂରେଜ ଭଦ୍ରବ୍ୟକ୍ତି, ବୃତ୍ତିରେ ମୂଳତଃ ଶିକାରୀ ଥିଲେ ଏବଂ ପାରିବାରିକ ଜୀବନ ଦୃଷ୍ଟିରୁ ଥିଲେ ଅବିବାହିତ । ଉତ୍ତରାଞ୍ଚଳ ଭ୍ରମଣବେଳେ ତମାମ କୁମାୟୁନ ଅଞ୍ଚଳଟି ଲାଗୁଥିଲା ଯେମିତିକି କରବେଟ୍ ମହାଶୟଙ୍କ କୁମାୟୁନ । କାରଣ ଶିକାରୀ ଲେଖା ମାଧ୍ୟମରେ ତରୁଣ ମନରାଜ୍ୟକୁ ସେ କୁମାୟୁନକୁ ଏତେ ନଜର ଭାବରେ ଉଚ୍ଚାରିତ କରି ପ୍ରବେଶ କରିଥାନ୍ତି ଯେ, ବୟସ ବଢ଼ିବା କ୍ରମେ ପ୍ରତ୍ୟେକ ପାଠକଙ୍କ ପାଇଁ କୁମାୟୁନ୍ କେବଳ କରବେଟ୍ ଙ୍କର ବୋଲି ଏକ ସୂକ୍ଷ୍ମ ଛାପ ରହିଯାଏ ।

ନୈନୀତାଲର ବାର୍ପଥର ରୁ ଶ୍ରୀ ଅରବିନ୍ଦ ଆଶ୍ରମ ଦିଗେ ଗଲାବେଳେ କୋଡ଼ିଏ ମିନଟ୍ ର ଉଠାଣି ରାସ୍ତା ଗଳିପରେ ପଡ଼େ "RAJ RESORT, JIM KORBET" ନାମକ ଏକ ପୁରୁଣା ଘର । ମାଲିକେ ଏବେ ଆମେରିକାରେ ଏବଂ ଜଗୁଆଳ ଭାବେ ଜଣେ ମୁସଲମାନ୍ ରହିଛନ୍ତି । କେବେ କେମିତି ମାଲିକ ଆସିଲେ, କୋଠାଟିର ରକ୍ଷଣାବେକ୍ଷଣ ପାଇଁ କିଛି ଟଙ୍କା ଫୋପାଡ଼ି ଦିଅନ୍ତି, ନତୁବା ବର୍ଷସାରା ଘରଟି ତାଲା ପଡ଼ି ରହିଥାଏ । ଏଠାରେ କିଛି ଦିନ ରହିଥିଲେ ପୃଥିବୀ ପ୍ରସିଦ୍ଧ ଶିକାରୀ ଜିମ୍ କରବେଟ୍ । ସେଠାରୁ ଆହୁରି ଆଗକୁ ଗଲେ ପଡ଼େ "GURNY HOUSE", ଯେଉଁଠି କରବେଟ୍ ସର୍ବାଧିକ ସମୟ କଟାଇଥିଲେ । ଗର୍ନି ହାଉସ୍, ଯାହାକି କରବେଟ୍ ଙ୍କ ଭଉଣୀ ମାଗି, ନିଜ ମାଁଙ୍କଠାରୁ ଉତ୍ତରାଧିକାରୀ ରୂପେ ପାଇଥିଲେ, ତାକୁ କିଣିଥିଲେ ଶ୍ରୀମତୀ ବର୍ମା । ଶ୍ରୀମତୀ ବର୍ମା କରବେଟ୍ ଙ୍କ ବନ୍ଧୁ ପତ୍ନୀ ଥିଲେ ଏବଂ ତାଙ୍କ ପୁଅ ତଥା ଏହି ଘରର ମାଲିକ ଏବେ ଲକ୍ଷ୍ନୌରେ ରହନ୍ତି ଓ ଖରାଦିନେ ଛୁଟି କଟାଇବା ପାଇଁ ପ୍ରତିବର୍ଷ ଏଠାକୁ ଆସିଥାନ୍ତି । ନିଜ ତରୁଣ ବୟସରେ ସେ କରବେଟ୍ ଙ୍କ ସହ କିଛିଦିନ କଟେଇଥିଲେ ଏବଂ ତାଙ୍କ ମା ପୁଅର ଖୁସି ପାଇଁ କରବେଟ୍ ଙ୍କ ପ୍ରସ୍ଥାନ

ପରେ ଘରଟିକୁ କଣି ନେଇଥିଲେ । ସେହି ତରୁଣ ଏବେ ବୃଦ୍ଧ ଏବଂ ଗର୍ନି ହାଉସ୍ ରେ ପ୍ରତିଟି ଧୂଳିକଣାକୁ ବଡ ଯତ୍ନରେ ସାଇତି ରଖିଛନ୍ତି ।

ଆମେ "GURNY HOUSE" ରେ ପହଞ୍ଚିଲାବେଳକୁ ବୃଦ୍ଧ ମାଲିକ ଜଣକ, କଅଁଳ ଖରାରେ ନିଜ ଶରୀରଟିକୁ ଲୋଟାଇ ଦେଇ ବିଶ୍ରାମ ନେଉଥିଲେ । ଆମକୁ ଦେଖି ତାଙ୍କ ଦୁର୍ବଳ ଶରୀରରେ କିଛି ଚମକ ଖେଳିଗଲା, ଯାହାକି ତାଙ୍କ ଆଖିରେ ସ୍ପଷ୍ଟ ଫୁଟି ଉଠୁଥିଲା । ସେ ବଡ କଷ୍ଟରେ ଉଠିଲେ ଏବଂ ଇଞ୍ଚେ ଇଞ୍ଚେ କରି ପାଦ ଘୋଷାରି ଆମକୁ ସାରା ଘରଟି ବୁଲାଇ ଆଣିଲେ । ଆଶ୍ଚର୍ଯ୍ୟ କଥା ସେଇ ଘରେ ଗୋଟିଏ ବୋଲି ବାଘମୁଣ୍ଡ ନଥିଲା କି ବାଘଛାଲ ନଥିଲା । ଅଥଚ ଆମ ଗାଁ ଗହଳରେ ଜଙ୍ଗଲରେ ପାହୁଣ୍ଡ ପକେଇ ନଥିବା ବାବୁଭାୟାମାନଙ୍କ ଘରେ ବାଘମୁଣ୍ଡ ଓ ବାଘ ଛାଲ ଏଯାବତ୍ କାନ୍ଥ ମଣ୍ଡନ କରୁଛି । କରବେଟ୍ ଙ୍କ ଘରେ ପଶୁପଶୁ, ହିମାଳୟର ସର୍ବୋଚ୍ଚ ଶିଖରରେ ବସବାସ କରୁଥିବା ଏକ ମେଣ୍ଢାର ଶିଙ୍ଘଯୁକ୍ତ ମୁଣ୍ଡଟି କାନ୍ଥ ଉପରେ ଅତିଥି ମାନଙ୍କୁ ସ୍ୱାଗତ କଲାପରି ରହିଥାଏ । ପ୍ରଥମ କମରାରେ କିଛି ହରିଣ ଜିଆଦଙ୍କ ଶିଙ୍ଗ ରହିଛି, ଝିଙ୍କକାଠି ରହିଛି । କରବେଟ୍ ଙ୍କ ଅଣ୍ଡାକୃତିର ଖାଇବା ଟେବୁଲ୍ ଟି ଲାଲ୍ ରଙ୍ଗର ମଖମଲ କନାରେ ଘୋଡା ହୋଇ ରହିଥିଲା । କାନ୍ଥକୋଣରେ କାଚ ଝରକା ଥିବା କାଠ ଆଲମାରି, ତା ଭିତରେ ରହିଛି ସେ କାଳର ବ୍ୟବହୃତ କଣ୍ଟା ଗ୍ଲାମଚ, କପ୍ ପ୍ଲେଟ୍ ଓ ବାସନକୁସନ । ଆଲମାରିରେ ବ୍ୟବହୃତ କାଠଟି କରବଟ୍ ବିହାରରେ ଥିବାବେଳେ ସଂଗ୍ରହ କରି ନୈନୀତାଲକୁ ଆଣିଥିଲେ । ଘରମାଲିକ କହୁଥିଲେ ସେଇ ଦୁର୍ଲଭ କାଠଟି କୁଆଡେ ହଜାରେ ବର୍ଷ ପର୍ଯ୍ୟନ୍ତ ସେମିତି ଚକଚକ୍ କରୁଥିବ । ଶେଷରେ ଆମେ ଗଲୁ କରବେଟ୍ ଙ୍କ ପଢା ଘରକୁ । କରବେଟ୍ ଲେଖି ବସୁଥିବା ଟେବୁଲଟିକୁ ବୃଦ୍ଧ ବିଶେଷ ଆଗ୍ରହ ଦେଖେଇ ଅଙ୍ଗୁଳି ନିର୍ଦ୍ଦେଶ କଲେ । ଟେବୁଲ୍ ଉପରେ ଷାଠିଏ ବର୍ଷ ତଳର ଫ୍ରେମ୍ ଦିଆ ଫଟୋ ଭିତରୁ ପ୍ରଥମ ଥର ପାଇଁ କରବେଟଙ୍କ ଛବି ଦେଖି ଆମେ ଚମକି ପଡିଲୁ । ଅଳ୍ପ ନିଶଥିବା ଓ ସରଳ ଆଖି ଦୁଇଟି ଥିବା ଅତ୍ୟନ୍ତ ସାଧାସିଧା ମଣିଷଟେ ପୁଣି କି ଆକର୍ଷଣରେ ଶିକାରୀ ସାଜିଥିଲେ ଏବଂ ନରଖାଦକ ମାନଙ୍କୁ ଏକୁଟିଆ ସାମନା କରିବାକୁ ମାସମାସ ଏକାଏକା ଘଞ୍ଚ ଜଙ୍ଗଲରେ ବୁଲୁଥିଲେ । ସେଇ ଟେବୁଲ୍ ଆଗରେ ଆଖି ମୁଦି ବସି ଜଙ୍ଗଲରେ ଦୁଃସାହସିକ କାହାଣୀ ସବୁ ଡାକ ଦେଉଥିଲେ

ଏବଂ ତାଙ୍କ ଭଉଣୀ ସେସବୁ ଟିପି ନେଉଥିଲେ । ବୃଦ୍ଧଙ୍କ ବୋହୁ ଚା କପେ ଆଣିଦେଲେ । ଟେବୁଲ୍ ଉପରେ ଚା କପ୍ ରଖି ଟେବୁଲ୍ ରଖି ଟେବୁଲ୍ କୁ ଅମର୍ଯ୍ୟାଦା କରିବାର ଧୃଷ୍ଟତା ଆମର ନଥିଲା । ତେଣୁ ତତକ୍ଷଣାତ୍ କପଟିକୁ ଉଠେଇ ନେଇ ପାପୁଲିରେ ଟେବୁଲ୍ କୁ ପୋଛି ପକେଇଲି । ଏହି ଟେବୁଲ୍ ଉପରୁ ହିଁ ସୃଷ୍ଟି ହୋଇଥିଲା ବିଶ୍ୱବିଖ୍ୟାତ ଶିକାରୀ କାହାଣୀସବୁ । ଏକ ଗଭୀର ଭାବାନ୍ତର ଭିତରେ ତମାମ କାହାଣୀ ସବୁ ଛଳଛଳ ହୋଇ ଆଖି ଆଗରେ ନାଚ ଉଠିଲା ।

୧୯୩୫ ରୁ ୧୯୪୪ ମଧ୍ୟରେ ଆତ୍ମପ୍ରକାଶ କରିଥିବା ଜଙ୍ଗଲ କାହାଣୀ ଓ କୁମାୟୁନର ନରଖାଦକ ଏହି ଟେବୁଲ୍ ଉପରୁ ଲେଖାଯାଇଥିଲା । ଏଠାରେ ଟିପା ହୋଇଥିବା ପୃଷ୍ଠା ପୃଷ୍ଠା ଅନୁଭୂତିକୁ ପାଥେୟ କରି ଆଫ୍ରିକାରେ କରବେଟ୍ ଲେଖିଥିବା ଅନ୍ୟ ବହି ସବୁ ହେଲା, ରୁଦ୍ର ପ୍ରୟାଗର ବାଘ, ମୋ ଭାରତ, ଜଙ୍ଗଲ ଗୀତ, ମନ୍ଦିରର ବାଘ ଓ ବୃକ୍ଷ ଶିଖର । କେନଆରେ ଶେଷ ଜୀବନ କଟାଉଥିବା ବେଳେ (୧୯୪୮ ରୁ ୧୯୫୫) ଏସବୁ ବହି ଲେଖିଥିଲେ ଏବଂ ସେତେବେଳକୁ ତାଙ୍କ ବୟସ ୭୬ ଅତିକ୍ରମ କରିସାରିଥିଲା । କେବଳ ବୃକ୍ଷ ଶିଖର ବହିଟି ଆଫ୍ରିକାକୁ ନେଇ ଲିଖିତ, ବାକି ସବୁରେ ଭାରତର କଥା ରହିଛି । ମୋ ଭାରତ – ବହିଟିରେ ସେ ଭାରତର ଇତିହାସ, ପରମ୍ପରା, ଶାସନ ବିଷୟ ତଥା ବିଭାଜନ କଥା ଲେଖି ନାହାନ୍ତି । ବ୍ରିଟିଶ୍ ରାଜ୍ ର ମିଥ୍ୟା ପ୍ରଶଂସାରେ ପୁସ୍ତକ ବିସଫାରିତ ନୁହେଁ ବା ବ୍ରିଟିଶରାଜ୍ କୁ ଧିକ୍କାର ସର୍ବସ୍ୱରେ ବହିଟି ମୁଖରିତ ନୁହେଁ । ଯାହା ଲେଖିଛନ୍ତି ତାହା ହେଲା ଭାରତର ନବେ ପ୍ରତିଶତ ଲୋକଙ୍କ କଥା ଯେଉଁମାନେ କି ଅତି ଅମାୟିକ, ସଚ୍ଚୋଟ, ସାହସୀ, ବିଶ୍ୱସ୍ତ ଓ ଅତ୍ୟନ୍ତ କର୍ମଠ । କରବେଟ୍ ସେଇ ଦରିଦ୍ରମାନଙ୍କ ଗହଣରେ ରହିଥିଲେ, ସେମାନଙ୍କ କଥାହିଁ ଲେଖିଥିଲେ । ତମାମ ରାଜନୈତିକ ଉତଥାନ ପତନର ଅନ୍ତରାଳେ, ସବା ତଳେ ସରଳ ମଣିଷମାନଙ୍କୁ ଘେରି ରହିଥିବା ଅସୁମାରି ଦୁର୍ଭାଗ୍ୟ, ଛୋଟଛୋଟ ସୁଖଦୁଃଖରେ ବହିଟି ଜନଜୀବନର ଏକ ଚମତ୍କାର ଦର୍ପଣ ପରି ଉଦୀୟମାନ । ଗଡୱାଲ ଅଞ୍ଚଳର ରୁଦ୍ରପ୍ରୟାଗରେ ଥରେ ମାତିଥିଲା ଏକ ମହାବଳୀ ଚିତା ବାଘ । ପାଖାପାଖି ଅଶିଜଣଙ୍କୁ ମାରି ଖାଇ ଯାଇଥିବା ଏହି ବାଘ, ତାର କ୍ଷିପ୍ରତା, ହିଂସ୍ରତା ଓ ଚତୁରତାରେ ଚଳାଇଥିବା ଛ ବର୍ଷର ଆତଙ୍କରାଜରେ ସମସ୍ତଙ୍କୁ ବଳଯାଇଥିଲା । କରବେଟ୍ ମହାଶୟ ଦୀର୍ଘ ଦୁଇ

ବର୍ଷକାଳ ଗଡୱାଲ ଅଞ୍ଚଳରେ ରହି ମାସମାସ ଜଙ୍ଗଲରେ ବୁଲି ଯେଉଁ ଅସାଧ ଓ ବିରଳ ଦୁଃସାହସର ପରିଚୟ ଦେଇ ଶେଷରେ ତାକୁ ମାରିଥିଲେ ତାର ସମାନ୍ତରାଳ ଦୁଃସାହସ ବିଶ୍ୱରେ ନାହିଁ । ସେସବୁ ଅନୁଭୂତି ଓ ଲୋମହର୍ଷକାରୀ ମୁହୂର୍ତ୍ତ ସବୁକୁ ନେଇ ରୁଦ୍ରପ୍ରୟାଗର ନରଖାଦକ ଜନ୍ମ ନେଇଥିଲା । ସେହି ଅଞ୍ଚଳର ନଦୀ ଓ ଜଳାଶୟରେ ପ୍ରଚୁର ଓ ହରେକ ପ୍ରକାରର ମାଛ ମିଳଥାନ୍ତି । ଏହିମାନଙ୍କୁ ନେଇ ତାଙ୍କର ଚମତ୍କାର ଶିକାରୀ ଗଳ୍ପ ମତ୍ସ୍ୟଶିକାରୀଙ୍କ ସ୍ୱର୍ଗ । ଏହା ହେଉଛି ଏ ଯାବତ୍ ଭାରତରେ ଲେଖା ଯାଇଥିବା ଏକମାତ୍ର ମତ୍ସ୍ୟ ଶିକାର ଉପରେ ଆଧାରିତ ନିବନ୍ଧ ।

ଏପରି ଏକ ସମୟରେ କରବେଟ୍ ଆବିର୍ଭାବ ହୋଇଥିଲେ ଯେବେ ଅନ୍ତତଃ ଶିକାର ଚଳୁଥିଲା ଏବଂ ହିମାଳୟର ଗ୍ରାମବାସୀମାନଙ୍କୁ ସାହାଯ୍ୟ କରିବା ପାଇଁ ଶିକାର ଏକରକମ ଜରୁରୀ ଥିଲା । ଜୀବନର ଆରମ୍ଭରେ ହୁଏତ ଶିକାର ଏକ ସଉକ ଥିଲା, କିନ୍ତୁ ତାହା ପରବର୍ତ୍ତି କାଳରେ ମାନବ ହିତରେ ପରିଣତ ହେଲା ଏବଂ ପରେ ପରେ ତାହା ବଣ୍ୟଜନ୍ତୁ ସଂରକ୍ଷଣର ଏକ ବ୍ୟାପକ ରୂପରେ ଆତ୍ମପ୍ରକାଶ କରିଥିଲା । ତାହାହିଁ ତ କରବେଟ୍ ଙ୍କ କ୍ରମ-ବିସ୍ତାରିତ ଜୀବନର ଆଭିମୂଖ୍ୟ । ଆଜିର ଅବସ୍ଥା ପୁରା ଅଲଗା । ଏବେ ଜୀବଜନ୍ତୁ ଲୋପ ହେଲେଣି, ଶିକାର ନିଷିଦ୍ଧ ହେଲାଣି, ତେଣୁ ଆଉ କେବେହେଲେ ଶିକାରୀ ଗପ ଲେଖଯିବ ନାହିଁ । ଯଦି କଏ କେବେ ଲେଖେ ତେବେ ତାକୁ ଅପରାଧି ବୋଲି ସାବ୍ୟସ୍ତ କରାଯାଇ କୋର୍ଟକୁ ଟଣାଯିବ ।

ସେହି ଶିକାରୀଙ୍କ ସ୍ମୃ ତି ରେ ଭାର୍ତରେ ପ୍ରଥମ ଜାତୀୟ ଉଦ୍ୟାନଓ ପ୍ରଥମ ବ୍ୟାଘ୍ର ସଂରକ୍ଷଣ ଯୋଜନା ଆରମ୍ଭ ହୋଇଛି । ତହାର ନାମ ହେଲା – ଜିମ୍ କରବେଟ୍ ଜାତୀୟ ଉଦ୍ୟାନ । କୁମାୟୁନ ଓ ଗଡୱାଲ୍ ଡିଭିଜନ୍ ର ଘଞ୍ଚ ଅରଣ୍ୟକୁ ନେଇ ଏହି ଅଭୟାରଣ୍ୟ । ତା ଭିତରେ ବହିଯାଉଥିବା ରାମଗଙ୍ଗା ନଦୀକୂଳରେ କାଲାଧୁଙ୍ଗି ନାମକ ଗାଁରେ ରହିଛି ଏହି ଶିକାରୀଙ୍କ ସ୍ମୃତି ବହନକାରୀ ମ୍ୟୁଜିଅମ୍ । ୫୨୧ ବର୍ଗ .ମି. ଆୟତନର ଏହି ପାର୍କ ବା ଉଦ୍ୟାନକୁ ରାମନଗର ଦେଇ ପ୍ରବେଶ କରିବାକୁ ହୋଇଥାଏ । ଏହା ଭିତରେ ଥିବା କାଳଘର ଡ୍ୟାମ୍ ହେଉଛି ପୃଥିବୀର ବୃହତ୍ତମ ମାଟିର ନିର୍ମିତ ଡ୍ୟାମ । ଧନଗାରିରେ ରହିଛି ମଲା ହିମାଳୟୀ ପଶୁପକ୍ଷୀ ଓ ସରୀସୃପଙ୍କୁ ନେଇ ଭାରତର ସବୁଠୁ ବଡ ମ୍ୟୁଜିଅମ୍ । ଜଙ୍ଗଲ ବିଭାଗ

ତରଫରୁ ଜିପ୍ ନେଇ ଏସବୁ ଦେଖିବାକୁ ପଡିଥାଏ । ରାମଗଙ୍ଗା କୃତ୍ରିମ ହ୍ରଦ ନିର୍ମାଣ ହେବା ପରଠୁ କରବେଟ୍ ଉଦ୍ୟାନର ରୂପ ବଦଳି ଯାଇଛି । ଅସଂଖ୍ୟ ଜୀବଜନ୍ତୁ ମୁଣ୍ଡ ଗୁଞ୍ଜିବାକୁ ଜାଗା ଟିକେ ପାଇଛନ୍ତି । ଜଙ୍ଗଲୀ ହାତୀ, ବାଘ, ଚିତା, ସମ୍ବର, ଗୁରାଣ୍ଡି, ନୀଳଗାଈ, ବାରହା, ହେଟା, ସହସ୍ର ପ୍ରକାରର ବଣ୍ୟପକ୍ଷୀ, ପାଣିରେ ରହୁଥିବା କୁମ୍ଭୀର, ଘଡିଆଳ, ସାପ, ବିରଳ ପ୍ରଜାପତି ସମୂହ ଓ କୀଟ ପତଙ୍ଗ ସମୂହକୁ ନେଇ ଆଜି କରବେଟ୍ ଉଦ୍ୟାନ ଗରୀୟାନ । ସତେକି ସ୍ୱୟଂ କରବେଟ୍ ହିଁ ମୃତ୍ୟୁପରେ ଏମାନଙ୍କ ଜନ୍ମ ନେଇ ଜଙ୍ଗଲଉ ଋଦ୍ଧିମନ୍ତ କରିଛନ୍ତି ।

ଭାରତୀୟ ବଣ୍ୟଜନ୍ତୁ, ବିଶେଷକରି ହିମାଳୟ ଅଞ୍ଚଳର ପଶୁପକ୍ଷୀଙ୍କ ମତିଗତି, କ୍ରିୟା ପ୍ରତିକ୍ରିୟା ଉପରେ କରବେଟ୍ ଙ୍କ ଅସାଧାରଣ ଅନୁଭୂତି ଥିଲା । ଏପରିକି ଝିଙ୍କାରିଙ୍କ ଶବ୍ଦ ଓ ବଣ୍ୟପକ୍ଷୀଙ୍କ କାକଳିରୁ ସିଏ ପରିବର୍ତ୍ତିତ ପରିସ୍ଥିତିକୁ ବୁଝିପାରୁଥିଲେ । ଦୁଇନଳିଆ ବନ୍ଧୁକ ଧରି ଜଙ୍ଗଲରେ ଏକାକୀ ବୁଲିଲା ବେଳେ ତାଙ୍କର ପାଞ୍ଚଟିଯାକ ଇନ୍ଦ୍ରିୟ ଅସାଧାରଣ ଭାବେ ସକ୍ରିୟ ହୋଇ ଉଠୁଥିଲେ । ମଲା ବାଘଙ୍କ ପାଖରେ ବିଜୟ ଦର୍ପରେ ଠିଆହୋଇ ନିଜକୁ କେବେ ସେ ବିଶ୍ୱବିଜୟୀ ବୋଲି ଦାବୀ କରୁନଥିଲେ । ନିରୀହ ଲୋକଙ୍କ ରକ୍ଷା ପାଇଁ ଶେଷ ବିକଳ୍ପ ଭାବେ ଶିକାରକୁ ପାଥେୟ କରୁଥିଲେ । କୁହାଯାଏ ଜୀବନରେ ଯେତେ ବାଘକୁ ସେ SHOOT କରି ନଥିଲେ, ତାଠୁ କେତେ ହଜାର ଅଧିକ ବାଘଙ୍କ କ୍ୟାମେରା ମାଧ୍ୟମରେ SHOT ନେଇଥିଲେ ।

କରବେଟ୍ ମହାଶୟ ଜନ୍ମରୁ ଚଉସ୍ତରୀ ବର୍ଷ ପର୍ଯ୍ୟନ୍ତ ଭାରତରେ ହିଁ ଥିଲେ । ଦେଶ ସ୍ୱାଧୀନ ହେଲାବେଳକୁ ଅନେକ ଇଂରେଜଙ୍କ ପରି ସେ ମଧ୍ୟ ଭାରତ ଛାଡି ଚାଲି ଯାଇଥିଲେ, କିନ୍ତୁ ବିଲାତ ନଯାଇ ଆଫ୍ରିକାର କେନିଆକୁ ଚାଲିଯାଇଥିଲେ । ସେ ଭାରତୀୟମାନଙ୍କ ସପକ୍ଷରେ ଥିଲେ ବୋଲି ଇଂରେଜମାନଙ୍କ ଘୃଣାର ପାତ୍ର ହୋଇଥିଲେ, ଏକ ରକମ ଅଛୁଆଁ ହୋଇ ରହିଥିଲେ । "ମୋ ଭାରତ" ଭଳି ଏକ ଉଚ୍ଚ ଭାବାବେଗର ପୁସ୍ତକ ଲେଖିଥିବା କରବେଟ୍ ଙ୍କ କଣ ହେଲାଯେ ସେ ପୁଣି ଜୀବନର ଶେଷଭାଗରେ ଭାରତ ଛାଡି ଚାଲିଗଲେ? ସ୍ୱାଧୀନତା ବେଳର କିଛି ଉଗ୍ର ଜାତୀୟବାଦୀ ଭାରତୀୟ ତାଙ୍କୁ ଆଘାତ ଲାଗିଲା ଭଳି କିଛି କଥା କହିଥିଲେ କି? ସ୍ୱାଧୀନୋତ୍ତର ଭାରତରେ କରବେଟ୍ ନିଜକୁ ଅସୁରକ୍ଷିତ ମନେ

କରୁଥିଲେ କି? ଜୀବନସାରା ନିଜ ଘରିପାଖର ନିରାଶ୍ରୟ ଲୋକଙ୍କୁ ସେ ନିଃସର୍ତ୍ତ ଭାବେ ଦେଇ ଚାଲିଥିଲେ । ତାଙ୍କ ଲିଖିତ ଉଇଲ୍ ଅନୁଯାୟୀ ମୃତ୍ୟୁପରେ ଦଶହଜାର ଟଙ୍କା ଗାଁ ବାସୀଙ୍କ ମଧ୍ୟରେ ବଣ୍ଟାଯାଇଥିଲା । ନିଜ ଗାଁ କାଲାଧୁଙ୍ଗୀ, ଆଲମୋଡା ଓ ରୁଦ୍ରପ୍ରୟାଗରେ ଅନେକ ମନ୍ଦିର ମସଜିଦ୍ ସେହି ଉଇଲ୍ ଦ୍ୱାରା ଅର୍ଥ ପାଇଥିଲେ । ହୋଇପାରେ ଆଫ୍ରିକାରେ ଧ୍ୱଂସ ହେବାକୁ ବସିଥିବା ବଣ୍ୟଜନ୍ତୁଙ୍କ ସଂରକ୍ଷଣ ଦିଗେ ନିଜରେ ଶେଷ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭେଇବା ପାଇଁ ସେ ଆଫ୍ରିକା ଚାଲିଯାଇଥିଲେ । ଯେଉଁଥିପାଇଁ ସ୍ୱାଭିମାନୀ କରବେଟ୍ ନୀରବରେ ତାଙ୍କର ସବୁକିଛି ସ୍ମୃତି ଓ ସମ୍ପତ୍ତି ଏଠାରେ ଛାଡି ଚାଲିଗଲେ ।

ଏଥର "ଗର୍ନି ହାଉସ୍" ରୁ ବିଦାୟ ନେବା ବେଳ ଉପନୀତ ହେଲା । ଅଧିକାଂଶ ଅଂଶ କାଠରେ ତିଆରି ହୋଇଥିବା ଶିକାରୀଙ୍କ ଏହି ଘରଟି ବାର୍ଦ୍ଧକ୍ୟରେ ଉପନୀତ, ଯତ୍ନ ଅଭାବରେ କେତେଦିନ ତିଷ୍ଠିବ ତାହା ଏକ ହତାଶା ସୃଷ୍ଟିକାରୀ ପ୍ରଶ୍ନ । ବୃଦ୍ଧ ମାଲିକ କହୁଥିଲେ – ଗୋଟିଏ ଦାନ୍ତକାଠି ମଧ୍ୟ ସେ ବିକ୍ରି କରିନାହାନ୍ତି କି ନଷ୍ଟ କରି ନାହାନ୍ତି । ଏହାର ଭବିଷ୍ୟତ କଣ ହେବ ବୋଲି ପଚାରିବାରୁ, ଦୀର୍ଘ ନିଶ୍ୱାସ ପକେଇ କହିଲେ "ଆପଣମାନେ ଯାହା କରିବେ" । ଛୋଟିଆ ଉତ୍ତରଟି ଯଦିଓ ବାହାରକୁ ଏକ ଅସହାୟ ବ୍ୟକ୍ତିର ଅନୁରୋଧ ପରି ଲାଗୁଥିଲା, ପ୍ରକୃତ ପକ୍ଷେ ତାହା ସାରା ଭାରତର ତରୁଣ ପିଢୀଙ୍କୁ ଏକ ଚାଲେଞ୍ଜ ପରି ଥିଲା ।

କରବେଟ୍ ନରଖାଦକ ମାନଙ୍କୁ ମାରିଥିଲେ, କାଳ ମହାଖାଦକ ରୂପେ ତାଙ୍କ ପାର୍ଥିବ ଶରୀରକୁ ନିଃଶେଷ କରିଦେଲା । କିନ୍ତୁ ତାଙ୍କର ଅକ୍ଷରକୃତି, ଆମର କୃତି ଭାବେ ମହାକାଳକୁ ଅତିକ୍ରମ କରି ରହିଗଲା । ସେଇ ଘର ଛାଡି ଆସିଲା ବେଳକୁ କରବେଟ୍ ଙ୍କ ଲିଖିତ କୌଣସି ଏକ ବହିର ମୁଖବନ୍ଧଟି ମନେ ପଡିଯାଉଥିଲା, ଯେମିତିକି ସେ କହୁଛନ୍ତି "ବନ୍ଧୁ ବୋଲି ଆପଣଙ୍କୁ ସମ୍ବୋଧନ କରୁଛି, ଯେଉଁମାନେ ମୋ ବହି ପଢୁଛନ୍ତି – ସେମାନେ ସମସ୍ତେ ମୋ ବନ୍ଧୁ । .... ଏତିକି ମୋର ଅନୁରୋଧ ବନ୍ୟଜନ୍ତୁ ସଂରକ୍ଷଣ ଚଳାଇ ରଖିବ । ବଣ୍ୟଜନ୍ତୁଙ୍କ ସାହା କେହି ନାହିଁ, କିନ୍ତୁ ଶତ୍ରୁ ଅନେକ ।"

ଭାରତୀୟ ଜୀବନ ବୀମା ନିଗମ, କୋରାପୁଟ, ଓଡିଶା

# କଣ ମୁଁ ତୁମ ପାଇଁ



ସଙ୍ଗୀତା ମହାନ୍ତି

ତୁମେ ଭାବନା ଯେ ମୁଁ ତୁମ ହାତର କଣ୍ଢେଇ
ଯେତେବେଳେ ପାରିବ ମତେ ଦବ ନଚେଇ
କେତେ କଥା ମତେ କହିଯାଉଛ
ସବୁ କଥା ମୁଁ ସହି ଯାଉଛି
କାହିଁକି ଏତେ ରାଗ ତୁମର
କରିଦିଏ ମତେ ପର
କେବେ କରିନ ମତେ ନଜର
ମୋ ପାଇଁ ନାହିଁ ତୁମ ମନରେ ଘର
ତୁମେ ଭାବନା ଏସବୁ ମୁଁ ଭୁଲିଯିବି
ଦିନ ଆସିବ ତୁମକୁ ମୁଁ ଘୃଣା କରିବି
କାହିଁକି ଏ ମିଛ ମାୟା ସଂସାରରେ
ରଖିବି ମୋ ଜୀବନ କାହା ପାଇଁ ରେ
କେବେ ମତେ ଭଲ ପାଇବା ଦେଇନ କ
କେବେ ମନର ବେଦନା କୁ ବୁଝିନ
କାହିଁକି ତୁମ ମନେ ମୋ ପାଇଁ ଏତେ ଘୃଣା
ସେଥିପାଇଁ ମୁଁ କରେ ମୋ ମନ ଊଣା
ଜୀବନରେ ପାଇଲି ନାହିଁ ତୁମଠାରୁ କିଛି
ହେଲେ ପାଇବି ବୋଲି ଆଶା ଆଉ ସ୍ୱପ୍ନର ଘର କରିଛି
କାହିଁକି ମୁଁ ମୋ ଅଧିକାର ପାଇଲି ନାହିଁ
ଭାବିଚ ଆଉ ମଣିଷ ଜନ୍ମ ନେବି ନାହିଁ ।।

ତୁଳସୀପୁର, ମଠସାହି

# ବର୍ଷା....ଖରା....ଶୀତ

ନିରଞ୍ଜନ ସାହୁ

ଯେଦିନ ଭାବିଛି ଲେଖିବିନି ଆଉ
ସେଦିନ ଲେଖିଛି ଭଲ
ବୁଝି ମୁଁ ପାରୁନି କାହିଁକି କବିତା
ମୋତେ କର କଲବଲ ॥
କି ମାୟାରେ ମୋତେ ପକାଇ ଦେଇଛ
ତୁମକୁ ପାରୁନି ଭୁଲି
ଯେତେ ମୁଁ ଭାବିଛି ଭୁଲିବି ତୁମକୁ
ସେତେ ମୁଁ ଗୁହୁଁଛି ବୁଲି
ତୁମ କବଳୁ ମୁଁ ମୁକତି ପାଏନା
କାହିଁକି ଏମିତି କଲ ॥
ବେଳେବେଳେ ମନ କହୁଥାଏ ମୋତେ
ସେତିକି ଲେଖିବା ଥାଉ
କାଗଜ କଲମ ହାତ ଠାରୁଥାନ୍ତି
ଆସ କବି ଲେଖ ଆଉ
ତୁମରି ପାଖରୁ ଦୂରେଇ ପାରେନା
ତୁମେ ଦିଶ ଝଲମଲ ॥

ନିହାଲପ୍ରସାଦ, ଗଡିଆପାଟଣା, ଢେଙ୍କାନାଳ

# ଗରିବ



ସରୋଜ ସାହୁ

ବରଷ ସରୁଛି ବରଷ ଫେରୁଛି
ହେଉନାହିଁ କିଛି ଉନ୍ନତି
ଭଙ୍ଗା ଗୁଳଘର ଭଙ୍ଗା ଟିଣ ସାଥେ
ଲୋକେ କାଟୁଛନ୍ତି ଦିନରାତି ।
ମାଟି କାଦୁଅରେ ଗାଁ ଏଠି ଗଢା
ନାହିଁ ସେଠି ପକ୍କା ସଡକ
ମୂର୍ଖ ଅଶିକ୍ଷିତ ଅଛନ୍ତି ବୋଲିତ
ଶୁଣନ୍ତିନ କେହି ଡାକ ।
ଗୁହାରି କରିକି ଥକି ପଡିଲେଣି
ନାହିଁ ଦେହେ ଆଉ ବଳ
ହାଡଭଙ୍ଗା କାମ ନିତି କରି କରି
ଶରୀର ହେଲାଣି ଦୁର୍ବଳ ।
ଦୀପାବଳୀ ପରି ଦୀପ ଜଳେ ଏଠି
ଅନ୍ଧାରକୁ ଦୂର ପାଇଁ
କେବେକୁ ମିଳିବ ନୂଆ ଯୋଜନାଟା
ଆସିବା ବାଟକୁ ଚାହିଁ ।
ଯେତେ ରୋଜଗାର କରନ୍ତି ଦିନରେ
ସରେନାହିଁ ତାଙ୍କ ଦୁଃଖ
ପିନ୍ଧି ପାରନ୍ତିନ ନୂଆ ଜାମାଟିଏ
ସେ ପରା ଗରିବ ଲୋକ ।

ଆଠଗଡ, କଟକ

# ଅଭିମାନନୀର ଅଦେଖା ଲୁହ



ସୁଷମା ପରିଜା

ତିନଦିନ ହେଲ୍ଣି ଲଗାଣ ବର୍ଷା ଲ୍ଗି ରହିଛି, ନା ଘରୁ ବାହାରି ହେଉଛି ନା ବାହାରୁ କେହି କେହି ଘରକୁ ଆସି ପାରୁଛନ୍ତି । କଟକ ସହର ଯେମିତି ବନ୍ୟା ପ୍ଲାବିତ କୋଉ ବୁଡି ଅଞ୍ଚଳର ଗାଁଟିଏ ଭଳ ଜଳାର୍ଣ୍ଣବ ହୋଇଛି । ଗ୍ବରିଆଡ଼େ ଖାଲି ପାଣି ଆଉ ପାଣି । ଘରେ ବସିବସି ଟିଭି ଦେଖି୍ଦେଖି୍ ଅଣ୍ଟା କଟକଟ ଡାକଲ୍ଣି ଶରତ ବାବୁଙ୍କର । ପ୍ରତିଦିନ ସକାଳୁ ସେ ବାହାରି ଯାଆନ୍ତି ମର୍ଣିଂ ଓ୍ୱାକରେ, ସାଙ୍ଗସାଥୀ ମାନଙ୍କ ସହିତ ଗପସପ କରିକରି, ପରିବା ପନ୍ର କଣାକଣି କରି ଘରକୁ ଫେରିଲ୍ବେଳକୁ  ଦିନ ନଅଟା କ ଦଶଟା ବାଜେ । ପ୍ରଭ୍ମୟ୍ୀ ତାଙ୍କର ନତ୍ୟକର୍ମ ସାରି ପୂଜାପାଠରେ ଲ୍ଗିଥାଆନ୍ତି । ସେ ଫେରିବାପରେ ଦୁହେଁ ସାଙ୍ଗହୋଇ ଗ୍ବହା ଜଳଖି୍ଆ ଖାଆନ୍ତି । ସେଇଠୁ ଆରମ୍ଭ ହୁଏ ରେ୍ଷେଇ । ପ୍ରଭ୍ମୟ୍ୀ ପରିବାପନ୍ର କଟାକଟି କରୁଥି୍ବା ବେଳେ ଶରତବାବୁ ଶାଗ ଦି'ଟା ବାଛି ଦିଅନ୍ତି ନହେଲେ ପରିବା କଟାରେ ତାଙ୍କୁ ଟିକେ ସାହାଯ୍ୟ କରନ୍ତି, ରେ୍ଷେଇ ସରିଗଲେ ଦୁହେଁ ବସି ଟିଭି ଦେଖନ୍ତି। ଖାଇବା ସମୟ୍ ହେଲେ ଦୁହେଁ ଏକାଠି ଖି୍ଆପିଆ ସାରି ବିଶ୍ରାମ କରନ୍ତି, ପୁଣି ସନ୍ଧ୍ୟାବେଳକୁ ଶରତବାବୁ ବାହାରି ଯାଆନ୍ତି ବାହାରକୁ । ଦି'ଘେର୍ ବାହାରେ ବୁଲ୍ବୁଲି କରି ଆସିଲେ ସମୟ୍ଟା କଟିଯାଏ ।

ଗ୍ବକରୀ ଥି୍ବାଯାଏଁ ଦଣ୍ଡେହେଲେ ବି ସମୟ୍ ମିଳୁନଥି୍ଲ୍ ତାଙ୍କୁ । ସକାଳ ନଅଟା ବେଳେ ଘରୁ ବାହାରି ଯାଉଥି୍ଲେ ଯେ ଫେରୁଥି୍ଲେ ର୍ତି ନଅଟା କ ଦଶଟା ବେଳକୁ । ପ୍ରଭ୍ମୟ୍ୀ ସବୁବେଳେ ଅଭିଯୋଗ କରୁଥି୍ଲେ "ମତେ ନହେଲେ ନାହିଁ,  ଘରକୁ କ ପିଲ୍ମାନଙ୍କୁ ଟିକେଏ ସମୟ୍ ଦଉନ, ଖାଲି ଅଫିସ୍ ଅଫିସ୍ ହୋଇ ଧାଇଁଛ । ତମ ଅଫିସଟା ମୋ ସଉତୁଣୀ

ହୋଇ ବାଦ ସାଧୁଛି, ନା ତମକୁ ମୋତେ କୁଆଡେ ଟିକେ ବୁଲେଇ ନେବାକୁ ଫୁରସତ୍ ଅଛି ନା ମୋ ସହିତ ଦି'ପଦ କଥା କହିବାକୁ । ଘରକୁ ଫେରି ଖାଇ ବସିଲାବେଳକୁ ପିଲାଙ୍କ କଥା ପଗ୍ଭରୁଛ ଆଉ ଯାଇ ଶୋଇପଡୁଛ" । ତାଙ୍କର ଏମିତି ଅଭିମାନଆଁ କଥାରେ ନଇଁ ଯାଉଥିଲା ଶରତବାବୁଙ୍କ ମନ । ସସ୍ନେହରେ ପ୍ରଭାମୟୀଙ୍କୁ କୋଳେଇନେଇ ସେ କହୁଥିଲେ" ଏତେ କଷ୍ଟ ମୁଁ କାହାପାଇଁ କରୁଛି ? ତମପାଇଁ, ଆମ ପିଲାଙ୍କ ପାଇଁନା । କେମିତି ସେମାନେ ଭଲ ଖାଇବେ, ଭଲ ପିନ୍ଧିବେ, ଭଲ ପାଠଶାଠ ପଢି ଭଲ ମଣିଷଟିଏ ହେବେ ସେଇଥିଲାଗି ସବୁ ଚେଷ୍ଟା । ନହେଲେ ମତେ କ'ଣ ସଉକ କରିବାକୁ ଇଚ୍ଛା ନାହିଁ । ଆମ ପ୍ରାଚୀକୁ ଆସି ଦଶବର୍ଷ ହେଲାଣି, ପ୍ରଦୀପକୁ ସାତ ବର୍ଷ । କାଲି ସକାଳୁ ସେମାନେ ବଡ ହୋଇ ବଡ ସ୍କୁଲ କଲେଜରେ ପଢିବେ ଖର୍ଚ୍ଚ ଲାଗିବ ନା ନାହିଁ , କୁଆଡୁ ଆସିବ ସେ ଟଙ୍କା? କାଲିକି ଆମେ ପ୍ରାଚୀକୁ ଭଲ ଘରବର ଦେଖି ବାହାଘର କରିବା କି ନାହିଁ ? ସବୁକଥା ପାଇଁ ଆହୁରି ଅନେକ ଟଙ୍କା ଦରକାର, ସେଇଥିଲାଗି ମୁଁ ଅଫିସରେ ଓଭରଟାଇମ୍ କରେ । ଗ୍ଭକରୀ କରିବାର ଦଶବର୍ଷ ହେଲାଣି ଆମେ ଏମିତି ଭଡାଘର ନେଇ ରହୁଛେ, ସବୁଦିନେ କ'ଣ ଏମିତି ଭଡାଘରେ ରହୁଥିବା ? ନିଜ ମୁଣ୍ଡ ଗୁଞ୍ଜିବାକୁ ବାସ ଖଣ୍ଡେ କରିବାକି ନାହିଁ"? ଶରତ ବାବୁଙ୍କ କଥା ଶୁଣି ପ୍ରଭାମୟୀଙ୍କର ଆଖି ଛଳଛଳ ହୋଇଯାଉଥିଲା । ସ୍ୱାମୀଙ୍କ ଉପରେ କିଛି ନବୁଝି ନଶୁଝି ଅଭିମାନ କରୁଥିବାରୁ ନିଜକୁ ଦୋଷୀଦୋଷୀ ଲାଗୁଥିଲା । କେତେ ଆଗକୁ ଆଗକୁ ଭାବି ସ୍ୱାମୀ ତାଙ୍କର କେତେ କଷ୍ଟ କରୁଛନ୍ତି ଆଉ ସେ ଏମିତି ଅଭିମାନଆଁ କଥା କହି ତାଙ୍କର ମନରେ ଦୁଃଖ ଦେଇଛନ୍ତି । ସେ ବୁଝିଗଲେ ଯେ ତାଙ୍କ ସଉତୁଣୀ ଶରତବାବୁଙ୍କ ଅଫିସ ନୁହେଁ ବରଂ ତାଙ୍କ ନିଅଣ୍ଟିଆ ପରିସ୍ଥିତି । ତା' ପରେ ସେ ଆଉ କେବେବି ପ୍ରତିବାଦ କରି ନାହାଁନ୍ତି ।

ପିଲା ଦି' ଜଣ ଯାକ ଧୀରେଧୀରେ ବଡହୋଇ ସ୍କୁଲ ଛାଡି କଲେଜରେ ନାମ ଲେଖାଇଥିଲେ । ଶରତବାବୁ ଏଥି ମଧ୍ୟରେ କଟକରେ ଛୋଟ ଜାଗାଖଣ୍ଡିଏ କିଣି ଘର ତିଆରି କରିବା ଆରମ୍ଭ କରିଥିଲେ । ବଡଝିଅ ପ୍ରାଚୀ ଖୁବ୍ ଭଲ ପଢୁଥିଲା, ସ୍କୁଲ ସମୟରୁ ବୃତ୍ତି ପାଇ ଆସୁଥିଲା, ମାଟ୍ରିକ ପରୀକ୍ଷାରେ ପ୍ରଥମ ଶହେଜଣଙ୍କ ଭିତରେ ସ୍ଥାନ ପାଇଥିବାରୁ ସେଥିଲାଗି ମଧ୍ୟ ବୃତ୍ତି ପାଇ ରେଭେନ୍ସା କଲେଜରେ ବିଜ୍ଞାନ ପଢିଲା । ସ୍ୱଭାବରେ

ଖୁବ୍ ଧିରସ୍ଥିର ଓ ଅମାୟିକ ବ୍ୟବହାର ଯୋଗୁ ସେ ସମସ୍ତଙ୍କର ପ୍ରିୟପାତ୍ର ହୋଇ ପାରିଥିଲା । ତା'ର ସୁଗୁଣ ଦେଖି ଅନେକ ଧନୀଘରର ଝିଅମାନେ ମଧ୍ଯ ତା'ର ସାଙ୍ଗ ହେଉଥିଲେ । ଦେଖିବାକୁ ଖୁବ୍ ସୁନ୍ଦର ନହେଲେବି ଅସୁନ୍ଦରୀ ନଥିଲା ପ୍ରାଚୀ । ଶରତବାବୁଙ୍କ ନରସା ରଙ୍ଗ ସହିତ ପ୍ରଭାମୟୀଙ୍କର ସୁନ୍ଦର ଗଢଣ ଆଣିଥିଲା ସେ । ତା'ର ବଡବଡ ଆଖି ଦୁଇଟିକୁ ତା' ମୁହଁରେ ସବୁବେଳେ ଲାଖି ରହିଥିବା ହସଧାରକ ଖୁବ ଭଲ ଲାଗୁଥିଲା ।

ତା'ର ମେଳାପୀ ଗୁଣରେ ସେ ସାଇପଡିଶାରେ ସମସ୍ତଙ୍କୁ ଆପଣାର କରି ନେଇଥିଲା । ପ୍ଲସ ୨ ପରେ ବିଏସି ପଢିଲାବେଳକୁ ତା' ପାଇଁ ଅନେକ ବାହାଘର ପ୍ରସ୍ତାବ ଅଜାଡି ହୋଇ ପଡିଥିଲା ଶରତବାବୁଙ୍କ ପାଖରେ । ଜଣେ ପଡ଼ୋଶୀଙ୍କ ପାରିବାରିକ ବନ୍ଧୁଙ୍କ ଭିତରେ ଜଣେ ଥିଲେ ଭାଗବତ ବାବୁ । ସେ ଥିଲେ ଜଣେ ସରକାରୀ କର୍ମଚାରୀ । ଥରେ ଜନଗଣନା କାର୍ଯ୍ୟକ୍ରମରେ ସେ ପହଞ୍ଚିଥିଲେ ସେଠାରେ । ସାହି ଗୋଟାକର ଲୋକଙ୍କ ଘରର ସଂପୂର୍ଣ୍ଣ ଲିଷ୍ଟ ତିଆରି କରିବାରେ ତାଙ୍କୁ ସାହାଯ୍ୟ କରିଥିଲା ପ୍ରାଚୀ । ସେଇ ସମୟରେ ପ୍ରାଚୀ ଭିତରେ କ'ଣ ଦେଖିଥିଲେ ସେ ଭଦ୍ରଲୋକ କେଜାଣି, ସପ୍ତାହକ ପରେ ସସ୍ତ୍ରୀକ ଆସି ପହଞ୍ଚିଲେ ଶରତବାବୁଙ୍କ ଘରେ । ଏକାଜିଦ କଲେ ପ୍ରାଚୀକୁ ତାଙ୍କର ଏକମାତ୍ର ପୁତ୍ର ପାଇଁ ବୋହୂ କରିନେବେ । କଥାରେ କଥାରେ ଜଣାଇଦେଲେ ଯେ ତାଙ୍କର ତିନିଝିଅରେ ଏକମାତ୍ର ପୁଅ ସୁଶାନ୍ତ, ସେ ଗ୍ରାଜୁଏସନ ପରେ ଓକଲାତି ପାଶ କରିଛି କିନ୍ତୁ ତା' ର ଚାକରୀ କରିବାକୁ ଆଗ୍ରହ ନଥିବା ହେତୁ ଚାକରୀ ନକରି ବ୍ୟବସାୟ କରୁଛି । କଟକ ସହର ଭିତରେ ତାଙ୍କର ନିଜର ତିନିମହଲା କୋଠାଟିଏ ଅଛି, ଆହୁରି ମଧ୍ଯ କିଛି ଘରଭଡ଼ା ଲାଗିଛି ଯେଉଁଥିରୁ ପ୍ରାୟ ଷାଠିଏ ସତୁରି ହଜାର ଘରଭଡ଼ା ମିଳେ, ତିନିଝିଅଙ୍କୁ ଭଲ ଘରବର ଦେଖି ବାହାତୋଳା କରି ସାରିଛନ୍ତି, ଘରେ ଖାଲି ବୁଢାବୁଢୀ ଦୁଇଜଣ । ତାଙ୍କର ନିଜର ଚାକରୀ ଅଛି ଆଉ ଛଅବର୍ଷ । ଠାକୁରେ କେଉଁଥିରେ ଅଭାବ ରଖିନାହାଁନ୍ତି ତାଙ୍କର, ସେ ଖାଲି ଚାହାଁନ୍ତି ଗୁଣର ଝିଅଟିଏ ଯେ ତାଙ୍କର ପୁଅର ଆଉ ସେମାନଙ୍କର ଯତ୍ନ ନେବା ସହିତ ତାଙ୍କର ସଂପତ୍ତିର ସୁଚାରୁରୂପେ ରକ୍ଷଣାବେକ୍ଷଣ କରିବ । ସେ ଅନେକ ଯାଗା ବୁଝିଛନ୍ତି, ଅନେକ ଝିଅ ଦେଖିଛନ୍ତି ହେଲେ ପ୍ରାଚୀକୁ ଦେଖିଲାବେଳୁ ତାଙ୍କର ମନେହେଉଛି ଯେ ଏଇ ଝିଅଟି ହିଁ ତାଙ୍କର ବୋହୂ ହେବାକୁ ଶତକଡା ଶହେଭାଗ ଯୋଗ୍ୟ ।

କାବାକାଠ ହୋଇ ଶୁଣୁଥାନ୍ତି ଶରତବାବୁ ଆଉ ପ୍ରଭାମୟୀ । ଏହି ସମୟ ମଧ୍ୟରେ କଲେଜରୁ ଫେରି ଆସିଥାଏ ପ୍ରାଚୀ । ଘରେ କିଛି ଗୁରୁଜନଙ୍କୁ ଦେଖି ପାଦ ସ୍ପର୍ଶକରି ମୁଣ୍ଡିଆ ମାରି ସ୍ୱାଭାବିକ ଢଙ୍ଗରେ ସେ ରୋଷେଇଘର ଭିତରକୁ ପଶି ଗୁହା ଗୁରିକପ କରି ଦେଇଗଲା ସେମାନଙ୍କୁ । ପଡୋଶୀନୀ ମାଉସୀଙ୍କୁ କହି ଦେଇଗଲା ଯେ ସେ ଗରମାଗରମ ପକୁଡ଼ି ଦି'ଟା ଛାଣିକ ଆଣିବାକୁ ଯାଉଛି କେହି ଯେମିତି କୁଆଡେ ନ ଯାଆନ୍ତି । ପ୍ରାଚୀର ଆତ୍ମୀୟତା ଭରା ବ୍ୟବହାର ଦେଖି ମୁଗ୍ଧ ହେଉଥାନ୍ତି ଭାଗବତବାବୁ ଆଉ ତାଙ୍କର ପତ୍ନୀ । ଶରତବାବୁଙ୍କ ଇତଃସ୍ତତ ଭାବ ଓ ପ୍ରଭାମୟୀଙ୍କର ପ୍ରଶ୍ନିଳ ଦୃଷ୍ଟିକୁ ଗୁହିଁ କହିଲେ ଭାଗବତବାବୁ "ଆପଣ ମୋଟେ ବ୍ୟସ୍ତ ହେବେନ ଆଜ୍ଞା , ମୁଁ ଏଇ ସାଙ୍ଗେସାଙ୍ଗେ ବାହାଘର କରିବାକୁ କହୁନ, ଆଗ ପ୍ରାଚୀର ଫାଇନାଲ ପରୀକ୍ଷା ସରୁ, ତା'ପରେ ଆମେ ଭଲ ତିଥି ବାର ନକ୍ଷତ୍ର ଦେଖି ସେସବୁ କଥା ଠିକ କରିବା । ଆଉ ଗୋଟିଏ କଥା ମୁଁ ଯୌତୁକର ଘୋର ବିରୋଧୀ, ତେଣୁକରି ଆପଣଙ୍କ ଝିଅକୁ ଖାଲି ଶାଢୀ ଶଙ୍ଖା ସିନ୍ଦୂର ସହିତ ବୋହୂକରି ଘରକୁ ନେବି, ଆଉକିଛି ଦରକାର ନାହିଁ ମୋର" । ସ୍ଥାଣୁହୋଇ ବସି ରହିଥିଲେ ଶରତବାବୁ ଏବଂ ପ୍ରଭାମୟୀ, କ'ଣ କହିବେ, କ'ଣ କରିବେ କିଛି ତାଙ୍କର ମୁଣ୍ଡରେ ପଶୁ ନଥିଲା । ଅଠର ପୁରି ଉଣେଇଶି ଗୁଲୁଛି ପ୍ରାଚୀକୁ । କେମିତି ଏତେ ଛୋଟ ଛୁଆଟିକୁ ସଂସାର ଜଞ୍ଜାଳରେ ଠେଲିଦେବେ ? ତା'ର ଖେଳବା ବୁଲିବା ବୟସରେ ତା' ମୁଣ୍ଡରେ ଗୋଟାଏ ପରିବାରର ଗୁରୁଦାୟିତ୍ୱ ଲଦିଦେବେ । ସେପଟେ ମନରେ ଲୋଭ ଆସୁଥିଲା । ସେ ଗୁହିଁଲେ ବି ଖୋଜିଖୋଜି ଥକଲେ ମଧ୍ୟ ଏମିତିକା ଭଲ ପ୍ରସ୍ତାବଟିଏ ପିଇବେନ । ନମ୍ର ମଧ୍ୟବିତ୍ତ ପରିବାରରେ ବିନା ଯୌତୁକରେ ଏମିତି ପ୍ରସ୍ତାବଟିଏ ପାଇବା ଭାଗ୍ୟରେ ଥିଲେ ମିଳେ । ତା'କୁ ହାତଛଡ଼ା କରିବା ବୁଦ୍ଧିମାନର କାମ ହେବନାହିଁ । ଏମିତି ଦୋଦୁଲ୍ୟମାନ ଅବସ୍ଥାରେ ପଡି ସେମାନେ ଚନ୍ତା କରିବା ଲାଗି କିଛିଦିନ ସମୟ ମାଗିଲେ ଭାଗବତ ବାବୁଙ୍କୁ । ଖୁସିରେ ଆତ୍ମହରା ହୋଇ ଭାଗବତବାବୁ କୁଣ୍ଢାଇ ପକାଇଥିଲେ ଶରତବାବୁଙ୍କୁ । କହିଲେ ମୁଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି ଆପଣଙ୍କୁ ସମୁଦି ଭାବେ ପାଇବାଲାଗି । ମୁଁ ଭଲଭାବରେ ଜାଣିଛି ପ୍ରାଚୀ ନିଶ୍ଚୟ ମୋର ବୋହୂ ହେବ ତଥାପି ଆପଣଙ୍କ 'ହଁ ' କୁ ଅପେକ୍ଷା କରି ରହିବି ।

ଶରତବାବୁ ତାଙ୍କର ଶୁଭାକାଂକ୍ଷୀ ମାନଙ୍କ ସହିତ ପରାମର୍ଶ କଲେ, ଥୋକାଏ ବାହାଘର ସପକ୍ଷରେ ତ ଆଉ ଥୋକେ ବାହାଘର ବିପକ୍ଷରେ କହିଲେ । ସବୁଆଡ଼କୁ ବହୁତ ଭାବିଚନ୍ତି ଶେଷରେ ଦୁଇପ୍ରାଣୀ ସ୍ଥିରକଲେ ଯେ ପ୍ରାଚୀର ଫାଇନାଲ ପରୀକ୍ଷା ପରେ ପରେ ହିଁ ବାହାତିଥି ଠିକ କରାଯିବ । ସେଇ ଅନୁସାରେ ଖବର ଦେଇ ପଠାଇଥିଲେ ଭାଗବତ ବାବୁଙ୍କୁ । ଖୁସିରେ ଫାଟି ପଡିଥିଲେ ଭାଗବତବାବୁ । ତା' ପରଦିନ ସକାଳୁ ତାଙ୍କର ପରିବାରର ଲୋକମାନଙ୍କୁ ସାଙ୍ଗରେ ଆଣି ପ୍ରାଚୀକୁ ଭାରି ଗହଣାର ସେଟିଏ ପିନ୍ଧାଇ ସ୍ୱୀକାର କରି ଯାଇଥିଲେ ବୋହୂ ଭାବରେ । ଗାଁରେ ଥିବା ସ୍ୱଳ୍ପ ଧାନଜମିକୁ ବିକ୍ରୀକରି ଯଥାସମ୍ଭବ ଅର୍ଥର ଆୟୋଜନ କରିଥିଲେ ପ୍ରାଚୀର ବାହାଘର ଲାଗି । ପ୍ରଭାମୟୀଙ୍କର ଗହଣା ଭାଙ୍ଗି ପ୍ରାଚୀର ଅଳଙ୍କାର ଗଢା ହୋଇଥିଲା । ପରୀକ୍ଷା ସରିବାର ଖୁବ କମ ଦିନ ଭିତରେ ବାହାଘର ହୋଇ ଯାଇଥିଲା ପ୍ରାଚୀର ସୁଶାନ୍ତଙ୍କ ସହିତ । ଦାମୀ ବନାରସୀ ଶାଢୀ ପିନ୍ଧି ଗଦାଏ ସୁନାଗହଣାରେ ଲଦିହୋଇ ପ୍ରାଚୀ ଆସିଲା ପ୍ରତିଷ୍ଠିତ ବଳବନ୍ତ ରାୟ ପରିବାରର ବୋହୂ ହୋଇ ।

ସବୁ ପ୍ରାଚୁର୍ଯ୍ୟର ଭିତରେ ଥାଇ ମଧ୍ୟ ଖୁସି ହୋଇ ପାରୁନଥିଲା ପ୍ରାଚୀ । ତା' ଜୀବନ ବିଷୟରେ ଏତେ ବଡ ସିଦ୍ଧାନ୍ତ ନେବା ପୂର୍ବରୁ ଥରଟିଏ ବି ଜଣେ କେହି ତା'କୁ ପଚାରି ବୁଝିନଥିଲେ ସିଏ କ'ଣ ଚାହେଁ ବୋଲି । ପାଠପଢି ଚାକରୀ ବାକରୀ କରି ନିଜ ଗୋଡ଼ରେ ନିଜେ ଛିଡ଼ା ହେବାଲାଗି କେତେ ଯେ ସ୍ୱପ୍ନ ଦେଖିଥିଲା ପ୍ରାଚୀ, ସେସବୁ ସ୍ୱପ୍ନ ସ୍ୱପ୍ନରେ ହିଁ ରହିଗଲା । ପିଲାଟିଦିନରୁ ବାପାମାଆଙ୍କୁ ନିଅଣ୍ଟିଆ ସଂସାରରେ ଘାଣ୍ଟି ହେଉଥିବାର ଦେଖିଦେଖି ମନରେ ଭାବିଥିଲା ଚାକରୀ କରି ବହୁତ ଟଙ୍କା ରୋଜଗାର କରିବ, ପ୍ରଦୀପକୁ ଡାକ୍ତର କି ଇଞ୍ଜିନିୟରଟିଏ କରିବାଲାଗି ଚାହୁଁଥିବା ବାପାଙ୍କର ଇଚ୍ଛାକୁ ପୂର୍ଣ୍ଣ କରିବ । ବାପାମାଆଙ୍କର ସେବାଶୁଶ୍ରୁଷା କରିବ, ତାଙ୍କୁ ସଂସାରର ସବୁ ସୁଖ ଦେବ ହେଲେ ସେ କିଛିବି କରି ପାରିଲାନି । ଓଲଟା ବାପାଙ୍କ ଗାଁର ଭିଟାମାଟିଟି ମଧ୍ୟ ହରାଇବାକୁ ପଡିଲା ବାପାଙ୍କୁ । ଦୁଃଖରେ ମନ ପୋଡି ଯାଉଥିଲା ତା'ର । ପ୍ରଚଣ୍ଡ ଅଭିମାନରେ ବାପାମାଆଙ୍କୁ କିଛି କହିବା ବନ୍ଦ କରି ଦେଇଥିଲା ପ୍ରାଚୀ ।

ଶାଶୁଘରେ ଆସି ଦେଖିଲା ସେଠି ବୋଲହାକ କରିବାକୁ ଗୋଟିଏ ଲୋକ, ରୋଷେଇ କରିବା ଲାଗି ଆଉ ଗୋଟିଏ ଲୋକ, ସୁଶାନ୍ତଙ୍କୁ ବ୍ୟବସାୟରେ ସାହାଯ୍ୟ କରିବାକୁ ଆଉ ଗୋଟିଏ ଲୋକ ଅଛନ୍ତି । ଭାବିଲା ତାହାହେଲେ ସେ କରିବ କ'ଣ ? ସକାଳୁ ଉଠି କାମବାଲୀ ଜଳଖିଆ କରିଦିଏ । ଜଳଖିଆ ଖାଇ ଶଶୁର ବାହାରି ଯାଆନ୍ତି ଅଫିସକୁ । ସୁଶାନ୍ତ ଟିକେ ଡେରିରେ ଉଠନ୍ତି, ନିତ୍ୟକର୍ମ ସାରି କିଛିସମୟ ହିସାବକିତାବ ଦେଖି ସାରିଲା ପରେ ଜଳଖିଆ ଖାଇ ବାହାରିଯାଆନ୍ତି କାମରେ । ତା'ପରେ ଏତେବଡ ଘରଟାରେ ସେ ଏକା । ଶାଶୁ ଦିନସାରା ସେଇ ଘରଟିରେ ବସି ପାନବଟାଟିଏ ଧରି ପାନ ଭାଙ୍ଗୁଥାଆନ୍ତି ଆଉ କାମବାଲୀ ମାନଙ୍କୁ ଆଦେଶ ଦେଇଥାଆନ୍ତି । ଘରେ ବସିବସି ଦିନ ସରେନାହିଁ ପ୍ରାଚୀର । କେବେଯଦି କିଛିଗୋଟେ ମନକରି ରାନ୍ଧିବାପାଇଁ ଟିକେ ଯଦି ରୋଷେଇ ଘରଆଡକୁ ଯିବ ଶାଶୁ ଚହିଁକଉଠି ଡାକ ଛାଡିବେ ' ସେଠାରେ ତୋର କ'ଣ କାମ? ମୁଁ ଦରମାଦେଇ ତାଙ୍କୁ ରଖିଛି କ'ଣ ତୁ କାମକରିବୁ ବୋଲି । ଯା' ତୋ'ର ରୁମରେ ବସି ଟିଭି ଦେଖିବୁ କି ବହି ପଢିବୁ" । ଆଗକୁ ବଢେଇଥିବା ପାଦକୁ ପଛକୁ ଫେରାଇ ଆଣିବାଲାଗି ବାଧହେବ ପ୍ରାଚୀ । ତଥାପି ମୁହଁଖୋଲି କହିପାରିବନି ଯେ ସେ ଘରେ ବସି ବସି ବୋର ହେଉଛି ବୋଲି ।

ରାତିରେ ଡେରିରେ ଫେରିବେ ସୁଶାନ୍ତ । ଧୁଆଧୋଇ ହୋଇ ଖାଇସାରି କେମିତି ବିଛଣାକୁ ଯିବେ ତାଙ୍କର ସେଇ ଚିନ୍ତା । ଶରୀରର ଭୋକ ମେଣ୍ଟାଇ ଶୋଇଯିବେ ନିଘୋଡ଼ ନିଦରେ । ମନକଥା ଟିକେ କାହାକୁ କହିବାକୁ, ଟିକିଏ ଆତ୍ମୀୟତା ପାଇବାକୁ ସାରାରାତି ବିଛଣାରେ ଛଟପଟ ହେଉଥିବ ପ୍ରାଚୀ । ନୂଆନୂଆ ବାହାହୋଇ ଆସିବା ଦିନଠାରୁ ଆଜିଯାଏଁ ପ୍ରେମର ପରିଭାଷା କ'ଣ ସିଏ ବୁଝି ପାରିଲାନି । ବହୁତ ଝିଅଙ୍କୁ ନୂଆନୂଆ ବାହାହୋଇ ଆସିଥିବାର ଦେଖିଛି ସିଏ, ସେମାନଙ୍କ ଚେହେରାରେ ଗୋଟିଏ ପରିତୃପ୍ତିରେ ଔଜ୍ଜଲ୍ୟ ଲକ୍ଷ୍ୟ କରିଛି, ଯେଉଁଟା ତା' ନିଜ ଚେହେରାରେ କେବେବି ଦେଖିପାରିନି ସିଏ । ଏମିତି ଦେଖିବାକୁ ଗଲେ ତା'ର କୌଣସି ଅଭାବ ନାହିଁ, ସୁନ୍ଦର ସୁରୋଜଗାରିଆ ବର, ଧନ ଦୌଲତ, କୋଠାବାଡି, ସବୁଅଛି । ତଥାପି ଗୋଟାଏ ନାହିଁନାହିଁର ଅଭାବବୋଧରେ ଘାରିହେଉଛି ପ୍ରାଚୀ । କାହିଁକି? କାହିଁକି? ? କାହିଁକି? ?? ସେ କାହିଁକିର ଉତ୍ତର ଖୋଜି ପାଏନାହିଁ ପ୍ରାଚୀ । ଦିନକୁଦିନ ତା' ଭିତରର ଶୂନ୍ୟତାଟା ବଢି ଚାଲିଥାଏ ।

ପ୍ରାଚୀ ଆସିଲା ଦିନଠାରୁ ଘରଭଡ଼ା ସବୁ ଶାଶୁ ଆଣି ବଢେଇ ଦେଉଥିଲେ ତା' ହାତକୁ । ଶଶୁର ମଧ୍ୟ ନିଜ ଦରମାରୁ ଦଶକୋଡ଼ିଏ ହଜାର ଟଙ୍କା ଦେଉଥିଲେ ତା'କୁ । କହୁଥିଲେ ଯେତେବେଳେ ତୋର ଯାହା ଦରକାର ଏଥିରୁ ନେଇ ଖର୍ଚ୍ଚ କରିବୁ, ଆଉ ଦରକାର ହେଲେ କହିବୁ ମତେ । ସୁଶାନ୍ତ ତ ସବୁଦିନେ ରାତିରେ ଫେରି ଯାହାବି ପଇସାପତ୍ର ଆଣୁଥିଲେ ସବୁ ଦେଇ ଦେଉଥିଲେ ତା'କୁ ରଖିବାପାଇଁ । କିନ୍ତୁ କେଜାଣି କାହିଁକି ସେ ସେଥିରୁ ଗୋଟିଏ ଟଙ୍କାବି ନିଜପାଇଁ ଖର୍ଚ୍ଚ କରିପାରୁ ନଥିଲା । ବାପା ମଝିରେ ମଝିରେ ଆସୁଥିଲେ ଭଲମନ୍ଦ ଜିନିଷ ଧରି, ତା'କୁ ପଚାରି ବୁଝୁଥିଲେ କେମିତି ଅଛି ବୋଲି । ସେ 'ସବୁ ଭଲ' କହି ତାଙ୍କୁ ଫେରାଇ ଦେଉଥିଲା । ବାହାଘରର ଚାରିବର୍ଷ ଭିତରେ ତା'ର କୋଳ ପୂର୍ଣକରି ଆସିଥିଲେ ଝିଅ "ମାନ" ଆଉ ପୁଅ 'ମିଟୁ" । ପ୍ରାଚୀ ସେମାନଙ୍କ ଜଞ୍ଜାଳରେ ବ୍ୟସ୍ତ ହୋଇ ଯାଇଥିଲା । ସେଇ ଭିତରେ ସୁଶାନ୍ତ ଦୁଇଟି ଦଶଚକିଆ ଟ୍ରକ ସହିତ ଦୁଇଟି ଜେସିପିର ମାଲିକ ହୋଇ ସାରିଥିଲେ । ଶାଶୁଶଶୁର କହୁଥିଲେ ବୋହୂଟି ଆମର ଲକ୍ଷ୍ମୀ । ସେ ଆସିବା ଦିନଠାରୁ ଆମ ପୁଅର ବେପାର ବଢୁଛି । ବେପାର ବଢିବା ସହିତ ସୁଶାନ୍ତଙ୍କର ବଦଭ୍ୟାସ ବି ବଢି ଚାଲିଥିଲା । ସବୁଦିନ ରାତିରେ ଏବେ ସେ ମଦ୍ୟପାନ କରି ମାତାଲ ହୋଇ ଫେରୁଥିଲେ । ପ୍ରତିବାଦ କଲେ ପ୍ରାଚୀକୁ ଗାଳିଗୁଲଜ ସହିତ ମାଡବି ମିଳୁଥିଲା । ପିଲାଙ୍କ ମୁହଁକୁ ଚାହିଁ ପ୍ରାଚୀ ସବୁ ସହିଯାଉଥିଲା କିନ୍ତୁ ଭିତରେଭିତରେ ସେ ଭାଙ୍ଗି ପଡୁଥିଲା| ଚିନ୍ତାରେ ଶରୀରଟା ଦିନକୁଦିନ କ୍ଷୀଣ ହେବାରେ ଲାଗିଥିଲା । ନିଜ ଭିତରେ ନିଜେ ସଂକୁଚିତ ହୋଇ ଯାଉଥିଲା ସେ ।

ତା'ର ଏମିତି ଅବସ୍ଥା ଦେଖି ଶାଶୁ ଖବର ପଠାଇଥିଲେ ତା' ମାଆଙ୍କ ପାଖକୁ| ମାଆବାପା ଆସି ତାକୁ ଘରକୁ ନେଇଗଲେ| ଶଶୁର କହୁଥିଲେ ସ୍ଥାନ ପରିବର୍ତ୍ତନ ହୋଇଗଲେ ତା'ର ମନ ଭଲ ଲାଗିବ, ସେ କିଛିଦିନ ତାଙ୍କ ଘରେ ବୁଲିଆସୁ| ଘରକୁ ଆସି ମଧ୍ୟ ସେମିତି ଚୁପଚାପ୍ ହୋଇ ବସି ରହୁଥିଲା ପ୍ରାଚୀ| ଶରତବାବୁ ଓ ପ୍ରେମମୟୀଙ୍କର ଶତଚେଷ୍ଟା ସତ୍ତ୍ୱେ ମଧ୍ୟ ସେ କିଛି କହୁନଥିଲା| ବାଧ୍ୟହୋଇ ତାକୁ ମନୋଚିକିତ୍ସକଙ୍କ ପାଖକୁ ନେଇ ଦେଖାଇଲେ ଶରତବାବୁ| ଡାକ୍ତର କହିଲେ ଅତ୍ୟଧିକ ମାନସିକ ଚାପ ଯୋଗୁ ଝିଅଟି ଡିପ୍ରେସନରେ ଅଛି| ଆପଣ ତା'କୁ ଖୁସିରେ ରଖିବାକୁ ଚେଷ୍ଟାକରନ୍ତୁ| ଔଷଧପତ୍ର କିଛି

କାମ କରିବନ କେବଳ ସୁନନ୍ଦା ଏବଂ ମାନସିକ ଶାନ୍ତି ହିଁ ଭଲ କରିପାରିବ ତାକୁ| ଘରେ ରହିବାର ସାତଆଠ ଦିନ ପରେ ପିଲାଙ୍କ କଥା ମନେପଡୁଛି ବୋଲି କହି ଶାଶୁଘରକୁ ଫେରିବାଲାଗି ଜିଦ୍ଧ ରିଲା ପ୍ରାଚୀ| ନଜର ଅନଚ୍ଛା ସତ୍ତ୍ୱେ ମଧ୍ଯ ଗ୍ବରିଦିନ ତଳେ ତା'କୁ ନେଇ ଛାଡି ଆସିଥିଲେ ଶରତବାବୁ| ତା'କୁ ଟିକେ ଯାଇ ଦେଖି ଆସିବାକୁ ଇଚ୍ଛାଥିଲେ ବି ଘରୁ ବାହାରି ପାରୁନାହାଁନ୍ତି ସେ| ସେଠିକୁ ବାହାରିଲା ବେଳକୁ ବର୍ଷାଟା ବାରମ୍ବାର ବାଦ ସାଧୁଛି| ହଠାତ୍ ଟେଲିଫୋନରେ ଘଣ୍ଟି ଶବ୍ଦରେ ଚମକ ଉଠିଲେ ସେ| ଭାବିଲେ ପ୍ରାଚୀର ଫୋନ୍ ହୋଇଥିବ ପରା| ସେ ଧାଇଁଯାଇ ଫୋନଟି ଉଠାଇ ଧରିଲାବେଳକୁ ଫୋନଟି କଟିଗଲା| ଭିତରୁ ବାହାରି ଆସିଲେ ପ୍ରଭାମୟୀ କହିଲେ ମୋବାଇଲ ଫୋନଟି ଲଗାଉନ ଝିଅକୁ| କାହିଁକି ମନଟା ମୋଟେ ଭଲଲାଗୁନ, ତା' କଥା ବହୁତ ମନେପଡୁଛି| ତରବର ହୋଇ ମୋବାଇଲ ଫୋନଟି ଉଠାଇ ପ୍ରାଚୀର ନମ୍ବର ଲଗାଇଲେ ଶରତବାବୁ| ଫୋନଟି ରିଂ ହେଲା ମାତ୍ର ସେପଟରୁ କେହି ଉଠାଇଲେନ| ବାରମ୍ବାର ଚେଷ୍ଟା କରିବାପରେ ମଧ୍ୟ କେହି ନଉଠାଇବାରୁ ସମୁଦିଙ୍କୁ ଫୋନ କଲେ ଶରତବାବୁ| ସେପଟରୁ ଯାହା ଶୁଣିଲେ ତାହା ତାଙ୍କ ହୋସ୍ ଉଡେଇଦେଲା| ସେପଟରୁ ସମୁଦି କହୁଥିଲେ "ପ୍ରାଚୀ ଘରଭିତରେ ଫ୍ୟାନ୍ ରେ ଶାଢୀ ବାନ୍ଧି ଆତ୍ମହତ୍ୟା କରିଛି, ସେଇକଥାଟି କହିବାପାଇଁ ମୁଁ ଆପଣଙ୍କୁ ସେତେବେଳ ଠାରୁ ଫୋନ୍ କରୁଛି କନ୍ତୁ ଆପଣ ଫୋନ୍ ଉଠାଉ ନାହାଁନ୍ତି "| ପଥର ମୂର୍ତ୍ତିଟିଭଳ ସ୍ଥାଣୁହୋଇ ବସି ରହିଥିଲେ ଶରତବାବୁ| କଛି ଅନଷ୍ଟ ଆଶଙ୍କା କରି ତାଙ୍କର ବାହୁକୁ ଧରି ହଲେଇଦେଲେ ପ୍ରଭାମୟୀ| ଶରତବାବୁଙ୍କ ପାଦତଳେ ପୃଥିବୀଟା ଘୁରୁଥିଲା| ଆଖିରୁ ଧାରଧାର ଲୁହ ବୋହି ଯାଉଥିଲା କନ୍ତୁ ସେ କଛି କହିପାରୁ ନଥିଲେ| ସେଇ ଅବସ୍ଥାରେ ସେ ପ୍ରଭାମୟୀଙ୍କୁ ଧରି ଅଟୋରିକ୍ସାଟିଏ ଧରି ବାହାରିଗଲେ ପ୍ରାଚୀର ଶାଶୁଘରକୁ|

ସେଠାରେ ପହଞ୍ଚିଲାବେଳକୁ ପ୍ରବଳ ଜନଗହଳ| ପୋଲିସ୍ ମଧ୍ୟ ପହଞ୍ଚିଛି| ଆମ୍ବୁଲାନ୍ସ ଥୁଆ ହୋଇଛି| ତଳେ ଲୁଗାଟିଏ ଘୋଡାଇହୋଇ ଥୁଆହୋଇଛି ପ୍ରାଚୀର ଅସାଡ ଶରୀର| ପାଦତଳକୁ ଦୋଷୀଟିଏ ଭଳ ଛିଡାହୋଇ ରହିଛି ସୁଶାନ୍ତ| ପିଲା ଦି'ଜଣଙ୍କୁ ଧରି ଘରଭିତରେ ବସିଛନ୍ତି ସମୁଦୁଣୀ| ସମୁଦି ତାଙ୍କୁ ଦେଖି ଧାଇଁଆସିଲେ| କାନ୍ଦକାନ୍ଦ ହୋଇ କହିଲେ "ସବୁ ଠିକଥିଲା, ସକାଳୁ ସମସ୍ତଙ୍କୁ ଜଳଖିଆ ଦେଲା, ପୁଅଝିଅଙ୍କୁ ସ୍କୁଲ ପଠାଇଲା,

ସୁଶାନ୍ତ ଖାଇବାପରେ ବାହାରିଗଲା କାମରେ, ତା' ପରେ ତ ତା' ରୁମକୁ ଗଲା ଶୋଇବାକୁ| ଦିନଦୁଇଟା ବେଳକୁ ମୁଁ ପିଲାମାନଙ୍କୁ ସ୍କୁଲରୁ ଆଣି ଘରକୁ ଆସିଲି| ପିଲାମାନେ କବାଟ ବାଡେଇବାଡେଇ ନଖୋଲିବାରୁ ଆମେସବୁ ଆସିଲୁ| ସମସ୍ତ ପ୍ରକାର ଚେଷ୍ଟାକରିବା ପରେ କବାଟ ନ ଖୋଲିଲାରୁ ବାଧହୋଇ କବାଟ ଭଙ୍ଗି ଭିତରକୁ ପଶି ଦେଖିଲାବେଳକୁ ପ୍ରାଚୀ ପଙ୍ଖାରେ ଝୁଲୁଛି| ସେଇଠୁତ ଆମେ ଡାକ୍ତରଖାନା, ଥାନା, ପୁଲିସ୍ ସବୁଆଡ଼େ ଖବର କରି ବସିଛୁ ଏଠି " | ଶରତବାବୁ ବୁଝିଗଲେ ସବୁକଥା ସରିଛି, ଖାଲି ତାଙ୍କର ବୟାନକୁ ଅପେକ୍ଷାକରି ରହିଛନ୍ତି ସମସ୍ତେ| ତାଙ୍କରି ବୟାନ ଉପରେ ନିର୍ଭର କରୁଛି ସେମାନଙ୍କର ଭବିଷ୍ୟତ| ସେ ମନେମନେ ଭାବୁଥିଲେ ଯଦି ସେ ସୁଶାନ୍ତଙ୍କ ବିରୁଦ୍ଧରେ କଛିବି ପ୍ରତିକୂଳ ମନ୍ତବ୍ୟ ଦେବେ, ତାଙ୍କୁ ସପରିବାର ଜେଲ୍ ହାଜତକୁ ଯିବାକୁ ହେବ ନିଶ୍ଚିତ| ତେବେ ଏହି ନରୀହ ମାତୃହରା ପିଲା ଦି'ଜଣଙ୍କର କ'ଣ ହେବ ? ସେ କ'ଣ ଏ ବୟସରେ ତାଙ୍କର ସିମୀତ ଆୟରେ ଏଇ ପିଲାମାନଙ୍କୁ ମଣିଷ କରିପାରିବେ ? ତାଙ୍କର ମାଆ ତ ଛାଡି ଦେଇଗଲା, ଏବେ ବାପା ଯଦି ନରହିବ ସେମାନେ ପିତୃ ସ୍ନେହରୁ ମଧ ବଞ୍ଚିତ ହେବେ| କ'ଣ କରିବେ ସେ ? ଯାହାକଲେ ବି ତାଙ୍କ ଝିଅ ତ ଆଉ ଫେରିଆସିବ ନାହିଁ| ସେ ଥରେ ଆଖିବୁଲାଇ ଆଣିଲେ ସୁଶାନ୍ତ ଉପରେ, ତାଙ୍କର ମନେହେଲା ମାନ ଆଉ ମିଟୁ କହୁଛନ୍ତି "ଆମ ବାପାଙ୍କୁ ଆମ ପାଖରୁ ଛଡେଇ ନିଅନା ଅଜା ! " | ଦୀର୍ଘଶ୍ୱାସଟାଏ ପକାଇ ସେ ସେଠାରେ ଉପସ୍ଥିତ ଥିବା ପୋଲିସ୍ ଇନସପେକ୍ଟରଙ୍କୁ କହିଲେ "ମୋ ଝିଅର ଟିକେ ମୁଣ୍ଡଦୋଷ ବାହାରିଥିଲା ସାର୍, ତା'ର ମୃତ୍ୟୁପାଇଁ ଅନ୍ୟକେହି ଦାୟୀ ନୁହଁନ୍ତି, ଆପଣ ସେଇକଥା ଲେଖି ଏମାନଙ୍କୁ ଆଗ କାମ କରିବାକୁ ଦିଅନ୍ତୁ, ମୁଁ ଡାକ୍ତରଙ୍କ ପ୍ରେସ୍କ୍ରିପସନ୍ ଆଣି ଦେଉଛି " | ଏତିକକହି ସେ ଝିଅର ଶବକୁ ଯାବୁଡି ଧରି ମୁଣ୍ଡପିଟି କାନ୍ଦିକାନ୍ଦି ଲୋଟି ଯାଉଥିବା ପ୍ରଭାମୟୀଙ୍କୁ ଭିଡିଭିଡି ନେଇ ଅପେକ୍ଷାରତ ଅଟୋରିକ୍ସାଟିରେ ବସାଇ ଘରକୁ ଯିବାକୁ ବାହାରିଲେ| ଅଭିମାନ ଝିଅଟି ତାଙ୍କର ଛାତିରେ ଅଦେଖା ଲୁହକୁ ଲୁଗ୍ଲଇ ଗ୍ଲ‌ିଲି ଯାଇଥିଲା ଆର ପାରିକୁ ...... |

ଶାରଳା ଭବନ, ପୋତାପୋଖରୀ,
ନୂଆବଜାର, କଟକ

# ମୁଁ ଭକ୍ତି ତୁମେ ମୋ' ପୂଜ୍ୟ

କୁମୁଦିନୀ ବେହେରା

ନିଶୀଥ ରଜନୀ    ନିଶିଗନ୍ଧା ତୁମେ
ମୁଁ ରାତ୍ରି ତୁମେ ମୋ' ନିଦ୍ରା!
ନିଶାର୍ଦ୍ଧ ପ୍ରହର    ଅବାସ୍ତବ ସତ୍ୟେ
ତୁମେ ମୋ' ସ୍ୱପ୍ନ ମୁଁ ତନ୍ଦ୍ରା ।୧।

ସମ୍ପର୍କ ସୌଧର ନୈବେଦ୍ୟ ଅର୍ପଣେ
ତୁମେ ମୋ' ଦୀପ ମୁଁ ଶିଖା !
ଆତ୍ମୀୟତା ଆଉ    ନିବିଡତା ପଣେ
ତୁମେ ମୋ' ଭାଗ୍ୟ, ମୁଁ ରେଖା ।୨।

ନିଶି ଶଶୀ ସ୍ନେହ ସରାଗ ବେଳାରେ
ତୁମେ ମୋ' ଜହ୍ନ ମୁଁ ଜୋସ୍ନା !
ବସନ୍ତର ମୃଦୁ    ଫଗୁଣ ଫଳକେ
ତୁମେ ମୋ' ଫୁଲ ମୁଁ ବାସ୍ନା ।୩।

ଋତୁ  ଚଇତାଳି    ମିଳନ ପର୍ବରେ
ତୁମେ ଶ୍ରାବଣ ମୁଁ ବର୍ଷା !
ସ୍ନିଗ୍ଧ ସାବଲୀଳ    ହୃଦୟ ଭିତରେ
ତୁମେ ଭାବନା ମୁଁ ଆଶା ।୪।

ନଭ ପ୍ରକୃତିର    ଅଲିଖ୍ ସମ୍ପର୍କେ
ତୁମେ ଶୀତ ମୁଁ କାକର !
ବଉଳ ବାସର    ମିଠା ମହକରେ
ତୁମେ ବସନ୍ତ ମୁଁ ମଧୁର ।୫।

କୋଇଲି କୁହୁର ରାଗ ରାଗିଣିରେ
ତୁମେ କବି ମୁଁ କବିତା !
ମୋ' ପ୍ରତିପୃଷ୍ଠାର କାବ୍ୟିକ ଭାବର
ତୁମେ ବିଷୟ ମୁଁ ବ୍ୟାଖ୍ୟା ।୬।

ଦେବାଳୟ ଦେବାଦେବୀ ଅର୍ଚ୍ଚନାରେ
ତୁମେ ସ୍ତୋତ୍ର ମୁଁ ପାହାଚ !
ମୋ ହୃଦୟ ଅର୍ଘ୍ୟ ଅର୍ପଣ କରେ ମୁଁ
ମୁଁ ଭକ୍ତି ତୁମେ ମୋ' ପୂଜ୍ୟ ।୭।

ଶିକ୍ଷୟିତ୍ରୀ, ଅନୁଗୋଳ

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ| ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

ହ୍ୱାଟସଆପ୍ ନଂ-9594993733

# ବିସ୍ଥାପିତ



ଅଶ୍ୱିନୀ କୁମାର

ଆଜି ପୂର୍ବ ଆକାଶରେ
ଶୁଭେ ମେଘର ମହ୍ଲାର,
ଝିପିଝିପି ବର୍ଷା ସହ
ବୋହିଯାଏ ମୌସୁମୀ ପବନ ।
ମନେପଡେ ବିଗତ ଅତୀତ
ଯେବେ ଆସୁଥିଲା
ଅକ୍ଷୟ ତୃତୀୟା ।
ଧରତୀ ମାତା କୁ ସୁମରି
ଆରମ୍ଭ କରୁଥିଲି ମୁଠିଛିଆ ।।
ହେଲେ ଆଜି ସେ ସବୁ
ମୋ ପାଇଁ ସାତ ସପନ ।
ଆଜି ବର୍ଷା କୁ ସ୍ୱାଗତ କରେ
ମୋ ହୃଦୟର କ୍ରନ୍ଦନ ।।

ତୁମ ପାଇଁ ଆଜି
ମୁ ସର୍ବହରା ।
ଫେରେଇ ପାରିବ କ
ମୋ ଦୋରସା ଜମି
ମୋ ସୁନାର ଧାନ କ୍ଷେତ ।
ଲୁଟି ନେଇ ମୋ ସର୍ବସ୍ୱ

ବିକାଶ ନାଆ ରେ ମତେ
କଲ ବିସ୍ଥାପିତ ।।

ଦିନେ ଶସ୍ୟ ଶ୍ୟାମଳାରେ
ପରିପୂର୍ଣ ଥିଲ୍ ମୋ ଡଙ୍ଗର,
କୁଳୁକୁଳୁ ନାଦରେ
ବୋହି ଯାଉଥିଲ୍
ମୋ ପାହାଡ଼ି ଝରଣା ।
ତୁମ କୁଦୃଷ୍ଟି ପଡିଲ୍
ମୋ ଚର ସବୁଜିମାରେ,
ଅସହ୍ୟ ହେଲ୍
ତୁମ ବର୍ବରତା ।।
ସବୁ ଖିନଭିନ କରିଦେଲ୍
ତୁମ ଶିଲ୍ପାୟନ
ଲିଭେଇ ଦେଲ୍ ମୋ
ଅସ୍ମିତା।।

ତୁମ ବିକାଶର ବେଦୀରେ
ବଳ ପଡିଲ୍
ଆମ ଜୀବନ ଜୀବିକା ।
ଫେରେଇ ପାରିବକ
ମୋ ଝରନ୍ ଡଙ୍ଗର
ଗୁହାର ମହୁଲ କୁରେ ପତର,
ଫେରେଇ ପାରିବକ
ହରିଡା ଅଁଳା ବନୋଷୌଧି ଲଘୁଜାତ ।।
ଲୁଟି ନେଇ ମୋ ସ୍ୱର୍ବସ୍ୱ
ବିକାଶ ନାଆ ରେ ମତେ

କଲ ବିସ୍ଥାପିତ ।।

ତୁମେ କ ବୁଝିବ
ଜଳ ଜଙ୍ଗଲ ଜମିର ମହତ୍ତ୍ୱ,
ତୁମ ପାଇଁ ଏସବୁ ତ ଶାଗମାଛ ଭଳି
ତୁମ ପାଇଁ ଆଜି ବିଦୀର୍ଣ୍ଣ ବସୁଧା ।
ହେଲେ ଆମ ପାଇଁ
ଏ ମାଟି  ଆମ ଅନ୍ନଦାତା ଈଶ୍ୱର,
ମାଟି ଆମରି ମାଆ ।।
ଏ ଝରଣା ପାଣି
ଆମ ଜୀବନ
ଏ ପାହାଡ଼ ଆମ
ବଞ୍ଚିବାର ରାହା ।

ତୁମ କାରଖାନା ଚମିନ ର ଧୂଆଁ
ଆଜି ରୁନ୍ଧିଦିଏ ଛାତିକୁ ।
ଫେରେଇ ପାରିବ କ
ମୋ  କୁଦୋ ଗୁରଞ୍ଜି ମାଣ୍ଡିଆ,
ଫେରେଇ ପାରିବ କ
ମୋ ବିରି କୂଳଥ ତିଲ ଝିପା ,
ଦରକାର ନାହିଁ ମତେ ତୁମ
ହାଇବ୍ରିଟ ଧାନର ଭାତ ।
ଲୁଟି ନେଇ ମୋ ସର୍ବସ୍ୱ
ବିକାଶ ନାଆ ରେ ମତେ କଲ
ବିସ୍ଥାପିତ ।।

ଶିକ୍ଷକ, ଝରିଗ୍ରାମ, ନବରଙ୍ଗପୁର

# ସବୁ କଥାରେ ତମେ



ସୁଦାମ ଲେଙ୍କା

ଶୀତ ଗ୍ଲଲିଗଲ୍ ବସନ୍ତ ଆସିଲ୍
କୋଇଲି କହୁଛି କାନେ !
ପ୍ରକୃତି ପ୍ରିୟାକୁ ଅନେଇ ବସିଛି
ସବୁ କଥାରେ ଯେ ତମେ !!
ଭଅଁର ବସିଛି ଫୁଲକୁ ଶୋଷୁଛି
କଇଁ ରହିଅଛି କୋଷେ!
ନୀରୀମାଖି ମନ ଊର୍ଦ୍ଧରେ ଗମନ
ଆକାଂକ୍ଷା ନାହିଁ ପାଶେ !!
ଫୁଲର ବେଦନା ଭଅଁର ରେ୍ଦନା
ନ ପାଇକ ସେତ ଝୁମେ !
ମନ ମନ୍ଦିରରେ ତୁମକୁ ସେ ଝୁରେ
ଭଅଁର କପାଇଁ ଚୁମେ !!
ସୂର୍ଯ୍ୟମୁକ୍ଷୀ ଫୁଲ ଅପେକ୍ଷାରେ ମୁଲ
ସୁରୁଜ କ ଅବା ଦିଏ!
ପ୍ରେମ ଅପେକ୍ଷାରେ ଦିଗନ୍ତ ମନରେ
ସୂର୍ଯ୍ୟ ମୁକ୍ଷୀ କଷ୍ଟ ପାଏ !!
ପ୍ରଜାପତି ଗଣ ସୁନେଲି କରଣ
ଆଗମନେ ଆଶା ଜନ୍ମେ !
ଥରିଲ୍ ଓଠରେ କହୁଛି ସେ ଥରେ
ସବୁ କଥାରେ ଯେ ତମେ !!

ଅଧ୍ୟାପକ,
ଗୋନାସିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,
କେନ୍ଦୁଝର

# ଗାଁ କଥା



ପ୍ରକାଶ ସାହୁ

(ଏକ ଅନୁଭୂତି ର କଥା)

ଗାଁ ର ଅନୁଭୂତି କେବଳ ସେହିଁ କହିପାରିବ ଯେ ଗାଁ ର ପାଣି ପବନ ରେ ବଢିଛି । ପ୍ରକୃତ ରେ ଗାଁ ଆଉ ମା ପ୍ରାୟ ତ ଗୋଟେ ଚଢେଇ ର ଦୁଇଟି ଡେଣା ପରି। ଯାହାର ବର୍ଣ୍ଣନା ର ଆରମ୍ଭ ନାହିଁ କି ଶେଷ ନାହିଁ।

କାହିଁକି କେଜାଣି ଆଜି ଡାକ୍ତର ଦାସ ବାବୁଙ୍କ ସ୍ମରଣ ଉଜ୍ଜୀବିତ ହୋଇଯାଇଛି ଗାଁ କଥା। ନିର୍ଧାରିତ ସମୟ ର ଅବଧି ସରିବା ପରେ ଭାରତ କୁ ଫେରିବା ସମୟ ରେ ତାଙ୍କର ଗାଁ କଥା ମନେ ପଡିଛି ସୁଦୂର ଆମେରିକା ର ନ୍ୟୁୟର୍କ ସହର ରେ। ଭାରତକୁ ପ୍ରତ୍ୟାବର୍ତ୍ତନ କରୁଥିବା ବିମାନରେ ନିଜ ସିଟରେ ବସି ସୁରକ୍ଷା ବେଲ୍ଟ କୁ ଭଲ ଭାବେ ଅଣ୍ଟା ରେ ଭିଡ଼ି ନିଶ୍ଚିନ୍ତ ହେବା ପରେ ବିମାନର ଗୋଲିଆ ଝରକା ରେ ବାହାର ର ଦୃଶ୍ୟ କୁ ଅବଲୋକନ କରୁଛନ୍ତି ଡାକ୍ତର ଦାସ ବାବୁ । ପରେ ବ୍ୟକ୍ତିଗତ କମ୍ପ୍ୟୁଟରକୁ ବନ୍ଦ କରି ଭାବନା ର ଦୁନିଆ କୁ ଚାଲିଯାଇଛନ୍ତି ଦାସ ବାବୁ। ଫେରିଯାଇଛନ୍ତି ସେହି ଦୁନିଆକୁ ଯେଉଁ ଦୁନିଆରେ ପ୍ରଥମେ ପାଦ ରଖିଥିଲି ସେହି ଗାଁ ଯେଉଁଠି ରହିଛି ତାଙ୍କ ଷଠିଘର, ଯେଉଁଠି କଟିଥିଲା ତାଙ୍କର ପିଲା ଦିନ।

ତାଙ୍କର ମନେ ପଡିଛି ସେହି ଦୀର୍ଘ କୋଡିଏ ବର୍ଷ ତଳର କଥା। ଦେହସାରା ତାଙ୍କର ରୋମାଞ୍ଚ ଖେଳ ଯାଇଛି। ମନ ରେ ଏକ ଅଜଣା ଖୁସି ର ଲହଡି କୂଳ ଲଙ୍ଘିଛି। ଭୁଲି ଯାଇଛନ୍ତି ନିଜ କର୍ମ କ୍ଷେତ୍ର ବିଷୟ ରେ ଏବେ ମନ ରେ ତାଙ୍କର କେବଳ ଗାଁ ର କଥା ଆଉ ଗାଁ ର ପରିବେଶ। ଗାଁ ପ୍ରତେକ ମଣିଷ ଥିଲେ ଗୋଟିଏ ମା ର ଛୁଆ ପରି। ସେଥି ପାଇଁ ତ

ଗାଁ ଆଉ ମା ର ତଫାତ କଣ? ମା ପିଲାକୁ ଜନ୍ମ ଦେଇଛି ହେଲେ ଗାଁ ର ପରିବେଶ, ବଣ, ଝରଣା, ନଦୀ, ମାଟି ରେ ଖେଳବୁଲି ମଣିଷ ହୋଇଛି।

ଅନେକ ଡାକ୍ତର, ପଣ୍ଡିତ, କବି ଲେଖକ ନିଜ କଲମ ମୁନରେ ଗାଁ କୁ କେତେ କଣ ଆଖ୍ୟା ଦେଇଯାଇଛନ୍ତି। ପ୍ରତ୍ୟେକ ପରିବାର ଏକାଠି ବାସ କରୁଥିବେ ସଭିଏଁ ସଭିଙ୍କ ସୁଖ ଦୁଃଖ ରେ ଭାଗିଦାର ହେଉଥିବେ। ଗାଁ ର ଶେଷ ମୁଣ୍ଡ ରେ ଥିବା ଇଷ୍ଟ ଦେବୀ ଗ୍ରାମବାସୀଙ୍କ ଯେତେ ହାରି ଗୁହାରି ଶୁଣୁଥିବେ। ବିପଦ ଆପଦେ ଗାଁ ବାଲା ଦୌଡ଼ି ଯାଉଥିବେ। ଏ ସବୁ ଢଳ ଢଳ କରି ଦେଖା ଯାଉଥିଲା ଡାକ୍ତର ଦାସ ବାବୁଙ୍କ ଆଖି ସାମ୍ନାରେ ।

ଗାଁ ର ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ ଉ.ପ୍ରା. ବିଦ୍ୟାଳୟ ରେ ପ୍ରଥମ କରି ଶିକ୍ଷା ଗ୍ରହଣ କରି ନିଜର ମୂଳଦୁଆ ସୁଦୃଢ଼ କରିଥିଲେ। ଅବଶ୍ୟ ସେତେବେଳେ ଗାଁ ର ଏତେ ଉନ୍ନତି ହୋଇନଥିଲା ତଥାପି ସେହି ଗାଁ ଭିତରେ କଟିଥିବା ଦିନ ଗୁଡିକ ଆଜି ତାଙ୍କ ପାଇଁ ଅବିସ୍ମରଣୀୟ। ବର୍ଷା ଦିନର ଝିପି ଝିପି ବର୍ଷାରେ ଗାଁ ନାଲି ମାଟି ରାସ୍ତା ରେ ବହି ବସ୍ତାନକୁ ମୁଣ୍ଡ ଉପରେ ରଖି ସହଳ ସହଳ ବିଦ୍ୟାଳୟକୁ ଯିବା। ବିଦ୍ୟାଳୟ କୁ ବିଳମ୍ବ ରେ ପହଞ୍ଚି ଶିକ୍ଷକଙ୍କ ଠାରୁ ମାଡ଼ ଖାଇବା। ଅପରାହ୍ନ ସମୟରେ ବହି ବସ୍ତାନ କୁ ବିଦ୍ୟାଳୟ ବେଞ୍ଚ ତଳେ ରଖି ନଦୀ ଜଳରେ ସନ୍ତରଣ କରିବା। ଗଣେଷ ପୂଜା, ସ୍ୱାଧୀନତା ଦିବସ ପରି ବିଭିନ୍ନ ପର୍ବରେ ନୂଆ ହାଫ ପ୍ୟାଣ୍ଟ ଆଉ ସାର୍ଟ ପିନ୍ଧି ବିଦ୍ୟାଳୟକୁ ଯିବା ଏ ସବୁ ଭାବି ମନେ ସ୍ମିତହାସ୍ୟ କରିଛନ୍ତି ଦାସ ବାବୁ।

ପରେ ତାଙ୍କର ମନେ ପଡିଛି ଗାଁ ର ପ୍ରାକୃତିକ ସୌନ୍ଦର୍ଯ୍ୟ ର କଥା। ଆଲୁଅ ରାଜା ପାହାଡ଼ କୋଣରୁ ଛପି ଛପି ବାହାରିବା ପୂର୍ବରୁ ଗଞ୍ଜା ମାନଙ୍କ ଡାକରେ ସମସ୍ତଙ୍କ ନିଦ ଭାଙ୍ଗି ସାରିଥାଏ। ଗାଁ ଦାଣ୍ଡରେ କୁନି କୁନି ବାଛୁରୀ ର ହମ୍ବା ରଡି ଆଉ ଡିଆଁ ଡିଇଁ ରେ ସକାଳର ନୀରବତା ଭାଙ୍ଗି ଯାଏ। ବୁଢ଼ୀ ମା ଘର ଅଗଣା କୁ ଛାଡୁ ମାରୁ ମାରୁ ପୂର୍ବ ଦିଗକୁ ମୁହଁ କରି ହସ୍ତ ଯୋଡି ସୂର୍ଯ୍ୟ ଦେବତାଙ୍କୁ ସ୍ମରଣ କରୁଥାଏ। ଗ୍ରାମ ଦେବତୀଙ୍କ ସକାଳ ପୂଜା ପାଇଁ ଗୋସେଇଁ ମନ୍ଦିର ପାର୍ଶ୍ୱରେ ଫୁଲ ତୋଳୁଥାନ୍ତି। ସକାଳୁ ସକାଳୁ ବୁଢ଼ୀମା ନିଜ କୋଳରେ ଦୁଷ୍ଟ ନାତିକୁ  ଟୀକା ଦେଉ ଥାଏ। କୁନି ଛୁଆ ମଙ୍ଗୁ ଅର୍ଧ ନଗ୍ନ ଅବସ୍ଥାରେ ନାଲି ରଙ୍ଗ ଗ୍ଲାସ ରେ ପିଇ ମୁଢି ଭଜା ଖାଉଥାଏ । ପିଣ୍ଡାରେ ବସି ବେଳେବେଳେ ତା ନାକ ଗଙ୍ଗା ପୋଛି ପୁଣି

ଥରେ ମୁଢି ମୁଠାକୁ ମୁହଁରେ ଲଗାଉ ଥାଏ। ଗୃଷୀ ଭାଇ ଦୁଇରୁ ତିନ ପଣ ଛଣ ଘାସ ବଳଦଙ୍କୁ ଦେଇ ସେମାନଙ୍କ ଗଳାକୁ ଆଉଁସି ଦେଉଥାଏ।

ଓଃ ଗାଁ ର ସେ ଶୀତ ଦିନ, ଶୀତ ଦିନର କଅଁଳ ଖରାରେ ଗ୍ରାମବାସୀ ଏକାଠି ବସି ନିଆଁ ଜାଳିବାର ଦୃଶ୍ୟ। ଅଗ୍ନିପୂର୍ଣ୍ଣିମା ରେ କାଳୀସି ଲାଗିବାର ପର୍ବ। ଗ୍ରୀଷ୍ମ ପ୍ରବାହରେ କୁନି କୁନି ପିଲାଙ୍କର ନଦୀକ୍ରୀଡାର ଦୃଶ୍ୟ। ଆମ୍ବ ବଣରେ କୋଇଲି ନିଜ ମଧୁର କଣ୍ଠ ରେ ଗୀତ ଗାଉଥିବ। କେଉଟ ଭାଇ ମାଛ ଧରୁଥିବ। ମଝି ପୋଖରୀରେ  ମାଛରଙ୍କା ଚଢେଇ ଧ୍ୟାନମଗ୍ନ ଥିବ। ରଜ ଦୋଳି ,ଗୁଡ଼ି ଉଡା। ଏ ସବୁ ଦାସ ବାବୁଙ୍କ ଆଖି ଆଗରେ ଚଳଚିତ୍ର ପରି ଲାଗୁଥିଲା।

ଶୀତ ସକାଳର କଅଁଳ ଖରାରେ ଗାଁ ଦାଣ୍ଡ ହୋଇଉଠେ ବେଶ ସତେଜ । କୁହୁଡ଼ି ଭରା ସକାଳରେ ଗୁରିଆଡେ ଥାଏ ଖାଲି ଧୂଆଁ ଆଉ ଧୂଆଁ । ମନେ ହୁଏ ଧରିତ୍ରୀ ମା ଆଜି ଧଳା ଶାଢ଼ୀ ପରିଧାନ କରିଛନ୍ତି। ଘର ଅଗଣାର ଗେଣ୍ଡୁ ଫୁଲ, ତୁଳସୀ ଗଛ, ଘାସ ଉପରେ କାକର ବିନ୍ଦୁ ମାନେ କଅଁଳ ଖରାରେ ଚମକି ଉଠନ୍ତି ସତେ ଯେପରି ହୀରା ଛାଉଣୀ ହୋଇଯାଇଛି ଗୁରିଆଡେ। କୁହୁଡି ସାମାନ୍ୟ କମିଯିବା ପରେ ଗାଁ ମୁଣ୍ଡ ବରଗଛ ପାଖରେ ଟୋକା ଠୁ ବୁଢା ସମସ୍ତଙ୍କର ସମାଗମ।

ଚିର ସବୁଜିମା ରେ ପରିପୂର୍ଣ୍ଣ, ସୌନ୍ଦର୍ଯ୍ୟ ର ଗନ୍ତାଘର ସେହି ଗାଁ। ନଦୀ ତଟରେ ଖେଳୁଥିବା କାଶତଣ୍ଡି, ପଳାସର ଫୁଲ। ବିସ୍ତୀର୍ଣ୍ଣ ସବୁଜ କ୍ଷେତରେ ଖିଲି ଖିଲି ହସୁଥିବା ଧାନ ଗଛ। ପୋଖରୀ ହୁଡାରେ ଥିବା କଣ୍ଟେଇ ବାଉଁଶ ବଣ, ଶିଝୁ ବାଡ଼, ଆମ୍ବ ବଣ, ଆଖୁ କିଆରୀ ସଭିଙ୍କ ମନ ବିମୋହିତ କରୁଥିଲା। ସେହି ପ୍ରକୃତିର କୋଳରେ ଗାଁ ମାଟିରେ ଆମ୍ବ ଜମ୍ବୁ ବରଗଛ ମୂଳେ ପଥିକ କ୍ଲାନ୍ତ ହୋଇ ସାମାନ୍ୟ ବିଶ୍ରାମର ସୁଖ ସ୍ୱର୍ଗୀୟ ସୁଖ ପରି ଅନୁଭୂତ ହୁଏ। ଗାଁ କୁ ଲାଗିଥିବା ପାହାଡ଼ ବୁକୁରୁ ଛୋଟ ଝରଣାଟି ଗୀତ ଗାଇ ଗାଇ ବହି ଯାଉଥିବ। ଅନେକ ପକ୍ଷୀଙ୍କ କଳରାବ ଶୁଭୁଥିବ, ଅନେକ ଜାତି ର ଫୁଲ ଖେଳୁଥିବେ। ସେହି ଗାଁ ର ଭିଜା ମାଟିର ବାସ୍ନା ଆଜି ବି ଅନେକଙ୍କୁ ନିଜ ଜନ୍ମଭୂମିକୁ ଟାଣି ନିଏ।

ଆଉ ବାକି ରହିଲା ସଂଧ୍ୟା ସମୟ। ଗାଁ ର ସେହି ସନ୍ଧ୍ୟା ସମୟ ଅବର୍ଣ୍ଣନୀୟ। ସନ୍ଧ୍ୟା ର ଆକାଶ, ସନ୍ଧ୍ୟାର ରମଣୀ କବି, ଲେଖକଙ୍କ ତୁଳ ତାହା ଜୀବନ୍ତ ପରି ମନେ ହୁଏ। ଗ୍ରାମ ଦେବତୀ ସନ୍ଧ୍ୟା ଆଳତି ଦେଖିବା ପାଇଁ ମନ୍ଦିର ଆଖପାଖ ରେ ଗ୍ରାମବାସୀ ଙ୍କ ସମାଗମ ହୁଏ। ଶଙ୍ଖ ଆଉ ମୃଦଙ୍ଗର ନାଦ ରେ ଗାଁ ପ୍ରକମ୍ପିତ ହୋଇଉଠେ।

ଏତେ ସବୁ ପରେ ପରିଶେଷରେ ରେ ଡାକ୍ତର ଦାସ ବାବୁଙ୍କର ମନେ ପଡିଛି ତାଙ୍କ ମା କଥା। ଚ୍ଚରି ସନ୍ତାନ ମଧ୍ଯ ରୁ ଡାକ୍ତର ଦାସ ବାବୁ ଥିଲେ ସର୍ବ କନିଷ୍ଠ। ତାଙ୍କ ମା ଥିଲେ ନିରକ୍ଷର କିନ୍ତୁ ଶିକ୍ଷ୍ୟା ର ମହତ୍ତ୍ୱ ସେ ଜାଣିଥିଲେ। ଡାକ୍ତର ଦାସ ବାବୁ ଥିଲେ ମେଧାବୀ ଛାତ୍ର ଯାହା ଜଣା ଥିଲା ତାଙ୍କ ମା ଙ୍କୁ । ସେଥିପାଇଁ ତାଙ୍କ ପାଠପଢାରେ କୌଣସି ଅବହେଳା ହେଉ ତାହା ତାଙ୍କ ମା ଚ୍ଚାହୁଁ ନଥିଲେ।

ସେହି ମା ର ସ୍ନେହ, ପ୍ରେମ, ଶ୍ରଦ୍ଧା ଆଉ ସମର୍ଥନ ପାଇଁ ଡାକ୍ତର ବାବୁ ଆଜି ର ସମାଜ ରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି।

"ସାର ସାର... ଆପଣ ଏବେ ନୂଆଦିଲ୍ଲୀ ରେ ପହଞ୍ଚି ସାରିଛନ୍ତି" ଏମିତି କେହି ନିଜ ପାଖରେ ଛିଡା ହୋଇ ଚତ୍କାର କରୁଥିବାର ଶୁଣି ଡାକ୍ତର ଦାସ ବାବୁ ସାମାନ୍ୟ ଅନ୍ୟମନସ୍କ ହୋଇ ନିଜର ଉପସ୍ଥିତି କୁ ଜାହିର କରିଲେ। ଗାଁ କଥା ଭାବୁ ଭାବୁ କାହିଁ କେତେବେଳୁ ତାଙ୍କ ଆଖିରେ ନିଦ ଲାଗିଯାଇଛି।

ଗାଁ ଆଉ ମା କଥା ଭାବି ଦାସ ବାବୁଙ୍କ ଆଖି ରେ ଲୁହ ଆସିଯାଇଥିଲା। ମା ତାଙ୍କର ଆଜି ଆଉ ଏହି ଦୁନିଆ ରେ ନାହାଁନ୍ତି। ଅନେକ ବର୍ଷ ତଳେ ମା ତାଙ୍କୁ ଏକା ଛାଡି ଦେଇଛନ୍ତି ଏହି ସଂସାର ରେ ଆଉ ଦେଖେଇ ଦେଇଛନ୍ତି ଜିଇଁବାର ରାହା। ବିମାନରୁ ବାହାରି ଡାକ୍ତର ଦାସ ବାବୁ ସ୍ଥିର କରିସାରିଥିଲେ ଯେ କେଉଁ ଏକ ଦିନ ପାଇଁ ଗାଁ କୁ ସେ ଯିବେ ଆଉ ଗାଁ କଥା ବୁଝି ଆସିବେ।

ନଭି ମୁମ୍ବାଇ, ମହାରାଷ୍ଟ୍ର

# ପାରିବିନି ଭୁଲି



ପ୍ରଶାନ୍ତ କୁମାର ନାଥ

ଭଲପାଏ ତୋତେ ପାଉଛି ପ୍ରିୟାଲୋ
କେମିତି ଭୁଲିବି କହ
ମନପାଏ ମୋର ତୋପାଖରେ ବନ୍ଧା
ମୋପାଖରେଖାଲି ଦେହ ।

ମନଟାକୁ ଛାଡି ଦେହଟା ମୋହର
ପାରିବକି କହ ବଞ୍ଚି
ମନର ଭିତରେ ଅମାପ ପ୍ରେମକୁ
ତୋପାଇଁ ରଖିଛି ସଞ୍ଚି ।

ତୋ ପ୍ରେମ ବିହୁନେ ମୁଁପାଏ ନସ୍ତେଜ
ଏକଥା ଜାଣିଛୁ ତୁହି
ନଶ୍ୱାସ ପ୍ରଶ୍ୱାସ ଗ୍ୱଲୁଛି ମୋହର
ପ୍ରିୟାଲୋ ତୋହରି ପାଇଁ ।

ମୋ ଦେହର ପ୍ରତି ରକ୍ତ କଣିକାରେ
ତୋପ୍ରେମ ସଞ୍ଚରି ଅଛି
ମୋଅଙ୍ଗ ପ୍ରତ୍ୟଙ୍ଗ ତୋପ୍ରେମ ସ୍ପର୍ଶରେ
ସଜୀବ ସାଜି ରହିଛି ।

ପାରିବିନ ଭୁଲି ଥିଲେମୁଁ ଜୀବିତ
ମଲେବି ସାଥିରେ ଥିବି
ମରିଗଲା ପରେ ଆତ୍ମା ଆଇନାରେ
ଛବି ତୋର ଦେଖୁଥିବି ।

ବଡ୍ରାହାଲି,ସକାଲବାର୍ଗ୍ରେଡ୍,ଜିଗନହୋବଲି,
ଅନେକଲତାଲୁକ,ବାଙ୍ଗାଲୋର

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ **vedantimagazine@gmail.com** ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ତୁମରି ସ୍ମୃତିରେ......



ସିଦ୍ଧେଶ୍ୱର ତ୍ରିପାଠୀ

ଶିଖେଇ ଯାଇଛ ପ୍ରେମ ପରିଭାଷା
ସେବୁଠୁ ଝୁରୁଛି ସିନା
ଭୁଲିବାର କଳା ଥରେ କହିଯାଅ
ଜୀଇଁବି ମୁଁ ତୁମ ବିନା ।

ଯେଦିନ ଦେଖିଲି ଏଇମୋ ଆଖିରେ
ତୁମରି କୁଆଁରୀ ରୂପ
ଲକ୍ଷେ ଶ୍ରାବଣର ସପନ ଯା ଥିଲା
ଜୀବନକୁ ଅଭିଶାପ ।

ସେରୂପ ମୋ ପାଇଁ ଅବଶୋଷ ହେଲା
ତୁମ ବାଟ ମୋତେ ମନା
ଶିଖେଇ ଯାଇଛ ପ୍ରେମ ପରିଭାଷା
ସେବେଠୁ ଝୁରୁଛି ସିନା ।

ବସନ୍ତ ପରଶେ ଫଗୁଣ ବରଷେ
ମୋ ଜୀବନ କନ୍ତୁ ଫିକା
ତୁମେତ ସାଜିଛ ପରଦେଶୀ ଜହ୍ନ
ମୁଁ ଜଳୁଛି ଏକାଏକା ।

ଆଉକା ସପନ ନତି ସଜାଉଛ
ମୋ ମନକୁ କରି ଚୁନା
ଶିଖେଇ ଯାଇଛ ପ୍ରେମ ପରିଭାଷା
ସେବେଠୁ ଝୁରୁଛି ସିନା ।

କୁଣ୍ଡିଲୋ, କେରଙ୍ଗ, ଖୋର୍ଦ୍ଧା

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ଶୃଙ୍ଖଳା



ନବୀନ କୁମାର ପଧାନ

ତପନ ଶଶାଙ୍କ ଶୃଙ୍ଖଳତ ଭାବେ
ହୁଅନ୍ତି ଉଦୟ ଅସ୍ତ
ଶୃଙ୍ଖଳତ ଭାବେ ଋତୁ ପରେ ଋତୁ
ହୁଅନ୍ତି ପରିବର୍ତ୍ତିତ ‖
ଏହି ଆର୍ଯ୍ୟଭୂମେ ଗୁରୁକୂଳେ ଦିନେ
ଥିଲା ଶୃଙ୍ଖଳାର ଶିକ୍ଷା
ସନ୍ଦୀପନ ପାଖେ ଶ୍ରୀକୃଷ୍ଣ ନଅନ୍ତି
ଶୃଙ୍ଖଳାର ମହାଦୀକ୍ଷା ‖
ଶ୍ରୀରାମ ଲକ୍ଷ୍ମଣ ଗୁରୁକୂଳେ ରହି
ହୋଇଥିଲେ ଶୃଙ୍ଖଳତ
ସେ ଶୃଙ୍ଖଳା ଦୁବ, ଦ୍ରୁମ ରୂପ ନେଇ
କରାଏ ବିଶ୍ୱ ବିଦିତ ‖
ଶୃଙ୍ଖଳା ଥାଏଟି ହୃଦୟରେ ଯାର
ହୁଏ ଉତ୍ତମ ମଣିଷ
ବିଶୃଙ୍ଖଳତ ମଣିଷ ବିଶ୍ୱରେ
ସମାନ ପଶୁ ସହିତ ‖
ଶୃଙ୍ଖଳତ ବ୍ୟକ୍ତି ଏଇ ସମାଜରେ
ପାଏ ଅଶେଷ ସମ୍ମାନ
ଶୃଙ୍ଖଳା ବିହୀନ ମଣିଷ ତ ପାଏ
ବୃଥା କେତେ ଅପମାନ ‖

ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ,
ବାବୁପାସଡ଼, ବଲାଙ୍ଗୀର

# ପ୍ରତିଶୋଧ



ମହେଶ୍ୱର ସାହୁ

ଆକ୍ରମଣର ପ୍ରତି ଆକ୍ରମଣ ଓ ସତ୍ୟର ବିଜୟ ପାଇଁ ଅସତ୍ୟ ନୀତି ଆଦରିବା ଏଇ ମଣିଷ ସଭ୍ୟତାରେ ଏକ ପ୍ରକାର ପ୍ରସ୍ତୁତି ଅଟେ । କ୍ଳାନ୍ତ ମନ ଓ ଉଦାସିୟା ହୃଦୟ ମଣିଷକୁ ଦୁର୍ବଳ ଓ ରୋଗଗ୍ରସ୍ତ କରିଦିଏ । ମଣିଷ ବଞ୍ଚିବା ପାଇଁ କେତେକ ନୀତି ଓ ଆଦର୍ଶର ଦିଗ ଧାରଣ କରିଥାଏ । ଏଥିପାଇଁ ଆଜି ମଣିଷ ଶ୍ରେଷ୍ଠ ଜୀବ ହିସାବରେ ଦୁନିଆକୁ ନିଜ ଆୟତ୍ତରେ ରଖି ପାରିଛି । ଶ୍ରାବଣୀ ବହୁତ ଶାନ୍ତ, ସରଳ, ନିରୀହ, ଧୀର ଓ ନମ୍ର ସ୍ୱଭାବର ଝିଅଟିଏ। ଲେଖିବା ଓ ପଢିବା ସହିତ ରୁଚ ରଖିଥାଏ ବ୍ୟାୟାମ ଉପରେ । ସକାଳ ସୁରୁଜ ନ ଉଇଁବା ଆଗରୁ ଉଠି ନିଜର ନିତ୍ୟକର୍ମ ଭାବରେ ଅଧଘଣ୍ଟା ବ୍ୟାୟାମ କରେ । ବ୍ୟାୟାମ କରିବା ସହିତ ନିଜ ଘର ପାଖ ଉଦ୍ୟାନରେ ଟିକେ ବୁଲାବୁଲି କରିଥାଏ ।

ଆଜି ରବିବାର ବିଦ୍ୟାଳୟ ବନ୍ଦ ଥିବାରୁ ସକାଳେ ଉଠି ବ୍ୟାୟାମ କରି ଉଦ୍ୟାନକୁ ଯାଇଥାଏ। ଉଦ୍ୟାନର ଶୋଭା ଅତ୍ୟନ୍ତ ଆକର୍ଷଣୀୟ ହୋଇ ଥିବାରୁ ବହୁତ ଖୁସି ହୁଏ ଶ୍ରାବଣୀ ।

ସକାଳ ସମୟ ଶ୍ରାବଣୀ ପହଞ୍ଚି ଯାଇଛି ଉଦ୍ୟାନ ଭିତରେ ଓ ଦେଖି ପ୍ରବଳ ଭୟଭୀତ ହୋଇଗଲା । ଏକ ବିଶାଳକାୟ ସର୍ପ । ସର୍ପଟି ଉଦ୍ୟାନ ମଧ୍ୟରେ ବୁଲି ବୁଲି ଝିଣ୍ଟିକା, ବେଙ୍ଗ, ମୂଷା ଆଦି ପ୍ରାଣୀ ମାନଙ୍କୁ ଆହାର ରୂପେ ଗିଳ ଗ୍ଲିଛି । ଶ୍ରାବଣୀ ଦେଖିଲା ସର୍ପଟି ବଡ଼ ଭୟଙ୍କର ଓ ବିଶାଳକାୟ ମଧ୍ୟ । ପାଖରେ ପଡିଥିବା ଏକ ବାଉଁଶ ବାଡ଼ି ଧରି ଆଘାତ କରିଥିଲା ସର୍ପ ଉପରେ । ସର୍ପ ନିଜର ଫଣା ଉଠେଇ ବହୁତ ଗର୍ଜନ କରି ମୁଖରୁ ବିଷ ଉଦ୍ଗାର କରିବାରେ ଲାଗିଲା । ଶ୍ରାବଣୀ ନିଜ ହୃଦୟରେ ସାହସ ବାନ୍ଧି ପୁଣି ଆଘାତ

କରିବାରେ ଲାଗିଲା । ଏମିତି ଦେହ ସାରା ନିର୍ଘାତିଆ ପ୍ରହାର ଯୋଗୁଁ ସର୍ପଟି ମୃତ୍ୟୁ ମୁଖକୁ ଯାଇଥିଲା । ଶ୍ରାବଣୀ ଶେଷରେ ଘରକୁ ଦଉଡି ଦଉଡି ପଳେଇ ଆଇଲା । ଘରେ ଆସି ବାପା ମାଆ ଓ ଅନ୍ୟ ସଦସ୍ୟ ମାନଙ୍କୁ ଘଟଣା ସମ୍ପର୍କରେ ଜଣେଇବାରୁ ସମସ୍ତେ ଶ୍ରାବଣୀ ସାହସକୁ ବହୁତ ଶାବାସୀ କରିଥିଲେ ।

ଶ୍ରାବଣୀ ବିନା ଦୋଷରେ ବିଶାଳ ଗୋଖର ସର୍ପକୁ ହତ୍ୟା କରିଥିଲା ସତ୍ୟ ହେଲେ ତାର ମନ ସବୁବେଳେ ଅଶାନ୍ତି ରହୁଥାଏ । ମନେ ମନେ ଭାବେ ମୁଁ ନିର୍ଦୋଷରେ ସର୍ପଟିକୁ ହତ୍ୟା କରିବା ମୋର ବହୁତ ବଡ଼ ଭୁଲ ଓ ମୁଁ ବଡ଼ ଅନ୍ୟାୟ କଲି । ଏମିତି ନିଜର ହୃଦୟରେ ସବୁବେଳେ ଅନୁତାପର ଅନଳ ପ୍ରଜ୍ୱଳିତ ହୋଇ ଜାଳୁଥାଏ ।

ଲୋକେ କୁହନ୍ତି କୌଣସି ସର୍ପକୁ ହତ୍ୟା କରିବା ପରେ ତାର ଶବକୁ ପୋଡି ଦିଅ, ନ ହେଲେ ତାର ଆଖିକୁ ନଷ୍ଟ କରିଦିଅ । ହେଲେ ଶ୍ରାବଣୀ ସର୍ପଟିକୁ ହତ୍ୟାକରି ଉଦ୍ୟାନ ମଧ୍ୟରେ ଛାଡି ଆସିଥାଏ ।

ସର୍ପଟି ମରିବା ପରେ ତାର ଯୋଡି ସର୍ପ, ଶବ ପାଖରେ ପହଞ୍ଚି ଯେତେବେଳେ ଅଘଟଣ ଦେଖିଲା ବହୁତ ଦୁଃଖ ପ୍ରକାଶ କଲା । ଶବରୁ ଦୁର୍ଗନ୍ଧ ବାହାରିବା ଯାଏ ଶବ ପାଖରେ ଜଗି ରହି କାନ୍ଦିବାରେ ଲାଗିଲା । ହେଲେ ମରିଥିବା ପ୍ରାଣୀ କେବେ ଜୀବନ୍ତ ହୁଏ ନାହିଁ । ଥରେ ଶରୀରରୁ ପ୍ରାଣ ବାୟୁ ଉଡ଼ିଗଲା ପରେ ଆଉ କେବେ ଫେରି ଆସେନା । ସେମିତି ଯୋଡି ସର୍ପଟି ଶବଟିକୁ ଜଗି ଜଗି ଶେଷରେ ଅତ୍ୟନ୍ତ କ୍ରୋଧନ୍ୱିତ ହୋଇ ଶବର ଆଖିକୁ ଦୃଷ୍ଟି ଗୋଚର କଲା । ସେ ଯେତେ ନିରକ୍ଷଣ କରୁଥାଏ ତାକୁ କେବଳ କୌଣସି ଏକ ମଣିଷ, ଯିଏ କି ଜଣେ ଝିଅର ବାଉଁଶ ବାଡ଼ିରେ ପ୍ରହାର ଘାତର ଛବି ଦୃଶ୍ୟମାନ ହେଉଥାଏ । ଏମିତି ବହୁତ ସମୟ ଧରି ନିରୀକ୍ଷଣ କଲା ପରେ ନିଜ ହୃଦୟକୁ ପ୍ରତିଶୋଧର ଶାନ୍ତି ଉନ୍ମେଚିତ ହୋଇଥିଲା । ନାଁ ନାଁ ଚକ୍ଷୁର ଲୋତକ ନିମିଶ ମାତ୍ର ଓ ହୃଦୟରୁ କାଢ଼ି ଦେଇଥାଏ ଦୁଃଖ ଓ ଗ୍ଲାନିର ଭାବନା । ସେମିତି ଯୋଡି ସର୍ପଟି ଏବେ ଜାଣିପାରିଲା ଯେ ନିଜକୁ ଦୁଃଖରେ ମ୍ରିୟମାଣ କରି ତିଳ ତିଳ କରି ଜାଳିବା ଅପେକ୍ଷା ପ୍ରତିଶୋଧ ନିତ୍ୟାନ୍ତ ଆବଶ୍ୟକ । ହଁ ମୋ ପ୍ରାଣ ପ୍ରିୟାର ହତ୍ୟାରୀଠୁଁ ମୁଁ ପ୍ରତିଶୋଧ ନେବି । ଫଁ ଫଁ ଗର୍ଜନରେ

କମ୍ପିଯାଉଥାଏ ଉଦ୍ୟାନ । ଉଦ୍ଗାର କରୁଥାଏ କାଳ କୂଟ ଜହର । କାଳ କୂଟ ଜହରରେ ଭସ୍ମ ହୋଇଯାଉଥାଏ ଆଖ ପାଖର କୀଟ ପତଙ୍ଗ ।

ଯୋଡି ସର୍ପଟି ଏବେ ଚଢ଼ିବାକୁ ଇଛା କଲ୍ କଏ ସେ ମଣିଷ । କଏ ସେ ନାରୀ ଯିଏ କ ପାପୀ ଓ ହତ୍ୟାକାରୀ । କଏ ସେ ମୁଢ଼ମତି ଦୁର୍ମତି । ଛାଡ଼ିବି ନାହିଁ ତାକୁ ନିଶ୍ଚୟ ତାର ପ୍ରତିଶୋଧ ନେବି । ଏମିତି ଭାବି ଯୋଡି ସର୍ପଟି ଆଗକୁ ଆଗକୁ ମାଡି ଗଲିଲ୍ ଯେଉଁଠି ଶ୍ରାବଣୀର ଘର ।

ଆଜି ସକାଳେ ଶ୍ରାବଣୀ ବଡୀ ଭୋରୁ ଉଠି ମୁହଁ ଧୋଇ ବ୍ୟାୟାମ କରିବାକୁ ଯାଇ ଦେଖେତ ଗୋଟିଏ ବିଶାଳ କାୟ ସର୍ପ । ତାର ମନେ ପଡି ଯାଇଥିଲ୍ ସେଇ ଦିନର କଥା ଯେଉଁଦିନ କ ଉଦ୍ୟାନରେ ଏକ ସର୍ପକୁ ସେ ନିର୍ମମ ଭାବରେ ବାଡେଇ ବାଡେଇ ହତ୍ୟା କରିଥିଲ୍ । ସେ ସର୍ପଟିତ ମରିଯାଇଛି ହେଲେ ଏଇଟା ପୁଣି କଏ । ମନରେ ଟିକେ ଭୟ ଆଉ ଥିଲ୍ ହେଲେ ସର୍ପଟି ଅନ୍ତର୍ଧ୍ୟାନ ହେଲ୍ ଭଳ କୁଆଡେ ଉଭେଇ ଯାଇଥିଲ୍ ।

ଏମିତି ଶ୍ରାବଣୀ ବାରମ୍ବାର ସର୍ପଟିକୁ ଦେଖୁଥାଏ ହେଲେ ଶ୍ରାବଣୀ ଆଘାତ କରୁନଥାଏ କ କରିବାକୁ ଚେଷ୍ଟା କରୁନ ଥାଏ । ଶ୍ରାବଣୀ ଆଜି ସ୍ୱପ୍ନ ଦେଖୁଛି, ଏକ ଅଜବ ସ୍ୱପ୍ନ ଓ ସ୍ୱପ୍ନରେ କେବଳ ତାକୁ କେହି କହୁଛି ପ୍ରତିଶୋଧ ନେବି । ଏବଂ ସ୍ୱପ୍ନରେ ସର୍ପ ଦର୍ଶନ ମିଳୁଛି ।

ଶ୍ରାବଣୀ ନିଜର ମନର କଥା ନିଜ ବାପା ଓ ମାଆଙ୍କୁ ଜଣେଇବାରୁ ବାପା ଓ ମାଆ ବୁଝେଇ କହିଲେ ବ୍ୟସ୍ତ ହେବାର କିଛି ନାହିଁ । ତୁ ସେ ସର୍ପଟିକୁ ହତ୍ୟାକରି ବହୁତ ଦିନ ବିତି ଯାଇଛି । ହେଲେ ତୁ ସେଇକଥାକୁ କାହିଁକି ବାରମ୍ବାର ପୁନରାବୃତ୍ତି କରୁଛୁ । କୌଣସି କଥାକୁ ପୁନରାବୃତ୍ତି କଲେ ନିଜକୁ ଓ ନିଜ ହୃଦୟକୁ ଆଘାତ ମିଳଥାଏ । ତେଣୁ ତୁ ସେ ସବୁ ନିଜ ମୁଣ୍ଡକୁ ନ ନେଇ ନିଜ ପାଠ ପଢ଼ାରେ ବ୍ୟସ୍ତ ରହିଲେ ତୋର ମଙ୍ଗଳ । ଏମିତି କହି ବାପା ବଳରାମ ବାବୁ ଶ୍ରାବଣୀକୁ ବୁଝେଇ ଦେଲେ ସିନା ମାଆ ମନ ମାନୁଛି କୁଆଡୁ । ମାଆ ସୁଲୋଚନା କହିଲେ "ହେଇଟି ଶୁଣୁଛ ! ତମେ ଟିକେ ଯାଇ ଗୁଣିଆକୁ

ଦେଖା କରି କୁହ ନା, କାହିଁକ ସେ ସର୍ପଟି ଆମ ଝିଅ ପଛରେ ପଡିଛି ।" ବଳରାମ ବାବୁ ହଁ କହିଦେଇ ଆଖ ପାଖରେ ସର୍ପ ବିଷ କାଟି କରୁଥିବା ଜଣେ ତାନ୍ତ୍ରିକ ଗୁଣିଆକୁ ଦେଖା କରି ସବୁ କଥା କହିଲେ । ଗୁଣିଆ ସବୁ କଥା ଶୁଣି ସର୍ବଶେଷରେ କହିଲା ଯେଉଁ ସର୍ପକୁ ତୁମ ଝିଅ ହତ୍ୟା କରିଛି ସେଇ ସର୍ପର ଯୋଡି ସର୍ପ ତମ ଝିଅର ଜୀବନ ନେବାକୁ ବସିଛି, ହେଲେ ତମ ଝିଅକୁ ସେଥିରୁ ବଞ୍ଚେଇବା କଷ୍ଟ ସାଧ୍ୟ । ତମେ ସେ ମାରିଥିବା ସର୍ପକୁ ଯଦି ପୋଡି ଦେଇଥାନ୍ତ କି ଜାଳ ଦେଇଥାନ୍ତ ତେବେ ଏଇ ଦୁର୍ଦ୍ଦଶା ତୁମ ଉପରକୁ ଆସିନ ଥାନ୍ତା । ହେଲେ ଏଇ ସର୍ପଟି ଯଦି ମରିଥିବା ସର୍ପର ଯୋଡି ସର୍ପ ହୋଇ ଥାଏ ତେବେ ମୁଁ ତମ ଝିଅକୁ ବଞ୍ଚେଇ ପାରିବି ନାହିଁ । ମୋତେ କ୍ଷମା କର !

କିନ୍ତୁ ମୁଁ ଗୋଟେ ସର୍ପଭୟ ନିବାରକ ପାଉଁଜି ଦେଉଛି ତୁମେ ନେଇଯାଅ ଓ ତୁମ ଝିଅ ଗୋଡ଼ରେ ବାନ୍ଧି ଦିଅ । କାରଣ ଏଇ ପାଉଁଜି ଶବ୍ଦରେ କୌଣସି ସର୍ପ ପାଖକୁ ଆସିବେ ନାହିଁ । ବଳରାମ ବାବୁ ତାନ୍ତ୍ରିକ ପାଖରୁ ଫେରି ଝିଅ ଗୋଡ଼ରେ ପାଉଁଜି ବାନ୍ଧିଦେଲେ । ଏବେ ସେଇ ପାଉଁଜି ଶବ୍ଦ ଯୋଡି ସର୍ପ ପାଇଁ କାଳ ସାଜିଲା । ଶ୍ରାବଣୀ ପାଖକୁ ପହଞ୍ଚିବା ତା ପାଇଁ କଷ୍ଟ ସାଧ୍ୟ ହେଲା । କେମିତି ପ୍ରତିଶୋଧ ନେବ ଭାବିବାରେ ଲାଗିଲା ।

ଏବେ ଯୋଡି ସର୍ପଟି ସୁବିଧା ଓ ସୁଯୋଗ ଖୋଜିବାରେ ଲାଗିଲା । ଯେତେବେଳ ସୁଯୋଗ ମିଳିବ ନିଶ୍ଚୟ ଆକ୍ରମଣ କରିବ ବୋଲି ଆଗ୍ରହ ଓ ଇଚ୍ଛାରେ ଘୁରି ବୁଲିଲା ପାଖେ ପାଖେ, ହେଲେ ଆଉ ଦେଖା ଦେଲା ନାହିଁ ଶ୍ରାବଣୀକୁ । ଶ୍ରାବଣୀ ଏବେ ଚିନ୍ତା ମୁକ୍ତ । ଏମିତି ବର୍ଷ ବର୍ଷ ବିତିଗଲା । ଆଉ ସର୍ପର ଦର୍ଶନ ନ ମିଳିବାରୁ ଶ୍ରାବଣୀ ନିଜ ପାଦର ପାଉଁଜି ଖୋଲି କାଢି ଦେଇଥିଲା । ଆଉ ସେ ମଧ୍ୟ ଭୁଲି ଯାଇଥିଲା ଯେ କି ତାକୁ କେହି ସର୍ପ ଦଂଶନ କରିବାକୁ ଚାହୁଁଥିଲା । ଏଇ ପରିପ୍ରେକ୍ଷୀରେ ଶ୍ରାବଣୀର ଏକ ଉତ୍ତମ ବର ସହିତ ବିବାହ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ପଙ୍କଜ ସହିତ । ବିବାହ ମଧ୍ୟ ସରିଯାଇଥାଏ ଏକ ଅଜଣା ସହରରେ ହେଲେ ଯୋଡି ସର୍ପଟି ଚତୁର୍ଥୀ ସରଞ୍ଜାମ ପଠା ଯାଇଥିବା ଗାଡ଼ିରେ ଲୁଚ କରି ରହିଥିଲା ।

ବିବାହ ପରେ ବାପା ପଠେଇଥିବା ଚତୁର୍ଥୀ ସରଞ୍ଜାମ ସହିତ ନଜର କାଳ ହୋଇ ଯୋଡି ସର୍ପଟି ଯାଇ ପହଞ୍ଚି ଯାଇଥିଲା ସେଇ ଶ୍ରାବଣୀର ଶଶୁର ଘରେ । ସେଠାରେ ମଧ୍ୟ ସୁରକ୍ଷିତ ପହଞ୍ଚି ଅପେକ୍ଷା କରିଥିଲା ଶ୍ରାବଣୀର ବାସର ରାତିର ସେଜକୁ । ଜୀବନ କୌଣସି ଏକ ଭୁଲ ସବୁବେଳେ ନଜ ପାଇଁ କାଳ ହୋଇ ଘୁରିବୁଲିଥାଏ । ସେମିତି ଶ୍ରାବଣୀ ପାଇଁ କାଳ ହୋଇ ଘୁରିବୁଲୁଥିଲା ଯୋଡି ସର୍ପ ।

ଶ୍ରାବଣୀର ଆଜି ବାସର ରାତି । ବାସର ରାତିରେ ଅଜଣା ସ୍ୱପ୍ନରେ ମଜି ଯାଇଥାଏ ଜଣେ କୁମାରୀ । ନଜ ଜୀବନ ଓ ଯୌବନର ପରିପକ୍ୱତାକୁ ଏହି ରାତିର ମାଦକତାରେ କୌଣସି ପୁରୁଷ ଓ ନାରୀ ମ୍ରିୟମାଣ କରି ଏକ ଅପୂର୍ବ ଶାନ୍ତିର ଆଲୋକ ଖୋଜିଥାଏ । ଖୋଜିଥାଏ ଏକ ନଆର୍ ଖୁସି ଓ ତୃପ୍ତି । ହେଲେ ଶ୍ରାବଣୀ ଏହି ଖୁସିର ସନ୍ଧାନରେ ରହିଥାଏ ।

ରାତି ହେଲା । ଯୋଡି ସର୍ପଟି ଧୀରେ ଧୀରେ ଯାଇ ବାସର ରାତିର ସେଜ ପାଖରେ ପହଞ୍ଚି ଗଲା । ଯେତେବେଳେ ବର ବଧୂ ମିଳନର ସମୟ ଉପନୀତ ହେଲା ସେଇ ସମୟରେ ଶ୍ରାବଣୀକୁ ଦଂଶନ କରିଥିଲା ଯୋଡି ସର୍ପ । ବାରମ୍ବାର ଚ୍ଛେଟ ମାରି ଗ୍ଭଲିଥିଲା ଶ୍ରାବଣୀ ପାଦକୁ । ମୁହୂର୍ତ୍ତକ ମଧ୍ୟରେ ପ୍ରାଣତ୍ୟାଗ କରିଥିଲା ଶ୍ରାବଣୀ ।

ଯୋଡି ସର୍ପଟି ପ୍ରତିଶୋଧ ପରାୟଣ ହୋଇ ନଜ ଯୋଡିର ହତ୍ୟାକରିକୁ ଏମିତି ସମୟରେ ଦଂଶନ କରିଥିଲା ଯାହାଦ୍ୱାରା ସେ ମଧ୍ୟ ଯୋଡି ହୀନ ହୋଇଯାଇଥିଲା ସବୁଦିନ ପାଇଁ...

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ,
ବାଲେଶ୍ୱର(ଭଦ୍ରକ)

# ମାଁନୁ ମାଟିକେ



ଫିରୋଜ କୁମାର ପଟେଲ

ଆକାଶର ନଲିଆ ଶାଢ଼ୀ ନ ଲଟକ ଥିବା ତର୍
ପ୍ରେମିକାର୍ ଗୁଲାପୀ ଉଢ଼ନ ହଇଥିବା ମହୁଝର୍
ହେଲେଁ ଲ୍ଡ ପାଏମି କାହିଁ...
ମୋର ମାର୍ ଚର୍ ପଣତର ସରି କେହି ନାଇଁ ।

ଭମର ଲ୍ଗି ଭରିଥିବା ମାଳତୀ ଫୁଲେ ରସ
ଢଳଆ ଖୁସାନୁ ଝରିଥିବା ମଳଫୁଲର ବାସ
ମୋର ମନ ନାଇଁ ପାରେ ଘିନ
ରନ୍ଧା ଘରେ ମାଁର ଲେଥା ପରଝା ମନକେ ନେସି ଟାନ ।

ଯୌବନ ଲ୍ଗି ମୁନୁଷ ମନେ ସପନ ଅତାଳତାଲ୍
ବେଲ ଢଲକଲେ ଅପାରୁ ବୟସ ପିନ୍ଧା।ବା ବରନମାଲ୍
ଚର ଯୌବନର ସପନ ସେଥୁଆ
ମା ଆଖି ଥୁଆ କାଲ୍ ଭେଦା- ବର ମାର୍ ଲ୍ଗି ପୋ ଛୁଆ ।

ପାଗ ବଦଲତେ ଟେଟଙ୍ଗା ରୂପ ବଦଲେଇ ଦେସି
ଜୀବନ ନଦୀ ଆଖଲ୍ ବଏଢ଼ ଥି ଚହ୍ଣା ଅଚହ୍ଣା ହେସି
ଦେଖ ବିଧାତାର ଖେଳ
ମା ଜଖେଇ ହେଲେ ବି ପୋ ନେ ମନ କରିଥିସି ମେଳ ।

ଦଶ ମାସ ଦଶ ଦିନର ସେ ଅବେଳର୍ ଦରଦ
ମାଁ ମନର ମମତା ଗଙ୍ଗାକେ
କାହୁଁ ବୁଝବା ମରଦ
ସହନଶୀଳା ଗୋ ତୁଇ
ପାଁଚ ମହାଭୂତରୁ ବଳଭି ତୋର୍ ସଂଗେ ସରି ନାଇଁ ।

ଅଧା ର୍‌ତି ଯେବେ ଦିହେଁ ଡପକୁ ଥି୍ସି ଜର
ମାର୍ ଧର୍‌ତନ୍ଦ୍ରାଥି୍ ଉଠସି ପଡ଼ସି ଘର
ଦେଖ ମମତାର ଡୋର
ନସି ଗଲେ କାଣା ସୁଖି୍ ଜୀବନେ, ମା ଆଏସି ସୋର ।

କସମସେଇ ପକାସି ସେ ମୋର ନାକୁ ସିଂହନ ଝରଲେ
ଭେ୍ ଭେ୍ ହଇ କାନ୍ଦି ପକାସି ମୋର ଆଣ୍ଠୁ ନୁ ଲହୁ ଗଡ଼ଲେଁ
ଆହା... କେଡେ ତାର ମନ
ଦୁନଆଁସାର୍ ହେଉପଛେ ମାର୍ ମାର୍ ଲ୍‌ଗି ପୋ ଜନ୍ ।

ମୋର ଉଆଁସ୍ କଟୁବଲି-ମାଁର ଦିଆ ଜଲ୍ ମୁଇଁ ଦେଖି୍ଛେ
ମୋର ସପନ ଫଲୁ ବୋଲି- ମାଁ ର ପାଏନ ଢଳା ମୁଇଁ ଦେଖି୍ଛେ
କବିତା ନ ନାଇଁ ହୁଏ କହି
ମା ଶବଦକେ ଚହ୍ନିବାର୍କେ କାଁଜେ କଲମେ ତାକତ ନାଇଁ ।

ଅବୁଝା ଚେହେର୍‌କେ ମୋର ବିର୍ଝୁ ଥି୍ସି ସେ
ଦରଦର ଅନ୍ଧରେ ଭି ମୋର ଲ୍‌ଗି ସପନ ଦେଖୁଥି୍ସି ସେ
ଇ ଭ୍‌ବ ପାଏମି କାହିଁ
ଦୁନଆଁ ପାଖେ କେ, ମାଁ ପାଖେ
ମାଁ ଲେଖେ କେହି ନାଇଁ ।

ମାଁକେ ଜାନ କ ମାଏଟକେ ଜାନ କେଭେ ନାଇଁ କରନ୍ ପର
ମାଁ ନୁ ଜନମି ମାଁ ମାଟି ମୁନୁଷ, ବନାସି ସପନର ଘର
ମହାପୁରୁ, ଏତକ କୃପା କର..
ମାଟିନେ ମିଶବାର୍କେ ମା'ର୍ କୂଳେ ଜନମ ଦେବୁ ଥର ଥର ।

ସୁନ୍ଦରଗଡ, ଓଡିଶା

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।
ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।

# ଅଧୁରା ପ୍ରୀତି....



ଅନଙ୍ଗ ମଞ୍ଜରୀ

ତୁ ମୋ ପାଇଁ ଥିଲୁ ଏକ ଅଜୁହା ଅନସୁନ।
ନା ଥିଲା କିଛି ନାମ ଆଉ କିଛି ପରିଚୟ।
ଦୀନ ଗଡିଲା ରାତି ବି କଟୁଥିଲା ସମୟ  ରେ।
ଆସିଲା ଫଗୁଣ ର ପ୍ରଥମ ଦିନର ନିରବତା।
ତୁଟିଲା କିଛି  ଆଗେ ବଢିଲା  ତୋର ମୋର ସାଥୀ।

ରାସ୍ତା ର ଦୂରତା ରେ ମାପୁଥିଲେ ଦୂରତାକୁ।
ଧୀରେ ଧୀରେ ଜଣେ ଜଣକୁ ରେ ପରଖି ଲେ ।
ଦୂରତା ଘଟିଲା ଦ୍ୱିପ୍ରହର ର ମୋ  ସହର ରେ
କିଛି କଥା ଥିଲା ତୋର ପୁଣି କିଛି ଥିଲା ମୋର।
ସନ୍ଧ୍ୟା ଆସି ପ୍ରାଙ୍ଗଣ ରେ ବିରାଜି ହେଲା ବିଦାୟ।

ଗଡିଲା ରାତି ପାହିଲା ରଜନୀ ସ୍ମୃର୍ତି ହେଲା
ଦୌଡ ବଢିଲା ଗାଡି ଛୁକ୍ ଛୁକୁ ଚାଲିଲା।
ମୁଲାକାତ ବଢିଲା ମନର ଦୂରତା କମିଲା।
ଜଣେ  ଜଣ କୁ ପରଖି ବାରେ ଲାଗିଲେ।
ଆଲୁଅ ଭିତରେ କିଛି ଅନ୍ଧକାର ଛାଇ ମଣ୍ଡରୁଥିଲା।

ନିର୍ଜନ ଦ୍ୱୀପ ର ବିଳାସ ପାଠ ସ୍ମୃ  ତି ଜାଗ୍ରତ ହେଲା।
ଯେପରି ବହୁଦିନରୁ ସୁଖା  ତରୁ ଖୋଜି ଚାଲିଛି।

ତାର ଅତୀତ କୁ ସ୍ୱପ୍ନରେ ଖୋଜିବୁଲୁଛି।
ଆଶ୍ରା ରେ ବୁନ୍ଦୁ ବୁନ୍ଦୁ ନୀର ଭେଦି ଯାଉ ଓଠକୁ।
ଗ୍ବତକ ର ତୃର୍ଷ୍ଣା ମେଣ୍ଟାଇ ବହି ଯାଉ ହୃଦେ।

ପରିବାର ଅର୍ଥଶାସ୍ତ୍ର ରେ ବାନ୍ଧି ଥିବା ପରି କୁ।
ପରି ଟିଏ ପରି ପାଳଥିଲ୍ ସଯୋଉଥିଲ୍ ହୃଦରେ।
ହୃଦୟ ଦେଇ ଭଲ ପାଇ ଥିଲ୍ ମନର ଉପବନରେ।
ପ୍ରେମ ଆଉ ଭ୍ଵବ ସୁନ୍ଦର ଭ୍ଵବରେ  ଗଢି ଗ୍ବଲିଥିଲ୍।
ଘନ ବାଦଲ ଆସିଲ୍ ଏପରି ଧୋଇ ଗଲ୍ ସବୁ ସ୍ୱପ୍ନ।

କାଲି ପରି ଲ୍ବଗୁଛି ତୋ ଭ୍ଵବ ଆଉ ପ୍ରୀତି।
କେତେ ସ୍ୱପ୍ନ ରେ ଗଢ଼ିଥିଲୁ ଏ ସୁନାର ସଂସାର।
ବୁଝି ଲୁନ ତୁ ନା ବୁଝି ପାରିଲି  ଜିଦି କରି ବସିଲେ।
ସ୍ୱପ୍ନ ସବୁ ହେଲ୍ ପାଣି ର ଫୋଟକା ପରି।
କେବେ ଦୁହେଁ ବୁଝିବ ଏ ନୀରବ ତାର ମହିମା ପୁଣି।

ପାଉ ନାହିଁ ବନ୍ଧୁ ତୋର ଏହି ମାପ କାଠି।
କେବେ ଯଦି ଯାଦୁ ର ଛଡି ପାଇଯିବି ମୁହିଁ।
ତୋ ପାର୍ଶେ ଦେବି ମୁହିଁ ପଠାଇ।
ହୋଇ ଯିବ ତୋ ପ୍ରୀତି ର ପୁରୁଣା ସ୍ଵପ୍ନ  ପୁରୀ।
ଅଧୁର୍ବ କାମ ଛାଡି ଯିବୁ ସ୍ୱପ୍ନ ପୁରୀ।

ହାଇଦର୍ବାଦ

# ସାର୍ଥକ ଜୀବନ



ଅମ୍ବିକା ସ୍ୱାଇଁ

ଜୀବନ ଜିଇଁବା ନୁହଁଇ ସହଜ
ଦୁଃଖ, ସୁଖର ଜୀବନ
ସଫଳତା କୁ ଛୁଇଁବାକୁ ହେଲେ
ଭାଙ୍ଗିଦେବା ନାହିଁ ମନ ।

କଠିନ ପଥର ଯାତ୍ରୀ ଏ ମାନବ
ଆଗକୁ ଆଗେଇ ଯିବା
ଯେତେ ବାଧା ବିଘ୍ନ ଆସୁ ଜୀବନ ରେ
ସହି ବାଟ ଚାଲୁ ଥିବା ।

ଜୀବନ ର ପଥ ଅଟେ କଣ୍ଟକତ
ଆଡେଇ ଚାଲିବା ଆଗେ
ଯଦି ଫୁଟି ଗଲ୍ ଗୋଡ଼ରେ କଣ୍ଟା
ଧିରେ କାଢି ଦେବା ବାଗେ ।

ତେବେ ହିଁ ଜୀବନ ସାର୍ଥକ ହୋଇବ
ଦୁଃଖ, ସୁଖ ସମାହାରେ
ଖଟା, ମିଠା ପରି ସବୁ ର ସ୍ୱାଦ କୁ
ଚାଖି ବଞ୍ଚିବା ଜୀବନ ରେ ।

ଭାଙ୍ଗି ପଡିବାନ ଦୁଃଖରେ ଆମେ
କରି କରୁଥିବା କର୍ମ
ଭଲ, କର୍ମ ଗୁଣେ ସମୟ ସାଥୀ ରେ
ଆସି ଦେଖା ଦେବ ଧର୍ମ ।

ମାନବ ଜୀବନ ସବୁ ଠାରୁ ଶ୍ରେଷ୍ଠ
ଏକଥା ରଖିବା ମନେ
ଭଲ କାମ କରି ସଂସାର ରୁ ଗଲେ
ଝୁରୁ ଥିବେ ସଦା ଜନେ ।

ଶ୍ୟାମପୁର, ଭୁବନେଶ୍ୱର

**"ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥରରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ**

# ଆମେ ଓଡିଆ, ଆମ ଭାଷା ବଢିଆ



କେଶରୀ ପ୍ରସାଦ ମହାନ୍ତି

ଇତିହାସ ଏକ ଦୂର ଦିଗବଳୟରୁ ଧୂସର ଶ୍ୟାମଳ ଦିଶୁଥିବା ପାଉଁସର ସ୍ତୁପଟିଏ । ଏହି ସ୍ତୁପ ତଳେ ଲୁଚଥାଏ କେଇ କଥା, ଗାଥା, ବ୍ୟଥା ପୁଣି କବିତା । ସୃଷ୍ଟି ଅକ୍ରୁର ଆଦ୍ୟରୁ ଆଜିଯାଏ ନରବଦ୍ରଷ୍ଟା ସାଜି ସୂଚନାର ସ୍ରୋତ ପାଲଟିଛି ଇତିହାସ ।

ଆନ୍ଧ୍ର, ଓଡ୍ର, କଳିଙ୍ଗ ପୁଣି ଉତ୍କଳ ପରେ ରୁପାନ୍ତରିତ ହେଲା ଓଡିଶା । ମାଗଧୀ, ଅର୍ଦ୍ଧମାଗଧୀ, ସଂସ୍କୃତର ଅଦ୍ଭୁତ ସମନ୍ୱୟରୁ ଜନ୍ମ ନେଇଥିଲା ଓଡିଆ । ଓଡିଆ ଭାଷା କହୁଥିବା ଲୋକଙ୍କ ଆବେଗତାକୁ କେନ୍ଦ୍ରକରି ଜନ୍ମ ନେଇଥିଲା ଓଡିଶା । ଏହି ଓଡିଶାର ମାଟି ତ୍ୟାଗର ମାଟି, ବୀରତ୍ୱର ମାଟି, ଗୌରବର ମାଟି । ଚଣ୍ଡାଶୋକ ରୁ ଧର୍ମାଶୋକ ସଜାଇ ବୁଦ୍ଧଂ ସରଣଂ ଗଚ୍ଛାମି ଧ୍ୱନ କୁ ନନାଦିତ କରି ଅଶୋକଙ୍କୁ ମନ୍ତ୍ରିତ କରିଥିଲା "କାମନାର ବିନାଶରେ ଦୁଃଖର ବିନାଶ" । ଓଡିଶା ମାଟିର ବକ୍ଷରେ ସଂଘଟିତ ହୋଇଛି ଅନେକ ରକ୍ତପାତ । ବୀର ପ୍ରସାବିନୀ ଉତ୍କଳ ବହୁବାର ତକମକ ରକ୍ତରେ ରୁଧିରସ୍ନାତା । ହେଲେ, ଏ ସଂଘର୍ଷ କାହାପାଇଁ**?** ବ୍ୟକ୍ତି ପାଇଁ**?** ନା ଭାଷା ପାଇଁ**?** ନାଁ ଭୂମି ପାଇଁ**?**

ଆମେ ଜଣୁ ବ୍ୟକ୍ତି ଓ ଭୂମି ପରସ୍ପର ଐକ୍ୟ । ହେଲେ "ଭାଷା ବିନା ଯେ ସଭ୍ୟତା ସ୍ଥାପନ ସମ୍ଭବ" କହିବା ଅସଙ୍ଗତ । ତେଣୁ ଭୂମି କୁ ବଞ୍ଚାଇବା ଆଧାରରେ ଭାଷାକୁ ସୁରକ୍ଷା ଦେବା ହିଁ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ଅଭିମୁଖ୍ୟ ଥିଲା ।

ହେଲେ ଏ ସବୁ ସତ୍ତ୍ୱେ ଆମେ ଓଡିଆ । ଆମଭାଷା ବଢିଆ ପ୍ରସଙ୍ଗଟି ମନେ ପଡିଯାଏ । ମନେ ପଡେ ଉତ୍କଳ ସାହିତ୍ୟର ପ୍ରାଣ ପ୍ରତିଷ୍ଠାତା, ମାଟିର ମହାକବି, ସୁଦ୍ରମୁନ ବତ୍ସାଦାସ

ଯିଏକ ସାରଳା ଦାସଙ୍କ ନାମରେ ପରିଚତ । ଓଡିଆ ମହାଭାରତ, ଚଣ୍ଡି ପୁରାଣ, ଏସବୁ ଗ୍ରନ୍ଥ ରଚନା କରି ଉତ୍କଳ ସାହିତ୍ୟର ପ୍ରାଣ ପ୍ରତିଷ୍ଠା କରିଥିଲେ ।

ମନେପଡେ, ଓଡିଆ ଭାଷାର ସୌନ୍ଦର୍ଯ୍ୟ, ଔଦାର୍ଯ୍ୟ ଓ ମାଧୁର୍ଯ୍ୟ କଭଳ ଭାବେ ପ୍ରସ୍ଫୁଟିତ ହୋଇଛି ଜଗନ୍ନାଥ ଦାଶଙ୍କ ଓଡିଆ ଭାଗବତରେ ।

"ନମଇଁ ନୃସିଂହ ଚରନ, ଅନାଦି ପରମ କାରଣ"

ଭାଗବତର ପ୍ରଥମ ପଙ୍କ୍ତି ଯାହାକ ଦେଖାଏ ଓଡିଆ ସାହିତ୍ୟର ନମ୍ରତା ତଥା ସମ୍ମାନାଭବ ଭାବ । ଓଡିଆ ସାହିତ୍ୟ ର ଭାଷା ଶିଖାଇଛି "ଅତିଥି ଦେବ ଭବଃ" –"ଯା ଦ୍ୱାରୁ ଅତିଥି ବାହୁଡେ, ତା ବଂଶ ପ୍ରେତ ମୁଖେ ପଡେ"

ସବୁ ମଣିଷ ଏକ, ଛୁଆଁ ଅଛୁଆଁ ଭାବ ଦୂର କରିବାର ମନ୍ତ୍ର ଦେଇଛି ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣ । ପଞ୍ଚସଖା ଯୁଗରେ ଅଚ୍ୟୁତାନନ୍ଦ ଦାସଙ୍କ "ମାଳକା ବଚନ" ମଧ ବର୍ଣ୍ଣନା କରିଛି ଭବିଷ୍ୟତର ଚନ୍ଦ । ମଧୁସୁଦନ ଦାସଙ୍କ ସାହିତ୍ୟ ସୁନ୍ଦର ଭାବେ ବର୍ଣ୍ଣନା କରେ ଓଡିଆ ଭାଷାର ସ୍ୱଦେଶି ପ୍ରତି ଦେଶପ୍ରେମ ନସ୍ୱାର୍ଥପର ଭାବନା ।

"ଜାତି ନନ୍ଦିଘୋଷ ଚଳବ କ ଭାଇ ସ୍ୱାର୍ଥକୁ କଲେ ସାରଥି,
ଟାଣେ କରେ ଗାଡି ଦାନାର ତୋବଡା ଘୋଡାମୁହେଁ ବନ୍ଧା ଥିଲେ" ।

ମନେପଡେ ମଧୁବାବୁଙ୍କର ପରେ ଗୋପବନ୍ଧୁଙ୍କର ମାନବାତ୍ମକ କବିତା । ମାନବ ଧର୍ମ, ମାନବ ପ୍ରେମ ଏସବୁ ସଂଘଟିତ ହୋଇଛି ତାକ ସାହିତ୍ୟରେ ।

"ମିଶୁମୋର ଦେହ ଏ ଦେଶ ମାଟିରେ, ଦେଶବାସୀ ଚାଲିଯାଆନ୍ତୁ ପିଠିରେ,
ଦେଶର ସ୍ୱରାଜ ପଥେ ଅଛି ଯେତେ ଗାଢ, ପୁରୁ ତହିଁ ପଡି ମୋର ମାଂସ, ହାଡ" ।

ଠିକ୍ ସେହିପରି "ଗୋପିନାଥ ମହାନ୍ତି" ଙ୍କର ମାଟିର ମଟାଳ ଜୀବନ ଦର୍ଶନର ଗନ୍ତାଘର ।

ଅଭିମନ୍ୟୁ ସାମନ୍ତ ସିଂହାରଙ୍କର "ବିଦଗ୍ଧ ଚନ୍ତାମଣୀ" ଦେଖାଇ ଦେଇଛି ଓଡିଆ ଭାଷାରେଥିବା ମାତୃସ୍ନେହ । ଓଡିଆ ପାଲା ସାହିତ୍ୟର କବି ମଂଜୁଳ କୃଷ୍ଣପ୍ରସାଦ ବସୁଙ୍କ ପାଲା ସାହିତ୍ୟ ଏବେ ବି ପାଲାକାରଙ୍କ ମୁଖରେ ଜୀବିତ ରହିଛି ।

ଗଣକବି ବୈଷ୍ଣବ ପାଣୀଙ୍କ ନାଟ୍ୟ ଜଗତର ତୁଳନା ଅପୂର୍ଣ୍ଣନୀୟ । ସେହି ପରିପେକ୍ଷୀରେ ମନେ ପଡନ୍ତି ପଲ୍ଲି କବି "ନନ୍ଦକଶୋର ବଳ" । ବୃକ୍ଷ ଓ କାଠୁରିଆ କବିତା ରେ ମର୍ମଭେଦି ପଂକ୍ତି ଏବେବି ମନକୁ କରେ ଆନ୍ଦୋଳତ । ଫକର ମୋହନ ସେନାପତି ତଥା ଆଧୁନକ ଓଡିଆ ସାହିତ୍ୟର ବ୍ୟାସ ଙ୍କ ସାହିତ୍ୟରେ ଭାଷାର ସଂଯୋଗ ଉପସ୍ଥାପିତ କରେ ମଧ୍ୟଯୁଗର ଓଡିଶାର ନଚ୍ଛପ ସତ ଘଟଣା । ଛ ମାଣ ଆଠ ଗୁଣ୍ଠ, ଡାକ ମୁନସି, ମାମୁ, ପେଟେଣ୍ଟ ମେଡିସିନ୍ ପ୍ରଭୃତି ଆମ ବାଣୀ ଭଣ୍ଡାରକୁ କରିଛି ଋଦ୍ଧିମନ୍ତ ।

କବି ସଚ୍ଚିଦାନନ୍ଦ ରାଉତରାୟଙ୍କର "ଛୋଟ ମୋର ଗାଁଟି" କବିତାରେ ଭରି ରହିଛି ଗ୍ରାମ୍ୟ ଜୀବନର ଅନେକ ଅବିସ୍ମରଣୀୟ ଚନ୍ର । ମନେପଡନ୍ତି ପ୍ରକୃତି ଉପାସକ କବି ଗଙ୍ଗାଧର ମେହେର । ଯାହାଙ୍କ ର ପ୍ରକୃତି ପ୍ରେମୀ କବିତା ମନରେ ଭରିଦିଏ ଅପୁର୍ବ ପ୍ରେମ । ତାଙ୍କର ଲିଖିତ ଅର୍ଘ୍ୟଥାଳୀ, କଚକବଧ, ପ୍ରଣୟ ବଲ୍ଲରି ପ୍ରଭୃତି ଅମୂଲ୍ୟ ଗ୍ରନ୍ଥ ଏବେବି ଉତ୍କଳୀୟ ଭାବଧାରାକୁ କରିଛି ଉଦଜୀବିତ ।

ସବୁଜ ଯୁଗର ପଞ୍ଚସଖା ଙ୍କର ମଧ ସାହିତ୍ୟର ଭାବଧାରା ଉଚ୍ଚକୋଟିର । ଏତତ୍ ବ୍ୟତୀତ କାଣନ୍ଦି ଚରଣ ପାଣିଗ୍ରାହୀ, ମନ୍ଦିନୀ ଶତପଥି, ବିଦ୍ୟୁତପ୍ରଭା ଦେବୀ, ବିଣାପାଣୀ ମହାନ୍ତି, ମାୟାଧର ମାନସିଂହ, ଉପେନ୍ଦ୍ର ତ୍ରିପାଠି ପ୍ରଭୃତିଙ୍କର ଓଡିଆ ଭାଷାରେ ଲିଖିତ ସାହିତ୍ୟରେ ଭରି ରହିଛି ଏକ ଅଦ୍ଭୁତପୂର୍ବ ଉର୍ଜା ।

ସଂପ୍ରତି ଡଃ ପ୍ରତିଭା ରାୟ, ବିଭୁତି ପଟ୍ଟନାୟକ, ମନୋଜ ଦାସ ପ୍ରଭୃତି ଓଡିଆ ଭାଷା ସାହିତ୍ୟର ମହାନ ସାରଥି ରୂପେ ରହିଛନ୍ତି ।

ଓଡିଆ ଭାଷାକୁ ଓଡିଶା ବାହାରେ ଜନଦୃତି କରିବା ନମନ୍ତେ ତଥା ଦେଶ ବିଦେଶର କୋଣ ଅନୁକୋଣ ରେ ପହଞ୍ଚେଇବା ନମନ୍ତେ ତଥା ଓଡିଆ ମାନଙ୍କର ଆବେଗତାକୁ ଓଡିଆ

ଭାଇମାନଙ୍କଠାରେ ଜନାଦୃତ କରିବା ଲକ୍ଷରେ ମଧ୍ୟ "ବେଦାନ୍ତୀ" ଇ-ପତ୍ରିକା ନିଜର ନିରବଚ୍ଛିନ୍ନ ପ୍ରତିଷ୍ଠା ଚଳାଇଛି । ଖାଲି ସେତିକି ନୁହେଁ, ସୁଦୁର ୟୁ.ଏସ୍.ଏ. ରୁ ବିଜ୍ଞାନୀ ଦାସ, ଶଶଧର ମହାପାତ୍ରଙ୍କ ଭଳି ଅନେକ ଲେଖିକା ଓ ଲେଖକଙ୍କର ଲେଖାରେ ମଧ୍ୟ ଓଡିଶାର ଲୋକଙ୍କ ପାଖରେ ବେଶ ଜନାଦୃତ ହୋଇପାରିଛି ।

ତେଣୁ ଆମ ନିଜର ମାତୃଭାଷା ଆମର ଅବିଚ୍ଛେଦ ଅଙ୍ଗ । ଆମ ଭାଷାକୁ ସୁରକ୍ଷା ଦେବା ଆମର ପ୍ରଧାନ କର୍ତ୍ତବ୍ୟ । ୧୯୩୬ ରୁ ୨୦୨୦ ଦୀର୍ଘଦିନର ବ୍ୟବଧାନରେ ମଧ୍ୟ ଏବେବି ଓଡିଆ ସାହିତ୍ୟ ରହିଛି ଖୁବ୍ ଅଲୋଡା । ତେଣୁ ସମସ୍ତେ ଏକାଠି ହୋଇ ନିଜ ଭାଷାର ସୁରକ୍ଷା କରିବା ଉଚିତ ।

"ଯା ଭାଷା ଦୁର୍ବଳ ସେ ନିଶ୍ଚେ ଅଧମ, କାହିଁ ହେବ ଆନ ପ୍ରତିଯୋଗୀ ଯମ"
"ଉଚ୍ଚ ହେବାପାଇଁ କର ଯେବେ ଆଶା, ଉଚ୍ଚ କର ଆଗେ ନିଜ ମାତୃଭାଷା" ।

ଛାତ୍ର, ଉଦ୍ଭିଦ ବିଜ୍ଞାନ ଛାତ୍ର,
ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଯାଜପୁର

# ପ୍ରେମର ପଟୁମାଟି



ବିଶ୍ୱରଂଜନ ପଣ୍ଡା

ତୁମ କାରଣ ଅକାରଣର ଉଚ୍ଛ୍ୱାସ

ସ୍ନେହ, ପ୍ରେମ, ଭଲପାଇବାର ପଟୁମାଟି

ମୋ ମନରେ ସ୍ୱତନ୍ତ୍ର ଭ୍ବରେ ଏକ ବୀଜ ବୁଣିଦେଲ୍ ।

ସୁପ୍ତ ଭ୍ବରେ ଲୁପ୍ତପ୍ରାୟ ହୃଦୟ କମ୍ପନର ମାଧ୍ୟମ ହେଲ୍ ।

ଏହା କାଲ୍ ଆଗରେ ମୂଳା ପରି ବୁଝିବା ବା ବୁଝେଇବା ବିଡମ୍ବନା ମାତ୍ର

ଅନୁଭବର ସ୍ରୋତ ଏହାକୁ ତରଙ୍ଗ ଦେବ ବୋଧେ ।

କନ୍ତୁ ତୁମ ପ୍ରେମ ମୋ ହୃଦୟଗ୍ରାହିଣୀ ।

ବୁଝ ବା ନବୁଝ, ବୁଝୁ ବା ନ ବୁଝୁ !

କପୋତୀ ର ସୁକ୍ଷ୍ମ କଣ୍ଠର ଗୀତ ପରି ସବୁଦିନ ଗାଉଛି ମୁଁ ।

ଏହା ମୁଁ ମର୍ମେ ମର୍ମେ ଅନୁଭବ କରୁଛି

ମୋ ସୁପ୍ତ ପ୍ରାଣରେ ତୁମ ପ୍ରେମର ପଟୁମାଟି ହିଁ ସକରାତ୍ମକ ଅଙ୍କୁରୋଦଗମ ର କେନ୍ଦ୍ର ବିନ୍ଦୁ।

ନବରଙ୍ଗପୁର

# ମୁନର ଚଠି



ଅଶୋକ କୁମାର ପଧାନ

ରେ ବୈଶାଖ
ତୁ ଯାଆନ୍ତୁକ ବେଳେ ଲେଉଟି
ବୁଝନ୍ତୁକ ତୁ ମୋ ମନ ବ୍ୟଥା
କଣ ପାଇଁ ଜାଳୁଛୁ ଯେ ?
ତୁ କ'ଣ ଗ୍ଦହୁଁଛୁ
ତୋ ତୀକ୍ଷ୍ଣ କରଣରେ ମୁଁ ଜଳଯାଏ
ନା ଜଳଜଳ ମରୁଥାଏ
ତୁ ଜାଣିଛୁ
ମୁଁ ଖାଲି ଏକା ଜଳୁନ
ମୋ ସହ କୋଟିକୋଟି ଜୀବ ଜଳୁଛନ୍ତି
ପୋଡୁଛନ୍ତି,
ଛାରଖାର ହୋଇ ଯାଉଛନ୍ତି
କେବଳ ଅଙ୍ଗାର ମୁଠାଏ ରହିଯାଉଛି
ନା ନା ସେ ବି ରହୁନାହିଁ
ତାକୁ ସେ ଅଲଯୁଗୀଆ ପବନ ବୋହି ନେଉଛି
ପିଙ୍ଗିଦେଉଛି ଏକ ଅଜାଗାରେ
ସେଇଠୁ ଶୁଭୁଛି କେତେ ଜୀବଙ୍କର କ୍ରନ୍ଦନ
ଆଉ ଶୁଭୁଛି ଭୂତଙ୍କର
ସମସ୍ତେ ପଡିଅଛନ୍ତି ଅସହାୟ ହୋଇ

ମୁଁ ଜାଣିଛି
ତୁ ମୋ କଥା ଶୁଣିବୁ
ତୁ ପର୍‌ ଗୃତକ ଦୁଃଖ ସହି ନପାରି ଫେରିଯାଉ
ଆଉ ଏତ ସମଗ୍ର ଜୀବଙ୍କ କଥା
କେମିତି ବା ବୁଝି ନଫେରିବୁ
ତୁ ନିଷ୍ଚୟ ଫେରିବୁ ବର୍ଷ ଗୋଟିକ ପାଇଁ ।
ଓଃ !
ମୁଁ କାହାକୁ ବା କହୁଛି
ତୁ କଣ ସତରେ ଶୁଣିପାରିବୁ ଯେ
ଏଇ ମଣିଷମାନଙ୍କୁ କହିବା କଥା
ତୋ କରଣ ଏମାନଙ୍କ ଯୋଗୁଁ ପ୍ରଖର ହେଉଛି
ହେଲେ କେମିତି ବୁଝେଇବି କହିଲୁ
ସମସ୍ତେ ଚେଇଁ ଶୋଇଛନ୍ତି
କେମିତି ଉଠେଇବି
ମୁଁ ଜାଣିଛି ଆଉ ତୁ ବି
ତୋ କରଣ ଯେତେବେଳେ
ଏମାନଙ୍କ ଚର୍ମ ଚରି ମାଂସକୁ ଭେଦିବ
ସେତେବେଳେ ଏମାନେ ଉଠିବେ
ହଉ,
ଶୋଇଥାନ୍ତୁ ସେତେବେଳେ ପର୍ଯ୍ୟନ୍ତ
ଉଠିବେ ଯେବେ ଘରବୁଡି ପାଣି ଆଣ୍ଠିଏ ହବ ।

ଓଡ଼ିଆ ଅଦର୍ଶ ବିଦ୍ୟାଳୟ,
କଲ୍ୟାଣସିଂହପୁର, ରାୟଗଡା

# ବୋଉ

ଅଶୋକ କୁମାର ପଧାନ

କେତେ କଷ୍ଟ ସହି ଜନମ କରିଛୁ
ଅଜାଡ଼ି ଅମାପ ସ୍ନେହ
ମମତା ଲହୁରେ ବଜ୍ରପରି କରି
ଗଠନ କଲୁ ମୋ ଦେହ ।
ପ୍ରଜାପତି ପରି ଡେଣା ଦେଲୁ ବୋଉ
ଉଡ଼ିଲି ଦେଶ ବିଦେଶ
ସୁନୀଳ ଆକାଶ ଫିକା ଲାଗେ ମୋତେ
ଶୁଣି ତୋ ଦିବ୍ୟ ସନ୍ଦେଶ ।
ମିଠା ମିଠା କଥା ସବୁଗରେ ତୁହି
କହୁଥାଉ ନିତି ନିତି
ଶୁଣି ଶୁଣି ମୋତେ ନିଦ ମାଡିଆସେ
ଭୁଲିଯାଏ ଦିନ ରାତି ।
ଦିନଟିଏ କେବେ ଦେଖିନି ତୋମୁହେଁ
ଅଭିମାନ,ରାଗ,ରୋଷ
ତୋ ମମତା ଝର ନିତି ନିତି ପିଇ
ଭୁଲିଯାଏ ଦୁଃଖ ଶୋଷ ।
ତୋ ହାତରୁ ବୋଉ ଝଡିପଡେ ନିତି
ମୋ ପାଇଁ ମଙ୍ଗଳ ଫୁଲ
ଏହି ପୃଥିବୀର ସକଳ ସମ୍ପଦ
ହେବକି ତାହାର ତୁଲ?
ତୋ ପାଖରେ ଥିଲେ ଧନ ଲାଗେ ସବୁ
ସ୍ୱର୍ଗ ବି ଲାଗୁଛି ଛୋଟ

ଧନ୍ୟ ସେ ବିଦ୍ଧାଣି କେତେ ଖୋଜିଆଣି
ବୋଉ ରୂପେ ଦେଲ୍ ଭେଟ।
ଯେତେ ମୁଁ କଷଣ ଦେଇଛି ଲୋ ବୋଉ
ଧରିନୁ ତୁ ଦୁଃଖ ବୋଲି
ନୀଳକଣ୍ଠୀ ସାଜି  ଦୁଃଖବିଷ ପିଇ
ଦେଇଛୁ ଅମୀୟ ଝୋଲି।
ତୋ ପାଦର ଧୂଳ ଶ୍ରୀକ୍ଷେତ୍ରର ବାଲି
ବୋଳ ହେଲେ ଲାଗେ ପୁଣ୍ୟ
କୋଟି ଦେବାଦେବୀ ହୋଇବେ କ ସରି
ତୋ ସାଥିରେ କଏ ଗଣ୍ୟ।
ଯେତେବେଳେ ଯାହା ମାଗିଛି ମୁଁ ତୋତେ
ସବୁତ ଦେଇଛୁ ବାଢ଼ି
ତୋ ହୃଦ ଉଦ୍ୟାନେ ଫୁଟିବି ମୁଁ ନିତି
ହୋଇ ସଜ ଫୁଲ କଢ଼ି।
ଅଳ ମୁଁ କରିବି ଠାକୁର ପାଶରେ
ମାଗିବିନ କଛି ଆଉ
ଜନମେ ଜନମେ ଦେବହେ ଠାକୁରେ
ମୋ ପାଇଁ ଏମିତି ବୋଉ।

ଶିକ୍ଷକ ରେହିଗାଁ,ଗଞ୍ଜାମ

ଚଳତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା। ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ।

# ରୋଜ୍ ଡେ



ସସ୍ମିତା ମହାନ୍ତି

କବାଟ ଖୋଲୁ ଖୋଲୁ ଦୁମ୍ ଦୁମ୍ ହୋଇ ଗୋଡ କଚାଡ଼ି ଘର ଭିତରକୁ ପଶି ଆସିଲା ଆଭା। କିଛି କଥାବାର୍ତ୍ତା ନକରି ହାତରେ ଧରିଥିବା ଫୁଲ ଓ କାର୍ଡଟିକୁ ନିଜ ରୁମ୍ ର ଟେବୁଲ ଉପରେ ଫୋପାଡି ଦେଇ  ବୋତଲରୁ ଦି ଢୋକ ପାଣି ପିଇଲା। ସଜୋରେ କବାଟଟିକୁ ବନ୍ଦକରି ଖଟ ଉପରେ ଗଡି ପଡିଲା। ଝଡ ପୂର୍ବର ଥମ୍ ଥମ୍ ଭାବ ତା ମୁହଁରେ। ତାକୁ ଦେଖି ତା ମନର ଭାବନାକୁ ଠିକ୍ ବୁଝିପାରିଲେ ନିର୍ମଳା। ଅଲିଅଳୀ ନାତୁଣୀ କୁ କିଛି ନକହି କଫି ତିଆରି କରିବାକୁ  ଲାଗିଲେ।

ଆଭା ତାଙ୍କର ଏକମାତ୍ର ପୁଅ ଆଲୋକର ଝିଅ। ପୁଅ ବୋହୂ ଦୁହେଁ ଚାକିରୀ କରିଛନ୍ତି। ତେଣୁ ଛୁଆଦିନୁ ଆଭାର ଲାଳନ ପାଳନ ଦାଇତ୍ୱ ନିର୍ମଳାଙ୍କ ଉପରେ। ଆଭା ଏବେ ବଡ ହେଲାଣି । ସ୍କୁଲ ଛାଡି କଲେଜ ରେ ପାଦ ଦେଲାଣି। ଦୁନିଆକୁ କିଛି କିଛି ବୁଝିଲାଣି।

ନିର୍ମଳା ଏବଂ ଆଭା ପରସ୍ପରର ବନ୍ଧୁ ହୋଇଯାଇଛନ୍ତି। ଆଭା ତାଙ୍କୁ ବହୁତ ଭଲ ପାଏ। ନିଜର ଟିକିନିଖି ସବୁକଥା ତାଙ୍କ ସହିତ ବାଣ୍ଟି ଥାଏ। ନିର୍ମଳା ଗୋଟିଏ ଟ୍ରେରେ ଦୁଇ କପ୍ କଫି ଓ ବିସ୍କୁଟ ଧରି ଆଭାର ରୁମ୍ କୁ ଆସିଲେ। ଆଭା ମୁହଁ ମାଡି ଶୋଇଥିଲା। ନିର୍ମଳା ତା ପାଖରେ ବସି ତା ମୁଣ୍ଡକୁ ସାଉଁଳାଇ ଦେଲେ| ଆଭା ତାଙ୍କ କୋଳରେ ମୁଣ୍ଡ ରଖି କାନ୍ଦି ଉଠି କହିଲା

--- ଜାଣିଛ ଜେଜେମା, ଅନ୍ୱେଷ ମୋତେ ଆଦୌ ଭଲପାଏନି। ମୁଁ ବି ତାକୁ ହେଟ୍ କରେ।

--- କଣ ହୋଇଛି ମାଆ ? ମୋତେ ଖୋଲିକି କହ। ମୁଁ କିଛି ବୁଝି ପାରୁନି।

--- ତୁମକୁ ଆଗରୁ ଅନ୍ୱେଷ ବିଷୟରେ କହିଥିଲି। ଆମେ ପରସ୍ପରକୁ ଭଲ ପାଉଥିଲୁ। କିନ୍ତୁ ଆଜି ଜାଣିଲି ସେ ମୋତେ ଜମା ଭଲପାଏନି।

--- କେମିତି ?

--- ଆଜି ହେଉଛି ରୋଜ୍ ଡେ। ଆଜିଠାରୁ ଭାଲେଣ୍ଟାଇନ ସପ୍ତାହ ଆରମ୍ଭ ହୁଏ। ତେଣୁ ଆଜି ପୁଅ ମାନେ ଗାର୍ଲ ଫ୍ରେଣ୍ଡଙ୍କୁ ରୋଜ୍ ଦିଅନ୍ତି। କିନ୍ତୁ ଆଜି ସେ ମୋତେ ରୋଜ୍ ନଦେଇ ଏଇ ଜିନିଆ ଫୁଲ ଦୁଇଟି ଏବଂ କାର୍ଡ ଦେଇଛି।

କାର୍ଡଟି ଉଠେଇ ଆଣି ଦେଖିଲେ ନିର୍ମଳା। ସୁନ୍ଦର ସୁନ୍ଦର ଅକ୍ଷରରେ "ସରି" ଲେଖା ଯାଇଛି।

--- ହେଲେ ଏଥିରେ ସେ ସରି ଲେଖିଛି। ଅସୁବିଧା କେଉଁଠି ରହିଲା ?

--- ଧେତ୍ ତୁମେ କିଛି ବୁଝି ପାରୁନ। ଅନ୍ୱେଷର ଡେରି ହୋଇ ଯିବାରୁ ଦୋକାନରୁ ସବୁ ରୋଜ୍ ସରିଗଲା। ତେଣୁ ମୋ ପାଇଁ ସେ ତାଙ୍କ ଗାର୍ଡେନରୁ ଜିନିଆ ଫୁଲ ଦୁଇଟି ନେଇ ଆସିଛି। ରୋଜ୍ ଡେରେ ମୋତେ ରୋଜ୍ ଟିଏ ଦେଇ ପାରି ନଥିବାରୁ ସେ ଅତ୍ୟନ୍ତ ଦୁଃଖିତ। ସେଥିପାଇଁ ଏ କାର୍ଡ ଦେଇଛି। ଆଜି ପରି ଦିନରେ ସେ ମୋତେ ଗୋଟିଏ ରୋଜ୍ ଦେଇ ପାରୁନି ପରେ ଆଉ କଣ ଦେବ ? ମୋ ପାଇଁ ତାର ଜମା କେୟାର ନାହିଁ। ମୋ ସାଙ୍ଗମାନେ କହୁଛନ୍ତି ସେ ବହୁତ କଞ୍ଜୁସ୍ । ଆଜି ବଜାରରେ ରୋଜ୍ ଦାମ୍ ଅଧିକ। ତେଣୁ ସେ ରୋଜ୍ ନକିଣି ନିଜ ଗାର୍ଡେନରେ ଫୁଟିଥିବା ଫୁଲ ଆଣିଛି ଓ ମୋତେ ମିଛ କହୁଛି। ଏକଥା ଶୁଣି ମୋତେ ବହୁତ ଖରାପ ଲାଗିଲା।ମୁଁ ରାଗରେ ଅନ୍ୱେଷକୁ କିଛି ନକହି ଚାଲି ଆସିଲି।

ଆଶ୍ୱର କଥା ଶୁଣି ନିର୍ମଳାଙ୍କର କିଛି କଥା ମନେପଡିଗଲା ଓ ସେ ଫିକ୍ କରି ହସିଦେଲେ।

ଏଥର ତୁମକୁ କିଛି ବି କହିବିନି ଜେଜେମା। ତୁମେ ହସିକି ମୋର ମଜାକ୍ ଉଡଉଛ।


ଦୂର ପାଗଳୀ, ଏଇ କଥାରେ ଏମିତି ରାଗନ୍ତି ? ମୋର କିଛି ପୁରୁଣା କଥା ମନେପଡିଯିବାରୁ ମୁଁ ହସିଲି। ଏବେ ତୁମେମାନେ ସାରା ବର୍ଷ ବିଭିନ୍ନ ଡେ ପାଳନ କରୁଛ। ଆମବେଳେ ଏସବୁ ନଥିଲା। କେତେ କାଇଦା କଟକଣା ଥିଲା ଝିଅମାନଙ୍କ ପାଇଁ। ତଥାପି ମଧ୍ୟ ଲୁଚାଛପାରେ ପ୍ରେମ ଚାଲିଥିଲା। ଚିଠି ପତ୍ର ଓ ଫୁଲ ଦିଆନିଆ ଚାଲିଥିଲା। ସେତେବେଳେ ଫୁଲ ବିକ୍ରି ହେଉ ନଥିଲା। ବାଡିରେ ଫୁଟୁଥିବା ମଲ୍ଲୀ ଗୋଲାପ ଚମ୍ପା ଫୁଲ ପ୍ରାୟ ପୁଅମାନେ ଝିଅମାନଙ୍କୁ ଦେଉଥିଲେ। ଅନେକ ମଧ୍ୟ ବଉଳ ଫୁଲ ଦେଉଥିଲେ। ମୋର ଗୋଲାପ ଫୁଲରେ ଭାରି ସଉକ ବୋଲି ତୋ ଜେଜେ ମୋ ପାଇଁ ବେଳେ ବେଳେ ଗୋଲାପ ଫୁଲ ଆଣିଥାଆନ୍ତି। ମୁଁ ତାକୁ ବହୁତ ଖୁସିରେ ମୁଣ୍ଡରେ ଲଗାଏ। ଦିନେ କଣ ମନ ହେଲା କେଜାଣି ସୂର୍ଯ୍ୟମୁଖୀ ଫୁଲଟିଏ ଆଣିଦେଲେ। ଫୁଲଟି ଦେଖିବାକୁ ବହୁତ ସୁନ୍ଦର। ହେଲେ ସେ ଅନ୍ୟ ଫୁଲ ପରି ସୁଗନ୍ଧଯୁକ୍ତ ନୁହେଁ କମ୍ବା ମୁଁ ତାକୁ ମୁଣ୍ଡରେ ଲଗାଇ ପାରିବି ନାହିଁ। ତେଣୁ ମୋ ମନ ଦୁଃଖ ହୋଇଗଲା। ସେ ମୋ ମୁହଁ ଦେଖି ସବୁ ବୁଝିଗଲେ ଓ ଘର ଭିତରକୁ ଟାଣି ନେଇ କହିଲେ ଏ ଫୁଲ ତୁମର ପସନ୍ଦ ହୋଇନ। ତେଣୁ ତୁମେ ମନ ଦୁଃଖ କରୁଛ। ଫୁଲ ହେଉଛି ପ୍ରେମର ପ୍ରତୀକ। ଈଶ୍ୱରଙ୍କ ସୃଷ୍ଟିରେ ସବୁ ଫୁଲର ମହତ୍ତ୍ୱ ରହିଛି। ସୂର୍ଯ୍ୟମୁଖୀ ଫୁଲର କାହାଣୀ ଶୁଣିଲେ ତୁମେ ତାର ପ୍ରେମନଷ୍ଠତା ବିଷୟରେ ଜାଣିଲେ ତୁମେ ବି ତାକୁ ଭଲପାଇ ବସିବ।

ଗ୍ରୀସ୍ ରେ କ୍ଲାଇଟି ନାମକ ଜଣେ ଜଳପରୀ ଥିଲେ। ସେ ମନେ ମନେ ସୂର୍ଯ୍ୟ ଦେବତା ବା ଆପୋଲୋଙ୍କୁ ବହୁତ ଭଲ ପାଉଥିଲେ। କିନ୍ତୁ ଆପୋଲୋ ତାଙ୍କୁ ଆଡ ଆଖିରେ ମଧ୍ୟ ଚାହୁଁନଥିଲେ କାରଣ ସେ ଅନ୍ୟ ଜଣଙ୍କୁ ପ୍ରେମ କରୁଥିଲେ। କ୍ଲାଇଟି ଯେତେବେଳେ ଏକଥା ଜାଣିଲେ ମନ ଦୁଃଖରେ ନଖାଇ ନପିଇ ତାଙ୍କୁ ଏକଲୟରେ ଚାହିଁ ରହିଲେ। କେହି ତାଙ୍କୁ ଏଥିରୁ ନିବୃତ୍ତ କରିପାରିଲେ ନାହିଁ। ତାଙ୍କର ଭଲପାଇବାର ନିଷ୍ଠା ଦେଖି ସ୍ୱର୍ଗର ଦେବତାମାନେ ଦୟାପରବଶ ହୋଇ ତାଙ୍କୁ ଏକ ଫୁଲରେ ପରିଣତ କରିଦେଲେ। ସେହି ଦିନଠାରୁ ସୂର୍ଯ୍ୟ ଯେଉଁ ଆଡକୁ ଗତି କରନ୍ତି ଫୁଲଟି ସେହି ଆଡକୁ ମୁହଁ କରି ଚାହିଁ ରହିଥାଏ। ତେଣୁ ତାର ନାଁ ସୂର୍ଯ୍ୟମୁଖୀ ଫୁଲ। ଏହି ଫୁଲକୁ ପ୍ରେମର ଫୁଲ ଭାବରେ ଗଣନା କରାଯାଏ। ତୋ ଜେଜେଙ୍କ କଥା ଶୁଣି ମୋ ଆଖିରେ ଲୁହ ଆସିଗଲା। ସୂର୍ଯ୍ୟମୁଖୀ ଫୁଲର ମୂଲ୍ୟ ବୁଝିପାରି ମୁଁ ଫୁଲଟିକୁ ବହୁତ ଦିନ ପର୍ଯ୍ୟନ୍ତ ଯତ୍ନରେ ସାଇତି ରଖିଥିଲି।

ଟିକଏ ରହି ପୁଣି କହିଲେ ତୁ ପିଲ୍ ଲୋକ ବୁଝି ପାରୁନୁ। ପରସ୍ପର ପ୍ରତି ସ୍ନେହ ମମତା ସମ୍ମାନ ଓ ବିଶ୍ୱାସ ଥିଲେ ପ୍ରେମ ତିଷ୍ଠି ରୁହେ। ପ୍ରେମରେ ଟଙ୍କା ପଇସା, ଦେବା ନେବା ବା ରୂପ ରଙ୍ଗର କୌଣସି ଗୁରୁତ୍ୱ ନଥାଏ। ଯେକୌଣସି ଜିନଷ ଶ୍ରଦ୍ଧାର ସହ ଦେଲେ କମ୍ବା ଗ୍ରହଣ କଲେ ତାର ମୂଲ୍ୟ ବଢିଯାଏ।

ଜେଜେମାଙ୍କ କଥା ଶୁଣି ଆର୍ ଖୁସିରେ ଆମ୍‌ହର୍ ହୋଇ ତାଙ୍କୁ କୁଣ୍ଢେଇ ପକେଇଲା। ଜିନଆ ଫୁଲ ଦୁଇଟିକୁ ଆଣି ଟିକଏ ଆଉଁସି ଦେଇ ଓଠରେ ଛୁଆଁଇଲା ଏବଂ ମୋବାଇଲ୍ ଆଣି ଫୋନ୍ ଲଗେଇଲା।

ମହାନଦୀ ବିହାର, କଟକ



# କରୋନା

ରମଣ ଦୁରିଆ

କେନ୍ ନେ ଥିଲୁ-ଧାଇଁ ଆଏଲୁ
ବୁଧି କଲୁ ସବକର୍ ବନା,,
ଭାଗ ଭାଗ ତୁଇ ଜଲ୍ଦି ଭାଗ
ନାଇଁତୋ ତୋର ଖୀର୍ ଟି ଘିଚ ଦେମୁ ରେ କରୋନା ||୧||

ଇଥି ତହିଁ ହେଉଛୁ ଯେ ତୁଇ
ଇଟା କାଏଁ ତୋର ଜିନା ଖାନା,,
ଏନ୍ତା ଦଗା ଦେମୁ ତୋତେ ଆମେ
ତୋର ହଜି ଯିବା ସବୁ ଠିକନା,,,

ଭାଗ ଭାଗ ତୁଇ ଜଲ୍ଦି ଭାଗ
ନାଇଁତୋ ତୋର ଖୀର୍ ଟି ଘିଚ ଦେମୁ ରେ କରୋନା ||୨||

ଲୋକର୍ ମନେ ଲୋକର୍ ହୁର୍ଦେ
ନାଇଁ ଦେ ତୁଇ ଡର୍ ଭାବନା,,
ସଚେତନା ଶର୍ ବିନ୍ଧମୁ ତୋତେ
ଇ ପୁରଥୀ ନୁ ପଲାବୁ ଭୁର୍ କନା,,

ଭାଗ ଭାଗ ତୁଇ ଜଲ୍ଦି ଭାଗ
ନାଇଁ ତୋ ତୋର ଖୀର୍ ଟି ଘିଚ ଦେମୁରେ କରୋନା ||୩||

ଇ ଧର୍ତୀ ମାଁ କେ ନାଶମୀ ବୋଲି
ରଖିଛୁ ଯଦି ତୋର ଭାବନା,,,
ଭାବୁଛୁ ତୁଇ ଭୁଲ ଭାବୁଛୁ
ତୋର୍ ଜାଲେ ତୁଇ ପଡ଼ବୁ ରେ କରୋନା,,,

ଭାଗ ଭାଗ ତୁଇ ଜଲ୍ଦି ଭାଗ
ନାଇଁ ତୋ ତୋର୍ ଖିର୍ ଟି ଘିଚ ଦେମୁରେ କରୋନା ||୪||

କନ୍ଦରି ମଲକୀ କରି ତୁଇ
କାଏଁଯେ ହେଉଛୁ ସନାଘନା,,
ତୋର୍ ଜୀବନେ ଯଦି ଆଶ ଅଛେ
ପଲ୍ ପଲ୍ ରେ ତୁଇ କରୋନା,,,

ଭାଗ ଭାଗ ତୁଇ ଜଲ୍ଦି ଭାଗ
ନାଇଁ ତୋ ତୋର୍ ଖିର୍ ଟି ଘିଚ ଦେମୁରେ କରୋନା ||୫||

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ଦିଗହର୍ ପଥିକା



ଶ୍ରୀମାନ ପ୍ରିୟଦର୍ଶିନୀ ଦାସ

ଦିଗହର୍ ପଥିକା ଟିଏ ମୁଁ
ଜାଣିନ ଆଜି ମୋ ଠିକଣା
ତଥାପି ଚାଲିଛି ଆଗକୁ ଆଗକୁ**...!**
ନା ମୃଗତୃଷ୍ଣା ସନ୍ଧାନ ରେ
ନା ଖାଦ୍ୟର ସନ୍ଧାନ ରେ
ନା ହଜିଯାଇଥିବା ଜିନଷର ସନ୍ଧାନ ରେ
ନା କାହା ସନ୍ଧାନ ରେ**...?**
ଦିଗହର୍ ପଥିକା ଟିଏ ମୁଁ
ଜାଣିନ ଆଜି ମୋ ଠିକଣା
ତଥାପି ଚାଲିଛି ଆଗକୁ ଆଗକୁ**...!**
ଚାହେଁ ଦୂରେଇ ରହିବାକୁ
ଏଇ ସ୍ୱାର୍ଥପର ସମାଜରୁ
ଯେଉଁଠି ନାରୀ ନୁହେଁ ସୁରକ୍ଷିତ
ଯେଉଁଠି ଅଲୋଡା ହୁଏ କନ୍ୟାରତ୍ନ
ଯେଉଁଠି ଦୟା ନାମରେ
ଗରିବ ଉପରେ ହୁଏ ଅତ୍ୟାଚାର
ଯେଉଁଠି ସମ୍ପତ୍ତି ପାଇଁ
ଭାଇ ହୁଏ ଭଗାରି
ଯେଉଁଠି ଘର ଥାଇ ଭିକ୍ଷା ଲୋଡ଼େ
ସେଇ ଘରର ବୃଦ୍ଧ ଲୋକ
ଯେଉଁଠି ବନ୍ଧୁ ହୁଏ ଶତ୍ରୁ

ଯେଉଁଠି ପ୍ରେମ ବଦଳରେ
ମିଳେ ପ୍ରତାରଣା
ଯେଉଁଠି ଆଶା ବଦଳରେ
ମିଳେ ନିରାଶା
ଯେଉଁଠି ଶାନ୍ତି ବଦଳରେ
ମିଳେ ଅଶାନ୍ତି
ଯେଉଁଠି ପୁଅ ବାପା ମାଆଙ୍କୁ
ମାରିବାକୁ ପଛାଏ ନାହିଁ
ଯେଉଁଠି ମା ତାର ଛୁଆକୁ
ବିନା ଦ୍ୱିଧାରେ ବିକେ
ଯେଉଁଠି ଶିକ୍ଷା ନାମରେ ଚାଲେ
ଅନେକ କୁଶିକ୍ଷା
ଯେଉଁଠି ଚାଲେ ଗଣ୍ଡଗୋଳ
ଯେଉଁଠି ଟଙ୍କା ପାଇଁ
କେହି ନୁହେଁ କାହାର
ଯେଉଁଠି ନିଜ ଲୋକ
ନିଜର ହତ୍ୟାକାରୀ
ଯେଉଁଠି ସ୍ୱାମୀ ନୁହେଁ ସ୍ତ୍ରୀ ର
ଯେଉଁଠି ମା ନୁହେଁ ପିଲା ର
ଯେଉଁଠି ଭାଇ ନୁହେଁ ଭଉଣୀର
ଯେଉଁଠି ଖାଦ୍ୟ ନାମରେ
ଦିଆଯାଏ ବିଷ
ଯେଉଁଠି ସାହାର୍ଯ୍ୟ ନାମରେ ଚାଲେ
ନେତା ଙ୍କ ମିଛ ପ୍ରତିଶ୍ରୁତି
ଯେଉଁଠି ଚାଲେ
ମଣିଷ ନାମରେ ପଶୁ ପ୍ରକୃତି
ଯେଉଁଠି ମଣିଷର ନାହିଁ ଦୟା

ସେଇଠି ପଶୁମାନେ ଦୟା ଦେଖାନ୍ତି
ଏଇ ମଣିଷ ସମାଜ ଯେ
ପଶୁ ଠାରୁ ହୀନ
ହଁ ମୁଁ ବି ସେଇ ମଣିଷ ସମାଜର
ତଥାପି ଗ୍ଭହେଁ ଦୂରେଇ ରହିବାକୁ
ଏଇ ସ୍ୱାର୍ଥପର ସମାଜ ଠାରୁ
ଦୂରରେ ଅନେକ ଦୂରରେ,
ଦିଗହରା ପଥିକା ଟିଏ ମୁଁ
ଜାଣିନ ଆଜି ମୋ ଠିକଣା
ତଥାପି ଗ୍ଭଲିଛି ଆଗକୁ କେବଳ ଆଗକୁ...!!

+୩ ତୃତୀୟ ବର୍ଷ କଳା (ସମାଜବିଜ୍ଞାନ)
ଗୋବିନ୍ଦପୁର ମହାବିଦ୍ୟାଳୟ,
ଗୋବିନ୍ଦପୁର, କଣ୍ଟାପଡ଼ା, କଟକ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲ୍ – ୯୫୯୪୯୯୩୭୩୩ ।
ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।

# ମିଛ କଥା ପଦେ କହିଲେ



ତପନ କୁମାର ସ୍ୱାଇଁ

ସବୁଦିନ ମାଆ ରାଗୁଛୁ କାହିଁକି
ମିଛ କଥା ପଦେ କହିଲେ,
ସତ କଥା ନୀତି କହିବାକୁ କଥାଁ
କହୁଛୁ ବସିଲେ ଶୋଇଲେ ।

ସତ କଥା କହି ଦଣ୍ଡ ମୁଁ ପାଉଛି
ଖସି ଯାଉଅଛି ମିଛୁଆ,
କଏ ଅଛି କହ ମିଛ ନକହିକି
ଅଛି ଏ ସଂସାରେ ସତିଆ ।

କୋଅଟ, କଚେରୀ, ମନ୍ଦିର, ଦପ୍ତର
ସବୁଠି ମିଛର ଶାସନ,
ଖାଲି ଏକା କଣ ସତମୁଁ କହିଲେ
ମୁଁ ହେବି ଦେଶର ମହାନ ।

ମୁଣ୍ଡକୁ ଆଉଁସି ମାଆ ବୁଝାଇଲେ
ଏତେ କଥା କାହିଁ ଭାବୁଛୁ,
ମିଛ କଥା କହି ଧରମ ଦାଣ୍ଡରୁ
କଏ ଖସିଯିବା ଦେଖିଛୁ ।

ଦିନେନା ଦିନେତ ସତର ଆଲୁଅ
ଅନ୍ଧାରରେ ଜଳ ହସିବ,
ଯେତେ ପାପ ଗଢ଼ା ବଇଭବ ରାଶି
ଜଳ ପାଉଁଶ ରେ ମିଶିବ ।

ଏତିକ ଜାଣିଥା ସତକଥା ନୀତି
ଯିଏ କହେ ସାର୍ ଜୀବନ,
ତାପରି ମଣିଷ କଏ ହେବ କହ
ଲକ୍ଷେ ଦିଅଁ ପୁଜି ସମାନ ।

ତେବେ କାହିଁ କହ ମିଛ ସଡ଼କରେ
ପାଦ ଥାପି ବାବୁ ଗ୍ଲଲିବୁ,
କଣ୍ଟା ଫୁଟି ପାଦେ ରକତ ଝରିଲେ
ସତ ବାଟ ଖୋଜି ବୁଲିବୁ ।

ଜଳଯୋଗାଣ ଶାଖା,
ରାଣୀହାଟ, କଟକ

ବେଦାନ୍ତୀର ହ୍ୱାଟସଆପ୍ ଗ୍ରୁପ୍ ରେ ମେମ୍ବର ହେବାପାଇଁ
୯୫୯୪୯୯୩୭୩୩ ରେ ମ୍ୟାସେଜ୍ ପଠାନ୍ତୁ ।

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ଓଁ ଶ୍ରୀ କପିଳେଶ୍ୱର ମହାଦେବ



ରତନ ରଞ୍ଜନ ବେହେରା

(ମନ୍ଦିର ସମ୍ପର୍କରେ ଇତିହାସରେ କୌଣସି ତଥ୍ୟ ନାହିଁ, ତେବେ ପୁରୁଣା ଲୋକଙ୍କ କହିବା ଅନୁଯାୟୀ ଆମେ କିଛି ତଥ୍ୟ ସଂଗ୍ରହ କରିଛୁ)

ଗବେଷକଙ୍କ ତଥ୍ୟରୁ ଦ୍ୱାଦଶ ଶତାବ୍ଦୀରେ ମନ୍ଦିର ନିର୍ମାଣ ହୋଇଥିବାର ଅନୁମାନ କରାଯାଏ । ସମ୍ଭବତଃ ଗଙ୍ଗବଂଶ ରାଜତ୍ୱ ସମୟରେ ଏହି ମନ୍ଦିର ତିଆରି ହୋଇଛି । କାରଣ, ସେହି ସମୟରେ ରାଜାମାନେ ଶୈବ ଉପାସନା କରୁଥିଲେ । ଶୈବ ଉପାସନା ପାଇଁ ଏହାକୁ ତିଆରି କରାଯାଇଥିଲା । ଏହା ଏକ ପୁରାତନ ଆଉ ପ୍ରାଚୀନ କୀର୍ତ୍ତି ମନ୍ଦିର । ବିଶ୍ୱାସ ଅଛି ମାନସିକଧାରୀଙ୍କୁ ମହାଦେବ କେବେ ନିରାଶ କରନ୍ତି ନାହିଁ । ତେଣୁ ଆଖପାଖ ଗାଁ ରୁ ପ୍ରତିଦିନ ଶତାଧିକ ଶ୍ରଦ୍ଧାଳୁ ଏଠାକୁ ଆସିଥାନ୍ତି ।

ପୂର୍ବେ ଜଗନ୍ନାଥପୁର ଗ୍ରାମପଞ୍ଚାୟତର ଦେଉଳପାଟଣା ବୋଲି ମୌଜା ଥିଲା ବୋଲି କୁହାଯାଏ । ନିକଟସ୍ଥ ବଡ ସୁଆଁଳୋ ଗ୍ରାମ ପଞ୍ଚାୟତର ହାଟୁଆରି ବୋଲି ଗ୍ରାମ ଥିଲା । ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର - ଭୁବନ ୨ ନମ୍ବର ଜାତୀୟ ରାଜପଥରେ ୭ କିଲୋମିଟର ଗଲେ ପଡେ ବଡସୁଆଁଳୋ ଛକ । ସେଠାରୁ ହାଟୁଆରି ଗ୍ରାମ ଦେଇ ୨ କିଲୋମିଟର ଗଲେ ରାମିଆଳ ନଦୀ ମଧ୍ୟରେ ଅଛି ଶ୍ରୀ କପିଳେଶ୍ୱର ମହାଦେବ ମନ୍ଦିର । ଗ୍ରାମବାସୀଙ୍କ କହିବା ଅନୁଯାୟୀ, ମନ୍ଦିରଟି ରାମିଆଳ ନଦୀ କୂଳରେ ଥିଲା । କୁହାଯାଏ, ରାମିଆଳ ନଦୀରେ ଜୁଆଳ ପକାଇ ଲୋକମାନେ ପାର ହେଉଥିଲେ । କାଳକ୍ରମେ ନଦୀରେ ବଢି ହେବା ଫଳରେ ନଦୀର ଦୁଇପଟର ଅବବାହିକା ବା ମୃତ୍ତିକା ନଦୀରେ ମିଶି ନଦୀ ଉଭୟ ପଟକୁ ପ୍ରସାରିତ ହୋଇଗଲା । ତେଣୁ ବର୍ତ୍ତମାନ ପ୍ରଭୁ ଶ୍ରୀ ଶ୍ରୀ କପିଳେଶ୍ୱର ମହାଦେବ ରାମିଆଳ ନଦୀର ମଧ୍ୟ ସ୍ଥାନରେ ଅଧିଷ୍ଠିତ କରିଛନ୍ତି । ପ୍ରକାଶ ଥାଉକି, ମନ୍ଦିରଠାରୁ ମା ପାର୍ବତୀଙ୍କ ମନ୍ଦିର

୨୫ ହାତ ଦୂରରେ ଥିଲା । କାଳକ୍ରମେ ନଦୀ ପ୍ରସାରିତ ହେବା ଫଳରେ ବର୍ତ୍ତମାନ ମାଙ୍କର ମନ୍ଦିର ଚତୁର୍ଥ ଥର ସ୍ଥାପନ କରାଗଲାଣି ।



ସ୍ଥାନୀୟ ବାସିନ୍ଦାଙ୍କ ମୁହଁରୁ ଶୁଣିବାକୁ ମିଳେ ଯେ, ପୂର୍ବରୁ ରାମିଆଳ ନଦୀ କୂଳରେ ଥିବା ଜଗନ୍ନାଥପୁର ଗ୍ରାମରେ ଏକ ରାଜ ପରିବାର ବାସ କରୁଥିଲେ । ରାଜାଙ୍କ ଗାଈ ଚରାଇବାକୁ ଜଣେ ଗାଈଆଳକୁ ରଖାଯାଇଥିଲା । ସେ ପ୍ରତିଦିନ ଗାଈ ଚରାଇବାକୁ ନଦୀ କୂଳକୁ ଆଣୁଥିଲା, ହେଲେ ଘରକୁ ଫେରି ଗାଈଟି କ୍ଷୀର ଦେଉନଥିଲା । ଗଉଡ ଉପରେ ରାଜା ସନ୍ଦେହ କରି ତାଙ୍କୁ ବନ୍ଦୀ କରିଥିଲେ । ପରେ ଗାଈ ଚରାଇବାକୁ ଅନ୍ୟ ଜଣକୁ ନିଯୁକ୍ତି ଦିଆଗଲା । ତେବେ ଗାଈ କ୍ଷୀର ନଦେବା ଘଟଣା ଜାରି ରହିଥିଲା । ଏହାର କାରଣ ଜାଣିବାକୁ ଏକଦା ରାଜାଙ୍କ ସୈନ୍ୟମାନେ ଯାଇ ଗାଈ ଏବଂ ଗଉଡର ଗତିବିଧିକୁ ଲୁଚ ଛପି ଅନୁଧ୍ୟାନ କଲେ । ଏହି ସମୟରେ ଗାଈଟି ଏଠାରେ ବିଲ ଗଛ ବୁଦା ଭିତରକୁ ପଶିଯାଉଥିଲା । ପରେ ସୈନ୍ୟମାନେ ଯାଇ ଦେଖିଲାବେଳକୁ ଗାଈଟି ଏକ ଶିବଲିଙ୍ଗ ଉପରେ

ଠିଆ ହୋଇଛି । ଆଉ ତା ପହ୍ନାରୁ ଆପେ ଆପେ କ୍ଷୀର ଝରୁଛି । ରାଜା ଏହି ଖବର ଶୁଣି ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ । ଉକ୍ତ ଜାଗାରେ ମହାଦେବଙ୍କ କୃପା ରହିଥିବ ବିଶ୍ୱାସ ଆଧାରରେ ପରବର୍ତ୍ତୀ ସମୟରେ ରାଜା ମନ୍ଦିର ତୋଳାଇଥିଲେ ।

ଆଉ ଗୋଟିଏ କମ୍ବଦନ୍ତୀ ହେଲା – ଷଷ୍ଠ ଶତାବ୍ଦୀର ଶେଷ ଆଡକୁ ରାମିଆଳ ନଦୀ କୂଳରେ ହାଟୁଆରି ଗ୍ରାମ ବସତି ବୋଲି ଅନୁମାନ କରାଯାଏ । ସେହି ଗ୍ରାମର ଜଣେ ଗଉଡ ସବୁଦିନ ଗାଈ ଚରାଇବାକୁ ନଏ । ଦିନେ ସେ ଦେଖିଲା ଗୋଟିଏ କାଳୀ ଗାଈ ଠିଆ ହୋଇଚ ଏବଂ ତାର ପହ୍ନାରୁ କ୍ଷୀର ବହୁଛି । ସେ ଏକଥା ଦେଖି ଯାଇ ଗ୍ରାମରେ କହିଲା । ସେହି ଗ୍ରାମରେ ଅନେକ ବ୍ରାହ୍ମଣ ବସବାସ କରୁଥିଲେ । ଗଉଡ କଥା ଶୁଣି ବ୍ରାହ୍ମଣମାନେ ସେହି ଜାଗାରେ କ୍ଷୀର ଆଉ ବେଲପତ୍ର ଦେଇ ପୂଜା କଲେ । ଏଇ କଥା ଗୁରିଆଡେ ପ୍ରଗ୍ୟର ହୋଇଗଲା । ସେହି ସମୟରେ ଗଡଜାତ ଅଞ୍ଚଳରେ ରାଜା ଥିଲେ ଅନଙ୍ଗ ଉଦୟନାଥଙ୍କ ବଂଶର । ରାଜା ନଜେ ଆସି ସେହି ଜାଗାକୁ ଦେଖିଥିଲେ । ତା ପରେ ମନ୍ଦିର ତିଆରି କରିଥିଲେ । ବର୍ତ୍ତମାନ ପ୍ରଭୁ ଶ୍ରୀ ଶ୍ରୀ କପିଳେଶ୍ୱର ମହାଦେବ ରାମିଆଳ ନଦୀର ମଧ୍ୟସ୍ଥଳରେ ଅଛନ୍ତି । ପ୍ରଭୁ କପିଳେଶ୍ୱରଙ୍କର ପ୍ରତ୍ୟେକ ପର୍ବ ପର୍ବାଣୀ ଏବଂ ବାରମାସକୁ ତେର ପର୍ବ ପାଳନ କରାଯାଏ । ପ୍ରତ୍ୟେକ ମାସର ସୋମବାର ଏବଂ ପ୍ରତ୍ୟେକ ମାସର ଶିବ ଚତୁର୍ଦ୍ଦଶୀ ଦୁଇଟି ଲେଖାଏଁ ବିଧି ମୁତାବକ ପାଳନ କରାଯାଏ ।

ମନ୍ଦିରର ପ୍ରାଚୀନତା ଏବଂ ଭକ୍ତଙ୍କ ବିଶ୍ୱାସ ଯୋଗୁଁ ଶତାଧିକ ଶ୍ରଦ୍ଧାଳୁ ଏଠାକୁ ଆସିଥାନ୍ତି । ବିଶେଷକରି କାର୍ତ୍ତିକ ପୂର୍ଣ୍ଣିମା ଓ ଜାଗରରେ ଶିବ ଦର୍ଶନ ପାଇଁ ସହସ୍ରାଧିକ ଭକ୍ତଙ୍କ ସମାଗମ ହୁଏ ।

**ଜଗନ୍ନାଥପୁର, କାମାକ୍ଷାନଗର, ଢେଙ୍କାନାଳ**

# ଜ୍ଞାନ ଓ ଧନ

[ଛନ୍ଦ-ବଙ୍ଗଳାଶ୍ରୀ]



ସେବାକାନ୍ତ ନନ୍ଦ

ଜ୍ଞାନ ଧନ ନୁହେଁ ନର ଜୀବେ ଥାଏଇ
ଉତ୍ତମ ପଥ ଦେଖାଏ,
ଧନର ଯେ କ୍ଷୟ ଜ୍ଞାନର ଉଦୟ
ସେ କ କେବେ ସମ ହୁଏ ॥
ଧନରୁ ଜୀବନ ଜ୍ଞାନରୁ ସମ୍ମାନ
କରିଥାନ୍ତି ହିତ ସାଧନ,
ଧନଜ୍ଞାନ ଦୁହେଁ ପ୍ରାଣୀ ହିଏତେ ଥାଏ
ତଥାପି ନୁହେଁ ସମାନ ॥
ଗ୍ଭଲିଯିବ ଦିନେ ରହିବନ ଧନ
କରିଦେଇ କେବେ ଦୀନ
ଜ୍ଞାନର ବିଜୟ ଯୁଗେ ଯୁଗେ ଥିବ
ହେବନାହିଁ ସମାପନ ॥
ସବୁଠାରୁ ଶ୍ରେଷ୍ଠ ଅଟଇ ଯେ ଜ୍ଞାନ
ଅଧମେ କାହିଁ ଜାଣିବେ,
ବିଳାସ ବ୍ୟସନେ କାଟିବାକୁ ଦିନ
ସଦା ମନେ ଗୁଣୁଥିବେ ॥
ଧନ ଗର୍ବେ ସେହି ଅନ୍ୟାୟ କରିବେ
ଦର ଦାଖ୍ ହରି ନେଇ,
ପାପେ ଛନ୍ଦି ହୋଇ ମତି ହେବ ଭ୍ରମ
ରହିବେ କଷଣ ପାଇ ॥

ଜ୍ଞାନ ଅଟେ ଶ୍ରେଷ୍ଠ ଉତ୍ତମ ଜନର
କରିଣ ସଦା ପ୍ରଚେଷ୍ଟା
ଜ୍ଞାନ ଆହରଣ ମହତ ସମ୍ମାନ
ଅଟେ ସିଏ ଶାନ୍ତଶିଷ୍ଟା ॥
ଜ୍ଞାନ ଓ ଧନର ସତ ବ୍ୟବହାର
ଯେବେ ତୁ କରି ପାରିବୁ,
ଶିକ୍ଷିତ ବୋଲାଇ ମହତ ଜନ ହୋଇ
ସଂସାରେ ଯଶ ପାଇବୁ ॥

କନ୍ଧପାଲି, ବଲାଙ୍ଗିର

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ| ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ଗିତ ପଦେ ଗାରେ ଚେରେ

କ୍ଷୀରେନ୍ଦ୍ର କୁମାର ସାହୁ

ନଲିଆ ଆକାଶ ର
ଛାତି କେ ଚରି କରି,
ଉଜେର ମନ କେ
ଫୁଲକାବାର ଲାଗି,
ଫେର ଘାଏ ଜିବନ କେ
କେନ କନେ ଲୁକ ଦେଇ
ଦେଇ ଥିବାର
ସୁଖ କେ
ଇଁଚରେଇ ଇଁଚରେଇ
ନୁରବାର ଲାଗି ।
ହଦରି ଦେଲେ
ହେବା ଭୁଏଲ,
ଆର ଘଡେ
ଆର ଛନେ
ବଲି ବଲି କାଁଜେ
କହୁଛୁ ଜେ ତୁଇ ।
ସୋର ଥି କାନା ଅଛେ ।
ନାଇଁ ବାଜୁ ପଛେ
ସୁଲହ ଭରନ
ମାନ୍ଦଳ ଘୁମୁର୍,
ହାଦେ ସୁନ
ଜୁବତ ଗୁଆଁଡି ର କଁଦନା

ଜୁଆନ ପୁଓ
ତାମିଲନାଡୁ ନେ
ମୁରଦାର ହେଲ୍ ବଲି
ଅଛି ରୁଦନ କାଁଦି ।
ହେଲେ ତୁଇ ଗାଏବାର
ଲ୍‌ଗି ଆଏବୁ
ଗିତ ସୁନ ବାର
ଲ୍‌ଗି ଆଏବୁ
ଭ୍‌ବ ପିରତି ର
ସୁଖର ଗିତ
ଗାଏବାର କେ
ଜେନତା ହଉ ଆଏବୁ ।
ତୁଇ ଆ ରେ ଚେରେ
ଗିତ ପଦେ ଗାରେ ଚେରେ
ଆ ଗାଏବୁ ଗିତ ପଦେ
ଜିବନ ସାତ ସୁରେ ।

ବରପିଟା, ପାଟଣାଗଡ଼, ବଲାଙ୍ଗିର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲ୍ – ୯୫୯୪୯୯୩୭୩୩ ।
ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।

# ନବଧା ଭକ୍ତି



ରାଜେଶ କୁମାର ବାରିକ

ପ୍ରଥମେ ଶ୍ରବଣ ମାଧ୍ୟମେ କରି ଭକତି
ବ୍ରହ୍ମଜ୍ଞାନ ଲଭି ନିର୍ମଳ ଏ ମତି ।
ସ୍ମରଣ ଭକତି ଯେ ପରମ ସୁଖଦାୟି
ମଗ୍ନ କରି ଚିତ୍ତ ବସିଥାନ୍ତି ଯୋଗୀ ।
ପାଦ ପଦ୍ମ ଧୋଇ ସେବ ନିତ୍ୟ ଗୁରୁ ସେବା
ନାରାୟଣ ସମ ସେହି ଗୁରୁ ଦେବ ।
ନିଷ୍କପଟ ଚିତ୍ତରେ ସଦା କରି ଭଜନ
ମୁକତିର ଦ୍ୱାର ନାମ ରସାୟନ ।
ଅନ୍ତର ମଧ୍ୟେ ରଖ ନିତି ଦୃଢ ବିଶ୍ୱାସ
ରାମ ମନ୍ତ୍ରକୁ ସ୍ତୁତି ଲଭ ହରଷ ।
ଇନ୍ଦ୍ରିୟ ନାଶ କରି ଉତ୍ତମ ଗୁଣ ଘେନ
ସଦାଚାର ଧର୍ମ ଅଧର୍ମକୁ ଜାଣ ।
ହୃଦେ ଚିନ୍ତ ସଖା ତଥା ଆତ୍ମୀୟ ସ୍ୱଜନ
ଦୁଃଖ ଶୋକ ବ୍ୟାଧି କରିବେ ଖଣ୍ଡନ ।
ସରଳ ମନରେ ପ୍ରଭୁ ସ୍ୱାମୀ ରୂପେ ମଣି
ଆରାଧନା କର ନାମ ତତ୍ତ୍ୱ ଜାଣି ।
ହରଷ ବିଷାଦ କେବେ ନ ଚିନ୍ତ ଯେ ମନେ
ସମର୍ପିତ ସ୍ୱୟଂ ସେହି ପଦ୍ମାନନେ ।
ନବଧା ଭକ୍ତିକୁ ଯିଏ ହୃଦୟେ ଚିନ୍ତଇ
କଳେବର ନଷ୍ଟେ ବଇକୁଣ୍ଠ ପାଇ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ

# କରୋନା : ଏକ ଅଦୃଶ୍ୟ ଶତ୍ରୁ




ଦୀପକ ଷଡଙ୍ଗୀ

ସାମ୍ପ୍ରତିକ ପରିସ୍ଥିତିରେ କରୋନା ଭୂତାଣୁ କୁ ନେଇ ସାରା ବିଶ୍ୱ ଏବେ ଚନ୍ତାରେ । ଚୀନ ର ଉହାନ ରାଜ୍ୟରୁ ଡିସେମ୍ବର ୨୦୧୯ ରୁ ଆରମ୍ଭ ହୋଇଥିବା ଏହି ଭୂତାଣୁ ଏବେ ସାରା ବିଶ୍ୱ କୁ କବଳତ କରି ରଖିଛି । ଲାଗୁଛି ଯେପରି ଏକ ଅଦୃଶ୍ୟ ଶକ୍ତି ମଣିଷ ସମାଜକୁ ମାନବ ଶୂନ୍ୟ କରିବାକୁ ବଦ୍ଧ ପରିକର । ଏହ ଭୂତାଣୁ ର ଅଦୃଶ୍ୟ ମାଡରେ ଏବେ ସାରା ପୃଥିବୀ ଭୟ ରେ ଥରହର ହେଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କୋଭିଡ-୧୯ କୁ ମହାମାରୀ ଘୋଷିତ କରି ସାରଥିବା ବେଳେ ଭାରତ ସମେତ କଛି ଦେଶରେ ଜରୁରୀ କାଳୀନ ସ୍ଥିତି ଘୋଷଣା କରା ହୋଇସାରିଛି । ଆଜକୁ ପ୍ରାୟ ଶହେ ବର୍ଷେ ତଳେ ସ୍ପାନଶ ଫ୍ଲୁ ତମାମ ବିଶ୍ୱରେ ଯେଉଁ ବିଭୀଷିକା ନେଇ ଆସିଥିଲା; ଏବେ କରୋନା ପ୍ରାୟତଃ ସମାନ ସ୍ଥିତି କୁ ନେଇ ଆସିଛି । ଗତ ୧୦୦ ବର୍ଷର ବ୍ୟବଧାନ ଭିତରେ ସଭ୍ୟତା ର ଜୟଯାତ୍ରା ଆମକୁ ଢେର ଆଗକୁ ନେଇ ଆସିଛି ସତ, ତଥାପି ମଣିଷ ର ଜୀବନ କୁ ନେଇ ଅସହାୟତା ଆମକୁ ଅନଷ୍ଚିତ ଓ ଅସାଢ କରି ରଖିଛି । ୧୯୧୮ ମସିହା ଜୁନ ମାସରେ ଟାଇମସ୍ ଅଫ ଇଣ୍ଡିଆ ର ଏକ ସଂସ୍କରଣରେ ରହସ୍ୟମୟ ସଂକ୍ରାମକ ଜ୍ୱର ବିଷୟରେ ସୂଚନା ଦିଆ ହୋଇଥିଲା, କନ୍ତୁ ସେ ସମୟରେ ଲୋକମାନେ ଏତେ ସଚେତନ ନଥିଲେ ଯାହାର ଫଳ ସ୍ୱରୂପ ଲକ୍ଷାଧିକ ଲୋକ ମୃତ୍ୟୁ ମୁଖରେ ପଡିଥିଲେ । ସେତେବେଳେ ମଧ ଏହି ଫ୍ଲୁ ରୋଗ ଚୀନ ରୁ ହିଁ ବ୍ୟାପିଥିଲା ଚୀନ ର ଶ୍ରମିକ ମାନଙ୍କ ସ୍ଥାନନ୍ତରଣ କୁ ନେଇ । ଚୀନ ର ଏହି ଶ୍ରମିକ ମାନେ ବାହାର ଦେଶ ରେ ଶସ୍ତାରେ, କମ ପାରିଶ୍ରମିକରେ ରାସ୍ତା ତିଆରି କରୁଥିଲେ, କଳକାରଖାନାରେ କାମ କରୁଥିଲେ, ଟ୍ରେଞ୍ଚ ଖୋଳୁଥିଲେ ଏବଂ କୌଣସି ଜାଗାକୁ ଯିବା ବେଳେ ଏମାନେ ଟ୍ରେନରେ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶ ରେ ଯାତ୍ରା କରୁଥିଲେ ଏବଂ

ରହୁଥିଲେ ମଧ୍ୟ ଯାହା ଫଳରେ କ ଏହି ରୋଗ ର ସୂତ୍ରପାତ ହୋଇଥିଲା । ଏହି ରୋଗ ଚଡ଼ୁଟ ହେବାର ଦୁଇ ସପ୍ତାହ ମଧ୍ୟରେ ପ୍ରାୟ ହଜାରେ ରୁ ଅଧିକ ଲୋକ ସଂକ୍ରମିତ ହୋଇ ସାରିଥିଲେ । ଭାରତ କୁ ମଧ୍ୟ ଏହି ରୋଗ ଖୁବ ଶୀଘ୍ର ବ୍ୟାପୀ ଯାଇଥିଲା। ଏହି ରୋଗ ବ୍ୟାପିବାର କଛି ମାସ ମଧ୍ୟରେ ଯେଉଁ ବିଭୀଷିକାମୟ ଚନ୍ଦ ଭାରତ ଦେଖିଲା ଯେ ତାକୁ ନେଇ ବିଶିଷ୍ଟ ହିନ୍ଦୀ କବି ନରଳ ଲେଖିଥିଲେ ଯେ ଉତ୍ତରପ୍ରଦେଶ ର ଗଙ୍ଗାଘାଟ ର ଉଭୟ ପାର୍ଶ୍ୱରେ ଏପରି ଶବ ଗୁଡିକ ଗଦା ହୋଇ ରହିଥିଲା ଯେ ସେଗୁଡିକୁ ପୋଡିବା ପାଇଁ ସେତେବେଳେ କାଠ ର ଅଭାବ ପଡି ଯାଇଥିଲା । ଏକ ହିସାବ କହିଥାଏ ଯେ ପ୍ରତ୍ୟେକ ଶହେ ବର୍ଷରେ ଥରେ ଏପରି ଏକ ମହାମାରୀ ବିଶ୍ୱରେ ଦେଖା ଯାଇଥାଏ । ତେବେ ଏଇଠି ମନେରଖିବା ଦରକାର ଯେ ଏ ପୃଥିବୀ ଗ୍ରହ କେବଳ ମନୁଷ୍ୟ ପାଇଁ ନୁହେଁ ଗଛଲତା, ପଶୁପକ୍ଷୀ, କୀଟପତଙ୍ଗ, ଭୂତାଣୁ, ଜୀବାଣୁ, କୀଟାଣୁ ଆଦି ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ । ମଣିଷ ଯେତେବେଳେ ପ୍ରକୃତି ବିରୁଦ୍ଧରେ ଯୁଦ୍ଧ ଘୋଷଣା କରେ ତାକୁ କବଳତ କରିବାକୁ ଚେଷ୍ଟା କରେ ସେମିତି ପ୍ରକୃତି ମଧ୍ୟ ତା'ର ପ୍ରତିଉତ୍ତର ଦେଇଥାଏ । ବର୍ତ୍ତମାନ ସେହି ସମୟ ଉପନୀତ । ପ୍ରକୃତି ର ଅଦୃଶ୍ୟ ପ୍ରହାର ମାନବ ସଭ୍ୟତା ଉପରେ ପଡିଛି। ଏ ଭୂତାଣୁ ମାନେ କେଉଁ ନୂଆ ଗ୍ରହ ରୁ ଆସି ଏଠି ବସା ବାନ୍ଧିଲେ ତାହା ନୁହେଁ ଏମାନେ ସବୁ ଆଡେ ବ୍ୟାପ୍ତ । ସେମାନେ ସେମାନଙ୍କ ସ୍ୱାଭାବିକ ଅବସ୍ଥାରେ ରହିଲେ ସମସ୍ୟା ନାହିଁ। ସେମାନେ ସବୁ ଆଡେ ଘୁରି ବୁଲନ୍ତି । ଅନୁକୂଳ ପରିସ୍ଥିତି ରେ ସେ ତା'ର କାୟା ବିସ୍ତାର କରେ ଇତର ପ୍ରାଣୀମାନଙ୍କ ଠାରୁ ମଣିଷ ଶରୀରକୁ ଅତି ସହଜରେ ଆସି ବସା ବାନ୍ଧି କରି ରହିଥାଏ । ଏବେ କନ୍ତୁ ଏ ମଣିଷ ସେମାନଙ୍କ ସ୍ୱାଭାବିକ ସ୍ଥିତି ସହିତ ଖେଳବାକୁ ଆରମ୍ଭ କରିଛି । ବିଜ୍ଞାନ ବଳରେ ଗର୍ବୀ ହୋଇ ସେମାନଙ୍କ ପ୍ରାକୃତିକ ଚକ୍ର କୁ ଧ୍ୱଂସ କରିବାକୁ ବସିଛି । ଯେତେବେଳେ କୌଣସି ଜୀବକୁ ଅତ୍ୟଧିକ ଅତିଷ୍ଠ କରାଯାଏ ସେ ତା'ର ପ୍ରାଣ ରକ୍ଷା ନମିତ୍ତ ପ୍ରତି ଆକ୍ରମଣ କରେ । ବର୍ତ୍ତମାନ ପ୍ରକୃତି ତା'ର ପ୍ରତି ଆକ୍ରମଣ ଆରମ୍ଭ କରିଛି ଏଇ ଭୂତାଣୁ, ଜୀବାଣୁ ମାନଙ୍କ ମାଧ୍ୟମରେ ।

ଭେଷଜ ବିଜ୍ଞାନ ଉନ୍ନତି ର ଶହେ ରୁ ଉର୍ଦ୍ଧ ବର୍ଷ ବିତି ଯାଇଥିଲେ ମଧ କରୋନା କୁ ପ୍ରତିହତ କରିବା ପାଇଁ ଏବେ ଆମ ପାଖରେ କୌଣସି ନିର୍ଦ୍ଦିଷ୍ଟ ଔଷଧ ନାହିଁ ସତ କିନ୍ତୁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସଚେତନତା ଆମକୁ ଖୁବ ସତର୍କ କରି ଦେଇଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ଵାରା କରୋନା ନିୟନ୍ତ୍ରଣ ପ୍ରଦତ୍ତ ସମସ୍ତ ନିୟମକୁ ଠିକ ସେ ମାନି ଚାଲିଲେ ଆମେ ସମସ୍ତେ ମିଳମିଶି ଏ ଭୂତାଣୁ କବଳରୁ ନିଜକୁ, ନିଜ ପରିବାରକୁ ଓ ଆମ ଦେଶ ଭାରତ କୁ ଏହି ଅଦୃଶ୍ୟ ଶତ୍ରୁ ର ଆକ୍ରମଣରୁ ମୁକ୍ତ କରି ପାରିବା ।

ଅଧାପକ, ରୋଲାଣ୍ଡ ଫାର୍ମାସୀ କଲେଜ
ଖୋଡାସିଂଗି, ବ୍ରହ୍ମପୁର



# ସ୍ୱାର୍ଥ ପାଇଁ ସମ୍ପର୍କ



ଉଦୟ କୁମାର ପଣ୍ଡା

ସ୍ୱାର୍ଥ ସବୁ ସ୍ୱାର୍ଥ। ସ୍ୱାର୍ଥପର ଏହି ଦୁନିଆ। ଯଦି ତୁମେ ନିଃସ୍ୱ ତେବେ ତୁମପାଇଁ ଏ ଦୁନିଆ ବିଷ। ଯଦି କେହି ଜାଣିବେ କି ତୁମେ ଅସହାୟ, ଦରିଦ୍ର, ମୂର୍ଖ ତେବେ ତୁମପାଇଁ ଏ ଦୁନିଆ ପର ହୋଇଯିବ ଏବଂ  ସମସ୍ତେ ତୁମଠାରୁ ଦୂରେଇଯିବେ। ହୁଏତ ତୁମ୍ଭର ସମୟ, ପରିସ୍ଥିତି ଏବଂ ପରିବେଶ ତୁମକୁ ନିଃସ୍ୱ କରିଦେଇ ଥାଇପାରେ। ପରନ୍ତୁ କେହି ତୁମର ବାସ୍ତବତା ଜାଣିବାକୁ ଚାହିଁବେ ନାହିଁ। ଏଠି ତ କେବଳ ସ୍ୱାର୍ଥ ହାସଲ୍ ହିଁ ମୂଳ ଲକ୍ଷ। କ'ଣ ଏ ଦୁନିଆରେ ଜଣେ ମଧ୍ୟ ବାସ୍ତବ ମାନବିକତାକୁ ବୁଝିବା ପ୍ରାଣୀ ନାହାଁନ୍ତି ? ଏହିପରି ଭାବନା ଆଜି ଅଜୟ ମନରେ ଉଙ୍କି ମାରିଛି । ଶୁଣିବାକୁ କେହି ନାହାଁନ୍ତି କି କହିବାକୁ କେହି ନାହାଁନ୍ତି। ଅଜୟ ଆଜି ନିଜେ ନିଜର ବକ୍ତା ଓ ଶ୍ରୋତା।

ଦିନ ଥିଲା ଅଜୟ ସତରେ ଗୋଟେ Looser ଥିଲା। ସମସ୍ତେ ଅଜୟ ଠାରୁ ଦୂରେଇ ଯାଇଥିଲେ। ସମସ୍ତଙ୍କର ଅଜୟ ପ୍ରତି ବିତୃଷ୍ଣା ଭାବ ଅଜୟକୁ ବହୁତ କଷ୍ଟ ଦେଲା। ଅଜୟ ମଧ୍ୟ ବହୁତ ପରିଶ୍ରମ କରି success ପାଇଲା। ଦିନେ ଯେଉଁମାନେ ତାକୁ looser କହୁଥିଲେ ଆଜି ସେଇମାନେ ଅଜୟର  success ପାଇଁ ତାକୁ follow କରୁଛନ୍ତି। କିନ୍ତୁ ଯେଉଁ ଅଜୟ ସମସ୍ତଙ୍କ ଆପଣାର ହେବାପାଇଁ ଏତେ ପରିଶ୍ରମ କଲା, ଆଜି ସିଏ ପୁଣିଥରେ ପୂର୍ବ ଅବସ୍ଥାକୁ ଫେରିଯିବାକୁ ଚାହୁଁଛି। ତାକୁ ଆଉ କିଛି ଅଛପା ନାହିଁ। ସେ ବୁଝିଯାଇଛି ଏହି ସ୍ୱାର୍ଥପର ମଣିଷମାନଙ୍କୁ। ସେ ବହୁତ ଖୋଜିଲା କାଳେ କେଉଁଠି ହେଲେ ଗୋଟିଏ ନିସ୍ୱାର୍ଥପର ଆତ୍ମୀୟ ମିଳିଯିବ କିନ୍ତୁ ଯାହା ବିରଳ ତାହା ସେ କେଉଁଠାରୁ ବା ପାଇଥାନ୍ତା। ଶେଷରେ ସେ ନିଷ୍ପତ୍ତି ନେଲା କି ପୁଣିଥରେ ସମସ୍ତଙ୍କ ପାଇଁ ସେ LOOSER ର ଅଭିନୟ କରିବ।

ଅଜୟର success ପରର ଘଟଣା.....

କଲେଜରେ ପଢ଼ିବା ସମୟରେ ଅଜୟର ବହୁତ friend ଥିଲେ। କଲେଜ ଛାଡିବାର ଗୋଟେ ବର୍ଷ ପରେ ସମସ୍ତଙ୍କ ସହିତ ତାର ଦେଖା ହେଲା। ସମସ୍ତଙ୍କ ସହ କଥାହେବା ପରେ ଗୋଟିଏ କଥା ଅଜୟକୁ ବହୁତ ଅଜବ ଲାଗିଲା । ଏତେ friends ଥିଲେ କିନ୍ତୁ ଜଣେ କେବଳ ଅଜୟକୁ ଚିହ୍ନିପାରିଲା ଏବଂ ଅନ୍ୟମାନଙ୍କୁ ନ ଚିହ୍ନିଲାପରି ବ୍ୟବହାର କଲା। ସେତେବେଳେ ଅଜୟକୁ ଏହା ଅଜବ ଲାଗିଥିଲା କିନ୍ତୁ ପରେ ସେ ସବୁ ଭୁଲିଗଲା। ଏମିତି କିଛିଦିନ ପରେ ଥରେ ଅଜୟ ତାକୁ ସାମାନ୍ୟ କ'ଣ ଟିକିଏ କହିଦେବାରୁ ସେ ଅଜୟକୁ ଜାଣିନାହଁ ବୋଲି ମନା କରିଦେଲା। ଅଜୟ ଜାଣିଗଲା କି ସେ ସ୍ୱାର୍ଥପର ଥିଲା। ସ୍ୱାର୍ଥ ହାସଲ ହୋଇପାରିଲାନି ବୋଲି ନଚିହ୍ନିବାର ଅଭିନୟ କଲା। ଅଜୟ ଆଖିରେ ଏବେ ସମସ୍ତେ ସ୍ୱାର୍ଥପର ମଣିଷ।.........

ସମୟ ନଈରେ ପୂର୍ବ ସ୍ମୃତି କୁ ଜଳାଞ୍ଜଳି ଦେଇ ଅଜୟ ପୁଣିଥରେ ସମୟ ସୁଅରେ ଭସି ଗ୍ଲିଲା। ହଠାତ୍ ଦିନେ ଅଜୟର ସେହି ଅବିବେକୀ, ସ୍ୱାର୍ଥପର ବନ୍ଧୁ ସହ ଭେଟ ହୋଇଗଲା। ଠିକ୍ ସେହି ସ୍ଥାନରେ ଯେଉଁଠି ସେ ଅଜୟକୁ ଜାଣିନାହଁ ବୋଲି କହିଥିଲା। ଆଜି କିନ୍ତୁ କଥା ଅଲଗା। ସେଦିନ ଅଜୟର ଆବଶ୍ୟକତା ଥିଲା କିନ୍ତୁ ଆଜି ସେହି ଅବିବେକୀ ବନ୍ଧୁ ଜଣକ ବିପଦରେ...........

ବନ୍ଧୁକୁ ବିପଦରେ ପଡ଼ିଥିବାର ଦେଖି ଅଜୟର ଆଖି ଛଳ ଛଳ ହୋଇଗଲା। ଅଜୟର ବିବେକ ତାକୁ ବାଧା ଦେଲା। ତତକ୍ଷଣାତ୍ ସେ ଯଥାଶକ୍ତି ତାକୁ ସାହାଯ୍ୟ କଲା। ବନ୍ଧୁ ଜଣକ କିଛି କହିବା ଆଗରୁ ଅଜୟ ତାକୁ ନଚିହ୍ନିଲା ପରି ଗ୍ଲିଗଲା.............. ।

ବୁଦାଖୁଣ୍ଟା, ବଡପୋଖରୀ, ଔପଦା,
ବାଲେଶ୍ୱର, ଓଡିଶା

# ବିଦାୟ ନେଲକ



ତାର୍ପ୍ରସାଦ ଜେନା

ବିଦାୟ ନେଲକ ଆଖିର ଆଗରୁ
ସତରେ ଭେଳକ ସାଜି
ରୂପର ଫସଲ ଉଜୁଡା ହୋଇଲା
ସନ୍ଦେହ ଖର୍କୁ ବାଢ଼ି !

ବୟସ ରଙ୍ଗଟା ବେରଙ୍ଗ ଦିଶିବ
ସପନ ହୋଇବ ପୋଡା
ଫୁଲର ଗହଣା ଅଙ୍ଗକୁ ସୁନ୍ଦର
ହେବନ ଆଉ ତ ଲୋଡା
କାମନା ନଆଁଟା ପାଉଁଶ ହୋଇଲା
କଏସେ କହିବ ଆଜି ।

ଅଭୁଲା ଶୋଷକୁ ବୁଝିବା ଛାଡିବ
ବିଦ୍ରୂପ ଲାଲିମା ଓଠ
ଅତୀତ ଉଖାରି ପଢି ତ ହେବନ
ପ୍ରଣୟ ବେଦର ପାଠ
ମିଳତ ପ୍ରାନର ବିଛେଦ ତୂରୀଟା
ତୁହାଇ ଉଠିବ ବାଜି !

ରଣପୁର, ନୟାଗଡ, ଓଡିଶା

# ପୁରାଣ ପୁରୁଷ



ଶରତ ଚନ୍ଦ୍ର ଜାଲି

ଜାତି ହେଉଛି ଗୋଟିଏ ଶୁଣ ଆରେମନ
ନୁହଁଇ କେବେ ବିଭିନ୍ନ କର ଏହି ଜ୍ଞାନ ॥
ତାହା ହେଉଛି ମନୁଷ୍ୟ ଜାତିର ନମୁନା
ବେଦ, ପୁରାଣରେ ଏହା ହୋଇଛି ବର୍ଣ୍ଣନା ॥
ଧର୍ମ ହେଉଛି ଗୋଟିଏ ଧାର୍ମିକ ମତରେ
ସର୍ବଧର୍ମ ସମନ୍ୱୟ ଏହି ଭାରତରେ ॥
ତାହା ପ୍ରେମର ଧରମ ବୁଝ ତାର ମର୍ମ
ସବୁ ତେଜି କର ଏକମାତ୍ର ଧର୍ମକର୍ମ ॥
ଭାଷା ହେଉଛି ଗୋଟିଏ ବିବିଧ ଭାଷାରେ
ଗଣନା କରିଲେ ହେବ ଅସଂଖ୍ୟ ସଂସାରେ ॥
ସର୍ବତ୍ର ତାହା ହେଉଛି ହୃଦୟର ଭାଷା
ମଉନର ଭାଷା ପୁଣି କହିଲି ସହସା ॥
ନିୟମ ହେଉଛି ଗୋଟେ ବିଧିବିଧାନରେ
ପାଳନ କରୁଅଛନ୍ତି ସର୍ବ ନାରୀନରେ ॥
ତାହା ହେଉଅଛି କାର୍ଯ୍ୟ କାରଣ ନିୟମ
ଜାଣିଶୁଣି କାହିଁ ପାଇଁ ହେଉଅଛ ଭ୍ରମ ॥
ସଦାଗୁରୁ ଗୋଟିଏତ କହୁଅଛି ଗୀତା
ଜଗତେ କେବଳ ତାହା ହିଁ ସତ୍ୟବାଦିତା ॥
ଯୋଗେଶ୍ୱର ହେଉଛନ୍ତି ଜଣେ ତିନିପୁରେ
ସେ ପ୍ରଭୁ ସର୍ବଜ୍ଞ, ବିଦ୍ୟମାନ ସର୍ବଠାରେ ॥
ସର୍ବଶକ୍ତିମାନ ସେଇ ପୁରାଣ ପୁରୁଷ
ତାଙ୍କରି ଚରଣ ତଳେ ନିତ୍ୟ ମୋର ବାସ ॥

ପଥର, ଖଲିକୋଟ, ଗଂଜାମ

# ତମେ ଗଲ୍‌ପରେ



ପୁସ୍ତମ୍ ଯୁଆଡି

ତମେ ଗଲ୍‌ପରେ ସୁନୀଳ ଅମ୍ବରୁ
ଝରିପଡ଼େ ବିରହର ବୁନ୍ଦା ବୁନ୍ଦା ରକ୍ତ....।
ମୁଁ କ'ଣ ଏଡ଼େ ଦୋଷୀ
ତାଡନା ନଆଁରେ ତମେ ଜାଳଦେଲ ବାରମାସୀ
ତମେ ଗଲ୍‌ପରେ....
ଆଜି କଆଁ ଖୁବ ବେଶୀ ମନେ ପଡେ
ସେଇ ଦୁଇ ନୀଳ ନୀଳ ଆଖି..।
କଲେଜ ବେଳର ସେଇ ସବୁ
ନରେ୍ଲା ଦୃଶ୍ୟ
ପହିଲି ଆଷାଢ଼ର ମାଦକତା
ଆମେ କେବେ ଗୋଟିଏ ଛତାରେ ତ
କେବେ ପୁଣି ଅନେକ ଦୂରରେ ।
ସଖି ଗୋ...
ତମେ ଗଲ୍‌ପରେ ।

ଭୁତିବାହାଲ, ଗାଇସିଲ୍‌ଟ, ବରଗଡ଼

# ଛୋଟ ମୋର ନାଆଟି

(ଧାରାବାହିକ)



ପ୍ରଫେସର ଅନିତା ପଣ୍ଡା

## ଉଚ୍ଚ ଶିକ୍ଷାର ପ୍ରୟାସ

କହନ୍ତି ବିଗିଡ଼ି କପାଳକୁ ଶିକା ଛିଡ଼ିଲା । କେବଳ ଏମ୍.ବି.ବି.ଏସ୍ କରି ରହିବା ପାଇଁ ମୋ'ର ଆଦୌ ଇଚ୍ଛା ନ ଥିଲା । ଉଚ୍ଚ ଶିକ୍ଷା ପାଇଁ ଅଭିଳାଷା । ସେ ପୁଣି ପେଡ଼ିଆଟ୍ରିକ୍ସରେ।

୧୯୭୧ ମସିହାରେ ଆମର ଇଣ୍ଟରନ୍‌ସିପ ଶେଷ ହେଲା । ଖୁବ୍ ଗର୍ବର ସହ ଆମେ ଓଡ଼ିଶା ମେଡ଼ିକାଲ୍ କାଉନ୍‌ସିଲ୍‌ରେ ନିଜ ନିଜର ନାମ ପଞ୍ଜୀକରଣ କଲୁ । ଆମେ ସମସ୍ତେ ଏବେ ସାର୍ଟିଫାଇଡ୍ ଡାକ୍ତର ।

କେଉଁ କାରଣରୁ କେଜାଣି, ସେ ବର୍ଷ ଓଡ଼ିଶା ପି.ଏସ୍.ସି ପରୀକ୍ଷା ହେବନି ବୋଲି ସରକାରଙ୍କ ଠାରୁ ଚେତାବନୀ (ହୁକୁମ) ଆସିଲା । ତେବେ ଓଡ଼ିଶାର ପାଞ୍ଚ ଶହରୁ ଊର୍ଦ୍ଧ୍ୱ ଡାକ୍ତର କ'ଣ ଘରେ ବସି ରହି ମାଛ ମାରିବେ! କେତେଜଣ ଓଡ଼ିଶା ବାହାରକୁ ଗ୍ଚାକିରୀ ଉଦ୍ଦେଶ୍ୟରେ ବାହାରି ଗଲେ । ଅନ୍ୟମାନେ ନିଜ ନିଜର ଜନ୍ମସ୍ଥାନକୁ ଫେରିଯାଇ ପ୍ରାକ୍ଟିସ୍ କରିବା ଆରମ୍ଭ କରିଦେଲେ । ବାକୀ କେତେଜଣ ଷ୍ଟଡ଼ିଅସ୍ ଷ୍ଟୁଡ଼େଣ୍ଟ (ଅଭିପ୍ରାୟୀ ଛାତ୍ର) ନିଜ ନିଜ ଘରେ ବସି ଉଚ୍ଚ ଶିକ୍ଷା ପାଇଁ ପଢ଼ାପଢ଼ି କଲେ । ପେଡ଼ିଆଟ୍ରିକ୍ସରେ ପୋଷ୍ଟ ଗ୍ରାଜୁଏସନ୍ କରିବା ପାଇଁ ଭାରତର ବିଭିନ୍ନ ପ୍ରାନ୍ତର ମେଡ଼ିକାଲ୍ କଲେଜ ମାନଙ୍କର ଟିପ୍ପଣୀ ଏକାଠି କଲି । ଯାହା ଜାଣିଲି ସେ ହେଲା ସି.ଏମ୍.ସି ଭେଲୋର୍ ଏବଂ ଏ.ଆଇ.ଆଇ.ଏମ୍.ଏସ୍ ଭାରତର ସବୁଠାରୁ ଉଚ୍ଚକୋଟୀର । ସି.ଏମ୍.ସି ରେ ହାଉସ୍ ଜବ୍ ପାଇଁ ନିବେଦନ (ଆବେଦନ) ପତ୍ର ପଠାଇଲି ଏବଂ ଅକ୍ଟୋବର ୧୮ ତାରିଖରେ ଇଣ୍ଟରଭିଉ

ପାଇଁ କଲ୍ ଆସିଲା । ହେଲେ ବାପା ଏବଂ ସାନ ନନାଙ୍କର ଏକାଜିଦି, ଗାଁରେ କ୍ଲିନକ୍ ଖୋଲେ । ଆଜ୍ଞା ଅବଜ୍ଞା କରିବାକୁ ସାହସ ନ ଥିଲା ।

**ବ୍ୟଙ୍ଗୋକ୍ତିପର ଯଥାର୍ଥ ଉତ୍ତର-:**

୧୯୭୧ ମସିହା, ସେପ୍ଟେମ୍ବର ପଚଶ ତାରିଖ । ଆମ ଘରେ ଗୋଟିଏ ଛୋଟ ବନ୍ଧୁମିଳନର ଆୟୋଜନ ଥିଲା । ବହୁଜଣ ଓଡିଶାର ଅତିଥିଙ୍କ ଗହଣରେ ଜଣେ ଓଡିଶା ବାହାରେ ରହୁଥିବା ଅତିଥି ମଧ ଥିଲେ । ଅତିଥିମାନେ ବାପାଙ୍କ ସହ ବହୁ ଆଳାପ କରୁଥିଲେ । ବାପା ସମସ୍ତଙ୍କ ସାମ୍ନାରେ ମୋ ଡାକ୍ତରୀ ପାସ୍ କରିବା କଥା ବଖାଣି ହେଉଥିଲେ । ବଧାଇ ଶୁଣି ଶୁଣି ବାପା ମଧ ଅବ୍ୟାହତ ହେଉଥିଲେ । ଆସର ଭାଙ୍ଗିବା ପରେ କେବଳ ଓଡିଶା ବାହାରର ଅତିଥି ଜଣଙ୍କ ବାପାଙ୍କ ପାଖରେ ବସିଥିଲେ । ମୋ ରୁମ୍ ଭିତରକୁ ପଶିବା ଦେଖି ବାପାଙ୍କୁ ମୋ ବିବାହ ବିଷୟରେ କଛି ତାଚ୍ଛଲ୍ୟ ଭାବେ ପ୍ରଶ୍ନ କରିଥିଲେ । ଯାହାର ଅର୍ଥ ବୁଝିବାକୁ ମତେ କଛି ସମୟ ଲାଗିଯାଇଥିଲା ।

"ମାତ୍ର ନଅବର୍ଷ ବୟସର ଥିବାବେଳେ ତାର ବିବାହ ପାଇଁ ଖବର କାଗଜମାନଙ୍କରେ ବିଜ୍ଞାପନ ଦେଇଥିଲେ, ଏବେ ନୀରବ କାହିଁକ?"

ସେ ମାନଲେ ତ!

କଲେଜରେ କେଉଁଠି କଛି ଲଫଡା ନାହିଁ ତ?

ବାପାଙ୍କଠାରୁ କଛି ସନ୍ତୋଷଜନକ ଉତ୍ତର ନ ପାଇ ପୁଣି ଆରମ୍ଭ କଲେ, "ବଢିଲା ଝିଅଟାକୁ ଘରେ ବସାଇ ରଖିବା ତ ଠିକ୍ ହେବନ" ନାଁ, ସେ ଗାଁରେ ରହି ଆମ ଗାଁ ବାସୀଙ୍କର ସେବା କରିବ ବୋଲି ଆମେ ଗ୍ଚହୁଁ । ଓଃ ଖୁବ୍ ଭଲ ପ୍ରସ୍ତାବ ।

ମାତ୍ର ସେ ଜମା ମଙ୍ଗୁନ, କହୁଛି ଉଚ୍ଚଶିକ୍ଷା ପାଇଁ ବାହାରକୁ (ଭେଲୋର) ଯିବ । ଏତିକରେ ଭଦ୍ରବ୍ୟକ୍ତି ଖୁବ୍ ଜୋର୍‌ରେ ହସିବାକୁ ଲାଗିଲେ । ପରେ ପରେ ମୋ ଆଡକୁ ଗ୍ଚହିଁ କହିଲେ ସି.ଏସ୍.ସି ଭେଲୋର! ସେମାନେ ତଳହା ମେଡିକାଲ କଲେଜରୁ ପାସ୍ କରିଥିବା କୋଡିଏ କଲୋର ଗୋଟିଏ ଡାକ୍ତରାଣୀକୁ ପାସଙ୍ଗରେ ପକାଇବେନ । ତୁମ ପାଇଁ ସେ ଗାଁ ପ୍ରସ୍ତାବଟି

ଖୁବ୍ ଭଲ । ଖଣ୍ଡେ ବେଞ୍ଚ । ତୁମ ଗାଁ ଘରେ ତ ଏତେ ଏତିକ ଥିବ ନିଶ୍ଚୟ । ନ ହେଲେ ଦୁର୍ଗାକୁ (ଛୁଆନନା) କହିବୁ ସେ ତୋ ପାଇଁ କଣି ଦେବ ।

ଅପମାନରେ ମୋ ଶରୀରରେ ନିଆଁ ଜଳୁଥିଲେ ମଧ୍ୟ ତାହା ପ୍ରକାଶ ନ କରି କହିଲି "ଆପଣ ବହୁ ବର୍ଷ ହେଲା ବାହାରେ ରହୁଛନ୍ତି ସାର୍, ତେଣୁ ଓଡିଶା ବିଷୟରେ ବେଶୀ ଖବର ରଖି ନାହାନ୍ତି । ମୁଁ ଅଳ୍ପରେ କଛି କହି ଆପଣଙ୍କ ଜ୍ଞାନ ସାଗରରେ କଛି ଟା ଅଣୁ ଯୋଗ କରୁଛି ।

ପ୍ରଥମତଃ ତଳହାରେ ଉଚ୍ଚ ପ୍ରାଇମେରୀ ସ୍କୁଲ ଟିଏ ମଧ୍ୟ ନାହିଁ । ତେଣୁ ମେଡିକାଲ କଲେଜର ପ୍ରଶ୍ନ ଉଠୁଛି କାହିଁକି । ଆପାଣଙ୍କର କେହି ସୌହଦ୍ୟ ଏସ୍.ସି.ବି ମେଡିକାଲ କଲେଜରୁ ଶିକ୍ଷା ପ୍ରାପ୍ତ କରିଛନ୍ତି, ତେଣୁ ମେଡିକାଲ ବିଷୟରେ ଆପଣଙ୍କ ଜ୍ଞାନ ସେନ ପର୍ଯ୍ୟନ୍ତ ସୀମିତ ଇଚ୍ଛା ହେଉଥିଲା କହିଲି ସେଇ ଏସ୍.ସି.ବି ରୁ ମୁଁ ଟ୍ରାନସ୍ଫର (ବଦଳୀ) ନେଇ ବୁର୍ଲା ଯାଇଛି । ମାତ୍ର ତାହା ନ କହି କହିଲି, "ମୁଁ ବୁର୍ଲା ମେଡିକାଲରୁ (ବର୍ତ୍ତମାନ ଭି.ଏସ୍.ଏସ୍) ଡାକ୍ତରୀ ପାସ୍ କରିଛି । ଏହା ପଶ୍ଚିମ ଓଡିଶାରେ ସ୍ଥିତ । ଯା ବିଷୟରେ ଆପଣ କଛି ଜାଣିଛନ୍ତି । ଭବିଷ୍ୟତରେ ପିଲାମାନଙ୍କ ପାଇଁ କାମରେ ଆସିପାରେ । ୧୯୫୬ ମସିହାରେ ଓଡିଶାରେ ମୁଖ୍ୟ ମନ୍ତ୍ରୀ ଶ୍ରୀ ହରେକୃଷ୍ଣ ମହତାବ୍ ପଶ୍ଚିମ ଓଡିଶାରେ ଗୋଟିଏ ମେଡିକାଲ କଲେଜର ଉପସ୍ଥାପନା କରିବା ପାଇଁ ଚନ୍ତା କରିଥିଲେ । ୧୯୫୬ରେ ଏହା ମେଡିକାଲ କାଉନ୍ସିଲ୍ ଅଫ୍ ଇଣ୍ଡିଆ ଦ୍ଵାରା ସ୍ଵୀକୃତି ପ୍ରାପ୍ତ ମଧ୍ୟ କରି ସାରିଛି । ଏହାର ପ୍ରଗତିରେ କୌଣସି ବାଧା ନାହିଁ । ୧୯୨୯ ରେ ଶିଶୁମାନଙ୍କ ପାଇଁ ସେଠାରେ ଏକ ସ୍ଵତନ୍ତ୍ର ବିଭାଗ ଖୋଲା ସରିଛି । କେବେ ଯଦି ପିଲାମାନଙ୍କୁ ପଶ୍ଚିମ ଓଡିଶା ନେଇ ଆସନ୍ତି ଦରକାର ହେଲେ ସେମାନଙ୍କର ଚକତ୍ସା ଅନାୟାସରେ ହୋଇଯିବ । ପିଲାମାନଙ୍କୁ ପୋଲିଓ ଏବଂ ଡିଟିପି ଭ୍ୟାକ୍ସିନ ଦିଆଯାଏ ବୋଲି ନିଶ୍ଚୟ ଜାଣିଥିବେ । ମଝିରେ ମଝିରେ ଏଇ ଅନୁଷ୍ଠାନରେ ପଲ୍ସ ପୋଲିଓ କାର୍ଯ୍ୟକ୍ରମ ମଧ୍ୟ ଚାଲୁରହେ । ଓଃ ନୋ... କ୍ଷମା କରିବେ । ମୁଁ କେତେ ବୋକୀ, ସେଇ ତଳହାର ଗାଉଁଲୀ ଝିଅ ହୋଇ ରହିଗଲି । ନାଁ ସହରର ଛାପ ପଡିଲା, ନାଁ ପାଠର ଝଲକ... ବୁର୍ଲା ଗାଁଟି କେଉଁଟି ନ କହି ମୁଁ ମେଡିକାଲ କଲେଜ ବିଷୟରେ କହି ଚାଲିଛି ।

ବୁର୍ଲା ତଳହା ନୁହେଁ ସିନା, କହିବାକୁ ଗଲେ ଗୋଟିଏ ଗାଁ । ସମ୍ବଲପୁର ସହରଠାରୁ ଅଳ୍ପ ଦୂରରେ । ଏଇ ଗାଁଟି ହୀରାକୁଦ ବନ୍ଧ ନ ହେବା ପର୍ଯ୍ୟନ୍ତ ଲୋକ ଗୋଚରକୁ ଆସି ନ ଥିଲା। ବନ୍ଧ ତିଆରି ସମୟରେ ବଡ଼ ଇଞ୍ଜିନିୟର, ଏବଂ କଣ୍ଟ୍ରାକ୍ଟର ମାନେ ସେଠାରେ ରହୁଥିଲେ । ପରେ ପରେ ବହୁ ଲୋକ ଘର ତିଆରି କରି ବସତି ସ୍ଥାପନ ଆରମ୍ଭ କରିଥିଲେ । ବନ୍ଧ ତିଆରି କରିବା ପରେ ଏହା ବର୍ତ୍ତମାନ ଗାଁ ନୁହେଁ ସହର ରୂପେ ପରିଚିତ ହୋଇଛି । ଉକ୍ତ ସହରଟିର ପ୍ରଧାନତଃ ଅନ୍ୟ ସହର ମାନଙ୍କ ଠାରୁ ଅଧିକ । କାରଣ ସେଠାରେ ଦୁଇଟି ଅତିଥି ଗୃହ ଅଫିସର ମାନଙ୍କର ସୁବିଧା ପାଇଁ ରହିଛି । ଗୋଟିଏ ହେଲା ହୀରାକୁଦ ଗେଷ୍ଟ ହାଉସ୍ ଅନ୍ୟଟି ହେଲା ରାଜ୍ୟ ସ୍ତରୀୟ ଅତିଥି ଗୃହ । ବୁର୍ଲାର ଭୌଗୋଳିକ ଅବସ୍ଥିତି ଯୋଗୁ କେବଳ ମେଡିକାଲ କଲେଜ୍ ନୁହେଁ ଅନ୍ୟ ଦୁଇଟି ମହତ୍ତ୍ୱପୂର୍ଣ୍ଣ ଅନୁଷ୍ଠାନ ମଧ୍ୟ ଗଢି ଉଠିଛି । ତାହା ହେଲା ଇଞ୍ଜିନିୟରିଙ୍ଗ୍ କଲେଜ ନାମ ପରିବର୍ତ୍ତନ ହୋଇ "ବୀର ସୁରେନ୍ଦ୍ର ସାଏ" କଲେଜ୍ ନାମରେ ପରିଚିତ ହୋଇଛି ।

ହୀରାକୁଦ ଡାମ୍ (ବନ୍ଧ) ଏତେ ପ୍ରତ୍ୟକ୍ଷ ଯେ ଆପଣଙ୍କୁ ତାହା ବିଷୟରେ ମୋ ଠାରୁ ଖୁବ୍ ବେଶୀ ଜଣାଥିବ । ମାତ୍ର ଯେଉଁ ସ୍ଥାନ ଆଜି ମତେ ଏତେ ବଡ଼ ଡିଗ୍ରୀ ଦେଇଛି ତା ବିଷୟରେ ବଖାଣିବା କେବଳ ମୋର କର୍ତ୍ତବ୍ୟ ନୁହେଁ ଗର୍ବ ମଧ୍ୟ ।

୨୫.୬ କିଲୋ ମିଟର ଲମ୍ବା ହୀରାକୁଦ ଡ୍ୟାମ୍‌ର ଏକ ପାଶ୍ୱରେ ଜବାହାର ମୀନାର, ଅପର ପାଶ୍ୱରେ ଗାନ୍ଧୀ ମିନାର । ଏଇ ବନ୍ଧଟି ମହାନଦୀ ଉପରେ । ଏହା ଓଡିଶାର ପ୍ରଗତି ପଥରେ ବହୁ ସହାୟକ ହୋଇଛି ଯେମିତିକି ବିଦ୍ୟୁତ ଉତ୍ପନ୍ନ, କୃଷି ପାଇଁ ଜଳ, ମାଛ ଲାଭ ଇତ୍ୟାଦି । ଏ ସବୁ ବାହାରେ ବନ୍ୟା ନିୟନ୍ତ୍ରଣ କରିବା ଏହାର ଅନ୍ୟ ଏକ ମହତ୍ ଦାନ ।

"କେତେ ବଡ଼ ବଡ଼ କରୁଛୁ ଅନୁନାନୀ, ମୋ ମୁଣ୍ଡରେ ଆଉ ଯାଗା ଧରୁନ, ଆଉ ଦିନେ ତୋ କଲେଜ ବିଷୟରେ କହିବୁ । ନ ହେଲେ ବଳକା ତକ ଝୁଲୁ (ତା ସାନ ଭାଇ)କୁ କହ । ଦୁଇଜଣଙ୍କର ପରୀକ୍ଷା ନେବୁ । କାହାର ବେଶୀ ନମ୍ବର ରହିଲା କହିବୁ । ଜମା ପାତର ଅନ୍ତର କରିବୁନ । କହିଲା ଝିଆରୀ ମିଲୁ ।

ଆଚ୍ଛା, ତୁମମାନଙ୍କ ପାଠପଢାରେ ମଧ୍ଯ ଅନୁନାନୀ ସାହାଯ୍ୟ କରେ? କହିଲେ ଆଗନ୍ତୁକ । ସେଇ ସମୟରେ ନୂଆବୋଉ ରୁମ୍ ଭିତରକୁ ପଶି କହିଲେ, ଖାଲି ପାଠ ପଢା! ଦୁହେଁ କହନ୍ତି କ ମା, କ ବାପା । ଆମ ଅନୁନାନୀ ଆମର ସବୁ ଅତିଥିର ମନ୍ତବ୍ୟରେ କଟୁ ଆଘାତ ପାଇଥିଲେ ମଧ୍ଯ ସ୍ଥିର କଲି ଯେମିତି ହେଲେ ମୁଁ ସି.ଏମ୍.ସି ଯିବି । କଏ ପାସଙ୍ଗରେ ପକାଉ କ ନାହିଁ ।

ଭେଲୋରରେ ପହଞ୍ଚି ଜାଣିବାକୁ ପାଇଲି ହିନ୍ଦୁ ଷ୍ଟୁଡେଣ୍ଟ ମାନଙ୍କ ପାଇଁ ଅପେକ୍ଷାକୃତ ଅଧିକ ପ୍ରତିବନ୍ଧକ । ସେ ଯାହା ହେଉ, ପେଡ଼ିଆଟ୍ରିକ୍ସରେ "ସ୍ଥାନ ଖାଲି ନାହିଁ" କହି ସେଲ୍ ହସ୍ପିଟାଲ୍ (ଚକ୍ଷୁ ବିଭାଗ)ରେ ମତେ ଛଅମାସ ପାଇଁ ଆପଏଣ୍ଟମେଣ୍ଟ ମିଳଲା ।

ଛଅମାସ ଚକ୍ଷୁ ବିଭାଗରେ କାମ କଲା ପରେ ମୁଁ ଡାଃ ଆନା ଥୋମାସ୍ଙ୍କର ବହୁତ ନକଟରୁ ଆସିଯାଇଥିଲି । ମତେ ସେ ସମସ୍ତ ଆଇ କ୍ୟାମ୍ପ (ନେତ୍ର ଶିବିର)ରେ ନେଇ ଯାଉଥିଲେ । ହସ୍ପିଟାଲ୍‌ରେ ମଧ୍ଯ ଛୋଟ, ଛୋଟ ଅପରେସନ୍ କରାଉଥିଲେ । ଏସବୁ ଭିତରେ ଚକ୍ଷୁ ବିଭାଗ ପ୍ରତି ମୋ'ର ଅଶେଷ ଏକାଗ୍ରତା ଆସି ଯାଇଥିଲା । ଛଅମାସ ପରେ କେହି ଏକ ଭି.ଆଇ.ପିଙ୍କର ନନା ପୁଅ, ବୋହୂ ଚକ୍ଷୁ ବିଭାଗ ପାଇଁ ଇସୁକ ଥିଲେ । ତେଣୁ ମତେ କୌଣସି ନନ୍ କ୍ଲିନକାଲ୍ ବିଭାଗକୁ ଯିବା ପାଇଁ ଅର୍ଡ଼ର ଆସିଥିଲା । ହେଲେ ମୋ' ଭାଗ୍ୟ ତେଜ ଥିଲା ବୋଧେ । ସଂପୂର୍ଣ୍ଣ ହସ୍ପିଟାଲ୍‌ରେ କେବଳ ପେଡ଼ିଆଟ୍ରିକ୍‌କୁ ବାଦ୍ ଦେଲେ ଅନ୍ୟ କୌଣସି ବିଭାଗରେ ସ୍ଥାନ ଖାଲି ନ ଥିଲା । ମୁଁ ଭାରତ ପ୍ରସିଦ୍ଧା ପ୍ରଫେସର ମାଳତୀ ଯାଦବଙ୍କ ଅଧିନରେ ପେଡ଼ିଆଟ୍ରିକ୍ସ ଜଏନ୍ କଲି ।

ଛଅମାସ ପେଡ଼ିଆଟ୍ରିକ୍ସରେ ଡିଉଟି କରିବା ପରେ ମୁଁ ଆଉ କେତେ ମାସ ମୋ'ର ରହଣୀ ବଢ଼ାଇ ପୋଷ୍ଟ ଗ୍ରାଜୁଏସନ୍ ପାଇଁ ଚେଷ୍ଟା କରିବାକୁ ଇଚ୍ଛା ପ୍ରକାଶ କଲି । ସେଇ ସମୟରେ ଓଡ଼ିଶା ପେଡ଼ିଆଟ୍ରିକ୍ସ ପି.ଜି. ଇଣ୍ଟରଭିଉ କଲ୍ ମିଳଲା । ମୋ'ର ଭେଲୋର୍ ଛାଡ଼ିବାକୁ ଇଚ୍ଛା ନଥିଲା । ମାତ୍ର ପ୍ରଫେସର ମାଳତୀ ଯାଦବଙ୍କର ମନ୍ତବ୍ୟ ଥିଲା, "ଅନଶ୍ଚିତ ବସ୍ତୁ ଉପରେ ଭରସା କରି ନଶ୍ଚିତ ବସ୍ତୁକୁ ଅନାଦର କରିବା ବୁଦ୍ଧିମାନର ସୂଚନା ଦିଏନା ।"

ଅର୍ଥ ବିନା ପଡ୍ ହଲେନା

ପିଲାଟି ଦିନରୁ ମୁଁ ଶୁଣି ଆସିଛି ଆମ ରାଜ୍ୟ ପରଦେଶୀ ମାନଙ୍କୁ ବାଛନ୍ଦ କରିଥାଏ । ଯେମିତିକି ପରଦେଶୀଙ୍କୁ ମନ୍ଦିର ଭିତରେ ପ୍ରବେଶ କରିବାକୁ ଅନୁମତି ନାହିଁ । ରିକ୍ସା ବାଲା ଠାରୁ ଆରମ୍ଭ କରି ବଡ ବଡ ସରକାରୀ ଅଫିସ ମାନଙ୍କରେ ମଧ୍ୟ ନିମ୍ନସ୍ତରୀୟ କର୍ମଚାରୀ ମାନେ ଏମାନଙ୍କୁ ଲୁଟି ଥାଆନ୍ତି । ମୁଁ ତ ପରଦେଶୀ ନୁହେଁ । ଏମିତିକି ଭିନ୍ନ ଭାଷା ଭାଷୀ ଅନ୍ୟ ରାଜ୍ୟର ମଧ୍ୟ ନୁହେଁ । କଟକ ଜିଲ୍ଲାର ଏକ ନପଟ ମଫସଲର ଶୁଦ୍ଧ ବ୍ରାହ୍ମଣ ଘରର ସରଳ ଝିଅଟିଏ ।

ତିନଟି ବିଷୟ ମୋ ମନକୁ ବାଂରବାର ଧକ୍କା ଲଗାଉଛି । ସିଟ୍‌ଟି ରିଜର୍ଭ ନୁହେଁ ତ ! ବ୍ୟାଗରୁ ବିଜ୍ଞାପନଟି ବାହାର କରି ବାଂରବାର ପଢିଲି, ସେମିତି କିଛି ଲେଖା ନାହିଁ ତ । ସଫା ସଫା ଲେଖା ଅଛି "ଓପନ୍ ସିଟ୍" ପରଦେଶୀ ମଧ୍ୟ ନୁହେଁ । ଏମ୍.ବି.ବି.ଏସ୍ ପଢୁଥିବା ସମୟର ଘଟଣା ମୋର ଏବେବି ଜଳ ଜଳ ହୋଇ ଆଖି ଆଗରେ ଦେଖା ଯାଉଛି। ଶଶୀରେଖା ଇସ୍‌ରାୟଲ୍ । ଆମର ଜଣେ ସହପାଠିନୀ, ତା ପାଇଁ କେତେ ପ୍ରକାର ଅସୁବିଧାର ଯୋଜନା କରାଯାଉଥିଲା । ଭାଷା ଶିଖି ଯାଇଥିଲେ ମଧ୍ୟ ଥିଲା ପରଦେଶୀ ।

ତା ପରକୁ ଆର.ଶଶୀ ଏବଂ ଆଶା କୁମାର । ଦୁହେଁ ହିନ୍ଦୀ ଭାଷୀ । ଶଶୀରେଖା ସଦୃଶ ତାଙ୍କୁ କଣ୍ଟକତ ପଥରେ ଗତି କରିବାକୁ ପଡୁ ନ ଥିଲେ ମଧ୍ୟ ଦୁହିଁଙ୍କ ପାଇଁ ଅନ୍ୟମାନଙ୍କର ଉଦାସୀନତା । ବଡବାବୁ ମତେ ମାଡ୍ରାସୀ ବୋଲି ଧରି ନେଇଥିଲେ । ଆଖିରୁ ପ୍ରତି ଦୁଇଟୋପା ଲୁହ ଗଡି ପଡିଲା । ପୁଣି ମନକୁ ଆସିଲା, ତେବେ କଣ ଏମାନେ ମୋର ସରଳତାର ଫାଇଦା ଉଠାଇଛନ୍ତି? ହୁଏ ତ ସେଇୟା ଠିକ୍ । ଗୁରୁଜନମାନଙ୍କ ଠାରୁ ଶିକ୍ଷା ମିଳିଛି, ନମ୍ରତା ଝିଅଟି ପାଇଁ ଗର୍ବ । ତେବେ କଣ ପାଇଁ ଏଇ ନମ୍ରତା, ଏଇ ସରଳତା ଆଜି ମୋ ଜୀବନରେ ଝଡ ସୃଷ୍ଟି କଲା!!!

ବଡବାବୁଙ୍କ ବ୍ୟବହାରରେ ମୁଁ ଅତ୍ୟନ୍ତ ମର୍ମାହତା ହୋଇ ପଡିଥିଲେ ମଧ୍ୟ ବିଶେଷ ବାକ୍ୟ କରି ଅଯଥାରେ ମାନସିକ ଚାପ ବଢାଇବାକୁ ଚାହିଁ ନ ଥିଲି । ବଡବାବୁଙ୍କ ପାଖେ ଛିଡା ହୋଇଥିବା ପିଅନ୍‌ଟି ମୋ ସଂଗେ ସଂଗେ ଆସିଲା । ହୁଏତ ସହାନୁଭୂତି ଦେଖାଇବାକୁ । ମାତ୍ର ମୁଁ ଭୂଲିଥିଲି ।

"ବିନା ପଇସାରେ କଛି କାମ ହୁଏ । ଆଗକୁ ଏଇ କଥାଟି ମନେ ରଖିବ ।" ଏଇ ତାର ଚେତାବନୀ ।

***

ଟ୍ରେନ୍ର ଗତି କ୍ରମଶଃ ବଢ଼ିଚାଲିଥିଲା, ହାତ ଘଡିକୁ ଚାହିଁଲି । ଆଠଟା ବାଜିଥିଲା ।

"ବାର ନମ୍ବର" ବେହେରାର ଡାକରେ ମୁଁ ପ୍ରକୃତିସ୍ଥ ହେଲି ।

"ମିଲ୍ ଆଣିଛି । ସେଇ ଉପରେ ବସି ଖାଇବା ନାଁ ତଳକୁ ଆସିବି?" ମୋ ଠାରୁ କୌଣସି ଉତ୍ତର ନ ପାଇ ଖାଇବା ଟ୍ରେଟି ଉପରକୁ କଲା । କଲେଜ ପିଅନ କଥା ବାରଂବାର ମନରେ ଉଙ୍କି ମରୁଥିଲା । ପାଟିରୁ ନିଜ ଅଜାଣତରେ ବାହାରି ପଡିଲା "ମୁଁ ତ ତୁମକୁ ଅଧିକା ପଇସା ଦେଇନ । କଷ୍ଟ କାହିଁକି କରୁଛ?"

"ସେଇଟା ତ କାଲି ସକାଳ କଥା ।" କହି ବେହେରା ମୋ ହାତରେ ଟ୍ରେଟି ଧରାଇ ଚାଲିଗଲା ।

ପ୍ରଫେସର୍ ମାଳତୀ ଯାଦବଙ୍କର ଅମୂଲ୍ୟ ମାର୍ଗଦର୍ଶନ ମତେ ଥିଓରୀ ପରୀକ୍ଷାରେ ସର୍ବ ପ୍ରଥମ ସ୍ଥାନର ଅଧିକାରୀ କରାଇ ପାରିଥିଲା । ଆଡ଼ମିଶନ୍ ପାଇଁ ଅର୍ଡ଼ର ମଧ୍ୟ ମିଳିଥିଲା ।

ନିର୍ଦ୍ଧାରିତ ତାରିଖ ଅନୁସାରେ ମୁଁ ଆଉଥରେ କଟକ(ଓଡ଼ିଶା) ଯାଇଥିଲି । ଟେଲିଗ୍ରାମ୍ରେ ଲେଖାଥିବା ଅନୁଯାୟୀ ମୁଁ ସକାଳ ଦଶଟାରେ ଅଫିସ୍ରେ ପହଞ୍ଚି ସବୁ ଅରିଜିନାଲ୍ ସାର୍ଟିଫିକେଟ୍ ଗୁଡ଼ିକ ଜମା କରିଥିଲି । ବହୁ ସମୟ ଛିଡ଼ା ହୋଇ ରହିବା ପରେ କେହି ଜଣେ ସଜ୍ଜନ ମତେ ବାହାରେ ଅପେକ୍ଷା କରିବାକୁ ଆଦେଶ ଦେଇଥିଲେ । ଦିନ ସାଢ଼େ ବାରଟା । ଗୋଟିଏ ଗୋଟିଏ କରି ସମସ୍ତ କର୍ମଚାରୀ ମାନେ ବାହାରକୁ ଚାଲି ଯାଇଥିଲେ । ବଡ଼ବାବୁ ଆସିବା ସମୟକୁ ଦୁଇଟା ବାଜି ପଇଁଚାଳିସ ମିନଟ୍ । ମୋ'ର ଧୈର୍ଯ୍ୟଚ୍ୟୁତି ହୋଇଥିଲା । ଭିତରକୁ ପଶିଲି । ଅସମ୍ଭବ ଭାବେ ବଡ଼ବାବୁ ଗର୍ଜି ଉଠିଲେ । ଆଡ଼ମିଶନ୍ ପାଇଁ ନିଜକୁ ଆସିବାକୁ ହୁଏ । ସେଥିପାଇଁ ସହଚରୀ ମାନଙ୍କର ଆବଶ୍ୟକ ହୁଏନା । ମତେ ପ୍ରାୟ ଘଣ୍ଟାଟାଏ ଲାଗି ଯାଇଥିଲା ତାଙ୍କୁ ବୁଝାଇବାକୁ ଯେ, ମୁଁ ନିଜେ ପ୍ରାର୍ଥିନୀ ।

ଆଚ୍ଛା ତୁମର ଆଡ଼ମିଶନ୍! ଫର୍ମରେ ଭେଲୋର ଠିକଣା ଥିଲା ତ, ତେଣୁ ମୋ'ର ମନେ ହେଲା ପ୍ରାର୍ଥୀ ମାଡ୍ରାସୀ ।

ମୁଁ ସି.ଏମ୍.ସି ଭେଲୋର୍‌ରେ ଶିଶୁ ବିଭାଗରେ ସିନୟର ହାଉସ୍ ଜବ୍ କରୁଛି ।

ଠିକ୍ ଅଛି, ବାହାରେ ଅପେକ୍ଷା କର । କ୍ରମ ଅନୁସାରେ ଡକାଯିବ । ଦେଖି ପାରୁନ ମୁଁ କେତେ ବ୍ୟସ୍ତ । ବାହାରକୁ ଆସିଲି ସତ ହେଲେ ବହୁ ସମୟ ଅପେକ୍ଷା କରିବାରେ ଧୈର୍ଯ୍ୟଚ୍ୟୁତି ଘଟୁଥିଲା । ବାରଂବାର ଭିତରକୁ ଯାଇ ମୋ'ର ଉପସ୍ଥିତି ସୂଚାଇ ଦେଉଥିଲି । ସାଢ଼େ ଚାରିଟା ବାଜିଲା । ମନ ଭିତରେ ସନ୍ତୁଳନ । ମୋ' ଆଡ଼ମିଶନ୍ ରଦ୍ଦ କରି ଦେବେନି ତ! ନମ୍ରତାର ସହ ପ୍ରଶ୍ନ କଲି । ମୋ' ନମ୍ବର କେତେବେଳେ ଆସିବ ସାର୍?


ବଡ଼ବାବୁ ଗର୍ଜି ଉଠିଲେ । ତୁମ ଘଡ଼ି ପଛକୁ ଅଛି ।

"ଆଡ଼ମିଶନ୍ ଟାଇମ୍ ପାଞ୍ଚଟା ପର୍ଯ୍ୟନ୍ତ ଥିଲା । ତୁମେ ନ ଆସିବାରୁ ୱେଟିଙ୍ଗ୍ ଲିଷ୍ଟ କ୍ୟାଣ୍ଡିଡେଟ୍‌କୁ ନିଆ ସରିଛି ।" ଏସବୁ କେବଳ ମୋ ପାଇଁ କାହିଁକି? ହୁଏ ତ ମୋର ସରଳତା ମୋତେ ସମାଜର ସବୁ କ୍ଷେତ୍ରରେ ହାସ୍ୟାସ୍ପଦ କରି ରଖିଛି । ତା' ସାଙ୍ଗକୁ ମୋର କ୍ଷୀଣକାୟ ଏବଂ ସମାଷ୍କଦ ପ୍ରାର୍ଥୀ ଜୀବନ ସମାଜ ହାତରେ ଗୋଟିଏ "ଲଟୁ" ହୋଇ ରହିବି!!!

ଦୁଃଖରେ ଭାଙ୍ଗି ପଡ଼ିଥିଲି । ପୁଣି ମନକୁ ସାନ୍ତ୍ୱନା ଦେଲି କଟକର ବାତାବରଣ ମୋ' ପାଇଁ ଅନୁକୂଳ ନୁହେଁ । ଏମ୍.ବି.ବି.ଏସ୍ ରେ ଟ୍ରାନ୍ସଫର ନେଇ ଯାଇଥିଲି ବୋଲି ଡିଗ୍ରୀ ପାଇବାର ସୌଭାଗ୍ୟ ଅର୍ଜନ କଲି ।

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ଗଣ ଦୁଷ୍କର୍ମ



ଜଲମ୍ବର ମହାନନ୍ଦ

ବଞ୍ଚିବାକୁ ଦିଅ ପୃଥିବୀ ପୃଷ୍ଠରେ
ବଞ୍ଚିବାକୁ ମୋତେ ଦିଅ
ଅବଳା ଦୁର୍ବଳା କହୁଛି ଦୁନଆ
ତୁମେ ଥରେ ଭ୍ଵବି ଦେଖ
ଦିନକୁ ଦିନ ଗଣ ଦୁଷ୍କର୍ମ
ହେଉଅଛି କାହାପାଇଁ
ଏଥିପାଇଁ କ'ଣ ସମସ୍ତେ ନରବ
ନେତା ମନ୍ତ୍ରୀ କାହାପାଇଁ
ନ୍ୟାୟ ମିଳନାହିଁ ପିଡିତଙ୍କୁ କାହିଁ
ଦୋଷୀ ଙ୍କୁ ମିଳୁନ ଦଣ୍ଡ
ଆଉ କେତେ ଦିନ ଏମିତି ଚ୍ଚଲିବ
ଝିଅ ଜନମ କ ପାପ
ନାରୀ ପାଇଁ ଆଜି ଦୁନଆର ସୃଷ୍ଟି
ନାରୀ ଜନ୍ମ ଦେଲ୍ ତୁମକୁ
ଜନ୍ମ ଦେଲ୍ ହେଲେ ଜାଣି ପାରୁନ
ଦେଇଛି ଜନମ ପଶୁ କୁ
ଭୂଲି ଯାଅନାହିଁ ଆଗକୁ ତୁମର
ହେବ ପୁଣି ଝିଅ ଜନ୍ମ
ଭବିଷ୍ୟତ କଥା ଭ୍ଵବି କ ଥରେ
ଗଣ ଦୁଷ୍କର୍ମ ଛାଡ
ଗଣ ଦୁଷ୍କର୍ମ ଛାଡ ॥

ଆମ୍ବଗୁଡା ଗୋଲ୍‌ମୁଣ୍ଡା କଳାହାଣ୍ଡି

# ଈର୍ଷା



ହେମନ୍ତ ନାଏକ

କାଷ୍ଠ ବସ୍ତ୍ର ସମ ମଣିଷ ଜୀବନ
ଈର୍ଷା ଯେବେ ଗ୍ରାସକରେ
ଉଇପୋକ ପରି ସର୍ବାଙ୍ଗ ଶରୀର
ଖୁମ୍ପି ଖୁମ୍ପି ନାଶକରେ ||

ସଦାଚାର, ପ୍ରେମ, ନମ୍ରତା ବୋଧର
ଅସଂଯତ ହୋଇଯାଏ
ଅଶ୍ଳୀଳତା ତାର ବୃଦ୍ଧି ହେବା ସଙ୍ଗେ
ଶ୍ଳୀଳତା କୁ ଭୁଲିଯାଏ ||

ବ୍ୟଭିଚାରୀ ହୋଇ ମନୁଷ୍ୟ ସମାଜେ
କଳଙ୍କିତ ଚନ୍ଦ୍ର ହୋଇ
ଅଜସ୍ର ନିନ୍ଦାର ଇତିହାସ ଗଢେ
ଅମଣିଷ ଛାପ ନେଇ ||

ନିଜକୁ ମଣେ ସେ ଶାସନ କରତା
ନିମ୍ନ ଲୋକ ଦେଖି ହାସେ
ଅନ୍ୟକୁ ଶୋଷଣ କରିବା ଲକ୍ଷଣ
ସଦା ଲିପ୍ତ ତାର ପାଶେ ||

କୁମ୍ଭୀପାକ ନର୍କ କ୍ଷଣକେ କ୍ଷଣକେ
ନିକଟବର୍ତ୍ତୀ ତା' ହୁଏ
ଶତଚେଷ୍ଟା ସତ୍ତ୍ୱେ ସେ ନର୍କ କୁଣ୍ଡରୁ
କଦାପି ମୁକ୍ତି ନ ପାଏ ||

କର୍ଲ୍ବାହାଲ, ପାଟଣାଗଡ଼, ବଲାଙ୍ଗୀର

# ଜଳ ହିଁ ଜୀବନ



କୃଷ୍ଣ ଚନ୍ଦ୍ର ଡାକୁଆ

ଦେଖିଛି ମୁଁ ତତେ ମୋ ହୃଦ କନ୍ଦରେ
ରହିଅଛୁ ମୋ ସାଥେ ସବୁବେଳେ
ଭଲ ମୁଁ ପାଉଛି ପାଉଥିବି ସଦା
ହେଲେ ତୋତେ ବର୍ଣ୍ଣନା କରିନ କେବେ

ମାପି ନାହିଁ କେବେ ତୋ ରୂପ ଯୌବନ
ସଂସାରରେ ତୁହି ସାର
ତୋ ବିନା ଜୀବନ କଛି ନୁହେଁ ମୋର
ମୁଁ ତ ଅଧମ ଧନ

ଗଙ୍ଗା ଠାରୁ ଆଜି ଗୋଦାବରୀ ଯାଏଁ
ମଇଳା ହେଲ୍ଣି
କେହି ବୁଝୁ ନାହିଁ
ତୋର ଅନ୍ତର ବେଦନା କେତେ
ସୁଖ ଦେଇ ଦୁଃଖ ଭୋଗୁଅଛି
ହଜିଅଛି ତୋ ପୂରୁବ ଦିନ

ବେଳାଭୂମି କୂଳ ଛୁଇଁବାର ମୋହ
ଭାଙ୍ଗି ନାହିଁ ତୋର ଆଜି
ଏବେ ବି ଉଦ୍ୟମ ଜାରୀ ରଖିଅଛି

ଅନ୍ତରେ ତୋଳନ୍ତୁ
ହୃଦୟର ସ୍ୱର୍ଣ୍ଣ କୀର୍ତ୍ତି ରଜି

ଭଲ ତୁ ପାଉଚୁ ପାଉଥିବୁ ସଦା
ବିଶ୍ୱାସ ରହିଛି ମୋର
ଏ ଜଳ ବି ଦିନେ ତୋ ହୃଦୟ ଛୁଇଁବ
ସେତେବେଳେ ତୁହି ଖୋଜି ମରୁଥିବୁ
ଫେରିବନ ଆଉ ସେ ହଜିଲ୍ ଅତୀତ ଦିନ

ବଡ଼ ଲୋ୍କ ହେବା
ଗାରିମା ମୋହ ଛାଡ଼ି ଦେ ତୁ
ଆଜି ହୋଇଜା ମୋ ଜୀବନେ ମୃତ୍ୟୁ ସଂଜୀବନ
ଜୀବନ ମୋହର ଶରସ ସୁନ୍ଦର ବେନେଇ ଦେ ତୁ
ତୁ ପାର ମୋ ଜୀବନ ମୃତ୍ୟୁ ସଂଜୀବନ ........!!

କରଚୁଲି(ବୁଗୁଡ଼ା)ଗଞ୍ଜାମ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ପିତୃଭକ୍ତି



ଶିବରାମ ଦଳେଇ

ମଧୁଆ ଦାଦା ଆଜି ବାପାଙ୍କର ଏଗାର ସନ୍ଧ୍ୟା କୁ ନିମନ୍ତ୍ରଣ ରହିଲା ମୋ ଘରକୁ ଯିବେ କହି ଭରତ ଗ୍ଲଲିଗଲା । କିଛି ଘଣ୍ଟା ପରେ ଭରତ ର ସାନଭାଇ ଅଚ୍ୟୁତ କହିଗଲା ମଧୁଆ ଦାଦା ନିମନ୍ତ୍ରଣ ରହିଲା, ବେଳ ଥାଉ ଥାଉ ମୋ ଘରେ ପହଞ୍ଚି ବାପାଙ୍କ କାର୍ଯ୍ୟରେ ସାହାଯ୍ୟ କରିବେ। ମଧୁଆ ଭାବୁଥିଲା ଏକଣ ବଡ଼ କହିଗଲା ପରେ ସାନ ଭାଇ କହିଗଲା, ପୁଣି ମନକୁ ବୁଝେଇ ଦେଲା ବୋଧ ହୁଏ ସାନଭାଇ ଜାଣିନଥିବ ବଡ଼ଭାଇ ନିମନ୍ତ୍ରଣ କରିଛି ବୋଲି ।

ଦିନ ଗଡି ସନ୍ଧ୍ୟା ଆସିଲା, ମଧୁଆ ଦାଦା ବାହାରିଲା ଗାଁ ଶେଷ ମୁଣ୍ଡ ନଟିଆ ତେଲିର ଏକାଦଶ ଭୋଜିକୁ । ମଧୁଆ ଦାଦା ସେଠାକୁ ଯାଇ ଦେଖେ ତ ସାନଭାଇ ଆଉ ବଡଭାଇ ଦୁହେଁ ଅଲଗା ଅଲଗା ଭୋଜିର ଆୟୋଜନ କରିଛନ୍ତି । ଶହ ଶହ ଲୋକ ଏପଟ ସେପଟ ହେଇ ଭୋଜି ଖାଇ ଫେରୁଥାନ୍ତି ।  କେହି କେହି କହୁଥାନ୍ତି ବାଃ ପୁଅ ମାନଙ୍କର ବାପାଙ୍କ ପ୍ରତି କି ଭକ୍ତି । ଆଉ କେହି କହୁଥିଲେ ବଢିଆ ଭୋଜିର ଆୟୋଜନ କରିଛନ୍ତି ।

ମଧୁଆ ର ମୁଣ୍ଡ କିଛି କାମ କରୁନଥାଏ । ସେ କେଉଁଠାରେ ଭୋଜି ଖାଇବ ଚିନ୍ତା କରିପାରୁନଥାଏ । ସେ ତ କେବଳ ମନକୁ ପ୍ରଶ୍ନ କରୁଥାଏ "ଏ ଲୋକ ଦେଖାଣିଆ ପିତୃଭକ୍ତି କଣ ପାଇଁ" । ବାପ ବଞ୍ଚିଥିବା ବେଳେ ମୁଠାଏ ଭଲ ଖାଇବାକୁ ଦେଇ ନଥିଲେ ।ମୁଣ୍ଡ ଝାଳ ତୁଣ୍ଡରେ ମାରି ନଟିଆ ତେଲି ଦୁଇ ପୁଅକୁ ମଣିଷ କରିଥିଲା । ଆଶା କରିଥିଲା ଜୀବନର

ଶେଷ ସମୟରେ ଦୁଇ ପୁଅ ଦୁଇ ଆଶାବାଡି ପରି ସହାୟ ହେବେ । କିନ୍ତୁ ସେମାନେ ସହାୟ ହେବା ବଦଳରେ ବାପର ଦେହ ପା କଥା ଭୁଲି ନିଜ ଭିତରେ ଝଗଡା କରି ବାଟ କାଟି ସହରରେ ଚାକିରୀ ରେ ରହିଗଲେ । ସେତେବେଳେ ବୁଢ଼ା କୁ ବୋଝ ମଣୁଥିଲେ । ଆଜି ଭୋଜି ର ଖାଦ୍ୟ କୁ ଯଦି ପ୍ରତିଦିନ ନଟିଆ ବୁଢ଼ା କୁ ଦିଆଯାଇଥାନ୍ତା ହୁଏତ ସେ ଆଉ କିଛି ଦିନ ବଞ୍ଚି ପାରିଥାନ୍ତା । ବିଚରା ବୁଢ଼ାଟା ମନ୍ଦିର ବେଢାରେ ମାଗିଯାଚ ଖାଇ ଖାଇ ମରିଗଲା । ପୁଣି ମଧୁଆ ଦାଦା ନିଜକୁ ପ୍ରଶ୍ନ କରୁଥିଲା ବାପ ଚାଲିଗଲା ପରେ ଦୁଇ ଭାଇ ଭିତରେ ଝଗଡା ହେଇ ଆଜି ଦୁଇ ଦୁଇଟା ଭୋଜିର ଆୟୋଜନ କଣ ଲୋକ ଦେଖାଣିଆ ନା ବର୍ତ୍ତମାନ ସମାଜର ପିତୃଭକ୍ତି **?**

ଲେଖନପୁର, ସାଲେପୁର

## "ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥରରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ

# ଗିତ ପଦେ ଗାରେ ଚେରେ

କ୍ଷୀରେନ୍ଦ୍ର କୁମାର ସାହୁ

ହଲିଆ ଆକାଶ ର
ଛାତି କେ ଚରି କରି,
ଉଜେର ମନ କେ
ଫୁଲକାବାର ଲାଗି,
ଫେର ଘାଏ ଜିବନ କେ
କେନ କନେ ଲୁକ ଦେଇ
ଦେଇ ଥିବାର
ସୁଖ କେ
ଇଁଚରେଇ ଇଁଚରେଇ
ନୁରବାର ଲାଗି ।
ହଦରି ଦେଲେ
ହେବା ଭାଏଲ,
ଆର ଘଡେ
ଆର ଛନେ
ବଲି ବଲି କାଁଜେ
କହୁଛୁ ଜେ ତୁଇ ।
ସୋର ଥି କାନା ଅଛେ ।
ନାଇଁ ବାଜୁ ପଛେ
ସୁଲହ ଭରନ
ମାନ୍ଦଳ ଘୁମୁର,

ହାଦେ ସୁନ
ଜୁବତ ଗ୍ୟାଁଡି ର କଁଦନା
ଜୁଆନ ପୁଓ
ତାମିଲନାଡୁ ନେ
ମୁରଦାର ହେଲା ବଲି
ଅହି ରୁଦନ କାଁଦି ।
ହେଲେ ତୁଇ ଗାଏବାର
ଲାଗି ଆଏବୁ
ଗିତ ସୁନ ବାର
ଲାଗି ଆଏବୁ
ଭାବ ପିରତି ର
ସୁଖର ଗିତ
ଗାଏବାର କେ
ଜେନତା ହଓ ଆଏବୁ ।
ତୁଇ ଆ ରେ ଚେରେ
ଗିତ ପଦେ ଗାରେ ଚେରେ
ଆ ଗାଏବୁ ଗିତ ପଦେ
ଜିବନ ସାତ ସୁରେ ।

ବରପିଟା, ପାଟଣାଗଡ଼, ବଲାଙ୍ଗିର

# କାହା ପାଇଁ ଲେଖିବି ମୁଁ ପ୍ରେମର କବିତା



ଆଶ୍ରିତ ମହାପାତ୍ର

କାହାପାଇଁ ଲେଖିବି ମୁଁ ପ୍ରେମର କବିତା
ନା ଅଛି ପ୍ରେମର ରଙ୍ଗ ମଞ୍ଚ
ନା ଅଛି ମୋର ପ୍ରେମିକା ।
ସ୍ୱପ୍ନେ ହେଉ ଅବା ବାସ୍ତବରେ ହେଉ
ମୋ ଜୀବନ ଟା ରହିଲେ ଏକା ।
ପ୍ରେମର ଫଗୁଣ ଦୁରେଇ ଦେଇଛି
ନରଳା ହୃଦୟ ରଚ ।
ବନ୍ଧୁତ୍ୱ ରେ ମୋର ଆଙ୍କି ଦେଇଅଛି
ଘୃଣ୍ୟ ଭର୍ ପ୍ରଶ୍ନ ବାଚୀ ।
ଦୁର୍ଭାଗ୍ୟ ଜୀବନେ କେହି ଆସିନାହିଁ
ବାନ୍ଧିବାକୁ ପ୍ରେମ ସୂତା
କାହାପାଇଁ ଲେଖିବି ମୁଁ ପ୍ରେମର କବିତା ।
ଗୋଲାପ କହୁଛି ମତେ ତୁ ଛୁଅଁନା,
ଡାଏରୀ କହୁଛି ମତେ ।
ଆକାଶର ଚନ୍ଦ୍ର ଲାଜେଇ ପଡୁଛି
କାହାକୁ କହିବି ଏତେ ।

କେହି ନ ଖୁହାନ୍ତି ବୁଝିବାକୁ ମୋର

ଆକାଂକ୍ଷିତ  ମନ କଥା ।

କାହାପାଇଁ ଲେଖିବି ମୁଁ ପ୍ରେମର କବିତା ।

ଥୁଣ୍ଟା ମରୁଭୂମି ହୃଦୟ ସାଜିଛି

ଗଢ଼ି ପ୍ରେମ ମରୀଚିକା ।

ତୃଷ୍ଣା ବାଟୋଇ ଟେ ସଜାଇଛି ମତେ

ଏଇ ଜୀବନ କୁ କରି ଫିକା ।

ଭଙ୍ଗିଯାଇ ଅଛି ମନଟା ମୋହର

ହରାଇ ପ୍ରେମର ବାର୍ତ୍ତା ।

କାହାପାଇଁ ଲେଖିବି ମୁଁ ପ୍ରେମର କବିତା ।

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ବେପାର



ବିଶ୍ୱଜିତ୍@ବାବୁସୁନା

ସେନୋରିଟା ।

ଅଯୁତ ଜନ୍ମର ସେ ମୋ ପ୍ରେମିକା ।

ସେ ହସିଲେ ଚୁଲୁବୁଲିଆ ପ୍ରଜାପତି ଡେଣା ଝାଡେ। କାନ୍ଦିଲେ ଲୁଚଯାଏ ଫୁଲିଆ ଜହ୍ନ । ରଷିଲେ ଝରିପଡେ ବର୍ଷା ଓ କୃଷ୍ଣଚୂଡା ବି ଅବଶ୍ୟ ଦିଏ ପତ୍ରଝଡା ।

ବର୍ଷଟେ ପୁରିବାକୁ ତଥାପି ଦିନ କେତୋଟି ବାକି ଥିବା ସୁନାନାକି ସେନୋରିଟା - ସିଏ ମୋ ପ୍ରେମିକା ।

ଯେତେବେଳେ ସିଏ ଆଖିରେ କଜଳ, କପାଳେ ଟୋପାଟେ ଦେଇ ସଜେଇ ହେଇ ଗୁରୁଣ୍ଡି ଗୁରୁଣ୍ଡି ମୋ ପାଖକୁ ଆସେ, ମୁଁ ଯେମିତି ହଜିଯାଏ କଉ ଏକ ସ୍ୱପ୍ନ ରାଇଜରେ । ଖୁବ୍ ବେଶୀ ନେହୁର୍ ହେଲେ ସେ ମୋତେ ଖାଲି ଗୋଟେ ଚୁମା ଟିଏ ଦିଏ ମାତ୍ର ।

ସେନୋରିଟା - କଲ୍ୟାଣୀ ଅପାର୍ଟମେଂଟରେ ରହୁଥିବା ମୋ ପଡୋଶୀଙ୍କର ଏକମାତ୍ର ଅଲିଅଳ କନ୍ୟା । ମାତ୍ର କେତୋଟି ଦିନ ଭିତରେ ତା ମୋ ଭିତରେ ଗଢି ଉଠିଥିଲା ଏକ ନିଆରା ସମ୍ପର୍କ। ପ୍ରତ୍ୟେକ ଅପରାହ୍ନରେ ସେ ମୋ ସହିତ ନିଶ୍ଚୟ କିଛି ସମୟ ବିତାଏ। ସେଇ ଅଭୁଲା ମୁହୂର୍ତ୍ତ କେତୋଟିରେ ସେ ଦିଏ ମୋତେ କେବଳ ଗୋଟିଏ ଚୁମା ଆଉ ପ୍ରତି ବଦଳରେ ମୁଁ ଦିଏ ତାକୁ କେତୋଟି ଟଫି ସହିତ ଅଜସ୍ର ଚୁମା ।

ସେଦିନ ଥିଲା ରବିବାର - ଛୁଟିଦିନ । ଅଳସ ସକାଳର ବାରଣ୍ଡାରେ ମୁଁ ଚେୟାରଟେ ପକାଇ ବସିଥାଏ । ସୃଷ୍ଟିକର୍ତ୍ତାଙ୍କର ସୁନ୍ଦର ସୃଷ୍ଟିକୁ ଅନୁଭବ କରିବା ସହିତ ମୁଁ ପଢୁଥାଏ ସେ ଦିନର ଖବର - ମୋ ସାମସଙ୍ଗ ଟ୍ୟାବରେ, ଟାଇମସ୍ ଅଫ୍ ଇଣ୍ଡିଆ ଆପରେ । ସଜେଇ ହୋଇ, ଟିକେ ଲାଜେଇ, ପାଟିରୁ ଲାଳ ଗଡେଇ ମୋ ପାଖକୁ ଆସିଲା - ମୋ ସେନୋରିଟା ।

ଟିକେ କଣେଇ ଚାହିଁଲି ତାକୁ - ବାଲ୍ୟ ମମତାରେ ମନଟା ଚହଟି ଉଠିଲା । ସେ ଆସିଲା ମୋ ପାଖକୁ ଧୀରେ ଧୀରେ । ଗୋଟେ ହାତରେ ଚେୟାର ଗୋଡ ଓ ଅନ୍ୟ ହାତରେ ମୋ ଗୋଡକୁ ଧରି ହଲି ଦୋହଲି ଛିଡା ହୋଇଗଲା ମୋ ପାଖରେ । ତା ଗାଲରେ ଗୋଟେ ଟିପା ଦେଲି ମୁଁ ।

ଟାଇମସ୍ ଅଫ୍ ଇଣ୍ଡିଆରେ ସେଦିନର ମୁଖ୍ୟ ଖବର ଥିଲା - ନିର୍ଭୟା ଅତ୍ୟାଚାରର ସମ୍ପୃକ୍ତ ଚାରି ଅସୁରଙ୍କୁ ସୁପ୍ରିମକୋର୍ଟର ଫାଶି ଦଣ୍ଡ। ମଣିଷ ଓ ପଶୁ ପ୍ରକୃତିକୁ ନେଇ ତର୍ଜମା କରିବାର ଇଚ୍ଛା ଯଦିଓ ମୋର ଜମା ନଥିଲା, ତଥାପି କୋର୍ଟର ଫାଶିଦଣ୍ଡ ମୋତେ ଭାରି ଆଶ୍ୱସ୍ତ କରୁଥିଲା । ପଶୁଟିଏ କେବେ ଅତ୍ୟାଚାର କରିବାର କଣ ସତରେ କେହି କହି ପାରିବେ ! ତେବେ ନିରୀହ ପଶୁଟିର ପ୍ରକୃତିକୁ ପାଶବିକ ବୋଲି ଦାବି କରିବାର ଅଧିକାର କିଏ ଦେଲା ଆମକୁ ! ଫାଶି ଦଣ୍ଡରେ ଦଣ୍ଡିତ ଚଣ୍ଡାଳ ଚାରି ଜଣଙ୍କୁ ପଶୁଠାରୁ ବି ହୀନ ମାନିବାର ଯଥାର୍ଥତା ଆସିଲା କଉଁଠୁ ? ଆଃ ! ମନଟା ଭାରି ଉଦାସ ହେଇଗଲା ମୋର ଏମିତି ଅମଣିଷ ମାନଙ୍କ କାର୍ଯ୍ୟ କଳାପକୁ ନେଇ ।

ଭାରି ଇଚ୍ଛାହେଲା ସି-ଟା ସହ ଟିକେ ଦୁଷ୍ଟାମି କରିବାକୁ । ପୁନେଇଁ ଜହ୍ନଟି ମୋ ପାଖରେ ଛିଡା ହୋଇ ମୋ କୋଳରେ ଥିବା ଟ୍ୟାବ୍ ଟିକୁ ହାତ ବଢଉ ଥିଲା । ମୁଁ ଜାଣି ଜାଣି ଟ୍ୟାବ୍ ଟିକୁ ଆର ପଟକୁ ରଖି ଦେଲି । ସେ ତାର ତଳେ ଗୁରୁଣ୍ଡି ମୋ ଚଉକିର ଆର ପଟକୁ ଆସି ପୁଣି ସେଇଟାକୁ ନେବାକୁ ହାତ ବଢାଇଲା ଓ ମୁଁ ପୁଣି ଅନ୍ୟ ପାଖକୁ ନେଇ ଆସିଲି । ଏମିତି-ଏମିତି ରେ ସେ ମୋତେ ଚାରି ପାଞ୍ଚ ଥର ପରିକ୍ରମା  କରି ସାରିବା ପରେ ଅଟକ

ଯାଇ ବସି ପଡିଲା । ଗ୍ଭେରେଇ ଗ୍ଭହିଁଲି ତାକୁ - ଭ୍ଭବିଲି ଥକ ଗଲାଣି ବୋଧେ ମୋ ଲାବଣ୍ୟବତୀ ପ୍ରେମିକା । ତା ଟଣା ଟଣା ଆଖିକୁ ଅନେଇଲି - ମନ ଭିତରେ ଆଶଙ୍କା କାଳେ ଅଦିନ ମେଘ ମୁନ୍ଦେ ବର୍ଷି ଯିବକ ? ନା ।

ସେ ତା ଗ୍ଭରି ପାଦରେ ଗ୍ଭଲି ଗ୍ଭଲି ପଳେଇ ଗଲା ତା ଘରକୁ - ବୋଧେ ଅଭିମାନ କରି ମୋ ଉପରେ । ଆଉ ମୁଁ ମନ ଦେଲି ସେ ଦିନର ଅନ୍ୟାନ୍ୟ ଖବର ଉପରେ । ମାତ୍ର କେଇ ମୁହୁର୍ତ୍ତ ପରେ ସେନୋରିଟା ପୁଣି ଆସି ଉଙ୍କି ମାରିଲା । ସାଥିରେ ଧରି ଆସିଥିଲା ତାର ଦୁଇ ହାତରେ ତାଳ ମାରୁଥିବା ଗ୍ଭବିଦିଆ ମାଙ୍କଡ଼ଟିକୁ। ଆଚ୍ଛା, ମୋ ବିନା ସେ ବି ବଞ୍ଚି ପାରେ ମୋତେ ବୋଧେ ବୁଝେଇ ଦେଲା ସେ । ପାଖକୁ ଆସି ମୋତେ ସେ କଣ୍ଢେଇଟିକୁ ବଢେଇ ଦେଲା । ବୁଝିଗଲି ମୁଁ - ମାଙ୍କଡ଼କୁ ଗ୍ଭବି ମୋଡିଲେ ସିନା ତା'ପରେ ଯାଇ ସେ ତାଳ ମାରିବ। ସେପାଇଁ ପର୍ ମୋତେ ସେ ବଢେଇ ଦେଉଛି । ଗର୍ବିତ ହେଲି ମୁଁ। ମୋ ବିନା ତୋର ଗତି ନାହିଁଲୋ ଝିଅ । ମୁଁ ଗ୍ଭବି ମୋଡିବାରେ ଧ୍ୟାନ ଦେଲି । ସେନୋରିଟା ମୋ ପଛପଟେ ବୁଲିଆସି ଆରପଟେ ଥିବା ଟ୍ୟାବ୍ କୁ ଦୁଇ ହାତରେ ଜାବୁଡି ଧରିଲା ।

ହ୍ୱାଟ୍ ଦ **folk !!!**

କାର୍ତ୍ତିକ ପୂର୍ଣ୍ଣିମାର ଡଙ୍ଗା ଭସାରେ ବୋଇତ ବନ୍ଦାଣ କରି ସାଧବପୁଅ ମାନେ ଜାଭା - ସୁମାତ୍ରାକୁ ଯାଇଥାନ୍ତି ବେପାର କରିବା ପାଇଁ ।

ହେଲେ ଏ ବର୍ଷକର କୁନ ଝିଅ କଉଠୁ ଶିଖିଲା ଏ ଅଦଳକୁ ବଦଳ ପଣିଆ ! ଦୁଇ ହାତରେ ତୋଳ ନେଲି ମୁଁ ମୋ ସାଧବ ବୋହୂକୁ। ଆଖିରେ ଥିଲା ତାର ଅରୁଣ ଦୀପ୍ତି ।

ସାଉଦି ଆରବ

# ବିକଳ ଏ ମନ



ଜଗନ୍ନାଥ ମେହେର

କହିଦିଏ ଯେବେ ମନ ଖୋଲି  ତତେ
ବଢି ଯାଏ ମୋର ହୃଦୟ ସ୍ପନ୍ଦନ,
କହିବି କେମିତି ବିକଳ କେତେ ଯେ
ଝୁରେ ତତେ ଏ ଅବୁଝା ମନ ।।

ସତରେ ହେଉକ ସପନେ ହେଉ
ଜାଣୁନା ତୁହି ମୋ ମନ ଆଇନା,
ମନେ ପଡ଼ ପ୍ରିୟା ପ୍ରତିଥର
ସାଥି ତୁହି ମୋ ଜୀବନର ।।

ସାରା ରାତି ଚେତି ରହୁଛି ତୋ ପାଇଁ
ଛାତିରେ ଆଉଜି ଆଘାତ ତୋର,
ତୁ କମ୍ପା ବୁଝିବୁ ମନର କଥା
ମରେ ପ୍ରେମ ପାଇଁ ବହୁ ବାର ।।

ପଥରରେ ଗଢ଼ା ହୃଦୟ ତୋର
ବୁଝି ପାରିଲୁନ ପ୍ରତୀକ ପ୍ରେମର,
ସରିବନୀ କେବେ ପ୍ରତୀକ୍ଷା ମୋର
ତରଲି ଜୀବନ ଏ ହୃଦୟ ନର ।।

ଆଜି ବି ଚେତିଛି ହୃଦୟେ ପ୍ରେମ
ଜୁଇ ବିଛଣାରେ ପାଉଁଶ ଠାର,
ଆସିବୁକ କହ ଆର ଜନମକୁ
ତୋଳବି ତୋ ପାଇଁ ଜହ୍ନରେ ଘର ।।

କେଉଁଟନ ବାହାଲି, ପଦ୍ମପୁର, ବରଗଡ଼

# ଚନ୍ଦ୍ରମଲ୍ଲୀକା



କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀ

ସାଗର କୂଳେ ଆଜି ହଜାଇ ଶାମୁକା,

ଫୁଲଙ୍କ ମେଳେ ଥାଇ ଫଗୁଣ ବି ଏକା ଏକା,

“ଆଗୋ ଚନ୍ଦ୍ରମଲ୍ଲୀକା”

ଲୁହରେ କେତେ ଯେ ଭିଜିଛି ମୋ ରାତି

ଜୋଛନା ରେ କେତେ ଜଳଛି ସେ ସ୍ମୃତି

ଲୁହର ସାଗରରେ ଆଜି ପ୍ରୀତି ସବୁ ଫିକା ଫିକା

“ଆଗୋ ଚନ୍ଦ୍ରମଲ୍ଲୀକା”

ତପସ୍ୱିନୀ ଯେହ୍ନେ ଲାଗେ ତୁମ ଅଭିସାର

ଅସ୍ପୃଶ୍ୟ ବେଳାଭୂମି ମୁଁ ତୁମେ ଯେ ସାଗର,

ଛୁଇଁବାକୁ ଗଲେ ତୁମେ ସାଜ ମରୀଚକା

“ଆଗୋ ଚନ୍ଦ୍ରମଲ୍ଲୀକା”

ଭଦ୍ରକ, ଓଡିଶା

# ଧାର୍ମିକ ଶ୍ରଦ୍ଧା ବନାମ ଲୌକିକ ବିଶ୍ୱାସ



ବାଲ୍ମୀକି ନାୟକ

ମଣିଷ ଜନ୍ମରୁ ହିଁ ବିବେକବାଦୀ ପ୍ରଶ୍ନ ପଚାରିବାର ପ୍ରବୃତ୍ତି ପାଇଥାଏ । ବୟସ ବଢ଼ିବା ସହିତ ତା ମନରେ ଚାରିପାଖର ସଂସାରକୁ ଜାଣିବା ଓ ବୁଝିବାର ଜିଜ୍ଞାସା ବି ବୃଦ୍ଧି ପାଇଥାଏ । ସଂସାରରେ ବିଦ୍ୟମାନ ସମସ୍ତ ପ୍ରାକୃତିକ ଏବଂ ଭୌତିକ ବସ୍ତୁ ବିଷୟରେ ଜାଣିବା ପାଇଁ ସ୍ୱଭାବ ସୁଲଭ କୌତୁହଳ ଜାତ ହୋଇଥାଏ । ସେଥିପାଇଁ ସେ ନିଜଠାରୁ ବଡ ଲୋକମାନଙ୍କୁ ଲୌକିକ ଜଗତର ବସ୍ତୁ ସମ୍ପର୍କରେ କଣ-କିପରି-କାହିଁକି ଆଦି ପ୍ରଶ୍ନ, ତା ମନବୁଝିବା ଭଳି ଉତ୍ତର ନପାଇବା ପର୍ଯ୍ୟନ୍ତ କ୍ରମାଗତ ଭାବେ ପଚାରିଥାଏ । ବସ୍ତୁଗୁଡିକ ସମ୍ପର୍କରେ ସନ୍ତୋଷଜନକ ଉତ୍ତର ପାଇବାପରେ, ଲୌକିକ ବସ୍ତୁଗୁଡିକୁ ବିଶ୍ୱାସ କରିବାପାଇଁ ସେ କୌଣସି ଅସୁବିଧା ଅନୁଭବ କରେନାହିଁ । ଏହି ପ୍ରବୃତ୍ତି ଯୋଗୁଁ ମଣିଷ ଏକ ବିବେକଶୀଳ ପ୍ରାଣୀ ବୋଲି କୁହାଯାଇଛି ।

ଅନ୍ୟପକ୍ଷରେ ବଡମାନଙ୍କ ଦ୍ୱାରା ଶିଶୁର ପ୍ରଶ୍ନକରିବା ଭଳି ଜନ୍ମଜାତ ପ୍ରବୃତ୍ତିକୁ ବାଧା ଦେଇ ବାଧ୍ୟ କରାଯାଇଛି ଯେ, ତୁ ଏକ ଅଲୌକିକ ଜଗତ ଉପରେ ଶ୍ରଦ୍ଧା ରଖ ଏବଂ ସେହି ଅଲୌକିକ ଜଗତ ସମ୍ପର୍କରେ କଣ, କିପରି ଓ କାହିଁକି ଭଳି ପ୍ରଶ୍ନ ପଚାରିବା ଆବଶ୍ୟକ ନୁହେଁ । କାରଣ, ଆମେ (ବଡଲୋକ) କହୁଛୁ ତାହା ବିଦ୍ୟମାନ । ଆମେ ଅର୍ଥାତ ପିତା, ମାତା, ଗୁରୁଜନ, ସ୍କୁଲର ଶିକ୍ଷକ, ମନ୍ଦିରର ପୂଜକ, ମଠ ଓ ଆଶ୍ରମର ଧର୍ମଗୁରୁ ସମସ୍ତେ ବିନା ପ୍ରଶ୍ନକରି ଶ୍ରଦ୍ଧା ରଖିବାର ଉପଦେଶ ଶୁଣିଶୁଣି ମଣିଷ ବଡ ହେବାବେଳକୁ ତାର ବିବେକ ନଷ୍ଟ ଏବଂ ପ୍ରଶ୍ନ କରିବାର ଜନ୍ମଜାତ ପ୍ରବୃତ୍ତି ଗୋଟିଏ ଅଦୃଶ୍ୟ ବନ୍ଧନରେ

ସୀମାବଦ୍ଧ ହୋଇଯାଏ । ଗୋଟିଏ ଋଦ୍ଧିବାଦୀ ପ୍ରବଚନ "ଶ୍ରଦ୍ଧାବାନ୍ ଲଭତେ, ସନ୍ଦେହାତ୍ମା ବିନସ୍ୟତି" କମ୍ବା ଓଡିଆରେ ପ୍ରଚଳିତ ଭାଗବତବାଣୀ "ବିଶ୍ୱାସେ ମିଳଇ ହରି, ତର୍କେ ବହୁଦୂର" ଦ୍ୱାରା ଗଭୀର ଭାବେ ପ୍ରଭାବିତ ହୋଇ ଅଧିକାଂଶ ମଣିଷ ଅଲୌକିକ ଜଗତର ଅନେକ କାଳ୍ପନିକ ବସ୍ତୁ ସ୍ଥାନ ଓ ପାତ୍ର ଉପରେ ଅନ୍ଧ ଶ୍ରଦ୍ଧା ସ୍ଥାପନ କରିଥାନ୍ତି । ଯେଉଁ ବ୍ୟକ୍ତି ନିଜ ବୁଦ୍ଧି ଓ ବିବେକକୁ ପ୍ରୟୋଗ କରି ଲୌକିକ ଜଗତର ସମସ୍ତ କାମ କରିଥାଏ, ସେ ଲୌକିକ ବସ୍ତୁଗୁଡିକୁ ତନ୍ନ ତନ୍ନ କରି ପରୀକ୍ଷା କରି ଆଶ୍ୱସ୍ତ ହେବାପରେ ହିଁ ବିଶ୍ୱାସ କରିଥାଏ । ଜଣେ ବ୍ୟକ୍ତି ବଜାରରୁ କାର ଠାରୁ ଜୋତା ପର୍ଯ୍ୟନ୍ତ କିଣିବା ପୂର୍ବରୁ ଯେଉଁ କମ୍ପାନୀର ବସ୍ତୁରେ ଅଧିକ ଲାଭଜନକ ଗୁଣଥାଏ, ସେହି ବସ୍ତୁ ଉପରେ ତାର ଶ୍ରଦ୍ଧା ଥାଉ ବା ନଥାଉ ବିଶ୍ୱାସ ହେବାଯୋଗୁ କିଣିନିଏ ।

ପାରଲୌକିକ ଜଗତର କାଳ୍ପନିକ ସ୍ଥାନ ହେଉଛି – ସ୍ୱର୍ଗ, ନର୍କ, ଇନ୍ଦ୍ରଭବନ, ନନ୍ଦନକାନନ ଉଦ୍ୟାନ, ଅପସରାମାନଙ୍କ ନୃତ୍ୟସ୍ଥଳ ଓ ପାତାଳ । କାଳ୍ପନିକ ଚରିତ୍ର ହେଉଛନ୍ତି – ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ସହିତ ତେତିଶ କୋଟି ଦେବୀ ଓ ଦେବତା । କାଳ୍ପନିକ ବସ୍ତୁ ହେଉଛି – ଆତ୍ମା, ପରମାତ୍ମା, ମୋକ୍ଷ, ପୁନର୍ଜନ୍ମ ଆଦି ଯାହା ସମ୍ପର୍କରେ ଆଦିମ କାଳରୁ ଆଜି ପର୍ଯ୍ୟନ୍ତ କୌଣସିପ୍ରକାର ପ୍ରମାଣିକ ତଥ୍ୟ ମିଳିପାରି ନାହିଁ । ସମସ୍ତେ କିନ୍ତୁ ଦୃଢତାର ସହିତ ଦାବି କରି ଆସୁଛନ୍ତି ଯେ ଲୌକିକ ଜଗତଭଳି ପାରଲୌକିକ ଜଗତ ବି କେଉଁଠି ନିଶ୍ଚୟ ଅଛି । କେବଳ ଏକମାତ୍ର ସର୍ତ୍ତ ହେଉଛି – ଶ୍ରଦ୍ଧା ରଖି ସ୍ମରଣ କଲେ ପାରଲୌକିକ ଜଗତ ସମ୍ପର୍କରେ ଅନୁଭବ ପ୍ରାପ୍ତ କରିପାରିବ । ଏହାର ବିପରୀତ ଆଜି ପର୍ଯ୍ୟନ୍ତ ଯେଉଁ ବ୍ୟକ୍ତିବିଶେଷ ଆଧାତ୍ମିକ ଜଗତକୁ ଅନୁଭବ କରିଥିବା ଦାବି କରିଛନ୍ତି, ସେମାନଙ୍କର ବାସ୍ତବିକ ଜୀବନ ଅନ୍ୟାନ୍ୟ ସାଧାରଣ ମଣିଷ ଭଳି ରୋଗ, ଶୋକ ଓ ଦୁଃଖ ଭୋଗ କରି ହିଁ ବିତିଛି ।

ପାରଲୌକିକ ଜଗତ ପ୍ରତି ଶ୍ରଦ୍ଧା ଏବଂ ଲୌକିକ ଜଗତ ପ୍ରତି ବିଶ୍ୱାସ ଭିତରେ କିଛି ମୌଳିକ ପ୍ରଭେଦ ରହିଛି । ସେହି ପ୍ରଭେଦଗୁଡିକୁ ବୁଝିବାପାଇଁ ଉଦାର ଚିତ୍ତ ଓ ସ୍ୱାଧୀନ ଚିନ୍ତନର ଆବଶ୍ୟକ । ଲୌକିକ ଜଗତର ବିଶ୍ୱାସ କେବଳ ଲୌକିକ ବିଷୟରେ

ପର୍ଯ୍ୟବେସିତ ଥାଏ, କିନ୍ତୁ ଧାର୍ମିକ ଶ୍ରଦ୍ଧା ପାରଲୌକିକ ବିଷୟରେ ଥାଏ । ଲୌକିକ ଜଗତର ବିଶ୍ୱାସ କ୍ରମାଗତ ଭାବେ ନିର୍ବିବାଦ ଓ ସକାରାତ୍ମକ ଅନୁଭବ ଉପରେ ସ୍ଥାୟୀ ହୁଏ ଏବଂ ଗୋଟିଏ ବି ବିପରୀତ ଅନୁଭବର ବିରୋଧ ବା ପ୍ରତିବାଦ ସେହି ବ୍ୟକ୍ତିନିଷ୍ଠ ବିଶ୍ୱାସକୁ ସମୂଳେ ନଷ୍ଟ କରିଦେଇ ପାରେ, କିନ୍ତୁ ଧାର୍ମିକ ଶ୍ରଦ୍ଧା କାହାରି ଅନୁଭବ ଉପରେ ଆଧାରିତ ନଥିବା ଯୋଗୁଁ କୌଣସି ବିପରୀତ ଅନୁଭବ ବା ବିରୋଧି ବିଚାରଧାରା ତାକୁ ନଷ୍ଟ କରିପାରେ ନାହିଁ । ସେଥିପାଇଁ ଧାର୍ମିକ ଶ୍ରଦ୍ଧା ଅପରିବର୍ତ୍ତନୀୟ ବା ସ୍ଥିର ବୋଲି ଦାବି କରିଥାନ୍ତି ।

ଲୌକିକ ବିଶ୍ୱାସ କୌଣସି ବ୍ୟକ୍ତିର ବଦଳିଗଲେ ତାର ବ୍ୟକ୍ତିତ୍ୱ ବଦଳିଯାଏ ନାହିଁ । କିନ୍ତୁ ଧାର୍ମିକ ଶ୍ରଦ୍ଧା ବ୍ୟକ୍ତି ଭିତରେ ବଦଳିଗଲେ ତାର ବ୍ୟକ୍ତିତ୍ୱ ବି ବଦଳିଯାଏ । କାରଣ ତାକୁ ନୂତନ ଧର୍ମର ଇତି, ନିୟମ ମାନିବାକୁ ବାଧ୍ୟ ହୋଇଥାଏ । ଲୌକିକ ବିଶ୍ୱାସ କୌଣସି ବ୍ୟକ୍ତିକୁ ଭାବପ୍ରବଣ କରିଦେଉଥିବାରୁ ସେମାନେ ଅନ୍ୟ ଧର୍ମ ସମ୍ପ୍ରଦାୟର ଲୋକମାନଙ୍କୁ ମାରିବା ଏବଂ ନିଜେ ମରିବାପାଇଁ ଆଗେଇ ଆସନ୍ତି । ଲୌକିକ ବିଶ୍ୱାସ ପ୍ରତି ସମାଲୋଚନା କଲେ ବ୍ୟକ୍ତି ସଚେତନ ହୋଇ ନିଜର ଭୁଲ ସୁଧାରିବାକୁ ଚେଷ୍ଟାକରେ କିନ୍ତୁ ଧାର୍ମିକ ଶ୍ରଦ୍ଧା ପ୍ରତି ସମାଲୋଚନା କଲେ ବ୍ୟକ୍ତି ମାନସିକ ସ୍ତରରେ ଆଘାତ ପାଇଥାଏ । ଶ୍ରଦ୍ଧାଳୁ ବ୍ୟକ୍ତି ପ୍ରତିକ୍ରିୟା ଦର୍ଶାଇ ସମାଲୋଚକ ପ୍ରତି ହିଂସାତ୍ମକ ଆଚରଣ କରିବାକୁ ପଛାଏ ନାହିଁ । ଲୌକିକ ବିଶ୍ୱାସ ମଣିଷର ଯେ କୌଣସି ବୟସରେ ନିଜର ମତ ବା ବିଚାରଧାରା ପରିବର୍ତ୍ତନ କରିବାକୁ ସୁଯୋଗ ଦେଇଥାଏ, କିନ୍ତୁ ଧାର୍ମିକ ଶ୍ରଦ୍ଧା ମଣିଷକୁ ଆଜୀବନ ଗୋଟିଏ ବିଚାରଧାରାରେ ବାନ୍ଧି ହୋଇ ରହିବାକୁ ମାନସିକ ଭାବେ ବାଧ୍ୟ କରିଥାଏ । ଶ୍ରଦ୍ଧାଳୁ ବ୍ୟକ୍ତି ମତ ପରିବର୍ତ୍ତନ କଲେ ତାର କଥିତ ସମାଜ ତାକୁ ଘୃଣା ଓ ତିରସ୍କାର କରିଥାଏ । ତେବେ ଜୀବନର ଉନ୍ନତି ଓ ବିକାଶ ପାଇଁ କେଉଁ ପଥଟି ଗ୍ରହଣ କରିବା ଆବଶ୍ୟକ – ଧାର୍ମିକ ଶ୍ରଦ୍ଧା ନା ଲୌକିକ ବିଶ୍ୱାସ?

କେ.ଆର. ପୁରମ, ବାଙ୍ଗାଲୋର

# ଦେଖମି ଥରେ



ଆଶୁତୋଷ ଠାକୁର

ଆଉଛୁ ବେଲେ ଆ ତୁଇ
ଦେଖମି ଥରେ ମୁଇଁ
ତୋର ଚେହେର୍‌ କେ
ବନେ ଦିନୁ
ମନୁ ମନୁ ପାସରି
ବସୁଛାଁ ମୁଇଁ

ତୋର ମୋର ମନ
ଦୁହେଁ ହେଲେନ ଉଛର
ଦେଖା ଗୁହାଁ ଲାଗି
ସଜ ବତର
ଭ୍‌ବର ପଦେ
ମନ କେ ରୁନ୍ଧେ
ହେଲେ ହେଉ
ଗାଲି ମାର
ମୁଇଁ ତୋର
ତୁଇ ମୋର
ଇ କଥା କେ ଘାଏ
କର ସୋର

ଗୁଟେ ଠାନେ ବସି କରି
ଗୁଟେ ଠାନେ ପଢ଼ନୁ ପାଠ
ଦୁହେଁ ଏଭେ
ଧରିଛୁ ଅଲଗ ବାଟ
ତୁଇ ଗଲୁ ବଦଲି
କ ମୁଇଁ ଗନ ବଦଲି
ସୋର କଲେ ମନ ମୋର
ଭ୍‌ବେ ଯାଏସି ଉହୁଲି

ପେରେମ ମହନ
ସମିଆଁ ଜାନ
ହେସି ଘାଂଟି ସାନ
ସେ ଚେହେର୍‌
ଲ୍‌ଗସି ନୁଆ
ନାଇଁ ଦେଖେ କଲ୍‌ ,ଗୁଆ

ତୁଇ କଲୁ ଗ୍ଭକରି କାମ
ମୁଇଁ ହେନ ବେକାରି
କାଁ ଦୋଷ କନ
ମୁଇଁ ଯେ ପଢ଼ି କରି
ହେନ ବେକାରି

ପଢ଼ାର କଥା
ହେଲେ ସୋର
ଆର ନାଇଁନ ଡର
ଆଘର ପଢା
ବନେ କଡ଼ା
ଛାତି କରସି ଚର

ସେ ଫଟୁ କଟା
ଚର୍ ଫଟା
କପଡା ଲଟା
ଡଟ କଲମ ର ସାହି
ଯେତେ ନୁରଲେ ବି
ଆର ପାଏବୁ କାହିଁ
ତୋର ବହି
ମୋର ବହି
ତୋର ଖାତା
ମୋର ଖାତା
ଖୋଲ ମଡ଼ା
ଅଠା ଲଟକା
ଘରୁ ବାହାରି
ବାଟେ ଅଟକା
ଆମ ଝର୍
ବୁରେ ନୁର୍
ତେତେଲ ଆଗୁର

ଆମ ଆଗୁର
ରଚେ ରଚେ
କଥା ଥି ଭ୍ବ  ବିଗୁର
ହେ ସବୁ କଥା
ଆଏସି ମୁଡ କେ
ସତେ ତୁଇ
ପର କଲୁ  କାଁ ମତେ
ସତେ ତୁଇପର କଲୁ  କାଁ ମତେ
ଡର ମନ୍ କେ
ଘାଏ ପଚର୍
ଲ୍‌ଗସି କାଁ ନୁର୍
ଆମର ପର୍
ତମର ପର୍
ଗୁଟେ ତ
ମନେ ମନେ
ସୋର କଲେ
କାନ୍ଦି ଲ୍‌ଗସି

ବଲାଙ୍ଗିର

# ଗ୍ଲଲ୍ କେବେ ବୁଲିଯିବା



ଶିବାନନ୍ଦ ବନଛୋର

ଗ୍ଲଲ୍ କେବେ ବୁଲିଯିବା
ଅନ୍ଧାରର ନିସ୍ତବ୍ଧ ସହରକୁ
ଯେଉଁଠି ଖାଲି ଥିବା
ତୁ, ମୁଁ ଆଉ ଆମ ଅସୁମାରୀ ସ୍ୱପ୍ନ ।।

ଗ୍ଲଲ୍ କେବେ ବୁଲିଯିବା
ଆକାଶ ପାରି ଚନ୍ଦ୍ରଲୋକକୁ
ଯେଉଁଠି ଆମେ ତୋଳବା
ପ୍ରେମ ପ୍ରେମରେ ଗୋଟେ ପ୍ରେମର ଭବନ ।।

ଗ୍ଲଲ୍ କେବେ ବୁଲିଯିବା
ସମୁଦ୍ର ମଝିର ସେ ଏକାନ୍ତ ଦ୍ୱୀପକୁ
ଯେଉଁଠି ତୋ କୋଳରେ
ମଥାରଖି ଶୋଇ ଭୁଲିଯିବି
ଜୀବନର କ୍ଲାନ୍ତ ସମୟକୁ ।।

ଗ୍ଲଲ୍ କେବେ ବୁଲିଯିବା
ଆମ ମନର ଗ୍ରାମକୁ
ଯେଉଁଠି ବୁଣି ପକାଇବା
ଆମ ସ୍ୱପ୍ନସବୁକୁ
ଆମ ଅତୁଟ ପ୍ରେମର ବନ୍ଧନରେ
ଆଉ ବାନ୍ଧି ହୋଇଯିବା ଜନ୍ମ ଜନ୍ମ ପାଇଁ ।।

ପଦ୍ମପୁର, ବରଗଡ଼

# ଶ୍ରୀମଦ୍ ଭଗବତ୍ ଗୀତାର ଅଷ୍ଟମ ଅଧ୍ୟାୟର ସାରକଥା



ନରେନ୍ଦ୍ର ପ୍ରସାଦ ବେହେରା

ଅଧ୍ୟାୟ ଆରମ୍ଭରେ ଅର୍ଜୁନ ଭଗବାନଙ୍କୁ ଆଠଗୋଟି ପ୍ରଶ୍ନକଲେ । ତା'ର ଉତ୍ତରରେ ଭଗବାନ କହିଲେ- ଯାହା ସର୍ବଶ୍ରେଷ୍ଠ ମୂଳକାରଣ ବା ଅବିନାଶୀ ଭାବ ତାହାହିଁ ବ୍ରହ୍ମତତ୍ତ୍ୱ । ସ୍ୱଭାବ ବା ମୂଳଭାବ ଜୀବ(ଆତ୍ମା) ରୂପରେ ଦେହ ମଧ୍ୟରେ ପ୍ରକାଶିତ-ତାହା ଅଧ୍ୟାତ୍ମତତ୍ତ୍ୱ । ବିଶ୍ୱସୃଷ୍ଟି ହିଁ କର୍ମ । ଭଗବାନଙ୍କ ସୃଷ୍ଟ ବିନଶ୍ୱର ଭାବ ହିଁ ଅଧିଭୂତ(ଦେହ) । ଦେବତାମାନଙ୍କର ଅଧିପତି ଭୂତସ୍ରଷ୍ଟା ହିରଣ୍ୟ ଗର୍ଭ ବ୍ରହ୍ମା ହିଁ ଅଧିଦୈବ । ସୃଷ୍ଟିରକ୍ଷା ପାଇଁ ଜୀବ ଯେଉଁ କର୍ମ କରେ ତାହା ଯଜ୍ଞ ଏବଂ ନିଜେ ଭଗବାନ୍ ସମସ୍ତ ଜୀବ ମଧ୍ୟରେ ନିୟନ୍ତା ଓ ଫଳଦାତା ରୂପେ ରହିଛନ୍ତି-ସେ ହେଉଛନ୍ତି ଅଧିଯଜ୍ଞ । ଅର୍ଜୁନଙ୍କ ଶେଷ ପ୍ରଶ୍ନର ଉତ୍ତରରେ ଭଗବାନ୍ କହିଲେ-ମୃତ୍ୟୁ ସମୟରେ ସେ ଯେଉଁଭାବ ସ୍ମରଣକରି ଦେହ ତ୍ୟାଗ କଲେ ସେ ସେହି ଭାବକୁ ହିଁ ପାଏ । ତେବେ ପୂର୍ବରୁ ଭଗବାନଙ୍କୁ ସର୍ବଦା ସ୍ମରଣ କରିବାର ଅଭ୍ୟାସ ନଥିଲେ ଶେଷ ସମୟରେ ସେ ଭାବ ଆସିବ ନାହିଁ । ତେଣୁ ସର୍ବଦା ପ୍ରତ୍ୟେକ କାର୍ଯ୍ୟ ଭଗବାନଙ୍କୁ ସ୍ମରଣ କରି କରିବାକୁ ହେବ ।

ଯେଉଁ ବ୍ୟକ୍ତି ମୃତ୍ୟୁ ସମୟରେ ସର୍ବଜ୍ଞ, ଅନାଦି ସର୍ବନିୟନ୍ତା, ସମସ୍ତର ବିଧାତା, ଅଚିନ୍ତ୍ୟ ରୂପଯୁକ୍ତ, ସୂର୍ଯ୍ୟଙ୍କ ପରି ଆଲୋକରେ ଉଦଭାସିତ ପ୍ରକୃତିର ନିୟନ୍ତ୍ରଣର ଊର୍ଦ୍ଧ୍ୱରେ ଅବସ୍ଥିତ ସେହି ପରମ ପୁରୁଷଙ୍କୁ ସ୍ମରଣ କରି ଦେହତ୍ୟାଗ କରନ୍ତି ସେ ମୁକ୍ତି ଲାଭ କରନ୍ତି । ମୃତ୍ୟୁ ସମୟରେ ସମସ୍ତ ଇନ୍ଦ୍ରିୟଙ୍କୁ ସଂଯତ କରି, ମନକୁ ହୃଦୟସ୍ଥ କରି, ପ୍ରାଣବାୟୁକୁ ଦୁଇ ଭ୍ରୂ ମଧ୍ୟରେ ସ୍ଥିରରଖି ଏକାଗ୍ର ଚିତ୍ତରେ ଯୋଗଧାରଣ କରି ଓଁ ବ୍ରହ୍ମଙ୍କର ଏହି ଏକାକ୍ଷର ନାମ ଜପ କରୁ କରୁ ଦେହ ତ୍ୟାଗ କଲେ ମୋକ୍ଷଲାଭ ହୁଏ । କେବଳ ଅନନ୍ୟଚେତା ହୋଇ

ସର୍ବଦା ଭଗବାନଙ୍କୁ ସ୍ମରଣ କଲେ ଏହା ସମ୍ଭବ ହୁଏନ୍ତ, ଅନ୍ୟଥା ହୁଏନାହିଁ । ଏହି ନତ୍ୟଯୁକ୍ତ ଯୋଗୀ ଆଉ ପୁନର୍ଜନ୍ମ ଲ୍ଭ କରନ୍ତି ନାହିଁ । ମାତ୍ର ବ୍ରହ୍ମଲୋକ (ବ୍ରହ୍ମାଙ୍କ ଲୋକ) ପର୍ଯ୍ୟନ୍ତ ଯାଉଥିବା ସମସ୍ତ ଜୀବ ପୁଣି ସଂସାରକୁ ଫେରି ଆସନ୍ତି । ମୁକ୍ତିଲ୍ଭ କରିଥିବା ଜୀବଙ୍କ ବ୍ୟତୀତ ଅନ୍ୟ ସମସ୍ତ ଭୂତ କଳ୍ପ ଆରମ୍ଭରେ ଜନ୍ମଗ୍ରହଣ କରିବାକୁ ବାଧ ହୁଅନ୍ତି।

ଶୁକ୍ଳ ମାର୍ଗରେ ଦେହ ତ୍ୟାଗ କରୁଥିବା ଯୋଗୀ ବ୍ରହ୍ମଙ୍କୁ ଲ୍ଭ କରନ୍ତି । କୃଷ୍ଣମାର୍ଗରେ ଦେହତ୍ୟାଗ କଲେ ପୁଣି ଜନ୍ମ ଗ୍ରହଣ କରନ୍ତି । ପ୍ରକୃତ ଯୋଗୀ ଶୁକ୍ଳ କୃଷ୍ଣ ଗତି ଜାଣି ମଧ ଆଦୌ ବିଚଳତ ହୁଅନ୍ତ ନାହିଁ । ବେଦ, ଯଜ୍ଞ, ତପ, ଦାନ, ପ୍ରଭୃତି ପୁଣ୍ୟ ଫଳରୁ ଯେଉଁ ସ୍ୱର୍ଗଲ୍ଭ ହୁଏ ତାହା ମୁକ୍ତିପ୍ରଦ ହୋଇନଥିବାରୁ ଯୋଗୀ ତାହା ତ୍ୟାଗ କରି ପରମ ବ୍ରହ୍ମପଦ ଲ୍ଭ କରିବା ପାଇଁ ଯତ୍ନ କରନ୍ତି । ଏଣୁ ହେ ଅର୍ଜୁନ! ତୁମେ ସର୍ବଦା ଯୋଗଯୁକ୍ତ ହୁଅ ।

ଅକ୍ଷର (ଅବ୍ୟୟ) ବ୍ରହ୍ମତତ୍ତ୍ୱ ଏ ଅଧ୍ୟାୟରେ ମୁଖ୍ୟତଃ ଆଲୋଚତ ହୋଇଥିବାରୁ ଏ ଅଧ୍ୟାୟର ନାମ ଅକ୍ଷର ବ୍ରହ୍ମଯୋଗ ରଖାଯାଇଛି ।

ସଂଗ୍ରହକରୀ- ନରେନ୍ଦ୍ର ପ୍ରସାଦ ବେହେର୍‌,
ଆଳଦା, ଖଇର୍‌,ବାଲେଶ୍ୱର

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାର୍‌ ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲ୍‌ vedantimagazine@gmail.com and editor.vedantimagazine@gmail.com

# ସୁନଦ୍ରି ଗୁରି



ଯୁବରାଜ କୁଦେଇ

ଢୋଲ୍ ମୁହୁରି ନସାନ୍ ତାସା
ଗର୍ଜି ଘୁମ୍ରି ବାଜେ,
ରେଡି ଝଲ୍କା ପଏଁରି ପାଏଁଝଲ୍
ସୁନଦ୍ରି ଗୁରିକେ ସାଜେ ।।
ଖୁସି ଦେଇଥିସି ଢଲିଆ ଖୁସା
ମାରିଦେଇ ଖିର୍ପିନ,
କଲ୍ ମିସ୍ ମିସ୍ କଜ୍ଲି ଆଁଖି
ମହନ ଲଗା ଠାନ ।।
ହୁର୍ ହୁରିଆ ବଉଲି ଧୁକାଥିଁ
ଉଡୁଥିସି ପନତ୍କାନ,
ଯୁବା ଧଙଗ୍ରର୍ ରକତ୍ ଚହଲି
ହଉଥିସି ହୁର୍ଗୁନ ।।

ଇଛାପୁର, ଡୁଙ୍ଗୁରିପାଲି, ସୋନପୁର

# ବିଶ୍ୱାସ ଘାତକ



ଅଲେଖ ମେହେର

ତପଲ୍ ଲୁହାର୍ ଡାଓ ଡାଓ ମନ୍,
ଉଲଗନ୍ ମୟୁର୍ ନାଚ
ଅଷାଢର୍ କଲ୍‌ମେଘ୍'କେ ଦେଖି,
ଛାତି ତଲେଁ ଲୁକେଇଥିବାର୍  ବିଷ୍
ହଦମଦେଇ ବାଁତି କରି ପକାଲ
ଛିଟିଆ ସୁଆର୍ଥର୍ ଲାଗି।
ମତେ ତୁମେ  କେତେ ଘୃଣା
କେତେ ଭଲ୍ ପାଏସ ଯେ
ଜନେଇ ଦେଲ
ଉଲଗନ୍ ଧରସା, ଗାଁ ଖୁଲି
ରଡଲ୍ ବେଲେଁ।
ମନ୍ ବଗିଗ୍ସ ତୁମର୍ ଏସିଡ୍ ମାଡେଁ
ପୁଡି ଜଲି ଖାର୍ ହେବାର୍ ଆଘୋନୁ
ଠହରେଇ ନେଇଁ ପାରଲିଁ
ରସ୍ ରସିଆ ମିଠା ମହର୍‌କେ,
ବେଁକ୍'ନୁ ଗୁଟେ ପେଟେଁ ଗୁଟେ
ମହୁଝର୍ ମହନୀ କଥାକେ।
ଚଙ୍ଗିରି ଫସେଇ ସେଉଲ୍ ଘିଗ୍ସ
ଖୁଦ୍ ବିଛେଇ ଜାଲ୍ ଖେଲ୍

ତୁମର୍ ହୁସିଆରିକେ।
ଚରେଇ ଲେଖେଁ ଫଡଫଡଉଛେଁ,
ରହିଦହି ହେସି ନର୍ବୁ ଧିଆ ଜୀବନ୍
ତୁମର୍ କଁଗ୍ସ ଦୁଇ ଅକ୍ଷରୀ
ପୁରଲା ନଏଦ୍ ଭଲିଆ
ଦଉଡି କରି
ମୋର୍ କାନ୍ ପଟି ସିଝି ସାରଲା ଉତୁରୁଁ ।

ସୋହେଲ୍, ବରଗଡ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା - ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

www.editor.vedantimagazine@gmail.com

# ଧଏନ୍ ସେ ମାଁ

ଆର୍ତ୍ତତ୍ରାଣ ଖୁର୍ଡିଆ

ମାଆଁ ଖୁସଥିଲା ଗରଭେ ଛୁଆର୍
ଲତ୍ ମାଡ୍ ଗେଲ ନେଇ,
ଜନମ୍ ଦେଲା ବେଲେ କାଂଦିଥିଲା
ଗୁରଧୁ ଯାତନା ପାଇ ।

କାଂଦିଥିଲା ଫିର୍ କଅଁଲି ଛୁଆର୍
ଦିହିଁ ପାହାଁ ନଶି ଗଲେ,
ଲୁହୁ ଝରୁଥିଲା ଗୁରସ୍ ଖୁଆବାର୍
ସମିଁଆ ଉଛୁର୍ ହେଲେ ।

ମନେ କାଂଦୁଥିଲା ପିଲାକେ ତାର୍
ମୁନୁଷ୍ କରବାର ଲାଗି,
ଆଏଝ୍ କାଂଦୁଛେ ଖାଏବାକେ ମୁଠେ
ଘର୍ ଘର୍ ଯାଏସି ମାଗି ।

ପାଁଶହ ଟଁକାର୍ ସରକାରୀ ଭତାକେ
ପୁ, ବୁହାରି କେ ଦେଇ,
ହଁସି ହଁସି ମାଆଁ ଆଏଁଖ୍ ମୁଜି ଦେଲା
ସାଏପ ଦେଲା ନାହିଁ ।

ଗ୍ଳଲି ଗଲା ଉତରୁ ସବୁ ପଡେ ସୁର୍
ଆରୁ କଏ ଡାକବା ବାଆ,
ମାଆଁ ଆଏ ସଥେ ଚଲତି ଦେବୀଟେ
ସଧା ବେଲେ ଉଡୁ ନାଆଁ ।
[ଆଇ ଲଭ୍ ୟୁ ମୋର୍ ମାଆଁ]

ବଙ୍କିଆ, ବୀରମହାରାଜପୁର

# ଆର.ଏନ.ଆର୍ – ୧୫୦୪୮ କସମ ଧାନ ଚାଷ



ଡ଼ି ଶୁଭମ୍

[ପ୍ରସ୍ତୁତି ଓ ଉପସ୍ଥାପନା – ଡ଼ି ଶୁଭମ୍]

ମାଟି ଆଉ ମଣିଷର ସମ୍ପର୍କ ସତରେ ବେଶ ନିଆରା । ସେଇ ମାଟି ଉପରେ ଶ୍ୟାମଳ ଜମିରୁ ସୁବର୍ଣ୍ଣ ଫଳେଇପାରେ ଚାଷୀ । ସେଇଥିପାଇଁ ତ ସେ ଜାତିର ଅନ୍ନଦାତା । ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ଭାବେ ଜଣାଶୁଣା । ଧାନ ହିଁ ଆମର ମୁଖ୍ୟ ଫସଲ ଅଟେ । ଓଡ଼ିଶାରେ ସାଧାରଣତଃ ଖରିଫ ଋତୁରେ ଧାନ ଚାଷ କରାଯାଉଥିଲେ ହେଁ କେତେକ ସ୍ଥାନରେ ରବି ଋତୁରେ ମଧ୍ୟ ଧାନ ଚାଷ କରାଯାଇଥାଏ । ଓଡ଼ିଶାରେ ଚାଷୀଭାଇମାନେ ଦେଶୀ କସମର ଧାନ ଯଥା – ସ୍ୱର୍ଣ୍ଣ, ପୂଜା ପ୍ରଭୃତି ବ୍ୟବହାର କରୁଥିବା ବେଳେ ଏବେ ଆର.ଏନ୍.ଆର - ୧୫୦୪୮ କସମର ଧାନ ସାରା ଓଡ଼ିଶାରେ ବେଶ ଲୋକପ୍ରିୟ ହୋଇପାରିଛି । ଏବେ ଖରିଫ ଆର.ଏନ.ଆର ଅମଳ ସରିଯାଇଥିବା ବେଳେ ପୁଣିଥରେ ଚାଷୀମାନେ ଏହାକୁ ଚାଷ କରାଇବାକୁ ଇଚ୍ଛା ପ୍ରକାଶ କରୁଛନ୍ତି । ଆର.ଏନ୍.ଆର ୧୫୦୪୮ ଧାନ କସମକୁ ନେଇ ଏଥରର ସ୍ୱତନ୍ତ୍ର ପ୍ରତିବେଦନ...

ଆର.ଏନ୍.ଆର ୧୫୦୪୮ ଧାନ ୧୨୦ ରୁ ୧୨୫ ଦିନ ମଧ୍ୟରେ ଅମଳ ହୋଇପାରୁଥିବା ଧାନର ଏକ କସମ ଅଟେ । ମୁଖ୍ୟତଃ ଏହା ଜୁଲାଇ ମାସରେ ଚାଷ କରାଯାଇଥାଏ । ଜୀବାଣୁ ଜନିତ ପତ୍ରପୋଡ଼ା ରୋଗର ଏହା ସହନଶୀଳ କସମ ଅଟେ । ସାଧାରଣତଃ ଏହାକୁ ଖରିଫ ଓ ରବି ଉଭୟ ଚାଷ ଋତୁରେ ଚାଷ କରାଯାଇଥାଏ । ଓଡ଼ିଶାର ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ସହରର ବିଭିନ୍ନ ଗ୍ରାମରେ ଚାଷୀମାନଙ୍କ ପାଖେ ଏହା ବିଶେଷ ଭାବରେ ଆଦୃତ ହୋଇପାରିଛି । ଏମିତିକି ଚାଷୀମାନେ ଏବେ ଖରିଫ ଆର.ଏନ.ଆର ଅମଳ କରିସାରିବା ପରେ ରବି ଫସଲ ଭାବରେ ପୁଣିଥରେ ଏହାକୁ ଚାଷ କରିବା ପାଇଁ ମନ ବଳେଇଲେଣି । ଅମଳ ଅଧିକ ହେବା ସହ କମ ମାତ୍ରାରେ ରୋଗପୋକ ଲାଗିବା ଏହାକୁ

ଚାଷୀ ମାନଙ୍କ ପାଖରେ ଲୋକପ୍ରିୟ କରେଇପାରିଛି । ବିଶେଷ ଭାବରେ ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ରାଜ୍ୟରେ ବହୁଳ ଭାବେ ଚାଷ କରାଯାଉଛି । ଏମିତିକୁ ଏହାକୁ ତେଲେଙ୍ଗାନା ସୁନା ବୋଲି ମଧ୍ୟ ଅଭିହିତ କରାଯାଏ ।



ବିହନ ବିଶୋଧନ- ଦେଖିବାକୁ ଗଲେ ଏହି ଧାନ ଚାଷ ପାଇଁ ଏକରକୁ ୨୦ କ.ଗ୍ରା ବିହନ ଆବଶ୍ୟକ ହୋଇଥାଏ । ତେବେ ବିହନ ବୁଣିବା ପୂର୍ବରୁ ପ୍ରଥମେ ବିହନ ବିଶୋଧନ କରାଯିବା ନିତ୍ୟାନ୍ତ ଆବଶ୍ୟକ । ତେବେ ବିହନ ବିଶୋଧନ କରିବା ନିମନ୍ତେ ଏକ କଗ୍ରା ବିହନକୁ କାର୍ବେଣ୍ଡାଜିମ ଦ୍ରବଣ (ଏକ ଲିଟରରେ ୨ ଗ୍ରାମ ଲେଖାଏଁ) ରେ ବୁଡ଼ାଇ ବିଶୋଧନ କରାଯାଏ ।  ଏହା ପରେ ଏହାକୁ ପାଣିରେ ୧୦ ଘଣ୍ଟା ବୁଡ଼େଇ ରଖାଯାଏ । ପରେ ପାଣି ନିଗିଡ଼ିଲା ପରେ ଅନ୍ୟତ୍ର ସ୍ଥାନାନ୍ତର କରାଯାଏ । ଏହା ଯୋଗୁଁ ଚାରାକୁ ୪୦ଦିନ ପର୍ଯ୍ୟନ୍ତ ସୁରକ୍ଷିତ ରଖାଯାଇପାରେ । କାରଣ ତଳ ସମୟରେ ହେଉଥିବା ମୂଳସଢ଼ା ରୋଗ, ମହିସା ପ୍ରଭୃତି ଏହା ଦ୍ୱାରା ବ୍ୟାପି ନଥାଏ ।

ତଳଘେରା ପ୍ରସ୍ତୁତି – ଏମିତି ଏକ କ୍ଷେତ ଚୟନ କରିବା ଆବଶ୍ୟକ ଯେଉଁଠି ମାଟିର ଜଳଧାରଣ କ୍ଷମତା ଠିକ ଭାବେ ଥିବା ସହ ଡ୍ରେନେଜ ସୁବିଧା ଭଲ ଭାବରେ ହୋଇପାରୁଥିବ। ବିହନ ବୁଣିବାର ୧୫ ଦିନପୂର୍ବରୁ ତଳ ଘେରା ପ୍ରସ୍ତୁତ କରାଯାଏ । ଏଥିପାଇଁ ଭଲଭାବରେ ମାଟିକୁ ମଇ ଦେଇ ସମତୁଲ କରାଯାଏ । ଏହା ପରେ ଜମିରେ ୨୦୦ କଗ୍ରା (ଏକରକୁ) କମ୍ପୋଷ୍ଟ ଖତ ପକେଇ ଭଲ ଭାବେ ମିଶେଇ ଦିଆଯାଏ । ଯାହା

ଯୋଗୁଁ ମାଟିର ଉର୍ବରତା ବୃଦ୍ଧି ପାଇଥାଏ । ବିହନ ବୁଣିବା ପୂର୍ବରୁ ଏହାକୁ ଭଲ ଭାବରେ ବିଶୋଧନ କରିବା ଆବଶ୍ୟକ । ଏହା ପରେ ଖତ ସାର ଭାବରେ ୟୁରିଆ, ପଟାସ ଓ ଫସଫରସ ଦିଆଯାଏ । ଖତ ସାର ଦିଆଯିବା ପରେ ବିହନକୁ ବୁଣିଦିଆଯାଏ ଏବଂ ତଳ ଉପରେ ପାଣି ଛିଂଚ ଦିଆଯାଏ ।  ବାକତକ ପାଣିକୁ ଡ୍ରେନେଜ ଦ୍ୱାରା ବାହାରକୁ ନିଷ୍କାସିତ କରିଦିଆଯାଏ ।



ତଳର ଉପଯୁକ୍ତ ଯତ୍ନ- ବିହନ ବୁଣିବାର ପ୍ରଥମ କିଛି ଦିନ ପର୍ଯ୍ୟନ୍ତ ତଳପଟିକୁ କେବଳ ଓଦା ରଖନ୍ତୁ । ଧାନ ଗଜା ବଢ଼ିଗଲେ ୨-୩ ଇଂଚ ପର୍ଯ୍ୟନ୍ତ ଠିଆପାଣି ବାନ୍ଧି ରଖନ୍ତୁ । ଗଜାହେବାର ୧୫ଦିନ ପରେ ୧୦ ଡ଼ିସିମିଲ ତଳପଟି ପାଇଁ ୪ କଗ୍ରା ୟୁରିଆ ସାର ପକାନ୍ତୁ। ଏହା ଦ୍ୱାରା ତଳ ହୃଷ୍ଟପୃଷ୍ଟ ହୋଇ ବଢ଼ିବ । ତଳକୁ ପୋକ ଦାଉରୁ ରକ୍ଷା କରିବା ପାଇଁ ତଳ ଉପାଡ଼ିବାର ଏକ ସପ୍ତାହ ପୂର୍ବରୁ ୧୦ ଡ଼ିସିମିଲ ତଳପଟିରେ ୧୨୦୦ ଗ୍ରାମ କାର୍ବୋଫ୍ୟୁରାନ ପଟିରେ ପ୍ରୟୋଗ କରନ୍ତୁ । ତଳ ଉପାଡ଼ିବାର ଦିନକ ପୂର୍ବରୁ ତଳପଟିରେ ପାଣି ମଡ଼ାନ୍ତୁ ।

ମୁଖ୍ୟ ଜମି ପ୍ରସ୍ତୁତି- ରୁଆ ଲଗାଇବା ପୂର୍ବରୁ ଜମିକୁ ଭଲ ଭାବେ ଚାଷ କରିବା ଦରକାର । ମାଟିକୁ ଗୁଣ୍ଡ କରି ଚାଷ କରାଯିବା ଆବଶ୍ୟକ ।  ୧୫ ସେମି ଗଭୀର ଯାଏଁ ଟ୍ରାକ୍ଟର ଦ୍ୱାରା ଚାଷ କରାଗଲେ ମୁଖ୍ୟ ଜମି ପାଇଁ ବେଶ ଭଲ । ଭଲ ଭାବରେ ଚାଷ କରାଗଲେ ଏହା ବାଲୁଙ୍ଗା ପ୍ରତିରୋଧ କରିବାରେ ସାହାଯ୍ୟ କରିବ ।

ବ୍ୟବଧାନ- ଗ୍ଚାର ରୋପଣ କରିବା ସମୟରେ ଗଛକୁ ଗଛ ଓ ଧାଡ଼ିକୁ ଧାଡ଼ି ବ୍ୟବଧାନ ଉପରେ ନଜର ଦେବା ଆବଶ୍ୟକ । କମ ଦିନରେ ଅମଳ ହେଉଥିବା ଯୋଗୁଁ ଏହାର ବ୍ୟବଧାନ ୧୫/୧୫ସେମି ହେବା ଦରକାର । ଏହା ସହ ଗ୍ଚାରକୁ ୨-୩ ସେମି ଗଭୀରତାରେ ପୋତିବା ଆବଶ୍ୟକ ।

ରୋଗପୋକ ଦମନ- ଆର.ଏନ.ଆର ଧାନ ଚାଷ କରିବା ସମୟରେ ଚାଷୀ ଭାଇଙ୍କ ପ୍ରମୁଖ ସମସ୍ୟା ଭାବରେ ଉଭା ହୋଇଥାଏ ରୋଗ ପୋକ । ଏହି ରୋଗ ପୋକର ସଠିକ ଭାବେ ପରିଚାଳନା ହୋଇପାରିଲେ ଏହାର ଅମଳରେ ବିଶେଷ କିଛି ଅସୁବିଧା ହୋଇନଥାଏ । ଆସନ୍ତୁ ଜାଣିବା ଏହାର ରୋଗ ପୋକର ସମନ୍ୱିତ ପରିଚାଳନା ବିଷୟରେ ...

ମହିସା ରୋଗ :

ଧାନର ପ୍ରମୁଖ ରୋଗ ମାନଙ୍କ ମଧ୍ୟରେ ମହିସା ରୋଗ ସବୁଠୁ ଅଧିକ ନଷ୍ଟ କରିଥାଏ । ଏହା ମୁଖ୍ୟତଃ କବକ ଦ୍ୱାରା ହୋଇଥାଏ । ଏହା ଧାନର ସର୍ବାଧିକ କ୍ଷତି କରାଇଥାଏ । ମୁଖ୍ୟତଃ ପାଇରୀକୁଲାରିଆ କବକ ଦ୍ୱାରା ହୋଇଥାଏ ।




ଲକ୍ଷଣ :

ଧାନ ଗଛରେ ଏଇ ରୋଗ ହେଉଥିଲେ ପ୍ରଥମେ ଧାନର ପତ୍ର ଉପରେ ଆଖି ପରି ପାଣିପଶା ଦାଗ ଦେଖାଯାଏ । ପରେ ଏହା ବାଦାମୀ ରଙ୍ଗ ହୋଇଯାଏ । ମୁଖ୍ୟ ଭାବରେ ଜୁଲାଇ ମାସରେ ଆରମ୍ଭରେ ଦେଖାଯାଏ ଓ ମଝିଅଂଶ ପାଉଁଶିଆ ହୋଇଯାଏ । ଯେଉଁ ସ୍ଥାନରେ ଏହି ରୋଗ ଦେଖାଯାଏ ସେଇ ଧାନକେଣ୍ଡା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଏ ।

**ସମାଧାନ :**

-ଧାନ ବିହନକୁ ପ୍ରଥମେ ଥିରମ୍‌ରେ ବୁଡ଼େଇ ରଖାଯିବା ଦରକାର ।
-ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କରିବା ବନ୍ଦ କରିବା ।
-ଏହି ରୋଗ ପ୍ରତିରୋଧ କ୍ଷମ କସମ ବ୍ୟବହାର କରିବା ।
-କିଆରୀରେ ଥିବା ଅନାବନା ଘାସକୁ ଉପାଡ଼ିଦେବା ଆବଶ୍ୟକ ।
-ବାଦାମୀ ପତ୍ରଚତା ରୋଗ :

ଏହା ବି ଏକ କବକ ଜନିତ ରୋଗ । ୧୯୪୩ ମସିହାରେ ବେଙ୍ଗଲରେ ହୋଇଥିବା ବେଙ୍ଗଲ ଫେମାଇନ ଏହି କବକ ପାଇଁ ହୋଇଥିଲା ।

**ଲକ୍ଷଣ :**

ଏହି ରୋଗ ହେଲେ ଧାନ ପତ୍ରରେ ଅଣ୍ଡା ପ୍ରକୃତିର ବାଦାମୀ ଚିହ୍ନ ଦେଖାଯାଏ । ଏହା ସହିତ ପତ୍ରର ଉପର ପାଶ୍ୱର୍ରେ ଗୋଲ୍‌କାର ଚିହ୍ନ ଦେଖାଯାଏ । ମୁଖ୍ୟତଃ ପଟାସ ଅଭାବ ଥିବା ଜମିରେ ଏହି ରୋଗ ବେସି ମାତ୍ରାରେ ଦେଖାଯାଏ । ଏହି କବକ ଧାନ ଗଛର ବହୁତ କ୍ଷତି କରିଥାଏ । ଅଧିକ ଆଦ୍ରତା ଆଉ ୨୦ ରୁ ୨୫ ଡିଗ୍ରୀ ତାପମାତ୍ରା ଏହା ପାଇଁ ଖୁବ୍ ସହାୟକ ।



**ସମାଧାନ :**

-କିଆରୀ ହୁଡ଼ା ସଫା ରଖିବା ସହ ଘାସ ଉପାଡ଼ି ଦେବା ।

-ଏହି ରୋଗ ସହନଶୀଳ କିସମ ବ୍ୟବହାର କରିବା ।

-ଖରାଟିଆ ଚାଷ କରିବା ।

-ବିହନକୁ ଥିରାମରେ ବିଶୋଧନ କରିବା ।

-ଏଥି ସହିତ କର୍ବେଣ୍ଡାଜୀମକୁ ପ୍ରୟୋଗ କରିବା ।

**କୀଟ ଦମନ-**

**ଚକଡା ପୋକ-** କୃଷି ବିଜ୍ଞାନରେ ଏହାକୁ 'ବ୍ରାଉନ ପ୍ଲାଣ୍ଟ ହୋପର' ବୋଲି କୁହାଯାଏ । ତେବେ ଚକଡା ପୋକ ମୁଖ୍ୟତଃ ତିନୋଟି ସ୍ତର ଦେଇ ଗତି କରିଥାଏ-ଅଣ୍ଡା-ଅର୍ଭକ-ପୂର୍ଣ୍ଣାଙ୍ଗ କୀଟ । ପୂର୍ଣ୍ଣାଙ୍ଗ କୀଟ ଦେଖିବାକୁ ମାଟିଆ ରଙ୍ଗର ସ୍ତ୍ରୀ କୀଟଟି ୫ମି.ମି ଲମ୍ବା ହୋଇଥିବା ବେଳେ ପୁରୁଷ କୀଟଟି ୪-୪.୫ ମି.ମି ଭିତରେ ଲମ୍ବାଥାଏ । ପତ୍ର ର ମଝି ଭାଗରେ ଅଣ୍ଡା ଗୁଡିକ ଦେଖାଯାଏ (୨-୧୨) ଅଣ୍ଡା ଟି ଧଳା ଓ ବଙ୍କା ଆକୃତିର ହୋଇଥାଏ। ସମ୍ପୂର୍ଣ୍ଣ ଜୀବନ ଚକ୍ର ୧୮-୨୨ ଦିନ ଭିତରେ ଶେଷ ହୋଇଥାଏ ।



ଲକ୍ଷଣ- ଏହାର ପୂର୍ଣ୍ଣାଙ୍ଗ କୀଟଟି ଗଛର ତଳ ଭାଗର ରସକୁ ଶୋଷି ଶୋଷି ଖାଇଯାଇଥାଏ । ଖାଇବା ସମୟରେ ଏହା ଏକ ବିଷାକ୍ତ ପଦାର୍ଥ ନିର୍ଗତ କରିଥାଏ । ଯାହା ଫଳରେ (ହୋପର ବର୍ନ) ଲକ୍ଷଣ ଦେଖାଯାଇଥାଏ । ପତ୍ର ଗୁଡିକ ହଳଦିଆ ପଡିଯିବା ସହିତ ଗୋଲାକୃତି ଆକାରରେ ଗଛ ଶୁଖିଯାଏ । ଏହା ଯେଉଁ ଧାନ ଗଛକୁ ଆକ୍ରମଣ କରିଥାଏ, ତାହାର କାଣ୍ଡ ଭାଗ ଶୁଖିଯାଏ ଓ ଏହା ଭବିଷ୍ୟତରେ କୁଟା ହୋଇପାରେ ନାହିଁ।

ପ୍ରତିକାର –

-ଚକଡା କୀଟ ଆକ୍ରାନ୍ତ ଜମିରେ ଏକ କିସମକୁ ଦ୍ୱିତୀୟ ଥର ବ୍ୟବହାର କରନ୍ତୁ ନାହିଁ ।
-ଧାନ ଜମିର ମଝି ଭାଗରେ କାନ୍ଦି କରନ୍ତୁ । ଏହାଦ୍ୱାରା ଉପଯୁକ୍ତ ସୂର୍ଯ୍ୟାଲୋକ ମିଳପାରିବା ସହ ଆର୍ଦ୍ରତା ନିୟନ୍ତ୍ରଣ ହୋଇପାରିବ ।
-ଜମିରୁ ଅନାବନା ଘାସ ଉପାଡି ଦିଅନ୍ତୁ ।
-ପୋକର ଗତିବିଧି ଲକ୍ଷ୍ୟ କରି କୀଟନାଶକ ବ୍ୟବହାର କରନ୍ତୁ ।
-ଗଛର ତଳଭାଗକୁ କାର୍ବୋଫ୍ୟୁରାଣ ଦାନା ଏକରକୁ ୧୦ କି.ଗ୍ରା, ଏସିଫେଟ ଏକଲିଟର ପାଣିରେ ୧୫ କି.ଗ୍ରା ମିଶାଇ ୩-୪ ଥର ସ୍ପ୍ରେ କରନ୍ତୁ ।

ନଳ ପୋକ- ଏହା ଧାନ ଫସଲର କ୍ଷତିକାରକ କୀଟ ମଧ୍ୟରେ ଅନ୍ୟତମ । ଏହାର ଶୁକ ଗୁଡ଼ିକ ଫିକା ସବୁଜ ରଙ୍ଗର ଓ ସଦାବେଳେ ପତ୍ରର ନଳୀ ଭିତରେ ଅବସ୍ଥାନ କରିଥାନ୍ତି । ଏମାନେ ଡିମ୍ବରୁ ବାହାରିବା ପରେ ଧାନ ପତ୍ରର ଅଗ ଭାଗକୁ କାଟି ଛୋଟଛୋଟ ନଳୀ ତିଆରି କରନ୍ତି । ନଳୀ ଭିତରେ ରହି ପତ୍ରର ସବୁଜ କଣିକାକୁ କୋରି କୋରି ଖାଇଥାନ୍ତି । ଏହି ନଳୀ ଗୁଡିକ ପାଣିରେ ସହଜରେ ଭାସି ପାରେ ।

ପ୍ରତିକାର – ଏହି ପୋକ ଦାଉରୁ ରକ୍ଷା ପାଇବା ପାଇଁ କୁଇନାଲଫସ ୨୫ଇସି ୨ମିଲି ପ୍ରତି ଲିଟର ପାଣିରେ ପ୍ରୟୋଗ କରି ଜମିରେ ପ୍ରୟୋଗ କରନ୍ତୁ ।

ସ୍ୱାମିଙ୍ଗ ସଁବାଳୁଆ – ଏହା ଦେଖିବାକୁ ଗାଢ଼ ସବୁଜ ରଙ୍ଗର ଶୁକ । ଏହାର ନିୟନ୍ତ୍ରଣ ପାଇଁ ଜମିରୁ ସଠିକ ଭାବେ ଜଳ ନିଷ୍କାସନ କରିବା ଆବଶ୍ୟକ ।

କାହାଳିଆ ପୋକ – ଏହା ସାଧାରଣତଃ ବର୍ଷାଦିନିଆ ଉଧାନ ଫସଲରେ ଦେଖାଯାଇଥାଏ । ପିଲ ଦେଉଥିବା ଅବସ୍ଥାରେ ପିଲ ଭିତରେ ପଶି କଅଁଳିଆ ମଂଜିର ଅଗ୍ରଭାଗକୁ ଖାଇଥାନ୍ତି । ଫଳରେ ପିଲଟି କାହାଳୀ ସଦୃଶ ହୋଇ ବଢ଼ିଥାଏ । କେଣ୍ଡାର ଧାରଣ ଶକ୍ତି କମିଥାଏ ।

ପ୍ରତିକାର-

-ସଙ୍ଗ ଆକର୍ଷକ ଯନ୍ତ୍ରା ବ୍ୟବହର କରିବା ଉଚତ୍ ।

-ପଟାସ ସାର ବ୍ୟବହାର କରିବା ଦରକାର ।

-କାର୍ବୋସଲଫନ୍ ୨୫% ଇସି ୨ ମିଲି ପ୍ରତି ଲିଟର ପାଣିରେ ଜମିରେ ସିଂଚନ କରିବା ଆବଶ୍ୟକ ।

ମାଟିଆଗୁଣ୍ଡି ପୋକ – ଏହା ମାଟିଆ ଓ ବାଦାମୀ ରଙ୍ଗର ଶୋଷକ କୀଟ ଅଟେ । ବର୍ଷାଦିନିଆ ଓ ଡ଼ାଲୁଅ ଧାନରେ ଏହା ବହୁଳ କ୍ଷତି କରିଥାଏ । ଏହା ଧାନ ବୁଦା ମୂଳରେ ଜଳପତନର ଠିକ ଉପର ଭାଗରେ ରହି କାଣ୍ଡରୁ ରସ ଶୋଷି ଖାଇଥାଏ । ଏହାର ଆକ୍ରମଣରେ ପ୍ରଥମେ ପତ୍ର ଗୁଡ଼ିକ ହଳଦିଆ ପଡ଼ିଯାଏ ଓ ଶେଷରେ ଧାନଗୁଡ଼ିକ ମରିଯାଏ। ଫୁଲ ଧରିବା ସମୟରେ ଏମାନଙ୍କ ପ୍ରାଦୁର୍ଭାବ ବେଶୀ ଥାଏ ।

ପ୍ରତିକାର-

-ଯବକ୍ଷାରଜାନ ସାରର ଅଧିକ ବ୍ୟବହାର କରିବା

-ସଙ୍ଗଆକର୍ଷକ ଯନ୍ତ୍ରାର ବ୍ୟବହାର କରିବା

-ଇମିଡ଼ାକ୍ଲୋପିଡ୍ ୦.୨୫ମିଲି ପ୍ରତି ଲିଟର ପାଣିରେ ପକାଇ ସିଂଚନ କରିବା ।

ଅମଳ ସମୟ : ଯେତେବେଳେ ଶତକଡ଼ା ୮୦ଭାଗ ଶସ୍ୟ ପାଚଯାଏ ସେବେ ଏହାକୁ ଅମଳ କରିବାର ପ୍ରକୃଷ୍ଟ ସମୟ ଅଟେ । ଏହା ପୂର୍ବରୁ ଅମଳ କରାଗଲେ ଶସ୍ୟର ଗୁଣବତ୍ତା ଉପରେ ପ୍ରଭାବ ପଡ଼ିଥାଏ ।

ସମ୍ପାଦକ – ଶ୍ୟାମଳ ସୁବର୍ଣ୍ଣ , ବାସୁଦେବପୁର

# ଶିଶୁ ବିଭାଗ




# ମଶା



ନନ୍ଦିନୀ ରାଉତ

ଶୁଣ ଶୁଣ ମୋର ନର ଭାଇ
କ୍ଷୁଦ୍ର ଜୀବ ଟିଏ ଅଟେ ମୁହିଁ।
ସହର ନଗରେ ରହୁ ଥାଏ
ଅତି ଦୁଖେ ମୋର ଦିନ ଯାଏ।
ଅତୀତ ରେ ଥିଲି ଭାରି ଖୁସି
ରକ୍ତ ପିଉଥିଲି ହସି ହସି।
ସ୍ୱଚ୍ଛ ଭାରତ ର ଡାକ ହେଲା
ଖାଲ ଖମା ସବୁ ପୋତା ଗଲା।
ବୁଦା ବଣ ସବୁ କାଟି ଦେଇ
ମୋ ଘର ଭାଙ୍ଗିଲ କାହିଁ ପାଇଁ**?**
ମଶାରୀ ଦେଲେ ତ ସରକାର
ମୋତେ କଲେ ବଡ଼ ହରବର।
ମଶା ମାର୍ ଧୂପ ଲଗାଇଲ
ଅକାଳ ରେ ମୋର ପ୍ରାଣ ନେଲ।
ଏବେ ହୋଇଗଲି ମୁହିଁ ଉଗ୍ର
ଭାଙ୍ଗି ଦେବି ସବୁ ତୁମ ଗର୍ବ।



ସଫା ପାଣିରେ ମୁଁ କରି ବାସ

କରି ଦେବି ତୁମ ସର୍ବ ନାସ।

ଡେଙ୍ଗୁ ମହାମାରୀ ମୁଁ ଆଣିବି

ତୁମ ସବୁ ସୁଖ ସାରି ଦେବି।

ମ୍ୟାଲେରିଆ ଆଉ ଡେଙ୍ଗୁ ଜ୍ୱର

କରିବି ତୁମ କୁ ହରବର।

ବିଧାତା ଙ୍କ ର ଯେ ସୃଷ୍ଟି ମୁହିଁ

ଅକାରଣେ ମୋତେ ମାର ନାହିଁ।

ବେଳୁ ହୋଇଯାଅ ସାବଧାନ

ନହେଲେ ନେବି ମୁଁ ତୋ ଜୀବନ।

ବାଲି ପଙ୍କା, ଅନୁଗୋଳ

**"ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥରରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ**

# ବାପା



ମୀନାକ୍ଷି ପାଢୀ

ବାପା ଙ୍କୁ କହିଲି, "ବାପା ମୋ ପାଇଁ
ଘୋଡ଼ା ଟିଏ ଆଣିଦିଅ "ବୋଲି।
ପିଠିରେ ବସାଇ ବାପା ଘୋଡ଼ା ହେଲେ
ବୁଲାଇଲେ, ହାଲିଆ ମୁ କଲି।

ଯାତରାରେ ଲୋକ ଭିଡ଼େ ଫସିଗଲି
ବାପା ହାତ ଭିଡ଼ି ମୁ ଧରିଲି,
କାନ୍ଧରେ ବସାଇ ଦେଖାଇଲେ ବାପା
ଭାଲୁ ନାଚ, ମୁଁ ଦେଖିବି ବୋଲି।



ପରବରେ ନୂଆ ପୋଷାକ ରେ ମୋତେ
ସଜାନ୍ତି, ଅଭାବ ଜଣାନ୍ତି ନାହିଁ,
ନଜ ପାଇଁ ନୂଆ ଖଣ୍ଡେ ପିନ୍ଧିବାକୁ
କେବେ ସେ ଆଣିବା ମୁ ଦେଖିନାହିଁ।

ବାପାଙ୍କର ଛାତି ମୋ କଅଁଳ ଶେଯ
ମୋ ପାଇଁ ଆଶ୍ରୟ ତାଙ୍କରି ବାହୁ,
କାନ୍ଧେ ତାଙ୍କ ମଥା ରଖି କାନ୍ଦିଦେଲେ
ଦୁଃଖ ଦୂର ହୋଇ ଯାଏ ଗୃହୁଁ।

ଆଉଁସି କହନ୍ତି ପିଠି ଥାପୁଡ଼ାଇ-
"ପିଲା ମୋର ହେବ ବଡ଼ ଲୋକ,
ଛାତିକୁ ଫୁଲାଇ ଚାଲୁଥିବି ବାଟ
ଭେକ ଦେଖି ସିନା ମିଳେ ଭିକ।"

ଭୂଲ କରିଥିଲେ ଚାପୁଡ଼ାଏ ଯଦି
ପିଟିଥିବେ ମୋତେକେବେ କାହିଁ
ନ ଖାଇ ନ ପିଇ ଶୋଇ ପଡ଼ିଥାନ୍ତି
ଆଖିରେ ଆଖିଏ ଲୁହ ନେଇ !

ଶିକ୍ଷୟିତ୍ରୀ, ଚକଟୀ ପେଣ୍ଠ, ଗଞ୍ଜାମ

"ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥମରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ

# କମଳା କମଳା



ଡ଼ଃ ରଞ୍ଜିତ କୁମାର ସାହୁ

ଘରେ ପୁଣି ଛୋଟିଆ ମହାଭାରତ ଆରମ୍ଭ ଆଜି । ସିପୁନ ଜାଣେ ଏଇଟା ନିତିଦିନର କଥା ଆଉ ଟିକେ ପରେ ସରିଯିବ ଏବଂ ସମସ୍ତେ ସନ୍ଧ୍ୟା ବେଳର ଚାହା ସହିତ କିଛି ଫଳ ଆଉ ହାଲୁକା ଜଳଖିଆ ଖାଇ ନିଜ ନିଜ କାମରେ ଲାଗିଯିବେ । ସବୁଦିନେ ବାପା ଅଫିସରୁ ଫେରି ପଚାରନ୍ତି ସେହି ଗୋଟିଏ ପ୍ରଶ୍ନ, "ଆଜି କମଳା ଆସିନି?" ଆଉ ପରେ ପରେ ବୋଉ ରୋଷେଇ ଘରୁ ଚିଲ୍ଲାଏ, "ତୁମର ଆଉ କିଛି ଚିନ୍ତା ଅଛି କି?" ବାପା ତାହା ପରେ କୁହନ୍ତି, "ମୁଁ ତ ଫଳ କଥା ପଚାରିଥିଲି, ଦେଖୁନ ଡ଼ାଇନିଙ୍ଗ ଟେବୁଲ ଉପରେ ଆଜି ମଧ୍ୟ କମଳା ନାହିଁ !

କେଡେ ସୁଆଦିଆ ଫଳ କମଳା । ପ୍ରଚୁର ଭିଟାମିନ ସି ଅଛି ଯାହା ବିଭିନ୍ନ ପ୍ରକାର ସର୍ଦ୍ଦି, କାଶ ଓ ଥଣ୍ଡାରେ ବହୁତ ଉପକାର କରେ । ଏହା ଦେହର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ ଏବଂ କୁହାଯାଏ ଭୂତାଣୁ ପ୍ରକୋପରୁ ରକ୍ଷା ପାଇବା ଲାଗି ଭିଟାମିନ ସି ଦରକାର ଯାହା ଏଥିରେ ଅଛି ।" ବୋଉ ପୁଣି ରୋଷେଇ ଘରୁ ଉତ୍ତର ଦିଏ, "ଆଉ କଥା ବୁଲାଅ ନାହିଁ, ମୁଁ ଜାଣେ ତୁମେ ଚାକରାଣୀ କମଳା କଥା ପଚାରୁଛ । ତାହାର ଢଙ୍ଗ ଆଉ କମଳାର ରଙ୍ଗ ଦେଖି ଦେଖି ମୁଁ ବିରକ୍ତ ହେଇଗଲିଣି । ଏତେ ଭିଟାମିନ ସି ଖାଇବାକୁ ଇଚ୍ଛା ହେଉଥିଲେ, ଗଜ ଲେମ୍ବୁ ପାଣି କରି ଦଉଛି, ଚାହା ବଦଳରେ ତାକୁ ପିଅ କିମ୍ବା ଅଁଳା ଅଛି ସେଥିରୁ କିଛି ପାଟିରେ ପକାଅ । ଆଉ କିଛି ନ ହେଲେ ବସିକି ସପୁରି ପଣସଟିକୁ କାଟିକି ଖାଅ ।" ବାପା ନୀରବି ଯାଆନ୍ତି ଆଉ କିଛି ସମୟ ପରେ ସମସ୍ତେ ମିଶି ଚାହା ଜଳଖିଆ କରନ୍ତି । ବାପା ତାଙ୍କର କାମରେ ଲାଗି ଯାଆନ୍ତି ଆଉ ସିପୁନ ତାହାର ପଢାରେ ।

ଆଜି ସିପୁନର ମଧ୍ୟ ଟିକେ ଚଗଲମୀ କରିବାକୁ ମନ ହେଲା । ବେଳେ ବେଳେ ସିଏ ମଧ୍ୟ ବାପାଙ୍କୁ ଚଡ଼ାଏ । ସିପୁନ ଗୁହା ପିଏନାହିଁ, କ୍ଷୀର ସହିତ ବର୍ନଭିଟା ପିଏ । ବାପା କୁହନ୍ତି କ୍ଷୀରରେ ଭିଟାମିନ ସି ନଥାଏ ତେଣୁ ଫଳ ଆଉ ତଟକା ପନପରିବା ଖାଇବା ଦରକାର । ବର୍ନଭିଟା ପିଉ ପିଉ ସିପୁ ପଗ୍ଗରି ଦେଲା, "ବାପା ଏତେ ଫଳ ଥାଉଁଣୁ ତୁମେ ସବୁ ବେଳେ କମଳା ହିଁ କାହିଁକି ଖୋଜୁଛ ? କମଳା ତ କମଳା, ସବୁବେଳେ ସେହି ସୁଆଦ ଆଉ ସେହି ରଙ୍ଗ !" ବୋଉ କଛି କହିବା ଆଗରୁ ବାପା କହି ଉଠିଲେ, "କମଳା ଆମ ଗାଆଁ ବାଡ଼ିରେ ପ୍ରବଳ ଫଳେ ଏବଂ ପିଲାଦିନେ ମୁଁ ବହୁତ ଖାଇଛି। ତେଣୁ ମୋର ଗୋଟିଏ ରୁଚ । କନ୍ତୁ ତୁ ଯାହା ଭାବୁଛୁ ତାହା ସତ ନୁହଁ ! କମଳା କେବଳ କମଳା ରଙ୍ଗର ନୁହେଁ ଅନେକ ରଙ୍ଗର ମିଳେ । ମୁଁ ବଜାରରୁ ଏହି ନାଗପୁର କମଳା ଆଣେ କାରଣ ଏହା ଭାରତରେ ମିଳୁଥିବା କମଳା ମଧ୍ୟରୁ ଗୋଟିଏ ଉତ୍କୃଷ୍ଟ କସମର ଆଉ ସୁଆଦିଆ । ଦୋକାନୀର ନୟମିତ ଗ୍ରାହକ ହୋଇଥିବାରୁ, ସିଏ ମୋ ପାଇଁ ନୂଆ ମାଲ ଆସିଲେ ଅଲଗା ରଖିଦିଏ । ଅନେକ ପ୍ରକାରର କମଳା ଅଛି । ବିଭିନ୍ନ ସ୍ୱାଦ ଆଉ ରଙ୍ଗର କମଳା ମିଳେ ପୃଥିବୀରେ । କେବଳ ବାହାରର ଗ୍ଗେପା ନୁହଁ ଭିତରର ରଙ୍ଗରେ ମଧ୍ୟ ଫରକ ହୋଇ ଥାଏ ପାଚଲା ପରେ । କେଉଁଟା ବହଳଆ ଗ୍ଗେପା ତ କେଉଁଟା ପତଳା, କେଉଁଟା ଅଧିକ ଖଟା ତ କେଉଁଟା ଅଧିକ ମିଠା, କେଉଁଟା ଦେଖିବାକୁ ଭିତରେ କମଳା ରଙ୍ଗ ତ ଆଉ କୋଉଟା ନାଲି । କେଉଁଥିରୁ ଜୁସ ହୁଏ ଆଉ କେଉଁଥିରୁ ମାର୍ମାଲେଡ଼ କମ୍ବା ଜାମ ଆଉ କୋଉଁଟା ଖାଇବାକୁ ଭଲ ଲାଗେ । କନ୍ତୁ କୌଣସି ପ୍ରକାର ପ୍ରକ୍ରିୟା ହୋଇଥିବା କମଳା ଠାରୁ ତଟକା କମଳା ଖାଇବା ସବୁଠୁ ଭଲ ଭିଟାମିନ ସି ପାଇବାକୁ ହେଲେ । ବିଭିନ୍ନ ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ଖାଦ୍ୟ ଗୁଡ଼ିକରୁ କମଳା ଗ୍ଗେପାରେ ଥିବା ଉପକାରି ତତ୍ୱ ମଧ୍ୟ ଆମ୍ଭେ ମାନେ ପାଇପାରୁ ଯାହା ଆମ୍ଭେମାନେ ଗ୍ଗେପା ଫୋପାଡ଼ି ଦେଲା ବେଳେ ପାଉ ନାହୁଁ । କମଳାକୁ ମଧ୍ୟ ଲେମ୍ବୁ, ବେଲ, କଇଥ ଆଉ ବତେଇ ଭଳ ଉଦ୍ଭିଦ ବିଜ୍ଞାନୀ ମାନେ ରୁଟାସି ପରିବାରର ସଦସ୍ୟ ମାନନ୍ତି ।"

"ଓଃ, ତାହା ହେଲେ ଅନ୍ୟ ପ୍ରକାର ଆଣିକ ଆସୁନାହଁ କାହିଁକ?" ସିପୁନ ପଗ୍ଗରିଲା ।

"ଆଜି ଆଣିକ ଆସିଛି ପର୍ବା, ସେ ଥଳ ଖୋଲୁନୁ, ଦେଖିବୁ, "ବାପା କହିଲେ ।

ଅନ୍ୟ ଲୋକଙ୍କ ଭଳି ବାପା ପ୍ଲାଷ୍ଟିକ ଥଳି ବ୍ୟବହାର କରନ୍ତି ନାହିଁ । କନାରେ ତିଆରି ଥଳିଟିଏ ଧରିକି ଅଫିସକୁ ଯାଆନ୍ତି ଆଉ ଫେରିଲା ବେଳେ ସେଥିରେ ଅଳ୍ପ କିଛି ଫଳ କିମ୍ବା ପରିବା ନେଇ ଆସନ୍ତି । ତଟକା ଫଳ ଆଉ ପରିବା ଦେହ ପାଇଁ ହିତକାରକ ବୋଲି କୁହନ୍ତି ବାପା । ଥଳୀଟି ଅପାରଦର୍ଶୀ ହୋଇଥିବାରୁ ସିପୁନ ଭିତରେ ଥିବା ଫଳ ଗୁଡିକର ରଙ୍ଗ ରୂପ ଜାଣି ପାରି ନଥିଲା । ଥଳୀଟିରୁ କମଳାଟିଏ ବାହାର କରି ଚମକି ପଡିଲା ସିପୁନ । ଫଳଟି ତ ଦେଖିବାକୁ କମଳା ଭଳି ଜମା ଦେଖା ଯାଉନି ! ସିପୁନର ମୁଖମଣ୍ଡଳକୁ ଦେଖିକି ବାପା କହିଲେ, "ଗୋପା ବାହାର କରିକି କିମ୍ବା ଦୁଇ ଫାଳ କରିକି ଦେଖେ। " ଛୁରୀରେ ଟେବୁଲ ଉପରେ କମଳାଟିକୁ କାଟୁ କାଟୁ ଆଶ୍ଚର୍ଯ୍ୟ ହୋଇଗଲା ସିପୁନ। ସତେ ଯେମିତି କମଳାଟି କୌଣସି ପଶୁ କିମ୍ବା ପକ୍ଷୀ ! ସେଥିରୁ ଟୋପା ଟୋପା ହୋଇ ନାଲି ରଙ୍ଗର ରସ ବାହାରିବାକୁ ଲାଗିଲା ! ବଡ ବଡ ଆଖିରେ ଚାହିଁଲା ବାପାଙ୍କ ଆଡ଼କୁ ସିପୁନ !



"ଏହାକୁ ବ୍ଲଡ଼ ଓ଼ରେଞ୍ଜ କୁହନ୍ତି । ମୋର ଜଣ ବନ୍ଧୁ ଭେଟି ଦେଇଛନ୍ତି, "ବାପା କହିଲେ ।" ଏହା କୁଆଡେ ବିଦେଶରେ ମିଳେ । ମୁଁ ଆଉ ମୋ ବନ୍ଧୁ ଅଫିସରେ ଗୋଟାଏ ଖାଇଥିଲୁ । ତୋ' ପାଇଁ ସିଏ କିଛି ପଠେଇଛନ୍ତି ! ଚାଖିକି ଦେଖେ ! ମୋତେ ବହୁତ ପସନ୍ଦ ହେଲା । "



ସିପୁନ ଖଣ୍ଡିଏ ପାଟିରେ ପକେଇକ ମୁଣ୍ଡ ଟୁଙ୍ଗାରିଲା ସହମତିରେ ! ବୋଉର ଗୃହା ପିଇବା ସରି ଯାଇଥିଲା । ଉଠିପଡି ରୋଷେଇ ଘର ଆଡକୁ ଯାଉ ଯାଉ କହିଲା, "ଏହି ଦେଶୀ କମଳା କମ ପଡିଗଲା ଯେ ଏଥର ବିଦେଶୀ କମଳା ପଛରେ ପଡ଼ିଛ ! ମୋର ସେ କମଳା କମଳା କ ଏ ନାଲି କମଳା କଛି ଦରକାର ନାହିଁ କ କମଳା ମଧ ଦରକାର ନାହିଁ ! ସିଏ ମଧ ଅଧିକ ଟଙ୍କା ମାଗୁଥିଲା ଆର ମାସରୁ, ତେଣୁ ମୁଁ ଆର ମାସରୁ ବିମଳା କୁ ଡାକଛି ଘର କାମ କରିବାକୁ ଆସିବ । "

ସିପୁନର ମନ ହେଲା ବାପଙ୍କୁ ଆଉ ଟିକେ ଚଡ଼େଇବ । ବାପାଙ୍କୁ ପଗ୍ଚରିଲା, "ବାପା ଏତେ ଫଳ ଥାଉ ଥାଉ କେବଳ କମଳା ନାମରେକାହିଁକ ରଙ୍ଗଟିଏ ରଖ ଯାଇଛି ?

'କମଳା କମଳା କମଳା ଖାଇଲା' ଏହି ବାକ୍ୟଟି ଠିକ ହେବ କ ବ୍ୟାକରଣ ଦୃଷ୍ଟିରୁ ?

ବାପା ସିପୁନ ଆଡକୁ ଅନେଇଲେ ପ୍ରଶ୍ନବାଚୀ ଦୃଷ୍ଟିରେ । ସିପୁନ କ୍ଷଣଟିଏ ଦେଖିଲା ବାପାଙ୍କ ଆଡକୁ ଆଉ ମୁରୁକ ହସି ଦେଇ ଗ୍ଚଲିଗଲା ତାହାର ପଢ଼ା ସାରିବାକୁ ।

୨୨୪୭ ସି, କୋମୋନୱେଲଥ୍ ଡ୍ରାଇଭ୍,
ଗ୍ଚରଲୋଟସଭିଲେ, ଭିର୍ଜିନଆ, ଯୁକ୍ତରାଷ୍ଟ୍ର ଆମେରିକା

# ସାବସ ବିଲୁଆ



ଅଙ୍କିତା ପାଢ଼ୀ

ଜଙ୍ଗଲଟି ବିଶାଳ ବୃକ୍ଷରେ ପରିପୂର୍ଣ୍ଣ ହୋଇଥିଲା । ଜଙ୍ଗଲ ମଝିରେ କୁଳୁ କୁଳୁ ହୋଇ ବୋହି ଯାଉଥିବା ଝରଣାଟିରୁ, ଜଙ୍ଗଲରେ ରହୁଥିବା ପ୍ରାଣୀ ମାନେ ମନଭରି ମଧୁର ଜଳ ପିଇ ନିଜର ତୃଷ୍ଣା ନିବାରଣ କରୁଥିଲେ । ଜଙ୍ଗଲଟି ବିଶାଳ ବୃକ୍ଷ ମାନଙ୍କର ଗନ୍ତାଘର ଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ସେଇ ଜଙ୍ଗଲରେ ଶାଳ, ପିଆଶାଳ, ଶାଗୁଆନ, ଚନ୍ଦନ ଆଦି ମୂଲ୍ୟବାନ ବୃକ୍ଷ ମାନଙ୍କର ବାସସ୍ଥାନ ଥିବା ସହିତ ହାତୀ, ବାଘ, ସିଂହ, ହରିଣ, ଭାଲୁ, ବରାହ ଆଦି ପଶୁ ମାନଙ୍କର ବାସସ୍ଥାନ ଥିଲା ମଧ୍ୟ ।

ଜଙ୍ଗଲର ରାଜା କହିଲେ ସିଂହକୁ ବୁଝାଏ ହେଲେ ସେଇ ଜଙ୍ଗଲରେ କିଛି ବ୍ୟତିକ୍ରମ ଦେଖା ଯାଉଥିଲା । କାରଣ ସେଇ ଜଙ୍ଗଲର ରାଜା ମହାବଳ ବାଘ ଥିଲା । ବାଘ ଶକ୍ତିଶାଳୀ ଥିବାରୁ ସିଂହକୁ ରାଜା ହେବାକୁ ଦେଉ ନଥିଲା । ସିଂହ ବିଚରା ନିଜ ଭାଗ୍ୟକୁ ଆଦରି ରହୁଥାଏ । ସିଏ ବା କଣ କରି ପାରିବ । ବାଘ ଜାତି ଜ୍ଞାନ ଶୂନ୍ୟ । ବାଘ କେବେ ଆଗ ପଛ ଚିନ୍ତା କରି ନ ଥାଏ । ବାଘ ହୃଦୟରେ କେବେ କାହା ପ୍ରତି ଦୟା ଆସି ନ ଥାଏ । ବାଘ କେବେ ଭଲ ଓ ଖରାପ ବିଷୟରେ ଜାଣି ପାରି ନ ଥାଏ ।

ରାଜା ଆଗରେ ସମସ୍ତ ଜନତା ସମାନ । ଜଣେ ରାଜା ନିଜ ଅଧିନସ୍ତ ରାଜ୍ୟର ସମସ୍ତ ପ୍ରଜା ପାଇଁ ଗୁରୁତ୍ୱପୂର୍ଣ୍ଣ ଓ ରାଜାଙ୍କ ପାଇଁ ନିଜର ସମସ୍ତ ପ୍ରଜା ସମାନ । ହେଲେ ଜଙ୍ଗଲ ମଧ୍ୟରେ ଯେତେକ ପ୍ରାଣୀ ଥାନ୍ତି ସେମାନଙ୍କ ମଧ୍ୟରେ ରାଜା ହେବାର ଯୋଗ୍ୟତା କେବଳ ସିଂହର ହିଁ

ଥାଏ । ସିଂହ କେବେ ଗର୍ଭବତୀ, ନିରୀହ, ଶିଶୁ, ଅପାରଗ ଓ ରୋଗୀର ଶିକାର କରେ ନାହିଁ । ସିଂହ କେବଳ ଜଙ୍ଗଲର ରାଜତ୍ୱର କର୍ତ୍ତବ୍ୟ ସମ୍ପାଦନ କରିଥାଏ ।

ମହାବଳ ବାଘ ଅତ୍ୟନ୍ତ ପରାକ୍ରମଶାଳୀ, ଦୁର୍ଦାନ୍ତ ଓ ଧୃଷ୍ଟ ପ୍ରକୃତିର ଥିଲା । କୌଣସି ପ୍ରଜାର ଦୁଃଖ ଓ ଦୁର୍ଦଶା ବିଷୟରେ ବୁଝିବାକୁ କଦାପି ଚେଷ୍ଟା କରେ ନାହିଁ । ବାଘ ପାଇଁ କିଏ ଗର୍ଭବତୀ ଓ କିଏ ରୋଗୀ ଜାଣିବାର ସମୟ ନ ଥାଏ । ବାଘର ପ୍ରକୋପ ବଢ଼ିବାରେ ଲାଗିଲା । ସମସ୍ତ ପ୍ରାଣୀ ଶେଷରେ ସିଂହ ନିକଟରେ ପହଁଚଲେ । ସିଂହ ବହୁତ ଗମ୍ଭୀର ଓ ଧର୍ଯ୍ୟବନ୍ତ ପ୍ରାଣୀ ଅଟେ । ସିଂହ ହିଂସ୍ର ହୋଇପାରେ ହେଲେ ତା ମଧ୍ୟରେ ରାଜତ୍ୱର ଗରୀମା ଓ ପରାକାଷ୍ଠା ରହିଥାଏ ।

ସମସ୍ତ ପ୍ରଜାଙ୍କର ତ୍ରାହି ତ୍ରାହି ଶବ୍ଦରେ ପ୍ରକମ୍ପିତ ହେଉଥାଏ ବିଶାଳ ଜଙ୍ଗଲ । କମ୍ପି ଯାଉଥାନ୍ତି ଶାଳ, ଶାଗୁଆନ, ପିଆଶାଳ ଆଦି ବୃକ୍ଷମାନେ । କାନ୍ଦି ଉଠୁଥାଏ ମଧୁର ଲୋତକରେ କଳ କଳ ହୋଇ ଅଭିମାନିନୀ ଝରଣା । ହଠାତ ବିର ଦର୍ପରେ ଠିଆ ହୋଇ, ବିଲୁଆ କହିଲା "ମଣିମା ତମେ ଆପଣେ ରାଜା ଥାଉ ଥାଉ ବାଘ ମାମୁଁ କାହିଁକି ଏମିତି ଅତ୍ୟାଚାର କରିବ?" ଅନ୍ୟ ପଶୁମାନେ ମଧ୍ୟ ଏକ ସ୍ୱରରେ କହି ଉଠିଲେ "ଜବାବ ଦିଅନ୍ତୁ ମଣିମା ଜବାବ ଦିଅନ୍ତୁ" ।

ମହାରାଜ ସିଂହ ନିଜର ବକ୍ତବ୍ୟରେ କହିଲେ, "ହେ ପଶୁପକ୍ଷୀ ବୃନ୍ଦ ! ମୁଁ ନିରୁପାୟ, ମୁଁ ସେଇ ହିଂସ୍ର ମହାବଳର ସାମ୍ନା କରି ପାରିବି ନାହିଁ । ଯାହାର ଜ୍ଞାନ ନାହିଁ ତାକୁ ଅଜ୍ଞାନୀ କୁହାଯାଏ, ବାହୁବଳୀ ମଧ୍ୟ କୁହାଯାଏ । ବାହୁବଳୀ ହେବା କେବଳ ନିମିଷ ମାତ୍ର ।"

ମହାରାଜ ସିଂହଙ୍କର ବକ୍ତବ୍ୟ ସମସ୍ତ ପଶୁ ଓ ପକ୍ଷୀ ମାନଙ୍କୁ ଆମ୍ଭମୁଗ୍ଧ ଥିଲା ହେଲେ ନ୍ୟାୟ ଆଶାରେ ସେମାନେ ଏକ ଲୟରେ ସିଂହ ନିକଟକୁ ଚାହିଁ ରହିଥିଲେ । ସିଂହ ପୁଣିଥରେ ନିଜର ବକ୍ତବ୍ୟରେ କହିଲେ, "ମୋ ପ୍ରିୟ ଭାଇ ଭଉଣୀ ମାନେ, ତୁମେମାନେ ଜାଣିଛ ଯେ ମହାବଳ ମୋତେ ଆକ୍ରମଣ କରି ରାଜଗାଦୀରୁ ବିତାଡିତ କରିଛି । ମରଣାତ୍ମକ ଆକ୍ରମଣରୁ

ନିଜକୁ ରକ୍ଷା କରି ମୁଁ ପାଖ ଜଙ୍ଗଲରେ ଲୁଚ ଲୁଚ ବୁଲୁଛି । ହେଲେ ମୋର ମନ୍ତ୍ରୀ ବିଲୁଆ ନିଶ୍ଚୟ କୌଣସି ବୁଦ୍ଧି ଓ ଉପାୟ ଚିନ୍ତା କରିଥିବେ । ସେ ହିଁ ଆମକୁ ଉପାୟ ବତେଇବେ।"

ବିଲୁଆ କହିଲା ହଁ ଯେ ହେଲେ ମୋତେ ସହଯୋଗ କରିବା ଦରକାର । ମୋତେ ସହଯୋଗ କଲେ ମୁଁ ନିଶ୍ଚୟ ଉପାୟ ଦେବୀ । ନିଶ୍ଚୟ ବାଘକୁ ପାନେ ଦେବୀ । ଏଥିରେ ସମସ୍ତ ପଶୁ ଓ ପକ୍ଷୀ ସହମତି ଦେଲେ । ବିଲୁଆ କହିଲା ଠିକ ଅଛି ତୁମେମାନେ ନିଜ ବସସ୍ଥାନକୁ ଜୀବା ପୂର୍ବରୁ ଗୋଟେ କଥା ମନେ ରଖ ଯେ ସବୁବେଳେ ସଜାଗ ରହିବ । ମୁଁ ଯାଉଛି ସିଧା ବାଘ ମାମୁଁ ପାଖକୁ । ଦେଖିବା କେଉଁ ପାଣି କୁଆଡେ ଯାଉଛି । ବିଲୁଆ କଥାରେ ସହମତି ଦେଇ ସମସ୍ତ ପଶୁ ନିର୍ଭୟରେ ନିଜ ବାସସ୍ଥାନକୁ ଚାଲିଗଲେ ।

ବିଲୁଆ ସଭା ସରିବା ପରେ ଯାଇ ବାଘ ମାମୁଙ୍କ ପାଖରେ ହାଜର । ବାଘ ମାମୁଁ ସିଂହାସନରେ ବସି ରକ୍ତାକ୍ତ ହରିଣର ଗୋଡ଼ଟିଏ ଧରି କଡ଼ ମଡ଼ କରି ଖାଇବାରେ ଲାଗିଛନ୍ତି। ବିଲୁଆକୁ ଦେଖି କହି ପକେଇଲେ, "କଣ ଖବର କହ । ହରିଣ ମାଂଶର ସ୍ୱାଦ ବହୁତ ମଧୁର ଓ ମନ ଭିତରେ ଶାନ୍ତି ଆସିଗଲା । ହଉ କହିପକା କଣ ଖବର ।" ବିଲୁଆ, "ମଣିମା ସିଂହ ରାଜା ହେବା କଥା କହୁଛି । ମଣିମା ସିଏ ସବୁ ପଶୁଙ୍କୁ ଡାକି ଡାକି କହୁଛି ମୁଁ ଜଙ୍ଗଲର ରାଜା ଥିଲି ଓ ମୁଁ ହିଁ ରାଜା ହେବି" ।

"କଣ କହିଲୁ ! ତାର ଏତେ ସାହସ ! ମରିବ ସେ ନିଶ୍ଚୟ ମରିବ !" କହି ବାଘ ଗର୍ଜନ କରିବାରେ ଲାଗିଲା । ସମ୍ପୂର୍ଣ୍ଣ ପ୍ରସସ୍ଥ ଜଙ୍ଗଲ ପ୍ରକମ୍ପିତ ହୋଇ ଗଲା ସିଂହର ଗର୍ଜନରେ । ବିଲୁଆ କହିଲା ମଣିମା ବୃଥାଟାରେ ଗର୍ଜନ କରି କଣ ମିଳିବ ଯେ । ତମେ ଆପଣେ କିଛି ଉପାୟ କରନ୍ତୁ । ମୋତେ ଭାରି ଭୋକ ହେଲାଣି ମୁଁ ଚାଲିଲି ।

"ନେଇ ଏଇ ଜଙ୍ଘ ମାଂସରୁ ଖଣ୍ଡେ ଖାଇଦେ" । କହି ଫୋପାଡ଼ି ଦେଲା ଖଣ୍ଡେ ହରିଣ ମାଂସ ପେଣ୍ଡୁଳା ବିଲୁଆ ପାଖକୁ । ବିଲୁଆ ସେଠାରେ ବସି ମନ ଭରି ଖାଉଥାଏ ଓ ମନେ ମନେ

କୌଶଳ ପଞ୍ଜୁଥାଏ । ଉପରେ ଉପରେ କହି ଦେଉଥାଏ । 'ରହରେ ସିଂହ ଏବେ ନାମ ନେବୁ' ।

ପେଟ ପୁରିଗଲା ପରେ ବିଲୁଆ କହିଲା ମଣିମା ଆପଣ ଦେଖିବେ ପଶୁମାନେ କେମିତି ଆଜିକାଲି ଲୁଚ ଛପି ବୁଲୁଛନ୍ତି । କେହି କାହାକୁ ପଦେ କଥା ବି ହେଉ ନାହାନ୍ତି । ଠେକୁଆ ଗୋଟେ ଲୋକ, ତାକୁ ଡାକଲି ଠେକୁଆ ଭାଇ, ଠେକୁଆ ଭାଇ ଟିକେ ଶୁଣ । ହେଲେ ସେ ଶୁଣିବାତ ଦୂରର କଥା ଅନେଇଲା ନାହିଁ । ଏବେ ସବୁ ପଶୁ ମାନେ ମନ ଇଛା ବ୍ୟବହାର କରୁଛନ୍ତି । ଯାହାକୁ କହିଲେ ବାଘ ରାଜାଙ୍କୁ ଦେଖା କରିବ, ସେମାନେ କହୁଛନ୍ତି କିଏ ବେ ସେ ବାଘ ଆମ ରାଜାତ ସିଂହ । ଆମେ କଉ ବାଘ ଫାଗକୁ ଜାଣିନୁ ।

ବିଲୁଆର କଥା ଶୁଣି ବାଘର ରାଗ ଆହୁରି ଦୁଇଗୁଣ ହୋଇଗଲା । ପେଟ ପୁରା ଖାଇ ଦେଇଥିବାରୁ ଚାଲିବାକୁ ଭାରି କଷ୍ଟ ହେଉଥାଏ । କହିଲା ଠିକ ଅଛି ମୁଁ ଆଜି ଶୋଇ ଯାଉଛି କାଲି ସେ ସିଂହର ବିଚାର କରିବି କହି ଶୋଇଗଲା ମହାବଳ ବାଘ ।

ବିଲୁଆର ପେଟ ପୁରି ଯାଇଥାଏ । ସେ ଏବେ ଜଙ୍ଗଲରେ ବୁଲିବାକୁ ଆରମ୍ଭ କଲା । ପ୍ରଥମେ ଗଲା ହାତୀ ପାଖକୁ ଓ କହିଲା ହାତୀ ଭାଇ ତୁମେ ଟିକେ ମୋତେ ସାହାଯ୍ୟ କରିବ। ହାତୀ ରାଜି ହୋଇ ବିଲୁଆ ସାଥିରେ ଚାଲିଲା । ଜଙ୍ଗଲର ଏକ ପାର୍ଶ୍ୱରେ ଗୋଟିଏ ବିରାଟ ଗର୍ତ୍ତ ଥାଏ । ଗର୍ତ୍ତଟି ବହୁତ ଗଭୀର ଥିଲା ହେଲେ ଯିଏ ସେଥିରେ ପଡ଼ିଯାଏ ଆଉ ବାହାରି ପାରି ନଥାଏ । କିନ୍ତୁ ଗର୍ତ୍ତଟି ସମସ୍ତଙ୍କୁ ଦେଖା ଯାଉଥିବାରୁ କେହି ସେପାଖରେ ଯିବା ଆସିବା କରନ୍ତି ନାହିଁ । ଗର୍ତ୍ତର ଭିତର ପର୍ଶ୍ୱକୁ ଦେଖିଲେ କେବଳ ପ୍ରାଣୀ ମାନଙ୍କର ଧବଳ ହାଡ଼ ଛଡା କିଛି ଦେଖାଯାଏ ନାହିଁ ।

ବିଲୁଆ ହାତୀକୁ ନେଇ ସେ ଗର୍ତ୍ତ ଦେଖେଇ କହିଲା ହାତୀ ଭାଇ ଏଇ କାମ ତୁମ ଦ୍ୱାରା ସମ୍ଭବ ହୋଇ ପାରିବ । ତୁମେ ଲମ୍ବା ବାଉଁଶ ଉପାଡି ଆଣି ଏଇ ଗର୍ତ୍ତ ଉପରେ ବିଛାଇ ଦିଅ। ଯେମିତି ଏହି ଗର୍ତ୍ତ କାହାରିକୁ ଜଣା ପଡିବ ନାହିଁ । ବିଲୁଆ ହାତୀକୁ ଏହି କାମ

ଦେଇ ସିଧା ସିଂହ ନିକଟକୁ ଗଲା ଓ କହିଲା ମଣିମା ତୁମେ ଗର୍ତ୍ତର ଅପର ପାର୍ଶ୍ୱରେ ଛିଡା ହୋଇ ରହିବ । ବାଘ ଯେତେବେଳେ ତୁମ ଉପରେ ଲମ୍ଫ ପ୍ରଦାନ କରିବ ସେତେବେଳେ ସେ ଏଇ ଗର୍ତ୍ତରେ ପଡିବ ଓ ପ୍ରାଣ ତ୍ୟାଗ କରିବ । ଏଥର ସମସ୍ତ ଯୋଜନା କ୍ରମରେ ବିଲୁଆ ପ୍ରାଣୀ ମାନଙ୍କୁ କହିଲା ତୁମେ କେହି ବାଘକୁ ଦେଖା ଦେବ ନାହିଁ ଓ କିଛି ତୃଣଭୋଜି ପ୍ରାଣୀଙ୍କୁ କହିଲା ତୁମେ ସିଂହ ମହାରାଜଙ୍କ ନିକଟରେ ରହିବ ଯେମିତି ବାଘ ଯେତେବେଳେ ଦେଖିବ ଆହୁରି ଅଧିକ ରାଗି ଯାଇ ସିଧା ଆଗ ପଛ ନ ଭାବି ଆକ୍ରମଣ କରିବ ।

ଏଥର ବିଲୁଆ ଚାଲିଲା ବାଘ ନିକଟକୁ । ବାଘ ନିକଟରେ ଯାଇ କହିଲା ମହାରାଜ ମୁଁ ସିଂହ କେଉଁଠି ଅଛି ତାର ପତା ଲଗେଇ ଆସିଛି । ସିଂହ ବହୁତ ବଦମାସ ହୋଇ ଗଲାଣି । ମଣିମା ତାକୁ ନିଶ୍ଚୟ ପାନେ ଦେବା ଆବଶ୍ୟକ । ଜାଣନ୍ତି ମହାରାଜ ସିଂହ ବଣର ଯେତେକ ତୃଣଭୋଜି ପଶୁ ଅଛନ୍ତି ସମସ୍ତଙ୍କୁ ଡକେଇ ସଭା କରୁଛି । ତାର ଏତେ ସାହସ ବାଘ ପାଖକୁ କେହି ଯିବ ନାହିଁ କହି ବାରଣ କରୁଛି ।

ବାଘର ଏବେ ନିଜ ଉପରେ ଭରସ୍ୟାମ ରହିଲା ନାହିଁ । ଦୌଡ଼ିଲା ବିଲୁଆ ସାଥିରେ ସିଂହ ରହିଥିବା ଜାଗାକୁ । ଦଉଡି ଦଉଡି ଯାଇ ପହଁଚଲେ ସିଂହ ଥିବା ଜାଗାରେ । କିଛି ଦୂରରୁ ବିଲୁଆ କହିଲା ମହାରାଜ ମୁଁ ସେଠାକୁ ଯିବି ନାହିଁ କାରଣ ସେ ମୋତେ ଦେଖିଲେ ମାରିଦେବ। ତାର ଜଉ ମୁନିଆ ନଖ । ଦୂରରୁ ଟିକେ ଦେଖନ୍ତୁ ମହାରାଜ କେମିତି ପଶୁମାନେ ବେଢ଼ି ରହିଛନ୍ତି ସିଂହ କୁ। ବାଘ କହିଲା ଡରପୋକ ମୋ ସହିତ ଚାଲ । ତୋର କଏ କଣ କରିବ ଦେଖିବା । ଫାଡ଼ିଦେବି, ଚିରିଦେବି କହି ଗର୍ଜନ କରିବାରେ ଲାଗିଲା ବାଘ।

ବାଘ "ବିଲୁଆ ମୋ ସହିତ ଚାଲ" କହି ଦୌଡ଼ିବାରେ ଲାଗିଲା । ରାଗରେ ଦୌଡୁଥିବାରୁ ବାଉଁଶ ତଳେ ଗର୍ତ୍ତ ଜାଣି ପାରିଲା ନାହିଁ ସିଧା ଗର୍ତ୍ତ ମଧ୍ୟରେ ଯାଇ ହାଜର । ଏବେ ବାହାରକୁ ବାହାରିବା କଷ୍ଟ । ହାତୀ ବାଉଁଶ ଅଢ଼େଇ ଦେବାରୁ ପଶୁମାନେ ଚାରି ପାଖରୁ

କହିଲେ ମଣିମା ଆପଣଙ୍କର କଣ ହେଲା ? ଏବେ କଣ ନୂଆ ରାଜ୍ୟକୁ ଚାଲିଗଲେକି । ବିଲୁଆ କହିଲା - ବାଘଭାଇ ଏବେ ତୁ ଏଇ ଗର୍ତ୍ତ ରାଜ୍ୟର ରାଜା ହୋଇକି ଥା ।

ଏବେ ବାଘ ଯେତେ ଚଲେଇଲେ କିଏ ଶୁଣେ । ସବୁ ପଶୁ ସିଂହକୁ ରାଜା ବନେଇ ସୁଖରେ ବସ ବାସ କଲେ । ଜଙ୍ଗଲର ଭାରସାମ୍ୟ ଅନୁସାରେ ପ୍ରାଣୀ ମାନଙ୍କର ବଞ୍ଚିବାର ରାହା ମିଳିଲା । ସମସ୍ତେ ବିଲୁଆର ଚାଲାକି ପାଇଁ ସାବସ ବିଲୁଆ କହି ବିଲୁଆକୁ ପ୍ରଧାନ ମନ୍ତ୍ରୀ ର ଦାୟିତ୍ୱ ଦେଲେ ।

ଗଗନବାବୁ ଛକ, ଏଡ଼ତାଳ, ଭଦ୍ରକ



# ପ୍ରାଚୀନ ଉତ୍କଳର ବାରବାଟି ଦୁର୍ଗ



ଭଜରାମ ସେଠୀ

ବିବେକାନନ୍ଦ ଶିଶୁ ବିଦ୍ୟା ମନ୍ଦିରର ସାଇଁରାମ ଜଣେ ମେଧାବୀ ଛାତ୍ର; ସେ ସଦାସର୍ବଦା ଯେ କୌଣସି ପ୍ରାଚୀନ ଦୁର୍ଗ ଏବଂ ଇତିହାସ ପୃଷ୍ଠାରେ ଲିପିବଦ୍ଧ ଥିବା ସ୍ଥାନଗୁଡିକ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ତଥ୍ୟ ସଂଗ୍ରହ କରିବା କିମ୍ବା ସେ ସ୍ଥାନଗୁଡିକ ବିଷୟରେ ଜାଣିବାପାଇଁ ଭାରି ଆଗ୍ରହ ପ୍ରକାଶ କରି, ସେ ନିଜ ଇତିହାସ ଗୁରୁମା'ଙ୍କୁ ବାରବାଟି ଦୁର୍ଗ ବିଷୟରେ ପ୍ରଶ୍ନ ପଚାରିଥିଲେ । କିନ୍ତୁ ଗୁରୁମା' କହିଲେ,"ଆସନ୍ତାକାଲି ଆମେ ବାରବାଟି ଦୁର୍ଗକୁ ଭ୍ରମଣ କରିବାକୁ ଯାଉଛନ୍ତି, ସେଠି ତୁମକୁ ଦୁର୍ଗର ପ୍ରତ୍ୟେକ ବିଷୟରେ ପର୍ଯ୍ୟବେକ୍ଷଣ ଦ୍ୱାରା ପ୍ରାଞ୍ଜଳ ଭାବେ ବୁଝାଇଦେବି । ସାଇଁରାମ ବହୁତ ଆନନ୍ଦ ହୋଇଗଲା । ଘରକୁ ଆସି ନିଜର ସାର୍ଟ-ପେଣ୍ଟ ସହ ଗୋଟିଏ ଖାତା, ପେନ୍ ଓ ପେନ୍ସିଲ୍ କୁ ଯତ୍ନ ସହକାରେ ବ୍ୟାଗ୍ ଭିତରେ ସଜାଇ ରଖିଲା ଏବଂ ବାପା -ମା'ଙ୍କୁ କହିଲା କି ଆସନ୍ତା କାଲି ଆମ ବିଦ୍ୟାଳୟ ର ସମସ୍ତ ଗୁରୁଜୀ, ଗୁରୁମା' ସହ ବାରବାଟି ଦୁର୍ଗ ଭ୍ରମଣ କରିବା ପାଇଁ ଯାଉଛୁ । ଏହା ଶୁଣି ବାପା- ମା' ଦୁହେଁ ଖୁସି ହୋଇ ଶିକ୍ଷା ଦେଲେ କି, "ବାରବାଟି ଦୁର୍ଗ ଆମ ଉତ୍କଳର ଏକ ଐତିହ ଓ କାରୁକାର୍ଯ୍ୟ ସମ୍ପୂର୍ଣ୍ଣ ଦୁର୍ଗ, ତେଣୁ ସେ ବିଷୟରେ ପ୍ରତ୍ୟେକ ତଥ୍ୟ ଇତିହାସ ଗୁରୁମା', ଗୁରୁଜୀଠାରୁ ସମ୍ପୂର୍ଣ୍ଣ ବିବରଣୀ ପର୍ଯ୍ୟବେକ୍ଷଣ ଖାତାରେ ଲେଖିବାକୁ ଚେଷ୍ଟା କରିବ"। ଏ କଥା ଶୁଣି ସାଇଁରାମ ଖୁସି ହୋଇଗଲା ଏବଂ ଜିଜ୍ଞାସା ଦୁଇଗୁଣ ବଢ଼ିବାରେ ଲାଗିଲା ।

"ବିବେକାନନ୍ଦ ଶିଶୁ ବିଦ୍ୟା ମନ୍ଦିର ଭ୍ରମଣ" ନାମରେ ଗୋଟିଏ ନାମକରଣ କରି ବେନର୍ ଟିକୁ ସ୍କୁଲବସ୍ ଆଗରେ ଲଗାଇ ବାରବାଟି ଦୁର୍ଗ ଆଡ଼କୁ ବସ୍ ଟି ଗତି କରିବାରେ ଲାଗିଲା । ସାଇଁରାମ ପ୍ରତ୍ୟେକ ପିଲାମାନଙ୍କୁ କହୁଥାଏ; ଆମେମାନେ ଦୁର୍ଗକୁ ଭଲଭାବରେ ଭ୍ରମଣ କରିବା ଏବଂ ପ୍ରତ୍ୟେକ ବିଷୟରେ ଗୁରୁଜୀ-ଗୁରୁମା' ମାନଙ୍କୁ ପ୍ରଶ୍ନ କରି ଦୁର୍ଗ ବିଷୟରେ

ଜାଣିବାକୁ ଚେଷ୍ଟା କରିବା । ଏମିତି ପିଲ୍ ଜାଣିବାପାଇଁ ଆଗ୍ରହ ବଢ଼ିବା ସହ ନାଚ-ଗୀତ ଗ୍ଭଲିଥାଏ, ଦେଖୁ ଦେଖୁ ବାରବାଟି ଦୁର୍ଗରେ ଗାଡ଼ି ପହଞ୍ଚିଲ୍। ଦୁର୍ଗକୁ ସାଇଁଗ୍ରମ ବୁଲି ବୁଲି ଉପଭୋଗ କରୁଥାଏ । ଏହି ସମୟରେ ଗୋଟିଏ ପ୍ରଶ୍ନ ଉଙ୍କିମାରିଲ୍ ସାଇଁଗ୍ରମର ମନକୁ ...। ଗୁରୁମା'ଙ୍କୁ ପଗ୍ଭରିଲ୍," ଏହି ଦୁର୍ଗର ନାମ ବାରବାଟି ଦୁର୍ଗ କାହିଁକି ନାମକରଣ କରାଗଲ୍ " ?

ଗୁରୁମା' ଖୁସି ହୋଇ ପ୍ରତ୍ୟେକ ଶିଶୁ ସୁଲଭ କୋମଳମତି ଜିଜ୍ଞାସୁମାନଙ୍କୁ ଡାକ ପିଲ୍ମାନେ ବୁଝିଲ୍ ପରି କହିଲେ," କ ପିଲେ, ଏ ଯେଉଁ ଦୁର୍ଗ ଦେଖୁଛ, ଏ ହେଉଛି ବାରବାଟି ଦୁର୍ଗ ଯାହାର ହତାର କ୍ଷେତ୍ରଫଳ ଦୁଇଶତ ଗ୍ଭଳଶି ମାଣ ଜମି ବା ବାରବାଟି । ମାପଜୁପ ଅନୁସାରେ ଏହାକୁ ପ୍ରାଚୀନ କାଳରୁ ବାରବାଟି ଦୁର୍ଗ ନାମରେ ନାମକରଣ କରାଯାଇଛି । ଗୁରୁମା' ଠାରୁ ଏହା ଶୁଣି ପିଲ୍ମାନେ ଖୁସି ହେଲେ ଏବଂ ପର୍ଯ୍ୟବେକ୍ଷଣ ଖାତାରେ ଟିପଣୀ ମାଧ୍ୟମରେ ଲେଖିଲେ ।

ସାଇଁପ୍ରିୟା ସେହିଭଳି ଗୁରୁମା' ଙ୍କୁ ଆଉ ଏକ ପ୍ରଶ୍ନ କଲେ, "ଏହି ବାରବାଟି ଦୁର୍ଗ ବିଷୟରେ ଅବସ୍ଥିତ କପରି" ?

ଗୁରୁମା' ଅବସ୍ଥିତ ବିଷୟରେ ବୁଝାଇଲେ, "ଏହି ଦୁର୍ଗଟି ଓଡ଼ିଶାର ପୂର୍ବତମ ରାଜଧାନୀ କଟକ ସହରର ଉତ୍ତରାଂଶରେ ମହାନଦୀ ଓ କାଠଯୋଡ଼ିର ମଧ୍ୟଭାଗରେ ଏବଂ ଓଡ଼ିଶାର ବର୍ତ୍ତମାନ ରାଜଧାନୀ ଭୁବନେଶ୍ୱର ଠାରୁ ୨୫ କଲୋମିଟର ଦୂରରେ ଅବସ୍ଥିତ ।

ଏହାପରେ ସାଇଁଗ୍ରମ ଖୁସି ଆଉ ଏକ ପ୍ରଶ୍ନ ପଗ୍ଭରିଲ୍, "ଗୁରୁମା', ଏହି ଦୁର୍ଗ କେଉଁ ରାଜାଙ୍କ ଶାସନ କାଳରେ ନର୍ମାଣ କରାଯାଇଥିଲ୍ ?

ଏହି ଦୁର୍ଗଟି ପ୍ରଥମେ ଗଙ୍ଗ ବଂଶ ରାଜତ୍ୱ କାଳରେ ତ୍ରୟୋଦଶ ଶତାବ୍ଦୀରେ କମ୍ବା କେତେକ ଗବେଷକଙ୍କ ମତରେ ୯୮୯ ଖ୍ରୀଷ୍ଟାବ୍ଦ ନର୍ମିତ ହୋଇଥିଲ୍ । ତା' ପରେ ପରେ ରାଜାମୁକୁନ୍ଦ ଦେବ ୧୫୬୦ ଖ୍ରୀଷ୍ଟାବ୍ଦ ରୁ ୧୫୬୮ ଖ୍ରୀଷ୍ଟାବ୍ଦ ମଧ୍ୟରେ ଏହି ଐତିହ ସମ୍ପନ୍ନ ଦୁର୍ଗର ବହୁଳ

ପରିମାଣରେ ଚନ୍ଦ ବିଚନ୍ଦ କରି ସୁନ୍ଦର ସୁନ୍ଦର ଏହି ଦେଖୁଥିବା କଛି ଭଗ୍ନ ଏବଂ ଅଭଗ୍ନ ଖୋଦେଇ ଗୁଡିକୁ ଯୋଗିକରଣ କର୍‌ଇ ଏହାକୁ ସପୂର୍ଣ୍ଣ ରୂପ ଦେଇଥିଲେ ।

ର୍‌ଜା ମୁକୁନ୍ଦ ଦେବଙ୍କ ଶାସନ କାଳ ପରେ ପରେ ୧୫୬୮ଖ୍ରୀଷ୍ଟାଦ୍ଦ ଠାରୁ ୧୭୦୩ ଖ୍ରୀଷ୍ଟାଦ୍ଦ ପର୍ଯ୍ୟନ୍ତ ଏହି ଦୁର୍ଗଟି ଆଫଗାନ, ମୋଗଲ ଏବଂ ମର୍‌ଠା ଶାସକମାନଙ୍କ ପ୍ରଧାନ ଶାସନକେନ୍ଦ୍ର ହୋଇଥିଲ୍‌ । ଏମିତି ଐତିହାସିକ ତଥ୍ୟ ଅନେକ ଅଛି ଯାହା ତୁମେମାନେ ଉପର ଶ୍ରେଣୀରେ ପଢ଼ିବାକୁ ସୁଯୋଗ ପାଇବ ।

କଛି ସମୟ ଦୁର୍ଗରେ ବୁଲିବା ପରେ ଏକ ଜଳାଶ୍ରୟ ଦେଖିବାକୁ ମିଳଲ୍‌ ଏହା ଦେଖି ସାଇଁ ପ୍ରିୟା ପର୍‌ଚ଼ିଲ୍‌, "ଗୁରୁମା', ଏ ଜଳାଶ୍ରୟଟି କାହିଁକ ତିଆରି ହୋଇଛି " ?

ଗୁରୁମା' ଏହି ଜଳାଶ୍ରୟ ନାମଟି ଗଡ଼ଖାଇ କହିଲେ । ଏଥିରେ ସୋମ ବଂଶୀ ର୍‌ଜା ନୃପକେଶରୀ ବାହ୍ୟ ଶତୃ ଠାରୁ ରକ୍ଷା ପାଇବା ପାଇଁ ବଡ଼ ବଡ଼ କୁମ୍ଭୀର, ବହୁ ପ୍ରଜାତୀୟ ବିଷଧର ସାପ ମାନଙ୍କୁ ରଖିଥିଲେ ଏବଂ ଏହି ଯେଉଁ ବିଶାଳ ପାଚେରୀ ଦେଖୁଛ ତାହା ୩୨ଟି ଖୁଣ୍ଟ ଶକ୍ତ ପାହାଡ଼ ପଥର ଏବଂ ୧୦୨ ଏକର ଜାଗା ଉପରେ ନିର୍ମାଣ କରି କଟକ ସହର ଏବଂ ଏହି ବାରବାଟି ଦୁର୍ଗକୁ ସୁରକ୍ଷା ପ୍ରଦାନ ଦେଇଥିଲେ ।

ପିଲ୍‌ମାନେ ଏହି ଯେଉଁ କଟକ ସହରକୁ ଆସିଛ, ଏହି ସହର ପ୍ରଥମେ ମାଦଳା ପାଞ୍ଜି ଅନୁସାରେ ପ୍ରଫେସର୍‌ ପି. ମୁଖାର୍ଜୀ ପ୍ରମୁଖ କେତେକ ଗବେଷକଙ୍କ ମତରେ ଗଙ୍ଗର୍‌ଜା ଅନଙ୍ଗ ଭୀମଦେବ ୩ୟଙ୍କ ଶାସନ କାଳ ଯଥା ୧୨୧୧ ଖ୍ରୀଷ୍ଟାଦ୍ଦ ଠାରୁ ୧୨୩୮ ଖ୍ରୀଷ୍ଟାଦ୍ଦ ମଧ୍ୟରେ କଟକ ସହରଟି ପ୍ରତିଷ୍ଠା ହୋଇଥିଲ୍‌ ।

ବାରବାଟି ଦୁର୍ଗର ଏହି ଗଡ଼ଖାଇ ଓ ପାଚେରୀଟି ଭଗ୍ନାବସ୍ଥାରେ ପାଦ ଦେଲେ ମଧ୍ୟ ଏହା ଇତିହାସ ମୂକସାକ୍ଷୀ ଅଟେ। ଏଇ ଦୁର୍ଗକୁ ସପୂର୍ଣ୍ଣ ସୁରକ୍ଷା ଦେବା ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି । ଏଇ ଦୁର୍ଗ ଠାରୁ ୪ କିଲୋମିଟର ଦୂରରେ ଯୋବ୍ରା ଆନିକଟ ଅଛି । ସେହି ଆନିକଟ ଠାରୁ କଛି ଦୂରରେ ରେଭେନ୍ସା ବିଶ୍ୱମହାବିଦ୍ୟାଳୟ ଥିବାବେଳେ ସମ୍ମୁଖରେ ଦେଶବିଦେଶ ସହିତ ଖେଳାଯାଉଥିବା ବାରବାଟି କ୍ରିକେଟ୍‌ ଷ୍ଟାଡିୟମ୍‌ ଅଛି । ଠିକ୍‌ ଅଛି

ପିଲେ ଏବେ ସମୟ ସନ୍ଧ୍ୟା ପାଖେଇ ଆସିଲାଣି, ସୂର୍ଯ୍ୟ ପଶ୍ଚିମ ଦିଗକୁ ଫେରିଲେଣି ତେଣୁ ଘରକୁ ଫେରିବା । ତୁମେମାନେ ଯେତେ ଉପର ଉପର ଶ୍ରେଣୀରେ ଅଧ୍ୟୟନ କରିବ ଏହି ବାରବାଟି ଦୁର୍ଗ ବିଷୟରେ ଅନେକ ତଥ୍ୟ ପଢ଼ିବା ସହ ଅନେକ ଐତିହାସିକ ତଥ୍ୟ ସଂଗ୍ରହ କରିପାରିବ ।

ସ୍କୁଲବସ୍ ଫେରିବା ପରେ ସାଇଁଗ୍ରମ ପର୍ଯ୍ୟବେକ୍ଷଣ ଖାତାରେ ଲେଖିଥିବା ଟିପଣୀକୁ ମା', ବାପାଙ୍କୁ କହିବା ସହ ମାମୁଁ ମାଇଁ ପାଖକୁ ଭ୍ରମଣ କାହାଣୀ ବିଷୟରେ ଚଠି ଲେଖି ପଠାଇଲା ଏବଂ ସେହି ଚଠିଟି ମାମୁଁ ମାଇଁ ପଢ଼ି ଅତ୍ୟନ୍ତ ଖୁସି ହୋଇ ନୂଆ ନୂଆ ଜାମା, ପେନ୍ ପେନ୍ସିଲ୍ ପଠାଇ ପଢିବା ପାଇଁ ଉତ୍ସାହିତ କରାଇଲେ ।

ନଗ୍ରଳ, ଆସିକା, ଗଂଜାମ



# ଚତୁର ରାହୁଲ



ଶିବରାମ ଦଳେଇ

ଶୀତ ସକାଳ, ରାହୁଲ ତା ସାଙ୍ଗ ଗାଁ ଶେଷ ମୁଣ୍ଡ ଆଡ଼କୁ ଯାଉଥାନ୍ତି । ହଠାତ ରାହୁଲ ର ନଜର ପଡ଼ିଲା ଗୋଟେ ବିରାଡ଼ି ଶାବକ ଯେ କ ଜୀବନ ବିକଳରେ ଗୋଟିଏ ଗଛ ଉପରେ ଚଢ଼ି ବସିଛି । ସେହି ଗଛ ମୂଳରେ ଡାହାଳ କୁକୁର ତିନଟା ସେହି ବିରାଡ଼ି ଛୁଆ କୁ ଚାହିଁ ରହିଥିଲେ ।

ରାହୁଲ ଆଉ ତା ସାଂଗ ବିରାଡ଼ି ଛୁଆ କୁ ବଞ୍ଚାଇବା ସହ ତାକୁ ନଜ ସାଥିରେ ଘରକୁ ନେଇ ଆସିଲେ । ସେହିଦିନ ଠାରୁ ସେ ରାହୁଲ ଘର ର ସଦସ୍ୟ ତଥା ରାହୁଲ ର ଭଲ ସାଥିଟିଏ ହେଇଗଲା । ଖାଇଲେ ପିଇଲେ ବସିଲେ ଉଠିଲେ ସବୁବେଳେ ସେ ରାହୁଲ ର ସାଥେ ସାଥେ ରହୁଥିଲା । ରାହୁଲ ର ପରିବାର ରାହୁଲକୁ ଯେତିକି ଭଲ ପାଉଥିଲେ ସେ ବିରାଡ଼ି ଛୁଆ କୁ ମଧ୍ୟ ସେତିକି ଭଲ ପାଉଥିଲେ ।

ସମୟ ଅନୁସାରେ ସେ ଏପରି ପୋଷା ମାନଗଲା ଯେ ରାହୁଲ ଯାହା ଯାହା କହୁଥିଲା ସେ ସେପରି କରୁଥିଲା । ରାହୁଲ ଯେତେ ବଡ଼ ହେବାର ଲାଗିଥାଏ, ତାଙ୍କ ଭିତରେ ନବିଡ଼ତା ସେତେ ବଢି ଚାଲିଥାଏ । ଦୁହିଁଙ୍କ ସମ୍ପର୍କ ଗୋଟିଏ ମୁଦ୍ରା ର ଦୁଇଟି ପାର୍ଶ୍ୱ ଭଳି ।

ଦିନେ ରାହୁଲ ଜଙ୍ଗଲ କୁ ଶିକାର ରେ ବାହାରିଲା । ତା ସହିତ ବିରାଡ଼ି  ବି ଚାଲିଥାଏ । ଶିକାର ଖୋଜୁ ଖୋଜୁ ଦୁହେଁ ଜଙ୍ଗଲ ଭିତରେ ଅନେକ ଦୂରକୁ ଚାଲିଗଲେ । ହଠାତ ରାହୁଲ ର ନଜର ପଡ଼ିଲା ଗୋଟେ ଝଙ୍କା ଗଛଟିର ଅଗ୍ରଭାଗରେ ବିରାଟ ବାଦୁଡି ଟିଏ ଲଟକ ରହିଛି। ରାହୁଲ ଶିକାର ଟିକୁ ଦେଖୁ ଦେଖୁ ଉଭାନ ହେଇଗଲା । ଦୂରରୁ ଭାସିଆସିଲା ଖିଲିଖିଲି ହସ ସାଙ୍ଗକୁ ବିକଟାଳ ରଡି ।

ଦୁହିଁଙ୍କ ସାମ୍ନା ରେ ହଠାତ ଠିଆ ହୋଇଗଲ୍ ଗୋଟେ ବିଶାଳକାୟ ବାଦୁଡି ଭୂତ । ଦୁହେଁ ଭୟଭୀତ ହେଲେ । ମନେ ମନେ ବିଗ୍ଚର କଲେ ଆଜି ଏ ଭୂତ ପାଖରେ ଆମର ମୃତ୍ୟୁ ସୁନଶ୍ଚିତ । ଗ୍ହୁଲ ଭୟରେ କାତର ନ ହୋଇ ଗୋଟେ ବୁଦ୍ଧି ପାଂଚଲ୍ । ତେଣେ ବାଦୁଡି ଭୂତ ଦୁହିଁଙ୍କ ମାଂସ ଖାଇବାକୁ ବ୍ୟାକୁଳ ଥାଏ । ସାହସ କରି ଗ୍ହୁଲ ବାଦୁଡି ଭୂତ କୁ କହିବାକୁ ଲ୍ଗିଲ୍ "ତୁମେ ଯଦି ମୋର ଗୋଟେ ପ୍ରସ୍ତାବ ରେ ଗ୍ଜି ହେବ ତେବେ ତୁମେ ଆମ ଦୁହିଁଙ୍କୁ ଖାଇ ପାରିବ" । ବାଦୁଡି ଭୂତ ଗର୍ଜ୍ଜନ କରି କହିଲ୍ ପ୍ରସ୍ତାବ ସେ ପୁଣି କଣ **?** ଗ୍ହୁଲ କହିଲ୍ ଯଦି ତୁମେ ବାଦୁଡ଼ି ଭୂତ ତେବେ ନଜ ଆକାର ଛୋଟ କରି ଦେଖାଅ । ସଙ୍ଗେ ସଙ୍ଗେ ସେ ନଜର ଆକାର ଛୋଟ କରିଦେଲ୍ । ଗ୍ହୁଲ କହିଲ୍ ତଥାପି ମୋର ବିଶ୍ୱାସ ହେଉନାହିଁ । ଯଦି ତୁମେ ମୂଷା ଟିଏ ହେଇଯିବ ତେବେ ମୋର ପୁର୍ ବିଶ୍ୱାସ ହେଇଯିବ । ବାଦୁଡି ଭୂତ ତାହାର ରୁପ ବଦଳେଇ ମୂଷା ହେବା କ୍ଷଣି ଗ୍ହୁଲ ର ଗୋଟିଏ ସଂକେତ ରେ ବିଗ୍ଡ଼ି ମୂଷାଟିକୁ ଗିଳ ଦେଲ୍ । ବିଗ୍ଡ଼ି ପେଟ ଭିତରେ ବିଚଗ୍ ବାଦୁଡି ଭୂତ ଛଟପଟ ହେଇ ମରିଗଲ୍ । ଗ୍ହୁଲ ର ଚତୁରତା ପାଇଁ ଦୁହେଁ ନୂଆ ଜୀବନ ପାଇଲେ ।

ଲେଖନପୁର, ସାଲେପୁର



# ଅପ୍ରିଲ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୪/୨୦୨୦ | ଉତ୍କଳ ଦିବସ, ଅଶୋକାଷ୍ଟମୀ ଓ ଲିଙ୍ଗରାଜ ଦେବଙ୍କ ରଥଯାତ୍ରା, ଦୁର୍ଗାଦେବ୍ୟାଃ ବାସନ୍ତିକ ମହାଷ୍ଟମୀ ପୂଜା ଓ ସନ୍ଧିପୂଜା |
| ୦୨/୦୪/୨୦୨୦ | ଶ୍ରୀରାମ ନବମୀ ଉପବାସ ଓ ବାସନ୍ତୀକ ଶ୍ରୀଦୁର୍ଗାଦେବ୍ୟାଃ ମହାନବମୀ |
| ୦୩/୦୪/୨୦୨୦ | ବାସନ୍ତୀକ ଦଶହରା |
| ୦୪/୦୪/୨୦୨୦ | କାମଦା ଏକାଦଶୀ, ଉପବାସ, ବ୍ରତ ଓ ହଳନଷେଧ |
| ୦୬/୦୪/୨୦୨୦ | ଶିବ ଚତୁର୍ଦ୍ଦଶୀ ଉପବାସ, ଅନଙ୍ଗ ତ୍ରୟୋଦଶୀ |
| ୦୭/୦୪/୨୦୨୦ | ହିଙ୍ଗୁଳା ଯାତ୍ରା ଓ ପୂର୍ଣ୍ଣିମାର ଚନ୍ଦ୍ରପୂଜା |
| ୦୮/୦୪/୨୦୨୦ | ଚୈତ୍ର ପୂର୍ଣ୍ଣିମା ଓବୈଶାଖ ବ୍ରତାରମ୍ଭଃ |
| ୧୦/୦୪/୨୦୨୦ | ଗୁଡ୍ ଫ୍ରାଇଡେ ଓ ସବେ-ବରାତ୍ (ପୂର୍ବରାତ୍ରି) |
| ୧୨/୦୪/୨୦୨୦ | ମାସନ୍ତ ଓ ବର୍ଷ ଶେଷ |
| ୧୩/୦୪/୨୦୨୦ | ମହାବିଷୁବ (ପଣା) ସଂକ୍ରାନ୍ତି, ରାଧାରମଣ ଦେବଜୟନ୍ତୀ, ହନୁମାନଙ୍କ ଜୟନ୍ତୀ |
| ୧୮/୦୪/୨୦୨୦ | ବରୁଥିନୀ ଏକାଦଶୀ |
| ୨୧/୦୪/୨୦୨୦ | ଶିବ ଚତୁର୍ଦ୍ଦଶୀ |
| ୨୨/୦୪/୨୦୨୦ | ଚନ୍ଦ୍ରକ୍ଷୟ, ନଶିପାଳନ |
| ୨୫/୦୪/୨୦୨୦ | ରମଜାନ ମାସ ଆରମ୍ଭ |
| ୨୬/୦୪/୨୦୨୦ | ଅକ୍ଷୟ ତୃତୀୟା ଓ ଚନ୍ଦନ ଯାତ୍ରାରମ୍ଭଃ |
| ୨୮/୦୪/୨୦୨୦ | ଶଙ୍କରାଚାର୍ଯ୍ୟଙ୍କ ଓ ମଧୁବାବୁଙ୍କ ଜୟନ୍ତୀ |

# ଚନ୍ଦ କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା - vedantimagazine@gmail.com/ editor.vedantimagazine@gmail.com

## ମାର୍ଚ୍ଚ ମାସର ବିଜେତାଙ୍କ ନାମ



ପାନ ଆମ ଆତିଥ୍ୟର ଆଦ୍ୟ ଉପହାର
ଅନାବିଳ ମମତାର ଅଲିଖ୍ ସ୍ୱାକ୍ଷର
ଧର୍ମକର୍ମ ବାଣିଜ୍ୟରେ ପର୍ବପର୍ବାଣିରେ
ଅବା ବ୍ରତ ବିଭାଘରେ ଭୋଜିଗହଳରେ
ପାନଖିଲେ ଖୁସିବାଣ୍ଟେ ସବୁରି ସାଥୀରେ
ପାନର ସ୍ୱତନ୍ତ୍ରସ୍ଥାନ ଆମ ସଂସ୍କୃତି ରେ।

ବିଜେତା: ପ୍ରାଧ୍ୟାପିକା ଜ୍ୟୋତ୍ସ୍ନା ରାୟ, ଆଜିମାବାଦ, ବାଲେଶ୍ୱର

ଭୋଜିଭାତ ଶେଷେ ପାନ ଖଣ୍ଡେ ଥିଲେ
ପାଟି ମହମହ ବାସେ
ବନାରସି ପାନ ଦେଖିଲେ ମନକୁ
ବିଗ୍ ବି ଙ୍କ କଥା ଆସେ ।

ବିଜେତା: ସୁମିତ୍ରା ପଣ୍ଡା, ଶ୍ରୀ ବିହାର, ପଟିଆ, ଭୁବନେଶ୍ୱର

ପାନ ଖାଏ ମୋର ରସିକ ନାଗର,
ଥାକ ଥାକ ପାନ ସଜ।
ଥପ ଥପ ରସ, ନାଲି ନାଲି ଓଠ, ସତେ କ ରଜ ମଉଜ।

ବିଜେତା: ମୀନାକ୍ଷି ପାଢ଼ୀ, ଥାନେ, ମହାରାଷ୍ଟ୍ର

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – vedantimagazine@gmail.com

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢ଼ିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ। ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com। ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢ଼ିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**